# ପଥ ଅସରନ୍ତି

## ଆତ୍ମ ଜୀବନୀ

ଡକ୍ଟର ସୁବାସିନୀ ଲେଙ୍କା

ସତ୍ୟବ୍ରତ ପ୍ରକାଶନୀ

# ପଥ ଅସରନ୍ତି

*ଲେଖିକା*

**ଡକ୍ଟର ସୁବାସିନୀ ଲେଙ୍କା**

ସ୍ୱାତୀ ଭବନ, ଷ୍ଟେସନ ବଜାର, କଟକ - ୭୫୩୦୦୩
ଫୋନ୍ : ୦୬୭୧ - ୨୫୪୭୫୨୩

*ପ୍ରକାଶକ* : **ସତ୍ୟବ୍ରତ ପ୍ରକାଶନୀ**
**ଟାଉନ ହଲ୍ ରୋଡ଼, କଟକ - ୭୫୩୦୦୯**

*ପ୍ରକାଶ କାଳ* : **ଗଣେଶ ଚତୁର୍ଥୀ, ୨୦୧୨**

*ପ୍ରଚ୍ଛଦ* : **ଶ୍ରୀ ବିଜୟ ପ୍ରଧାନ**

*ମୁଦ୍ରଣ* : **ସତ୍ୟବ୍ରତ ଅଫ୍‌ସେଟ୍**
ଟାଉନ ହଲ୍ ରୋଡ୍, କଟକ - ୭୫୩୦୦୯

*ମୂଲ୍ୟ* : **୧୫୦ ଟଙ୍କା ମାତ୍ର**

## PATHA ASARANTI

*Writer :*
**Dr. Subasini Lenka**

Swati Bhawan
Station Bazar, Cuttack - 753003
Phone : 0671 - 2547523

*Publisher :*
**Satyabrata Prakasani**
Town Hall Road, Cuttack - 753009
*First Edition :*
**Ganesh Chaturthi, 2012**
*Artist :*
**Bijay Pradhan**
*Printed at :*
**Satyabrata Offset**
Town Hall Road, Cuttack - 753009
Price : **Rs. 150.00**

ଯାହାଙ୍କ ଆଶିଷରେ ମୋ ଜୀବନ ହୋଇଛି ସ୍ମୃତି ଓ ଅନୁଭୂତି ବହୁଳ ଏବଂ ଅସରନ୍ତି ବାଟ ଚାଲିବା ପାଇଁ ଯାହାଙ୍କଠାରୁ ପାଇଛି ପ୍ରେରଣା ଓ ନିର୍ଦ୍ଦେଶ, ତାଙ୍କୁ ଅର୍ପଣ କରୁଛି ମୋର ଏହି ଆତ୍ମଜୀବନୀ ''ପଥ ଅସରନ୍ତି''।

— *ଲେଖିକା*

**ଆହୁରି ଯିବାକୁ ଅଛି ବାଟ ବହୁ ଦୂର ........**

The woods are lovely, dark, and deep,
But, I have promises to keep,
And miles to go before I sleep,
And miles to go before I sleep.

***– Robert Frost***

**Dr. Gokulananda Mahapatra**
M.Sc. Ph.D., D.Sc., F.I.C.
Retitrd Prof. of Chemistry,
Ravenshaw College
Formerly Post Doc. Res. Associate
Brandis University Boston Mass. U.S.A.

**Amrapalli**
Dolamundai, Cuttack - 753009
Phone : 2310256, 6534139
Mobile : 9437961356

Date : 25. 08. 2012

ମୋ ଜନ୍ମସ୍ଥାନର ପାଖାପାଖି ଅଞ୍ଚଳର ଝିଅ ସୁବାସିନୀ। ସୁବାସିନୀଙ୍କ ସମୟରେ ସେ ଅଞ୍ଚଳରେ ନାରୀ ଶିକ୍ଷାର ଖୁବ୍ ବେଶୀ ପ୍ରସାର ହୋଇ ନଥିଲେ ମଧ୍ଯ ସେ ନିଜ ଅଧ୍ୟବସାୟ ବଳରେ ଓ ଈଶ୍ୱରଙ୍କ କୃପାରୁ ଶିକ୍ଷାର ଶୀର୍ଷ ସ୍ଥାନରେ ପହଞ୍ଚି ସେ ଅଞ୍ଚଳକୁ ଗୌରବ ଆଣି ଦେଇଛନ୍ତି। ପରବର୍ତ୍ତୀ ସମୟରେ ରେଭେନ୍ସା ମହାବିଦ୍ୟାଳୟରେ ସେ ମୋର ଛାତ୍ରୀ ତଥା ସହକର୍ମୀ ଥିଲେ। ପଢ଼ା ପ୍ରତି ତାଙ୍କର ଏକାଗ୍ରତା ଓ ଆଗ୍ରହର ସୂଚନା ମୁଁ ଶ୍ରେଣୀ ଗୃହରୁ ପାଇଥିଲି। ସେ ଅଧ୍ୟାପକ ହେବା ପରେ ତାଙ୍କ ସହିତ ଏକତ୍ର ପ୍ରାକ୍ଟିକାଲ କ୍ଲାସ ନେଇ ତାଙ୍କର ପଢ଼ାଇବାର ଶୈଳୀ ଓ ଛାତ୍ରବତ୍ସଳତାର ଆଭାସ ମଧ୍ଯ ପାଇଥିଲି। ଅଧ୍ୟାପନା ସହିତ ସେ ଏକ ଯୁଗପଯୋଗୀ ବିଷୟ "ପଲିମର ବିଜ୍ଞାନ" ଉପରେ ଉଚ୍ଚତର ଗବେଷଣା କରି ଓଡ଼ିଶା ସରକାରଙ୍କଠାରୁ ସମ୍ମାନଜନକ "ସାମନ୍ତ ଚନ୍ଦ୍ରଶେଖର ସମ୍ମାନ" ପାଇଥିବାରୁ ଜଣେ ଶିକ୍ଷକଭାବରେ ମୁଁ ଗର୍ବିତ। ତାଙ୍କର ଅତି ନିକଟତର ହୋଇଥିଲି ବିଜ୍ଞାନ ପ୍ରଚାର ସମିତି ଜରିଆରେ। ଖୁବ୍ ସରଳ ଓଡ଼ିଆ ଭାଷାରେ ଲିଖିତ ତାଙ୍କର ବୈଜ୍ଞାନିକ ପ୍ରବନ୍ଧ ଛାତ୍ରଛାତ୍ରୀମାନଙ୍କଦ୍ୱାରା ଆଦୃତ ହୋଇଛି। ସେକ୍ରେଟେରୀ ଭାବରେ ସମିତିକୁ ଚଳାଇବାରେ ତାଙ୍କ ପାରଦର୍ଶିତା ମୁଁ ଅନୁଭବ କରିଛି।

ତାଙ୍କ ଆତ୍ମଜୀବନୀ "ପଥ ଅସରନ୍ତି"ର ପାଣ୍ଡୁଲିପି ପଢ଼ିଲି। କେଉଁ ନିପଟ ମଫସଲର ଏକ ମଧ୍ୟବିତ୍ତ କୃଷକ ପରିବାରରୁ ଆସି ଦେଶବିଦେଶରେ ଗବେଷଣା, ଭ୍ରମଣ ଓ ବକ୍ତୃତା ପ୍ରଦାନ କରିବା ଏବଂ ଅନେକ ପୁସ୍ତକ ରଚନା କରିବା ସହିତ ନିଜ ପିଲାମାନଙ୍କର ଯତ୍ନ ନେବା ଓ ତାଙ୍କୁ ମଣିଷ କରି ସମାଜରେ ପ୍ରତିଷ୍ଠିତ କରିବା ଇତ୍ୟାଦି ପ୍ରକୃତରେ ପର ପିଢ଼ି

ପାଇଁ ଅନୁକରଣ ଯୋଗ୍ୟ । ସେ ଥକି ପଡ଼ିନାହାନ୍ତି । ଆହୁରି ଅନେକ ଦୂର ଯିବା ପାଇଁ ସେ ଆଶା ରଖିଛନ୍ତି । ନିଶ୍ଚିତ ଭାବରେ ତାଙ୍କ ପୂଜ୍ୟ ପିତା, ମାତା, ଶାଶୂ, ଶ୍ୱଶୁର, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଶୁଭେଚ୍ଛୁମାନଙ୍କର ଆଶୀର୍ବାଦ ତାଙ୍କ ଉପରେ ରହିଛି ।

ଜଣେ ଶୁଭେଚ୍ଛୁ ଓ ଶିକ୍ଷକ ଭାବରେ ମୁଁ ଆଶୀର୍ବାଦ କରୁଛି, ସୁବାସିନୀ ଆହୁରି ଅନେକ ବାଟ ଅତିକ୍ରମ କରନ୍ତୁ ଏବଂ ତାଙ୍କ ଲେଖନୀରୁ ସୃଷ୍ଟି ହେଉଥିବା ସାହିତ୍ୟ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରୁ ।



# ପଥ ଅସରନ୍ତି - ଏକ ମୂଲ୍ୟାୟନ

**ଡକ୍ଟର ସୁଲୋଚନା ଦାସ**

ସିନ୍ଦୂରା ଫାଟି ଆସୁଥିବ । ପୂର୍ବାଶାରେ ମାଖି ହେଇଯାଉଥିବ ସୁନାରଂଗ । ଏହି ରୂପର ଔଜଲ୍ୟରେ  ଦିଗାଙ୍ଗନାମାନେ ଉଜ୍ଜ୍ୱଳି ଉଠୁଥିବେ । ମଙ୍ଗଳର ବାର୍ତ୍ତାନେଇ କେଉଁ ମହାଶୂନ୍ୟରୁ ଅବତରି ଆସୁଥିବ ଜୀବନ । ପକ୍ଷୀର କାକଳିରେ ଶୁଣାଯାଉଥିବ ନୂତନ ଜୀବନର ସାମଗାନ । ଚେଇଁ ଉଠିବ ମହାକାଳ ଗୋଟେ ନୂଆ ପୃଥିବୀର କାହାଣୀ ରଚନା ପାଇଁ । ଶବ୍ଦର ଆକାଶ ଜ୍ୟୋର୍ତିମୟ ହୋଇଉଠୁଥିବ । ଅସଂଖ୍ୟ ଜୀବନର କୋଳାହଳ, ଅସରନ୍ତି ଜୀବନଗାଥାକୁ ସଂରଚନା କରୁଥିବ ନୂଆ ଭାବରେ ।

ଏ ନିଖିଳ ବିଶ୍ୱବ୍ରହ୍ମାଣ୍ଡ ତ ଗୋଟେ ଅସମାପ୍ତ ପୋଥି । ଯାହାର ପ୍ରତ୍ୟେକ ପୃଷ୍ଠା ରଚିତ ହେଉଥାଏ ନିତି ପ୍ରତ୍ୟହ । ମହାକାଳର ଏହି ପ୍ରତ୍ୟେକଟି ପୃଷ୍ଠାରେ ରହିଛି ଅସରନ୍ତି ଜୀବନର ଗାଥା । ଦୁଃଖର, ସୁଖର । ଆନନ୍ଦର, ବିଷାଦର । ସ୍ଥାବର ଜଙ୍ଗମର । ପଶୁପକ୍ଷୀର । ମଣିଷର । ଜଡ଼ର ଚିନ୍ମୟର । ଗଛର ବୃଛର । ନାରୀର ପୁରୁଷର । ସବୁରି ।

ହଁ ! ପଥ ଅସରନ୍ତି । ଏ ପୋଥିର ପୃଷ୍ଠା ଭଲା କେଉଁଠି ଶେଷ ହେବ... କିଏ କହିପାରିବ ସେ କଥା ? ସେହି ମହାକାଳ ହିଁ ଜାଣେ । ପ୍ରତ୍ୟେକ ମଣିଷର ଜୀବନ ପାତ୍ରକୁ ବିନ୍ଦୁ ବିନ୍ଦୁ ଅନୁଭବରେ ସେ ପୂର୍ଣ୍ଣ କରୁଥାଏ ପ୍ରତି ନିୟତ । ସେଥିପାଇଁ ସବୁ ମଣିଷର ନିଜସ୍ୱ ଜୀବନଗାଥା ରହିଛି । ନିଜସ୍ୱ ଉପଲବ୍ଧି ରହିଛି । ନିଜ ଦୃଷ୍ଟିର ଦିଗ୍‌ବଳୟକୁ ସେ ସଂପ୍ରସାରିତ କରିଛି ଏଇ ଅନୁଭବର ଗାରିମାରେ । ନିଜସ୍ୱ ସ୍ୱପ୍ନ ରହିଛି । ସେ ସ୍ୱପ୍ନକୁ ଅପହଞ୍ଚ ମଣିନାହିଁ ମଣିଷର ପ୍ରଜ୍ଞା । ତାର କର୍ମ ସାଧନା । ତାର ଚୈତ୍ୟ ସତ୍ତା । ସେଥିପାଇଁ ମଣିଷର ଜୀବନ କାହାଣୀ ଅନନ୍ୟ, ଅନ୍ୟ ଜୀବଜନ୍ତୁଙ୍କ ଠାରୁ । ଜଗତର ଅନ୍ୟ ପ୍ରାଣୀ, ସଜୀବ, ନିର୍ଜୀବ ସତ୍ତାଠାରୁ ।

ମଣିଷ ତା ସ୍ୱପ୍ନରେ ରଂଗମାଖି ଜଗତକୁ ଆଖି ଖୋଲି ଚାହେଁ। କଳ୍ପନାର ଡେଣାନେଇ ଉଡ଼ିଯାଇଥାଏ ଆକାଶର ଅନନ୍ତ ନୀଳିମାକୁ ଛୁଇଁବାକୁ। କର୍ମ ଯୋଗରେ ଖୋଜେ ଅଣୁ ପରମାଣୁର ମହିମାକୁ। ନିଖିଳ ବିଶ୍ୱକୁ ସେ ସଂଚରିଯାଏ – ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏଇ ସୀମିତ ସମୟ ସୀମାରେ। ମାଟିରୁ ଅନ୍ତରୀକ୍ଷକୁ ଯାତ୍ରା ତାର ଅବାରିତ ରହିଥାଏ –ଚିନ୍ତା ଓ ଚେତନାରେ। ଏଇ ଯେମିତି –‘‘ରେଭେନ୍ସା କଲେଜରେ ଅଧ୍ୟାପିକା ଥିବା ସମୟରେ ଜାପାନ ଯିବାର ସ୍ୱପ୍ନ ମୁଁ ଦେଖିଥିଲି। ଜୀବନରେ ସ୍ୱପ୍ନ ହିଁ କିଛି ବାଟ ଦେଖାଏ ଏବଂ ସେହି ବାଟରେ ଠିକ୍ ଭାବରେ ଚାଲିଲେ କିଛିଟା ମିଳିଯାଏ। କାଦୁଅମାଟିରେ ଆରମ୍ଭ ମୋର ଜୀବନ। ଆକାଶ ଛୁଇଁବା ଥିଲା ମୋର ସ୍ୱପ୍ନ। ଯାହା ଜୀବନରେ ପାଇବା ପାଇଁ ଇଚ୍ଛା କରିଛି ବେଳେବେଳେ ତାହା ପାଇଛି, ଆଉ କେତେବେଳେ ପାଇନାହିଁ। ବେଳେ ବେଳେ ଏମିତି ବଡ଼ ବଡ଼ ଜିନିଷ ଜୀବନରେ ମିଳିଛି ତାହା ପାଇବା ପାଇଁ କେବେ ମୁଁ ଭାବି ନାହିଁ। ତାହା ଭିତରୁ ମୋର ଜାପାନ ଯାତ୍ରା ଗୋଟିଏ।’’ (ପୃ. ୯୦)

ସମୟ ଥିଲା, ଯେତେବେଳେ ଘରର ଏରୁଣ୍ଡି ଟପି ପରଦାସୀନା ନାରୀଟିଏ ବାହାରକୁ ପାଦ ବଢ଼ାଇବା ବିଡ଼ମ୍ବିତ ଥିଲା –ସେଇପରି ଏକ ସମୟ ଓ ରକ୍ଷଣଶୀଳ, ସଂସ୍କାରଗତ ସମାଜରେ ଜନ୍ମ ଡକ୍ଟର ସୁବାସିନୀ ଲେଙ୍କାଙ୍କର। ନିଜ ଆତ୍ମଜୀବନୀ – –‘ପଥ ଅସରନ୍ତି’ ତାଙ୍କ ଆବେଗାୟିତ ସ୍ୱପ୍ନପ୍ରବଣ ହୃଦୟର ନିଷ୍କପଟ ଅଭିବ୍ୟକ୍ତି। ଯେଉଁଠି ସେ ନିଜକୁ ଖୋଲିମେଲି ଦେଇଛନ୍ତି ଗୋଟେ ନିରୀହ ଶିଶୁସୁଲଭ ଚପଳତାରେ। ପ୍ରୌଢ଼ି ନାହିଁ କି ଆତ୍ମବଡ଼ିମା ନାହିଁ, ନାହିଁ ଅହଂକାରର ଆଟୋପ। କିମ୍ବା ଛଳନାର କୃତ୍ରିମତା। ଅଛି କେବଳ ସତ୍ୟ ନିଷ୍ଠା, ଜ୍ଞାନ ପ୍ରତି ପ୍ରଗାଢ଼ ଅନୁରକ୍ତି, ଜୀବନ ଓ ଜଗତକୁ ଚିହ୍ନିବାର ବ୍ୟାକୁଳତା। ପାଠକେ! ଆପଣ ହୁଏତଃ କହିପାରନ୍ତି – ଏ ଆତ୍ମଜୀବନୀ କାହିଁକି ? କାହାର ଉପକାରରେ ବା ଆସିବ ଏ ଆତ୍ମ କଥନିକା ? କି ଆବଶ୍ୟକତା ଅଛି ଏପରି ଏକ ଗ୍ରନ୍ଥ ରଚନାରେ ? ନିତିଦିନ ହଜାର ହଜାର ଗ୍ରନ୍ଥ ରଚିତ ହେଉଛି। ତାହା କ’ଣ ବଦଳାଇ ଦେଇପାରୁଛି ପୃଥିବୀର ଭାଗ୍ୟକୁ ?

ମୁଁ ଯଦି କୁହେ — ହଁ ! ବଦଳାଇ ଦେଇ ପାରିଛି ସଭ୍ୟତାକୁ । ସଂସ୍କୃତିକୁ ! ପୁଣି ମଣିଷର ଭାଗ୍ୟକୁ । ଭବିତବ୍ୟକୁ । ଏହାର ଭୂରି ଭୂରି ପ୍ରମାଣ ରହିଛି ଇତିହାସ ପୃଷ୍ଠାରେ । ଡକ୍ଟର ସୁବାସିନୀ ଲେଙ୍କାଙ୍କର ଜୀବନ — କର୍ମସାଧନାର ଏକ ଯଜ୍ଞବେଦି । ତପସ୍ୟାର ମନ୍ତ୍ରପାଠ ହେଉଛି ରେଭେନ୍ସା କଲେଜର ବିଜ୍ଞାନାଗାରରେ ତାଙ୍କର ଗବେଷଣା, ଯାହା ତାଙ୍କୁ ଆଣି ଦେଇଛି ଆନ୍ତର୍ଜାତିକ ଖ୍ୟାତି । ଅଜସ୍ର ପ୍ରଶଂସା । ପୁରସ୍କାର, ସମ୍ମାନ ଓ ସିଦ୍ଧି । ଏ ସମସ୍ତ ଶବ୍ଦବ୍ରହ୍ମ ରୂପରେ ଜୀବନ୍ୟାସ ପାଇଛନ୍ତି ତାଙ୍କ ଆତ୍ମଜୀବନୀ 'ପଥ ଅସରନ୍ତି'ରେ । ଯେଉଁ ବିଜ୍ଞାନାଗାରରେ ସେ ଗଢ଼ିଛନ୍ତି ପ୍ରାୟ ପଞ୍ଚତିରିଶ ଜଣରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀମାନଙ୍କର ଭବିଷ୍ୟତକୁ । ସାକାର କରିଛନ୍ତି ସେମାନଙ୍କ ସ୍ୱପ୍ନକୁ । କହିବା ନିଷ୍ପ୍ରୟୋଜନ, ଏ ଗ୍ରନ୍ଥଟି ହେବ ବହୁ ବହୁ ସ୍ୱପ୍ନ ଦେଖୁଥିବା ଆଗାମୀ କାଲିର ଯୁବପିଢ଼ିର ଅସରନ୍ତି ପ୍ରେରଣାର ଉତ୍ସ । ଲେଖିକାଙ୍କ ଭାଷାରେ, ଗାଁ ଲୋକଙ୍କ ଭାଷାରେ, 'ଗଛରେ ବେଲ ପାଚିଲେ କାଉର କି ଯାଏ ।' ଝିଅଟିଏ । ଗାଁର । କି ପାଠପଢ଼ି ସେ ଉଦ୍ଧାର କରିବ ପିତୃକୁଳକୁ ! କିନ୍ତୁ ଆଜି ସେ ଗାଁ ଗର୍ବିତ । ସେ ମାଟି ଗର୍ବିତ । ବହୁ ବହୁ ଝିଅଙ୍କର ଆଦର୍ଶ ସେ ପାଲଟି ଯାଇଛନ୍ତି ନିଜ ଅଜାଣତରେ । ବାଟ ଚାଲୁ ଚାଲୁ ସେ ସଂପ୍ରସାରିତ ହୋଇଯାଇଛନ୍ତି ସାରା ପୃଥିବୀକୁ ନିଜ କର୍ମ ତପସ୍ୟା ବଳରେ । ନୂଆ ଦିଗନ୍ତର ସଂଧାନୀ ଯାତ୍ରୀ ସିଏ । ତଥାପି କ୍ଲାନ୍ତି ନାହିଁ, ବିରାମ ନାହିଁ । ତାଙ୍କ ଭାଷାରେ —''ପ୍ରଭାତ ପଥିକ ମୁଁ । ଆଦ୍ୟ ସକାଳର ସତେଜ ଦୁନିଆ ଦେଖିବାରେ ଥାଏ ମୋର ମନ । x x x ମୋ ଛାତ ଉପରେ ଥିବା ପ୍ରିୟ ଫୁଲ ଗଛମାନଙ୍କ ଗହଣରେ କଟାଉଛି କିଛି ମୁହୂର୍ତ୍ତ । ସେହିମାନେ ମୋ ଜୀବନ ।'' (ପୃ. ୧୮୪)

ଏ ଜୀବନ ଦିନେ ଆରମ୍ଭ ହୋଇଥିଲା ସେଇଠୁ — ଏକ ଧୂଳି ଧୂସରିତ ଗାଁ ମାଟିରୁ । ପୁଣି ଆରମ୍ଭ ହୋଇଥିଲା ଚାଲିବାର ଅସରନ୍ତି ପଥ । ଗାଁ ମାଟିରୁ ଜାପାନ, ଜର୍ମାନୀ, ଫ୍ରାନସ, ଆମେରିକା, ଲଣ୍ଡନ, ମାଲେସିଆ, ସିଙ୍ଗାପୁର, ନେପାଳ... ଏମିତି ଦେଶ ବିଦେଶର ବହୁ ସ୍ମୃତିତୀର୍ଥକୁ । ''ଜୀବନକୁ ମୋର ଅନୁଶୀଳନ କରିଛି ଅନେକଥର । ତା ଭିତରେ କ'ଣ ପାଇଛି, କ'ଣ ପାଇନାହିଁ ସେ ସବୁକୁ ଘାଣ୍ଟି ଚକଟି ହେଉଥିଲି । ମୋ ଆଖିଆଗକୁ ସ୍ୱାଭାବିକ ଭାବେ ପ୍ରଥମେ ଆସି ଯାଉଥିଲା ମୋ

ପିଲାଦିନ, ଅଖ୍ୟାତ ପଲ୍ଲୀ, ଧୂଳିମାଟିର ମୋ ଗାଁ, ଅପନ୍ତରା ଗାଁ ରାସ୍ତା। ତା ସହିତ ଆସିଯାଉଥିଲା ଗାଁର କୁମାର ପୂର୍ଣ୍ଣିମା, ରଜଦୋଳି, ଅନ୍ଧାର ରାତିରେ ଲୁଚକାଳି ଖେଳ ଇତ୍ୟାଦିର ସ୍ମୃତିମଧୁର ଚପଳତାର ଦିନ। ଏଗୁଡ଼ିକରେ ବିତିଯାଇଥିଲା ମୋ କିଶୋରୀ ଜୀବନ। ପରବର୍ତ୍ତୀ କାଳରେ ମୁଁ ଯାହା ଦେଖିଥିଲି ତାହା ମୋତେ ଦେଉଥିଲା ଅସରନ୍ତି ଚଲାପଥରେ ଚାଲିବାର ପ୍ରେରଣା।।'' (ମୋ କଥା - ପଥ ଅସରନ୍ତି)

ଜୀବନ ଯାତ୍ରାର ବହୁ ଉଠାଣି ଗଡ଼ାଣି ଦେଇ ସେ ଆଗେଇ ଆସିଛନ୍ତି ଅନେକବାଟ। ବହୁ ସଫଳତା ବର୍ଣ୍ଣାଢ଼୍ୟ କରି ଗଢ଼ି ତୋଳିଛି ତାଙ୍କ ପ୍ରାଣ ପ୍ରାଚୁର୍ଯ୍ୟକୁ। ଆଜି ସେ ଜଣେ ସ୍ୱନାମଧନ୍ୟା ବୈଜ୍ଞାନିକ। ବିଚିତ୍ର ସେ ଜୀବନର ଗାରିମା, ବିଜ୍ଞାନ ଓ ଆଧ୍ୟାତ୍ମିକତା, ପରିବାର ଓ ଗବେଷଣା, ସମାଜ ସେବା ଓ ଭ୍ରମଣ ବିଳାସ – ପରସ୍ପର ବିରୋଧାତ୍ମକ ଜୀବନଚର୍ଯ୍ୟା ଆପଣେଇ ସେ କେମିତି ସବୁ କ୍ଷେତ୍ରରେ ସିଦ୍ଧିର ଅଧିକାରିଣୀ ହୋଇପାରିଛନ୍ତି, ତାହା ହିଁ ଆଶ୍ଚର୍ଯ୍ୟ। ଗାଁରୁ ଆସିଥିବା ଖାଲି ପାଦରେ କାଦୁଅ ମାଟିରେ ପାଦଥାପି ନିଜକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାର ସଂକଳ୍ପ ବାସ୍ତବିକ ପ୍ରଶଂସନୀୟ।

କୁହାଯାଏ ବିଜ୍ଞାନର ଗବେଷଣାଗାରରେ ସବୁ ତଥ୍ୟକୁ ଟିକିନିଖି ବିଶ୍ଳେଷଣ କରୁଥିବା ମଣିଷଟି ଈଶ୍ୱରଙ୍କ ସତ୍ତା ସଂପର୍କରେ ବି ଏକ ବିଶ୍ଳେଷଣାତ୍ମକ ଦୃଷ୍ଟିଭଂଗୀ ରଖିଥାଏ। ବିଜ୍ଞାନ ପରିଦୃଶ୍ୟମାନ ଜଗତର ବ୍ୟାପାର ଓ ବସ୍ତୁକୁ ନେଇ ନୂଆ ନୂଆ ତଥ୍ୟ ଓ ତତ୍ତ୍ୱ ଆବିଷ୍କାର ଉଦ୍ଭାବନ କରିଥାଏ। ମାତ୍ର ଐଶ୍ୱରୀୟ ବିଭୂତି ଓ ଆଧ୍ୟାତ୍ମିକତା ସଂପୂର୍ଣ୍ଣ ଭାବରେ ମଗ୍ନ ଚୈତନ୍ୟର ବ୍ୟାପାର। ଅନୁଭୂୟମାନ ଅନ୍ତଃଲୋକକୁ ଆଲୋକ ଉଦ୍ଭାସିତ କରୁଥିବା ଈଶ୍ୱରଙ୍କ ପ୍ରତି ଆତ୍ମ ନିବେଦନ କରିବା ଜଣେ ବୈଜ୍ଞାନିକ ପକ୍ଷରେ ଏତେ ସହଜକଥା ନୁହେଁ। ମାତ୍ର ସୁବାସିନୀ ଦେବୀ ସମଗ୍ର ଜୀବନବ୍ୟାପୀ ସାଧନା ଓ ସିଦ୍ଧାନ୍ତ ପଛରେ ଧାଉଁଥିବା ଜଣେ ଅନନ୍ୟ ବ୍ୟକ୍ତିତ୍ୱ, ଯିଏ ପୂର୍ଣ୍ଣପ୍ରାଣରେ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିଦେଇଛନ୍ତି। ସେଥିପାଇଁ ଜୀବଦ୍ଦଶାରେ ଚାରିଧାମ ତୀର୍ଥାଟନରେ ଯିବା, ଓଡ଼ିଶାର ତଥା ଭାରତବର୍ଷର ସବୁ ଦେବଦେବୀଙ୍କୁ

ଦର୍ଶନ ଓ ପୂଜାର୍ଚ୍ଚନା କରିବା, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କୁ ଦର୍ଶନ କରିବା ଓ ଅଭିଷେକ କରିବା ପ୍ରଭୃତି ବିରଳ ସିଦ୍ଧିରୁ ତାଙ୍କ ଈଶ୍ୱର ବିଶ୍ୱାସ ସଂପର୍କରେ ସୂଚନା ମିଳିଥାଏ। ବିପଦ ଆପଦରେ ସେ ବ୍ୟାକୁଳ ଭାବରେ ଡାକନ୍ତି ସେଇ ତ୍ରାଣକର୍ତ୍ତା, ଦୀନବାଂଧବ, ଦୟାସାଗର ଶ୍ରୀ ଜଗନ୍ନାଥଙ୍କୁ। ତାଙ୍କର ବିଶ୍ୱାସ ସବୁ ଦୁର୍ଦ୍ଦିନରେ ସେ ହିଁ ଛିଡ଼ା ହୋଇଛନ୍ତି ଶ୍ରୀମତୀ ଲେଙ୍କାଙ୍କ ପାଖରେ। ଗୋଟିଏ ଘଟଣା ବର୍ଣ୍ଣନାକରି ସେ ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ କରୁଣାରୁ କିପରି ଉଦ୍ଧାର ପାଇଲେ ତାର ଉଲ୍ଲେଖ ରହିଛି ଗ୍ରନ୍ଥଟିରେ।

ସେଦିନ ବାହୁଡ଼ା। ଭୁଲ୍ ବଶତଃ ଗାଡ଼ି ଚଳାଉଥିବା ଡକ୍ଟର ମିଶ୍ର ବ୍ୟାକ୍ ଗିଅର ପକାଇଦେଲେ। ଗାଡ଼ିଟି ଯାଇ ତାଳଦଣ୍ଡା କେନାଲ ଭିତରେ ପଡ଼ିଗଲା। ସେଥିରେ ଥିଲେ ଶ୍ରୀମତୀ ଲେଙ୍କା, ତାଙ୍କ ସ୍ୱାମୀ ଓ ରୋଟାରିଆନ ଡକ୍ଟର ପ୍ରଭାତ କୁମାର ମିଶ୍ର ଓ ତାଙ୍କ ସହଧର୍ମିଣୀ। ବର୍ଷା ଅବିରତ ଲାଗି ରହିଥାଏ। ଜୀବନ ବିପନ୍ନ। ଉଦ୍ଧାର ପାଇବାର ସମ୍ଭାବନା କ୍ଷୀଣ। କିନ୍ତୁ ବୋଧହୁଏ ତାଙ୍କ ବ୍ୟାକୁଳ ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ କାନରେ ବାଜିଲା। ସଂପୂର୍ଣ୍ଣ ଅକ୍ଷତ ଅବସ୍ଥାରେ ଅବିଶ୍ୱାସ୍ୟ ଭାବରେ ଉଦ୍ଧାର ପାଇଲେ ସେମାନେ। ‘‘ପାଣି ଭିତରେ ଗାଡ଼ି କ୍ରମଶଃ ବୁଡ଼ିବାକୁ ଆରମ୍ଭ କଲା। ଜଗତଜନନୀ ମା ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଡାକିବା ଛଡ଼ା ଆମର ନଥିଲା କିଛି ଉପାୟ। ବେଳେବେଳେ ବିପଦ ଅଚାନକ ମାଡ଼ି ଆସେ ମଣିଷ ଜୀବନରେ। ଏତେ ବଡ଼ ବିପଦରୁ ସେଦିନ ରକ୍ଷା ପାଇବୁ ବୋଲି ଭରସା ନଥାଏ। x x x ଆମେ କେମିତି ଗାଡ଼ିରୁ ବାହାରି ଆସିଲୁ ତାହା ଥିଲା ସେଇ ତ୍ରାଣକର୍ତ୍ତାଙ୍କୁ ଜଣା। x x x ବାହୁଡ଼ା ପର୍ବ ପାଇଁ ସମସ୍ତେ ଥିଲେ ପୁରୀରେ। ହେଲେ ଜଗନ୍ନାଥ ଥିଲେ ଆମ ସହିତ ସେଦିନ ସଂଧ୍ୟାରେ। ଗାଡ଼ିଟି ଆମର ଅକ୍ଷୁର୍ଣ୍ଣ ଭାବରେ ଉପରକୁ ଆସିଥିଲା ରାତି ବାରଟାରେ ଏବଂ ସେଥିରେ ପ୍ରତ୍ୟେକ ଜିନିଷ ଠିକ୍ ଠାକ୍ ଭାବରେ ରହିଥିଲା।’’

ଏହାଠୁ ବଳି ଦିବ୍ୟ ଅନୁଭୂତି କ’ଣ ହୋଇପାରେ ଜୀବନରେ ? ଡକ୍ଟର ସୁବାସିନୀ ଲେଙ୍କା ଜଣେ ପଲିମର ବିଜ୍ଞାନୀ ଭାବରେ ପୃଥିବୀର ବଡ଼ ବଡ଼ ବୈଜ୍ଞାନିକମାନଙ୍କ ସାଂଗରେ ଆଲୋଚନା କରିବାର ସ୍ମୃତିଚାରଣ କରି କହନ୍ତି — ‘‘ସେଇ ଭାବନେଇ ପେଣ୍ଡାଲ ଉପରକୁ ଉଠିଲି। ଆଜି ମୁଁ କଠିନ ପରିଶ୍ରମର ଫଳ ପାଇଛି। ଏତେ ବଡ଼ ବଡ଼

ବୈଜ୍ଞାନିକ ବସିଛନ୍ତି । କେତେ ବଡ଼ ବଡ଼ ଗବେଷଣାଗାରରେ ସେମାନେ କାମ କରିଛନ୍ତି । ନିପଟ ମଫସଲରୁ ଆସି ଛୋଟିଆ ଗବେଷଣାଗାରରେ କାମ କରିଛି ମୁଁ । ଯେଉଁଠି ପରୀକ୍ଷା କରିବାକୁ ଉନ୍ନତ ଯନ୍ତ୍ରପାତି ନାହିଁ କି ବିଶେଷ ରାସାୟନିକ ପଦାର୍ଥ ଆବଶ୍ୟକ ଅନୁଯାୟୀ ମିଳେନି ଓ ଗୋଟିଏ ବୈଜ୍ଞାନିକ ଜର୍ଣ୍ଣାଲ ଆସେନି ଲାଇବ୍ରେରୀକୁ । x x x ଏତେବଡ଼ କନଫରେନ୍‌ସରେ ସମସ୍ତଙ୍କ ଠାରୁ ପ୍ରଶଂସା ଶୁଣିଲି କେବଳ ଈଶ୍ୱରଙ୍କ ଆଶୀର୍ବାଦ ପାଇଁ । ତା' ପରଦିନ ଗୋଟିଏ ସେସନରେ ଚେୟାର ପର୍ସନ ହେବାର ସୁଯୋଗ ପାଇଲି । ଏ ଥିଲା ମୋ ପାଇଁ ପରମ ସୌଭାଗ୍ୟର କଥା ।'' (ପୃ. ୧୧୩)

ବିଜ୍ଞାନ ଓ ଆଧ୍ୟାତ୍ମିକତା ଆକାଶର ଦୁଇ ଦିଗନ୍ତ ପ୍ରାଚୀ ଓ ପ୍ରତୀଚି, ହେଲେ ଏହାକୁ ନିଜକ୍ଷେତ୍ରରେ ସଂଯୋଗ କରିଛନ୍ତି ଡକ୍ଟର ସୁବାସିନୀ ଲେଙ୍କା ନିଜ ଅବବୋଧ ଓ ପ୍ରଜ୍ଞାବଳରେ । ଅବଶ୍ୟ ବହୁ ବଡ଼ ବଡ଼ ବୈଜ୍ଞାନିକ କହିଛନ୍ତି ବିଜ୍ଞାନ ଯେଉଁଠି ଶେଷ ହୁଏ, ସେଇଠୁ ଆରମ୍ଭ ହୁଏ ଆଧ୍ୟାତ୍ମିକତା । ଏସବୁ ତାଙ୍କ ବ୍ୟକ୍ତିତ୍ୱର ଅସାଧାରଣ ପ୍ରକାଶ; ଯିଏ ବିଜ୍ଞାନ ଓ ଦର୍ଶନକୁ ଗୋଟିଏ ଭାବଭୂମି ଉପରେ ଦଣ୍ଡାୟମାନ ହୋଇ ଦେଖିଛନ୍ତି, ପରଖିଛନ୍ତି ।

ଡକ୍ଟର ଲେଙ୍କା ଜଣେ ଛାତ୍ରବତ୍ସଳ ଅଧ୍ୟାପିକା ଥିଲେ । ତାଙ୍କର ବହୁ ଛାତ୍ର କିପରି ଏଯାବତ୍ ତାଙ୍କ ସହିତ ନିବିଡ଼ ଆତ୍ମୀୟ ସଂପର୍କ ରଖିପାରିଛନ୍ତି ତାହା ସେ ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ଅଧ୍ୟାପନାକୁ କେବଳ ଶ୍ରେଣୀ ଗୃହର ସଫଳତା ବୋଲି ବିଚାର କରିବା ଠିକ୍ ନୁହେଁ । ଯଦି ଅଧ୍ୟାପକଙ୍କର ବ୍ୟକ୍ତିତ୍ୱ କୌଣସି ପ୍ରଭାବ ପକାଇ ନପାରିଲା ଛାତ୍ର ଉପରେ ତେବେ ତାହା କେବଳ ପୋଥି ବାଇଗଣ ହୋଇ ରହିଯାଏ । ଛାତ୍ରର ବ୍ୟକ୍ତିତ୍ୱ ବିକାଶରେ ଯେଉଁ ଅଧ୍ୟାପିକା ବା ଅଧ୍ୟାପକ ସହାୟକ ହୋଇଥାନ୍ତି ସେଇମାନେ ହିଁ ଯଥାର୍ଥରେ ଶିକ୍ଷକ ବୋଲି ବିବେଚିତ ହୁଅନ୍ତି । 'ପଥ ଅସରନ୍ତି'ରେ ଶ୍ରୀମତୀ ଲେଙ୍କା ତାଙ୍କ ପାଖରେ ଗବେଷଣା କରି କୃତିତ୍ୱ ହାସଲ କରିଥିବା ପ୍ରତ୍ୟେକ ଛାତ୍ରଙ୍କ ନାମ ଓ ପଦପଦବୀ ସଂପର୍କରେ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । କିପରି ମା ପରି ସେ ମମତା ବାଣ୍ଟୁଥିଲେ ତାକୁ ସେ ପ୍ରାଣସ୍ପର୍ଶୀ ଭାଷାରେ ବର୍ଣ୍ଣନା କରିଛନ୍ତି । ଏହା ତାଙ୍କ ନାରୀତ୍ୱର

ଉଜ୍ଜ୍ୱଳ ଦିଗ। କାରଣ ଯେତେ ଯେତେ ଭୂମିକା ପରିବାର ଓ ସମାଜରେ ନିର୍ବାହ କରୁଥିଲେ ବି ନାରୀର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ହେଉଛି ତାର ମାତୃତ୍ୱ। ନିଜ ଆତ୍ମଜ ସନ୍ତାନସନ୍ତତିଙ୍କୁ ସେ ଯେଉଁ ଦୃଷ୍ଟିରେ ଦେଖୁଥିଲେ, ଠିକ୍ ସେଇ ଦୃଷ୍ଟିରେ ଦେଖୁଥିଲେ ନିଜ ଛାତ୍ର ଛାତ୍ରୀମାନଙ୍କୁ।

''କେବଳ ଡକ୍ଟରେଟ ଡିଗ୍ରୀ ପାଇବା ପାଇଁ ମୁଁ ପିଲାମାନଙ୍କୁ ସାହାଯ୍ୟ କରି ଆନନ୍ଦ ପାଉଥିଲି ତାହା ନୁହେଁ, ସେହି ପିଲାମାନଙ୍କୁ ମୋ ନିଜ ପିଲାଙ୍କ ଭଳି ଦେଖୁଥିଲି। ଓଡ଼ିଶା ତଥା ଓଡ଼ିଶା ବାହାରେ ଓ ବିଦେଶରେ ଉଚ୍ଚ ପଦପଦବୀରେ ସେମାନେ ଆଜି ଅଧିଷ୍ଠିତ। ମୋ ଘରକୁ ଆସି କିମ୍ବା ଟେଲିଫୋନ ଜରିଆରେ ସେମାନେ ମୋ ସହିତ ସଂପର୍କ ରଖିଛନ୍ତି। ମୋ ପାଖରେ ଗୋଟିଏ ପିଲା ମଧ୍ୟ ଅକୃତଜ୍ଞ ନୁହେଁ। ଅବସର ନେବାର ଦଶବର୍ଷ ହୋଇଗଲାଣି। ତଥାପି ପ୍ରତିବର୍ଷ ଗୁରୁଦିବସ ଓ ନୂଆବର୍ଷ ଦିନ ଅଧିକାଂଶଙ୍କର ପାଦ ପଡୁଛି ମୋ ଘରେ। ଏହାଠାରୁ ଜୀବନରେ ଅଧିକ କିଛି ପାଇବି ବୋଲି ମୁଁ ଭାବେନି। ମୋ ଘର ପିଲାଭଳି ସେମାନେ ଗବେଷଣା କରୁଥିଲାବେଳେ ଭୋଜିଭାତ କରି ଖାଉଥିଲେ ମୋ ଘରେ। ଏବେବି ସେ ସ୍ମୃତି ସେମାନଙ୍କ ମନରେ ଉଜ୍ଜୀବିତ। ମୋର ଭଲରେ ମନ୍ଦରେ ସେମାନେ ଦୌଡ଼ି ଆସନ୍ତି ମୋ ପାଖକୁ। ଜଣେ ଗାଇଡ଼ ଭାବରେ ଏବଂ ଗୋଟିଏ ମା ଭାବରେ ମୁଁ ସେମାନଙ୍କଠାରୁ ଅଜସ୍ର ସମ୍ମାନ ଓ ଶ୍ରଦ୍ଧା ପାଏ। ତେଣୁ ନିଜକୁ ଗୌରାବାନ୍ୱିତ ମନେ କରେ।'' ( ପୃ. ୧୦୧)

କହିବା ବାହୁଲ୍ୟ ଡକ୍ଟର ସୁବାସିନୀ ଲେଙ୍କା ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ। ନିଜକୁ ଗବେଷଣାଗାରରେ ଧ୍ୟାନନିଷ୍ଠ କରିପାରନ୍ତି ଯେମିତି, ରାତିରାତି ଅନିଦ୍ରା ରହି ଗବେଷଣାତ୍ମକ ନିବନ୍ଧ ଲେଖନ୍ତି ଓ ରୋଟାରିଆନ ଭାବରେ ସମାଜସେବା ପାଇଁ ନିଜକୁ ପରିବ୍ୟାପ୍ତ କରିପାରନ୍ତି ସେମିତି। ଗୋଟେ ତପମଗ୍ନ ଅବସ୍ଥା ହେଲେ ଅନ୍ୟଟି ସଂପୂର୍ଣ୍ଣ ଭାବରେ ଉନ୍ମୁକ୍ତ କରିଦେବାର ପ୍ରବଣତା। ନିଜକୁ ବାଣ୍ଟିଦେବାର ପ୍ରଗାଢ଼ ଇଚ୍ଛାଶକ୍ତି ହିଁ ତାଙ୍କୁ ଜଣେ ନିରହଙ୍କାର ସମାଜସେବିକାରେ ପରିଣତ କରିପାରିଛି। ତାଙ୍କ ଆନ୍ତରିକ ନିଷ୍ଠା ବାସ୍ତବିକ ଏକ ଉଚ୍ଚ ମାନବିକ ଆଦର୍ଶର ପରିଚାୟକ। ବହୁଦିଗରେ ବହୁ କାମରେ

ନିଜକୁ ସଂପୃକ୍ତ କରି ସମାଜର କଲ୍ୟାଣ ସାଧନ କରିବାକୁ ଯେପରି ସେ ଜୀବନର ବ୍ରତ ବୋଲି ଗ୍ରହଣ କରିନେଇଛନ୍ତି।

ବିଜ୍ଞାନ ପ୍ରଚାର ସମିତି ଆନୁକୁଲ୍ୟରେ ବିଜ୍ଞାନକୁ ଲୋକାଭିମୁଖୀ କରିବାର ପ୍ରୟାସଟି ବାସ୍ତବିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତାଙ୍କର। ଓଡ଼ିଶାର ଅଗଣିତ ସ୍କୁଲ କଲେଜର ଛାତ୍ର ଛାତ୍ରୀମାନଙ୍କ ପାଇଁ ସହଜ ସରଳ ଭାଷାରେ ବିଜ୍ଞାନର ଜଟିଳ ତତ୍ତ୍ୱଗୁଡ଼ିକ ଲୋକପ୍ରିୟ ସାହିତ୍ୟ ଭାବରେ ପରିବେଷଣ କରିବା ତାଙ୍କ ସମାଜସେବାର ଗୋଟିଏ ବିଶିଷ୍ଟ ଦିଗ। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି କଳ୍ପେ ଏଠିକାର ରୋଟାରୀ ସଂସ୍ଥା ଯେପରି ବହୁ ବହୁ ଉଲ୍ଲେଖଯୋଗ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି ତନ୍ମଧ୍ୟରୁ ଆଇ ହସପିଟାଲ ବା ଆଖିଡ଼ାକ୍ତରଖାନାର ସାମାଜିକ ସ୍ୱୀକୃତି ସର୍ବାଧିକ। ଶ୍ରୀମତୀ ଲେଙ୍କା ରୋଟାରୀ ସଂସ୍ଥା ମାଧ୍ୟମରେ ଏହାର ସୁପରିଚାଳନାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

ଶିକ୍ଷା, ସ୍ୱାସ୍ଥ୍ୟ, ଜାତୀୟ ଚରିତ୍ରଗଠନ ପ୍ରଭୃତି ସବୁକ୍ଷେତ୍ରରେ ରୋଟାରିଆନମାନେ ଜନହିତକର କାର୍ଯ୍ୟରେ ବ୍ରତୀ ହୋଇଥାନ୍ତି। ଶ୍ରୀମତୀ ଲେଙ୍କା ସଭ୍ୟାପଦ ଗ୍ରହଣ କରିବା ପରଠାରୁ ନିଷ୍ଠାପର ଭାବରେ ଏହାର ମୂଳ ଆଭିମୁଖ୍ୟ ସହିତ ଜଡ଼ିତ ହୋଇ ରହିଛନ୍ତି।

ଆଜି ନାରୀ ଜାଗରଣ, ନାରୀ ସଶକ୍ତିକରଣ ପ୍ରଭୃତି କଥା ବହୁ ଭାବରେ କୁହାଯାଉଛି। ଆତ୍ମଶକ୍ତିରେ ଐଶ୍ୱର୍ଯ୍ୟମୟୀ ହୋଇ ପାରିଲେ ନାରୀ ସକଳ ନିର୍ଯ୍ୟାତନାରୁ ମୁକ୍ତ ହୋଇ ପାରିବ ଓ ନିଜକୁ ବ୍ୟକ୍ତିଭାବରେ ପ୍ରତିଷ୍ଠା କରିପାରିବ। ଏହି କଥାକୁ ବାସ୍ତବରେ ପରିଣତ କରିପାରିଛନ୍ତି ଡକ୍ଟର ସୁବାସିନୀ ଲେଙ୍କା। ଏହାର ବହୁ ଉଦାହରଣ ରହିଛି ତାଙ୍କ 'ପଥ ଅସରନ୍ତି' ଆତ୍ମ ଜୀବନୀରେ। ଏକା ଏକା ଜାପାନ ଯିବା ସମୟର ଅନୁଭୂତି ସହିତ ଆମେରିକାରେ ମଧ୍ୟ ନିଜକୁ ଜଣେ ସଫଳ ବୈଜ୍ଞାନିକ ଭାବରେ ପ୍ରତିଷ୍ଠିତ କରିବା ପ୍ରଭୃତିରୁ ଏହା ପ୍ରମାଣିତ ହୋଇଥାଏ। ଏପରିକି ଯେତେବେଳେ କ୍ୟାନସର ପରି ଦୁରାରୋଗ୍ୟରେ ଆକ୍ରାନ୍ତ ହୋଇଛନ୍ତି, ସେତେବେଳେ ବି ତାଙ୍କ ମନୋବଳ ଅତୁଟ ରହିଛି। ନିଜେ ନିଜେ ସାମ୍ନା କରିଛନ୍ତି ଏ ଅପଶକ୍ତିକୁ। ଅପରେଶନ ପୂର୍ବରୁ ସେ ନିଜକୁ ନିଜେ କହିଛନ୍ତି – ''ମଣିଷର ପ୍ରକୃତ ସୌନ୍ଦର୍ଯ୍ୟ ଥାଏ ମନରେ। ଶରୀରର ସୌନ୍ଦର୍ଯ୍ୟ କ୍ଷଣସ୍ଥାୟୀ। ତେଣୁ ମୁଁ ଭାଙ୍ଗିପଡ଼ିନଥିଲି। ଡାକ୍ତରଙ୍କ ବ୍ୟତୀତ କେହି ମୋତେ ଏ

ବିଷୟରେ ଉପଦେଶ ଦେବାକୁ ନଥିଲେ। ନିଜ କାମ ନିଜେ କରିବାରେ ମୁଁ ସବୁବେଳେ ପାଇଥାଏ ଆନନ୍ଦ।'' (ପୃ. ୧୭୮-୧୭୯)

କିଛି କମ ବଡ଼ କଥା କହିନାହାନ୍ତି ଲେଖିକା। ଜୀବନର ନକରାତ୍ମକ ଦିଗଟିକୁ ସେ ଉପେକ୍ଷା କରିଛନ୍ତି ସବୁ ସମୟରେ। ବିପଦ ଆସିଛି। ତାକୁ ସାମନା କରିଛନ୍ତି ମନୋବଳ ମାଧ୍ୟମରେ। ଆଜିକାଲି ଦେହ ଓ ରୂପର ପରିଚର୍ଯ୍ୟା ପାଇଁ ନାରୀମାନଙ୍କ ମଧ୍ୟରେ ଯେଉଁ ପ୍ରବଣତା ଦେଖା ଦେଇଛି ବାସ୍ତବରେ ଏ ଉକ୍ତିଟି ଯେପରି ତାର ଏକ ଚମତ୍କାର ପ୍ରତିବାଦ। ନାରୀ ଆତ୍ମଶକ୍ତିରେ ଧନୀ ହେଉ। କର୍ମପ୍ରବଣ ହେଉ। ଲକ୍ଷ୍ୟ ତା'ର ସୁଦୂରପ୍ରସାରୀ ହେଉ। ସମାଜକୁ ବଳିଷ୍ଠ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁ। ସେ ପୁରୁଷର ଭୋଗର ସାମଗ୍ରୀ ପାଲଟି ନଯାଉ। ଦେହ ଅପେକ୍ଷା ଆତ୍ମାକୁ ସୁନ୍ଦର କରୁ। ତାର ସ୍ୱପ୍ନ ଆକାଶଛୁଆଁ ହେଉ। ତେବେ ଏ ସମାଜରୁ ନାରୀ ନିର୍ଯ୍ୟାତନା ଆପେ ଆପେ ଚାଲିଯିବ। ଯେଉଁ ପର୍ଯ୍ୟନ୍ତ ନାରୀର ନାରୀତ୍ୱ କେବଳ ତା ବାହ୍ୟ ସୌନ୍ଦର୍ଯ୍ୟରେ ରହିଛି ବୋଲି ସେ ଭାବୁଥିବ ସେ ପର୍ଯ୍ୟନ୍ତ ନାରୀ ସଶକ୍ତିକରଣ ସମ୍ଭବ ନୁହେଁ। ଏହା ସେ ନିଜ ଜୀବନ ମାଧ୍ୟମରେ ପ୍ରତିପାଦନ କରିଛନ୍ତି। ସେଥିପାଇଁ ଜୀବନର ସକରାତ୍ମକ ଦିଗଟିକୁ ସେ ଦେଖିଛନ୍ତି ସବୁବେଳେ।

ଜଣେ ବୈଜ୍ଞାନିକ କବିତା ଲେଖିପାରେ। ଭ୍ରମଣ କାହାଣୀ ଲେଖିପାରେ। ଆତ୍ମଜୀବନୀ ଲେଖିପାରେ — ଏକଥା ବିଶ୍ୱାସଯୋଗ୍ୟ ହୁଏନି ସାଧାରଣରେ; କିନ୍ତୁ ତାଙ୍କ ଭିତରର ଏହି ସୃଜନଶୀଳ ପ୍ରତିଭା ତାଙ୍କୁ ଏସବୁ କ୍ଷେତ୍ରରେ ଅନୁପ୍ରେରିତ କରିଛି। ଶେଷ ଅଧ୍ୟାୟରେ ଭଲ ପାଉଥିବା କାର୍ଯ୍ୟ ସେ ଯାହା ବର୍ଣ୍ଣନା କରିଛନ୍ତି ତାହା ବାସ୍ତବିକ ଉଲ୍ଲେଖଯୋଗ୍ୟ। ''ଆଧ୍ୟାତ୍ମିକ ବିଷୟବସ୍ତୁ ଉପରେ ଗୁଣୀ ଜ୍ଞାନୀ ପ୍ରବଚକମାନଙ୍କର ପ୍ରବଚନ ଶୁଣି ଶିଖିବାରେ ମୋର ଥାଏ ଆକର୍ଷଣ। ସାଂସ୍କୃତିକ କାର୍ଯ୍ୟକ୍ରମ ମୋତେ ଖୁବ୍ ଆକୃଷ୍ଟ କରେ। x x x ସମାଜସେବା ଓ ଗବେଷଣାରେ ମୋର ଅନେକ ସମୟ କଟିଛି ଏବଂ ଏହାରି ଭିତରେ ମୁଁ ସମୟ କଟାଉଛି। ଲେଖା ଲେଖି କରିବା ଓ ପଢ଼ାପଢ଼ିରେ ମୋ ସମୟ ଖୁବ୍ ଭଲରେ କଟିଯାଉଛି। ବାଟ ମୋର ସରିନି। ଅନେକ ବାଟ ମୋତେ ଯିବାକୁ ହେବ।'' (ପୃ. ୧୮୪)

ପାଠକେ, ଆସନ୍ତୁ ଏବେ ଭେଟିବା 'ପଥ ଅସରନ୍ତି' ଆତ୍ମଜୀବନୀର ଲେଖିକା ଡକ୍ଟର ସୁବାସିନୀ ଲେଙ୍କାଙ୍କୁ। ଯିଏ ଏକାଧାରରେ ଜଣେ ଶିକ୍ଷାବିତ୍, ଜଣେ ବୈଜ୍ଞାନିକ, ଜଣେ କବି, ଜଣେ ସମାଜସେବୀ, ଜଣେ ରୋଟାରିଆନ, ଜଣେ ଭଲ ବୋହୂ, ପତ୍ନୀ, ମା, ଜଣେ ଆଧ୍ୟାତ୍ମବାଦୀ ଭକ୍ତ, ସର୍ବୋପରି ଜଣେ ଭଲ ମଣିଷ। ତାଙ୍କୁ ତାଙ୍କ ଆତ୍ମଜୀବନୀରେ ଥରେ ଚିହ୍ନିବାର ପ୍ରୟାସ କରନ୍ତୁ।

ଅବଶ୍ୟ କହିରଖେ ଆତ୍ମଜୀବନୀଟିରେ କଳାକୌଶଳର ବା ଶିଳ୍ପନୈପୁଣ୍ୟର ଚମତ୍କାରିତା ଖୋଜିବେ ନାହିଁ। ତାଙ୍କ ଜୀବନର ସୁଖ ଦୁଃଖ ଅନୁଭବକୁ, ସଫଳତା ବିଫଳତା କଥାକୁ ସେ ସତ୍ୟନିଷ୍ଠ ଭାବରେ ପ୍ରକାଶ କରିଛନ୍ତି ଖୁବ୍ ସହଜ ସରଳ ଭାବରେ। ସୁଧୀ ପାଠକେ, ନିଶ୍ଚୟ କିଛି ପ୍ରେରଣା ପାଇବେ ଉତ୍ତରପିଢ଼ି ଏ ଗ୍ରନ୍ଥରୁ ମୋର ଦୃଢ଼ ବିଶ୍ୱାସ।

ଭଲ ଜୀବନୀଟିଏ ମଣିଷ ଏଥଇଥିପାଇଁ ପଢ଼େ — ଯେତେବେଳେ ଦୁଃଖର ଆବର୍ତ୍ତରେ ପଡ଼ି ଛଟପଟ ହେଉଥାଏ, କିମ୍ବା ଅନ୍ଧାରରେ ଦିଗହରା ହୋଇଯାଏ, ଆପଣା ଉପରୁ ବିଶ୍ୱାସ ତୁଟି ଯାଉଥାଏ ବା ସ୍ୱପ୍ନ ଓ ସଂଭାବନା ହଜି ହଜି ଗଲା ପରି ଲାଗେ ସେତେବେଳେ ଆତ୍ମଜୀବନୀଟିଏ ହାତଧରି ଆଲୋକ ଅଭିସାରରେ ବାଟ କଢ଼େଇନିଏ। ମନରେ ପ୍ରତ୍ୟୟ ଭରିଦିଏ। ହୃଦୟରେ ବିଶ୍ୱାସ ଜନ୍ମାଏ — ହଁ ମୁଁ ପାରିବି। ମୁଁ ମୋ ସ୍ୱପ୍ନକୁ ସାକାର କରିପାରିବି। ମୁଁ ମୋ ଜୀବନକୁ ଓ ଜନ୍ମକୁ ସଫଳ ଓ ସାର୍ଥକ କରି ପାରିବି। ଏ ଗ୍ରନ୍ଥଟି ଯେ ପାଠକମାନଙ୍କୁ ନିରାଶ କରିବ ନାହିଁ - ଏହା ନିଃସନ୍ଦେହରେ କୁହାଯାଇପାରେ।

ସୁଲୋଚନା ରାୟ

# ମୋ କଥା

ମୋ  ଜୀବନୀ ଉପରେ ଟିପ୍ପଣୀଟିଏ ଲେଖିବା ପାଇଁ ଅନେକ ଶୁଭେଚ୍ଛୁଙ୍କର ବହୁଦିନ ଧରି ଅନୁରୋଧ ଥିଲା। ଜୀବନକୁ ମୋର ଅନୁଶୀଳନ କରିଛି ଅନେକ ଥର। ତା' ଭିତରେ କ'ଣ ପାଇଛି, କ'ଣ ପାଇନାହିଁ ସେ ସବୁକୁ ଘାଣ୍ଟି ଚକଟି ହେଉଥିଲି। ମୋ ଆଖି ଆଗକୁ ସ୍ୱାଭାବିକ ଭାବରେ ପ୍ରଥମେ  ଆସି ଯାଉଥିଲା ମୋ ପିଲାଦିନ, ଅଖ୍ୟାତ ପଲ୍ଲୀ, ଧୂଳିମାଟିର ମୋ ଗାଁ, ଅପନ୍ତରା ଗାଁ ରାସ୍ତା। ତା' ସହିତ ଆସିଯାଉଥିଲା ଗାଁର କୁମାର ପୂର୍ଣ୍ଣିମା, ରଜଦୋଳି, ଅନ୍ଧାର ରାତିରେ ଲୁଚକାଳି ଖେଳ ଇତ୍ୟାଦିର ସ୍ମୃତିମଧୁର ଚପଳତାର ଦିନ। ଏଗୁଡ଼ିକରେ ବିତି ଯାଇଥିଲା ମୋ କିଶୋରୀ ଜୀବନ। ପରବର୍ତ୍ତୀ କାଳରେ ମୁଁ ଯାହା ଦେଖିଥିଲି ତାହା ମୋତେ ଦେଉଥିଲା ଅସରନ୍ତି ଚଲା ପଥରେ ଚାଲିବାର ପ୍ରେରଣା। ଏ ସବୁକୁ ନେଇ ମୋ ଆତ୍ମଜୀବନୀ ଲେଖି ହେବ କି ନାଁ ବାରମ୍ବାର ଭାବି ହେଉଥିଲି।

ଏହା ଭିତରେ ଦୀର୍ଘ ୬୮ଟି ବର୍ଷ ବିତିଗଲାଣି। ଜୀବନର ଏଇ ଦୀର୍ଘ ପଥ ଅତିକ୍ରମ କରି ସାରିଥିଲେ ବି ପାଦ ମୋର ଥକି ପଡ଼ିନି। ଅନେକ ଜିନିଷ ପାଇବାର ଦିନ ମୋର ସରି ଯାଇନି। ଅସରନ୍ତି ବାଟ ତଥାପି ଲମ୍ବି ଗଲା ପରି ଦିଶୁଛି ମୋ ଆଖି ସାମନରେ। ସେ ରାସ୍ତାରେ ଚାଲିବା ପାଇଁ ଅଣ୍ଟା ଭିଡିଛି ମୁଁ। କିଛି ବାଟ ଚାଲିବା ଭିତରେ କେତେ ସୁଖଦୁଃଖ, ଭଲମନ୍ଦ, ସୁବିଧା ଅସୁବିଧାର ଦିନ ସବୁକୁ ଭେଟିଛି। ତାକୁ ସବୁ ଗୁନ୍ଥି ଦେଇ ହାରଟିଏ କରି ମୋ ପରିବାରବର୍ଗ ଏବଂ ଶୁଭେଚ୍ଛୁମାନଙ୍କୁ ଅର୍ପଣ କରିବାକୁ ମନରେ ଆଶା ବାନ୍ଧିଛି। ଜୀବନର ଦୀର୍ଘ ଅତୀତର ଅନୁଭବ, ଅନୁଭୂତି ଓ ସ୍ମୃତିକୁ ଏ ପୁସ୍ତକରେ ପ୍ରକାଶ କରିବାକୁ ଯାଇ ମୁଁ ସମୁଦାୟ ମହାକାଶକୁ ଗୋଟିଏ କ୍ଷୁଦ୍ର ଗୋଲାକାର ଦର୍ପଣରେ ପ୍ରତିଫଳିତ କଲା ଭଳି ଏବଂ ମହାସମୁଦ୍ର ତରଙ୍ଗକୁ ଆଞ୍ଜୁଳାଏ ଜଳରେ ଅଭିଷେକ କଲା ଭଳି ପ୍ରୟାସ କରିଛି।

ଜୀବନରେ ଅନେକ ସ୍ୱପ୍ନ ମୁଁ ଦେଖିଛି। ସବୁ ସ୍ୱପ୍ନ ମୋର ହଜିଯାଇନି ପାହାନ୍ତିଆ ନିଦରେ। କେତେ ସ୍ୱପ୍ନକୁ ପରିଣତ କରିଛି ସତ୍ୟରେ। ଏ ସବୁ ସେହି ଦୟାମୟ

ଈଶ୍ୱରଙ୍କ ଆଶୀର୍ବାଦ। ଜୀବନରେ ଆସିଥିବା ଅଜସ୍ର ସୁଖ, ସଫଳତାକୁ ବାଣ୍ଟିଛି ଦେଶ ବିଦେଶରେ, ବନ୍ଧୁବାନ୍ଧବ, ଶୁଭେଚ୍ଛୁ ଏବଂ ପଥ ପ୍ରଦର୍ଶକମାନଙ୍କ ମଧ୍ୟରେ। ଯାହା କିଛି ଦୁଃଖ, ଯନ୍ତ୍ରଣା ଓ କଷ୍ଟ ଆସିଛି ତାକୁ ଅନ୍ୟମାନଙ୍କୁ ନ ଜଣାଇ ନିଜର ଭବିତବ୍ୟ ବୋଲି ଗ୍ରହଣ କରି ନେଇଛି। ନିଜ ଜୀବନକୁ ସହଜ ଏବଂ ସରଳ କରି ପାରିଥିବାରୁ ପରିବାରର ତଥା ସମାଜର କିଛିଟା କଲ୍ୟାଣ ସାଧନ କରି ପାରିଛି ବୋଲି ମୋର ହୃଦ୍‌ବୋଧ ହୁଏ। ଏସବୁର ଏକ ସଂକ୍ଷିପ୍ତ ଟିପ୍ପଣୀକୁ ସ୍ଥାନ ଦେଇଛି ଏହି ପୁସ୍ତକରେ।

ଜୀବନକୁ ଛାଡ଼ି ଦେଇନି ଏଣେ ତେଣେ। କିଛି କରିବା, କିଛି ଶିଖିବା ଏବଂ କିଛି ଶିଖେଇବାରେ ବିତିଛି ମୋ ଜୀବନ। ପାଣ୍ଡୁଲିପିଟି ଲେଖିଲାବେଳେ ଜାଣିଲି ମୋ ଜୀବନଟା କେଉଁଠୁ ଆରମ୍ଭ ହୋଇ କେଉଁଠି ପହଞ୍ଚିଛି। ଆହୁରି ଅନେକ ବାଟ ମୋତେ ଅପେକ୍ଷା କରିଛି। ମଣିଷ ଯାହା ସବୁ କରିଛି ବୋଲି କହେ ଏବଂ ସ୍ୱକୀୟ କର୍ମଧାରାରେ ସମାଜ ଭିତରେ ନିଜର ସ୍ଥିତିକୁ ଅନ୍ୟମାନଙ୍କ ପାଇଁ ଆଦର୍ଶ କରି ତୋଳିଥାଏ ସେ ସବୁ ସେଇ ପରମେଶ୍ୱରଙ୍କ ଅବାରିତ କୃପାରୁ ହିଁ ସମ୍ଭବ ହୋଇଥାଏ। ଏଥିପାଇଁ ମଣିଷର ମନୋବଳ, କର୍ତ୍ତବ୍ୟନିଷ୍ଠା, ସହିଷ୍ଣୁତା, ପରୋପକାରିତା ଇତ୍ୟାଦି ଗୁଣ ଏକାନ୍ତ ଲୋଡ଼ା। ଜୀବନରେ ଯେତିକି ପାରିଛି ଏ ସବୁ ଗୁଣକୁ ପାଥେୟ କରି ଆଗେଇ ଆସିଛି ଏ ଯାଏ।

ଅତୀତର ସୁଦୀର୍ଘ ସମୟ କଟେଇଛି ଧୂଆଁ ଓ ଗନ୍ଧମୟ ବିଜ୍ଞାନାଗାରରେ। ଚାକିରିରୁ ଅବସର ନେବା ପରେ ସମାଜସେବା ଓ ସାରସ୍ୱତ ଜଗତକୁ ଆପଣେଇ ନେଇଛି। ସାରସ୍ୱତ ସୃଷ୍ଟି ମୋର ଦିଗ୍‌ବଳୟ ବିସ୍ତୃତ ଓ ସୁଦୂର ପ୍ରସାରୀ ନୁହଁ। ଜୀବନ ମୋର ଯେଉଁଠି ଯେମିତି ଭାବରେ କିଛିକିଛି କହିଛି ତାହା ନିସୃତ ହୋଇଛି ମୋ ଲେଖନୀରୁ।

ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଅସରନ୍ତି ପଥରେ ବାଟୋଇ ହେବାକୁ ମୁଁ ସଂକଳ୍ପବଦ୍ଧ। ସେହି ପରମେଶ୍ୱରଙ୍କ ଅବାରିତ କରୁଣା ମୋ ସ୍ୱପ୍ନକୁ ସାକାର କରିବ ବୋଲି ମୋର ଦୃଢ଼ ବିଶ୍ୱାସ। ପାଠକମାନେ ମୋର ଏହି ଆତ୍ମଜୀବନୀ ''ପଥ ଅସରନ୍ତି'' ପାଠକରି କିଛି ପାଇଲା ଭଳି ଅନୁଭବ କଲେ, ଜୀବନରେ ବାକି ଥିବା ପଥ ଅତିକ୍ରମ କରିବା ପାଇଁ ମୁଁ ନିଶ୍ଚିତ ଭାବେ ପ୍ରେରଣା ପାଇବି।

*- ଲେଖିକା*

**ଗଣେଶ ଚତୁର୍ଥୀ, ୨୦୧୨**

ଜୀବନର ଅନ୍ୟନାମ ଚାଲିବାର ବାଟ। ବାଟଟା ତ ବେଶ୍ ଲମ୍ବା। ସେ ରାସ୍ତାରେ କିଏ କେତେ ବାଟ ଚାଲି ପାରିବ ତାହାହିଁ ପ୍ରକୃତରେ ତା' ଜୀବନର ମାପ। ମୋ ଚାଲିବାର ବାଟ ଖୁବ୍ ସଟ୍‌କଟ୍ ବୋଲି ମୋର ଧାରଣା ଥିଲା। କିନ୍ତୁ ଦୀର୍ଘ ୬୮ ବର୍ଷ ତ ଏ ବାଟରେ ଚାଲି ସାରିଲିଣି। ଭବିଷ୍ୟତ ଆଉ କେତେ ଦିନକୁ ସ୍ୱାଗତ କରୁଛି ମୁଁ ଜାଣେନି। ତଥାପି ଅନେକ ବାଟ ଚାଲିବାର ନିଶା ମୋତେ ଘାରିଛି। ଅତୀତର ଦିନଗୁଡ଼ିକୁ କେବେ ତର୍ଜମା କରିନଥିଲି। କାରଣ ତର୍ଜମା ଶୁଣେଇଥାନ୍ତା କେତେ ସୁଆଦିଆ କଥା ଏବଂ ଦେଇଥାନ୍ତା କିଛିକିଛି ବ୍ୟଥା। ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ସମ୍ମାନୀୟ ସ୍ୱର୍ଗୀୟ ପ୍ରଫେସର ଗଦାଧର ମିଶ୍ର ତାଙ୍କ ଥରିଲା ହାତରେ ୪/୫ ଖଣ୍ଡ ପୋଷ୍ଟ କାର୍ଡ଼ ଚିଠି ଜରିଆରେ ମୋତେ ଅନୁରୋଧ କରିଥିଲେ ମୋର ଗୋଟିଏ ସଂକ୍ଷିପ୍ତ ଜୀବନୀ ଲେଖି ତାଙ୍କୁ ଦେବା ପାଇଁ। ଜୀବନ ପଞ୍ଜିକାରେ ମୋ ଗବେଷଣାକୁ ମୁଖ୍ୟ ସ୍ଥାନ ଦେବାକୁ ତାଙ୍କର ଥିଲା ନିର୍ଦ୍ଦେଶ। ବୈଜ୍ଞାନିକମାନଙ୍କ ଜୀବନୀ ଉପରେ ଲେଖିବାକୁ ଥିବା ତାଙ୍କ ପୁସ୍ତକରେ ମୋ ଜୀବନୀକୁ ସ୍ଥାନ ଦେବାକୁ ବୋଧହୁଏ ଥିଲା ତାଙ୍କର ଇଚ୍ଛା। କାହିଁକି କେଜାଣି ନିଜ ଜୀବନୀ ଉପରେ ଟିପ୍ପଣୀ ଲେଖିବାକୁ ମନ ଆଗେଇଲାନି। ଏଇ କେତେଦିନ ତଳେ ରୋଟାରୀ କ୍ଲବ ଅଫ୍ କଟକରୁ ସମାଜ ସେବା ପାଇଁ ପାଇଲି ''ହୀରାଲାଲ୍ ଥାକର ଆୱାର୍ଡ଼''। ମାନପତ୍ରର ଶ୍ରୀ ବଢ଼ିଥିଲା ମୋ ଗୁଣଗାନରେ। ସେ ଗୁଣଗାନ ମୋତେ ଉଲ୍ଲସିତ କରି ନଥିଲା। ଅସରନ୍ତି ରାସ୍ତାରେ ଆମେ ପଥିକ – ସେହି ରାସ୍ତାରେ ଚାଲୁଚାଲୁ ଆମ ଆଖପାଖ ଲୋକଙ୍କୁ ଟିକିଏ ଅନେଇବା ଆମର କର୍ତ୍ତବ୍ୟ। ତଥାପି ସେ ସନ୍ଧ୍ୟାରେ ବଂଧୁମାନଙ୍କଠାରୁ ପାଇଥିବା ସମ୍ମାନ ଓ ପ୍ରଶଂସା ନିଶ୍ଚିତ ଭାବରେ ମୋ ଉପରେ ପ୍ରଭାବ ପକାଇଥିଲା ଥକି ନପଡ଼ି ଆଉ କିଛି ବାଟ ଚାଲିବା ପାଇଁ।

ମୋର ଅଗ୍ରଜସମ ସ୍ୱାଧୀନତା ସଂଗ୍ରାମୀ ସମ୍ମାନୀୟ ଶ୍ରୀଯୁକ୍ତ ବିପିନ୍ ବିହାରୀ ରଥଙ୍କ ନାତି ନାତୁଣିମାନଙ୍କର ମୋ ଆୱାର୍ଡ଼ ଉପରେ ଥିଲା ଗୋଟିଏ ପ୍ରଶ୍ନ। ''କାହିଁ ତାଙ୍କର ଜୀବନୀ ଉପରେ ପୁସ୍ତକ''? ୬ ମାସ ଭିତରେ ମୋ ଜୀବନୀ ଲେଖିବା ପାଇଁ ଗୋଟିଏ ରୋଟାରୀ ମିଟିଂରେ ଶ୍ରୀଯୁକ୍ତ ରଥଙ୍କର ଥିଲା ମୋତେ ନିର୍ଦ୍ଦେଶ। ମୋ ଜୀବନୀ

ଉପରେ ଆଲୋକପାତ କରିବା ପାଇଁ ପାଇଗଲି ପ୍ରେରଣା । ମୋ ବୈବାହିକ ଜୀବନର ଆଜି, ଅର୍ଥାତ ମେ ଆଠ ତାରିଖ ଦୁଇ ହଜାର ବାର ମସିହାରେ ବୟାଳିଶି ବର୍ଷ ପୂରିଛି । ଜୀବନରେ କିଛି ବାଟ ମୁଁ ଚାଲି ଆସିଲିଣି । ଆହୁରି ଅନେକ ବାଟ ଚାଲିବାର ଅଛି । ଆଜି ମୋ କଲମ ସଜବାଜ ହୋଇଛି କିଛିଟା ଅତୀତର ସ୍ମୃତି ଓ ଅନୁଭୂତି ସଜେଇବା ପାଇଁ କାଗଜ ଉପରେ । ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣା କରି ‘‘ପଥ ଅସରନ୍ତି’’ ପୁସ୍ତକର ପ୍ରସ୍ତୁତି ଆରମ୍ଭ କରୁଛି ।

## ଆମ ଗାଁ ଓ ଆମ ଘର

ମାଟି ଛାଟି ଘର ତିଆରି କରାଯାଉଥିଲା । ନଳକୂପ ନଥିବାରୁ ଗାଧୋଇବା ପାଇଁ ଓ ପିଇବା ପାଇଁ ଗ୍ରାମବାସୀ ଓ ଗାଈ ଗୋରୁମାନେ ପୋଖରୀ ଉପରେ ନିର୍ଭର କରୁଥିଲେ । ମୋ ଜେଜେମା ପ୍ରଥମେ ଗୋଟିଏ କୂଅ ଖୋଳି ଲୋକମାନଙ୍କର ପାନୀୟ ଜଳର ଚାହିଦା ମେଣ୍ଟାଇ ଥିଲେ । ବିଜୁଳି ଆଲୁଅ ଥିଲା ସାତ ସପନ । ଆମ ଗାଁରେ କିମ୍ବା ନିକଟସ୍ଥ ଗାଁରେ ହସ୍‌ପିଟାଲ ନଥିଲା । ଏମିତି ଏକ ଅଖ୍ୟାତ ପଲ୍ଲୀରେ ଜୁଲାଇ ଦଶ ତାରିଖ ଉଣେଇଶ ଚଉରାଳିଶି ମସିହାରେ ମୋର ଜନ୍ମ ।

ଏବେ ଆମ ଗାଁର ଅବସ୍ଥା ବଦଳି ଯାଇଛି । ୟୁ.ପି. ଓ ମାଇନର୍ ସ୍କୁଲ ପ୍ରତିଷ୍ଠା କରାଯାଇଛି । ଅନେକ ଲୋକ ଶିକ୍ଷିତ ହେବାପରେ ବିଭିନ୍ନ ସ୍ଥାନରେ ଚାକିରି କରୁଛନ୍ତି । ଗାଁ ପାଖରେ କେନାଲ୍ ଖୋଳା ହେବା ଯୋଗୁ ବନ୍ୟାର ଭୟ ନାହିଁ । ଚାଷ କାର୍ଯ୍ୟର ଉନ୍ନତି ଘଟିଛି । ଲୋକମାନେ ଦୁଇ ଓଳି ଖାଇ ଆନନ୍ଦରେ ଅଛନ୍ତି । ଗାଁରେ ବିଜୁଳି ଆଲୁଅ ଜଳୁଛି ଏବଂ ଗ୍ରାମବାସୀଙ୍କୁ ଫୋନ୍ ଲାଇନ୍ ଯୋଗାଇ ଦିଆଯାଇଛି । ଆମ ଗାଁ ନିକଟରେ ହସ୍‌ପିଟାଲଟିଏ ସ୍ଥାପିତ ହୋଇଛି । ନଳକୂପ ମାଧ୍ୟମରେ ଜଳ ଯୋଗାଇ ଦିଆଯାଉଛି । ଆମ ଗାଁରେ ଦେବଦେବ ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଛି । ମୋ ବୋଉ ମା ତାରିଣୀଙ୍କ ମନ୍ଦିର ସ୍ଥାପନା କରିଛି । ପ୍ରଧାନ ରାସ୍ତାରୁ ଆମ ଗାଁକୁ ପିଚୁ ରାସ୍ତା ତିଆରି ହୋଇଥିବାରୁ ଗମନାଗମନରେ ସୁବିଧା ହେଉଛି । ମୋଟାମୋଟି ଭାବରେ ଆମ ଗାଁର ଅବସ୍ଥା ସୁଧୁରି ଯାଇଛି ।

ସ୍ୱର୍ଗୀୟ ସୁଦର୍ଶନ ଲେଙ୍କାଙ୍କର ତିନି ପୁତ୍ର ଥିଲେ । ଜ୍ୟେଷ୍ଠ ପୁତ୍ର ସ୍ୱର୍ଗୀ ବୈଦ୍ୟନାଥ ଲେଙ୍କାଙ୍କର ଥିଲେ ଏକମାତ୍ର ପୁତ୍ର କ୍ଷେତ୍ରମଣି ଓ ଦୁଇ କନ୍ୟା ଗୁନି ଓ ଅଦିପ । ମଧ୍ୟମ ପୁତ୍ର ସ୍ୱର୍ଗୀୟ ଇନ୍ଦ୍ରମଣି ଲେଙ୍କାଙ୍କର ପୁତ୍ର ନଥିଲେ, କେବଳ ଦୁଇ ଝିଅ ଗଭା ଓ କାଳି ଥିଲେ ।

ମୋ ଜେଜେ ବାପା ସ୍ୱର୍ଗୀୟ ଶ୍ରୀଧର ଲେଙ୍କା ହେଉଛନ୍ତି ସ୍ୱର୍ଗୀୟ ସୁଦର୍ଶନ ଲେଙ୍କାଙ୍କର କନିଷ୍ଠ ପୁତ୍ର। ଗୋଟିଏ କୃଷକ ପରିବାରର ସେ ଥିଲେ ସନ୍ତାନ। ବିବାହ କରିଥିଲେ ଆମ ଗାଁ ନିକଟବର୍ତ୍ତୀ ଏଡ଼ତାଳ ଗ୍ରାମରେ ଆମ ଅଞ୍ଚଳର ଜମିଦାର ରାୟ ବାହାଦୁର ଭୂୟାଁ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କର ସମ୍ପର୍କୀୟା ଭଉଣୀ ମାଧବୀଙ୍କୁ। ମୋ ଜେଜେ ମା ମାଧବୀ ଥିଲେ ସେ ଅଞ୍ଚଳ ଆକାଶରେ ଗୋଟିଏ ଜ୍ୱଳନ୍ତ ଜ୍ୟୋତିଷ୍କ। ତାଙ୍କ ସମୟରେ କାଗଜର ପ୍ରଚଳନ ନଥିଲା କହିଲେ ଚଳେ। ଭୂଇଁ ଉପରେ ବନମାଟି ଲେସି ତା'ଉପରେ ଖଡ଼ିରେ ଲେଖା ହେଉଥିଲା। କ୍ରମଶଃ କାଗଜର ପ୍ରଚଳନ ହେଲା। ଜେଜେମା ସେ କାଳରେ ଦୁଇ ଧାଡ଼ି ଲେଖି ପାରୁଥିଲେ। ଜମିଦାର ଭାଇଙ୍କର ଆଦେଶକ୍ରମେ ଶବାରିରେ ବସି ଛ' ମାଇଲ ଦୂର ବାସୁଦେବପୁରକୁ ଯାଇଥିଲେ ବୃତ୍ତି ପରୀକ୍ଷା ଦେବାକୁ। ପରୀକ୍ଷା ସରିଗଲା ପରେ ପରୀକ୍ଷାରେ କ'ଣ କ'ଣ ଲେଖିଲେ ବୋଲି ଗୁରୁଜୀଙ୍କର ଅନେକ ପ୍ରଶ୍ନ ଥିଲା ମୋ ଜେଜେମାଙ୍କୁ। ଜେଜେମା ସବୁ ଓଲଟ ପାଲଟ କରି କହିଥିଲେ। ଗୁରୁଜୀ ତାଚ୍ଛଲ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଶବାରିରେ ଚଢ଼ି ଆସିଲା ପରେ କିପରି ଗାଁକୁ ଫେରି ମୁହଁ ଦେଖାଇବୁ ବୋଲି କହିଥିଲେ। ଜେଜେମା କିଛି ଉତ୍ତର ନଦେଇ ପାଖରେ ଥିବା ଏକ କରଣ ସାହିକୁ ବୁଲିବାକୁ ଚାଲି ଯାଇଥିଲେ। ଫେରିଲା ପରେ ଗୁରୁଜୀଙ୍କ ହାତରେ ରସଗୋଲା ହାଣ୍ଡି ଦେଖି ଖୁବ୍ ଖୁସି ହୋଇଯାଇଥିଲେ ଜେଜେମା। ମାଧବୀ ତୁ ବୃତ୍ତି ପାଇଛୁ ବୋଲି ଗୁରୁଜୀ ଖୁସିରେ କହି ପକାଇଥିଲେ। ସେତେବେଳେ ପରୀକ୍ଷା ପରେ ସଙ୍ଗେ ସଙ୍ଗେ ଫଳାଫଳ ଜଣାଇ ଦିଆଯାଉଥିଲା। ଶବାରିରେ ବସି ଜେଜେମା ଫେରିଲେ ତାଙ୍କ ଗାଁ ଏଡ଼ତାଳକୁ। ଦୁଆରରେ ବସିଥିଲେ ତାଙ୍କ ଭାଇ ରାୟବାହାଦୁର ଭୂୟାଁ ଭାସ୍କର ଚନ୍ଦ୍ର ମହାପାତ୍ର। ସେ ଥିଲେ ଜଣେ ପ୍ରତାପୀ ଜମିଦାର। ତାଙ୍କୁ ଦେଖିବାର ସୌଭାଗ୍ୟ ମୋତେ ଜୁଟିନି। ହେଲେ, ଜେଜେମାଙ୍କ ପାଖରେ ଶୋଇଲାବେଳେ ତାଙ୍କ କଥା ଗପଭଳି ଶୁଣିଛି। ଫଟୋରେ ଦେଖିଛି ତାଙ୍କର ବିରାଟ ନିଶ, ଖୁବ୍ ଉଜ୍ଜ୍ୱଳ ଚକ୍ଷୁ। ଶବାରିକୁ ଦେଖି ଗୁରୁଜୀଙ୍କୁ ତାଙ୍କର ପ୍ରଶ୍ନ ଥିଲା ''ମାଧବୀ କ'ଣ କଲା ?'' ବୃତ୍ତି ପାଇବା କଥା ଶୁଣି ସେ ଖୁସି ହୋଇ ଯାଇଥିଲେ।

ମୋ ଜେଜେବାପାଙ୍କର ବିବାହ ହେଲା ସେହି ଶିକ୍ଷିତା ମାଧବୀଙ୍କ ସହିତ। ମୋ ବାପା ଜନ୍ମ ହେବା ପର୍ଯ୍ୟନ୍ତ ଜେଜେମା ପାଉଥିବା ମାସିକ ବୃତ୍ତି ଦୁଇଟଙ୍କା ଲେଖାଏ ମୋ ଜେଜେ ବାପା ବାସୁଦେବପୁର ଯାଇ ଆଣୁଥିଲେ। ମୋ ଜେଜେମା ଥିଲେ କମ୍ ଉଚ୍ଚତାର

ସ୍ତ୍ରୀ ଲୋକଟିଏ, କିନ୍ତୁ ସେ ଥିଲେ ବୁଦ୍ଧିମତୀ, ସୁଗୃହିଣୀ ଓ ଜଣେ ସୁଫଳା ଜନନୀ। ପାଞ୍ଚ ପୁତ୍ର ଗୋବିନ୍ଦ, ଗୋପାଳ, ଗୌରହରି, ବୀରଭଦ୍ର, ଗୋଲକ ଓ ଏକମାତ୍ର କନ୍ୟା ହେମଲତାର ସେ ଥିଲେ ଜନନୀ। ମୋ ଜେଜେ ମା ଶାଶୂ ଘରେ ପାଦ ଦେଇଥିଲେ ଗୋଟିଏ ଯୌଥ ପରିବାରରେ। ଦୁଇ ଦେଢ଼ଶୁର, ଦୁଇ ଯାଆ, ସେମାନଙ୍କ ପିଲା ଏବଂ ମୋ ଜେଜେବାପାଙ୍କ ସମ୍ପର୍କୀୟ ଭାଇମାନଙ୍କର ପରିବାର ମିଶି ପ୍ରାୟ ୪୦/୪୫ ଜଣ ବିଶିଷ୍ଟ ପରିବାରରେ ମୋ ଜେଜେମା ଥିଲେ ସାନ ବୋହୂ। ଓଡ଼ିଆ ଘରର ଚଳଣି ଅନୁସାରେ ସାନବୋହୂର ଥାଏ ରାନ୍ଧିବା ଦାୟିତ୍ୱ। ତାହାଛଡ଼ା ଏତେ ବଡ଼ ପରିବାରରେ ସମସ୍ତେ ତ ସମାନ ନଥିଲେ। ପରସ୍ପର ଭିତରେ ହିଂସା ବାଦ ରହିବା ମଧ୍ୟ ସ୍ୱାଭାବିକ। ମୋ ଜେଜେବାପାଙ୍କର ବେଶୀ ପିଲା, ସେମାନେ ବେଶୀ ଖାଉଛନ୍ତି ବୋଲି ମୋ ଜେଜେମାଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁଥିଲା। ଛୋଟିଆ ମଣିଷଟିଏ, ବିରାଟ ମାଟି ହାଣ୍ଡିରେ ରନ୍ଧା କାର୍ଯ୍ୟକୁ ସେ ସୁରୁଖୁରୁରେ ଚଳାଇ ନେଉଥିଲେ। ପିଲାମାନଙ୍କୁ ମଣିଷ କରିବା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ। ତେଣୁ ଅଭିଯୋଗ ବାଡ଼ିବାକୁ ସେ ପସନ୍ଦ କରୁନଥିଲେ। ଜେଜେବାପା ମୋର ଥିଲେ ନିର୍ମାୟା ମଣିଷଟିଏ। କୌଣସି ଛନ୍ଦ କପଟ ତାଙ୍କର ନଥିଲା। ସଂସାରର କୌଣସି ଜଞ୍ଜାଳ ତାଙ୍କୁ ଘାରୁ ନଥିଲା। ସବୁ କଥା ବୁଝୁଥିଲେ ଜେଜେମା। ମଣିଷ ଏକ ହାଲକା ଜୀବନ ଯାପନ କଲେ ହୋଇଥାଏ ସୁଖୀ ଓ ନିରୋଗ। ଜେଜେବାପା ୮୨ ବର୍ଷ ବୟସରେ ଦୁନିଆ ଛାଡ଼ିଥିଲେ ମୋ ବାହାଘରର ଅଳ୍ପଦିନ ପରେ। ମୋତେ ଏବଂ ମୋ ସ୍ୱାମୀଙ୍କୁ ଦେଖେଇହେବା ପାଇଁ ନଡ଼ିଆ ଚୋବାଇ ପକାନ୍ତି, ଗାଧୋଇ ସାରି ବିନା ଚଷମାରେ ଡଗ ଡଗ ପୋଥି ଭାଗବତ ପଢ଼ି ପକାନ୍ତି ଏବଂ ଯୁବକଟିଏ ଭଳି ଚଲାବୁଲା କରନ୍ତି। ଦାନ୍ତ ତାଙ୍କର ଥିଲା ଅକ୍ଷତ, ଦୃଷ୍ଟି ଶକ୍ତି ମଧ୍ୟ ହ୍ରାସ ପାଇନଥିଲା। ରୋଗଗ୍ରସ୍ତ ହେବାର ତାଙ୍କୁ ମୁଁ ଦେଖିନାହିଁ, ସୁସ୍ଥ ଶରୀରରେ ସେ ଦେହ ତ୍ୟାଗ କରିଥିଲେ।

ଜେଜେମା ମୋର ଥିଲେ ସମ୍ପୂର୍ଣ୍ଣା ନାରୀଟିଏ। ସେବେଳର ହସ୍ତ କର୍ମରେ ଥିଲେ ସେ ନିପୁଣା। ରଙ୍ଗିନ ସୂତାରେ ଜଞ୍ଜିର ସିଲେଇ କରିବା, ବଟୁଆ ସିଲେଇ କରିବା, ବଖିଆ ସିଲେଇ କରିବା, ତାଳ ପତ୍ରରେ ଆସନ ବୁଣିବା, ରଙ୍ଗିନ କାଇଁଚରେ ଫୁଲ ଚାଙ୍ଗୁଡ଼ି ତିଆରି କରିବା, ଖଜୁରି ପତ୍ରରେ ମସିଣା ତିଆରି କରିବା ଇତ୍ୟାଦି ହସ୍ତ ଶିଳ୍ପରେ ସେ ଥିଲେ ଜଣେ ସିଦ୍ଧହସ୍ତା ମହିଳା। ଏ ସବୁ ହସ୍ତଶିଳ୍ପ ମୁଁ ତାଙ୍କଠାରୁ ପିଲାଦିନେ

ଶିଖିଥିଲି । ବାଡ଼ି ବଗିଚାରେ ପରିବା ଚାଷ କରାଇବା, ଆମ୍ବ ଆଚାର ଓ ତେନ୍ତୁଳି ଆଚାର କରିବାରେ ସେ ଥିଲେ କରିତ୍‌କର୍ମା । ସେ ଯେ କେବଳ ସୁଗୃହିଣୀ ଥିଲେ ତାହା ନୁହେଁ ଛୋଟବେଳୁ ପିଲାମାନଙ୍କୁ ଅନେକ ଘଟଣା କାହାଣୀ ଭଳି କହି ଅନେକ ଶିକ୍ଷା ଦେଉଥିଲେ । ଏହି ସବୁ ଶିକ୍ଷା ମୁଁ ପାଇଥିଲି ତାଙ୍କଠାରୁ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଚାଳଘର ପିଢ଼ା ଉପରେ ଚଢ଼ି ଜାତୀୟ ପତାକା ଉଡ଼ାଇବା ଓ ପିଢ଼ା ଉପରେ ଶଙ୍ଖ ଫୁଙ୍କିବା ଅନୁଭୂତିକୁ ନେଇ ଜେଜେମାଙ୍କ ବର୍ଣ୍ଣନା ଆଜି ବି ମୋ କାନରେ ପ୍ରତିଧ୍ୱନିତ ହୁଏ । ଏସବୁ ବର୍ଣ୍ଣନା କଲାବେଳେ ସେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲେ ଏବଂ ଦେଶ ପ୍ରତି ଅନୁରାଗ ଓ ସମ୍ମାନ ତାଙ୍କ ମୁଖ ମଣ୍ଡଳରେ ଉଭାସିତ ହେଉଥିଲା ।

ମୋ ବାପା ଥିଲେ ତାଙ୍କର ପ୍ରଥମ ସନ୍ତାନ । ପ୍ରାରମ୍ଭିକ ଶିକ୍ଷାପରେ ସେ ସାକ୍ଷୀଗୋପାଳରେ ପରବର୍ତ୍ତୀ ଶିକ୍ଷାପ୍ରାପ୍ତ ହୋଇଥିଲେ । ଜେଜେବାପାଙ୍କର ବିଶେଷ ଆର୍ଥିକ ସମ୍ବଳ ନଥିଲା । ତାହାଛଡ଼ା ଗୁରୁକୁଳରେ ରହି ବିଦ୍ୟାଧ୍ୟୟନକୁ ଛାତ୍ରମାନେ ଶ୍ରେୟ ମନେ କରୁଥିଲେ । ଗୁରୁଜୀଙ୍କ ଗୋରୁଙ୍କୁ କୁଣ୍ଡା ତୋରାଣି ଖୁଆଇବାର ଦାୟିତ୍ୱ ମୋ ବାପା ବହନ କରୁଥିଲେ ବୋଲି ତାଙ୍କ ଦରମା ଛାଡ଼ ହୋଇଥିଲା । ସେଠାରେ ସେ କେତେକ ବିଷୟ ଇଂରାଜୀ ଭାଷାରେ ପଢୁଥିଲେ । ପିଲାଦିନୁ ସେ ନିଜର ଦାୟିତ୍ୱ ନେଇଥିଲେ, ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ନିଜ ଗୋଡ଼ରେ ଛିଡ଼ା ହୋଇ ଚାରି ଭାଇ ଓ ଭଉଣୀର ଦାୟିତ୍ୱ ନେବାକୁ ସକ୍ଷମ କରିଥିଲା । ସବୁ ଭାଇମାନଙ୍କର, ଭଉଣୀର ଓ ନିଜ ବାହାଘର କରାଇବା ଓ ଘର ଚଳାଇବାର ଦାୟିତ୍ୱ ସେ ବହନ କରିପାରିଥିଲେ ।

ଖୁବ୍ ହିସାବୀ ଥିଲେ ମୋ ବାପା । ପଇସାକୁ ଅପବ୍ୟୟ ନ କରିବାକୁ ସେ ସର୍ବଦା ଶିକ୍ଷା ଦେଉଥିଲେ । ମୋ ଜନ୍ମଠାରୁ ମାସକୁ ଏକ ଟଙ୍କା କରି ସେ ପୋଷ୍ଟ ଅଫିସରେ ରଖୁଥିଲେ । କିଛି ଦିନ ପରେ ବେଶୀ ଟଙ୍କା ରଖି ପାରିଥିଲେ । ମୋ ବାହାଘର ବାକ୍ସରେ ସେ ପାସ୍ ବୁକ୍ ମୋତେ ଦେଇଥିଲେ । ପିଲାଦିନରୁ ମୁଁ ମଧ୍ୟ ପଇସା ସଞ୍ଚୟ କରିବା ଶିଖିଥିଲି ତାଙ୍କ ପାଖରୁ । ଗୋଟିଏ ଛୋଟ ବଟୁଆରେ କଣା ପଇସା, ଅଧଲା, ପାହୁଲା, ଛଦାମର ମୁଦ୍ରା ରଖୁଥିଲି । ମୋ ବାହାଘର ପରେ ବାପା ସେହି ବଟୁଆକୁ ମୋ ସ୍ୱାମୀଙ୍କୁ ଦେଖାଇଥିଲେ ଏବଂ ମୋର ସଞ୍ଚୟ ମନବୃତ୍ତି କଥା ପ୍ରକାଶ କରିଥିଲେ । ମୋ ବାପା ନାହାନ୍ତି । ତାଙ୍କ କାଠ ଆଲମାରିରେ ମୋ ବଟୁଆ ଆଜିଯାଏ ରହିଛି । ନିରାଡ଼ମ୍ବରେ ଜୀବନ ଯାପନ କରିବା ସେ ଶିଖିଥିଲେ ସାକ୍ଷୀଗୋପାଳର ପଞ୍ଚସଖାଙ୍କଠାରୁ । କାହାରି

ସାହାଯ୍ୟ ସେ ନେଉନଥିଲେ। ଗ୍ରାମ ପଞ୍ଚାୟତର ସେକ୍ରେଟେରୀଟିଏ ହୋଇ ମଧ୍ୟ ନିଜ ଅଧ୍ୟବ୍ୟବସାୟ ବଳରେ ପରିବାରର ଭରଣ ପୋଷଣ କରିବା ଓ ନିଜ ପିଲାଙ୍କୁ ଏବଂ ପୁତୁରା ଝିଆରୀମାନଙ୍କୁ ଚଳାଇବାର ଦାୟିତ୍ୱ ନେଇପାରୁଥିଲେ। ପିଲାମାନଙ୍କର ଶିକ୍ଷାପ୍ରତି ସେ ଅଧିକ ଧ୍ୟାନ ଦେଉଥିଲେ। ନିଜ କର୍ତ୍ତବ୍ୟ ନିଜେ କରିଯାଅ, ଫଳକୁ ଆଶା କରନି ଏହା ଥିଲା ତାଙ୍କର ଉପଦେଶ। ମୃତ୍ୟୁ ପର୍ଯ୍ୟନ୍ତ ସେ ନିଜ ଲୁଗା ନିଜେ ଧୋଉ ଥିଲେ ଏବଂ ନିଜେ ସଫା କରୁଥିଲେ। ସେ ଥିଲେ ଗାନ୍ଧିବାଦୀ। ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଖଦଡ଼ ବସ୍ତ୍ର ପରିଧାନ କରୁଥିଲେ।

୧୯ ବର୍ଷ ବୟସରେ ବାପାଙ୍କର ବାହାଘର ହୋଇଥିଲା। ବୋଉକୁ ମୋର ହୋଇଥାଏ ୧୫ ବର୍ଷ। ମୋ ଅଜା ସ୍ୱର୍ଗୀୟ ବିଚ୍ଛନ୍ଦ ଚରଣ ଜେନା ଥିଲେ ଆମ ଗାଁ ନିକଟସ୍ଥ ସୁଗୋ ଗ୍ରାମର ବାସିନ୍ଦା। କଲିକତାର ଜଳ ଜାହାଜରେ ସେ ଥିଲେ କଣ୍ଟ୍ରାକ୍ଟର। ବେଶ୍ ପଇସାବାଲା ବୋଲି ଆଖପାଖ ଗ୍ରାମରେ ଥିଲେ ପରିଚିତ। ତାଙ୍କ ସାନଭାଇ ଆନନ୍ଦ ଜେନା ଓ ସେ ଥିଲେ ଖାଇବା ପ୍ରିୟ। ଗୋଟାଏ ଲେଖାଏଁ ଛେଳିର ମାଂସ ଦୁଇଭାଇ ଖାଇପାରୁଥିଲେ। ତରକାରି ଖାଉଥିଲେ ଗାଡୁଆ ଥାଳିରେ। ମୋ ବୋଉ ଅଜାଙ୍କର ଥିଲା ବଡ଼ ଝିଅ। ଡାକ ନାଁ ସାଇବ ଅର୍ଥାତ୍ ସାହେବ। ଦେଖିବାକୁ ବେଶ୍ ଡେଙ୍ଗା, ରଙ୍ଗଥିଲା ହଳଦୀ ଭଳି। ଖୁବ୍ ଗେହ୍ଲା ବସରରେ ବଢ଼ିଥିଲା। ଏକମାତ୍ର ମାମୁ ଭାଗୀରଥୀ ଜେନା ଓ ଦୁଇ ମାଉସୀ ବିଭୁ ଓ ହୀରା। ମୋ ବୋଉର ପ୍ରତିପତ୍ତି ମାମୁ ଘରେ ଥିଲା ଅଧିକ। ମୁଁ ପିଲାଦିନେ ନିମ୍ନ ପ୍ରାଥମିକ ଶ୍ରେଣୀରେ ପଢୁଥିଲି ଆମ ଗାଁ ଓ ମୋ ମାମୁଘର ଗାଁର ମଝିରେ ଥିବା ଏଡ଼ତାଳ ଗାଁରେ। ବୋଉ ମାମୁଘରେ ଥିବା ସମୟରେ ସ୍କୁଲ ଛୁଟିପରେ ମୁଁ ମାମୁଘରକୁ ଚାଲି ଯାଉଥିଲି।

ବହୁତ ଥର ମୋ ବୋଉ ଶବାରିରେ ମାମୁଘରକୁ ଯାଉଥିଲା। ମୁଁ ତା' ସହିତ ଶବାରିରେ ବସି ମାମୁଘରକୁ ଅନେକଥର ଯାଇଛି। ମାମୁଘର ପାଖାପାଖି ହେଲେ ବୋଉ ଶବାରି ଭିତରେ କାନ୍ଦଣା ବୋଲି ବୋଲି କାନ୍ଦି କାନ୍ଦି ଘରେ ପହଞ୍ଚୁଥିଲା। ମୋ ଭାଇ ଭଉଣୀଙ୍କ ଭିତରେ ମୁଁ ମାମୁଘର ସହିତ ବେଶୀ ସଂଶ୍ଳିଷ୍ଟ ଥିଲି। ଏବେ ବି ମାମୁ ଘରର ପୁରୁଣା ଘର, ଆମ୍ବ ବଗିଚା, ଅଜା ଓ ମାମୁଁ କଲିକତାରୁ ଆସିବା ଦିନ ବାଲତିରେ ବଡ଼ ବଡ଼ ନାଲି ରସଗୋଲା ଆଣିବା, ରାତିସାରା ପୋଖରୀରୁ ମାଛ ଧରିବା, ଖରାବେଳସାରା ବାଲତି ବାଲତି ପାଚିଲା ଆମ୍ବ ଓ ଝୁଡ଼ିଝୁଡ଼ି ତାଳସଜ ଖିଆ ଇତ୍ୟାଦି ମୋ ଆଖି ସାମନାକୁ

ଆସିଯାଏ। ମୋ ଅଜା ଓ ମାମୁ ଥିଲେ ଖାଇବା ପ୍ରିୟ। ଗାଁ ହାଟକୁ ବଡ଼ ବଡ଼ ମାଛ ବିକା ହେବାକୁ ଆସିଲେ କେବଳ ବିଛନ୍ଦ ଜେନା ଏହି ମାଛ କିଣିବ ବୋଲି ଲୋକମାନେ କହୁଥିଲେ। ଚେହେରା ମଧ୍ୟ ସେମାନଙ୍କର ଥିଲା ଦେଖିଲା ଭଳି। ମୋ ଅଜାଙ୍କର ପ୍ରଥମ ସ୍ତ୍ରୀଙ୍କର ପିଲାମାନେ ହେଲେ ମୋ ବୋଉ, ଦୁଇ ମାଉସୀ ଓ ମାମୁ। ସେ ଦ୍ୱିତୀୟ ବିବାହ କରିଥିଲେ। ମୋ ଆଈଙ୍କୁ ମୁଁ ଦେଖି ନାହିଁ। ଦ୍ୱିତୀୟ ଆଈ ଥିଲେ ଖୁବ୍ ସୁନ୍ଦରୀ, ମିଷ୍ଟଭାଷୀ। ତାଙ୍କ ସହିତ ମୁଁ ପିଲାଦିନେ ବହୁତ ମିଶୁଥିଲି।

ମୋ ବୋଉ ଦଶଟି ସନ୍ତାନ ସନ୍ତତିର ମା ଥିଲା। ପ୍ରଥମେ ଆମେ ୩ଟି ଝିଅ ଜନ୍ମ ହୋଇଥିଲୁ। ମୋ ତଳ ଝିଅ ବାସନ୍ତି ଜନ୍ମ ହେବାର ଅଳ୍ପଦିନ ପରେ ମରି ଯାଇଥିଲା। ତା' ତଳ ଭଉଣୀ ରଜନୀ। ଏବେ ସେ ସମାଜରେ ବେଶ୍ ପ୍ରତିଷ୍ଠିତା। ଗାଁରେ ସ୍ୱାମୀଙ୍କ ନାମରେ କଲେଜ ପ୍ରତିଷ୍ଠା କରିଛି। ଜନ ସେବାରେ ସେ ପାଏ ଆନନ୍ଦ। ବେଶ୍ ଥିଲାବାଲା ଘରର ବୋହୂ ସେ। କଲିକତାରେ ତା'ର ଚା କଣ୍ଟ୍ରାକ୍ଟ୍ ଏଯାଏ ଚାଲିଛି। ବିଦେଶକୁ ଚା ରପ୍ତାନୀ କରେ ତା' କମ୍ପାନୀ। ବହୁତ ସଂସ୍ଥା ସହିତ ସେ ଜଡ଼ିତ। ଦିଅଁ ଦେବତାଙ୍କ ପୂଜା ଅର୍ଚ୍ଚନାରେ ସ୍ୱାମୀ ସ୍ତ୍ରୀଙ୍କର ଦିନ କଟି ଯାଉଥିଲା। ସ୍ୱାମୀ ଶ୍ରୀଯୁକ୍ତ ମାଧବାନନ୍ଦ ମଲ୍ଲିକ ଅଳ୍ପଦିନ ତଳେ ସ୍ୱର୍ଗାରୋହଣ କରିଛନ୍ତି। ଭଉଣୀ ରଜନୀ ତା' ପରିବାରକୁ ନେଇ ରହିଛି ଭୁବନେଶ୍ୱରସ୍ଥ ନିଜ ଘର ''ସ୍ୱର୍ଗ''ରେ। ପିଲାଦିନେ ସେ ମୁହେଁମୁହେଁ ସମସ୍ତଙ୍କୁ ଜବାବ ଦେଇ ଦେଉଥିଲା। ବଡ଼ ହେଲେ ଇନ୍ଦିରା ଗାନ୍ଧି ହେବୁ ବୋଲି ସମସ୍ତେ ତାକୁ କହୁଥିଲେ। ମୁଁ ଟିକିଏ ସ୍ୱଳ୍ପଭାଷୀ ଥିଲି। ପଢ଼ାରେ ସବୁବେଳେ ମନ ଦେଉଥିଲି। ମୋର ଧୀରସ୍ଥିର ସ୍ୱଭାବ ଯୋଗୁ ସମସ୍ତଙ୍କର ପ୍ରିୟ ପାତ୍ରୀ ଥିଲି। ଆମ ତିନି ଭଉଣୀ ତଳେ ମୋ ବୋଉର ପୁଅଟିଏ ହେବାରୁ ଘରେ ଆନନ୍ଦ ଖେଳି ଯାଇଥିଲା। ବେଶ୍ ଧୁମ୍‌ଧାମରେ ତା' ଏକୋଇଶ ହୋଇଥିଲା। ଛୋଟବେଳୁ ସେ ସ୍ୱର୍ଗାରୋହଣ କରିଥିଲା। ସେ ଚାଲିଗଲା ପରେ ବୋଉର ଆଖି ଶୁଖିଲାନି। ରାତିରେ ବିଛଣାରେ ଶୋଇ ଗୁଣୁଗୁଣୁ କାନ୍ଦୁଥିବାର ଏବେ ବି ମୋର ମନେ ଅଛି। ଈଶ୍ୱର ତା' ଡାକ ଶୁଣିଲେ। ଚିନ୍ତା କରିକରି ଜନ୍ମ କଲା ଚିନ୍ତାମଣି (ବାବୁ)କୁ। ଖୁବ୍ ଡଉଲ ଡାଉଲ ପିଲାଟିଏହୋଇ ବାପା, ଦାଦା ଖୁଡ଼ୀଙ୍କ କୋଳରେ ବଢ଼ିଲା। ଭଦ୍ରକ କଲେଜରୁ ବି.କମ୍. ପାସ୍ କରି ବାହାହେଲା ବିଜୟଲକ୍ଷ୍ମୀକୁ, ଡାକ ନାମ ତା'ର ମାମି। ପ୍ରାଣୀ ବିଜ୍ଞାନରେ ବି.ଏସ୍‌ସି. ପାସ କରିଥାଏ ସେ ଭଦ୍ରକ କଲେଜରୁ। ସୁଶ୍ରୀ, ଗୁଣବତୀ ଝିଅଟିଏ ପ୍ରଥମ ବୋହୂ ହୋଇ ଆମ ଘରେ ପାଦ ଦେଲା। ଚିନ୍ତାମଣି

ସମସ୍ତଙ୍କୁ ଚିନ୍ତାଦେଇ ଅଳ୍ପବୟସରେ (୪୬ ବର୍ଷରେ) ଆମକୁ ଛାଡ଼ି ଚାଲିଗଲା ଆରପାରିକୁ। ବାସୁଦେବପୁର ବ୍ଲକର ଚେୟାରମ୍ୟାନ ଥିଲା ସେ। ଲୋକଙ୍କ ସେବା କରି ସମସ୍ତଙ୍କ ମନକୁ କିଣି ନେଇଥିଲା। ଦେଖିବାକୁ ରାଜପୁତ୍ର ଚେହେରା, ହସହସ ମୁଖ, ଲୋକ ବତ୍ସଳ ମଣିଷଟିକୁ ହରେଇଲେ ବାସୁଦେବପୁର ବ୍ଲକର ଅଧିବାସୀଗଣ ତଥା, ସେ ସମୟର ବ୍ଲକର କେତେ ମନ୍ତ୍ରୀ, ଏମ୍.ଏଲ୍.ଏ.। ଗାଁ ଗାଁ ଧରି ତା' ମର ଶରୀରକୁ ବୁଲେଇଲେ ଲୋକମାନେ। ଭୁବନେଶ୍ୱରରୁ ଧାଇଁଗଲେ କେତେ ମନ୍ତ୍ରୀ. ଏମ୍.ଏଲ୍.ଏ., ଚିତାଗ୍ନି ପାଖରେ ଲୁହ ଝରେଇଲେ। ସେ କିନ୍ତୁ କିଛିକୁ ଦେଖିଲାନି, ଏକମୁହାଁ ହୋଇ ଚାଲିଗଲା ଆରପାରିକୁ। ତା'ର ଝିଅ ସ୍ମୃତି ଲିପ୍‌ସା ଓ ପୁଅ ସୌମ୍ୟ ସଂକେତକୁ ଏମ୍.ବି.ଏ. ପଢ଼ାଇ ମଣିଷ କଲା ତା' ସହଧର୍ମିଣୀ ମାମି। କେଉଁଝରର ସରକାରୀ ମହିଳା କଲେଜରେ ପ୍ରାଣୀ ବିଜ୍ଞାନ ବିଭାଗରେ ଡେମୋନ୍‌ଷ୍ଟ୍ରେଟର ଅଛି ଏବଂ କେଉଁଝରରେ ରହୁଛି। ଏହାମଧ୍ୟରେ ଝିଅ ପୁଅଙ୍କୁ ବାହା କରାଇ ସାରିଛି। ତା' ତଳ ଭଉଣୀ ସୁନୀତି ମ୍ୟାଟ୍ରିକ ପାସ୍ କଲାପରେ ବିବାହ କଲା ଗାଁ ପାଖରେ ଥିବା ମୋ ଜେଜେ ବାପାଙ୍କ ନାମରେ ନାମିତ ଓ ମୋ ବାପାଙ୍କ ଦ୍ୱାରା ସ୍ଥାପିତ ଶ୍ରୀଧର ଏକାଦଶୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଶ୍ରୀ ବିଦ୍ୟାଧର ନାୟକଙ୍କୁ। ତାଙ୍କର ଦୁଇ ପୁଅ ବିରଜା ଶଙ୍କର ଓ ଜ୍ୟୋତିଶଙ୍କର ଦୁଇଟି କମ୍ପାନୀରେ ଇଞ୍ଜିନିୟର ଅଛନ୍ତି। ଦୁଇ ଝିଅ ଲୋପା ଓ ସୁପ୍ରସ୍ମିତା କଲେଜ ପଢ଼ା ପରେ ବିବାହ କରିଛନ୍ତି। ତା'ପର ଭାଇ ପ୍ରଦୋଷ ଆମ ପଞ୍ଚାୟତରେ ଥିଲା ସରପଞ୍ଚ। ସ୍ତ୍ରୀ ସୁକାନ୍ତି, ତିନି ପୁଅ ତନ୍ମୟ, ଚିନ୍ମୟ ଓ ସପନକୁ ନେଇ ତା' ପରିବାର। ତା'ପର ଭାଇ ଦେବପ୍ରକାଶ ଓଡ଼ିଶା ସରକାର ଅଧୀନସ୍ଥ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗରେ ଚାକିରି କରୁଛି। ସ୍ତ୍ରୀ କନକ ଓ ଦୁଇ ଝିଅ ସୁମନ୍ ଓ ସ୍ୱାଗତ୍‌କୁ ନେଇ ସେ ଥାଏ କଟକରେ। ସବା ସାନଭାଇ ସ୍ୱୟମ୍ ପ୍ରକାଶ। ସମସ୍ତଙ୍କର ଗେହ୍ଲା ସେ। କାରଣ ବାପା ବୋଉଙ୍କର ସେ ଶେଷ ସନ୍ତାନ। ସ୍ତ୍ରୀ ଦମୟନ୍ତୀ, ଦୁଇ ଝିଅ ସୋନାଲି ଓ ରୋଜାଲି ଏବଂ ପୁଅ କୁମାରେଶକୁ ନେଇ ତା' ସଂସାର। ପ୍ରଦୋଷ ଓ ସ୍ୱୟମ୍ ପ୍ରକାଶ ରହନ୍ତି ଗାଁରେ। ଏମାନଙ୍କ ବ୍ୟତୀତ ଆମର ଅନ୍ୟ ୩ଟି ଭଉଣୀ ଜନ୍ମ ହେବା ପରେ ପରେ ଇହଲୀଳା ସମ୍ବରଣ କରିଛନ୍ତି।

ମୋ ବଡ଼ ଦାଦା ଗୋପାଳ ଚରଣଙ୍କର ଦୁଇଟି ଝିଅ ସଜନୀ, କୁନା ଓ ଗୋଟିଏ ପୁଅ ପ୍ରାଣବନ୍ଧୁ ଓଡ଼ିଶା ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗରେ ଚାକିରି କରେ। ଖୁଡ଼ୀ ଉଷା ସ୍ୱର୍ଗାରୋହଣ କରିସାରିଛି। ତା ତଳଦାଦା ଗୌରହରି। ସେ ଥିଲେ ସ୍କୁଲର ଶିକ୍ଷକ। ଖୁବ୍

ଗେହ୍ଲବସରରେ ସେ ମୋତେ ବଢ଼େଇଥିଲେ। ମୋର କଲେଜ ପଢ଼ା ଓ ଚାକିରି କରିବା ସମୟରେ ସେ ମୋର ସବୁ ବୁଝୁଥିଲେ। ଏବେ ବି ତାଙ୍କ କୋଳରେ ଶୋଇ ପଡ଼ିବାର ସୌଭାଗ୍ୟ ମୋତେ ମିଳେ। ସ୍ତ୍ରୀ ସୂର୍ଯ୍ୟମଣି ଓ ପିଲାମାନଙ୍କୁ ନେଇ ଅବସର ସମୟ କାଟୁଛନ୍ତି ସେ ଗାଁରେ। ପୁଅ ଜ୍ୟୋତି ପ୍ରକାଶ, ଝିଅ ସରୋଜନୀ, ସୌଦାମିନୀ, କମଳିନୀଙ୍କର ପିତା ସେ। ପୁଅ ହାଇସ୍କୁଲର ଗଣିତ ଓ ବିଜ୍ଞାନ ଶିକ୍ଷକ। ତା ତଳ ଦାଦା ବୀରଭଦ୍ର ଅବିବାହିତ। ସବା ସାନ ଦାଦା ଗୋଲକ ବିହାରୀ। ସ୍ତ୍ରୀ ରୁକ୍ମଣୀ, ପୁଅ ସୌମ୍ୟ ପ୍ରକାଶ, ସୌଭାଗ୍ୟ, ସୁଶାନ୍ତ ଓ ସରୋଜ ଏବଂ ଝିଅ ସସ୍ମିତା, ସଞ୍ଜୁଲତା ଓ ସବିତାଙ୍କୁ ନେଇ ତାଙ୍କ ସଂସାର। ପୁଅମାନେ ଗୁଜୁରାଟ ଓ ରାଜସ୍ଥାନରେ ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ। ଝିଅମାନେ ବାହା ହୋଇସାରିଛନ୍ତି। ମୋ ଦାଦାମାନେ ଗାଁ ରହୁଛନ୍ତି।

## ପିଲା ଦିନ କଥା

ମୋ ପିଲାଦିନ ଖୁବ୍ ଗେହ୍ଲବସରରେ କଟିଥିଲା। ବାପା ଦାଦା ପାଞ୍ଚ ଭାଇଙ୍କୁ ନେଇ ଆମ ସଂସାରରେ ମୁଁ ଥିଲି ପ୍ରଥମ ସନ୍ତାନ। ତେଣୁ ସମସ୍ତଙ୍କର ସ୍ନେହ ଆଦରରେ ମୁଁ ବଢୁଥିଲି। ପିଲାଦିନେ ସମସ୍ତେ ସନ୍ଧ୍ୟାହେଲେ ମୋତେ ଚାରିପଟେ ଘେରି ବସୁଥିଲେ ଓ ଗେହ୍ଲା କରୁଥିଲେ ବୋଲି ଜେଜେ ମା ଓ ବୋଉଠୁ ଶୁଣିଛି। ଗୋଟିଏ ଆଲୁମିନିୟମ ଲୋଟାରେ ପାଖ ଗାଁ ଲୁଙ୍ଗାରୁ ମହିଁଷି ଦୁଧ ମୋ ପାଇଁ ଆସୁଥିଲା। ମୁଁ ଟିକିଏ ବଡ଼ ହେବାରୁ ସେ ଲୋଟାଟିକୁ ଦେଖାଇ ମୋତେ ସମସ୍ତେ ଥଟ୍ଟା କରନ୍ତି। ସମସ୍ତଙ୍କର ଗେହ୍ଲା ହୋଇ ବଢୁଥିଲେ ବି ପିଲାଦିନୁ ପାଠ ପ୍ରତି ମୋର ଆଗ୍ରହ ଥିଲା। ଦିନ ସାରା ମୁଁ ପଢ଼ାପଢ଼ି କରିଛି କି ନାହିଁ ବୋଲି ମୋ ବାପା ସନ୍ଧ୍ୟାରେ ପଞ୍ଚାୟତ ଅଫିସରୁ ଆସି ବୋଉକୁ ପଚାରୁ ଥିଲେ। ବୋଉ ମୋର ପାଠ ପଢ଼ିନଥିଲା, କିନ୍ତୁ ପିଲାଦିନୁ ମୋତେ ଘରର ସଣ୍ଢଣା ଶିଖାଉ ଥିଲା। ଗୁରୁଜନଙ୍କ ସାମନାରେ ଜୋର କରି ନ ହସିବାକୁ, ଦୁମ୍‌ଦୁମ୍ ନ ଚାଲି ଆସ୍ତେଆସ୍ତେ ଚାଲିବାକୁ, ଉଚ୍ଚ ସ୍ୱରରେ କଥା ନ କହିବାକୁ ବୋଉ ସବୁବେଳେ ତାଗିଦ କରୁଥିଲା। ଥରେ ଆମ ପୁରୋହିତଙ୍କ ସାମନାରେ ବଡ଼ ପାଟିରେ କଥାବାର୍ତ୍ତା କରିଥିବାରୁ ବୋଉ ଚାପୁଡ଼ାଟାଏ ପିଠିରେ ଦେବାକଥା ମୋର ମନେଅଛି।

ଆଉ ଦିନକର ଘଟଣା। ଖରାଦିନେ ବହୁତ ବାଟ ଚାଲିଚାଲି ସ୍କୁଲରୁ ଆସି ପୋଖରୀରେ ଦୀର୍ଘ ସମୟ ଗାଧୋଇବାର ଥାଏ ଅଭ୍ୟାସ। ସାଙ୍ଗମାନଙ୍କ ସହିତ ଲୁଗାରେ

ଖୁଅଧରି ଛୋଟ ଛୋଟ ମାଛ ବି ଧରା ହୁଏ ପୋଖରୀରୁ। ପାଣିରେ ଗାଧୋଇଗାଧୋଇ ଓଠତଳେ ପଙ୍କ ଲାଗିଯାଏ। ପୋଖରୀ ହୁଡ଼ାରେ ଥାଏ ଗୋଟିଏ କଲିକତି ଆମ୍ବଗଛ। ଗଛରୁ ଆମ୍ବ ଝୁଲି ପାଣି ପାଖରେ ଥାଏ। ଦିନେ ମୁଁ ଗୋଟାଏ ଦୁଇଟା ଆମ୍ବ ନେଇ ପକେଟରେ ପୁରାଇ ଘରକୁ ଚାଲି ଆସିଲି। ସେ ଆମ୍ବ ଗଛ ଥିଲା ଅନ୍ୟ ଜଣଙ୍କର। ଖବର ପାଇ ସେ ମୋ ବୋଉ ପାଖରେ ହାଜର। ତା' ଅଭିଯୋଗ ଶୁଣି ମୁଁ ଡରରେ ଆମ ଧାନ ଅମାର ତଳେ ଲୁଚି ପଡ଼ିଲି। ବୋଉ ଧାନ ଅମାର ସାମନାରେ ଗୋଟିଏ ବେତ ଧରି ଛିଡ଼ା ହୋଇ ଅମାର ତଳୁ ବାହାରି ଆସିବାକୁ ତାଗିଦ କଲା। ଡରରେ ମୁଁ ପ୍ୟାଣ୍ଟରେ ପରିସ୍ରା କରିକରି ବାହାରକୁ ଚାଲି ଆସିଲି। ସେହି ଦୃଶ୍ୟ ଏବେବି ମନେ ପଡ଼େ। ବୋଉ ମୋତେ ଡାକେ ''ବାୟାଣୀ'' ବୋଲି। ଏବେ ବି ସେହି ଉଦାହରଣ ଅନେକ ଥର ଦିଏ। ମୁଁ କେତେ ତା କଥା ମାନୁଥିଲି ଓ ଗାଳି ଗୁଲଜରେ ଡରି ଯାଉଥିଲି ବୋଲି ପିଲାମାନଙ୍କୁ ନଜିର ଦିଏ। ଏବେ ପିଲାମାନେ ଡରିବା ତ ଦୂରର କଥା, ସେମାନଙ୍କର ମୁହଁ ଫୁଟ୍‌କି କିଛି କମ୍ ନୁହଁ।

ଆମ ଗାଁଠୁ ୫/୬ ମାଇଲ ଦୂରରେ ଆମର କିଛି ଚାଷ ଜମି ଥିଲା। ଚାଷ ସମୟରେ ଓ ଧାନ ଅମଳ ସମୟରେ ରହିବା ପାଇଁ ସେଠାରେ ଥିଲା ଛୋଟକାଟିଆ ପାଇଘରଟିଏ। ଧାନ ବଦଳରେ ପନି ପରିବା ସେଠାରେ ମିଳୁଥିଲା। ପିଲାଦିନେ ମୁଁ ସେ ଘରକୁ ଅନେକଥର ଯାଇଛି। ବଳଦ ପିଠିରେ ଅଖାରେ ଧାନ ଲଦି ଆମ ଘରକୁ ଅଣାଯାଏ। ବଳଦମାନଙ୍କ ସହିତ ବି ଚାଲିଚାଲି ହିଡ଼ ରାସ୍ତାରେ ଆସିବାକୁ ମୋତେ ବେଶ୍ ମଜା ଲାଗୁଥିଲା।

ଟିକିଏ ବଡ଼ ହେବା ପରେ ସାଙ୍ଗମାନଙ୍କ ସହିତ ମିଶି ଓଷା କରିବାରେ ଥିଲା ଖୁବ୍ ଆକର୍ଷଣ। ପୌଷ ମାସରେ ଦାଣ୍ଡ ଖରକା, ଅଗିରା ପୂର୍ଣ୍ଣମୀରେ ଅଗିଜଳା, କୁମାର ପୂର୍ଣ୍ଣିମା ଜହ୍ନି ଓଷା, ଅନ୍ୟ ସାହିର ଝିଅମାନଙ୍କ ସହିତ ପ୍ରତିଯୋଗିତା କରି ଚଉଁରା ସଜା ଇତ୍ୟାଦିରେ ଥିଲା ମୋର ସଉକି। ଓଷାଦିନ ଆମ ଗ୍ରାମଦେବତୀ ମା ପରମବୈଷ୍ଣବୀଙ୍କ ସାମନା ଲିପିବା, ଓଷା ସମୟରେ ରାତି ନ ପାହୁଣୁ ବାଡ଼ି ବଗିଚାରୁ ଫୁଲ ତୋଳିବା, ଅନ୍ୟ ଗାଁକୁ ଯାଇ ପୋଖରୀରେ ପଶି କଇଁଫୁଲ ତୋଳିବାର ଥିଲା ମୋର ନିଶା। ବିଭିନ୍ନ ଗାଁରେ ହେଉଥିବା ନାଟକ ରାତି ଉଜାଗର ହୋଇ ଦେଖିବା, ଠାକୁର ମେଳଣ ଦେଖିବାରେ ଥିଲା ମୋର ଆଗ୍ରହ। ଏହି ବୟସରେ ଅନେକ ଅନୁଭୂତି ଆଜି ମୋର ମନେପଡ଼େ। ଆମ

ଘର ଥାଏ ସେତେବେଳେ ନଡ଼ା ଛପରର । ଦାଣ୍ଡ ପିଣ୍ଡା ଓ ପିଣ୍ଡା ଉପରର କିଛି ଅଂଶ କାନ୍ଥ ବିଭିନ୍ନ ଡିଜାଇନ୍‌ରେ କିପରି ଗୋବରରେ ଲିପାଯାଏ ତାହା ମୁଁ ଶିଖିଥିଲି ମୋ ଖୁଡ଼ୀଠାରୁ । ଗୋବର ପାଣିରେ ଭିଜା କନା ଧରାଇ ସେ ବାରମ୍ବାର ମୋତେ ଶିଖାଉଥିଲା । ମାଣବସା ଗୁରୁବାର ଦିନ ଝୋଟିପକା, ଶଙ୍ଖ ଫୁଙ୍କା ତା'ଠାରୁ ଶିଖିଥିଲି । ହୁଳହୁଳି ପକା ମଧ୍ୟ ସେ ଶିଖାଇ ଥିଲା ।

ଆମ ଗ୍ରାମ ଦେବତୀ ମା ପରମବୈଷ୍ଣବୀ । ଆଜି ପର୍ଯ୍ୟନ୍ତ ମୋର ବିଶ୍ୱାସ ଅଛି ବିପଦ ଆପଦରେ ତାଙ୍କୁ ଡାକିଲେ ସେ ବିପଦରୁ ଉଦ୍ଧାର କରନ୍ତି । ତାଙ୍କ ପାଖରେ ହେଉଥିବା ସବୁ ପର୍ବ ପର୍ବାଣୀରେ ମୁଁ ଯୋଗ ଦେଇ ଖୁବ୍ ଉପଭୋଗ କରୁଥିଲି । ଏବେବି ମହାବିଷୁବ ସଂକ୍ରାନ୍ତି ଦିନ ତାଙ୍କ ପାଖରେ ହେଉଥିବା ଯାତ୍ରା ଓ କାଳିସି ଲାଗିବା ଇତ୍ୟାଦି ମୁଁ କଟକରେ ଥାଇ ମନେ ପକାଏ । ଶ୍ରୀ ଶ୍ରୀ ଆଖଣ୍ଡଳମଣି ଆମ ଅଞ୍ଚଳର ପ୍ରତ୍ୟକ୍ଷ ଦେବତା । ସବୁ ରୋଗ ବ୍ୟାଧି ଭଲ ହୋଇଯାଏ ତାଙ୍କ ଆଶ୍ରିତ ହେଲେ । ପ୍ରତିବର୍ଷ ମୁଁ ଦାଦା ଓ ଗାଁ ଲୋକଙ୍କ ସହିତ ଭୋରରୁ ଚାଲିଚାଲି ପ୍ରାୟ ୧୦/୧୨ ମାଇଲ ଯାଇ ଆଖଣ୍ଡଳମଣିଙ୍କ ଠାରୁ ରାତିରେ ଫେରୁଥିଲି । ଏବେ ବି ସେ ମୋର ଇଷ୍ଟଦେବ ।

ଜଗନ୍ନାଥ ଧାମର ପ୍ରଥମ ଦର୍ଶନରେ ଥିଲା ମୋର ଅପାସୋରା ଅନୁଭୂତି । ପୁରୀ ବଡ଼ଦାଣ୍ଡରେ ମୁଁ ବାପାଙ୍କ ହାତଛଡ଼ା ହୋଇ ରାସ୍ତାରେ ଛିଡ଼ା ହୋଇ କାନ୍ଦୁଥିଲି । ଦୋକାନୀଟିଏ ମୋତେ ନେଇ ତା ଦୋକାନରେ ବସାଇ ବାଦାମ ଖାଇବାକୁ ଦେଇଥିଲା । ମୋ ବାପା ଖୋଜି ଖୋଜି ମୋତେ ଦୋକାନରେ ପାଇଗଲେ । ଦୋକାନୀଜଣଙ୍କ ନିଶ୍ଚୟ ଭଲ ମଣିଷ ଥିଲେ । ତାହାଛଡ଼ା ପ୍ରଭୁ ଜଗନ୍ନାଥ ମୋତେ ଠିକ୍ ଲୋକ ପାଖରେ ପହଞ୍ଚାଇ ଥିଲେ ବୋଲି ଏବେ ମୁଁ ଭାବୁଛି ।

ଆମର ଖେଳ ଥିଲା ଖଡ଼ିରେ ଘର କରି ଶିଜୁ ପତ୍ର ଓ ଖପରାରେ ବାଘଛେଳି ଖେଳ ଯାହାକୁ ଏବେ ଶୂନଛକି ଖେଳ କହୁଛନ୍ତି ଓ କଉଡ଼ି ଖେଳ । ରଜପର୍ବ ବେଳେ ଗ୍ରାମ ଦେବତୀଙ୍କ ପାଖରେ ଗୋଟିଏ ଛୋଟଘରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତି ପୂଜା ପାଆନ୍ତି । ରଜ ୫ ଦିନ ଗ୍ରାମ ଦେବତୀ ପାଖ ବିରାଟ ବରଗଛରେ ଦୋଳିଖେଳ, ପୁଚିଖେଳ, ସନ୍ତସନ୍ତିଆ ଘାସରେ ଥିରିଥିରି ଚାଲୁଥିବା ନାଲିନାଲି ସାଧବ ବୋହୂ ଧରିବା ଇତ୍ୟାଦିରେ ଥିଲା ମୋର ସଉକି । ସାହିସାହି ବୁଲି ପାନ ସଂଗ୍ରହ କରୁଥିଲି ଓ ଘରେ ଦାଦାମାନଙ୍କୁ ଦେଉଥିଲି । ସେତବେଳେଠାରୁ କାକର ଭିଜା ପାଚିଲା ଧାନ କିଆରିରେ

ସୋରି ସୋରି ଖରାକୁ ମୁଁ ଖୁବ୍ ଉପଭୋଗ କରୁଥିଲି। ଧାନ କଟା ହୋଇ ବୁହା ହୋଇ ସାରିବା ପରେ କିଆରିରେ ପଡ଼ିଥିବା ଧାନ ଛିଞ୍ଚାକୁ ଗୋଟାଇ ସେ ଧାନକୁ ବିକ୍ରିକରି ଚକୋଲେଟ୍, ସୋଲାଭଜା କିଣି ସାଙ୍ଗମାନଙ୍କ ସାଥୀରେ ଖାଇବାର ଥିଲା ଆନନ୍ଦ। ପିଲାଦିନର କେତେ ସ୍ମୃତି ଆଜି ଆଖି ସାମନାରେ।

ଆମ ଗାଁ ପାଖରେ କେନାଲ ସେତେବେଳେ ନଥିଲା। ଅଳ୍ପ ଅଳ୍ପ ବର୍ଷାରେ ବି ବର୍ଷାଜଳ ନିଷ୍କାସନ ହୋଇ ପାରୁନଥିଲା। ତାହାଛଡ଼ା ବ୍ରାହ୍ମଣୀ, ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟାଜଳ ଆସି ଆମ ଗାଁ ବିଲରେ ଜମି ବନ୍ୟା ହୋଇଯାଉଥିଲା। ବନ୍ୟାଜଳ ଆମ ଦାଣ୍ଡ ପର୍ଯ୍ୟନ୍ତ ଚାଲି ଆସୁଥିଲା। ଡଙ୍ଗାରେ ଆମେ ଯିବା ଆସିବା କରୁଥିଲୁ। ଚାନ୍ଦା କରି ଆମେ ବଡ଼ ବଡ଼ ଡଙ୍ଗା ଆଣି ଜହ୍ନ ରାତିରେ ଡଙ୍ଗାରେ ଗାଁ ଗାଁ ବୁଲୁଥିଲୁ। ଚାରିଆଡ଼ ହୋଇଥାଏ ଜଳାର୍ଣ୍ଣବ। ଜହ୍ନ ରାତିରେ ନୌକା ବିହାର ଥିଲା ଖୁବ୍ ରୋମାଞ୍ଚକର। ସେ ଡଙ୍ଗାରେ ଥାଏ କନାର ଘୋଡ଼ଣୀ। ଅନେକ ରାତିଯାଏ ବୁଲି ବୁଲି ପାଖ ଗାଁମାନଙ୍କର ଅବସ୍ଥା ଦେଖି ଆମେ ଫେରୁଥିଲୁ। ଏବେ କେନାଲ ହେବା ଦ୍ୱାରା ବନ୍ୟା ହେଲାଣି ସାତ ସପନ। ଏମିତି ଏମିତି ସରିଲା ମୋ ପିଲାଦିନ।

## ବିଦ୍ୟାଳୟ ଶିକ୍ଷା

ମୋର ବାଲ୍ୟ ଶିକ୍ଷା ଆରମ୍ଭ ହେଲା ଆମ ଗାଁଠୁ ପ୍ରାୟ ୧ ମାଇଲ ଦୂରସ୍ଥ ଲୁଙ୍ଗା ଗ୍ରାମରେ ନିମ୍ନ ପ୍ରାଇମେରୀ ସ୍କୁଲରେ। ପାଠ ପଢ଼ା ଆରମ୍ଭରୁ ଶିକ୍ଷକମାନେ ଅକ୍ଷର ପ୍ରତି ଧ୍ୟାନ ଦେଉଥିଲେ। ମୋ ବାପା ଏଥିପ୍ରତି ଖୁବ୍ ସଚେତନ ଥିଲେ। ଗୋଟିଏ ପୋଷ୍ଟକାର୍ଡ଼ରେ ସୁନ୍ଦର ସୁନ୍ଦର ଅକ୍ଷରରେ ସବୁ ଖବର ଲେଖି ଆମ ପାଖକୁ ସେ ମୃତ୍ୟୁ ପର୍ଯ୍ୟନ୍ତ ପଠାଇ ପାରୁଥିଲେ। ଲେଖିଲାବେଳେ କଟାକଟି ନକରିବା, ଧାଡ଼ି ସିଧା କରି ଲେଖିବା, ଶବ୍ଦ ଛାଡ଼ି ଛାଡ଼ି ଲେଖିବା ମୁଁ ଶିଖିଥିଲି ତାଙ୍କଠାରୁ।

ମୋ ସମ୍ପର୍କୀୟ ବଡ଼ବାପାଙ୍କ ଘରେ ଜଣେ ଶିକ୍ଷକ ଆମକୁ ଟ୍ୟୁସନ କରୁଥିଲେ। ଶିକ୍ଷକ ଆସିବା ପୂର୍ବରୁ ଆମେ ସ୍ଲେଟରେ ୨୫କ ଯାଏ ପଣିକିଆ ଲେଖି ରଖି ଦେଉଥିଲୁ। ମଝିରୁ ମଝିରୁ ସେ ପଚାରି ଆମର ପରୀକ୍ଷା ନେଉଥିଲେ। ଯିଏ ପ୍ରଥମେ ଆସୁଥିଲା ସେ ଶୂନ ପ୍ରହାର ବା ପ୍ରହାର ଖାଉନଥିଲା। ଯିଏ ଦ୍ୱିତୀୟରେ ଆସୁଥିଲା ତାକୁ ଏକ ପ୍ରହାର, ଯିଏ ତା'ପରେ ଆସୁଥିଲା ସେ ଦୁଇ ପ୍ରହାର, ଏହିଭଳି ଶିକ୍ଷକ ବେତ ପ୍ରହାର ଦୁଇ ହାତ

ପାପୁଲିରେ ଦେଉଥିଲେ। ଶୀତଦିନେ ପାହାନ୍ତିଆ ପ୍ରହରରେ ମୁଁ ଟ୍ୟୁସନରେ ପହଞ୍ଚି ଯାଉଥିଲି ଶୂନ ହେବି ବୋଲି। କୁକୁରମାନେ ମୋତେ ଗୋଡ଼ାଇ ଆଣୁଥିବା କଥା ମୋ ବୋଉ ଏବେବି ପିଲାମାନଙ୍କୁ ମୋ ସମୟାନୁବର୍ତ୍ତିତାର ନଜିର ଦିଏ। ଦ୍ୱିତୀୟ ଶ୍ରେଣୀ ପଢ଼ିଲା ପରେ ସେ ବିଦ୍ୟାଳୟ ଭଲ ଲାଗିଲାନି। ତା'ପରେ ଦୁଇମାଇଲରୁ ଅଧିକ ରାସ୍ତା ଧାନ ବିଲଦେଇ ହିଡ଼ରେ ଚାଲିଚାଲି ଆସି ପଢ଼ିଲି ଏଡ଼ତାଳ ଫିଡ଼ର ସ୍କୁଲରେ। ଉଷା ଓ ଆଶା ଗୁରୁମା ମୋତେ ଖୁବ୍ ଭଲ ପାଇଲେ। ଯିବା ଆସିବାର କଷ୍ଟକୁ ମୁଁ ଭୁଲିଗଲି। ତୃତୀୟ ଶ୍ରେଣୀ ପରେ ମୁଁ ପଢ଼ିଲି ଏଡ଼ତାଳ ମାଇନର ସ୍କୁଲରେ।

୫ମ ଶ୍ରେଣୀରେ ବାସୁଦେବପୁରରେ ବୃତ୍ତି ପରୀକ୍ଷା ଦେଲି ମୋର ବାଲ୍ୟବନ୍ଧୁ ଅଲେଖଚନ୍ଦ୍ର ପଲାଇଙ୍କ ସହିତ। ପରୀକ୍ଷାପରେ ଖୁଡ଼ୀ ଘରୁ ଆସିଥିବା ଗଜା, ଫେଣୀ ଲୁଚାଇଲୁଚାଇ ଦୁଇଜଣ କୋଠରିର ପଛପଟେ ଖାଇବା କଥା ଏବେ ବି ମୋର ମନେ ଅଛି। ଆମ ପରିବାରରେ ସମସ୍ତଙ୍କର ମୁଁ ଥିଲି ଅଲିଅଳି ଝିଅ। ମୋ ଦାଦା ଶ୍ରୀଯୁକ୍ତ ଗୌରହରି ଲେଙ୍କା ଥାଆନ୍ତି ମହରମପୁର ଅପର ପ୍ରାଇମେରୀ ସ୍କୁଲର ଶିକ୍ଷକ। ସବୁଜ ରଙ୍ଗର ଫୁଲପକା ଛିଟ କନାର ଫ୍ରକ ଓ ଗୋଲାପି ରଙ୍ଗର ପ୍ୟାଣ୍ଟ ଆଣିଥାନ୍ତି ମୋ ପାଇଁ। ସେହି ନୂଆ ପୋଷାକ ପିନ୍ଧି ମୁଁ ବୃତ୍ତି ପରୀକ୍ଷା ଦେବାକୁ ଯିବାକଥା ଏବେବି ମୁଁ ପାସୋରି ଦେଇନି।

ଖେଳ ଛୁଟିରେ ଆମ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗଗନ ବିହାରୀ ମହାପାତ୍ରଙ୍କ ଘରପର୍ଯ୍ୟନ୍ତ ଯାଇ କାନକୋଲି ତୋଳି ଖାଇବା ଓ ଭୂଦାନରେ ଯୋଗଦେଇଥିବା, ଖଦଡ଼ ବସ୍ତ୍ର ପରିହିତା, ମିଷ୍ଟଭାଷୀ ତାଙ୍କ ସ୍ତ୍ରୀ ବାସନ୍ତି ନୂଆବୋଉଙ୍କ ସହିତ ମିଶିବା ଇତ୍ୟାଦିର ସୁଯୋଗ ପାଉଥିଲି। ସପ୍ତମ ଶ୍ରେଣୀରେ ମୋ ସହିତ ପଢୁଥିବା ବାଇଧର ନାୟକ ଓ ଶାନ୍ତିଲତା ନାୟକଙ୍କ ସହିତ ଭଦ୍ରକ ସ୍କୁଲରେ ବୃତ୍ତି ପରୀକ୍ଷା ଦେଲି। ସେ ସମୟର ଗଣିତ ଶିକ୍ଷକ ଶ୍ରୀଯୁକ୍ତ ଗଣେଶାନନ୍ଦ ନାୟକ ମୋର ଚିର ନମସ୍ୟ। ଗଣିତର ମୂଳଦୁଆକୁ ସେ ଖୁବ୍ ସବଳ କରିଦେଇଥିଲେ ସମସ୍ତ ଛାତ୍ର ଛାତ୍ରୀଙ୍କର। ବୃତ୍ତି ପରୀକ୍ଷା ହଲରେ ଆଗପଛ ହୋଇ ମୁଁ ଓ ବାଗୁରାଇ ସ୍କୁଲର ଛାତ୍ରୀ ଇନ୍ଦୁରେଖା ଦାସ ବସିଥିଲୁ। ସେହିଦିନରୁ ତା ସହିତ ମୋର ବନ୍ଧୁତା ଅତୁଟ ରହିଛି। କଲେଜରେ ଓ ବୈବାହିକ ଜୀବନରେ ସେ ସମ୍ପର୍କ ଅଧିକ ଘନିଷ୍ଠ ହୋଇଛି।

ମାଇନର ପାସ୍ କରିବା ଦିନରୁ ମୋ ବୋଉର ଇଚ୍ଛା ଥିଲା ମୁଁ ଏତେ ବାଟ ଯିବା ଆସିବା କରି ପାଠ ନପଢ଼େ। କାରଣ ଆମ ଗାଁରୁ ପ୍ରାୟ ଦୁଇ ମାଇଲ ବାଟ ଚାଷ ଜମି ଓ ମଝିରେ ମଝିରେ ନିଛାଟିଆ ପଡ଼ିଆ ଦେଇ ଯିବାକୁ ହେଉଥିଲା। ଶୀତଦିନେ ବାଘହୁଡ଼ି ପଡ଼େ, ଅର୍ଥାତ୍ ନୀଳଗିରି ପାହାଡ଼ରୁ କୁହୁଡ଼ିରେ ବାଟବଣା ହୋଇ ହେଟା ବାଘମାନେ ଚାଲି ଆସୁଥିଲେ ଓ ଆଖପାଖ ଗାଁର କିଆବୁଦାରେ ଲୁଚି ରହୁଥିଲେ। ତାହାଛଡ଼ା କାଳେ କୌଣସି ପୁଅ ମୋ ପ୍ରତି ଖରାପ ବ୍ୟବହାର କରିପାରେ ଏଥିରେ ଥିଲା ତା'ର ଡର। ନିଜେ ସେ ପାଠ ପଢ଼ିନଥିଲା, ତେଣୁ ଯେନତେନ ଦୁଇ ଅକ୍ଷର ପଢ଼ି ମୁଁ ବାହା ହୋଇଯିବା ସେ ଚାହୁଁଥିଲା। ମୋ ଜେଜେମା ପାଠ ପଢ଼ିଥିଲେ ଓ ତାଙ୍କ ପିଲାମାନଙ୍କର ପାଠ ପଢ଼ା କଥା ବୁଝୁଥିବାରୁ ପାଠର ମର୍ଯ୍ୟାଦା କ'ଣ ସେ ଉପଲବ୍ଧି କରିଥିଲେ। ମୋ ପାଠ ପଢ଼ାରେ ବ୍ୟାଘାତ ନଘଟିବା ପାଇଁ ସେ ମୋ ବାପାଙ୍କୁ ପରାମର୍ଶ ଦେଉଥିଲେ। ମୁଁ ମ୍ୟାଟ୍ରିକ ପଢୁଥିବା ସମୟରେ ତାଙ୍କର ଦେହାନ୍ତ ହୋଇଥିଲା।

ପ୍ରାୟ ପଞ୍ଚମ ଶ୍ରେଣୀରୁ ମୁଁ ଶାଢ଼ି ପିନ୍ଧିବା ଆରମ୍ଭ କରିଛି। ତା ପୂର୍ବରୁ ଫ୍ରକ୍ ଓ ହାପ୍ ପ୍ୟାଣ୍ଟ ପିନ୍ଧୁ ଥିଲି। ସାଲୁଆର କମିଜି ପିନ୍ଧିବା ମୋର ମନେ ନାହିଁ। ଯେହେତୁ ଅନେକ ବାଟ ନିଛାଟିଆ ରାସ୍ତାରେ ଚାଲି ଚାଲି ଯାଉଥିଲି କାଳେ କିଛି ଅଘଟଣ ଘଟିବ ବୋଲି ବୋଉର ଥାଏ ଆଶଙ୍କା। ଟିକିଏ ବଡ଼ ହୋଇଗଲା ପରେ ଆଣ୍ଠୁତଳ ଦିଶିବାଟା ସେ ପସନ୍ଦ କରୁନଥିଲା। ପିଲାଦିନରୁ ମୋର ଶାଢ଼ି ପିନ୍ଧା ଆରମ୍ଭ ହୋଇଥିଲା ବୋଲି ଠିକ୍ ଠାକ୍ କରି ପିନ୍ଧିବାରେ ମୁଁ ଥିଲି ଅଭ୍ୟସ୍ତ। ତେଣୁ କଲେଜରେ ସାଙ୍ଗମାନେ ମୋ ଶାଢ଼ି ପିନ୍ଧାକୁ ଖୁବ୍ ତାରିଫ୍ କରୁଥିଲେ।

ଏଡ଼ତାଳରେ ହାଇସ୍କୁଲ ପର୍ଯ୍ୟନ୍ତ ସବୁ ଶ୍ରେଣୀ ଥିଲା। ସେ ଗାଁରେ ଅନେକ ଉଚ୍ଚ ଶିକ୍ଷିତ ରହୁଥିଲେ। ସେ ଗାଁରେ ଆମ ଜମିଦାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ଉଆସ ଥିଲା। ବାରବାଟି ବାରମାଣ ବାରଗୁଣ୍ଠ ବାର ବିଶ୍ୱାର ଏକ ଘେରି ତାଙ୍କର ଥିଲା। ତାରି ଭିତରେ ତାଙ୍କ ନାମରେ ଭାସ୍କରଚନ୍ଦ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟ ସେ ପ୍ରତିଷ୍ଠା କରିଥିଲେ। ତାଙ୍କର ଦୁଇ ପୁତ୍ର ଗଣ ମହାପାତ୍ର (ସତ୍ୟ ସୁନ୍ଦର ମହାପାତ୍ର) କଟକରେ ଶ୍ୱଶୁର ଘରେ ରହୁଥିଲେ। ସେ ମୋ ବାପାଙ୍କର ଘନିଷ୍ଠ ବନ୍ଧୁ ଥିଲେ। ଅନ୍ୟ ପୁତ୍ର ଶ୍ୟାମ ସୁନ୍ଦର ମହାପାତ୍ର କଲିକତାରେ ରହୁଥିଲେ। ସପ୍ତମ ଶ୍ରେଣୀ ପରେ ମୋ ନାଁ ଲେଖା ହେଲା ଭାସ୍କରଚନ୍ଦ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟରେ। ସେତେବେଳେ ମୋର ପିଲାଳିଆମି ନଥିଲା। ଅନ୍ୟ କୌଣସି କାର୍ଯ୍ୟରେ

ବିଶେଷ ସମୟ ନକଟାଇ ପାଠ ପଢ଼ା ଆଡ଼କୁ ମୁହାଁଇଲି । ଖୁବ୍ ପ୍ରତିଯୋଗିତା ହେଉଥାଏ ଶ୍ରେଣୀରେ । ବାଇଧର, ଶାନ୍ତି ଥିଲେ ଗଣେଶ ସାର୍‌ଙ୍କ ଗାଁର ପିଲା । ସେମାନେ ତାଙ୍କ ଠାରୁ ସାହାଯ୍ୟ ପାଉଥିଲେ । ଆମର ସାହିତ୍ୟ ଶିକ୍ଷକ ଥିଲେ ନାରାୟଣ ଚନ୍ଦ୍ର ଦାସ, ଗଣିତ ଶିକ୍ଷକ ଥିଲେ ପ୍ରଫୁଲ୍ଲ କୁମାର ସେନାପତି, ବିଜ୍ଞାନ ଓ ଗଣିତ ଶିକ୍ଷକ ଥିଲେ ଗଣେଶାନନ୍ଦ ନାୟକ, ଇଂରାଜୀ ଶିକ୍ଷକ ଥିଲେ ଜଗନ୍ନାଥ ବେହୁରିଆ, ଗତିକୃଷ୍ଣ ପୁହାଣ, ରତ୍ନାକର ବାରିକ, ସଂସ୍କୃତ ଶିକ୍ଷକ ଥିଲେ ରତ୍ନାକର କାଠ । ଏମାନେ ଶିକ୍ଷକ ହିସାବରେ ଜଣେ ଜଣକୁ ବଳିୟାନ୍ ଥିଲେ । ମୋତେ ସବୁ ଶିକ୍ଷକ ଖୁବ୍ ଭଲ ପାଉଥିଲେ । ପାଠ ପ୍ରତି ମୋର ନିଷ୍ଠା, ସମୟାନୁବର୍ତ୍ତିତା, ଶ୍ରେଣୀରେ ନିୟମାନୁବର୍ତ୍ତିତାରେ ସେମାନେ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ । ୧୯୬୧ ମସିହାର ମହାବାତ୍ୟା ଦିନ ମଧ୍ୟ ମୁଁ ଶ୍ରେଣୀରେ ଯୋଗ ଦେଇଥିଲି । ଶ୍ରେଣୀ ଗୃହର ଟିଣ ଛପର ଯେମିତି ଉଡ଼ିଯିବ ଲାଗୁଥାଏ । ବାଟରେ ଯିବାବେଳେ ପବନରେ ଛତା ଉଡ଼ିଯିବା ଭଳି ଲାଗୁଥାଏ । ଦିନେ ଅନୁପସ୍ଥିତ ରହିବିନି ଏହା ଥିଲା ମୋର ଲକ୍ଷ୍ୟ । ଗାଁ ଚାରିପଟ ବନ୍ୟାଜଳ ଘେରି ରହିଥିବା ବେଳେ ଡଙ୍ଗାରେ ସ୍କୁଲକୁ ଯାଉଥିଲି ।

ଏକାଦଶ ଶ୍ରେଣୀର ଟେଷ୍ଟ ପରୀକ୍ଷାପରେ ଗଣିତ ଶିକ୍ଷକ ପ୍ରଫୁଲ୍ଲ ସାର୍ ଓ ସଂସ୍କୃତ ଶିକ୍ଷକ କାଠ ସାର୍ ମୋର ପଢ଼ା ପଢ଼ି ପ୍ରାୟ ୧୫/୨୦ ଦିନ ଦେଖିଥିଲେ । ସକାଳୁଆ ସ୍କୁଲରୁ ଏତେବାଟ ଖରାରେ ଚାଲିଚାଲି ଆସି ଘରେ ଟିକିଏ ଖାଇଦେଇ ପୁଣି ଛତା ଧରି ସ୍କୁଲରେ ପହଞ୍ଚି ଯାଉଥିଲି । ପ୍ରଫୁଲ୍ଲ ସାର୍ ପଢ଼ାଇବାକୁ ତାଙ୍କ ରୁମ୍‌ରୁ ଆସିବା ପୂର୍ବରୁ ମୁଁ କ୍ଳାନ୍ତ ହୋଇ ଘୁମେଇ ପଡୁଥିଲି । ପୁଣି ପଢ଼ି ସାରି ସନ୍ଧ୍ୟାସୁଦ୍ଧା ଘରେ ପହଞ୍ଚୁଥିଲି । କେବେକେବେ ଲଣ୍ଠନ କିନ୍ତୁ ଅଧିକାଂଶ ସମୟ ଡିବି ଆଲୁଅରେ ରାତିରେ ସବୁ ପଢ଼ା ଶେଷ କରିବା ଥିଲା ମୋର ନିଶା । ଦିନେ ରାତିରେ ୧୨୦ ଖଣ୍ଡ ପରିମିତି ଅଙ୍କ କଷୁକଷୁ ପ୍ରାୟ ରାତି ପାହି ଯାଇଥିଲା । ରାତିସାରା ଡିବିରୁ ବାହାରୁ ଥିବା କାର୍ବନଡାଇଅକ୍ସାଇଡ୍ ଗ୍ୟାସ ଶୁଙ୍ଘି ଓ ରାତି ଅନିଦ୍ରା ହୋଇ ତା'ପରଦିନ ସ୍କୁଲରେ ଅଚେତ ହୋଇ ଯାଇଥିଲି ।

ମୋ କର୍ତ୍ତବ୍ୟ ନିଷ୍ଠା ଓ ପାଠ ପ୍ରତି ଅନୁରାଗର ଫଳ ମୁଁ ପାଇଥିଲି । ମୋ ଶ୍ରେଣୀରେ ଧ୍ରୁବ ଚରଣ ନାୟକ ପଢୁଥାଏ । ସେ ମୋର ଥିଲା ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ । ତାହାଛଡ଼ା ଭିକାରି ଚରଣ ମଲ୍ଲିକ, ବାଇଧର ନାୟକ, ଶାନ୍ତିଲତା ନାୟକ, ଜ୍ୟୋତିର୍ମୟୀ ନାୟକ ଇତ୍ୟାଦି ମୋ ସହିତ ପଢୁଥାନ୍ତି । ଜ୍ୟୋତିର୍ମୟୀର ବାପା ୰ ବିଷ୍ଣୁ ମୋହନ ନାୟକ

ଥିଲେ ଆମ ଜମିଦାରଙ୍କ ଭଣଜା। ତାଙ୍କ ପରିବାର ରହୁଥାନ୍ତି ଜମିଦାରଙ୍କ ଉଆସରେ। ଜ୍ୟୋତିର୍ମୟୀ ସହିତ ମୁଁ 'ଗୋଲାପ' ବସି ଥିଲି। ଅନେକଥର ଗୋଲାପ ସହ ତାଙ୍କ ଘରେ ଉଆସ ଭିତରେ ରହିବାର ସୁଯୋଗ ମୋତେ ମିଳିଥିଲା। ଉଆସ ଭିତରେ ପୋଷା ଧଳା କାକତୁଆର ଡାକ ମୋର ବେଶ୍ ମନେ ଅଛି। ପାଠ ଛଡ଼ା ଆଉ କିଛି ପ୍ରତି ନଥାଏ ମୋର ଆକର୍ଷଣ। ବେଳେବେଳେ ଲୁଚାଇ କା, ଝଞ୍ଜା, ମାଟିର ମଣିଷ, ଦସ୍ୟୁନାୟିକା ମୀରା, ଦଶ କୁମାର ଚରିତ ଉପନ୍ୟାସ ଓ ଡିଟେକ୍ଟିଭ ପଢ଼ିବାର ଥାଏ ମୋର ନିଶା। ମୋ ସହପାଠୀମାନଙ୍କର ମୋ ସହିତ ଥାଏ ପ୍ରତିଯୋଗିତା।

ସେତେବେଳେ ଖବର କାଗଜରେ ପରୀକ୍ଷା ଫଳ ବାହାରୁଥିଲା। ବସରେ ଭଦ୍ରକରୁ ଆସିଲା ଖବର କାଗଜ। ଦ୍ୱିତୀୟ ଶ୍ରେଣୀରେ ମୋ ନାଁ ବାହାରିଥିବାର ଦେଖି ମୁଁ ଖୁବ୍ ଦୁଃଖ ପାଇଥିଲି। ବେଶୀ ଦୁଃଖ ପାଇଲି ଯେଉଁଦିନ ମୋର ମାର୍କ ଆସିଲା। ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରି ମଧ ଦୁଇଟି ନମ୍ବର ପାଇଁ ମୁଁ ପ୍ରଥମ ଶ୍ରେଣୀ ହରାଇଛି। ସହପାଠୀ ଧ୍ରୁବ ନାୟକ ତାଚ୍ଛଲ୍ୟ ସହକାରେ କହିଥିଲା, ''ଦୁଇ ନମ୍ବର କେଉଁଠୁ ଆସେ ?'' ଏ ସବୁ କଥା ମୋର ସ୍ପଷ୍ଟ ମନେ ଅଛି।

ହାଇସ୍କୁଲରେ ପଢ଼ିବା ସମୟରେ ମୁଁ ଦିନଗୁଡ଼ିକୁ ଖୁବ୍ ଉପଭୋଗ କରିଛି। ମୋ ବଡ଼ବାପାଙ୍କ ବୋହୂମାନଙ୍କର ମୁଁ ଥିଲି ଗେହ୍ଲା ନଣନ୍ଦ। ମୋ ବୋଉ ଭାଷାରେ ସ୍କୁଲରୁ ଆସି ଘରେ ଭାତ ଖାଇ ମୁହଁଧୁଆ ପାଣି ତାଙ୍କ ଘରେ ପକାଏ। ଖରାବେଳ ସାରା ଖଟ ଉପରେ ଶୋଇଶୋଇ ବେଶ ଗପ ଜମାଉ ଥିଲୁ। ମୁଁ ପଢ଼ିଥିବା ଉପନ୍ୟାସ ତାଙ୍କ ଆଗରେ ବର୍ଣ୍ଣନା କରେ। ମୋ ବର୍ଣ୍ଣନା କରିବାର ଶୈଳୀକୁ ସେମାନେ ଉପଭୋଗ କରନ୍ତି।

ହସ୍ତକର୍ମ ଶିଖିବା ପ୍ରତି ମୋର ଥାଏ ଖୁବ୍ ଆଗ୍ରହ। ନୂଆବୋଉଙ୍କଠାରୁ ଉଲ୍‌ରେ ସୁଏଟର ବୁଣିବା, ମୋ ପିଉସା ଘର ଗାଁ ସାବରଙ୍ଗଙ୍କୁ ପ୍ରତିଛୁଟିରେ ଯାଇ ଏମ୍ବ୍ରୋଡ଼ୋରି, କ୍ରୁସ୍ କାମ ଶିଖିବା, ତାଳ ବରଡ଼ାକୁ ରଙ୍ଗେଇ ଆସନ ବୁଣିବା, କାଇଁଚକୁ ରଙ୍ଗେଇ ବିଞ୍ଚଣା ଓ ଫୁଲ ଚାଙ୍ଗୁଡ଼ି ବୁଣିବାରେ ମୋର ଅବସର ସମୟ କଟିଯାଉଥିଲା। ସମୟର ଅପବ୍ୟବହାର ମୁଁ ଶିଖି ନଥିଲି ପିଲା ଦିନରୁ। ମୋ ପିଉସା ଶ୍ରୀଯୁକ୍ତ ଉମାକାନ୍ତ ମହାନ୍ତି ଥିଲେ ଗୋଟିଏ ହାଇସ୍କୁଲର ଶିକ୍ଷକ। ସେ ଜଣେ ନୀତିବାନ ଓ ଆଦର୍ଶ ମଣିଷ। ଗାନ୍ଧିଜୀଙ୍କ ପ୍ରଭାବରେ ସେ ଥିଲେ ପ୍ରଭାବିତ। ନିଜ କାମ ନିଜ ହାତରେ କରିବା ଥିଲା ତାଙ୍କ ନୀତି। ଆଜିଯାଏ

ସେ ଛଅ ହାତି ଖଦଡ଼ ପିନ୍ଧନ୍ତି। ସେ ମୋତେ ପ୍ରେରଣା ଦେଉଥିଲେ। କେବଳ ତାଙ୍କର ନୁହଁ ଆମ ଅଞ୍ଚଳର ସମସ୍ତଙ୍କର ମୁଁ ଥିଲି ଆଖି ଆଗରେ।

ମ୍ୟାଟ୍ରିକ୍ ପଢ଼ା ଭିତରେ ହିନ୍ଦୀ ପରୀକ୍ଷା ଦେବାର ନିଶା ମୋର ଥିଲା। ମୋର ପୂଜ୍ୟ ଶିକ୍ଷକ ଶ୍ରୀ ସୁଦାମ ଚରଣ ପାଣିଗ୍ରାହୀଙ୍କ ଘରେ ଉପରଓଳି ହିନ୍ଦୀରେ ଟ୍ୟୁସନ ହେଉଥିଲି। ସେ ମୋତେ ଖୁବ୍ ଶ୍ରଦ୍ଧା କରୁଥିଲେ। ପ୍ରାଥମିକ, ପ୍ରାରମ୍ଭିକ, ପରିଚୟ ହିନ୍ଦୀରେ ପାସ୍ କରିଥିଲି। ଅକ୍ଷର ଭଲ ଥିବାରୁ ସୁଦାମ ସାର୍ ଖୁବ୍ ପ୍ରଶଂସା କରୁଥିଲେ।

## କଲେଜ ଶିକ୍ଷା

ଭଦ୍ରକ ସବ୍‌ଡ଼ିଭିଜନରେ ଆମ ସ୍କୁଲ ଥିଲା ଦ୍ୱିତୀୟ ପୁରାତନ ସ୍କୁଲ। ସ୍କୁଲର ନାଁ ଥିଲା। ଭଲ ଭଲ ଶିକ୍ଷକମାନେ ମଧ୍ୟ ଥିଲେ। କିନ୍ତୁ ସେତେବେଳେ କାଁ ଭାଁ ଜଣେ ପ୍ରଥମ ଶ୍ରେଣୀରେ ପାସ୍ କରୁଥିଲେ। ସେ ଯାହାହେଉ ପ୍ରଥମ ଶ୍ରେଣୀ ନ ହେଲେ ବି ମ୍ୟାଟ୍ରିକରେ ଆମ ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ମୋ ବାପା ମୋତେ କଲେଜରେ ପଢ଼ାଇବା ସପକ୍ଷରେ ଥିଲେ। ଭଦ୍ରକ କଲେଜ ପ୍ରାଇଭେଟ୍ କଲେଜମାନଙ୍କ ମଧ୍ୟରେ ଗୋଟିଏ ପୁରାତନ ଓ ବଡ଼ କଲେଜ ଥିଲା। ରେଭେନ୍ସା କଲେଜରେ ପଢ଼ିବାର ମୋର ସାହସ ନଥିଲା। କଲେଜ ଦୁଆର ମାଡ଼ିବା ଯାଏ ଚପଲ ପିନ୍ଧି ନଥିଲି, କି ମୁହଁରେ ପାଉଡ଼ର ଟିକିଏ ମାରିନଥିଲି। ନିପଟ ମଫସଲି ଝିଅଟିଏ କଟକ ସହରରେ ସହରି ପିଲାମାନଙ୍କ ସହିତ ମିଶି ପାଠ ପଢ଼ିବାକୁ ସାହାସ ବା କେମିତି କରିଥାଆନ୍ତା। ବାପା ଭଦ୍ରକ କଲେଜରେ ଫର୍ମ ପୂରଣ କରି ନାଁ ଲେଖାଇ ଦେଲେ। ମୁଁ କେବଳ ଖାଲି ଜାଣି ଥିଲି ଯେ ସାଇନ୍ସ ପଢୁଛି। କି ବିଷୟ ନେବି ସେ କଥା ଆଗରୁ ଭାବି ନଥିଲି। ବାପା ଫୋର୍ଥ ଅପ୍ସନାଲ ବାୟୋଲୋଜି ରଖି ନାଁ ଲେଖିଦେଇଥିଲେ।

କଲେଜକୁ ବେଡ଼ିଂପତ୍ର ଓ ଟିଣ ବାକ୍ସ ନେଇ ଯିବାର ଅନୁଭୂତି ମୁଁ ଭୁଲି ପାରିବିନି। ଆମ ଘରୁ କଲେଜ ପ୍ରାୟ ୨୫ କି.ମି. ଦୂର। ବର୍ଷାଦିନେ ବାସୁଦେବପୁରରୁ ଆସୁଥିବା ବସ ଆମ ପାଖ ଗାଁ ଏଡ଼ତାଳ ଦେଇ ଯାଏନି। ଇଚ୍ଛାପୁର ଠାରୁ ପିଚୁ ରାସ୍ତା। ଚାନ୍ଦବାଲିରୁ ଆସୁଥିବା ବସ୍ ଇଚ୍ଛାପୁର ଦେଇ ଭଦ୍ରକ ଯାଏ। ଆମ ଅଞ୍ଚଳର ଲୋକମାନେ ଇଚ୍ଛାପୁର ପର୍ଯ୍ୟନ୍ତ ଚାଲିଚାଲି ଯାଇ ଚାନ୍ଦବାଲି ବସ୍‌ଯୋଗେ ଭଦ୍ରକ ଯାଆନ୍ତି।

କଲେଜ ଯିବା ଦିନ ଶଗଡ଼ ଗାଡ଼ିଟିଏ ଠିକ୍ ହେଲା। ବାକ୍ସ ଓ ବେଡ଼ିଂ ଧରି ଶଗଡ଼ରେ ବସି ଗାଁରୁ ଗଲି ଭଦ୍ରକ କଲେଜ ଯାଏ। ହଷ୍ଟେଲ କେଉଁପଟେ ଜାଣି ନଥିଲି। କେମେଷ୍ଟ୍ରି ଡିପାର୍ଟମେଣ୍ଟ ପାଖରେ ଥିବା ଗ୍ୟାସ ଟାଙ୍କି ପାଖରେ ଆମ ଶଗଡ଼ ପହଞ୍ଚିଲା। ପଚରା ଉଚରା କରି ହଷ୍ଟେଲ ଗେଟ୍ ପାଖରେ ପହଞ୍ଚିଲି। ୧୯୮୯ ମସିହାରେ ଏରୋପ୍ଲେନ୍‌ରେ ଜାପାନ ଯିବା ସମୟରେ ଏକଥା ମୁଁ ବାରମ୍ବାର ଭାବୁଥିଲି। ଘରଛାଡ଼ି ଆସିଥାଏ, ସହରର ଆଦବ କାଇଦା ଜାଣି ନଥିବାରୁ ଡର ଲାଗୁଥାଏ। ସାଙ୍ଗରେ ଥାଆନ୍ତି ମୋର ଶୁଭେଚ୍ଛୁ ଗୌରହରି ଦାଦା। ହଷ୍ଟେଲରେ ରହିଲି। ସାଙ୍ଗରେ ନେଇଥାଏ ହିମାଳୟ ପାଉଡ଼ର ଓ ହଳେ ବାଟା ଚପଲ।

ଭଦ୍ରକ କଲେଜର ପରିବେଶ ମୋତେ ଖୁବ୍ ଭଲ ଲାଗିଲା। ଆମ୍ବ ଗଛରେ ପରିପୂର୍ଣ୍ଣ ଥାଏ କଲେଜ ପରିସର। ସକାଳ ହେଲେ କୋଇଲିର କୁହୁ କୁହୁ ସ୍ୱନ କାନକୁ ସୁମଧୁର ଲାଗୁଥାଏ। କଲେଜକୁ ଲାଗି ବୋହି ଯାଉଥାଏ ସାଳନ୍ଦୀ ନଦୀ। ଧାନ ବିଲ ଘେରା ଗାଁରୁ ଯାଇଥିବାରୁ ଏ ପ୍ରାକୃତିକ ପରିବେଶ ମୋତେ ଖୁବ୍ ଆକୃଷ୍ଟ କଲା। କଲେଜ ପରିସର ଭିତରେ ଖୋଲା ଗ୍ୟାଲେରୀ। ଗ୍ୟାଲେରୀକୁ ଲାଗି ଆମ୍ବଗଛର ଧାଡ଼ି। ହଷ୍ଟେଲରେ ଜିନିଷ ପତ୍ର ରଖିଦେଇ ବାହାରକୁ ଟିକିଏ ଚାହିଁ ଦେବାକୁ ଇଚ୍ଛା ହେଉଥାଏ। ହଷ୍ଟେଲକୁ ଲାଗି ପ୍ରିନ୍‌ସିପାଲଙ୍କ କ୍ୱାଟର, ଅନ୍ୟପଟେ ସୁପରିଟେଣ୍ଡେଣ୍ଟ ସୁସାହିତ୍ୟିକ ଡକ୍ଟର କୃଷ୍ଣଚନ୍ଦ୍ର ବେହେରାଙ୍କ କ୍ୱାଟର। ସୁବିଧା ଅସୁବିଧା ସେମାନଙ୍କୁ ଜଣାଇବା ପାଇଁ ସବୁ ପ୍ରକାର ସୁବିଧା ଥାଏ ସେତେବେଳେ। ପ୍ରିନ୍‌ସିପାଲ ଥାଆନ୍ତି ଶ୍ରୀଯୁକ୍ତ ବଳରାମ ସାହୁ। ଅଳ୍ପଦିନପରେ ଆଉ ଜଣେ ଖୁବ୍ କର୍ମଚଞ୍ଚଳ ପ୍ରିନ୍‌ସିପାଲ ଆସିଲେ। ସେ ହେଉଛନ୍ତି ଡକ୍ଟର ଶ୍ରୀନିବାସ ସାହୁ। ସେ ସକାଳରୁ ରାତି ପର୍ଯ୍ୟନ୍ତ କଲେଜର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଥାଆନ୍ତି। କିଛିଦିନ ପାଇଁ ଶେଷ ଆଡ଼କୁ ଆମ ହଷ୍ଟେଲର ସୁପରିଟେଣ୍ଡେଣ୍ଟ ସେ ହୋଇଥିଲେ। ସେ ଚାକିରିରୁ ଅବସର ନେଇଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦରୁ। ସେହି ପଦବୀରେ ଥିଲାବେଳେ ସେ ମୋ ଡି.ଏସ୍‌ସି. ଡିଗ୍ରୀ ଆୱାର୍ଡ଼ରେ ଅନେକ ସାହାଯ୍ୟ କରିଥିଲେ। ତା'ପରେପରେ ସେ ରୋଟାରୀ ପରିବାରର ମୁଖ୍ୟ ବା ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ହେଲେ। ସଭା ସମିତିରେ ଦେଖା ହେଲେ ଥଟ୍ଟାରେ ପରିଚୟ ଦିଅନ୍ତି 'ତୁମ ହଷ୍ଟେଲ ସୁପରିଟେଣ୍ଡେଣ୍ଟ।'

ଜୀବନର ଏକ ନୂଆ ପାହାଚରେ ପାଦ ଦେଲି । ଅନେକ ଝିଅ ହଷ୍ଟେଲରେ ରହି ଯାଇଥାନ୍ତି । କାହାର ବାପା ବଡ଼ ଅଫିସର ତ କାହାର ଭାଇ ଉଚ୍ଚ ଶିକ୍ଷିତ । ସେମାନଙ୍କର କଥାବାର୍ତ୍ତା ଶୁଣି ମୁଁ ନିଜକୁ ଖୁବ୍ ଛୋଟ ମନେ କରୁଥାଏ । ମୁଁ ଯାଇଥାଏ ଗୋଟିଏ କୃଷକ ପରିବାରରୁ । ପାଠ ପଢ଼ା ବ୍ୟତୀତ ଅନ୍ୟ ହାଇଫାଇ କଥା ମାଲୁମ ନଥାଏ । ମୋ ସାଙ୍ଗ ସରୋଜିନୀ ଆସିଥାଏ ବାରିପଦାରୁ, ମନୋଜ ମଞ୍ଜରୀ ଆସିଥାଏ କେଉଁଝର ସହରରୁ, ସୁକାନ୍ତି ଆସିଥାଏ ନୀଳଗିରିରୁ । ସମସ୍ତେ କଲେଜ ହାୱା ସହିତ ପରିଚିତ ଥିଲେ । ମୋ ଗୋଲାପର ବଡ଼ଭାଇ ଭଦ୍ରକ କଲେଜରେ ଫୋର୍ଥ ଇଅରର ଛାତ୍ର ଥାଆନ୍ତି । ତେଣୁ ଗୋଲାପ ମଧ୍ୟ କଲେଜ କଥା ଜାଣିଥାଏ । ଯାହାହେଉ ନିଜକୁ ସାଙ୍ଗମାନଙ୍କ ସହିତ ମିଶାଇ ଦେଲି । ପୁରା ଓଡ଼ିଆ ମିଡ଼ିୟମରୁ ଯାଇ ଇଂରାଜୀରେ ବିଜ୍ଞାନ ପାଠ ବୁଝିବା ମୋ ପକ୍ଷେ କଷ୍ଟକର ହେଲା । ହାଇସ୍କୁଲର ପ୍ରଫୁଲ୍ଲ ସାର୍ ବାରମ୍ବାର କହି ଥାଆନ୍ତି ଇଂରାଜୀରେ ତାଙ୍କ ପାଖକୁ ଚିଠି ଲେଖିବା ପାଇଁ । ଭୁଲ୍ ଭାଲ୍ ହେବ ଭାବି ଚିଠି ବି ଦେଲିନି । ଦିନେ କଲେଜରେ ମୋତେ ଦେଖାକରି ଗାଳି ଦେଇଥିଲେ ସେ ।

କିଛି ଦିନ ଚାଲିଗଲା ପରେ ଭାବିଲି ମାଥ୍‌ମାଟିକ୍ସ ଛାଡ଼ିଦେବି । କାରଣ ପ୍ରଥମେ ପ୍ରଥମେ ମାଥ୍‌ମାଟିକ୍ସ ମୋତେ କଷ୍ଟଲାଗିଲା । ପ୍ରେରଣା କାହାରିଠାରୁ ପାଉନଥାଏ । ମୋ ପରିବାର ଓ ବନ୍ଧୁବାନ୍ଧବ ବିଶେଷ ଶିକ୍ଷିତ ନଥିଲେ । ଏବେ ଭାବେ ଯଦି ମୁଁ ମାଥ୍‌ମାଟିକ୍ସ ଛାଡ଼ି ଦେଇଥାନ୍ତି ଆଜି ଯେଉଁ ସ୍ଥାନରେ ପହଞ୍ଚିଛି ସେ ସ୍ଥାନରେ ପହଞ୍ଚି ପାରିନଥାନ୍ତି ।

ହଠାତ୍ ଦିନେ କଲେଜ ଭିତରେ ଶ୍ରୀଯୁକ୍ତ ଶ୍ରୀଧର ମହାନ୍ତିଙ୍କ ସହିତ ଭେଟ ହୋଇଗଲା । ସେ ମାଥ୍‌ମାଟିକ୍ସର ଜଣେ ପୁରୁଖା ଅଧ୍ୟାପକ । ସବୁବେଳେ ପାନ ଚୋବାଉ ଥାଆନ୍ତି । ଧୋତି, ସାର୍ଟ ପିନ୍ଧୁ ଥାଆନ୍ତି । ଏକ୍ସଟ୍ରା କ୍ଲାସ ସେ ଲଗାତାର ୩/୪ ଘଣ୍ଟା ନେଇ ପାରନ୍ତି । ଗଣିତ ତାଙ୍କ ମୁହଁରେ ଥାଏ । ଭଦ୍ରକ ଛାଡ଼ିଲା ପରେ ସେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ । ତପ୍ରେ କାନପୁର ଆଇ.ଆଇ.ଟି.ରେ ପ୍ରଫେସର ହେବାର କିଛି ଦିନ ପରେ ଅଳ୍ପ ବୟସରେ ଇହଲୀଳା ତ୍ୟାଗ କରିଥିଲେ । ସେ ଥିଲେ ଜଣେ ଛାତ୍ର ବତ୍ସଳ ଅଧ୍ୟାପକ । ଆମ ଗାଁ ପାଖାପାଖି ପୀରହାଟ ଗ୍ରାମରେ ତାଙ୍କ ଘର । ତେଣୁ ସେ ମୋତେ ଶ୍ରଦ୍ଧା କରୁଥିଲେ । ଦେଖା ହେବାକ୍ଷଣି ପ୍ରଥମ ପ୍ରଶ୍ନ ଥିଲା ''ତୁ କାହିଁକି ମୋ କ୍ଲାସକୁ ଆସୁନୁ ?'' ମାଥ୍‌ମାଟିକ୍ସ ଛାଡ଼ି ଦେଇଛି କହିବାରୁ ସେ ମୋତେ ବୁଝାଇବାକୁ ଆରମ୍ଭ କଲେ । ଆଜିବି ତାଙ୍କର ସେଦିନର କଥା ମୋର ମନେ ଅଛି । ମୋ କ୍ଲାସ

ଆଟେଣ୍ଡ କରିବୁ ତ ୫୦ ପରସେଣ୍ଟ ପାଇବୁ। କ୍ଲାସରୁ କିଛି ଲେଖି ଆଣିବୁ ତ ୬୦ ପରସେଣ୍ଟ ପାଇବୁ। ଥରେ ସେ ଲେଖାକୁ ରିଭିଜନ କରିଦେବୁ ତ ୭୦ ପରସେଣ୍ଟ ପାଇବୁ। କାଲିଠାରୁ କ୍ଲାସ କରିବୁ। ତାଙ୍କ କଥାରେ ମୋର ଖୁବ୍ ଦମ୍ଭ ଆସିଗଲା। ଧୀରେ ଧୀରେ ମାଥ୍‌ମାଟିକ୍ସକୁ ଭଲ ପାଇବାକୁ ଲାଗିଲି। ପ୍ରାଇଭେଟ୍ କଲେଜ ହେଲେ ମଧ୍ୟ ସୁନାମଧେୟ ଅଧ୍ୟାପକମାନେ ପଢ଼ାଉଥାଆନ୍ତି। କେମେଷ୍ଟ୍ରିରେ ହୁସେନ ବାବୁ, ଭେନୁଗୋପାଳନ୍ ବାବୁ, ଫିଜିକ୍ସରେ ଭାସବଲିଙ୍ଗମ୍, କେ.ଟି. ରାଓ, ବୋଟାନୀରେ ଆଶାମୁକୁଳ ମିତ୍ର, ସୁବାସ ମହାପାତ୍ର, ଜୁଲୋଜିରେ ରମେଶ ସାର୍, ଇତ୍ୟାଦି ପୁରୁଖା ଅଧ୍ୟାପକମାନେ ଆମ କ୍ଲାସ ନେଉଥାଆନ୍ତି। ମୋ ଗ୍ରୁପ୍‌ରେ ଥାଏ ଇନ୍ଦୁ , ଯାହାକୁ ସପ୍ତମ ଶ୍ରେଣୀ ବୃତ୍ତି ପରୀକ୍ଷା ଦେବାବେଳେ ଦେଖିଥିଲି। ତା ସହିତ ବନ୍ଧୁତା ବଢ଼ିଗଲା। ସାଳନ୍ଦୀ ନଦୀ ପାରହୋଇ ଅନେକଥର ବାଉଦ୍‌ପୁର ତା ଘରକୁ ଯାଇଛି। ତା' ମା' ମୋତେ ଖୁବ୍ ଶ୍ରଦ୍ଧା କରୁଥିଲେ। ଭଦ୍ରକର ବାସନ୍ତୀ ଦାସ ସହିତ ମୋର ବନ୍ଧୁତା ହୋଇଗଲା। ରାଇରଙ୍ଗପୁରରୁ ଆସିଥିବା ମୀନା ଓରଫ ରାଜଲକ୍ଷ୍ମୀ ସହିତ ମୁଁ ଏତେ ମିଶିଗଲି ଯେ ହଷ୍ଟେଲ ଛାଡ଼ିବାକୁ ଇଚ୍ଛା ହେଉନଥାଏ। ମୋ ଦାଦା ସେତେବେଳେ ଚରମ୍ପା ପାଖରେ ଗୋଟିଏ ସ୍କୁଲରେ ଶିକ୍ଷକତା କରୁଥାଆନ୍ତି। ସବୁ ସପ୍ତାହରେ ସେ ଭିଜିଟିଂ ଆୱାରରେ ଯାଇ ମୋତେ ଦେଖା କରୁଥିଲେ। ତାଙ୍କର ବନ୍ଧୁ ଚରମ୍ପାର ପୁସ୍ତକ ବିକ୍ରେତା କୃଷ୍ଣ ବାବୁ ଓ ବାବାଜୀ ବାବୁ ମୋତେ ଶ୍ରଦ୍ଧା ଓ ସ୍ନେହ କରୁଥାନ୍ତି। ପ୍ରତିଥର ଛୁଟିରେ ଦାଦା ମୋତେ ହଷ୍ଟେଲରୁ ଆଣନ୍ତି ଓ ଛୁଟିପରେ ହଷ୍ଟେଲରେ ଛାଡ଼ନ୍ତି। ମୋତେ ଗଢ଼ିବାରେ ତାଙ୍କର ଆନ୍ତରିକତା ଥିଲା ଅନେକ। ତାଙ୍କୁ ହଷ୍ଟେଲର ସମସ୍ତେ ମୋ ବାପା ବୋଲି ଭାବୁଥିଲେ। ତାଙ୍କ ପାଖରେ ମୁଁ ଚିର ଋଣୀ।

ବାପାଙ୍କଠାରୁ ପ୍ରଥମେ ପୋଷ୍ଟକାର୍ଡ଼ ଚିଠିଟିଏ ପାଇଥିଲି। ଲେଖା ଥିଲା ''ଗାଁ ଲୋକମାନେ କହୁଛନ୍ତି, ବେଲ ପାଚିଲେ କାଉର କି ଲାଭ? ମୁଁ ସେମାନଙ୍କ କଥାକୁ ଭୃକ୍ଷେପ ନକରି ଝିଅ ପରଘରୀ ହେଲେବି ତୋତେ କଲେଜରେ ପଢ଼ାଉଛି। ତୁ ମନଦେଇ ପଢ଼ିବୁ, ଆମର ନାଁ ରଖିବୁ।'' ବାପା ମୋର ଥିଲେ ମହା ହିସାବୀ। ପ୍ରିୟୁନିଭରସିଟିରୁ ଏମ୍.ଏସ୍‌ସି. ପର୍ଯ୍ୟନ୍ତ ମୋ ପଢ଼ା ଖର୍ଚ୍ଚର ହିସାବ ସେ ରଖିଥିଲେ। ମାସକୁ ମୁଁ ନେଉଥିଲି ପଇଁତିରିଶି ଟଙ୍କା। ମାସ ଶେଷରେ ଦାନ୍ତକାଠି ବିଡ଼ା ୧୦ ପଇସାଠାରୁ ଆରମ୍ଭ କରି ମେସ୍ ଡ୍ୟୁଜ୍ ପର୍ଯ୍ୟନ୍ତ ସବୁର ହିସାବ ଲେଖି ବାପାଙ୍କୁ ଜଣାଉଥିଲି। ସେ କହନ୍ତି, ''ଟଙ୍କା ଯେଉଁଥି ପାଇଁ ଖର୍ଚ୍ଚ କର ପଛେ ହିସାବ ରଖିବାଟା ଉଚିତ।''

ପ୍ରଥମ ପ୍ରାକ୍ଟିକାଲ ମୋର ଥାଏ କେମେଷ୍ଟ୍ରିରେ। ଲାବୋରେଟୋରୀ ପାଖରେ ଗ୍ୟାସ ଗନ୍ଧ ଶୁଙ୍ଘିବାର ପ୍ରଥମ ଅଭିଜ୍ଞତା ହେଲା। ବ୍ୟସ୍ତ ଲାଗିବା ସହିତ କୌତୂହଳ ସୃଷ୍ଟି ହେଉଥାଏ। ଲାବୋରେଟୋରୀ ଭିତରେ ଜଣେ ଅଧ୍ୟାପକ ବସିଥିବାର ଦେଖିଲି। ରେଭେନ୍ସା କଲେଜରେ ଏମ୍.ଏସ୍‌ସି. ପଢ଼ି ସେଠାରେ ସେ ଯୋଗ ଦେଇଥାନ୍ତି। ବହୁତ ପାଠ ଜାଣିଲା ଭଳି ମୋତେ ଲାଗିଲା। ମୋତେ ପାଖକୁ ଡାକି ମୋ ବିଷୟରେ ବୁଝାବୁଝି କଲେ। ଏକୁଟିଆ ଏକୁଟିଆ ଲାଗୁଥିବା ମନଟା ଟିକିଏ ଦମ୍ଭ ପାଇଲା। ମୋ ବାପାଙ୍କ ସହିତ ତାଙ୍କର ଦେଖା ହୋଇଥିଲା ଓ ସେ ମୋର ଫଟୋ ଆଟେଷ୍ଟେଡ୍ କରି ଦେଇଥିଲେ ବୋଲି କହିଲେ। ପରେ ଜାଣିଲି ସେ ଆମର ଜଣେ ଦୂର ସମ୍ପର୍କୀୟ। ପରବର୍ତ୍ତୀ ଜୀବନରେ ସେ ମୋର ଜଣେ ଶୁଭେଚ୍ଛୁ ଓ ପଥ ପ୍ରଦର୍ଶକ ହୋଇ ମୋ ଜୀବନକୁ ଗଢ଼ି ଦେଇଥିଲେ। ତାଙ୍କ ଋଣ ମୁଁ ଜୀବନରେ ଶୁଝି ପାରିବିନି। ସେ ହେଉଛନ୍ତି ଆନ୍ତର୍ଜାତିକ ଖ୍ୟାତି ସମ୍ପର୍ଣ୍ଣ ବୈଜ୍ଞାନିକ ଓ ଓଡ଼ିଶାର ପଲିମର ବିଜ୍ଞାନର ଜନକ ପ୍ରଫେସର ଡକ୍ଟର ପଦ୍ମଲୋଚନ ନାୟକ। ତାଙ୍କ ଗୁରୁ ଡକ୍ଟର ମହେନ୍ଦ୍ର କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ ଏମ୍.ଏସ୍‌ସି. ରେଜଲ୍ଟ ବାହାରିବା ପୂର୍ବରୁ ଭଦ୍ରକ କଲେଜରେ ଅଳ୍ପଦିନ ପାଇଁ ସେ ଯୋଗ ଦେଇଥିଲେ। ସେହି ଦିନ ତାଙ୍କ ସହିତ ମୋର ସାକ୍ଷାତ ପରବର୍ତ୍ତୀ ଜୀବନ ପାଇଁ ଏକ ଖିଅର ମୂଳଦୁଆ ପକାଇଥିଲା।

ମ୍ୟାଟ୍ରିକ୍‌ରେ ପ୍ରଥମ ଶ୍ରେଣୀ ନହେଲେ ବି ନମ୍ବର ମନ୍ଦ ନଥିବାରୁ ପ୍ରିୟୁନିଭରସିଟିରେ ସ୍କଲରସିପ୍ ପାଇଲି। ପ୍ରତିମାସ ସ୍କଲସିପ୍ ଟଙ୍କା ଆଣିବାକୁ ଯାଏ କଲେଜ ଅଫିସ୍‌କୁ। ଜଣେ ମୁସଲମାନ୍ କିରାଣି ଟଙ୍କା ଦିଅନ୍ତି। ମୁଁ ସେ ରୁମ୍‌କୁ ପଶିଗଲେ ପ୍ରତିଥର ଶୁଣେ ''କ'ଣ ବାସିଲା ?'' ଏଣେ ତେଣେ ବାସନା ଆସୁଥିବା ଦିଗକୁ ଖୁବ୍ ନାଟକୀୟ ଭାବରେ ଚାହାଁନ୍ତି। ପରେ ଥଟ୍ଟା କରି କହନ୍ତି, ''ଆରେ ସୁବାସିନୀ ଆସିଲା ତ, ତେଣୁ ରୁମ୍‌ଟା ମହକି ଉଠିଲା।'' ତାଙ୍କର ଏ ସ୍ନେହବୋଳା କଥା ମୁଁ ଏ ଯାଏ ଭୁଲିନି।

ସାଙ୍ଗମାନେ ଥିଲେ ସହରୀ। ସମ୍ଭ୍ରାନ୍ତ ଘରର ଝିଅ। ସେମାନଙ୍କର ଶାଢ଼ି ଦେଖି ମୋ ମନ ବେଳେବେଳେ ମରିଯାଉଥାଏ, କାରଣ ଶାଢ଼ି ପ୍ରତି ମୋର ଖୁବ୍ ଆକର୍ଷଣ। ଗହଣା ପ୍ରତି ମୋର ନଜର ନଥାଏ। ଦୁଇ ଚାରି ଖଣ୍ଡ ଶାଢ଼ିରେ ମୋର ପ୍ରିୟୁନିଭର୍‌ସିଟି ସରିଗଲା। ଶାଢ଼ି ଦାମ ଥାଏ ୧୪/୧୫ ଟଙ୍କା। ପ୍ରିୟୁନିଭର୍‌ସିଟି ପଢ଼ାଟା କଞ୍ଚାକଞ୍ଚା ହୋଇ ରହିଗଲା ଭଳି ଲାଗିଲା। ମ୍ୟାଟ୍ରିକରେ ସ୍କୁଲରେ ମୁଁ ଥିଲି ଆଖି ଦୁରୁସିଆ। କିନ୍ତୁ

ପ୍ରିୟୁନିଭର୍‌ସିଟିରେ ସେମିତି କିଛି ଆଗକୁ ଆସି ପାରିଲି ନାହିଁ। ତା'ର କାରଣ ହେଲା କେହି ଗାଇଡ୍ କରିବାକୁ ନଥିଲେ।

ପ୍ରିପ୍ରଫେସନାଲରେ ନିଜକୁ ଟିକିଏ ସଜାଡ଼ି ନେଲି। ବର୍ଷ ଆରମ୍ଭରୁ ପଢ଼ାପ୍ରତି ଧ୍ୟାନ ଦେଲି। ମୋ ଗୋଲାପ ମୋ ସହିତ ପଢୁଥାଏ। ପାଠପ୍ରତି ମୋର ଅନୁରାଗ ଦେଖି ସେ ଆଶ୍ଚର୍ଯ୍ୟ ହେଉଥାଏ। ଜୀବନରେ ସବୁ କ୍ଷେତ୍ରରେ ପ୍ରତିଜ୍ଞାବଦ୍ଧ ହେବା ମୁଁ ସେହିଦିନଠୁଁ ଶିଖିଛି। ପ୍ରତି କାର୍ଯ୍ୟରେ ମନଟାକୁ ପୂରାଇ ଦେଲେ ଅକୃତକାର୍ଯ୍ୟ ହେବାର ସମ୍ଭାବନା କମ୍‌ଥାଏ।

ଭଦ୍ରକ କଲେଜର ଗୋଟିଏ ଆକର୍ଷଣୀୟ କାର୍ଯ୍ୟକ୍ରମ ଥାଏ 'କଲଚରାଲ ଉଇକ' ପାଳନ। ସାତଦିନ ଧରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଭିତରେ ଥାଏ 'ମକ୍ ପାର୍ଲାମେଣ୍ଟ।' ଖୋଲା ଗ୍ୟାଲେରୀରେ ପିଲାମାନେ ଦର୍ଶକ ହୋଇ ବସନ୍ତି। ଶାସକ ଓ ବିରୋଧୀ ଦଳର ମନ୍ତ୍ରୀ, ଏମ୍.ଏଲ୍.ଏ.ମାନେ ଧାଡ଼ି ଧାଡ଼ି ହୋଇ ବସନ୍ତି। ମୋତେ ଗୋଟିଏ ରୋଲ୍ ମିଳିଥିଲା। ଭବିଷ୍ୟତ ଏ ରାସ୍ତାରେ ଯିବା ପାଇଁ ମୋତେ ଦେଇନି, ତଥାପି ସେ ଦିନର ଅନୁଭୂତି ମୋର ଅଭୁଲା। ସେହି ଅଧିବେଶନରେ ଯୁକ୍ତିତର୍କ କରିବାକୁ ଖୁବ୍ ମଜା ଲାଗୁଥାଏ। ଭଦ୍ରକ କଲେଜରେ ଖୋଲା ପ୍ୟାଣ୍ଡେଲ୍‌ରେ ନାଟକ ପରିବେଷଣ ମଧ୍ୟ ଖୁବ୍ ଚମତ୍କାର ଥିଲା।

ପ୍ରିପ୍ରଫେସନାଲ ପରୀକ୍ଷା ଦେଇ ଘରକୁ ଫେରିଲି। ପ୍ରତି ପରୀକ୍ଷାଭଳି ଏଥର ମଧ୍ୟ ରେଜଲ୍ଟ ବାହାରିବା ପୂର୍ବରୁ ଅହେତୁକ ଚିନ୍ତାରେ ଶଯ୍ୟାଶାୟୀ ହୋଇଗଲି। ଏଇଟା ବୋଧହୁଏ ମୋର ଦୁର୍ବଳତା ଥିଲା ସେତେବେଳେ। ରେଜଲ୍ଟ ବାହାରିବା ଦିନ ସନ୍ଧ୍ୟାରେ ଦାଣ୍ଡ ପିଣ୍ଡାରେ ଚୁପ୍‌ଚାପ୍ ଶୋଇଥାଏ। ମନରେ ଅନେକ ପ୍ରଶ୍ନ — ଖରାପ ରେଜଲ୍ଟ ହେଲେ ବାପା କ'ଣ କହିବେ ? ମନଦେଇ ପଢୁନୁ ବୋଲି କହିବାଟା ମୋ ପାଇଁ ଶରବିଦ୍ଧ ଭଳି ଲାଗିବ, ଇତ୍ୟାଦି ଇତ୍ୟାଦି। ଗାଁ ଦାଣ୍ଡ ଅନ୍ଧାର - ମୋର ପ୍ରାଇମେରୀ ଶ୍ରେଣୀର ଶିକ୍ଷକ ଦାମୋଦର ବାରିକ ଥାଆନ୍ତି ପୋଷ୍ଟମାଷ୍ଟର - ପୋଷ୍ଟ ଅଫିସରୁ ଖବର କାଗଜ ଧରି ଆସିଲେ - ମୋ ନାଁ କାଗଜରେ ନାହିଁ ବୋଲି କହିଦେଲେ। ଆକାଶଟା ଯେମିତି ମୋ ମୁଣ୍ଡ ଉପରେ ଛିଡ଼ି ପଡ଼ିଲା। କାରଣ ପାଠ ହିଁ ଥିଲା ମୋର ମାନ। ଲଣ୍ଠନ ଆଣି ଭଲ କରି ଦେଖିଲି। ଦେହ ବରଡ଼ାପତ୍ରଭଳି ଥରୁଥାଏ। ବାପାଙ୍କ ମୁହଁ ମଧ୍ୟ ଶୁଖିଗଲା।

ପ୍ରଥମ ଶ୍ରେଣୀରେ ପ୍ରଥମେ ନ ଦେଖି ଦ୍ୱିତୀୟ ଶ୍ରେଣୀ ଓ ତୃତୀୟ ଶ୍ରେଣୀ ଆଗ ଦେଖିଗଲି। ଦାମ ମାଷ୍ଟ୍ରେ ମଧ୍ୟ ଠିକ୍ ସେମିତି ଏହି ଦୁଇ ଶ୍ରେଣୀ ଦେଖିଥିଲେ। ପ୍ରଥମ ଶ୍ରେଣୀ କଥା ସେ ମୋ ପାଇଁ ଭାବି ନଥିଲେ। ପ୍ରଥମ ଶ୍ରେଣୀ ଉପରେ ଟିକିଏ ଆଖି ପକାଇ ଆଣିଲି। ମୋ ନାଁ ଉପରେ ଆଖି ପଡ଼ିଗଲା। ଏତେ ମ୍ରିୟମାଣ ହୋଇ ପଡ଼ିଥିଲି ଯେ, ଖୁସି ହୋଇ ପାରିଲିନି। ମୋ ନାଁଟା ଦେଖାଇ ଦେଇ ଚୁପ୍ ହୋଇ ଯାଇଥିଲି ସେଦିନ। ବାପା ଖୁବ୍ ଖୁସି ହୋଇ ଯାଇଥିଲେ। ଝିଅମାନଙ୍କ ଭିତରେ କେବଳ ଶୋଭନିକା ମହାନ୍ତି ଓ ମୁଁ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲୁ। ମୋ ସାଙ୍ଗ ଇନ୍ଦୁ, ମଞ୍ଜୁଷା, ବାସନ୍ତୀ, ସରୋଜିନୀ, ମାଳତୀ, ମନୋଜ ମଞ୍ଜରୀ ଓ ସୁକାନ୍ତି, ମୋ ଗୋଲାପ ଇତ୍ୟାଦି ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଥାନ୍ତି। ସେ ସନ୍ଧ୍ୟାର ଅନୁଭୂତି ମୋର ଚିର ଅପାସୋରା।

ପ୍ରିପ୍ରଫେସନାଲ ପରେ ପ୍ରତ୍ୟେକ ବାଛି ନିଅନ୍ତି ନିଜ ନିଜର କ୍ୟାରିୟର। ସେତେବେଳେ ଏସବୁ ପାଇଁ ମୋର ନଥିଲା ଧ୍ୟାନ। କ'ଣ ପଢ଼ିଲେ କ'ଣ ହେବି ଏ ଧାରଣା ମୋର ନଥିଲା। ମୁଁ ନ ଭାବିଲେ ମଧ୍ୟ କେହି ଜଣେ ମୋ ପାଇଁ ଭାବୁଥିଲା ବୋଲି ମୁଁ ଆଜି ଉପଲବ୍ଧି କରୁଛି। ଯାହା ମଣିଷ ଜୀବନରେ ନିର୍ଦ୍ଧିଷ୍ଟ ହୋଇଥାଏ ତାହାହିଁ ହୁଏ। ଆମେ ମଣିଷ କିଛି ବଦଳାଇ ପାରିବା ନାହିଁ। କଟକ ମେଡ଼ିକାଲରୁ ଚିଠି ପାଇଲି ମୁଁ ସିଲେକ୍ଟ ହୋଇଛି। ରେଭେନ୍ସାରେ ପଢ଼ିବା ପାଇଁ ସିଟ୍ ପାଇଲି। ସାହାସ ହେଲାନି କଟକରେ ପଢ଼ିବା ପାଇଁ। ପ୍ରଥମ ଡର ଥାଏ କଟକ ସହରରେ ଚଳିବା ମୋ ପାଇଁ କଷ୍ଟକର ହୋଇପଡ଼ିବ। ବାଟଘାଟ ପାଇବିନି। ମୋ ବାପା ଦାଦା ସେଠାରେ ମୋ ଚଳିବାର ସୁବନ୍ଦୋବସ୍ତ କରିପାରିବେନି। ତଥାପି ବାପା ଦିନେ ଈଷତ୍ ରାଗି ଯାଇ କହିଥିଲେ, ''ସେହି ଆମ୍ବଗଛ ମୂଳରେ ରହି ପଢ଼ିବା ତା'ର ଇଚ୍ଛା।'' ସେ ଯାହାହେଉ ବାପା ଭଦ୍ରକରେ ନାଁ ଲେଖାଇ ଦେଲେ ବି.ଏସ୍‌ସି.ରେ। ପ୍ରଥମେ ତ ମାଥ୍‌ମାଟିକ୍ସ ଛାଡୁଥିଲି। ତାହା ହୋଇଥିଲେ ମୁଁ ଫିଜିକ୍ସ, କେମେଷ୍ଟ୍ରି ଓ ମାଥ୍‌ମାଟିକ୍ସ ନେଇ ପଢ଼ି ପାରିନଥାନ୍ତି। କେମେଷ୍ଟ୍ରି, ବୋଟାନୀ, ଯୁଲୋଜି ନେଇ ପଢ଼ିଥାନ୍ତି। ସବୁ ତ ସେହି ଈଶ୍ୱରଙ୍କ ନିର୍ଦ୍ଦେଶ। କେମେଷ୍ଟ୍ରି ଟିକିଏ କଷ୍ଟ ଲାଗୁଥାଏ, କାରଣ ଏହାର କିଛି ଅଂଶ ଖୁବ୍ ଶୀଘ୍ର ଭୁଲି ହୋଇଯାଏ। ମନେ ମନେ ଭାବୁଥାଏ କେଉଁ କମ୍ବିନେସନ ନେଲେ କେମେଷ୍ଟ୍ରି ଛାଡ଼ି ହେବ। ଶେଷରେ କେମେଷ୍ଟ୍ରି ଅନର୍ସ ନେଇ ପଢ଼ିବାକୁ ପଡ଼ିଲା। ଏହାଥିଲା ମୋ ପାଇଁ ପୂର୍ବ ନିର୍ଦ୍ଧିଷ୍ଟ ବିଷୟ। ଆସ୍ତେ ଆସ୍ତେ କେମେଷ୍ଟ୍ରି ଭଲ ଲାଗିଲା।

ପ୍ରଥମ ବର୍ଷ ଅନର୍ସ ପଢ଼ିବା ବେଳେ ମୋର ଏକ ଅନୁଭୂତି ରହିଛି। ମୁଁ ଅନର୍ସ କ୍ଲାସ ପାଖରେ ଛିଡ଼ା ହୋଇଥିବାବେଳେ ପ୍ରିୟୁନିଭର୍ସିଟି କ୍ଲାସରେ ପଢୁଥିବା ପିଲାଟିଏ ମୋ ସହିତ କଥାବାର୍ତ୍ତା କରିବାକୁ ଚାହୁଁଥିଲା। ମୋତେ ବଡ଼ ଭଉଣୀ କରିବାର ଇଚ୍ଛା ତାର ଥିଲା। ସାହାସ ହେଉ ନଥିବାରୁ ମୋ ସହିତ କଥା ହୋଇ ପାରୁ ନଥିଲା। ଦିନେ ଟ୍ରେନରେ ଗୋଟିଏ କମ୍ପାଟମେଣ୍ଟରେ ଦୁଇଜଣ ଯାତ୍ରା କରୁଥିଲୁ। ସେ ଇଚ୍ଛା କଲେ ମଧ୍ୟ ଡରରେ ମୋ ସହିତ କଥାବାର୍ତ୍ତା କରିପାରିନଥିବା କଥା ଚିଠିରେ ଲେଖି ଜଣାଇଥିଲା। କିଏ ସେ ପିଲା, ଯିଏ ମୋତେ ବଡ଼ ଭଉଣୀର ସ୍ଥାନ ଦେଉଛି, ମୋତେ ଦେଖୁଛି ଅଥଚ ମୁଁ ତାକୁ ଚିହ୍ନି ପାରୁନି ଏକଥା ମୁଁ ବହୁତଥର ଭାବିଛି। ପିଲାଟିର ନାଁ ଥିଲା ଶ୍ରୀମନ୍ତ ରାଉତରାୟ। ପୃଥିବୀଟା କେଡ଼େ ଛୋଟ। ମୋ ବିବାହ ପରେ ଜାଣିଲି ସେ ମୋ ସ୍ୱାମୀଙ୍କର ବନ୍ଧୁ ପ୍ରଫେସର ବିରଞ୍ଚି ନାରାୟଣ ପୁହାଣଙ୍କ ସଢୁ। ମୋ ଆମେରିକା ରହଣି ସମୟରେ ଚେରିସ୍‌ରେ ତା'ର ଆତିଥ୍ୟ ଗ୍ରହଣ କରିଥିଲି ଓ ଦୀର୍ଘ ଅତୀତରେ ଖୋଜୁଥିବା ମୁହଁଟିକୁ ଆମେରିକାରେ ଆବିଷ୍କାର କରିଥିଲି।

ସେହି ବର୍ଷ ମୋର ଶୁଭେଚ୍ଛୁ ପୂଜ୍ୟା ଅଳକା ବାନାର୍ଜୀ ରେଭେନ୍ସାରୁ କେମେଷ୍ଟ୍ରିରେ ଏମ୍.ଏସ୍‌ସି. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରି ଭଦ୍ରକରେ ଯୋଗ ଦେଇଥିଲେ। ତାଙ୍କ ଯୋଗଦାନରେ କଲେଜରେ ଯେମିତି ବିଜୁଳି ଖେଳି ଯାଇଥିଲା। ରୂପରେ ଝଲକ ଥିଲା ତାଙ୍କର, ତାଙ୍କ ଚାଲି ଚଳନରେ ସ୍ମାର୍ଟନେସ୍ ତଥା ପାଠ ପଢ଼ାଇବାର ଚାତୁରୀ ଏବଂ ଗଭୀର ଜ୍ଞାନ ପାଇଁ ଅଳ୍ପଦିନରେ ସେ ସମସ୍ତଙ୍କ ପାଖରେ ସୁପରିଚିତା ହୋଇଯାଇଥିଲେ। ଡକ୍ଟର ମହେନ୍ଦ୍ର କୁମାର ରାଉତଙ୍କଠାରୁ ସେ ପଢ଼ାର ଟ୍ରେନିଂ ପାଇଥିଲେ। ତାଙ୍କ ଢାଞ୍ଚାରେ ସେ ପ୍ରତି ଚାପ୍ଟର ପଢ଼ାଇଲାପରେ ପରୀକ୍ଷା କଲେ। କେମେଷ୍ଟ୍ରିରେ ସେତେବେଳେ ଥାଆନ୍ତି ରବିନ୍ଦ୍ର ନାଥ ନାୟକ, ପ୍ରକାଶ ଚନ୍ଦ୍ର ପାତ୍ର, ଗୌରାଙ୍ଗ ଚନ୍ଦ୍ର ପାତ୍ର, ଧନେଶ୍ୱର ରାଓ, ଭେନୁଗୋପାଳନ୍ ସାର୍, ହୋସେନ୍ ସାର୍ ଇତ୍ୟାଦି। ଏମାନଙ୍କ ପଢ଼ାର ଶୈଳୀଠାରୁ ଅଳକା ଦିଦିଙ୍କର ପଢ଼ାର ଶୈଳୀ ଥିଲା ଭିନ୍ନ। ସେ ଅରଗାନିକ୍ ପଢ଼ାଉ ଥାଆନ୍ତି। ପ୍ରଥମେ ସେ ପରୀକ୍ଷା କରିଥିଲେ ଏସିଟୋଏସେଟିକ୍ ଇଷ୍ଟର ଉପରେ। ୨୦ରୁ ୨୦ ନମ୍ବର ମୁଁ ପାଇଥିଲି। ଏହି ନମ୍ବର ମୋତେ ତାଙ୍କ ନିକଟ କରାଇଥିଲା। ତାଙ୍କ ପ୍ରତିଭା ପାଖରେ ଛାତ୍ରମାନଙ୍କ ମୁଣ୍ଡ ନଇଁ ଯାଉଥିଲା। ମୋଭଳି ମଫସଲି ଝିଅଟିଏ କେମିତି ବା ତାଙ୍କ ନିକଟ ହେବାକୁ ସ୍ୱପ୍ନ ଦେଖିଥାନ୍ତା। ଅଳକା ଦିଦି ପ୍ରଥମ ପରୀକ୍ଷାଠାରୁ

ମୋତେ ଭଲ ପାଇବାକୁ ଆରମ୍ଭ କଲେ। ଆମ ହଷ୍ଟେଲରେ ଗୋଟିଏ ସିଙ୍ଗିଲ୍ ରୁମ୍‌ରେ ରହୁଥାଆନ୍ତି ସେ। ମୋତେ ତାଙ୍କ ରୁମ୍‌କୁ ଡାକନ୍ତି। ମୋ ପଢ଼ାପଢ଼ି ଦେଖନ୍ତି। ମୁଁ ଏତେ ପାଖ ହୋଇଗଲି ଯେ, ମୋତେ ସାଙ୍ଗରେ ନେଇ ଚରମ୍ପା ସିନେମା ହଲ୍‌ରେ ସିନେମା ଦେଖାନ୍ତି। ଅଳକା ଦିଦି ଆଜି ନାହାନ୍ତି। ସେ ବିବାହ କରିଥିଲେ ଶ୍ରୀଯୁକ୍ତ ଅଜିତ୍ କୁମାର ରାଓଙ୍କୁ। ସେ ଥାଆନ୍ତି ଷ୍ଟେଟ ବ୍ୟାଙ୍କର ଅଫିସର୍। ବିବାହ ପରେ  ଅଳକା ଦିଦିଙ୍କ ନାଁ ହୋଇଥିଲା ବି. ଭି. ଅଳକା। ପରବର୍ତ୍ତୀ ସମୟରେ ମୁଁ ତାଙ୍କ ସହକର୍ମୀ ହୋଇଥିଲି। ତାଙ୍କ ସ୍ୱାମୀ ମୋର ସମ୍ମାନୀୟ ଭାଇନା। ଆଜି ବି ମୁଁ ତାଙ୍କର ଗେହ୍ଲା ଭଉଣୀ। କେଉଁ ଜନ୍ମରେ ମୁଁ ତାଙ୍କର ରକ୍ତ ସମ୍ପର୍କର ଥିଲି ବୋଲି ସେ ଅନୁଭବ କରନ୍ତି। ଏହା ମୋ ପାଇଁ ଗର୍ବର  ବିଷୟ।

ମଣିଷର ଜୀବନ ଚକ୍ର ଘୂରି ବୁଲୁଛି। ଆଜି ଗୋଟିଏ ଘଟଣାକୁ ମନେ ପକାଇଲେ ଏହି ଉକ୍ତିଟି ସତ୍ୟ ବୋଲି ପ୍ରମାଣିତ ହୁଏ। ସେଦିନର ସନ୍ଧ୍ୟା ମୋ ଜୀବନର ପଥକୁ କେତେ ସାବଲୀଳ କରି ଦେଇଥିଲା ଏବେ ଭାବିଲେ ମୋ ଦେହରେ ଏକ ଶିହରଣ ଖେଳି ଯାଏ। ସେହି ସନ୍ଧ୍ୟାରେ ଅଳକା ଦିଦିଙ୍କର ରେଭେନ୍ସା କଲେଜର ଅଧ୍ୟାପକ ଓ ତାଙ୍କର ଏମ୍.ଏସ୍‌ସି. ଥେସିସ୍‌ର ତତ୍ତ୍ୱାଧାରକ ଡକ୍ଟର ପଦ୍ମଲୋଚନ ନାୟକ ତାଙ୍କୁ ଦେଖା କରିବାକୁ ହଷ୍ଟେଲ ଯାଇଥିଲେ। ବାରଣ୍ଡାରେ ବସି ଗପସପ ଭିତରେ ମୋ କଥା ଅଳକା ଦିଦି ଡକ୍ଟର ନାୟକଙ୍କୁ କହିଲେ। ଅଳ୍ପଦିନ ଭିତରେ ସେ ଭଦ୍ରକ ଛାଡ଼ିବାର ଥାଏ। ମୋ ଭଲ ପଢ଼ା ଦର୍ଶାଇ ମୋତେ ରେଭେନ୍ସା ନେଇ ଯିବାକୁ ସେ ତାଙ୍କୁ ଅନୁରୋଧ କଲା ପରେ ମୋତେ ହଷ୍ଟେଲରୁ ଡକାଇ ପଠାଇଲେ। ମୁଁ ସେ ଝାପସା ଝାପସା ଆଲୁଅ ଭିତରେ ପ୍ରିୟୁନିଭର୍‌ସିଟି ପ୍ରଥମ କେମେଷ୍ଟ୍ରି ପ୍ରାକ୍ଟିକାଲ କ୍ଲାସରେ ଦେଖିଥିବା ଅଧ୍ୟାପକଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲି। ତା'ପରେ ମୁଁ ସବୁ ଭୁଲିଗଲି। କଲେଜରେ Summer Vacation ହେଲା। ଘରେ କିଛିଦିନ ରହିଲା ପରେ ଚିଠି ଖଣ୍ଡେ ପାଇଲି ଡକ୍ଟର ନାୟକଙ୍କଠାରୁ। ସେ ମୋ ପାଇଁ ରେଭେନ୍ସାରେ ବି.ଏସ୍‌ସି. ଫାଇନାଲ ଇଅର କ୍ଲାସରେ ସିଟ୍‌ଟିଏ କରି ଦେଇଛନ୍ତି ବୋଲି ଲେଖିଥିଲେ। ମୋ ମାମୁଁ ନିତ୍ୟାନନ୍ଦ ନାୟକ ଥାଆନ୍ତି ଜଗତସିଂହପୁର ଏସ୍.ଭି.ଏମ୍. କଲେଜରେ ଇଂରାଜୀ ଅଧ୍ୟାପକ। ଅଧିକାଂଶ ଛୁଟିରେ ଦାଦାଙ୍କ ସହିତ ମୁଁ ଯାଉଥିଲି ତାଙ୍କ ଗାଁ ଚିରୋଳକୁ। ସେ ମଧ୍ୟ ଥରେଥରେ ଆମଘରକୁ ଆସୁଥିଲେ। ତାସ୍‌ଖେଳ ଆମର ବେଶ୍ ଜମୁଥିଲା। କଥାରେକଥାରେ କବିତା ତାଙ୍କର ଝରିପଡ଼େ। ପ୍ରତ୍ୟେକ କଥାରେ

ଥାଏ ଜୀବନକୁ ଭଲ ପାଇବାର ମୂର୍ଚ୍ଛନା। ଘଣ୍ଟା ଘଣ୍ଟା ଧରି ତାଙ୍କ କଥା ଶୁଣିବାକୁ ମୋତେ ଭଲ ଲାଗୁଥିଲା। କବିତା ଲେଖିବା ମୁଁ ଶିଖିଥିଲି ତାଙ୍କଠାରୁ। ତାଙ୍କ ବନ୍ଧୁ ବାନ୍ଧବଙ୍କ ଭିତରେ ମୁଁ ବୋଧହୁଏ ଏକମାତ୍ର ସେତବେଳର ଉଚ୍ଚ ଶିକ୍ଷିତା ଥିଲି। ତେଣୁ ସେ ମୋତେ ଶ୍ରଦ୍ଧା କରୁଥିଲେ। କେତେଥର ମୋ ଦାଦାଙ୍କ ସହିତ ଜଗତସିଂହପୁର ଯାଇଛି। ଜଗତସିଂହପୁରରେ ଛେନାପୋଡ଼ ଖାଇବା ମୁଁ ଭୁଲିନି। କଟକରେ ସେ ମୋତେ ବୁଲେଇଛନ୍ତି। ତେଣୁ ଭଦ୍ରକରୁ ଆସି କଟକରେ ପଢ଼ିବାର ଡର ମୋର କମି ଯାଇଥିଲା। ମାମୁଙ୍କ ସାହାଯ୍ୟରେ ମୁଁ ରେଭେନ୍ସା କଲେଜରେ ନାଁ ଲେଖାଇଲି। ସିଟ୍ ଖଣ୍ଡିଏ ପାଇଁ ଡକ୍ଟର ନାୟକ ସେତେବେଳର ପ୍ରିନ୍ସପାଲ ଡକ୍ଟର ବଂଶୀଧର ସାମନ୍ତରାୟଙ୍କୁ ବହୁତ ଅନୁରୋଧ କରିଥିଲେ। ରେଭେନ୍ସାରେ ପାଦ ପକାଇବାର ସୌଭାଗ୍ୟ ମୁଁ ପାଇଲି ଡକ୍ଟର ନାୟକଙ୍କ ପାଇଁ। ଏହାପରେ ମୋର ସବୁ କିଛି ବଦଳିଗଲା। ଏଥିପାଇଁ ଡକ୍ଟର ନାୟକଙ୍କ ପାଖରେ ମୁଁ ଚିରକୃତଜ୍ଞ।

ଲେଡ଼ିଜ୍ ହଷ୍ଟେଲରେ ସିଟ୍ ନଥାଏ। ମେଡ଼ିକାଲ କଲେଜ ଲେଡ଼ିଜ୍ ହଷ୍ଟେଲରେ ଭଦ୍ରକ କଲେଜର ଛାତ୍ରୀ କୁମୁଦିନୀ ମହାରଣା ଓ ଆରତୀ ବେହେରା ରହୁଥାଆନ୍ତି। ସେମାନଙ୍କ ସହିତ ମୋର ଅଳ୍ପ ପରିଚୟ ଥାଏ। ସେମାନେ ମୋତେ ଗେଷ୍ଟ କରି ରଖିଲେ। ମେଡ଼ିକାଲରୁ ରିକ୍ସାରେ ଯାଇ ରେଭେନ୍ସା କଲେଜ ଅଫିସ ଆଗରେ ବାଟ ଭୁଲିଗଲି କେମେଷ୍ଟ୍ରି ଡିପାର୍ଟମେଣ୍ଟକୁ ଯିବା ପାଇଁ। ଜାପାନରେ ଏକାଏକା ରାସ୍ତାରେ ମୋ ଗବେଷଣା କ୍ଷେତ୍ରକୁ ଯିବା ସମୟରେ ଏକଥା ବାରମ୍ବାର ମୋର ମନେ ପଡୁଥିଲା। ଅଳ୍ପଦିନ ପରେ ଡକ୍ଟର ନାୟକଙ୍କ ପ୍ରଚେଷ୍ଟାରେ ହଷ୍ଟେଲରେ ସିଟ୍‌ଟିଏ ମିଳିଗଲା।

ଲେଡ଼ିଜ୍ ହଷ୍ଟେଲରେ ରହିବାର ପ୍ରାୟ ଗୋଟିଏ ସପ୍ତାହ ଭିତରେ ମୋ ସମ୍ପର୍କୀୟ ବଡ଼ ଭଉଣୀର ପୁଅ ସଂଗ୍ରାମ ମହାପାତ୍ର ମୋତେ ଦେଖା କରିବାକୁ ହଷ୍ଟେଲ ଯାଇଥିଲା। ସେତେବେଳେ ହଷ୍ଟେଲର ନିୟମାବଳୀ ଥିଲା ଖୁବ୍ କଡ଼ା। ଭିଜିଟିଂ ଆୱାରପରେ ଦେଖା କରିବାକୁ ମନା ଥାଏ। ଅସମୟରେ ଭାଇକୁ ଦେଖା କରିବା ପାଇଁ ସୁପରିଟେଣ୍ଡେଣ୍ଟ ମିସେସ୍ ଉପାଧ୍ୟାୟଙ୍କୁ ଦେଖାକରି ଅନୁମତି ନେବାକୁ ତାଙ୍କ କ୍ୱାଟରକୁ ଗଲି। ଭୀଷଣ ରାଗିଯାଇ ସେ କହିଥିଲେ, ''ଅଭଦ୍ର ଲଡ଼କି, ମୁଁ ସବୁକାମ ସାରି ଶୋଇବାକୁ ଯାଉଥିଲି, ତୁମେ ଡିଷ୍ଟର୍ବ କଲ।'' ଆଖିରୁ ଝର ଝର ଲୁହ ମୋର ବହି ଯାଇଥିଲା ସେଦିନ। ପରବର୍ତ୍ତୀ ଜୀବନରେ ମୁଁ ସେହି ହଷ୍ଟେଲର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ହେବାର ସୁଯୋଗ

ପାଇଥିଲି। ଟିକିଏଟିକିଏ କଥାରେ ଘରଛାଡ଼ି ଆସିଥିବା ପିଲାଙ୍କର କିପ୍ରକାର ପ୍ରତିକ୍ରିୟା ହୁଏ ମୁଁ ବୁଝି ପାରୁଥିଲି।

ଅନର୍ସ ପଢ଼ିଲାବେଳେ ନିରୁ ବୋଲି ମୋର ଜୁନିଅର ଝିଅଟିଏ ରୁମ୍‌ମେଟ ଥିଲା। ତା'ର ଶ୍ରଦ୍ଧା ଓ ସମ୍ମାନ ମୁଁ ଆଜିଯାଏ ଭୁଲିନି। ଡାଇନିଂ ହଲ୍‌କୁ ଯାଇ ମୋତେ ଖାଇବାକୁ ପଡୁ ନଥିଲା। ନିରୁ ମୋ ପାଇଁ ସ୍ୱଇଚ୍ଛାରେ ଖାଇବା ଆଣି ରୁମ୍‌ରେ ଦେଉଥିଲା। ଦିନେ ଦୁଇଦିନ ସେ ହଷ୍ଟେଲରୁ ଚାଲିଗଲେ ମୁଁ ତା'ର ଅନୁପସ୍ଥିତି ସହି ପାରୁନଥିଲି। ହଷ୍ଟେଲରେ ରୋଷେଇ ଦାୟିତ୍ୱରେ ଥିବା ନାନୀ ଓ ମେଟ୍ରୋନ୍ ମାଉସୀଙ୍କର ମୁଁ ଥିଲି ଖୁବ୍ ଗେହ୍ଲା। କାହିଁକି ସେମାନେ ଭଲ ପାଉଥିଲେ ମୁଁ ଜାଣେନି।

ସନ୍ଧ୍ୟା ସମୟରେ ପ୍ରାର୍ଥନା ହେଉଥିଲା ଗୋଟିଏ ବଡ଼ ହଲ୍‌ରେ। ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ୍ ଥାଆନ୍ତି ମିସ୍ ଭବାନୀ ରାଉତ। ଚିଠିଗୁଡ଼ିକ ପଢ଼ି ସାରିଲା ପରେ ପ୍ରାର୍ଥନା ପରେ ହଷ୍ଟେଲର ପ୍ରିଫେକ୍ଟ ଆମକୁ ବାଣ୍ଟୁଥିଲେ। ଏ ସବୁ କଡ଼ା ନିୟମ କାନୁନ ଆଜି ଦୁର୍ଲଭ। ଝିଅ ସଂଖ୍ୟା ବଢ଼ିବାରୁ ସେ ହଲ୍ ଏବେ ଡରମିଟାରୀ ହୋଇଛି ପିଲାମାନଙ୍କ ରହିବା ପାଇଁ। ହଷ୍ଟେଲ ଭିତରେ ଥିଲା ଗୋଟିଏ ବିରାଟ ବଗିଚା। ଡାଲିଆ, ଜିନିଆ, ଗେଣ୍ଡୁ ଇତ୍ୟାଦିରେ ସେ ବଗିଚା ଭରପୂର କରି ଦେଉଥିଲା ମାଳି କୁଳମଣି। ହଷ୍ଟେଲର ବାର୍ଷିକୋତ୍ସବ ଏହି ବଗିଚା ଭିତରେ ପାଳିତ ହେଉଥିଲା। ହାତୀବାବୁ ଥିଲେ ହଷ୍ଟେଲ କ୍ଲର୍କ। ପଇସାପତ୍ର ମାରି ଖାଇବାର ଗନ୍ଧ ବି ନ ଥିଲା। ଦୁଇ ଓଳି ମିଲ୍ ସହିତ ଉପରଓଳି ଘିଅରେ ଚୁଡ଼ା ଛଣା ଇତ୍ୟାଦି ହାଲକା ଜଳଖିଆ ମିଳୁଥିଲା। ସିନିୟରମାନଙ୍କ ପ୍ରତି ଆମର ଖୁବ୍ ସମ୍ମାନ ଥିଲା। 6th ଇଅରରେ ମାଥ୍‌ମାଟିକ୍ସ ପଢୁଥିବା ଇନ୍ଦୁଲତା କର ମହାପାତ୍ର ମୋ ରୁମ୍ ମେଟ୍ ଥିଲେ। ବେଶ୍ ଜଗି ରଖି ତାଙ୍କ ସହିତ କଥାବାର୍ତ୍ତା ହେଉଥିଲି। ଷ୍ଟଡ଼ି ଆୱାରରେ ପଢ଼ାପଢ଼ିରେ ସମସ୍ତେ କଟାଉଥିଲୁ। ସୁପରିଟେଣ୍ଡେଣ୍ଟ୍ ଷ୍ଟଡ଼ି ଆୱାରରେ ରୁମ୍ ଚେକ୍ କରୁଥିଲେ।

କଲେଜରେ ମୋ କ୍ଲାସମେଟ୍ ଥିଲେ ମିଲା ଗୁପ୍ତ, କସ୍ତୁରୀ ପରିଜା, ଅଳକା ପଟ୍ଟନାୟକ, ନିବେଦିତା ମଲ୍ଲିକ, ନୃସିଂହ ଖଣ୍ଡୁଆଳ, ଦିଗମ୍ବର ଶତପଥୀ, ଅଶୋକ ପଟ୍ଟନାୟକ ଇତ୍ୟାଦି। ମିଲା ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସାଙ୍ଗମାନଙ୍କ ମଧ୍ୟରେ ବେଶ୍ ବନ୍ଧୁତା ଥିଲା। ମୁଁ ପୁଅମାନଙ୍କ ସହିତ ବେଶୀ

ମିଶି ପାରୁ ନ ଥିଲି । ବେଳେବେଳେ ମୋ ଶାଢ଼ି ପିନ୍ଧା ଉପରେ ଭଲ କମେଣ୍ଟ ଶୁଣୁଥିଲି ପୁଅମାନଙ୍କଠାରୁ ।

ଡକ୍ଟର ମହେନ୍ଦ୍ର କୁମାର ରାଉତ ଥାଆନ୍ତି ବିଭାଗୀୟ ମୁଖ୍ୟ ଏବଂ ଡକ୍ଟର ଗୋକୁଳାନନ୍ଦ ମହାପାତ୍ର ଥାଆନ୍ତି ଅନ୍ୟତମ ପ୍ରଫେସର । ଡକ୍ଟର ରାଉତ ଆମ ଅରଗାନିକ୍ ଥିଓରି କ୍ଲାସ ନେଉଥିଲେ । ଥରେ ଥରେ ପ୍ରାକ୍ଟିକାଲ କ୍ଲାସରେ ସବୁ ଟେଷ୍ଟର ମୁଖସ୍ତ ଆମ ପାଖରୁ ନେଉଥିଲେ । ପ୍ରତି କ୍ଲାସରେ ପୂର୍ବ କ୍ଲାସରେ ପଢ଼ାଇଥିବା ପାଠର ପ୍ରଶ୍ନୋତ୍ତର ସେ କରାଉଥିଲେ । ତେଣୁ ଆମେ ଥିଓରି ଓ ପ୍ରାକ୍ଟିକାଲ କ୍ଲାସ ପାଇଁ ପ୍ରସ୍ତୁତ ହୋଇ ଯାଉଥିଲୁ । ଅନ୍ୟ ପ୍ରବୀଣ ଅଧ୍ୟାପକ ଯଥା ଡକ୍ଟର ଗୋକୁଳାନନ୍ଦ ମହାପାତ୍ର, ଶ୍ରୀ ବିଚିତ୍ରାନନ୍ଦ ନନ୍ଦ, ଶ୍ରୀ ପ୍ରସନ୍ନ କୁମାର ଦାସ, ଡକ୍ଟର ରବିନ୍ଦ୍ର କୁମାର ନନ୍ଦ, ଡକ୍ଟର ରେବତୀ ଚରଣ ଦାସ, ଡକ୍ଟର ଫଣୀଭୂଷଣ ଦାସ, ଡକ୍ଟର ପ୍ରାଣବନ୍ଧୁ ତ୍ରିପାଠୀ, ଡକ୍ଟର ପ୍ରଭାତ କୁମାର ମିଶ୍ର, ଡକ୍ଟର ନିରଞ୍ଜନ ମହାନ୍ତି, ଡକ୍ଟର ପ୍ରଦୀପ୍ତ କୁମାର ଜ୍ୟେଷ୍ଠି, ଡକ୍ଟର ଦୁର୍ଗାଚରଣ ପତି, ଡକ୍ଟର ପଦ୍ମଲୋଚନ ନାୟକ, ଡକ୍ଟର ଗୋପବନ୍ଧୁ ବେହେରା, ଡକ୍ଟର ବାମଦେବ ଦାସ ଇତ୍ୟାଦି ଆମ କ୍ଲାସରେ ପଢ଼ାଉଥିଲେ । ପ୍ରତି କ୍ଲାସରେ ନୋଟ୍ କରି ଆଣି ଫେୟାର କରି ନୋଟ୍ କରି ଦେଉଥିଲି । ତେଣୁ ପରୀକ୍ଷାବେଳେ ପ୍ରସ୍ତୁତି ପାଇଁ ମୋତେ ବେଶୀ ପରିଶ୍ରମ କରିବାକୁ ପଡୁ ନ ଥିଲା । ରାତି ଅନିଦ୍ରା ହୋଇ ପଢ଼ିବା ମୋର ଦରକାର ପଡ଼ି ନ ଥିଲା । ଅଧ୍ୟାପକମାନେ ପ୍ରାକ୍ଟିକାଲ କ୍ଲାସରେ ପିଲାମାନଙ୍କର ଯତ୍ନ ନେଉଥିଲେ । ପ୍ରାଣବନ୍ଧୁ ସାର ବାଇଗଣୀ ରଙ୍ଗ କାଳିରେ ସୁନ୍ଦର ସୁନ୍ଦର ଅକ୍ଷରରେ କରେକ୍ସନ୍ କରିଥିବା ପ୍ରାକ୍ଟିକାଲ ରେକର୍ଡ଼ ଏବେ ବି ମୋ ପାଖରେ ସୁରକ୍ଷିତ । ସେ ସମୟରେ ଗ୍ଲାସ ବ୍ଲୋୟର ପରମା ଓ ମେକାନିକ୍ ଭୀମର ସାହାଯ୍ୟ ମୁଁ ଭୁଲି ନାହିଁ । ବୃନ୍ଦାବନ, ବିଷ୍ଣୁ ଓ ସତ୍ୟବାଦୀ ଲାବୋରେଟୋରୀ ଏଟେଣ୍ଡାଣ୍ଟ ହେଲେ ମଧ୍ୟ ସେମାନେ ମୋର ନମସ୍ୟ ।

ଡକ୍ଟର ନାୟକ ମୋର ପଢ଼ାପଢ଼ି ଏତେଟା ଦେଖି ପାରି ନ ଥିଲେ । କିନ୍ତୁ ତାଙ୍କର ପ୍ରେରଣାରେ ମୁଁ ଆଗେଇ ଚାଲିଥାଏ । ଭଦ୍ରକ କଲେଜରେ ପଢ଼ା ହୋଇ ନ ଥିବା କେତେଟା ବିଷୟ ରେଭେନ୍ସାରେ ପଢ଼ା ହୋଇ ଯାଇଥାଏ । ତେଣୁ ପଢ଼ାପଢ଼ି ମୋତେ କଷ୍ଟ ଲାଗୁଥାଏ । ବାପାଙ୍କର 'ନାଁ ପକାଇବୁ ନାହିଁ' ବାକ୍ୟଟି ମୋ ମନ ଭିତରେ ଦୋହରାଇ ହେଉଥାଏ । ମୁଁ ନିଜେ ନିଜେ ପରିଶ୍ରମ କରି ସବୁକୁ ମେକ୍ଅପ୍ କରିପାରିଥିଲି । ଅନର୍ସ ପରୀକ୍ଷାରେ ରେଜଲ୍ଟ ମଧ୍ୟ ଆଶାନୁରୂପ ହୋଇଥିଲା । ଅନର୍ସ ସହିତ ଡିଷ୍ଟିଂସନ୍

ପାଇଥିଲି। ଶ୍ରୀ ନିକୁଞ୍ଜ ମିଶ୍ରଙ୍କ ଫିଜିକ୍ସ ପଢ଼ା ଖୁବ୍ ଭଲ ଲାଗୁଥିଲା। ଫିଜିକ୍ସରେ ଭଲ ନମ୍ବର ରହିଥିବାରୁ ଡିଷ୍ଟିଂସନ୍ ପାଇଥିଲି। ସେ ମୋର ନମସ୍ୟ। ସେ ଆଜି ଆମ ଗହଣରେ ନାହାନ୍ତି।

ଏମ୍.ଏସ୍‌ସି.ରେ ଆଡ଼ମିସନ୍ ନେଲି। ଏବେ ଆଉ ଡର ନ ଥିଲା। କଟକ ସହର ଓ ରେଭେନ୍ସା କଲେଜର ବାତାବରଣ ସହ ମୁଁ ମିଶି ଯାଇଥିଲି। ହଷ୍ଟେଲ ମଧ୍ୟ ଘର ଭଳି ଲାଗୁଥିଲା। ଆମ ସହିତ ନାଁ ଲେଖାଇଥିଲେ ମୋନିକା ଦେ ଓ ମଞ୍ଜୁଶ୍ରୀ ବିଶ୍ୱାଳ। ମଞ୍ଜୁଶ୍ରୀ ମୋ ସହିତ ଭଦ୍ରକ କଲେଜରେ ପଢୁଥିଲା। ଆମେ 'Sweet' ବୋଲି ଡକାଡକି ହେଉଥିଲୁ। ଏମ୍.ଏସ୍‌ସି. କ୍ଲାସରେ ପ୍ରଶ୍ନର ଉତ୍ତର ଦେଇପାରୁଥିବାରୁ ସବୁ ଅଧ୍ୟାପକମାନଙ୍କର ମୋ ଉପରେ ନଜର ଥିଲା।

ଆଡ଼ମିସନ୍ ନେବାର ଅଳ୍ପଦିନ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ଉତ୍ସବ ହେଲା। ଏହା ଥିଲା ମୋର ରୋମାଞ୍ଚକର ଅନୁଭୂତି। ଧଳା ଶାଢ଼ି ଉପରେ କଳା ଗାଉନ ପିନ୍ଧି ଓ କଳା ଟୋପି ପିନ୍ଧି ମୁଖ୍ୟ ଅତିଥି ଶ୍ରୀଯୁକ୍ତ କରଣ ସିଂହଙ୍କ ହାତରୁ ଡିଗ୍ରୀ ଆଣିଲି। ଗର୍ବରେ ଛାତି କୁଣ୍ଢେ ମୋଟ ହେଉଥାଏ। ବାପାଙ୍କର ଉକ୍ତି 'ବେଲ ପାଚିଲେ କାଉର ଲାଭ' କଥା ଭାବୁଥାଏ। ଷ୍ଟୁଡ଼ିଓ ଯାଇ ଫଟୋ ଉଠାଇଲି। ସେ ଫଟୋ ଦେଖି ମୋ ବାପା ଖୁବ୍ ଖୁସି ହୋଇଥିଲେ। ଏବେ ବି ସେ ଫଟୋ ମୋ କାନ୍ଥରେ ଶୋଭା ପାଉଛି। ଦୁର୍ଭାଗ୍ୟରୁ ଏମ୍.ଏସ୍‌ସି., ପିଏଚ୍.ଡ଼ି. ଓ ଡି.ଏସ୍‌ସି. ଡିଗ୍ରୀ ସମାବର୍ତ୍ତନ ଉତ୍ସବରେ ଆଣିବାର ସୁଯୋଗ ପାଇ ନାହିଁ। କାରଣ ଏ ବର୍ଷଗୁଡ଼ିକରେ ସମାବର୍ତ୍ତନ ଉତ୍ସବ ହୋଇନାହିଁ। ଧଳା ଶାଢ଼ିଟି ମୋ ଜୁନିୟର ରେଣୁବାଳା ମହାନ୍ତିଠାରୁ ଆଣି ପିନ୍ଧିଥିଲି। ଫଟୋରେ ସେ ଶାଢ଼ି ଉପରେ ନଜର ପଡ଼ିଲେ ଅତୀତ ଓ ବର୍ତ୍ତମାନକୁ ମୁଁ ତୁଳନା କରେ। ଏବେ ଶହ ଶହ ଶାଢ଼ି ମୋ ପାଖରେ। ନିଜର ଅଧ୍ୟବସାୟ ସବୁକୁ ବଦଳାଇ ଦିଏ।

6th ଇଅରରେ ଅର୍ଗାନିକ୍ ଥିଲା ମୋ ଥେସିସ୍। ସେତେବେଳେ ମାର୍କ ଅନୁସାରେ କିଛି ପିଲା ଥେସିସ୍ ନେଉଥିଲେ ଓ ଅନ୍ୟ କେତେଜଣ ଥେସିସ୍ ନ ପାଇଲେ ସ୍ପେଶାଲ ପେପର ନେଉଥିଲେ। ସ୍ପେଶାଲ ପେପର ନେବା ପିଲାମାନେ ସ୍ପେଶାଲ ପେପର କ୍ଲାସ ଆଟେଣ୍ଡ କରୁଥିଲେ। ଥେସିସ୍ ନେବା ପିଲାମାନେ ପିଏଚ୍.ଡ଼ି. ପିଲାଙ୍କ ଭଳି ଏକସ୍‌ପେରିମେଣ୍ଟ କରୁଥିଲେ। ପ୍ରତି ପିଲା ଜଣେ ଜଣେ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ

ଗବେଷଣା କରୁଥିଲେ। 6th ଇଅରର ସବୁ ପିଲା ଏକମାତ୍ର ଫିଜିକାଲ ଥିଓରି ପଢୁଥିଲେ। ମୋର ତତ୍ତ୍ୱାବଧାରକ ଥିଲେ ଡକ୍ଟର ରାଉତ। ଡେ ଟୁ ଡେ ସୁପରଭାଇଜର ଥିଲେ ଡକ୍ଟର ନାୟକ। ଅର୍ଗାନିକ କମ୍ପାଉଣ୍ଡରୁ ଡାଇ ତିଆରି କରି ତା'ର ଆବଜରବ୍‌ସନ୍ ମାପିବା ଥାଏ ମୋ ଗବେଷଣା କାର୍ଯ୍ୟ। କୁନିକୁନି କୋନିକାଲ ଫ୍ଲାସ୍କରେ ଡାଇ ତିଆରି କରିବାକୁ ମଜା ଲାଗୁଥାଏ। ଥେସିସ୍ କାମ କରିବା ପାଇଁ ଝିଅମାନଙ୍କୁ ରୁମ୍ ନମ୍ବର ୧୪ ଦିଆଯାଇଥାଏ। ସେହି ରୁମ୍‌ରେ ପିଏଚ୍.ଡ଼ି ଓ ଡି.ଏସ୍‌ସି. କରିବାର ସୁଯୋଗ ମୋତେ ମିଳିଥିଲା ପରବର୍ତ୍ତୀ ସମୟରେ। ୩୫ ଜଣ ଛାତ୍ରଛାତ୍ରୀ ମୋର ସେହି ରୁମ୍‌ରେ ଗବେଷଣା କରି ପିଏଚ୍.ଡ଼ି. ଡିଗ୍ରୀ ପାଇଛନ୍ତି।

ମୋ ଉପର କ୍ଲାସରେ କାଜଲ ମୁଖାର୍ଜୀ, ସୁନୀତି ମିଶ୍ର, କନକ ମିଶ୍ର, ନାରାୟଣୀ ମିଶ୍ର ପଢୁଥାଆନ୍ତି। ମୋ ଠାରୁ ଦୁଇବର୍ଷ ସିନିଅର୍ କସ୍ତୁରୀ ମିଶ୍ର, ରାନୁ ମିଶ୍ର ଓ ଇନାକ୍ଷୀ ଜେନା, ଗୀତାମୟୀ ବେହେରା ମଧ୍ୟ ରେଭେନ୍ସାରେ ପଢୁଥାଆନ୍ତି। ଲାବୋରେଟୋରୀ ଆସିଷ୍ଟାଣ୍ଟ ଥାଇ ମଧ୍ୟ ନିବେଦିତା ମିଶ୍ର ମୋ ଉପର କ୍ଲାସରେ ପଢୁଥାଆନ୍ତି। ମୋ ବାପା ଡକ୍ଟର ନାୟକଙ୍କ ନାମରେ ମନିଅର୍ଡ଼ର କରି ମୋ ପାଇଁ ଟଙ୍କା ପଠାଉଥିଲେ। ମୋ ସିନିଅରମାନେ ହଷ୍ଟେଲରେ ରହୁଥିବାରୁ ସେମାନଙ୍କ ହାତରେ ଡକ୍ଟର ନାୟକ ମୋ ପାଖକୁ ଟଙ୍କା ପଠାଇ ଦେଉଥିଲେ। ସେତେବେଳେ ଗୋପବାବୁ ଓ ଡକ୍ଟର ନାୟକ ଡକ୍ଟର ରାଉତଙ୍କର ଖୁବ୍ ପ୍ରିୟ ଥିଲେ। ତାହାଛଡ଼ା ସେମାନେ ଖୁବ୍ ଏକ୍ଟିଭ ଅଧ୍ୟାପକ ଥିଲେ। ମୁଁ ଡକ୍ଟର ନାୟକଙ୍କ ତତ୍ତ୍ୱାବଧାନରେ କାମ କରୁଥିବାରୁ ସବୁ ଅଧ୍ୟାପକ ଓ ପିଲାମାନଙ୍କର ବେଶ୍ ଜଣାଶୁଣା ଥିଲି। ଏବେ ବି ମୋର ମନେ ଅଛି, ଗୋପବାବୁ କୋଲେଷ୍ଟିରର ଉଡ଼୍‌ୱାର୍ଡ଼ ସିନ୍ଥେସିସ୍ ପଢ଼ାଉଥାଆନ୍ତି ଓ ପଦ୍ମଲୋଚନ ବାବୁ ରବିନ୍‌ସନ୍ ସିନ୍ଥେସିସ୍ ପଢ଼ାଉଥାଆନ୍ତି। ସେମାନଙ୍କର ପଢ଼ାଇବାର ଶୈଳୀ ପିଲାମାନଙ୍କୁ ଖୁବ୍ ଆକୃଷ୍ଟ କରୁଥାଏ। ଆମେ ସେମାନଙ୍କୁ ଉଡ଼୍‌ୱାର୍ଡ଼ ଓ ରବିନ୍‌ସନ୍ ବୋଲି ନାଁ ଦେଇଥିଲୁ।

ମୋ ହଷ୍ଟେଲମେଟ୍ ଥାଆନ୍ତି ଇନ୍ଦୁ, ଶୋଭାନିକା, ଚଞ୍ଚଳା, ମିନତି, ଅଳକା, କସ୍ତୁରୀ ଇତ୍ୟାଦି। ରୁମ୍‌ମେଟ୍ ପ୍ରଥମେ ଥିଲେ ଶୋଭନିକା, ଚଞ୍ଚଳା ଓ ମିନତି। ବହୁତ ଗେହ୍ଲବସରରେ ହଷ୍ଟେଲରେ ମୋ ଦିନ କଟୁଥିଲା। ରୁମ୍ ଖରକା ପାଳି ଦିନ ମୋ କାମ ଶୋଭନିକା କରି ଦେଉଥିଲା। କାରଣ ମୁଁ ସବୁବେଳେ ପଢ଼ାପଢ଼ିରେ ସମୟ କାଟୁଥିଲି। ଗୋପବାବୁ ମୋ ପାଇଁ ପ୍ରଶ୍ନ ତିଆରି କରି ଦେଉଥିଲେ। ଶୋଭନିକା ମୁଦଦିଆ ଲଫାପା

ରୁମ୍‌ରେ ଖୋଲୁଥିଲା ଓ ଟାଇମ୍ ଦେଖୁଥିଲା। ମୁଁ ଉତ୍ତର ଲେଖୁଥିଲି। ଠିକ୍ ୩ ଘଣ୍ଟାରେ ଉତ୍ତର କାଗଜ ଶୋଭନିକାକୁ ହସ୍ତାନ୍ତର କରୁଥିଲି। ପଦ୍ମଲୋଚନବାବୁ ଉତ୍ତର ଦେଖି ନମ୍ବର ଦେଉଥିଲେ। ଏମିତି ପରୀକ୍ଷା ମୋର ଚାରିଥର କରାଯାଇଥିଲା। ତେଣୁ ପରୀକ୍ଷା ବେଳକୁ ମୋତେ ବେଶୀ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ଅଶୋକ ପଟ୍ଟନାୟକ ଏମ୍.ଏସ୍‌ସି.ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲା। ମୁଁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଥେସିସ୍ ଓ ଫିଜିକାଲ ଥିଓରିରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ବନ୍ଧୁ ଅଶୋକର ମନ ଖରାପ ହୋଇ ଯାଇଥିଲା। ସେ ଆଇ.ଏ.ଏସ୍. ପାଇ ୱେଷ୍ଟବେଙ୍ଗଲ କାଡ଼ରରେ କାର୍ଯ୍ୟରତ ହେଲା।

ମୋ ଥେସିସ୍ ପ୍ରସ୍ତୁତ କରିବା ସମୟରେ ଗବେଷଣା କରୁଥିବା ଡକ୍ଟର ଜୀବନାନନ୍ଦ କର ମୋତେ ଅନେକ ସାହାଯ୍ୟ କରିଥିଲେ। ଏବେ ବି ସେ ଥେସିସ୍‌ରେ ଟାମ୍ପଲେଟରେ ଆଙ୍କିଥିବା ଷ୍ଟ୍ରକ୍‌ଚର ଦେଖିଲେ ତାଙ୍କ ପାଖରେ ମୋ ମୁଣ୍ଡ ନଇଁ ଯାଏ। ଥେସିସ୍ ଭାଇଭା କରିବାକୁ ଆସିଥାନ୍ତି ପ୍ରଫେସର ନାଶିପୁରୀ। ସେଦିନର ଅନୁଭୂତି ମୋର ଭୁଲିବାର ନୁହଁ। ଡକ୍ଟର ରାଉତଙ୍କ ରୁମ୍‌ରେ ଭାଇଭା ହେଉଥାଏ। ସେ ତାଙ୍କ ଚେୟାରରେ ବସି, ଟେବୁଲ ଲ୍ୟାମ୍ପ ଜଳାଇ କ'ଣ ଲେଖୁଥାନ୍ତି। ନିୟମ ଅନୁସାରେ ସେ ମୋର ଗାଇଡ୍ ଥିବାରୁ ସେ ମଧ୍ୟ ଜଣେ ପରୀକ୍ଷକ ହିସାବରେ ସେଠାରେ ଥାଆନ୍ତି। ମୋ ଥେସିସ୍ ଅର୍ଗାନିକ୍‌ରେ ହେଲେ ମଧ୍ୟ ଲିନିୟର ଫ୍ରି ଏନର୍ଜି ଉପରେ ଗୋଟିଏ ସମୀକରଣ ଥିଲା ମୋ ଥେସିସ୍‌ରେ। ଏହା ପ୍ରଫେସର ନାଶିପୁରୀଙ୍କୁ ଖୁବ୍ ଆକର୍ଷିତ କରିଥିଲା। ଏହା ଉପରେ ତାଙ୍କର ଗୋଟିଏ ପ୍ରଶ୍ନରେ ମୁଁ ଘବରେଇ ଯାଇଥିଲି। ନିର୍ବିଘ୍ନ ଚିତ୍ତରେ କ'ଣ ଲେଖୁଥିବା ଡକ୍ଟର ରାଉତ୍ ହଠାତ୍ ମୁହଁ ଟେକି କହିଥିଲେ, ''ସେ କହିପାରିବ।'' ତାଙ୍କର ଏହି ପଦକ କଥାରେ ମୋର ଉତ୍ତର ମନେ ପଡ଼ିଯାଇଥିଲା। ଏମିତି ଗୁରୁ ଖୁବ୍ ଦୁର୍ଲଭ। ପ୍ରଫେସର ନାଶିପୁରୀ ମୋତେ ସର୍ବୋଚ୍ଚ ନମ୍ବର ଦେଇଥିଲେ।

ହଷ୍ଟେଲଟା ମୋତେ ଘର ଭଳି ଲାଗୁଥିଲା। ଖରାଦିନ ଛୁଟିରେ ମେସ୍ ବନ୍ଦ ହୋଇ ଯାଇଥାଏ। ଆମ ପ୍ରାକ୍ଟିକାଲ ସରି ନ ଥିବାରୁ ଏମ୍.ଏସ୍‌ସି. ପିଲାମାନେ ରୁମ୍‌ରେ ନିଜେ ରାନ୍ଧି ଖାଉଥାଉ। ଖୁବ୍ ମଜା ଲାଗୁଥାଏ ରନ୍ଧାବଢ଼ା। ମିସେସ୍ ଉପାଧ୍ୟାୟଙ୍କ ପରେ ମିସେସ୍ ଶକୁନ୍ତଳା ମହାନ୍ତି (ଲୁଲୁଅପା) ଥାଆନ୍ତି ଆମ ସୁପରିଟେଣ୍ଡେଣ୍ଟ୍। ସେ ଆମମାନଙ୍କର ଭଲମନ୍ଦ ବେଶ୍ ବୁଝାସୁଝା କରୁଥାଆନ୍ତି। ଇଲେକ୍ଟ୍ରି ଖର୍ଚ୍ଚ ହୋଇଯିବ ବୋଲି ରୁମ୍‌ରେ

ଫ୍ୟାନ୍‌ର ବ୍ୟବସ୍ଥା ନ ଥାଏ।  ଗରମ ଯୋଗୁଁ ଶୋଭନିକା ଟେବୁଲ ଫ୍ୟାନ୍‌ଟିଏ ଘରୁ ଆଣି ରୁମ୍‌ରେ ରଖିଥାଏ। ସରପ୍ରାଇଜ୍ ଭିଜିଟ୍‌ରେ ଆମ ଫ୍ୟାନ୍‌ଟି ଲୁଲୁ ଅପାଙ୍କ ଆଖିରେ ପଡ଼ିଲା। ତାଙ୍କ ନିର୍ଦ୍ଦେଶକ୍ରମେ ଫ୍ୟାନ୍‌ଟିକୁ ମେଟ୍ରନ୍ ନେଇ ତାଙ୍କ ରୁମ୍‌ରେ ରଖିଦେଲେ। ଆମେ ହଷ୍ଟେଲ ଛାଡ଼ିଲାବେଳକୁ ଫ୍ୟାନ୍ ଦେଲେ। ଏ ସବୁ ଭାବିଲେ ଜେନେରେସନ୍ ଗ୍ୟାପ୍ କେତେ ହୋଇଯାଇଛି ଉପଲବ୍ଧି କରିହୁଏ। ଆଜିକାଲିକା ଝିଅ ଏହାକୁ ବରଦାସ୍ତ କରିବେନି। ଆମେ ଚୁପ୍‌ଚାପ୍ ରହି ଗରମରେ ବସି ପଢୁଥିଲୁ।

ପରୀକ୍ଷା ସରିବା ପରେ ଘରକୁ ଯିବା ଦିନର ଦୃଶ୍ୟ ଥିଲା ଖୁବ୍ ଦୁଃଖଦାୟକ। ଯେଉଁ ହଷ୍ଟେଲରେ ପାଦ ଦେବା ଦିନ ମୋ ଆଖିରେ ସୃଷ୍ଟି ହୋଇଥିଲା ଧାରା ଶ୍ରାବଣ, ସେହି ହଷ୍ଟେଲ ଛାଡ଼ିବାଦିନ ହୃଦୟଟା ଫାଟି ପଡୁଥିଲା କୋହରେ। ଏବେ ବି ମନେ ଅଛି– ହଷ୍ଟେଲ ଗେଟ୍ ସାମନା ପାହାଚରେ ବସି ଅନେକ କାନ୍ଦିଥିଲି। ସତେ ଯେମିତି ଏ ସ୍ଥାନ ଦେଖିବାର ସୌଭାଗ୍ୟ ମୋତେ ଜୀବନରେ ମିଳିବନି। ନାନୀ, ମାଉସୀ ବହୁତ କାନ୍ଦିଥିଲେ ସେଦିନ। ଦାଦାଙ୍କ ସାଥିରେ ସେଦିନ ହଷ୍ଟେଲ ଛାଡ଼ିଥିଲି। ବାଟସାରା ଟ୍ରେନ୍‌ରେ କାନ୍ଦି କାନ୍ଦି ଭଦ୍ରକରେ ପହଞ୍ଚିଥିଲି।

## ଚାକିରି ଓ ବୈବାହିକ ଜୀବନ

ନିଜ ଘର ତ ସ୍ୱର୍ଗଭଳି ସମସ୍ତଙ୍କୁ ଲାଗେ। ହଷ୍ଟେଲ ଛାଡ଼ିଲାପରେ ଘରେ ଖାପ ଖୁଆଇବାକୁ କିଛିଦିନ ଲାଗିଲା। କାହିଁକି କେଜାଣି ମନରେ ଗୋଟିଏ ଅଭାବ ଅନୁଭବ କରୁଥିଲି। ସେ ସମୟ ଥିଲା ମୋ ପାଇଁ ଖୁବ୍ କଷ୍ଟଦାୟକ। ପରୀକ୍ଷା ଫଳ ବାହାରିବା ସମୟ ଆସିଲା। ଡକ୍ଟର ନାୟକ ଟେଲିଗ୍ରାମରେ ଜଣେଇଥିଲେ ପ୍ରଥମ ଶ୍ରେଣୀରେ ପଞ୍ଚମ ସ୍ଥାନ ଅଧିକାର କରିଛି। ଅଶୋକ ପଟ୍ଟନାୟକ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥାଏ। ଯାହାହେଉ ଉରଣିଆ ଗ୍ରାମରେ ଝିଅଟିଏ ଏମ୍.ଏସ୍‌ସି ପାସ୍ କରିଛି ବୋଲି ସମସ୍ତେ ଖୁସି ହେଉଥାଆନ୍ତି। ଅନେକ ବାହାଘର ପ୍ରସ୍ତାବ ମଧ୍ୟ ମୋର ଆସୁଥାଏ। ଈଶ୍ୱର ମୋ ପାଇଁ ଜଣଙ୍କୁ ଉଦ୍ଦିଷ୍ଟ କରିଥିଲେ।

ସେତେବେଳେ ଆମ ଘରେ ଫୋନ୍ ନ ଥିଲା। ଜରୁରି ଖବର ଟେଲିଗ୍ରାମରେ ପାଉଥିଲି। ଗାଁରେ ମୁଁ ବା କେମିତି ଜାଣିଥାନ୍ତି କେବେ ଆଡ୍‌ହକ ଆପଏଣ୍ଟମେଣ୍ଟ ହେବ। ଆଡ୍‌ହକ୍ ଆପଏଣ୍ଟମେଣ୍ଟର ଅର୍ଥ ବି ମୁଁ ଠିକ୍ କରି ବୁଝି ନ ଥିଲି। ଡକ୍ଟର ନାୟକ ଟେଲିଗ୍ରାମରେ

ଆଡ଼ହକ ଆପଏଣ୍ଟମେଣ୍ଟର ଇଣ୍ଟରଭ୍ୟୁ ଡ଼େଟ୍ ଜଣାଇଲେ । ବାପାଙ୍କୁ ନେଇ ମୁଁ କଟକରେ ପହଞ୍ଚିଲି । ଡକ୍ଟର ନାୟକଙ୍କୁ ସାଙ୍ଗରେ ନେଇ ଭୁବନେଶ୍ୱରରେ ଡି.ପି.ଆଇ. ଅଫିସ୍‌ରେ ପହଞ୍ଚିଲି । ଅଶୋକର ବୟସ କମ୍ ଥିବାରୁ ସେ ଇଣ୍ଟରଭ୍ୟୁ ପାଇଁ ଡକା ହୋଇ ନ ଥିଲା । ଦିଗମ୍ବର, ରମାକାନ୍ତ, ଖଣ୍ଡୁଆଳ ଇତ୍ୟାଦି ସାଙ୍ଗମାନେ ଆସିଥାନ୍ତି । ଇଣ୍ଟରଭ୍ୟୁ କଲେ ଡି.ଡ଼ି.ପି.ଆଇ ବୈଦ୍ୟନାଥ ମିଶ୍ର । ତାଙ୍କର ପ୍ରଥମ ପ୍ରଶ୍ନ ଥିଲା ଶୈଳବାଳା ମହିଳା କଲେଜ ନ ହେଲେ ତୁମେ ରେଭେନ୍ସାରେ ରହିବ ତ ? ରେଭେନ୍ସା କଥା ଶୁଣି ମୁଁ ସେଦିନ ଡରି ଯାଇଥିଲି । କାରଣ ସେହି କଲେଜର ମୁଁ ଛାତ୍ରୀ ଥିଲି । ଏତେ ବଡ଼ କଲେଜରେ ପଢ଼ାଇ ପାରିବି ତ ? ଏବେ ରେଭେନ୍‌ସା କଲେଜ ପାଇଁ ଅଧ୍ୟାପକମାନେ ଭିଡ଼ ଜମାଉଛନ୍ତି । ମୋର ଆପଏଣ୍ଟମେଣ୍ଟ ହେଲା ରେଭେନ୍‌ସାରେ । କାରଣ ଶୈଳବାଳାରେ ଭେକେନ୍ସି ନ ଥିଲା । ମନେ ମନେ ଭାବୁଥିଲି ଏତେ ପୁରୁଖା କାଣ୍ଡିଡ଼େଟ୍‌ମାନଙ୍କ ମଧ୍ୟରେ ମୋତେ ରେଭେନ୍‌ସା ମିଳିଲା କିପରି ? ଡକ୍ଟର ନାୟକ ଚୁପ୍‌ଚାପ୍ ଛିଡ଼ା ହୋଇଥାନ୍ତି । ମୋ ବାପା ମଧ୍ୟ ଆଶ୍ଚର୍ଯ୍ୟ ହେଉଥାନ୍ତି । ପରେ ଜାଣିଲି ମୋର ରେଭେନ୍‌ସାରେ ପୋଷ୍ଟିଂ ହେବା ପଛରେ ଡକ୍ଟର ରାଉତ ଓ ଡକ୍ଟର ନାୟକଙ୍କର ଥିଲା ସାହାଯ୍ୟ । ମୋତେ କଟକରେ ପୋଷ୍ଟିଂ କରିବା ପାଇଁ ଡକ୍ଟର ରାଉତ ଚିଠିଟିଏ ଲେଖି ଡକ୍ଟର ନାୟକଙ୍କ ହାତରେ ଡି.ପି.ଆଇ.ଙ୍କ ପାଖକୁ ପଠାଇଥିଲେ । ତାଙ୍କ କଥାକୁ ଏଡ଼ାଇବାର କାହାରି ସାହସ ନ ଥିଲା ସେତେବେଳେ । ସେତେବେଳର ବିଭାଗୀୟ ମୁଖ୍ୟ ଆଜିର ମୁଖ୍ୟଙ୍କ ଭିତରେ ସ୍ୱର୍ଗ ମର୍ତ୍ତ୍ୟ ତଫାତ୍ । ସେହିଦିନ ଗାଁକୁ ଫେରି ଆସିଥିଲୁ । ବାଟସାରା ଭାବୁଥିଲି ମୋତେ ମଣିଷ କରିବା ପଛରେ ଜଣେ ମାତ୍ର ଅଛନ୍ତି ସେ ହେଉଛନ୍ତି ଡକ୍ଟର ନାୟକ । ଜୀବନର ଆଉ ଗୋଟିଏ ନୂଆ ପାହାଚ ଚଢ଼ାଇବାରେ ତାଙ୍କର ଅବଦାନ ମୁଁ ଭୁଲିବାର ନୁହଁ । ତାଙ୍କ ପାଖରେ ସବୁ କ୍ଷେତ୍ରରେ ମୋର କୃତଜ୍ଞତା ଜଣାଇଛି ।

ପୁଣି ଗାଁରେ ଟୁପୁରୁ ଟାପର । ଚାକିରି କରି ଟଙ୍କା ରୋଜଗାର କଲେ ବାପାମାଙ୍କର କି ଲାଭ । ମୋ ବାପା ସେ ସବୁକୁ ଶୁଣୁ ନ ଥିଲେ । ପ୍ରତ୍ୟକ୍ଷ ଭାବରେ ସେ ମୋତେ ନିଜ ଗୋଡ଼ରେ ଛିଡ଼ା କରାଇ ନଥିଲେ, କିନ୍ତୁ ପରୋକ୍ଷରେ ତାଙ୍କ ପ୍ରେରଣା ଓ ଈଶ୍ୱରଙ୍କ କରୁଣା ମୋତେ ଆଗକୁ ଆଗକୁ ବାଟ କଢ଼ାଇଥିଲା । ବିଶେଷ କେହି ଖୁସି ଥିଲା ପରି ଲାଗୁ ନ ଥାନ୍ତି । କାରଣ ବାହାଘରଟା ପୁଣି ଘୁଞ୍ଚିଯିବ । ଜଏନ୍ କରିବା ପାଇଁ ଡି.ପି.ଆଇ. ଅଫିସ୍‌ରୁ ଟେଲିଗ୍ରାମ ପାଇଲି । ୧୯୬୮ ମସିହା ସେପ୍ଟେମ୍ବର ମାସରେ ରେଜଲ୍ଟ

ବାହାରିଲା । ନଭେମ୍ବର ମାସରେ ଜଏନ୍ କରିବାକୁ ପଡ଼ିଲା । ସେତେବେଳକାର ସିଷ୍ଟମ ଏବେ ଭାବି ହୁଏନି । ନଭେମ୍ବର ୧୪ ତାରିଖ ଥାଏ ଶିଶୁ ଦିବସ । ସେହି ଦିନ ପୁଣି ବାକ୍ସ ଓ ବେଡ଼ିଂ ଧରି ଟ୍ୟାକ୍ସିରେ ଭଦ୍ରକରୁ ବାହାରିଲି ।  ଟ୍ୟାକ୍ସି ପହଞ୍ଚିବା ଡେରି ହେବାରୁ ଡକ୍ଟର ନାୟକ ସେଦିନ ବ୍ୟସ୍ତ ହୋଇ ପଡ଼ିଥିଲେ । କାରଣ ସିଭିଲ୍ ସର୍ଜନଙ୍କଠାରୁ ହେଲ୍‌ଥ ସାର୍ଟିଫିକେଟ୍ ଆଣିବାର ଥାଏ । ଯାହାହେଉ ଓ.ଏମ୍.ପି.ରେ ଟ୍ୟାକ୍ସିରେ ଓହ୍ଲେଇବାର ଦେଖି ସେ ଖୁସି ହେଲେ । ସିଭିଲ୍ ସର୍ଜନ ଅଫିସ୍‌ରୁ ହେଲ୍‌ଥ ସାର୍ଟିଫିକେଟ୍ ଆଣିଲି । ଏଥର କେଉଁଠି ରହିବି ତାହା ହେଲା ମୋର ସମସ୍ୟା । ମୋର ଚିହ୍ନା ଝିଅ ଡକ୍ଟର ସୁକାନ୍ତି ଜେନା ଥାଆନ୍ତି ମେଡ଼ିକାଲ ହଷ୍ଟେଲରେ । ପରବର୍ତ୍ତୀ ସମୟରେ ସେ ମୋର ମାଇଁ ହୋଇଥିଲେ । ତାଙ୍କ ସାହାଯ୍ୟ ଯୋଗୁ ମୁଁ ମେଡ଼ିକାଲ ହଷ୍ଟେଲରେ ପୁଣି ରହିବାର ସୁଯୋଗ ପାଇଲି । ୧୯୬୮ ମସିହା ନଭେମ୍ବର ୧୫ ତାରିଖ ପୂର୍ବାହ୍ଣରେ ମୁଁ ରେଭେନ୍‌ସା କଲେଜରେ ଜଏନ୍ କଲି । ସେତେବେଳେ ପ୍ରିନ୍‌ସିପାଲ ଥାଆନ୍ତି ଡକ୍ଟର ଦେବେନ୍ଦ୍ର ଚନ୍ଦ୍ର ମିଶ୍ର । ଦେବ ପ୍ରତିମ ମଣିଷଟିଏ ସେ । ଡକ୍ଟର ନାୟକଙ୍କ ଅନୁରୋଧ କ୍ରମେ ଲେଡ଼ିଜ୍ ହଷ୍ଟେଲରେ ରହିବାର ବ୍ୟବସ୍ଥା କରିଦେବେ ବୋଲି ସେ ପ୍ରତିଶ୍ରୁତି ଦେଲେ ।

ସେତେବେଳେ ଡକ୍ଟର ରାଉତ ଥାଆନ୍ତି ସମ୍ବଲପୁର ଜି.ଏମ୍. କଲେଜର ପ୍ରିନ୍‌ସିପାଲ । ରେଭେନ୍‌ସାର କେମେଷ୍ଟ୍ରି ଡିପାର୍ଟମେଣ୍ଟର ମୁଖ୍ୟ ଥାଆନ୍ତି ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାସ । ବେଶ୍ ଲାଇଟ୍ ମାଇଣ୍ଡ୍‌ର ଲୋକ ସେ । ମୋ ସହିତ ଥଟ୍ଟା ମଜା କରୁଥାଆନ୍ତି, କାରଣ କେତେଟା ଦିନ ଆଗରୁ ସେ ମୋତେ କ୍ଲାସରେ ପଢ଼ାଉଥିଲେ । ସହକର୍ମୀ ନ ଭାବି ଛାତ୍ରୀ ଭଳି ବ୍ୟବହାର କରୁଥାଆନ୍ତି । ପ୍ରଥମ କ୍ଲାସ ମୋତେ ଦେଇଥିଲେ 5th yr. ରେ ଥିଓରି ପଢ଼ାଇବା ପାଇଁ । ସେଦିନ କ୍ଲାସରେ ପଶିଲା କ୍ଷଣି ଅନେକ ଭାବନା ମୋ ମନକୁ ଛୁଉଁଥିଲା । ଏଇଠି  ମୁଁ ସାମନା ବେଞ୍ଚରେ ବସି ପଢୁଥିଲି, ଆଜି ସାମନା ବେଞ୍ଚ ସମ୍ମୁଖରେ ଛିଡ଼ା ହୋଇ ପଢ଼ାଇବି । ଡର ଭୟ ମୋର ନ ଥିଲା । ପୁରୁଣା ଅଧ୍ୟାପିକା ଭଳି Reaction Mechanism ପଢ଼ାଇଲି । କ୍ଲାସରେ ଥାଏ ସରୋଜବାସିନୀ ବୋଲି ମୋର ଜଣେ ହଷ୍ଟେଲମେଟ୍ । କ୍ଲାସ ପରେ ବାହାରେ ସେ ମୋତେ କୁଣ୍ଢାଇ ପକାଇ କହିଥିଲା, ‘‘ସୁବାସିନୀ ଅପା, ତୁମେ ଟିକିଏ ତ ଡରିଲନି, ବରଂ ପୁରୁଣା ଟିଚର ଭଳି ସୁନ୍ଦର ଭାବରେ ପଢ଼ାଇଲ ।’’ ଏ ସବୁର ଟ୍ରେନିଂ ମୁଁ ପାଇଥିଲି ଡଃ ନାୟକଙ୍କଠାରୁ ।

କାନ୍ଧରେ ଭ୍ୟାନିଟ୍ ବ୍ୟାଗ୍ ନ ପକାଇ ହାତଧରା ପର୍ସଟିଏ ଓ କେତେଖଣ୍ଡ ବହି ଧରି ଛାତ୍ରୀ ଭଳି ମୁଁ କଲେଜ ଯାଉଥିଲି। ମୋ ଟିଚରମାନଙ୍କ ପାଖରେ ଛାତ୍ରୀଟିଏ ଭଳି ରହିବାକୁ ସେତେବେଳେ ମୋତେ ଭଲ ଲାଗୁଥିଲା। 6th year ପ୍ରାକ୍ଟିକାଲ ଲାବୋରେଟୋରୀ ପଛପଟ ବାରଣ୍ଡାରେ ତଳେ ବସି ଗପିବାର ଅଭ୍ୟାସ ଥିଲା। ଦିନେ ସେଠାରେ ସେମିତି ତଳେ ବସି ଗପୁଥିବାର ଦେଖି ପ୍ରସନ୍ନ ସାର୍ ଗାଳି ଦେଇଥିଲେ। ଲେକ୍‌ଚରଟିଏ ହେଲଣି, ପିଲାଙ୍କ ଭଳି ହେଉଛ ବୋଲି କହିଥିଲେ। ଥଟ୍ଟା କରି କହୁଥିଲେ, ‘‘ଆଗ ଆସି ମୋତେ ଦେଖା କରିବ। ଯଦି ମୁଁ ନ ଥିବି, ତେବେ ମୋ ରୁମ୍‌ର ଦୁଆର କବାଟକୁ ମୁଣ୍ଡିଆ ମାରିଯିବ। ତୁମ ମୁଣ୍ଡିଆକୁ ଅଧ୍ୟାପକ ଉମେଶ ମିଶ୍ରଙ୍କୁ ଦେଖାଇବ।’’ ଏମିତି ଥଟ୍ଟା ପରିହାସ, ଘରୁଆ ଭାବ ଭିତରେ ମୋର ପ୍ରଥମ ଅଧ୍ୟାପିକା ଜୀବନ ଖୁବ୍ ଖୁସିରେ କଟିଥିଲା। ଅନେକ କଥାରେ ଡକ୍ଟର ନାୟକ ସାହାଯ୍ୟ କରୁଥିଲେ। ଅଳ୍ପଦିନ ଭିତରେ ସେ ଚେଷ୍ଟା କରି ମୋତେ ଲେଡ଼ିଜ୍ ହଷ୍ଟେଲରେ ରହିବାର ବ୍ୟବସ୍ଥା କରିଦେଲେ। ଲେଡ଼ିଜ୍ ହଷ୍ଟେଲରେ ଗୋଟିଏ ସିକ୍ ରୁମ୍ ଥାଏ। ସେ ରୁମ୍‌ଟି ପ୍ରାୟ ଖାଲି ଥାଏ। ସେହି ରୁମ୍‌ରେ ମୁଁ ରହିଲି। ମୋ ସହିତ ଏମ୍.ଏ. ପଢୁଥିବା ମନ୍ଦାକିନୀ ଦାସ ରହିଲା। ଏହା ଭିତରେ ଡକ୍ଟର ନାୟକ ଜି.ଏମ୍. କଲେଜ ସମ୍ବଲପୁରକୁ ବଦଳି ହୋଇଗଲେ।

ଖରାଛୁଟିରେ Sunmmer Institute ରେ ଜଏନ୍ କରିବା ପାଇଁ ମୁଁ ଗାଁରେ ଥିବା ସମୟରେ ଡକ୍ଟର ନାୟକ ମୋତେ ଜଣାଇଲେ। ଏଇଟା ଥିଲା ମୋର ପ୍ରଥମ Summer Institute ରେ join କରିବା। ପିଲାଙ୍କ ଭଳି କ୍ଲାସ କରିବାକୁ ଓ ପଢ଼ିବାକୁ ପଡୁଥାଏ। ପରୀକ୍ଷାରେ ପୁଣି ପଞ୍ଚମ ସ୍ଥାନ ଅଧିକାର କଲି। ମୋ ପି.ଏସ୍.ସି. ପରୀକ୍ଷାରେ ଏହି କୋର୍ସରେ ଜଏନ୍ କରିବାଟା ସାହାଯ୍ୟ କଲା। ୧୯୬୯ ମସିହା ଡିସେମ୍ବର ମାସରେ ପି.ଏସ୍.ସି. ହେଲା। ଡକ୍ଟର ନାୟକ ନ ଥିବାରୁ ନିଜେ ନିଜେ ଇଣ୍ଟରଭ୍ୟୁ ଦେବା ପାଇଁ ପ୍ରସ୍ତୁତ ହେଲି ଏବଂ ପି.ଏସ୍.ସି.ରେ କୃତକାର୍ଯ୍ୟ ହେଲି । ଆଡ୍‌ହକରୁ ପରମାନେଣ୍ଟ ହୋଇଗଲି। ଏ ପର୍ଯ୍ୟନ୍ତ ଯାହାସବୁ ପାଇଲି ସେଥିରେ ମୋର ଗର୍ବ ନ ଥିଲା କି ଆନନ୍ଦରେ ଫାଟି ପଡୁ ନ ଥିଲି। ସବୁ କେମିତି ଆପେ ଆପେ ହୋଇ ଯାଉଥାଏ। ମନପ୍ରାଣ ଦେଇ ମୋ କର୍ତ୍ତବ୍ୟ କରି ଚାଲୁଥାଏ ମୁଁ। ଏହାପରେ ଆଉ ଏକ ନୂଆ ପାହାଚରେ ପାଦ ଦେବାର ସମୟ ଆସିଥିଲା।

ସେଦିନ ଥାଏ ସ୍ପୋର୍ଟସ ଡେ। ରେଭେନ୍ସା କଲେଜରେ ଖେଳ ବେଶ୍ ଜମିଥାଏ। ମୁଁ ବସିଥାଏ ଅଧ୍ୟାପକମାନେ ବସିବା ସ୍ଥାନରେ। ମୋ ପାଖରେ ବସିଥାନ୍ତି ଜଣେ ସୁନ୍ଦରୀ

ଅଧ୍ୟାପିକା। ହଠାତ୍ ତାଙ୍କର ପ୍ରଶ୍ନରେ ମୋ ନାଁ, ଗାଁ, ଜାତି ଠିକଣା ସବୁ ବୁଝିନେଲେ। ମୁଁ ବାହା ହୋଇନି ଶୁଣି ବେଶ୍ ଖୁସି ହେଲା ଭଳି ଲାଗିଲା। ତାଙ୍କର ଜଣେ ଖଣ୍ଡାୟତ ଇଞ୍ଜିନିୟର ଭାଇ ଅଛନ୍ତି ବୋଲି କହିଲେ। ତାଙ୍କ ବିଷୟରେ ପ୍ରସ୍ତାବ ଦେବେ କି ବୋଲି ପଚାରିଲେ। ସେଦିନ ମୁଁ କହିଥିଲି, ''ମୋ ବାପାଙ୍କୁ ପଚାରନ୍ତୁ। ସେ ଯାହା କହିବେ ମୋର ଆପତ୍ତି ନାହିଁ।'' ସେତେବେଳେ ମୋର ଗୋଟିଏ ନିଜସ୍ୱ ମତ ଅଛି ବୋଲି ମୁଁ ଭାବି ନ ଥିଲି। ବାପା ମା ସନ୍ତାନମାନଙ୍କର ଶୁଭେଚ୍ଛୁ ଏହା ଥିଲା ମୋର ଧାରଣା। ପରେ ଜାଣିଲି ଭଦ୍ର ମହିଳା ହେଉଛନ୍ତି ସୁସାହିତ୍ୟିକା ଡକ୍ଟର ପ୍ରତିଭା ଶତପଥୀ ଓ ଓଡ଼ିଆ ଭାଷାର ଅନ୍ୟ ଏକ କର୍ଣ୍ଣଧାର ଡକ୍ଟର ନିତ୍ୟାନନ୍ଦ ଶତପଥୀଙ୍କର ସହଧର୍ମିଣୀ। ସେମାନେ ରହୁଥାନ୍ତି ଲ' କଲେଜ ପାଖ ବର୍ଦ୍ଧମାନ କମ୍ପାଉଣ୍ଡରେ ଭଡ଼ା ଘରେ। ଆର୍ଟସ୍ ବ୍ଲକ୍ କମନ୍ ରୁମ୍‌ରେ ଥରେ ଗପସପ ଭିତରେ ସେ ଅର୍ଥନୀତି ବିଭାଗର ଅଧ୍ୟାପିକା କନକ ମଞ୍ଜରୀ ମିଶ୍ର (ମଞ୍ଜୁନାନୀ) ତାଙ୍କୁ ତାଙ୍କ ଭାଇଙ୍କ ପାଇଁ ଗୋଟିଏ ପ୍ରସ୍ତାବ ଦେବାକୁ ଅନୁରୋଧ କରିଥିଲେ। ମଞ୍ଜୁନାନୀ ଲେଡ଼ିଜ୍ ହଷ୍ଟେଲ୍ ନିକଟସ୍ଥ ତାଙ୍କ ବାପା ମାଥ୍‌ମାଟିକ୍‌ସ ପ୍ରଫେସର ଡକ୍ଟର ବ୍ରଜବନ୍ଧୁ ମିଶ୍ରଙ୍କ ଘରେ ରହି ଅଧ୍ୟାପନା କରୁଥାଆନ୍ତି। ମଞ୍ଜୁନାନୀ ମୋଠାରୁ ଗୋଟିଏ ବର୍ଷ ଉପରେ ପଢ଼ିବା ସମୟରେ ହଷ୍ଟେଲରେ ରହୁଥିଲେ ଓ ହଷ୍ଟେଲର ପ୍ରିଫେକ୍ଟ ଥିଲେ। ମୋର ବେଶ୍ ଜଣାଶୁଣା ଥିଲେ ସେ। କଲେଜକୁ ଯିବା ବାଟରେ ମୋତେ ଅନେକଥର ହଷ୍ଟେଲର ଗେଟ୍ ପାଖରେ ଦେଖି ମୋ ବାହାଘର ବିଷୟରେ ପଚରା ଉଚୁରା କରୁଥିଲେ। ତେଣୁ ପ୍ରତିଭା ଶତପଥୀଙ୍କ ଅନୁରୋଧରେ ସେ ସାଙ୍ଗେ ସାଙ୍ଗେ ମୋ ପ୍ରସ୍ତାବଟି ଦେଇ ଦେଇଥିଲେ। ସ୍ପୋର୍ଟସଦିନ ପ୍ରତିଭା ଶତପଥୀ ମୋର ପରିଚୟ ପାଇ ଖୁସି ହୋଇଥିଲେ ଏବଂ ୨।୩ ଦିନ ପରେ ତାଙ୍କ ସ୍ୱାମୀ ନିତ୍ୟାନନ୍ଦ ବାବୁ, ମୋ ନଣନ୍ଦେଇ ସେ ବେଳର ଜଣାଶୁଣା ଇଟା ବ୍ୟବସାୟୀ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ ଓ ମୋ ଭାବୀ ସ୍ୱାମୀ ଇଞ୍ଜିନିୟର ଧୀରେନ୍ଦ୍ର କୁମାର ବିଶ୍ୱାଳଙ୍କୁ ହଷ୍ଟେଲକୁ ପଠାଇଥିଲେ। ଝିଅଟିର ଶିକ୍ଷା ଦୀକ୍ଷା, ଗୁଣଗ୍ରାମ ଜାଣିବା ତ ପଛକଥା ଆଗ ଚେହେରାଟା ଦେଖାଯାଏ ଆମ ପରମ୍ପରାରେ। ମୋ ସହିତ ଅଳ୍ପ କଥାବାର୍ତ୍ତା ପରେ ନିତ୍ୟାନନ୍ଦ ବାବୁ ମୋତେ ବାହାଘର ପ୍ରସ୍ତାବ ଦେଲେ। ମୋ ବାପାଙ୍କ ସହିତ ଯୋଗାଯୋଗ କରିବା ପାଇଁ ଠିକଣା ନେଲେ। ମୁଁ ମୋ ଭାବୀ ସ୍ୱାମୀଙ୍କୁ ବାରଣ୍ଡାର ଝାପ୍‌ସା ଝାପ୍‌ସା ଅନ୍ଧାର ଭିତରେ ଭଲ କରି ଦେଖି ନ ଥିଲି କି ତାଙ୍କ ବିଷୟରେ ଜାଣିବାର କୌଣସି ଆଭାସ ତାଙ୍କୁ ଦେଇ ନ ଥିଲି। କାରଣ ମୋ ମନରେ

ଥାଏ, ''ବାପା ଯେଉଁଠି କହିବେ ମୁଁ ସେଇଠି ବାହା ହେବି । ତେଣୁ ମୋର ଏତେ କଥା ଜାଣିବା କ'ଣ ଦରକାର ।'' ସେତେବେଳକୁ ହଷ୍ଟେଲର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ୍ ଭବାନୀ ରାଉତ ଅବସର ନେଇ ହଷ୍ଟେଲ ଛାଡ଼ି ଦେଇଥିଲେ । ତାଙ୍କ ପୋଷ୍ଟରେ ମୁଁ ଜଏନ୍ କରି ଦ୍ୱିତୀୟ ମହଲାରେ ଥିବା ତାଙ୍କର ସିଙ୍ଗଲ୍ ରୁମ୍‌ରେ ରହୁଥାଏ । କେବଳ ମେସ୍ ବୁଝିବା ମୋ ଦାୟିତ୍ୱ ଥାଏ । ମୋ ଜୁନିଅରମାନେ ମୋତେ ଅଧ୍ୟାପିକା ଭାବରେ ନ ଭାବି ବଡ଼ ଭଉଣୀ ଭଳି ବ୍ୟବହାର କରି ମୋ ରୁମ୍‌ରେ ଗପ ଜମାଉଥାଆନ୍ତି ଓ ବେଳେବେଳେ ମାଥ୍‌ମାଟିକ୍‌ସର ଇନ୍ଦୁ, କେମେଷ୍ଟ୍ରିର ସରୋଜବାସିନୀ ଇତ୍ୟାଦି ମୋ ରୁମ୍‌ରେ ପଢ଼ାପଢ଼ି କରୁଥାନ୍ତି । ସେହି କେତେଟା ଦିନ ମୋତେ ଖୁବ୍ ଭଲ ଲାଗୁଥାଏ ।

ଅଳ୍ପଦିନ ଭିତରେ ପ୍ରତିଭା ଅପା ତାଙ୍କ ଘରକୁ ମୋତେ ନିୟନ୍ତ୍ରଣ କରିଥିଲେ । ଖାଇ ପିଇ ଟିକିଏ ମୋଟା ହେବା ପାଇଁ ବାରମ୍ବାର ମୋତେ କହୁଥିଲେ, କାରଣ ସେତେବେଳେ ମୋର ଓଜନ ଥିଲା ୪୨ କିଲୋ । ଦିନେ ତାଙ୍କ ଘରେ ମୋ ନଣନ୍ଦ, ନଣନ୍ଦେଇ, ତାଙ୍କ ଛୋଟ ଛୋଟ ଦୁଇ ପୁଅ ଓ ଦୁଇ ଝିଅ ଏବଂ ଧୀର ବାବୁଙ୍କ ସହ ମୋର ଦେଖାହେଲା । ସେଦିନ ଧୀରବାବୁ ଆଣିଥିବା କ୍ଷୀର-ସାଗର ଖାଇବା ମୁଁ ଭୁଲିନି । X' mas ଛୁଟିରେ ଘରକୁ ଗଲି । ଏହା ଭିତରେ ସେମାନେ ମୋ ବାପାଙ୍କ ସହିତ ଚିଠି ମାଧ୍ୟମରେ କଥାବାର୍ତ୍ତା କରି ସାରିଥିଲେ । ଛୁଟିରେ ମୋ ଶ୍ୱଶୁର, ଦାଦା ଶ୍ୱଶୁର, ନିତ୍ୟାନନ୍ଦ ବାବୁ ଇତ୍ୟାଦି ଆମ ଘରକୁ ଯାଇ ମୋତେ ଗୋଟଏ ମୁଦି ପିନ୍ଧାଇ ଆସିଲେ । ବାହାଘରର ଶିହରଣ ମୋର ନ ଥିଲା । ଏସବୁ ରୁଟିନ୍ କାମ ଚାଲିଛି ଭାବି ନରମାଲ୍‌ରେ ସବୁ କଥା ମୁଁ ନେଉଥାଏ । ମୋ ବାପା ଏସବୁ କଥା ଡକ୍ଟର ନାୟକଙ୍କୁ ଜଣାଇଥିଲେ, କାରଣ ସେ ମୋର ଶୁଭେଚ୍ଛୁ ଥିଲେ ଏବଂ ମୋତେ ମଣିଷ କରିବାରେ ସେ ଥିଲେ ଏକମାତ୍ର ଲୋକ । ଆମ ଘରର ଜଣେ ସଦସ୍ୟ ଭଳି ସବୁକଥାରେ ସେ ପରାମର୍ଶ ଦେଉଥିଲେ । ମୋ ବି.ଏସ୍‌ସି. ପରେ ପଢ଼ା ବନ୍ଦ କରିଦେବାକୁ ବାପା ତାଙ୍କୁ କହିଥିଲା ବେଳେ ମୁଁ ଏମ୍.ଏସ୍‌ସି. ପଢ଼ିବା ପାଇଁ ଡକ୍ଟର ନାୟକ ପରାମର୍ଶ ଦେଇଥିଲେ ।

ଛୁଟି ଖୋଲିବା ପରେପରେ ମୋ ବାପା ଓ ଡକ୍ଟର ନାୟକ କଟକରୁ ୧୫ କିଲୋମିଟର ଦୂର ମୋ ଶାଶୂଘର ତ୍ରିଲୋଚନପୁର ଯାଇ ମୋ ଶାଶୂ ଘର ଓ ତାଙ୍କ ପରିବାରବର୍ଗଙ୍କୁ ଦେଖି ଆସିଥିଲେ । ମୋ ଶ୍ୱଶୁର ଚାରି ଭାଇଙ୍କ ମଧ୍ୟରେ ମୋ ଶ୍ୱଶୁର ଶ୍ରୀଯୁକ୍ତ ଚକ୍ରଧର ବିଶ୍ୱାଳ ଥିଲେ ଜ୍ୟେଷ୍ଠ ଭାଇ । ଦ୍ୱିତୀୟ ଭାଇ ଶ୍ରୀଯୁକ୍ତ ଦିବାକର ବିଶ୍ୱାଳ

କଲିକତାରେ ମୋ ଶ୍ୱଶୁରଙ୍କ ସହିତ ବ୍ୟବସାୟ କରୁଥିଲେ। ତୃତୀୟ ଭାଇ ଶ୍ରୀଯୁକ୍ତ ରତ୍ନାକର ବିଶ୍ୱାଳ ଓ ଚତୁର୍ଥ ଭାଇ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ବିଶ୍ୱାଳ ଗାଁରେ ରହି ଜମିବାଡ଼ି ଦେଖାଶୁଣା କରୁଥିଲେ। ମୋ ଶ୍ୱଶୁରଙ୍କର ପାଞ୍ଚ ପୁଅ ମହେନ୍ଦ୍ର, ନରେନ୍ଦ୍ର, ସୁରେନ୍ଦ୍ର, ଧୀରେନ୍ଦ୍ର ଓ ରାଜେନ୍ଦ୍ରଙ୍କ ଭିତରେ ମୋ ସ୍ୱାମୀ ଥିଲେ ଚତୁର୍ଥ ସନ୍ତାନ। ଏକମାତ୍ର କନ୍ୟା ଥିଲା ମନୋରମା। ମୋ ଜ୍ୟେଷ୍ଠ ଦେଢ଼ଶୁର ଶ୍ରୀ ମହେନ୍ଦ୍ର କୁମାର ବିଶ୍ୱାଳ ସାଲେପୁର ବ୍ଲକର ଚେୟାରମ୍ୟାନ ଓ କଂଗ୍ରେସ ପାର୍ଟିର ଜଣେ ଜଣାଶୁଣା ବରିଷ୍ଠ ସଭ୍ୟ ଥିଲେ। ସାଲେପୁର ଅଞ୍ଚଳର ଶିକ୍ଷାର ଉନ୍ନତି ପାଇଁ ଡିଗ୍ରୀ କଲେଜ ଓ ଫାର୍ମାସ୍ୟୁଟିକାଲ୍ କଲେଜ ପ୍ରତିଷ୍ଠା କରିବାରେ ତାଙ୍କ ଅବଦାନ ଅତୁଳନୀୟ। ସେ ମଧ୍ୟ ଜଣେ ପ୍ରତିଷ୍ଠିତ ସମାଜସେବୀ। ଶ୍ରୀ ନରେନ୍ଦ୍ର କୁମାର ବିଶ୍ୱାଳ ଥିଲେ ସରପଞ୍ଚ ଓ ଶ୍ରୀ ସୁରେନ୍ଦ୍ର କୁମାର ବିଶ୍ୱାଳ କଲିକତାରେ ମୋ ଶ୍ୱଶୁରଙ୍କୁ ବ୍ୟବସାୟରେ ସାହାଯ୍ୟ କରୁଥିଲେ। ଦିଅର ଶ୍ରୀ ରାଜେନ୍ଦ୍ର କୁମାର ବିଶ୍ୱାଳ ହାଇସ୍କୁଲରେ ଅଧ୍ୟୟନ କରୁଥିଲେ। ମୋ ସ୍ୱାମୀ ସେତେବେଳେ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗରେ ଯନ୍ତ୍ରୀ ଭାବରେ ଭୁବନେଶ୍ୱରରେ କାର୍ଯ୍ୟରତ ଥିଲେ। ଝିଅ ମନୋରମା କଟକର ବିଶିଷ୍ଟ ଇଟା ଓ କୋଇଲା ବ୍ୟବସାୟୀ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ସ୍ୱାଇଁଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କୁ ବିବାହ କରିଥିଲେ।

ଏମିତି ଏକ ଯୌଥ ପରିବାର ସହିତ ବନ୍ଧୁ ବାନ୍ଧିବା ପାଇଁ ମୋ ବାପା ମନସ୍ଥ କଲେ। ୧୯୭୦ ମସିହା ଫେବୃୟାରୀ ୧୨ ତାରିଖ ମାଘ ସପ୍ତମୀଦିନ କଟକର ଗଡ଼ଗଡ଼ିଆ ମନ୍ଦିରରେ ମୋର ହୋଇଥିଲା ନିର୍ବନ୍ଧ। ଆମ ଗାଁରୁ ଅନେକ ଲୋକ ଗୋଟିଏ ବସ୍‌ରେ ଆସିଥିଲେ। ଆମ ଗାଁରେ ମୋ ବାପାଙ୍କର ବେଶ୍ ନାଁ ଥିଲା। ତାହାଛଡ଼ା ସେ ଅଞ୍ଚଳର ମୁଁ ଥିଲି ବେଶ୍ ଜଣାଶୁଣା ଶିକ୍ଷିତା ଝିଅଟିଏ। ବୋଧହୁଏ ଚାକିରି କରିବାରେ ମୁଁ ଥିଲି ପ୍ରଥମ ଝିଅ। ତେଣୁ ସମସ୍ତଙ୍କର ନଜର ଥାଏ ମୋ ଉପରେ। ମୋ ଶିକ୍ଷକଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ପର୍ଯ୍ୟନ୍ତ ଆଜିଯାଏ ଖୁବ୍ ସ୍ନେହ ଓ ଶ୍ରଦ୍ଧା କରନ୍ତି। ସେତକ ମୋ ପାଇଁ ଯଥେଷ୍ଟ। ମୋ ସାନ ଭଉଣୀ ରଜନୀ ମୋ ପାଖରେ ହଷ୍ଟେଲରେ ରହୁଥାଏ।

ନିର୍ବନ୍ଧ ପରେ ମୋ ବାପାଙ୍କୁ ଦେବାନେବା ବିଷୟରେ ମୋ ନଣନ୍ଦଙ୍କ ଶ୍ୱଶୁର ଶ୍ରୀ ପ୍ରାଣକୃଷ୍ଣ ସ୍ୱାଇଁ ପଚାରି ଥିଲେ। ବାପା ମୋର ଚୁପ୍‌ଚାପ୍ ଲୋକ। ନିଜର ଗରିମା କେବେ କହି ବୁଲନ୍ତିନି। ସେତେବେଳେ ନିଜ ଅଧ୍ୟବସାୟରୁ ସେ ପ୍ରାୟ ୨୫/୩୦ ଏକର ଜମିର ଅଧିକାରୀ ଥିଲେ। ଗାଁରେ ଆଜବେଷ୍ଟସ୍ ଛପରର ଘର ତାଙ୍କର ଥିଲା। ସେ

ଉତ୍ତରରେ କହିଥିଲେ, ''ମୋ ପୈତୃକ ଭାଗ ପଡ଼ିଛି ୫ ପା ଅର୍ଥାତ୍ ଏକ ଏକର ୬ ଗୁଣ୍ଠ ଜମି। ଯାହା ବଳ ପାଇବ ଦେବି।'' ନିର୍ବନ୍ଧ ବାକ୍ସରେ ଯାହା ସବୁ ଦେଇଥିଲେ ସେଥିରୁ ଜଣା ଯାଉ ନ ଥିଲା ଯେ ମୋ ବାପା ଏତେ ଗରିବ। ଯୌତୁକରେ ସ୍କୁଟରଟିଏ ଦେବାକୁ କହିବାରୁ ବାପା ହଁ କି ନାଁ କହି ନ ଥିଲେ। ଏହି କଥା ହଷ୍ଟେଲରେ ଶୁଣିବା ପରେ ମୋର ଖୁବ୍ ପ୍ରତିକ୍ରିୟା ହୋଇଥିଲା। ଏତେ ଟଙ୍କା ଖର୍ଚ୍ଚ କରି ପାଠ ପଢ଼ାଇବା ପରେ ମୋ ପାଇଁ ପୁଣି ମୋ ବାପା ଟଙ୍କା ଖର୍ଚ୍ଚ କରନ୍ତୁ ଏହା ମୁଁ ସହି ପାରୁ ନ ଥିଲି। ଆପଣ ସ୍କୁଟର ଦେଲେ ମୁଁ ବାହା ହେବିନି ବୋଲି ବାପାଙ୍କୁ ରୋକ୍‌ଠୋକ୍ କହି ଦେଇଥିଲି।

ନିର୍ବନ୍ଧ ପରେ ଶାଶୂଘର ଦେଇଥିବା ବାକ୍ସ ସନ୍ଧ୍ୟାରେ ମୋ ରୁମ୍‌କୁ ଅଣା ଯାଇଥିଲା। ସେତେବେଳେ ଅର୍ଥନୀତିରେ ପ୍ରାଧ୍ୟାପିକା ଶାନ୍ତି ଦାସ ଥାଆନ୍ତି ସୁପରିଟେଣ୍ଡେଣ୍ଟ୍। ତାଙ୍କ ଘରେ ଶାଶୂଘର ଶାଢ଼ି ପିନ୍ଧି ଓ ମୁଦି ପିନ୍ଧି ଠାକୁରଙ୍କୁ ମୁଣ୍ଡିଆ ମାରିଥିଲି। ସେତେବେଳେ ମୁଁ ଅନୁଭବ କରିଥିଲି ମୁଁ ପରଘରୀ ହୋଇଗଲି। ବାପା, ମା, ଭାଇ, ଭଉଣୀଙ୍କଠାରୁ ମୁଁ ଦୂରେଇ ଯିବି ଭାବି ମୋ ଆଖିରୁ ଝରଝର ଲୁହ ବୋହି ଯାଇଥିଲା। ବାପା ଓ ଗାଁ ଲୋକମାନେ ଚାଲିଗଲା ପରେ ମୁଁ ରୁମ୍‌ରେ ବହୁତ କାନ୍ଦିଥିଲି। କାରଣ ସେତେବେଳ ପର୍ଯ୍ୟନ୍ତ ମୁଁ ବାହାଘର କଥା ଭାବି ନ ଥିଲି। ସେହିଦିନର ସନ୍ଧ୍ୟା ମୋତେ ଭବିଷ୍ୟତ ବିଷୟରେ ଭାବିବାର ସମୟ ଦେଲା।

ନିର୍ବନ୍ଧର ଦୁଇ ଦିନ ପରେ ମୋ ନଣନ୍ଦେଇ ମୋ ସ୍ୱାମୀଙ୍କୁ ଧରି ହଷ୍ଟେଲ ଆସିଲେ। ସାଙ୍ଗରେ ଆଣିଥିଲେ କିଛି ମଲ୍ଲୀହାର ଓ ଅଙ୍ଗୁରକୋଳି। ମୁଁ ବେଶୀ କଥାବାର୍ତ୍ତା ନ କରି ମୋ ଭଉଣୀକୁ କଥାବାର୍ତ୍ତା କରିବାକୁ କହୁଥିଲି। ତା' ପରେପରେ ଭୁବନେଶ୍ୱରସ୍ଥ ପି.ଏଚ୍.ଡ଼ି. ଇଞ୍ଜିନିୟରିଂ ଅଫିସରୁ ଫେରି ସନ୍ଧ୍ୟାରେ ଅନେକଥର ଧୀରବାବୁ ହଷ୍ଟେଲକୁ ଅଙ୍ଗୁର ଓ ମଲ୍ଲୀହାର ନେଇ ଆସୁଥିଲେ। ମୋ ଜୁନିୟରମାନେ ତାଙ୍କ ସହିତ ଶାଳୀ ଭଳି ଥଟ୍ଟା କରୁଥିଲେ। ମୋ ସହିତ କଥାବାର୍ତ୍ତା କରି ଚାଲି ଯାଉଥିଲେ। ଏମିତି ଦୁଇମାସ ଚାଲିଗଲା। ମେ ୮ ତାରିଖକୁ ବାହାଘର ଦିନ ଠିକ୍ ହେଲା। କଲେଜ ଛୁଟି ହୋଇ ନ ଥାଏ। ଲାଷ୍ଟ ୱାର୍କି ଡେ'ରେ କଲେଜରେ ରହିବା କଥା। ବହୁତ କୁହାବୁଲା ପରେ ପ୍ରିନ୍‌ସପାଲ ଇନ୍‌ଚାର୍ଜ ପ୍ରଫେସର ଡକ୍ଟର ଗଦାଧର ମିଶ୍ର ମେ ୪ ତାରିଖରେ ମୋତେ ଛୁଟି ଦେଲେ। ସେଦିନ ମୋ ଦାଦାଙ୍କ ସହିତ ବେଡ଼ିଂ ବାକ୍ସ ଧରି ଟ୍ରେନ୍‌ରେ ଭଦ୍ରକ ଯାଇଥିଲି। ଟ୍ରେନ୍‌ରେ ଜଣେ ମୋ ହାତ ଦେଖି କହିଥିଲେ ମୋ ଆୟୁଷ ଖୁବ୍ କମ୍। ୬୮ ବର୍ଷ ତ ହେଲାଣି। କମ୍ ବୟସ ବଞ୍ଚିବା କଥାଟା କଟିଗଲାଣି ବୋଧହୁଏ।

ମେ ୪ ତାରିଖ ପୂର୍ବରୁ ନିବେଦିତା ମିଶ୍ର ଯିଏ ମୋର ବଡ଼ ଭଉଣୀ ଭଳି, ତାଙ୍କ ସହିତ ନୟାସଡ଼କ ଯାଇ ଉତ୍କଳ ଜ୍ୱେଲରୀରୁ ମୋର ଗହଣା କିଣିଥିଲି। ସରୁ ସରୁ ଗହଣା ଅଳ୍ପ ସୁନାରେ କିଣିବା ପାଇଁ ଦୋକାନରେ ନିବେଦିତା ଅପାଙ୍କୁ ବାରମ୍ବାର ଚୁପ୍‌ଚୁପ୍ କହିବା କଥା ଆଜିଯାଏ ମନେ ଅଛି। ମୋ ପାଇଁ ବାପାଙ୍କର ବେଶୀ ଖର୍ଚ୍ଚ ନ ହେଉ ଏହା ଥିଲା ମୋର ଉଦ୍ଦେଶ୍ୟ। ନେବାଠାରୁ ଦେବାରେ ଅଧିକ ଆନନ୍ଦ ମୁଁ ପାଉଥିଲି ପିଲାଦିନରୁ। କାହାରିଠାରୁ ସୁବିଧା ହାସଲ କରିବା ସପକ୍ଷରେ ମୁଁ ନଥାଏ।

ଘରେ ପହଞ୍ଚିବାଠାରୁ ଆରମ୍ଭ ହୋଇଗଲା କନିଆଖିଆ। ସମସ୍ତଙ୍କ ନିମନ୍ତ୍ରଣକୁ ରକ୍ଷା କରିବାକୁ ପଡ଼ିଲା। ଆମ ବଂଶରେ ମୋ ବାହାଘର ଥିଲା ପ୍ରଥମ। ତେଣୁ କନିଆଖିଆ ପରେ ସମସ୍ତଙ୍କ ଘରୁ ନୂଆ ଶାଢ଼ି ଓ ସୁନା ଗହଣା ଉପହାର ପାଇଲି ଅନେକ। ଦୁଇ ହାତର ଆଙ୍ଗୁଳି ମୋର ମୁଦିରେ ଭର୍ତ୍ତି ହୋଇ ଯାଇଥିଲା। ବାହାଘରର ଆୟୋଜନ ଖୁବ୍ ଧୁମ୍‌ଧାମ୍‌ରେ ମୋ ବାପା କରୁଥାଆନ୍ତି। ସବୁ କାମକୁ ସେ ପ୍ଲାନିଂ ଅନୁସାରେ କରନ୍ତି। ବରଯାତ୍ରୀ କେଉଁଠି ଓହ୍ଲାଇବେ, କିଏ ତାଙ୍କୁ ଜଳପାନରେ ଆପ୍ୟାୟିତ କରିବାଠାରୁ ଭୋଜିରେ କିଏକିଏ କି ପ୍ରକାର ଆଇଟମ୍ ପରଶିବେ ଇତ୍ୟାଦିର ଲିଷ୍ଟ ହୋଇଥାଏ। କଲିକତାରୁ ମିସ୍ତ୍ରୀ ଆଣି ୧୬ ପ୍ରକାର ମିଠା ତିଆରି କରାଇଥିଲେ। ସେ ସବୁକାମ ସୁରୁଖୁରୁରେ ଚାଲିଥାଏ। ବାହାଘର ଦିନ ଡକ୍ଟର ନାୟକ ସମ୍ବଲପୁରରୁ ଆସି ପହଞ୍ଚିଲେ। ଯାହାକୁ ଦୀର୍ଘଦିନ ଧରି ମଣିଷ କରାଇଥିଲେ ସେ ଆଜି ଅନ୍ୟ ଘରକୁ ଚାଲିଯିବ, ତା' ଭବିଷ୍ୟତ କେଉଁ ମୋଡ଼ ନେବ ଇତ୍ୟାଦି ବୋଧହୁଏ ସେ ବାହାଘର ଦିନସାରା ଭାବୁଥିଲେ, କାରଣ ତାଙ୍କ ଭାବପ୍ରବଣତା ମୁଁ ଅନୁଭବ କରି ପାରୁଥିଲି। ଦିନ ପ୍ରାୟ ୫ଟା ବେଳେ ପ୍ରବଳ ପବନ, ଘଡ଼ଘଡ଼ି, ବିଜୁଳି ସାଙ୍ଗକୁ ପ୍ରବଳ ବର୍ଷା ଆରମ୍ଭ ହେଲା। ଦାଣ୍ଡରେ ଖୁବ୍ ସୁନ୍ଦର ଭାବରେ ସଜା ହୋଇଥିବା ତୋରଣ ଓ ବେଦି ପବନ ଓ ବର୍ଷାରେ ଛିନ୍‌ଛତ୍ର ହୋଇଗଲା।

ବେଳେବେଳେ ବର୍ଷା ଶୁଭ ଆଗମନୀର ସଙ୍କେତ ଦେଇଥାଏ। କିନ୍ତୁ ଏ ବର୍ଷା ଯୋଗୁଁ ବାହାଘରରେ ବିରାଟ ବିଭ୍ରାଟ ସୃଷ୍ଟି ହୋଇଥିଲା। ରାତି ପ୍ରାୟ ୧୧ଟା ବେଳେ ବର ଓ ବରଯାତ୍ରୀ ଆସି ପହଞ୍ଚିଥିଲେ ଆମ ଗାଁଠୁ ପ୍ରାୟ ୨ କି.ମି ଦୂର ଏଡ଼ତାଳ ଗାଁ ଛକରେ। ଏହି ଗାଁରେ ଅନେକ ଶିକ୍ଷିତ ଲୋକଙ୍କର ଘର ଏବଂ ଲୋକସଂଖ୍ୟା ଅଧିକ। ସେହି ଗାଁରୁ ଆମ ଗାଁକୁ ସିଧାସିଧି ଭାବରେ ସଡ଼କ ନ ଥିଲା। ହିଡ଼ରେ ଯିବା ଆସିବା

କରାଯାଉଥାଏ। ଏଡ଼ତାଳ ଛକରେ ମୋ ବାପା ଜଳଖିଆ, ଚା' ଓ ସରବତର ବ୍ୟବସ୍ଥା କରିଥିଲେ। ଚା' ଜଳଖିଆ ପରେ ବରଯାତ୍ରୀମାନେ ପ୍ରସେସନରେ ବାହାରିଲେ। ବାଜାର ବ୍ୟବସ୍ଥା କରାଯାଇଥିଲା। ଗାଁର ଚଳଣି ଅନୁସାରେ ନାଚବାଲି ମଧ୍ୟ ପ୍ରସେସନରେ ଥିଲେ। ବରଯାତ୍ରୀ ଦୁଇ ଦଳର ଥିଲେ। ଗୋଟିଏ ଦଳରେ ଥିଲେ ମୋ ନଣନ୍ଦେଇଙ୍କର କଟକ ସାଙ୍ଗମାନେ ଓ ଅନ୍ୟ ଦଳରେ ଥିଲେ ମୋ ଶାଶୂଘର ଗାଁର ଲୋକମାନେ ଏବଂ ମୋ ବଡ଼ ଦେଢ଼ଶୁରଙ୍କର ବନ୍ଧୁମାନେ। ଏହି ଦୁଇଦଳ ଭିତରେ ଆଗରୁ ଟିକିଏ ମତାନ୍ତର ଥିଲା। ଯାହାହେଉ ପ୍ରସେସନ ଆରମ୍ଭରେ ବରଯାତ୍ରୀମାନଙ୍କ ମଧ୍ୟରୁ କେତେଜଣ ମଦ୍ୟପାନ କରିଥିଲେ। ଗାଁ ସାରା ପ୍ରସେସନ ଚାଲିଲା। ବଡ଼ ଝିଅ ଓ ପ୍ରଥମ ବାହାଘର ପ୍ରସେସନ ଲୋକମାନଙ୍କୁ ଦେଖାଇବାକୁ ଆମ ଲୋକମାନଙ୍କର ଇଚ୍ଛା ଥାଏ। କ୍ରମଶଃ ବରଯାତ୍ରୀଙ୍କୁ ମଦ ନିଶା ଘାରିଲା। ଅନେକ ଅଘଟଣ ମଧ୍ୟ ପ୍ରସେସନରେ ଘଟିଲା। ସେତେବେଳେ ଆମ ଗାଁମାନଙ୍କରେ ମଦକୁ ଘୃଣା କରୁଥିଲେ। ପ୍ରାୟ କୌଣସି ଲୋକ ମଦ ପିଉ ନ ଥିଲେ, ଯଦିଓ ବର୍ତ୍ତମାନ ପିଲାଙ୍କଠାରୁ ଆରମ୍ଭ କରି ବୁଢ଼ାଯାଏ ପ୍ରାୟ ଅଧିକାଂଶ ଲୋକ ଗାଁରେ ମଦ୍ୟପ ହୋଇଗଲେଣି। ମଦ ପିଇ ବରଯାତ୍ରୀମାନେ ଅଘଟଣ ଘଟାଉଛନ୍ତି ବୋଲି ଆମ ଘରେ ଖବର ପହଞ୍ଚୁଥାଏ। ମୋ ବାପାଙ୍କର ମାନ ସମ୍ମାନରେ ବ୍ୟାଘାତ ଘଟୁଥିବାରୁ ମୋ ବୋଉ ଓ ମୁଁ କାନ୍ଦୁଥାଉ। ସମସ୍ତେ ମୁଣ୍ଡରେ ହାତ ଦେଉଥାଆନ୍ତି। ମଦ ନିଶାରେ କେତେଜଣ ହିଡ଼ରେ ନ ଯାଇ କିଆରି ଭିତରେ ଯାଉଥିବାରୁ ଗୋଡ଼ରେ କାଦୁଅ ବେଶ୍ ଭଲ ଭାବରେ ଲାଗୁଥାଏ। ତେଣୁ ବରଯାତ୍ରୀ ରାଗିପାଚି ଆମ ଘରେ ପ୍ରାୟ ଭୋର ସମୟରେ ପହଞ୍ଚିଲେ। ସେମାନଙ୍କର ଏମିତି କାର୍ଯ୍ୟକଳାପ ଦେଖି ଆମ ବନ୍ଧୁବାନ୍ଧବ ରାଗି ଯାଇଥିଲେ। ତେଣୁ ପାଦଧୁଆ ପାଣିଦେବାଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଘଟାଇଲେ। ଏହାଦ୍ୱାରା ବରଯାତ୍ରୀ ଓ ଆମ ବନ୍ଧୁବାନ୍ଧବଙ୍କ ଭିତରେ ସାମାନ୍ୟ ଯୁକ୍ତିତର୍କ ହେଲା। ଶାଶୂଘର ଗାଁର ଲୋକମାନେ ପାଣିଗ୍ରହଣ ନ କରି ଫେରିଯିବାକୁ ବସିଲେ। ମୋ ବାପା, ଡକ୍ଟର ନାୟକ ଓ ଶେଷରେ ମୁଁ ମୋ ବଡ଼ ଦେଢ଼ଶୁରଙ୍କ ହାତ ଧରି ଅନୁରୋଧ କଲୁ। ସେମାନେ ବରକୁ ନେଇଯିବାକୁ ଚେଷ୍ଟା କରି ବିଫଳ ହେଲେ। ପ୍ରାୟ ଅଧିକାଂଶ ବରଯାତ୍ରୀ ବସରେ ଫେରିଗଲେ। କେବଳ ମୋ ଶ୍ୱଶୁର, ଜଣେ ଖୁଡୁତାଶୁର, ଜଣେ ଦେଢ଼ଶୁର, ନଣନ୍ଦେଇ ଓ ତାଙ୍କର କିଛି ସାଙ୍ଗ ରହିଥିଲେ।

ଦିନ ପ୍ରାୟ ୮ଟା ବେଳେ ବାହାଘର ଆରମ୍ଭ ହେଲା। ଓଢ଼ଣା ଭିତରୁ ଥପ୍ ଥପ୍ ଝାଳ ମୋର ବୋହି ଯାଉଥାଏ। ବାହାଘର ଶେଷ ହେଲା ପ୍ରାୟ ଦିନ ୧୧ଟାରେ।

ରାତିରୁ ମୋ ଆଖିରୁ ଲୁହ ଶୁଖୁ ନ ଥାଏ। ମୋ ବାହାଘରର ଅନୁଭୂତି ଥିଲା କରୁଣମୟ। ବାହାଘର ପରେ ମୋ ନଣନ୍ଦେଇ, ମୋ ସ୍ୱାମୀ ଓ ମୁଁ ଦହି ପଖାଳ ଓ ମାଛଭଜା ଖାଇବା କଥା ମୋର ସ୍ପଷ୍ଟ ମନେଅଛି। ମୋ ବାହାଘରରେ ମୋର କଲେଜ ବନ୍ଧୁ ଇନ୍ଦୁ ଓ ତା' ଝିଆରୀ ବିନି ଯୋଗ ଦେଇଥିଲେ। ବିନି ଅଳ୍ପ ବୟସରେ ସମସ୍ତଙ୍କୁ ଛାଡ଼ି ଚାଲିଯାଇଛି, ହେଲେ ସେଦିନର ସ୍ମୃତି ମୋର ମନେ ଅଛି। ଘର ଅଗଣାରେ ମୋତେ ସଜାଇବା, ମୋ ସାଜସଜ୍ଜା ଦେଖିବା ପାଇଁ ଗାଁ ସାରାର ଝିଅ ବୋହୂଙ୍କର ଭିଡ଼ ଜମିବା ଇତ୍ୟାଦି ମୁଁ ଏ ଯାଏ ଭୁଲିନି। ଏତେଦିନର ସମ୍ପର୍କ ଛିଡ଼ାଇ ଅନ୍ୟଘରକୁ ବୋହୂ ହୋଇ ଯିବି, ଏତେ ସବୁ ଆୟୋଜନ କିପରି ବିଫଳ ହୋଇଗଲା, ବାପାଙ୍କର ମାନ ସମ୍ମାନ ଗଲା ଇତ୍ୟାଦି ଭାବି ମୁଁ ବିମର୍ଷ ହୋଇ ଯାଇଥିଲି। ସବାରିରେ ବସି ବିଦାୟ ନେଲି ଦିନ ୪ଟାରେ। ବାପା ମୋ ବିଦାୟକାଳୀନ ଦୃଶ୍ୟ ସହି ନ ପାରି ଅଚେତ ହୋଇ ଯାଇଥିଲେ। ବର ଯାଇଥିଲେ ପାଲିଙ୍କିରେ। ଏଡ଼ତାଳରୁ କାର୍‌ରେ ବସି ଶାଶୂଘରମୁହାଁ ହେଲି। ଭଦ୍ରକରେ ଇନ୍ଦୁ ଓ ବିନିକୁ ଛାଡ଼ି ଆସିଲୁ। କାର୍‌ରେ ଥିଲେ ମୋ ଶ୍ୱଶୁର, ସ୍ୱାମୀ, ନଣନ୍ଦେଇ ଓ ମୁଁ। ଦୀର୍ଘ ସମୟ ଗାଡ଼ିରେ ବସି ମୋ ଅତୀତକୁ ମୁଁ ତର୍ଜମା କରୁଥିଲି। ମୁଁ ଯେମିତି ଥିଲି ଆଉ ଏକ ଦୁନିଆରେ। ମୋ ସ୍ୱାମୀ କାରରେ ବସିବାଠାରୁ ମୋ ଶାଶୂଘରେ ପହଞ୍ଚିବା ପର୍ଯ୍ୟନ୍ତ କ୍ଳାନ୍ତହୋଇ ଢୁଳାଉଥିଲେ।

କାର ଶାଶୂ ଘରେ ପହଞ୍ଚିଲା ବେଳକୁ ହୋଇ ଯାଇଥାଏ ପ୍ରାୟ ରାତି ୯ଟା। ଘରେ ସମସ୍ତେ ଥାଆନ୍ତି ଚୁପ୍‌ଚାପ୍। ବୋଧହୁଏ ଦେଢ଼ଶୁର ଓ ତାଙ୍କ ବନ୍ଧୁମାନଙ୍କର ଫେରି ଆସିବାଟା ଅପମାନଜନକ ବୋଲି ସେମାନେ ଭାବୁଥିଲେ। ଶୋଇବା ପାଇଁ ଖଟଟିର ବ୍ୟବସ୍ଥା ମୋ ପାଇଁ କରାଯାଇ ନ ଥିଲା। ଛୋଟିଆ ରୁମ୍‌ଟିରେ ସପ ଉପରେ ଶୋଇ ରାତି କଟେଇ ଦେଇଥିଲି। ମୋ ଶାଶୂ କି ଯାଆମାନେ କେହି ମୋ ପାଖକୁ ଆସି ନ ଥିଲେ। ବାପା ଦେଇଥିବା କାଠ ଫର୍ଣ୍ଣିଚର ଓ ଗଦି ବାହାରେ ଥୁଆ ହୋଇଥାଏ। ତା'ପରଦିନ ଦୁଆର ମୁହଁରେ କୂଅ ପାଖରେ ଲୁଗା ଘେରା ହୋଇଥିବା ସ୍ଥାନରେ ମୁଁ ଗାଧୋଇଲି ଓ ବାଡ଼ିକୁ ଝାଡ଼ା ଗଲି। ନୂଆ ଜାଗାରେ ଏ ସବୁର ଅସୁବିଧା ମୁଁ ଭୁଲିନାହିଁ। ଅଳ୍ପଦିନ ପରେ ମୋ ଦିଅର ବାହା ହୋଇଥିଲା। ମୋ ସାନ ଯାଆ ଶାଶୂଘରେ ପାଦ ଦେବା ପୂର୍ବରୁ ମୋ ସ୍ୱାମୀ ଓ ମୋ ଦେଢ଼ଶୁରମାନେ ତା' ଶୋଇବା ଘରର ସାଜସଜା ସବୁ କରିଦେଇଥିଲେ। ମୋ ଭାଗ୍ୟରେ କାହିଁକି ଏମିତି ଥିଲା ଏବେ ସେ କଥା ମୁଁ ଭାବେ। ଖାଇବାକୁ ସେଦିନ

ଇଚ୍ଛା ହେଉ ନ ଥାଏ। ପରିବେଶ ମୋତେ ବେଶ୍ ଖାପଛଡ଼ା ଲାଗୁଥାଏ। ମୋ ଶାଶୂ ସ୍ୱର୍ଣ୍ଣଲତା ଥିଲେ ଦେବୀ ପ୍ରତିମା। ସେ ମୋତେ ମୋ ସ୍ୱାମୀଙ୍କ ସହିତ ଗୋଟିଏ ଥାଳିରେ ଖାଇବାକୁ ଦେଇଥିଲେ ପ୍ରଥମରୁ। ପ୍ରାୟ ୧୫ ବର୍ଷ ଧରି ଗୋଟିଏ ଥାଳିରେ ଆମେ ଦୁହେଁ ଖାଉଥିଲୁ। ବୋହୂ କ'ଣ ଯୌତୁକ ଆଣିଛି ବୋଲି ସାଇ ପଡ଼ିଶାଙ୍କ ପ୍ରଶ୍ନରେ ସେ ଉତ୍ତର ଦେଇଥିଲେ, ''ମୋ ବୋହୂ ପେଟରେ ପେଟେ ପାଠ ଆଣିଛି। ଆଉ ମୋର କ'ଣ ଦରକାର ?'' ଏମିତି ଶାଶୂ ପାଇବା ମୋ ପାଇଁ ଭାଗ୍ୟର କଥା।

ଦ୍ୱିତୀୟ ଅଘଟଣଟି ଘଟିଥିଲା ମୋ ଚତୁର୍ଥୀ ଦିନ। ଚତୁର୍ଥୀ ଦିନଟିକୁ ସବୁ ଦମ୍ପତି ଅପେକ୍ଷା କରିଥାନ୍ତି। ନିଜର ସୁଖ, ଦୁଃଖ, ପରିବେଶ ଓ ପରିବାରର ଚଳଣି ବିଷୟରେ ଉଭୟ ସ୍ୱାମୀ ସ୍ତ୍ରୀ ଅବଗତ ହୁଅନ୍ତି ସେଦିନ। ମୋ ପାଇଁ ଚତୁର୍ଥୀ ରାତିଟି ଥିଲା ଏକ ଅବିସ୍ମରଣୀୟ ରାତି। ସନ୍ଧ୍ୟାବେଳେ ନିମନ୍ତ୍ରିତ ବ୍ୟକ୍ତିମାନେ ଆସିଗଲେ। ମୋ ବାହାଘର ଦିନ ଆମ ଘରେ ନ ଖାଇ ଚାଲି ଆସିଥିବା ବର ଯାତ୍ରୀମାନଙ୍କୁ ସମ୍ମାନ ସହକାରେ ନିମନ୍ତ୍ରଣ କରିଥିଲେ ମୋ ଶ୍ୱଶୁର। ଖିଆପିଆ ଧୁମ୍‌ଧାମ୍‌ରେ ଚାଲିଲା। ମଫସଲର ବୋହୂଟିଏ ସାଜି ମୁଁ ବସିଥାଏ। ମୋ ନଣନ୍ଦେଇ କଟକରୁ ନେଇଥିବା ଗୋଛାଏ ମଲ୍ଲୀହାର ଏକ ପୁରୁଣା ଖଟବାଡ଼ାରେ ବାନ୍ଧୁଥାଆନ୍ତି। ଏସବୁ ଚାଲିଥିବା ସମୟରେ ବାହାଘର ଦିନ ଘଟିଥିବା ଗଣ୍ଡଗୋଳକୁ ନେଇ ପୁଣି ବିଭ୍ରାଟ ସୃଷ୍ଟି ହେଲା। ନଣନ୍ଦେଇ ରାଗରେ ସଜା ହୋଇଥିବା ଫୁଲହାର ଛିଣ୍ଡାଇ ଦେଲେ ଏବଂ ନଣନ୍ଦ ଓ ପିଲାମାନଙ୍କୁ ନେଇ କଟକ ଚାଲିଗଲେ। ମୋ ମୁଣ୍ଡ ଯେମିତି ଘୂରିଗଲା। ଏସବୁ କ'ଣ ଘଟିଯାଉଛି ଭାବି ମନଟା ଗୁମୁରି ଗୁମୁରି କାନ୍ଦିଲା। ମୁଁ ଚୁପ୍‌ଚାପ୍ ଖଟ ପାଖରେ ଛିଡ଼ା ହୋଇ ବହୁତ କାନ୍ଦିଲି। ମୋ ଶାଶୂ ନ ଖାଇ ଶୋଇଲେ। କାରଣ ୫ ପୁଅରେ ଗୋଟିଏ ବୋଲି ଗେହ୍ଲାବସରରେ ବଢ଼ିଥିବା ଝିଅ ତାଙ୍କର। ମୋ ଶାଶୂ ଥିଲେ ଖୁବ୍ ମହାନ୍। କଳିତକରାଳ ତାଙ୍କ ପାଟିରେ ମୁଁ ଶୁଣିନି। ତାଙ୍କ ଜୀବଦଶାରେ ଖୁବ୍ ସ୍ନେହୀ ଓ ଦରଦୀ ସେ। ୬ଟି ପିଲାଙ୍କୁ ଯୌଥ ପରିବାରରେ ସେ କଷ୍ଟ ସହି ମଣିଷ କରିଥିଲେ। ମୋ ସ୍ୱାମୀ ଧୀରେନ୍ଦ୍ର କୁମାର ଥିଲେ ଇଞ୍ଜିନିୟର। ଅନ୍ୟମାନେ ଉଚ୍ଚଶିକ୍ଷିତ ନ ହେଲେ ବି ଗାଁରେ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ। ପରିବାରଟି ବେଶ୍ ସମ୍ଭ୍ରାନ୍ତ ଏବଂ ସେ ଅଞ୍ଚଳରେ ଏକ ଆଖିଦୃଶିଆ ପରିବାର। ମୋ ଶ୍ୱଶୁର ଶ୍ରୀଯୁକ୍ତ ଚକ୍ରଧର ବିଶ୍ୱାଳ ସେମାନଙ୍କ ଭାଇମାନଙ୍କ ମଧ୍ୟରେ ଜ୍ୟେଷ୍ଠ। କଲିକତାରେ ଥିଲା ମଶାରୀ ଫ୍ୟାକ୍ଟ୍ରି। ଖୁବ୍ ଅମାୟିକ ଲୋକ ଥିଲେ ସେ। ଭାଇମାନଙ୍କୁ

କଷ୍ଟକରି ମଣିଷ କରିଥିଲେ। ୧୪ ବର୍ଷରେ ବିବାହ କରିଥିଲେ ୯ ବର୍ଷର ଶିଶୁକନ୍ୟା ମୋ ଶାଶୂଙ୍କୁ। କାରଣ ୭ଟି ଭାଇ ପରେ ମୋ ଶାଶୂଙ୍କର ଜନ୍ମ। ତେଣୁ ଅଳ୍ପ ବୟସରେ ବାହା ଦେଲେ ଅଜା ଶ୍ୱଶୁର ପୁଣ୍ୟ ଲାଭ କରିବେ ବୋଲି ତାଙ୍କର ଥିଲା ବିଶ୍ୱାସ। ୫ ଭାଇ ମଧ୍ୟରେ ମୋ ନଣନ୍ଦ ଖୁବ୍ ଗେହ୍ଲାବସରରେ ବଢ଼ିଥିଲା। ବାପଘରେ ତା'ର ପ୍ରତିପତ୍ତି ଥିଲା ଖୁବ୍ ବେଶୀ। ସେ ଓ ତା ପରିବାର ନ ଖାଇ କଟକ ଫେରିଆସିବାଟା ମୋ ଶାଶୂ ସହି ପାରିଲେନି। ସେ ଅନ୍ଧାର ଘରେ ନ ଖାଇ ଶୋଇଲେ। ଘରର ସମସ୍ତ ଲୋକ ଅଖିଆ ଶୋଇଲେ। ମୁଁ ବି ସେଦିନ ଓପାସରେ ଅନ୍ଧାରରେ ଶୋଇଲି। ଏ ଥିଲା ମୋ ଚତୁର୍ଥୀ ଦିନର ଅନୁଭୂତି।

ମଧୁଯାମିନୀ କଟାଇବା ଓ ସ୍ୱାମୀଙ୍କ ସହିତ ଦୁଇପଦ କଥାବାର୍ତ୍ତା ହେବା ତ ଦୂରର କଥା ବିଭିନ୍ନ ପ୍ରକାର ଦୁଃଖ ମୋତେ ସେ ରାତିରେ ଜାବୁଡ଼ି ଧରିଥିଲା। ମନେ ମନେ ଭାବୁଥିଲି ମୋ ବାପାଙ୍କ ଘର ତ ମଫସଲରେ। ଭାଇମାନେ ଥିଲେ ଖୁବ୍ ଛୋଟ ଛୋଟ। ବାପାଙ୍କୁ ଆଧୁନିକତା ଛୁଇଁ ନ ଥିଲା। ମୁଁ ବି ମୁହଁ ଖୋଲି କିଛି କହିବା ଠିକ୍ ନୁହେଁ ବୋଲି ଭାବୁଥିଲି। ଏହିସବୁ କାରଣରୁ ଫଟୋଟିଏ ମୋ ବାହାଘର ଦିନ ଉଠି ନ ଥିଲା। ଶାଶୂ ଘର ତ କଟକ ସହର ପାଖରେ। ତା' ଛଡ଼ା ମୋ ସ୍ୱାମୀ ଅନେକ ବାହାଘରରେ ଯୋଗ ଦେଇଛନ୍ତି ଏବଂ ନିଜ ଭଉଣୀ ବାହାଘର ମଧ୍ୟ କରିଛନ୍ତି। ଗୋଟିଏ ଫଟୋଗ୍ରାଫରର ବ୍ୟବସ୍ଥା କଲେ ନାହିଁ କାହିଁକି ? ବାହାଘର ସମୟରେ ଉଠିଥିବା ଗୋଟିଏ ଫଟୋ ଜୀନନସାରା ଆନନ୍ଦ ଦେଇଥାନ୍ତା ଏବଂ ବାହାଘରର ସନ୍ତକ ହୋଇ ମୋ ଆଲବମ୍ ମଣ୍ଡିତ କରିଥାନ୍ତା, ହେଲେ ସେ ସୌଭାଗ୍ୟ ମୋର ନ ଥିଲା। ଅଳ୍ପଦିନ ପରେ ମୋ ସ୍ୱାମୀଙ୍କ ଆଲବମ୍‌ରେ ଶହ ଶହ ସାଙ୍ଗ ଓ ଅନେକଙ୍କ ପରିବାର ଫଟୋ ଦେଖି ଅନେକ କଥା ମୋ ମନକୁ ଆସୁଥିଲା। ବାହାଘରରେ ବନାରସୀ ଶାଢ଼ିଟିଏ ଝିଅ ପିନ୍ଧିବା ଆମ ସଂସ୍କୃତି। କଲିକତାରୁ ମୋ ଦେଢ଼ଶୁର ଆଣିଥିବା ଟେରିଲିନ୍ ଶାଢ଼ିଟି ମୋତେ ରିସେପ୍‌ସନ୍ ଦିନ ପିନ୍ଧାଇଥିଲେ ମୋ ଯାଆମାନେ। ବାପା ଦେଇଥିଲେ ପିୟୋର ସିଲ୍କ ଶାଢ଼ି। ନିଜ ପାଇଁ ଭଲ ଶାଢ଼ିଟିଏ କିଣିବାକୁ ମୁଁ ବାପାଙ୍କୁ କହି ପାରି ନ ଥିଲି। ଏସବୁ ଦୁଃଖ ମୋ ଜୀବନସାରା ମୋ ମନ ଭିତରେ ଗୁମୁରୁ ଥିଲା। ଈଶ୍ୱର କେଡ଼େ କରୁଣାମୟ। ସେ ସବୁର ଗୋଟିଏ ସନ୍ତୁଳନ ରକ୍ଷା କରନ୍ତି। ପରବର୍ତ୍ତୀ ସମୟରେ ହଜାର ହଜାର ଫଟୋ ଦେଶ ଓ ବିଦେଶରେ ଉଠାଇଲି। ଶହ ଶହ ମନ ମୁତାବକ ଶାଢ଼ି କିଣି ପିନ୍ଧିବାର ସୌଭାଗ୍ୟ ପାଇଲି। ସମୟ

ହେଉଛି ବଡ଼। ସବୁ କଥାକୁ ଅପେକ୍ଷା କରିବାଟା ହେଉଛି ବୁଦ୍ଧିମାନ ଲୋକର ପରିଚୟ। ସେତେବେଳେ ଥରେ ମଧ ମୋ ମନ ଭିତରର ଅଭାବକୁ କାହାରି ଆଗରେ ପ୍ରକାଶ କରି ନ ଥିଲି। ମନଟାକୁ ଦମ୍ଭ କଲେ ସବୁ ସହି ହୋଇଯାଏ। ଆପେ ଆପେ ଭଲଟା ଆସିଲା ବେଳରେ ଆସିଯାଏ। ଜୀବନରେ ଅନେକ ପାଇଲି। କେଉଁଠି ଥିଲି କେଉଁଠି ଆସି ପହଞ୍ଚିଲି ଭାବିଲେ ଈଶ୍ୱରଙ୍କ ପାଖରେ ମୁଣ୍ଡ ନଇଁ ଯାଏ। ପି.ଏସ୍.ସି.ରେ କନଫରମ୍ ହୋଇ, ଗୋଟିଏ ଗେଜେଟେଡ଼ ଅଫିସର ହୋଇ, ଓଡ଼ିଶାର ସବୁଠାରୁ ପୁରୁଣା ଓ ବଡ଼ ରେଭେନ୍ସା କଲେଜରେ ଅଧ୍ୟାପକ ହୋଇ ମୁଁ ବାହା ହୋଇଥିଲେ ମଧ ଗାଁର ଚଳଣିରେ ବୋହୂଟିଏ ହୋଇ ଶାଶୂଘରେ ଚାରି ଯାଆଙ୍କ ସହିତ ଚଳି ପାରିଥିଲି ବୋଲି ମନରେ ଗର୍ବ ଆସେ।

ଅଳ୍ପଦିନ ପରେ ସମର ଭାକେସନ୍ ସରିଗଲା। ମୋ ସ୍ୱାମୀ ରହୁଥିବା କଟକସ୍ଥ ରାଜାବଗିଚା ଲେବର କଲୋନୀରେ ଗୋଟିକିଆ ରୁମ୍‌ରେ କିଛିଦିନ ରହି ମା' ଝାଞ୍ଜିର ମଙ୍ଗଳାଙ୍କ ନିଜ ଘରେ ୨ / ୩ ମାସ ଭଡ଼ା ନେଇ ରହିଲି। ସେଠାରେ ମୋ ବାପା ଦେଇଥିବା ଖଟ, ଗଦିର ପ୍ରଥମ ବ୍ୟବହାର କରିଥିଲି। ସ୍ୱାମୀଙ୍କର ଇଞ୍ଜିନିୟର ବନ୍ଧୁ ଶରତ କୁମାର ରାଜଗୁରୁ ଖଟ ଇତ୍ୟାଦି ପକାଇବାର ବ୍ୟବସ୍ଥା କରିଦେଇଥିଲେ। ଅତୀତରେ ଯାହା ସବୁ ଘଟିଗଲା ତା' ଉପରେ ପରଦା ଢାଙ୍କି ଦେଇ ଚାକିରି ଓ ଘର କରିବାରେ ଲାଗିପଡ଼ିଲି। କର୍ତ୍ତବ୍ୟରେ ହେଳା କରିନି ଜୀବନରେ। ରେଭେନ୍ସା କଲେଜ ପାଣିଟାଙ୍କି ପାଖରେ ଥିବା ଗୋଟିଏ ପି.ଏଚ୍.ଡ଼ି. ଡିପାର୍ଟମେଣ୍ଟର ଷ୍ଟୋର ଘର ପାର୍ଟିସନ୍‌ଦ୍ୱାରା ଦୁଇଟି ରୁମ୍‌ରେ ବିଭକ୍ତ ହୋଇ କ୍ୱାଟରରେ ପରିଣତ ହୋଇଥାଏ। ଏହି କ୍ୱାଟରକୁ ମୋ ସ୍ୱାମୀଙ୍କୁ ଆଲଟ୍ କଲେ ତତ୍‌କାଳୀନ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଓ ଆମ ଶୁଭେଚ୍ଛୁ ଶ୍ରୀ ନରେନ୍ଦ୍ର ମହାନ୍ତି। ମୁଁ ରେଭେନ୍ସାରେ ଚାକିରି କରୁଥିଲି ଏବଂ ଯାହାର କ୍ୱାଟର ସେ ନିଜ ଘରେ ରହୁଥିଲେ। ଏସବୁ କାରଣ ଯୋଗୁଁ ମୋ ସ୍ୱାମୀଙ୍କୁ ସୁବିଧାରେ କ୍ୱାଟରଟି ମିଳିଗଲା। ଲେଡ଼ିଜ୍ ହଷ୍ଟେଲରେ ରହିବା ଛାଡ଼ି ଦେଇଥିଲି। ଆମ କ୍ୱାଟର୍‌ରୁ ଯାଇ ହଷ୍ଟେଲ କଥା ବୁଝାବୁଝି କରୁଥିଲି।

ରେଭେନ୍ସା କଲେଜ କ୍ୱାଟର୍‌ରେ ଥିବା ସମୟରେ ମୋ ବଡ଼ପୁଅ ପାର୍ଥ ପ୍ରତିମ (ପୁପୁ) ୧୯୭୧ ମସିହା ଫେବୃୟାରୀ ମାସ ୨୬ ତାରିଖରେ ଜନ୍ମ ହେଲା। ସେଦିନ ଥିଲା ହଷ୍ଟେଲର ବାର୍ଷିକୋତ୍ସବ। ଉତ୍ସବ ଦେଖିବା ପାଇଁ ସ୍ୱାମୀ ଓ ଶାଶୁଙ୍କୁ ପଠାଇ ଦେଇ

ମୁଁ ଏକା ମେଡ଼ିକାଲରେ ରହିଲି। କ୍ୟାବିନ ଆପ୍ଲାୟ କରିବା ମଧ ଜାଣି ନ ଥିଲୁ। ଜେନେରାଲ ୱାର୍ଡ଼ରେ ରହି ବଡ଼ପୁଅକୁ ମୋର ଜନ୍ମ କରିଥିଲି। ମାଟରନିଟି ଛୁଟି ନେଲେ ଚାକିରିରୁ ରିଲିଭ ହେବାକୁ ହୁଏ। ତେଣୁ ମୁଁ ନେଇଥିବା ୩ ମାସ ଛୁଟି ମଧ୍ୟରେ ଯଶୋଧରା ଦାସ ନାମକ ଝିଅଟିଏ ମୋ ପୋଷ୍ଟରେ ଜଏନ କରିଗଲା। ମୋ ପୋଷ୍ଟିଂ ହେଲା ୫/୬ କିଲୋମିଟର ଦୂର ଶୈଳବାଳା ମହିଳା କଲେଜରେ। ମୋ ବାହାଘର ପରେ ଡକ୍ଟର ନାୟକଙ୍କ ସହିତ ମୋର ବିଶେଷ ଯୋଗାଯୋଗ ରହିଲା ନାହିଁ। ତେଣୁ ପୋଷ୍ଟିଂ ବିଷୟରେ ସାହାଯ୍ୟ କରିବାକୁ କେହି ନ ଥିଲେ। ଛୁଟି ସରିଗଲା ପରେ ଶୈଳବାଳା ମହିଳା କଲେଜରେ ଯୋଗ ଦେଲି। ସେତେବେଳେ ଆମର ସ୍କୁଟର ନ ଥିଲା। ରିକ୍ସାଟିଏ କିଣା ହେଲା। ଗାଁରୁ କୃଷ୍ଣ ସାମଲ ନାମକ ହରିଜନ ଲୋକଟିଏ ମୋ ଘରେ ରହି ରିକ୍ସା ଚଲାଇଲା। ମୋ ପାଖରେ ଥାଏ ମୋ ସାନ ଭଉଣୀ ରଜନୀ। ରେଭେନ୍ସାରେ ପ୍ରି ପ୍ରଫେସନାଲ କ୍ଲାସ କରୁଥାଏ ସେ । ଲେଡ଼ିଜ୍ ହଷ୍ଟେଲରେ ତା'ର ଅନେକ ସାଙ୍ଗ ଆମ କ୍ୱାଟରକୁ ଆସୁଥାଆନ୍ତି। ନୂଆ ଘର କରୁ କରୁ ପିଲାର ମା ହେଲି। ଅନେକ ସୁବିଧା ଅସୁବିଧାର ସମ୍ମୁଖୀନ ହେଲି। ବୈବାହିକ ଜୀବନର ପ୍ରଥମ ପାହାଚରୁ ସବୁକୁ ସହିଯିବାକୁ ଈଶ୍ୱର ମୋତେ ଦେଇଥିଲେ ଶକ୍ତି ଓ ଧୈର୍ଯ୍ୟ। ସବୁଥିରେ ଭାଙ୍ଗି ପଡ଼ିଥିଲେ ମୋ ସଂସାର ଉଜୁଡ଼ି ଯାଇଥାଆନ୍ତା। ଆଜି ମୁଁ ଯାହା ହୋଇପାରିଛି ତାହା ହୋଇ ପାରି ନ ଥାନ୍ତି। ପୁପୁର ଠୁକ୍‌ଠୁକ୍ ଚାଲି, ଗୁଲୁଗୁଲୁ କଥା ମୋତେ ଦେଲା ଏକ ନୂତନ ଜୀବନ।

ମୋ ସ୍ୱାମୀ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ପାଖରେ ଥିଲେ ଶରଣାପନ୍ନ। ସେ ମାନ୍ଦ୍ରାଜରେ ଇଞ୍ଜିନିୟରିଂ ପଢ଼ିବା ଦିନରୁ ଶ୍ରୀ ମା ଓ ଶ୍ରୀ ଅରବିନ୍ଦଙ୍କ ଦର୍ଶନରେ ଥିଲେ ଅନୁପ୍ରାଣିତ। ସେଥିପାଇଁ ଶ୍ରୀମା ଓ ଅରବିନ୍ଦଙ୍କ ଶରଣାଗତ ଶ୍ରୀ ଯଦୁନାଥ ଜେନା ଆମ ପରିବାରର ବନ୍ଧୁ ହୋଇ ଯାଇଥିଲେ। ତାଙ୍କ ସାହାଯ୍ୟରେ ମାଙ୍କ ଦର୍ଶନର ଅନୁମତି ମିଳିଲା। ଏତେ ଛୋଟ ପିଲା ମାଙ୍କୁ ଦର୍ଶନ କରିବାର ସୁବିଧା ସାଧାରଣତଃ ପାଆନ୍ତି ନାହିଁ। ୧ ମାସ ୨୨ ଦିନର ପୁଅ ଓ ମୋ ଶାଶୂଙ୍କୁ ନେଇ ଟ୍ରେନ୍‌ର ତୃତୀୟ ଶ୍ରେଣୀ ଡବାରେ ଗଲୁ ମାନ୍ଦ୍ରାଜ। ମାନ୍ଦ୍ରାଜରେ ସକାଳେ ପହଞ୍ଚି ସାଙ୍ଗେ ସାଙ୍ଗେ ବସ୍‌ରେ ୫ ଘଣ୍ଟା ଯାତ୍ରା କରି ପହଞ୍ଚିଲୁ ପଣ୍ଡିଚେରୀରେ। ବାଟରେ ଉତ୍କୃଷ୍ଟ ଧରଣର ବରାଖିଆ କଥା ଏବେ ବି ମନେ ଅଛି।

ମାଙ୍କ ଦର୍ଶନ ଦିନର ଅନୁଭୂତି ଭାବିଲେ ମୋ ଦେହ ଶିହରି ଉଠେ। ସକାଳେ ଗାଧୋଇ ପାଧୋଇ ମାଙ୍କ ରୁମ୍ ପାଖରେ ପହଞ୍ଚିଲୁ। ସେତେବେଳେ ଛୋଟ ପିଲାଙ୍କ

ପାଇଁ ଡାଇପର୍ ବ୍ୟବହାର କରାଯାଉ ନ ଥାଏ। ଯତ୍ନ କରି କପଡ଼ା ପିନ୍ଧାପିନ୍ଧି କରି ପୁଅକୁ ନେଇ ୱେଟିଂ ରୁମ୍‌ରେ ଅନ୍ୟ ଦର୍ଶନାଭିଳାଷୀଙ୍କ ସହିତ ବସିଲୁ। ସବୁଆଡ଼େ ନିରବତା ରକ୍ଷା କରାଯାଉଥାଏ। କାଳେ ପୁଅ କାନ୍ଦିଦେବ ବା ଝାଡ଼ା ପରିସ୍ରା କରିଦେବ ଭାବି ମୁଁ ଖୁବ୍ ସତର୍କ ଥାଏ। ଚାରିଆଡ଼େ ଫୁଲସଜା, ଫୁଲର ମହମହ ବାସନାରେ ରୁମ୍ ମହକି ଯାଉଥାଏ। ଆମେ ଚୁପ୍‌ଚାପ୍ ହୋଇ ବସିଥାଉ। 'ମା ତୁମେ ଭରସା' ବୋଲି ମନେ ମନେ ମୁଁ କହି ଚାଲିଥାଏ। ୱେଟିଂ ରୁମ୍‌ର କଡ଼ାକଡ଼ି ବ୍ୟବସ୍ଥା ଦେଖି ମାଙ୍କ ରୁମ୍ କେମିତି ହୋଇଥିବ ବୋଲି ମୁଁ ଭାବୁଥାଏ। କିଛି ସମୟ ବସି ମନରେ ଏକାଗ୍ରତା ଭାବ ଆଣିବା ପାଇଁ ୱେଟିଂରୁମ୍‌ର ବ୍ୟବସ୍ଥା କରାଯାଇଥାଏ। ମୋ ଶାଶୂ ଖୁବ୍ ସରଳ ଓ ଠାକୁର ବିଶ୍ୱାସୀ। ସମସ୍ତେ ଥାଆନ୍ତି ନିରବ। ମାଙ୍କ ପାଖକୁ ଯିବା ପାଇଁ ଆମକୁ ଅନୁମତି ମିଳିଲା। ଗୋଟିଏ ଧାଡ଼ିରେ ପୁଅକୁ ଧରି ମୁଁ ଥାଏ। ମୋ ପଛରେ ମୋ ଶାଶୂ ଓ ସ୍ୱାମୀ ଥାଆନ୍ତି। ସେ ସମୟର ଦୃଶ୍ୟ ଲେଖିଲାବେଳେ ମୋ ଦେହରେ ବିଦ୍ୟୁତ୍‌ର ପ୍ରଭାବ ମୁଁ ଅନୁଭବ କରୁଛି। ମୋର ଦୃଷ୍ଟିଥାଏ ମୋ ପୁଅ ଉପରେ। କାରଣ ମା ବସିଥାନ୍ତି ଗୋଟିଏ ଚେୟାର ଉପରେ। ମୁଁ ଆଣ୍ଠେଇ ପଡ଼ି ମାଙ୍କ ପାଦ ସ୍ପର୍ଶ କରିବି ବୋଲି ଭାବୁଥାଏ। ମୋ ହାତରେ ଥାଏ ପୁଅ। ଆଣ୍ଠେଇଲାବେଳେ ଚାପିଯାଇ ପୁଅ କାନ୍ଦି ଦେବ ବୋଲି ମୋର ଭୀଷଣ ଡର ଥାଏ। ସେ ସବୁ କିଛି ହେଲାନି। ଆଣ୍ଠେଇ ପଡ଼ି ମାଙ୍କ ସାମ୍ନାରେ ଦୁଇ ହାତରେ ପୁଅକୁ ଧରିଲି। ମା ତା ମୁଣ୍ଡ ଆଉଁସେଇ ଦେଲେ। ଓଃ ଓଃ କହୁଥାଆନ୍ତି ସେ। ତାଙ୍କ ପାଟିରୁ ଲାଳ ବୋହି ପୁଅ ଉପରେ ଥପ୍ ଥପ୍ ପଡୁଥାଏ। ସେ ଥିଲା ଆଶୀର୍ବାଦର ବର୍ଷା। ସନ୍ତର୍ପଣରେ ଉଠିଲି। ମାଙ୍କ ଆଖି ସହିତ ଆଖି ମିଶାଇଲି। ତା'ପରେ ତାଙ୍କ ରୁମ୍ ପରିକ୍ରମା କରି ବାହାରକୁ ବାହାରି ଆସିଲି। ସର୍ବାଙ୍ଗ ମୋର ଡର ଓ ଭକ୍ତିରେ ଝାଳେଇ ଯାଇଥାଏ। ମା ଯେଉଁ ଆର୍ଶୀବାଦ ପୁଅ ଉପରେ ଅଜାଡ଼ି ଦେଲେ ସେଥିରେ ମୁଁ ପାଇଗଲି ଅସୀମ ଶକ୍ତି। ମାଙ୍କୁ ପୂର୍ଣ୍ଣମାତ୍ରାରେ ସମର୍ପଣ କରିଦେଲି ପୁଅକୁ। ଆଜିଯାଏ ସୁବିଧା ଅସୁବିଧାରେ ମା ତାକୁ ଭରସା ବୋଲି ଭାବେ। ତା' ଜନ୍ମଦିନରେ କିଛି କରେନି। ଖାଲି ମାଙ୍କ ଆଶୀର୍ବାଦ ଲୋଡ଼େ। ଆଜିଯାଏ ତା' ଜନ୍ମଦିନରେ ମା ତା' ପାଇଁ ଆଶୀର୍ବାଦ ପଠାନ୍ତି। ପୁଅର ବସିବାବେଳ ଫଟୋରେ ମା ନିଜ ହାତରେ Blessing ଲେଖିଥିଲେ।

୧୯୭୪ ମସିହା ଅକ୍ଟୋବର ୧୦ ତାରିଖରେ ମୋ ଦ୍ୱିତୀୟ ପୁଅ ପ୍ରାଚୀ ପ୍ରିତମ୍ (ଲିପୁ)ର ଜନ୍ମ। ଏଥର ମାଟରନିଟି ଛୁଟି ନେଇ ନ ଥିଲି। ସେତେବେଳେ ମୁଁ ଥାଏ

ଶୈଳବାଳା ମହିଳା କଲେଜର ଅଧ୍ୟାପିକା। ମୁଁ ଛୁଟି ନେଇ ରିଲିଭ୍ ହୋଇଗଲା ପରେ ଜନୈକ ଅଧ୍ୟାପକ ଜଏନ୍ କରିବାକୁ ଚାହିଁ ବସିଥିଲେ। ଏକଥା ମୋର ବିଭାଗୀୟ ମୁଖ୍ୟ ତଥା ମୋର ଶିକ୍ଷକ ଶ୍ରୀଯୁକ୍ତ ସୁରେନ୍ଦ୍ର ଚନ୍ଦ୍ର ମହାନ୍ତି ଜାଣିପାରି ମୋତେ ସତର୍କ କରାଇ ଦେଇଥିଲେ। ଛୁଟି ନ ନେବାକୁ ଉପଦେଶ ଦେଇଥିଲେ। ମୋ ସହକର୍ମୀମାନେ ଉପର ମହଲାରେ ଥିବା ମୋ କ୍ଲାସକୁ ନେଇ ଯାଉଥିଲେ। ଆମ ଭିତରେ ଖୁବ୍ ସହଯୋଗ ମନୋଭାବ ଥିଲା। ମାଙ୍କ କୃପାରୁ ଲିପୁ ଜନ୍ମ ହେବା ଦିନ ମଧ୍ୟ ମୁଁ ରିକ୍ସାରେ କଲେଜକୁ ଯିବାକୁ ସକ୍ଷମ ହୋଇପାରିଥିଲି। ମନୋବଳ ଅନେକ ସମୟରେ ମଣିଷକୁ ସାହାଯ୍ୟ କରେ। ଦୁଇଟି ପୁତ୍ରର ମା ହୋଇଗଲା ପରେ ଆତ୍ମସନ୍ତୋଷ ଲାଭ କଲି। ଲିପୁ ଟିକିଏ ବଡ଼ ହୋଇଗଲା ପରେ ମୁଁ ରିସର୍ଚ୍ଚ କଥା ଭାବିଲି। କାରଣ ରିସର୍ଚ୍ଚ କରିବା ପାଇଁ ଅନେକ ବିଳମ୍ବ ହୋଇ ସାରିଥିଲା। ରିସର୍ଚ୍ଚ ଗୋଟିଏ କ୍ରମାଗତ ଧାରା। ଥରେ ସେ ଧାରାକୁ ଛାଡ଼ିଦେଲେ ପୁଣି ଆରମ୍ଭ କରିବା କଷ୍ଟକର ହୋଇପଡ଼େ।

ସେତେବେଳେ ଡକ୍ଟର ନାୟକ Japan Society For Promotion of Science (JSPS) ଫେଲୋସିପ୍ ପାଇ ଜାପାନରେ ଗବେଷଣାରତ ଥାଆନ୍ତି। ସେ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ମୋର ଧୈର୍ଯ୍ୟ ନ ଥାଏ। ଡକ୍ଟର ମହେନ୍ଦ୍ର କୁମାର ରାଉତ ସେତେବେଳେ ପ୍ରିନ୍ସିପାଲ ଥାଆନ୍ତି। ବିଭାଗୀୟ ମୁଖ୍ୟ ହୁଅନ୍ତୁ ବା ପ୍ରିନ୍ସିପାଲ ହୁଅନ୍ତୁ ସେମାନଙ୍କ ସାମ୍ନାକୁ ଯିବାକୁ ଏପରି କି ଅଧ୍ୟାପକମାନେ ମଧ୍ୟ ସେତେବେଳେ ଡରୁଥିଲେ। ବହୁତ ସାହସ ବାନ୍ଧି ଦିନେ ତାଙ୍କ କ୍ୱାଟରକୁ ଯାଇ ତାଙ୍କ ତତ୍ତ୍ୱାବଧାନରେ ରିସର୍ଚ୍ଚ କରିବାକୁ ଅନୁରୋଧ କଲି। ରିସର୍ଚ୍ଚ ଆରମ୍ଭ କରିବା ମୋର ଡେରି ହୋଇଗଲାଣି ବୋଲି ସେ ମଧ୍ୟ ସେ ଦିନ ପ୍ରକାଶ କରିଥିଲେ। ଡକ୍ଟର ନାୟକ ଯେହେତୁ ମୁଁ ଏମ୍.ଏସ୍‌ସି. ଥେସିସ୍ କରୁଥିବାବେଳେ ମୋ ରିସର୍ଚ୍ଚ ଦେଖାଶୁଣା କରୁଥିଲେ ସେ ହିଁ ମୋର ଗାଇଡ୍ ହେବା ଉଚିତ ବୋଲି ମୋ ସ୍ୱାମୀ ଓ ମୋତେ ବୁଝାଇଥିଲେ। ଡକ୍ଟର ନାୟକ ଜାପାନରେ ଥିବାରୁ ମୋ ଗବେଷଣା ଡେରି ହେବ ଭାବି ମନ ଖରାପ ହେଲା। ଅପେକ୍ଷା କରିବା ବ୍ୟତୀତ ମୋର କିଛି ଉପାୟ ନ ଥିଲା।

ଏହା ଭିତରେ ଇମରଜେନ୍ସି ଘୋଷଣା କରାଗଲା। କ୍ୱାଟର ଛାଡ଼ିଦେବା ପାଇଁ ଡକ୍ଟର ରାଉତ ଚିଠି ଦେଲେ। କାରଣ ସେଠାରେ ରହିବା ଇଞ୍ଜିନିୟର ରହୁ ନ ଥିବାରୁ କଲେଜ ଓ ହଷ୍ଟେଲରେ ଜଳ ଯୋଗାଣର ଅସୁବିଧା ହେଉଥିଲା। ପରିସ୍ଥିତି ଦୃଷ୍ଟିରୁ କ୍ୱାଟର

ଛାଡ଼ିଦେଲୁ। ଦୋଳମୁଣ୍ଡେଇରେ ଥିବା ମୋ ନଣନ୍ଦଙ୍କ ଶ୍ୱଶୁରଙ୍କର ଶ୍ରୀକୃଷ୍ଣ ଲଜିଂର ଗୋଟିଏ ସାଇଡ଼୍‌ରେ ତିନିଟି ରୁମ୍‌ରେ ରହିଲୁ।

ଏହି ସମୟରେ ମୋ ସ୍ୱାମୀ ଡେପୁଟେସନ୍‌ରେ ଗଲେ ତାଳଚେର ଥର୍ମାଲକୁ। ସେଠାରେ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଥାଆନ୍ତି ସ୍ୱର୍ଗୀୟ ମାଗୁଣି ଚରଣ ସ୍ୱାଇଁ। ତାଙ୍କ ସହିତ ମୋ ସ୍ୱାମୀଙ୍କର ସମ୍ପର୍କ ଖୁବ୍ ଦୃଢ଼ ହୋଇଯାଇଥିଲା। କାରଣ ଶ୍ରୀଯୁକ୍ତ ସ୍ୱାଇଁ କର୍ମନିଷ୍ଠ ବ୍ୟକ୍ତିମାନଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ। ତାଙ୍କ ସହିତ ସନ୍ଧ୍ୟାରେ ବ୍ରିଜ୍ ଖେଳ ଯୋଗୁଁ ସେ ଆହୁରି ତାଙ୍କ ନିକଟତର ହୋଇଗଲେ। ସପ୍ତାହର ଶେଷରେ ତାଙ୍କ କାର୍‌ରେ ସେ ମୋ ସ୍ୱାମୀଙ୍କୁ କଟକ ନେଇ ଆସୁଥିଲେ। ସମୟକ୍ରମେ ତାଙ୍କ ସ୍ତ୍ରୀ ସାବିତ୍ରୀ ସ୍ୱାଇଁ ମୋ ସ୍ୱାମୀକୁ ଭାଇର ଆସନ ଦେଲେ। ସେହି ଦିନରୁ ସେ ରାଖୀ ପୂର୍ଣ୍ଣିମୀ ଦିନ ମୋ ସ୍ୱାମୀଙ୍କ ହାତରେ ରାଖୀ ପିନ୍ଧାନ୍ତି। ତାଙ୍କ ପିଲାମାନଙ୍କର ଆମେ ମାମୁ ମାଇଁ ହୋଇଗଲୁ ଓ ସମସ୍ତ କାର୍ଯ୍ୟକ୍ରମରେ ସେ ଆମ ସହିତ ପରାମର୍ଶ କରନ୍ତି। ମୋ ଶ୍ୱଶୁର, ଶାଶୂ ଓ ପୁତୁରା ବିଭୁପ୍ରସାଦ ମୋ ପାଖରେ ରହୁଥାଆନ୍ତି। ତେଣୁ ମୋର କିଛି ଅସୁବିଧା ହେଉ ନ ଥାଏ। ମୋ ଉପର ଯାଆ ଡେଲିଭରି ପାଇଁ ମୋ ପାଖରେ ରହୁଥାଆନ୍ତି।

ଜମି ଖଣ୍ଡେ କିଣି ଘରଟିଏ କରି ସୁବିଧାରେ ଆମେ ରହୁ, ଏହା ଥିଲା ମୋ ବାପାଙ୍କର ପ୍ରେରଣା। ଘରର ଆବଶ୍ୟକତା ମଧ୍ୟ ମୁଁ ଅନୁଭବ କରୁଥାଏ। ଭାଗ୍ୟରେ ନ ଥିଲେ ଭୂମି ପ୍ରାପ୍ତ ହୁଏନି। ଅଳ୍ପ ଖୋଜାଖୋଜିରେ ଆମର ଜଣେ ଚିହ୍ନା ଲୋକ ଅମିନୁଲ ଇସଲାମଙ୍କଠାରୁ ଷ୍ଟେସନ୍ ବଜାରେ ଜମି ଖଣ୍ଡିଏ ଖୁବ୍ କମ୍ ଦାମରେ ପାଇଗଲୁ। ସେତେବେଳେ ଖର୍ଚ୍ଚ ପରେ ଆମ ପାଖରେ ଟଙ୍କା ବଳିବା ହେଉଥାଏ କଷ୍ଟକର। ଚାକିରି ମୋର ଆରମ୍ଭ ହୋଇଥାଏ ମାସିକ ଦୁଇଶହ ଷାଠିଏ ଟଙ୍କାରେ। ଦୁଇଟି ପିଲା ଓ ପରିବାରର ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇ ପଡୁଥାଏ। ଏହି ସମୟରେ ଡକ୍ଟର ନାୟକ ଜାପାନରୁ ଫେରିଲେ। ଶୈଳବାଳା ମହିଳା କଲେଜକୁ ଖବର ପଠାଇ ମୋତେ ଡକାଇଲେ। ୟୁଜିସି ଟିଚର ଫେଲୋ ପାଇଁ ଆପ୍ଲାୟ କରିବାକୁ ଫର୍ମ ଦେଲେ। ଭଲ ସମୟ ଆସିଲେ ସବୁକାମ ଓ ସବୁ ଯୋଗାଯୋଗ ସହଜରେ ହୋଇଯାଏ। ଟିଚର ଫେଲୋ ପାଇଁ ଇଣ୍ଟରଭ୍ୟୁ ଦେଲି ଦିଲ୍ଲୀରେ। ଆମ ସାଙ୍ଗରେ ଯାଇଥିଲେ ଅଧ୍ୟାପିକା ବି.ଭି. ଅଳକା। କାରଣ ସେ ମଧ୍ୟ ଇଣ୍ଟରଭ୍ୟୁ ଦେଇଥିଲେ। ଅବନି କୁମାର ରାୟ ନାମକ ଆମ ବନ୍ଧୁ ମଧ୍ୟ ଆମ ସାଙ୍ଗରେ ଥିଲେ। ଆଜି ଦୁଇଜଣଯାକ ସ୍ୱର୍ଗବାସୀ। ମୋତେ ଟିଚର ଫେଲୋସିପ୍

ମିଳିଗଲା । ଠିକ୍ ଏହି ସମୟରେ ମୋର ଏଫ୍.ଏମ୍ କଲେଜ, ବାଲେଶ୍ୱରକୁ ବଦଳି ହେଲା । ଫେଲୋସିପ୍‌ରେ ଜଏନ୍ କରିବା ପାଇଁ ଛୁଟି ଦରକାର । ସେକ୍ରେଟେରୀଏଟ୍ ଦଉଡ଼ି ଦଉଡ଼ି ନୟାନ୍ତ ହେଲି । ଈଶ୍ୱରଙ୍କ କୃପାରୁ ଏଫ୍.ଏମ୍.ରେ ଜଏନ୍ କରିବାର ୭ ଦିନ ଭିତରେ ମୋ ଛୁଟି ମଞ୍ଜୁର ହୋଇଯାଇଥିଲା । ସପ୍ତମ ଦିନରେ ବାଲେଶ୍ୱରରୁ ଆସି ରେଭେନ୍‌ସାରେ ଡକ୍ଟର ନାୟକଙ୍କ ତତ୍ତ୍ୱାବଧାନରେ ୧୯୭୬ ମସିହା ସେପ୍ଟେମ୍ବର ୧ ତାରିଖରେ ଜଏନ୍ କଲି । ଜୀବନର ଆଉ ଏକ ଅଧ୍ୟାୟର ଆରମ୍ଭ ହେଲା । ଏ ଅଧ୍ୟାୟଟି ଥିଲା ଖୁବ୍ ଉଜ୍ଜ୍ୱଳ । ସମାଜରେ ପ୍ରତିଷ୍ଠା ଅର୍ଜନ କରିବାର ବାଟ ମୋର ଖୋଲିଗଲା । ଏଥିରେ ଡକ୍ଟର ନାୟକଙ୍କର ଅବଦାନ ପାଇଁ ମୁଁ ଚିର କୃତଜ୍ଞ ।

ଗବେଷଣା ସହିତ ଘର ତିଆରି ଆରମ୍ଭ କଲି ୧୯୭୭ ମସିହା ମେ ମାସ ୩ ତାରିଖ ଦିନ । ମୋ ଝିଅ ସ୍ୱାତୀ ସୁଚରିତା (ମାମୁନୀ) ଜନ୍ମ ହେବକୁ ଥାଏ । ସ୍ୱାମୀ ତାଳଚେରରେ ଥିବାରୁ ସେହି ସମୟରେ ଏକାବେଳେ ରିସର୍ଚ୍ଚ, ଘର ତିଆରି କାମ ଦେଖାଦେଖି କରିବା, ଦୁଇ ପୁଅଙ୍କର ଲାଳନ ପାଳନ କରିବାରେ ମୁଁ ନୟାନ୍ତ ହୋଇ ପଡୁଥାଏ । ଏ ସବୁ କଷ୍ଟ ଅଳ୍ପଦିନ ପରେ ଚାଲିଯିବ, ଏହା ଭାବି ମନକୁ ଦମ୍ଭ କରି ସବୁ କାମ ସୁରୁଖୁରୁରେ ପ୍ଲାନିଂ କରି ଘର ଚଳାଉଥାଏ । ସବୁ କାମକୁ ନିଜର କାମ ବୋଲି ଭାବିଲେ କଷ୍ଟ ଲାଗେନି ଏହା ନିଶ୍ଚିତ । କର୍ତ୍ତବ୍ୟରେ ମୁଁ ହେଳା କରୁ ନ ଥାଏ । ମୋ ସହଗବେଷକ ଥାଆନ୍ତି ଅଧ୍ୟାପକ ରଜନୀକାନ୍ତ ସାମଲ, ନୃସିଂହ ଚରଣ ପତି, ତ୍ରିଜାମା ରଞ୍ଜନ ମହାନ୍ତି, ଅରୁଣ କୁମାର ରାୟ, ନିଳାମ୍ବର ବରାଳ ଏବଂ ସାମୁଏଲ ପଟ୍ଟନାୟକ । ସମସ୍ତେ ମୋ ଶାରୀରିକ ଅସୁସ୍ଥତା ପାଇଁ ସାହାଯ୍ୟ କରୁଥାଆନ୍ତି । ସକାଳ ୮ଟାରେ ଶ୍ରୀକୃଷ୍ଣ ଲଜିଂରୁ ଆସି ବଡ଼ ପୁଅକୁ କଲେଜ ଛକ କେମ୍ବ୍ରିଜ ସ୍କୁଲ୍‌ରେ ଛାଡ଼ି, ଷ୍ଟେସନ ବଜାରରେ ମିସ୍ତ୍ରୀ ମୂଲିଆଙ୍କୁ କାମ ବରାଦ କରି ରେଭେନ୍‌ସାରେ ପହଞ୍ଚୁଥିଲି ରିସର୍ଚ୍ଚ କରିବା ପାଇଁ । ଦ୍ୱିପ୍ରହରେ ସମସ୍ତେ ଖାଇବାକୁ ଚାଲିଯାଆନ୍ତି । ଅନ୍ତଃସତ୍ତ୍ୱା ଯୋଗୁଁ ମୋତେ ବଡ଼ କଷ୍ଟ ଲାଗୁଥାଏ । ଉଲ୍, ସିଲ୍କ ଓ ନାଇଲନ୍ ଗ୍ରାଫ୍‌ଟିଂ ଉପରେ ଆମ ଗବେଷଣା ଚାଲିଥାଏ । କୋଟାରୁ ଆସିଥିବା ନାଇଲନ୍ ଓ ହିମାଚଳିଆନ ଚୋକଲା ଉଲ୍ ପ୍ୟାକେଟକୁ ତକିଆ କରି ଟେବୁଲ ଉପରେ କିଛି ସମୟ ବିଶ୍ରାମ ନେଉଥିଲି । 'କଷ୍ଟ କଲେ କୃଷ୍ଣ ମିଳେ' ଉକ୍ତିଟି ମୋ ପାଇଁ ହୋଇଥିଲା ନିରାଟ ସତ୍ୟ । କେଉଁଠୁ ଆସି କେଉଁଠି ପହଞ୍ଚିଲି ବୋଲି ଭାବିଲାବେଳେ ମୋର ଏ ଦିନଗୁଡ଼ିକ ମନେ ପଡ଼େ ।

ପ୍ରତି ଶନିବାର ରାତିରେ ତାଳଚେରରୁ ମୋ ସ୍ୱାମୀ ଚାଲି ଆସୁଥିଲେ। ଗୋଟିଏ ଦିନ ଘରେ ରହି ଘରକଥା ଓ ଘର ତିଆରି କଥା ବୁଝାବୁଝି କରି ଚାଲି ଯାଉଥିଲେ। ମାମୁନୀ ଜନ୍ମର ଅଳ୍ପଦିନ ପୂର୍ବରୁ ବଜ୍ରକବାଟିସ୍ଥ ମାଗୁଣି ଚରଣ ସ୍ୱାଇଁଙ୍କ ଘରକୁ ଯାଇ ମୋ ସ୍ୱାମୀଙ୍କୁ ବେଶୀଦିନ ଛୁଟି ଦେବା ପାଇଁ ଅନୁରୋଧ କରିଥିଲି। ମୋ ସହିତ ତାଙ୍କର ପରିଚୟ ନ ଥିଲା। ତଥାପି ମୋର ଶାରୀରିକ ଅବସ୍ଥା, ରିସର୍ଚ୍ଚ, ପିଲାଙ୍କୁ ସମ୍ଭାଳିବା ଇତ୍ୟାଦି କଥା ଶୁଣି ସେହିଦିନରୁ ସେ ମୋର ପ୍ରଶଂସକ ହୋଇ ଯାଇଥିଲେ ଓ ତାଙ୍କ ପରିବାରରେ ଆମେ ସଦସ୍ୟ ହୋଇଯାଇଥିଲୁ। ସ୍ୱାମୀଙ୍କୁ ଦେଢ଼ ମାସ ଛୁଟି ଦେଇଥିଲେ ସେ। ତେଣୁ ମୋର ଘର ତିଆରି କାମ ସୁରୁଖୁରୁରେ ହୋଇ ଯାଇଥିଲା। ପୁନେଇ ପର୍ବରେ ଘରଟି ଜମିଯାଏ ଝିଅଟିଏ ଘରେ ଥିଲେ। ତେଣୁ ଦୁଇପୁଅ ଜନ୍ମ ହେବା ପରେ ଝିଅଟିଏ ମୁଁ ଚାହୁଁଥିଲି। ମାମୁନୀ ଜନ୍ମ ହେଲା ୧୯୭୭ ମସିହା ସେପ୍ଟେମ୍ବର ୨୭ ତାରିଖରେ। ସେ ମୋର desired child ବୋଲି ମୁଁ କହୁଥିଲି। ଅଳ୍ପଦିନ ଘରେ ରେଷ୍ଟ ନେଇ ପୁଣି ରିସର୍ଚ୍ଚରେ ଯୋଗ ଦେଲି। ଡକ୍ଟର ନାୟକ ବର୍ଷଟିଏ ପାଇଁ ଆମେରିକାରେ ଉଚ୍ଚତର ଗବେଷଣା ପାଇଁ ଚାଲିଗଲେ। ତାଙ୍କର ଗ୍ରୁପ୍‌ଟିକୁ ସମ୍ଭାଳିବାର ଦାୟିତ୍ୱ ପଡ଼ିଲା ମୋ ଉପରେ। ଛୁଟିଦିନ, ପୁନେଇ ପରବ ଦିନ, ଖରା, ବର୍ଷା ସବୁଦିନ ମୁଁ ଲାବୋରେଟୋରୀ ଯାଉଥିଲି। ମୋ ପରିବାରକୁ ମୁଁ ଅବହେଳା କରୁ ନ ଥିଲି। ମୋ ସ୍ୱାମୀଙ୍କର କଟକ, ଜଗତସିଂହପୁର, ଆଳି, ରାଜକନିକା, କେନ୍ଦ୍ରାପଡ଼ା, ବାଙ୍କି ଇତ୍ୟାଦିଠାରେ ପୋଷ୍ଟିଂ ହୋଇଥିଲା। ତେଣୁ ରାତିରେ ଘରେ ପହଞ୍ଚି ସକାଳେ ଜିପ୍ ଯୋଗେ ତାଙ୍କ କର୍ମକ୍ଷେତ୍ରରେ ପହଞ୍ଚୁଥିଲେ ସେ। ପିଲାମାନଙ୍କୁ ମଣିଷ କରିବା, ପଢ଼ାପଢ଼ି ପ୍ରତି ନଜର ଦେବା ମୋର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଲାବୋରେଟୋରୀରୁ ଆସି ସନ୍ଧ୍ୟାରେ ପିଲାମାନଙ୍କୁ ପଢ଼ାଇବା ଥିଲା ମୋର ନିତିଦିନିଆ କାମ। ପିଲାମାନେ କେଉଁ ସ୍କୁଲରେ ପଢ଼ିବେ ସେକଥା ଠିକ୍ କରିବାଟା ମୋ ଉପରେ ନ୍ୟସ୍ତ ଥିଲା। ଆଡ଼ମିସନଠାରୁ ଆରମ୍ଭ କରି ପରୀକ୍ଷା ପର୍ଯ୍ୟନ୍ତ ଥିଲା ମୋର ଦାୟିତ୍ୱ। ପରିବାରର କୌଣସି ଲୋକର ସାହାଯ୍ୟ ମୁଁ ନେଇ ନ ଥିଲି। ଦୁଃଖ, ସୁଖରେ ମୁଁ ଗୋଟିଏ ଘଣ୍ଟା ମଧ୍ୟ ମୋ ପିଲାମାନଙ୍କଠାରୁ ଦୂରେଇ ଯାଉ ନ ଥିଲି। ମାମୁନୀ ତୃତୀୟ, ପଞ୍ଚମରେ ସ୍କଲାରସିପ୍ ପାଇଥିଲା। ସମସ୍ତେ ସପ୍ତମରେ 'ଓ' ଗ୍ରେଡ଼୍‌ରେ ପାସ୍ କରିଥିଲେ। ପିଲାମାନଙ୍କର କୃତିରେ ଯେଉଁ ଆନନ୍ଦ ମିଳେ ତାହା ପାଖରେ ଆଉ ସବୁ ଆନନ୍ଦ ତୁଚ୍ଛ ଭଳି ଲାଗୁଥିଲା। ୧୯୭୭ ମସିହା ନଭେମ୍ବର ୨୪

ତାରିଖ ଥାଏ ଶ୍ରୀମାଙ୍କର ସିଦ୍ଧି ଦିବସ। ସେହିଦିନ ମୁଁ ମୋ ନୂଆ ଘରେ ପ୍ରବେଶ କରିଥିଲି। ମୋ ଝିଅ 'ସ୍ୱାତୀ' ଜନ୍ମ ହେବା ପରେ ମୁଁ ନିଜ ଘରେ ରହିବାର ସୌଭାଗ୍ୟ ଅର୍ଜନ କରିଥିବାରୁ ଘର ନାମ ଦେଇଥିଲି 'ସ୍ୱାତୀ ଭବନ'।

ମୋ ପୁତୁରା ବିଭୁପ୍ରସାଦ ଷଷ୍ଠଶ୍ରେଣୀରୁ ବି.କମ୍. ପାସ୍ କରିବା ଯାଏ ମୋ ପାଖରେ ରହି ପଢ଼ିଥିଲା। ମୋ ସାନଭାଇ ଦେବପ୍ରକାଶ (ଚୁନୁ) ମଧ୍ୟ କିଛି ଦିନ ମୋ ପାଖରେ ରହିଥିଲା ଏବଂ ପରେ ପରେ ପି.ଏଚ୍.ଡ଼ି ଡିପାର୍ଟମେଣ୍ଟରେ ଚାକିରି କରିଥିଲା।

ଆମର ଅନେକ ସମ୍ପର୍କୀୟ ବନ୍ଧୁ ଏବଂ ସାଙ୍ଗ ମୋ ଘରେ ଦୀର୍ଘଦିନ ରହି ଆମର ଆତିଥ୍ୟ ଗ୍ରହଣ କରି ଖୁସି ହେଉଥିଲେ। ଏଥିରେ ମୁଁ ଓ ମୋ ସ୍ୱାମୀ ମଧ୍ୟ ସନ୍ତୋଷଲାଭ କରୁଥିଲୁ। ପୁପୁ ଓ ମାମୁନୀ ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲରେ ଓ ଲିପୁ ରେଲୱେ ସେଟଲମେଣ୍ଟ ହାଇସ୍କୁଲରେ ପଢ଼ିଲେ। ବୋର୍ଡ଼ ସ୍କୁଲର ସୁନାମଧନ୍ୟ ତଥା ରାଷ୍ଟ୍ରପତି ଆୱାର୍ଡ଼ ପାଇଥିବା ଶିକ୍ଷକ ଶ୍ରୀଯୁକ୍ତ ବ୍ରଜ ସୁନ୍ଦର ଦାସ, ଶ୍ରୀଯୁକ୍ତ ବିଷ୍ଣୁଚରଣ ଜେନା, ଚୌଧୁରୀ ଶରତ ଚନ୍ଦ୍ର ଦାସ ମୋ ପିଲାମାନଙ୍କୁ କିଛିଦିନ ଘରେ ପଢ଼ାଇଥିଲେ। ସେମାନଙ୍କ ସାହାଯ୍ୟ ଓ ମୋ ପିଲାମାନଙ୍କୁ ସେମାନଙ୍କର ଶ୍ରଦ୍ଧା ଓ ସ୍ନେହ ମୋର ଭୁଲିବାର ନୁହେଁ।

୧୯୮୦ ମସିହାରେ ଟିଚର ଫେଲୋସିପ୍ ସରିଲା। ତା'ପରେ ଜଏନ୍ କଲି ରେଭେନ୍ସା କଲେଜରେ। ଶିକ୍ଷାଦାନ ଓ ଗବେଷଣା ଏହି ଦୁଇଟି କାର୍ଯ୍ୟରେ କଲେଜରେ ମୋ ସମୟତକ ଖୁବ୍ ଭଲରେ କଟି ଯାଉଥାଏ। ବିଭାଗୀୟ ମୁଖ୍ୟ ଥାଆନ୍ତି ଡକ୍ଟର ଫଣୀ ଭୂଷଣ ଦାସ। ସେ ମୋର ପଢ଼ାଇବା ଓ ଅନ୍ୟାନ୍ୟ ଡିପାର୍ଟମେଣ୍ଟର କାର୍ଯ୍ୟକଳାପ ତୁଲାଇବାରେ ଖୁବ୍ ଖୁସି ଥାଆନ୍ତି। ମୁଁ କେବଳ ପି.ଜି. କ୍ଲାସ , ଏମ୍.ଫିଲ୍. କ୍ଲାସ ଓ ଅନର୍ସ କ୍ଲାସ ନେଉଥାଏ। ପିଲାମାନଙ୍କ ଭିତରେ ମୁଁ ଖୁବ୍ ସୁଖ୍ୟାତି ଅର୍ଜନ କରି ସାରିଥାଏ। ତେଣୁ ପି.ଜି. ସେମିନାରରେ ଆଡ଼ଭାଇଜର ମୋତେ ରଖାଗଲା। ପି.ଜି. ପିଲାମାନଙ୍କର ମୁଁ ଖୁବ୍ ନିକଟବର୍ତ୍ତୀ ହୋଇଗଲି। ଠିକ୍ ସମୟରେ ସେମିନାର ଆରମ୍ଭ କରିବା ଥିଲା ମୋର ନୀତି। ତେଣୁ ପିଲାମାନେ ଠିକ୍ ସମୟରେ ସି.ଏଲ୍.ଟି.-୨ରେ ପହଞ୍ଚି ଯାଉଥିଲେ। ଅନେକ ଖ୍ୟାତି ସମ୍ପନ୍ନ ବ୍ୟକ୍ତିମାନେ ବକ୍ତୃତା ପ୍ରଦାନ କରୁଥାଆନ୍ତି। ଡିପାର୍ଟମେଣ୍ଟଟା ଜୀବନ୍ତ ଲାଗୁଥାଏ। ଡକ୍ଟର କ୍ଷେତ୍ରମୋହନ ପଟ୍ଟନାୟକ ଥାଆନ୍ତି ପ୍ରିନ୍ସିପାଲ। କୌଣସି କାରଣରୁ ସେ କେମେଷ୍ଟ୍ରି ଡିପାର୍ଟମେଣ୍ଟ ଉପରେ କ୍ଷୁବ୍ଧ ଥାଆନ୍ତି। ତେଣୁ ରିସର୍ଚ୍ଚ ପିଲାମାନଙ୍କ

ଉପରେ ସେ ରାଗ ଶୁଝାଉଥାଆନ୍ତି ଏବଂ ବେଶୀ ପିଲା କାମ କରିବାକୁ ମନା କରୁଥାନ୍ତି। ଯେଉଁ ଡିପାର୍ଟମେଣ୍ଟରେ ଆଲୁଅ ଲିଭୁ ନ ଥିଲା ସେ ଡିପାର୍ଟମେଣ୍ଟ ଆସ୍ତେ ଆସ୍ତେ ଗବେଷଣା କ୍ଷେତ୍ରରେ ଶ୍ରୀହୀନ ହୋଇଗଲା ଭଳି ଲାଗିଲା। ତଥାପି ମୋ ରୁମ୍‌ରେ ଅନେକ ପିଲା କାମ କରୁଥାନ୍ତି। ଡକ୍ଟର ନାୟକ ବର୍ଷଟିଏ ଆମେରିକାରେ ଥିବା ସମୟରେ ମୁଁ ସବୁ ପିଲାଙ୍କର ଗବେଷଣା ତଦାରଖ କରୁଥିଲି। କେତେଜଣ ପିଲା ମଧ୍ୟ ମୋ ଘରେ ରହି ଗବେଷଣା କରୁଥାନ୍ତି। ୧୯୮୦ ମସିହାରେ ମୁଁ ପି.ଏଚ୍‌ଡ଼ି. ଡିଗ୍ରୀ ହାସଲ କଲି। ନିଜେ ପିଏଚ୍.ଡ଼ି. କରିବା ସମୟରେ ଅନ୍ୟମାନେ ମୋ ତତ୍ତ୍ୱାବଧାନରେ କାମ କରୁଥିବାରୁ ମୁଁ ରିସର୍ଚ୍ଚ ସମ୍ବନ୍ଧୀୟ ଅନେକ କଥା ଶିଖି ଯାଇଥିଲି, ଯାହା ମୋତେ ପରବର୍ତ୍ତୀ ସମୟରେ ସାହାଯ୍ୟ କଲା। ପିଏଚ୍.ଡ଼ି. ପାଇଗଲା ପରେ ମୁଁ ବିଭିନ୍ନ ବ୍ରାଞ୍ଚ ଯଥା ରିଡ଼କ୍ସ ପଲିମେରାଇଜେସନ୍, ଫଟୋ ପଲିମେରାଇଜେସନ୍, ଗ୍ରାଫ୍‌ଟ କୋପଲିମେରାଇଜେସନ୍ ଅନ୍ ଟୁ ଉଲ୍, ସିଲ୍‌କ, ସେଲୁଲୋଜ, ନାଇଲନ୍, ରେୟନ୍, ରବର ଇତ୍ୟାଦି ଉପରେ ରିସର୍ଚ୍ଚ କଲି। ୧୪ ନମ୍ବର ରୁମ୍‌ରେ ଦିନସାରା ପ୍ରାୟ ୧୫ ଜଣ ପିଲା କାମ କରୁଥାଆନ୍ତି। ସମସ୍ତଙ୍କର ଡକ୍ଟର ନାୟକ ଥାଆନ୍ତି ଗାଇଡ୍। ମୁଁ ସମସ୍ତଙ୍କର କାମ ଦେଖିବା, ସେମାନଙ୍କ ପେପର ଲେଖିବା, କେତେଜଣଙ୍କର ଥେସିସ୍ ଲେଖିବା ଓ ଗ୍ରାଫ୍ ଆଙ୍କିବା ଇତ୍ୟାଦି କରୁଥିଲେ ମଧ୍ୟ ଥରେ ସୁଦ୍ଧା କୌଣସି ପିଲାର ଗାଇଡ୍ ହେବା ପାଇଁ ଡକ୍ଟର ନାୟକଙ୍କୁ ଅନୁରୋଧ କରି ନ ଥିଲି। ଆଶା ନ ରଖି କାମ କରିଯିବା ହେଉଛି ମୋର ନୀତି। ଫଳ ମୋତେ ଆପେ ଆପେ ମିଳିଛି।

କିଛି ଦିନ ପରେ ମୋ ତତ୍ତ୍ୱାବଧାନରେ ଅନିଲ କୁମାର ଦାସ ନାମକ ଜଣେ ଛାତ୍ରକୁ ଡକ୍ଟର ନାୟକ ରେଜିଷ୍ଟ୍ରେସନ୍ କରାଇଥିଲେ। ତାହା ଥିଲା ତାଙ୍କର ମହାନତା। ତା' ପରେପରେ ସୁପର୍ଣ୍ଣା ରାୟ, ପ୍ରମୋଦ କୁମାର ନାୟକ ମୋ ତତ୍ତ୍ୱାବଧାନରେ ଏକା ରୁମ୍‌ରେ କାମ କଲେ। ଇଏ ମୋ ପିଲା ସିଏ ତାଙ୍କ ପିଲା ଏ ବାଛ ବିଚାର ମୋର ନ ଥିଲା। ସବୁ ପିଲା ତାଙ୍କର ସୁବିଧା ଅସୁବିଧା ଡକ୍ଟର ନାୟକଙ୍କୁ ନ କହି ମୋତେ କହୁଥିଲେ। ମୁଁ ତାଙ୍କର ସମସ୍ୟା ଦୂର କରୁଥିଲି। ମୋଟ ଉପରେ କହିବାକୁ ଗଲେ ମୁଁ ସେ ରୁମ୍‌ରେ ଏକତାର ବାତାବରଣ ସୃଷ୍ଟି କରିଥିଲି। ସେତେବେଳେ ମୋ କ୍ଲାସ୍‌ମେଟ୍ କିଏ କେଉଁଆଡ଼େ ରହି ଯାଇଥିଲେ। କେବଳ ଅଶୋକ ପଟ୍ଟନାୟକ ଆଇ.ଏ.ଏସ୍. ପଦବୀରେ ଥିଲା। ନୃସିଂହ ଖଣ୍ଡୁଆଳ ପିଏଚ୍.ଡ଼ି. କରି ଚାକିରି କରୁଥାଏ। ଦିଗମ୍ବର

ଶତପଥୀ ପାଠ ପଢ଼ାଇବା ଛାଡ଼ି ଓଡ଼ିଶା ସରକାରଙ୍କର ଅନ୍ୟ କାମରେ ଡେପୁଟେସନ୍‌ରେ ଯୋଗ ଦେଇଥାଏ। ଅଳକା ପଟ୍ଟନାୟକ ଓ କସ୍ତୁରୀ ପରିଜା ଅଧ୍ୟାପିକା ଥାଆନ୍ତି। ରମେଶ ପରିଡ଼ା ଓ ବସନ୍ତ ପରିଡ଼ା ମଧ୍ୟ ପିଏଚ୍.ଡ଼ି. ଡିଗ୍ରୀ ପାଇ ଅଧ୍ୟାପନା କାର୍ଯ୍ୟ କରୁଥାଆନ୍ତି। ମୁଁ ପ୍ରାୟ ଏକମାତ୍ର ଅଧ୍ୟାପନା ସହିତ ଗବେଷଣା କାର୍ଯ୍ୟରେ ଲିପ୍ତ ଥିଲି।

ପି.ଏଚ୍‌ଡ଼ି. ଡିଗ୍ରୀ ହାସଲ କଲା ପରେ Council of Scientific and Industrial Research, New Delhi (ସି.ଏସ୍.ଆଇ.ଆର୍.)ରେ ଇଣ୍ଟରଭ୍ୟୁ ଦେଇ ରିସର୍ଚ୍ଚ ଆସୋସିଏଟ୍‌ସିପ୍ ପାଇଲି। ଉଚ୍ଚତର ଗବେଷଣା ପାଇଁ ଏହା ସହାୟକ ହେଲା। ଦରମାଠାରୁ କମ୍ ଟଙ୍କା ଫେଲୋସିପ୍ ପାଇ ଛୁଟିରେ ରହି ୩ ବର୍ଷ ରିସର୍ଚ୍ଚ କଲି। ସେତେବେଳେ ମୋ ପାଖରେ ଅନେକ ପିଲା ରିସର୍ଚ୍ଚ କରିବାର ସୁଯୋଗ ପାଇଲେ। ମୁଁ ଫୁଲ୍ ଟାଇମ୍ ରିସର୍ଚ୍ଚ କଲି। ଅନେକ ରିଭ୍ୟୁ ଓ ରିସର୍ଚ୍ଚ ପେପର ବିଦେଶରେ ଆନ୍ତର୍ଜାତିକ ଜର୍ଣ୍ଣାଲରେ ଛପାଇଲି। ନିଜେନିଜେ ସବୁ କାମ କରିବା ଆରମ୍ଭ କଲି।

## ମୋ ପିଲାଙ୍କ କଥା

ବହୁତ ସମୟ ରିସର୍ଚ୍ଚରେ କଟାଉଥିଲେ ମଧ୍ୟ ମୋ ପିଲାଙ୍କ ପଢ଼ାପଢ଼ି ଓ ସ୍ୱାସ୍ଥ୍ୟ ପ୍ରତି ଖୁବ୍ ଯତ୍ନବାନ୍ ଥିଲି। ଏହା ଭିତରେ ପୁପୁ ମ୍ୟାଟ୍ରିକ୍‌ରେ ବେଶ୍ ଭଲ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାଶ୍ କଲା ଓ ରେଭେନ୍‌ସାରେ ପ୍ରଥମ ଚାନ୍ସରେ ସିଟ୍ ପାଇଗଲା। National Scholarship ମଧ୍ୟ ପାଇଲା। ମୁଁ ଖୁବ୍ ଭାଗ୍ୟବତୀ ମା ବୋଲି ମନେ ମନେ ଗର୍ବ କରୁଥିଲି। ଭଲ ପାଠ ପଢୁଥିବା ପିଲାଙ୍କ ପ୍ରତି ମୋର ଅସୀମ ଶ୍ରଦ୍ଧା ଥାଏ। ପିଲାଦିନରୁ ପାଠପଢ଼ା ପ୍ରତି ପୁପୁର ଏକାଗ୍ରତା ଏବଂ ପରୀକ୍ଷାରେ ତା'ର ଭଲ ଫଳାଫଳ ଦେଖି ସେ ମୋର 'ପ୍ରେଷ୍ଟିଜ୍' ବୋଲି ମୁଁ କହୁଥିଲି। ମାଟ୍ରିକ୍‌ର ମାଥ୍‌ମେଟିକ୍ସ ପରୀକ୍ଷା ଆଗଦିନ ସାରାରାତି ମୋ ଗବେଷଣା ଛାତ୍ର ଅନିଲ ଓ ମୁଁ ପୁପୁର ପଢ଼ା ଦେଖିବା କଥା ମୁଁ ଭୁଲିନି। ମୋ ରିସର୍ଚ୍ଚ ପିଲାମାନେ ମଧ୍ୟ ମୋତେ ସାହାଯ୍ୟ କରି ଋଣୀ କରି ଦେଇଛନ୍ତି। ପୁପୁ ଯୁକ୍ତ ଦୁଇ ବିଜ୍ଞାନରେ ପଢ଼ିବା ସମୟରେ ବିଭାଗୀୟ ମୁଖ୍ୟ ଥାଆନ୍ତି ଡଃ ଚିତ୍ରାନନ୍ଦ ନନ୍ଦ। ମୋ ପୁଅ ଯୁକ୍ତ ଦୁଇ ପଢୁଥିବାରୁ ପ୍ରଥମଥର ପାଇଁ ଯୁକ୍ତ ଦୁଇରେ ପଢ଼ାଇବାକୁ ସେ କହିଥିଲେ। ଉପର କ୍ଲାସ ପଢ଼ାଇବାର ଅଭ୍ୟାସ ଥିଲା। ତଥାପି ୧୨୬ ପିଲାଙ୍କୁ ଗ୍ୟାଲେରୀରେ ପଢ଼ାଇବାରେ କିଛି ଅସୁବିଧା ହେଲାନି। ପୁପୁ ଯୁକ୍ତ ଦୁଇରେ ଭଲ ନମ୍ବର ରଖି ପ୍ରଥମ

ଶ୍ରେଣୀରେ ପାସ୍ କଲା। ଇଞ୍ଜିନିୟରିଂ ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତ ହେଉଥିବାରୁ ମୁଁ ତାକୁ ଯୁକ୍ତ ତିନିରେ କେମେଷ୍ଟ୍ରି ଅନର୍ସରେ ନାମ ଲେଖାଇଦେଲି। ନାଁ ଲେଖେଇବାର ଦୁଇ ମାସ ଭିତରେ କମ୍ପ୍ୟୁଟରରେ ସିଟ୍ ପାଇଛି ବୋଲି ମନିପାଲ-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିରୁ ଟେଲିଗ୍ରାମ ଆସିଲା। ଏହା ପୂର୍ବରୁ ତାକୁ ଯେତେଥର କହିଥିଲେ ମଧ୍ୟ ସେ ପ୍ରାଇଭେଟ୍ କଲେଜରେ ନାମ ଲେଖାଇବାକୁ ପସନ୍ଦ କରୁ ନ ଥିଲା। ବାରମ୍ବାର ବିରକ୍ତ ହୋଇ କହୁଥିଲା, ''ମୁଁ ଏତେ ନିମ୍ନମାନର ଛାତ୍ର ନୁହେଁ ଯେ ପ୍ରାଇଭେଟ୍ କଲେଜରେ ପଢ଼ିବି। ମୁଁ କମ୍ପିଟ୍ କରି ଓଡ଼ିଶାରେ ସରକାରୀ ଇଞ୍ଜିନିୟରିଂ କଲେଜରେ ସିଟ୍ ପାଇ ପଢ଼ିବି।'' ଅନେକ ସାଙ୍ଗ ଓ ବନ୍ଧୁଙ୍କୁ ଲଗାଇ ତାକୁ ବୁଝାଇଥିଲି। ଗୋଟିଏ ବର୍ଷ ପୁଣି ତା'ର ନଷ୍ଟ କରିବାକୁ ଚାହୁଁ ନ ଥିଲି ମୁଁ। ମନ ମୋର ବହୁତ ଖରାପ ହେଉଥାଏ। ରାତିରେ ନିଦ ହେଉ ନ ଥାଏ। ଟେଲିଗ୍ରାମଟି ତାକୁ ଦେଖାଇଲି। ମାଙ୍କର ଦୟା- ସେ ବିରକ୍ତି ସହିତ ରାଜି ହୋଇଗଲା।

ଭଲ ସମୟ ଆସିଲେ ସବୁ ବାଟ ଖୋଲିଯାଏ। ଏ ବିଷୟରେ ମୋର ଅନୁଭୂତି ରହିଛି। କର୍ଣ୍ଣାଟକ ପ୍ରଦେଶର ମନିପାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ 'ପାଇ' ଫାଉଣ୍ଡେସନ୍‌ଦ୍ୱାରା ପରିଚାଳିତ। ସିଣ୍ଡିକେଟ୍ ବ୍ୟାଙ୍କର ପ୍ରତିଷ୍ଠାତା ହେଉଛନ୍ତି ମିଷ୍ଟର ପାଇ। ସିଣ୍ଡିକେଣ୍ଟ ବ୍ୟାଙ୍କରେ ଗୋଟିଏ ଏକାଉଣ୍ଟ ଖୋଲିଲେ ଟ୍ରାନ୍‌ଜାକ୍‌ସନ୍ ପାଇଁ ସୁବିଧା ହେବ ଭାବି ଚୌଧୁରୀ ବଜାରରେ ଥିବା ସିଣ୍ଡିକେଟ୍ ବ୍ୟାଙ୍କକୁ ଗଲି। ପୁପୁ କାର ଚଳାଇ ମୋତେ ଓ ମୋ ସ୍ୱାମୀଙ୍କୁ ନେଇଥିଲା ସେଦିନ। ପ୍ରାଇଭେଟ୍ କଲେଜରେ ପଢ଼ିବା ସପକ୍ଷରେ ନ ଥିବାରୁ ତା' ମନରେ ବିରକ୍ତି ଭାବ ଥାଏ। ସେ ବ୍ୟାଙ୍କକୁ ନ ଯାଇ ଗାଡ଼ିରେ ବସିଲା। ଆମେ ଦୁଇଜଣ ଉପର ମହଲାକୁ ଯାଇ ବ୍ୟାଙ୍କର ଅଣଓଡ଼ିଆ ମ୍ୟାନେଜର ମିଷ୍ଟର ନାୟକଙ୍କୁ ଦେଖାକଲୁ। ମୋତେ ଇଣ୍ଟରଡ୍ୟୁସ କରିବା ପାଇଁ ଜଣେ ମଧ୍ୟ ଚିହ୍ନା କର୍ମଚାରୀ ନ ଥିଲେ। ମ୍ୟାନେଜର ଜଣକ ଖୁବ୍ ଭଦ୍ର ଲୋକଭଳି ଲାଗିଲେ। ସେ ଜଣେ ଇଣ୍ଟରଡ୍ୟୁସର ଠିକ୍ କରିଦେଲେ। ଏତେ ବାଟରେ ପୁଅକୁ ଛାଡ଼ିବି, ସେ ସ୍ଥାନ ବିଷୟରେ ଓ ସେଠାକାର ଖାଦ୍ୟପେୟ ବିଷୟରେ ବିଶେଷ କିଛି ଜାଣି ନ ଥିଲି ତେଣୁ ବ୍ୟସ୍ତ ଲାଗୁଥାଏ। ଅଳ୍ପ ଅଳ୍ପ ମୋ ଛାତ୍ର ମିଷ୍ଟର ଗିରିଠାରୁ ଶୁଣିଥିଲି। ସେ ସେଠାରେ ଦ୍ୱିତୀୟ ବର୍ଷର ଛାତ୍ର ଥିଲା। ପୁଅର ଅମଙ୍ଗ, ସ୍ଥାନ ବିଷୟରେ ଅଜ୍ଞତା ଏସବୁ ଭାବି ମୋତେ ଭୀଷଣ ଡ଼ର ଲାଗୁଥାଏ। ଅତି ଅଧୈର୍ଯ୍ୟ ଲାଗିଲେ ମାଙ୍କୁ ମନେ ମନେ ଡାକି ସବୁ ତାଙ୍କ ଉପରେ ଛାଡ଼ି ଦେଉଥାଏ।

ମ୍ୟାନେଜର ମୋ ଠିକଣା ଦେଖି ପଚାରିଲେ ମୁଁ କଲେଜ ଛକ ଏରିଆରୁ ଆସି ଚୌଧୁରୀ ବଜାରରେ କାହିଁକି ଏକାଉଣ୍ଟ ଖୋଲୁଛି। ମୋର ସେତେବେଳେ କଲେଜ ଛକରେ ଥିବା ଷ୍ଟେଟ୍‌ବ୍ୟାଙ୍କରେ ଏକାଉଣ୍ଟ ଥାଏ। ମୁଁ ପୁଅ ପଢ଼ା କଥା କହିଲି। ସିଣ୍ଡିକେଟ୍ ବ୍ୟାଙ୍କ ଜରିଆରେ ତା' ପାଇଁ ଟଙ୍କା ପଠାଇବାକୁ ମୋତେ ସୁବିଧା ହେବ କହିବାରୁ ସେ ସଙ୍ଗେ ସଙ୍ଗେ କହିଥିଲେ, ''ମୋ ଘର ଉଡୁପିରେ, ମୋ ପୁଅ ବିନାୟକ ଦ୍ୱିତୀୟ ବର୍ଷର ଛାତ୍ର, ମୋ ସ୍ତ୍ରୀ ଚାକିରି କରେ, ରାଗିଂ ଇତ୍ୟାଦିରେ ମୋ ପୁଅ ଆପଣଙ୍କ ପୁଅକୁ ସାହାଯ୍ୟ କରିବ, ମୋ ପୁଅ ତା'ର ଗଡ୍‌ଫାଦର ହୋଇଯିବ, ମୋ ସ୍ତ୍ରୀ ଓ ପୁଅ ଆପଣମାନଙ୍କୁ ଦେଖା କରି ଆଡ୍‌ମିସନ କାମରେ ସାହାଯ୍ୟ କରିବେ। ପ୍ରତିମାସ ଆମ ଷ୍ଟାଫ୍ ମନିପାଲ ବ୍ୟାଙ୍କକୁ ଯାଆନ୍ତି। ସେଠାକାର ପାଣିପାଗ ଖୁବ୍ ଭଲ। ଖାଇବା ପିଇବାରେ କିଛି ଅସୁବିଧା ନାହିଁ ଇତ୍ୟାଦି ଇତ୍ୟାଦି।'' ମୋତେ ଲାଗିଲା ସତେ ଯେମିତି ମା ମୋତେ ଆଶ୍ୱାସନା ଦେଇ ସବୁ କହି ଯାଉଛନ୍ତି। ସାଙ୍ଗେ ସାଙ୍ଗେ ତାଙ୍କ ଷ୍ଟାଫ୍ ମିଷ୍ଟର ମହାପାତ୍ର ଯିଏ ସବୁ ମାସ ମନିପାଲ ଯାଆନ୍ତି ତାଙ୍କୁ ସିଟ୍‌ରୁ ଡକାଇ ମୋତେ ସେ ସ୍ଥାନର ସବୁକିଛି ଅବଗତ କରାଇଦେଲେ। ମୋ ମନରେ ଢାଙ୍କି ଯାଇଥିବା ଶଙ୍କାର ବାଦଲ ଧୀରେଧୀରେ ଅପସରି ଗଲା। ପିଅନ ପଠାଇ ମୋ ପୁଅକୁ ଗାଡ଼ିରୁ ଡକାଇ ଆଣିଲେ। ଇନ୍‌ଷ୍ଟିଚ୍ୟୁଟ୍‌ର ନାଁ କେମିତି ଅଛି, ପାଠପଢ଼ା କେମିତି ହୁଏ, ଇନ୍‌ଷ୍ଟିଚ୍ୟୁଟରେ ଥିବା ଲାଇବ୍ରେରୀଠାରୁ ଆରମ୍ଭ କରି ସୁଇମିଂପୁଲ ପର୍ଯ୍ୟନ୍ତ ସବୁ ତାକୁ ବୁଝାଇ ଦେଲେ। ଉଡୁପିରେ ଓହ୍ଲାଇ କେଉଁ ହୋଟେଲରେ ରହିବୁ ତା'ର କାର୍ଡ଼ ମଧ୍ୟ ଆମକୁ ଦେଲେ। ସେଦିନ ମିଷ୍ଟର ନାୟକ ମୋ ପାଇଁ ଦେବତା ପାଲଟି ଯାଇଥିଲେ। ପୁପୁ ସବୁ ଚୁପ୍ ଚାପ୍ ଶୁଣିଥିଲା ସେଦିନ। କୌଣସି ମତାମତ ଦେଇ ନ ଥିଲା। ତା' ମନକଥା ମୁଁ ବୁଝି ପାରୁ ନ ଥାଏ।

ଅଗଷ୍ଟ ୧୩ ତାରିଖ ବାପା, ମା, ପୁଅ ବାହାରିଲୁ ମନିପାଲ। ସାଙ୍ଗରେ ତା'ର ବେଡ଼ିଂ ଓ ବାକ୍ସ ଥାଏ। ଟ୍ରେନର ସବା ଉପର ବର୍ଥରେ ସେ ଦିନସାରା ବସେ ଓ ରାତିରେ ଶୁଏ। ଖାଇବା ତା ପାଖକୁ ଉପର ବର୍ଥକୁ ଦେଇ ଦେଉଥିଲି। ବହୁତ ହୋମ୍‌ସିକ୍ ସେ ଥିଲା। ଘର ଛାଡ଼ି ଓ ଆମକୁ ଛାଡ଼ି ଯାଉଥାଏ, ତା'ଛଡ଼ା ପ୍ରାଇଭେଟ୍ କଲେଜରେ ପଢ଼ିବାକୁ ମନ ନ ଥାଏ, ଏସବୁ କାରଣ ଯୋଗୁଁ ବୋଧହୁଏ ସେ ଆଶ୍ୱସ୍ତି ଅନୁଭବ କରୁଥିଲା। ଯାହାହେଉ ସେ ଦିନର ତା ମୁହଁ ଆଜି ବି ମୋତେ ଦିଶିଯାଏ ଏବଂ ଲୁହ ବୋହିପଡ଼େ ମୋ ଆଖିରୁ। ବେଜୱାଡ଼ାରେ ଟ୍ରେନ୍ ଚେଞ୍ଜ କଲୁ। ମନିପାଲରେ ପହଞ୍ଚିଲୁ

ଅଗଷ୍ଟ ୧୫ ତାରିଖ ସକାଳେ। ବର୍ଷା ଝିପ୍ ଝିପ୍ ହେଉଥାଏ। ଛୋଟ ଛୋଟ ପିଲାମାନେ ପ୍ୟାରେଡ୍ କରି ଯାଉଥାଆନ୍ତି। ସତେ ଯେମିତି ମୋ ପିଲାମାନଙ୍କୁ ମୁଁ ସେ ପ୍ୟାରେଡ୍‌ରେ ଦେଖୁଥାଏ।

ଉଡୁପି ହୋଟେଲ ମ୍ୟାନେଜରଙ୍କୁ ମିଷ୍ଟର ନାୟକ ଫୋନ୍ କରି କହି ଦେଇଥିଲେ। ତାଙ୍କ ସ୍ତ୍ରୀ ଓ ପୁଅକୁ ମଧ୍ୟ ଆମ ଯିବା ବିଷୟ ଓ ସାହାଯ୍ୟ କରିବା ବିଷୟ କହି ଦେଇଥିଲେ। ହୋଟେଲରେ ଆମକୁ ସୁବିଧାରେ ରୁମ୍ ମିଳିଗଲା। ସେ ହୋଟେଲରେ ମିଳୁଥିବା ଖୁବ୍ ଉନ୍ନତମାନର ଦୋସା ମୁଁ ଏ ଯାଏ ଭୁଲିନି। ନିତ୍ୟକର୍ମ ସାରିଲା ପରେପରେ ବିନାୟକ ପହଞ୍ଚିଗଲା ଆମ ରୁମ୍‌ରେ। ଉଡୁପିରେ ପହଞ୍ଚିବା ପରେ ମଧ୍ୟ ପୁପୁ ଉପରକୁ ମୁହଁ କରି ଚାହୁଁ ନ ଥାଏ। ତଳମୁହାଁ ହୋଇ ବେଡ଼ିଂ ଉପରେ ଚୁପ୍ ଚାପ୍ ବସିଥାଏ। ଆମେ ସମସ୍ତେ ମିଶି ଇନ୍‌ଷ୍ଟିଚ୍ୟୁଟ୍‌କୁ ଗଲୁ। ୫ କି.ମି. ପାହାଡ଼ ଉପରେ ଇଞ୍ଜିନିୟରିଂ ଓ ମେଡ଼ିକାଲ ବିଲଡ଼ିଂ, ଡେଣ୍ଟାଲ ହସପିଟାଲ ଓ ସିଣ୍ଡିକେଟ୍ ବ୍ୟାଙ୍କ ଦେଖିଲୁ। ସବୁଆଡ଼େ ବୁଲାବୁଲି କରି ହୋଟେଲ ଫେରିଲୁ। ଇନ୍‌ଷ୍ଟିଚ୍ୟୁଟ୍ ବିଷୟରେ ବିନାୟକ ସବୁ ବୁଝାଇ ଦେଲା। ସନ୍ଧ୍ୟାରେ ତାଙ୍କ ଘରକୁ ଯିବାପାଇଁ ନିମନ୍ତ୍ରଣ କଲା। ମିଷ୍ଟର ନାୟକଙ୍କ ସ୍ତ୍ରୀ ଓ ତାଙ୍କ ଝିଅ ବୀଣା ଆମକୁ ବେଶ୍ ଘରୁଆ ଘରୁଆ ଲାଗିଲେ। ଡାଇନିଂ ହଲ୍‌ରେ ସେମାନେ ଦିଅଁଙ୍କୁ ରଖିଥିଲେ। ଗଣେଶଙ୍କୁ ସେମାନେ ପୂଜା କରନ୍ତି।

୧୬ ତାରିଖ ସକାଳେ ବିନାୟକର ସାହାଯ୍ୟ ନେଇ ଖୁବ୍ ସହଜରେ ପୁପୁର ଆଡ଼ମିସନ କରାଇଦେଲୁ। ହଷ୍ଟେଲ ସିଟ୍ ମଧ୍ୟ ହୋଇଗଲା। ଜଣେ ବିହାରୀ ପିଲା ତା'ର ରୁମ୍‌ମେଟ୍ ଥିଲା। ୧୭ ତାରିଖ ପୁପୁ ଗଲା କ୍ଲାସକୁ। ଆମେ ତା'ର ବିଛଣାପତ୍ର ସଜାଡ଼ିଲୁ। ବାଲ୍‌ତି, ମଗ୍ ଇତ୍ୟାଦି କେତୋଟି ଛୋଟ ଛୋଟ ଜିନିଷ କିଣି ତା' ରୁମ୍ ଓ ବହିପତ୍ର ଥାକ ସଜାଡ଼ିଦେଲୁ। ସେଦିନର ଅନୁଭୂତି ଆଜି ମୋ ମନରେ ଜୀବନ୍ତ। ପୁପୁ ଲଞ୍ଚ ଆୱାରରେ ଆସିଲା। ଫିଜିକ୍ସ ପ୍ରାକ୍ଟିକାଲ ପରୀକ୍ଷାରେ ୨୦ ରୁ ୧୯ ପାଇଲା ବୋଲି କହିଲା। ପିଲାମାନେ ଭଲ ନମ୍ବର ରଖିଲେ ମୋତେ ଯେଉଁ ଆନନ୍ଦ ଲାଗେ ଲକ୍ଷ ଲକ୍ଷ ଟଙ୍କା ବା ସମ୍ପତ୍ତି ପାଇଲେ ସେମିତି ଆନନ୍ଦ ଲାଗେନି। ଗର୍ବରେ ମୋ ମନ ସେଦିନ ଫାଟି ପଡ଼ିଥିଲା। ପୁପୁ ଟିକିଏ ଖୁସି ଥିଲା ଭଳି ଲାଗିଲା। ଉପରଓଳି ମନିପାଲ ଆମର ଛାଡ଼ିବାର ଥାଏ। ତିନିଜଣ ହଷ୍ଟେଲରୁ ବାହାରିଲୁ। ରାସ୍ତା ଉପରେ ଆମ ପାଦ ଛୁଇଁ ପ୍ରଣାମ କରି ଆମକୁ ପଛ କରି ଏକମୁହାଁ ହୋଇ କ୍ଲାସ ଆଡ଼କୁ ପୁପୁର ଚାଲିଯିବା ଦୃଶ୍ୟ ଆଜି ମୋ ଆଖି

ଆଗରେ। ''ମା ତୁମେ ତାକୁ ଭରସା'' କହି ଆମେ ସେ ସ୍ଥାନ ଛାଡ଼ିଲୁ। କଟକରେ ପହଞ୍ଚିବା ପର୍ଯ୍ୟନ୍ତ ମୋ ଆଖି ଶୁଖି ନ ଥିଲା। ଏତେ ଦୂରରେ ଏବଂ ତା' ଇଚ୍ଛା ବିରୁଦ୍ଧରେ ତାକୁ ସେଠାରେ ଛାଡ଼ିଆସିଲି। କିଛି ଅସୁବିଧା ହେଲେ ମୁଁ ନିଜକୁ କ୍ଷମା ଦେଇ ପାରିବିନି। ଏଇ କଥା ମୋ ମନ ଭିତରେ ଗୁମୁରୁ ଥାଏ।

ରେଗୁଲାର ତାକୁ ଚିଠି ଦେଉଥିଲି ଓ ତା'ଠାରୁ ଚିଠି ପାଉଥିଲି। ଆମ ବନ୍ଧୁ ଶ୍ରୀ ପ୍ରହଲ୍ଲାଦ ବିଶ୍ୱାଳଙ୍କ ସାହାଯ୍ୟରେ ମଧ୍ୟ ପ୍ରତି ରବିବାର ଫୋନରେ କଥା ହେଉଥିଲି। ତା' ସହିତ ଦେଖାହେଲେ ତା' ମନର ଅବସ୍ଥା ଏବଂ ସେ ଇନ୍‌ଷ୍ଟିଚ୍ୟୁଟ୍ ବିଷୟରେ ନ ଶୁଣିବା ଯାଏ ମୋତେ କିଛି ଭଲ ଲାଗୁ ନ ଥାଏ। ଗବେଷଣା ଓ ଅଧ୍ୟାପନା ଭିତରେ ପୁପୁ କଥା ମୁଁ ଗୋଟିଏ ମୁହୂର୍ତ୍ତ ମଧ୍ୟ ଭୁଲୁ ନ ଥାଏ। ଦୁର୍ଗା ପୂଜା ଛୁଟିରେ ସେ କଟକ ଆସିଲା। ଡରି ଡରି ତା' ସହିତ କଥାବାର୍ତ୍ତା ଆରମ୍ଭ କଲି। ତା'ର ପ୍ରଥମ ବାକ୍ୟ ଥିଲା, ''ଯେଉଁ ବାପା ମାଙ୍କର ଟଙ୍କା ଥିବ ସେମାନେ ଏମିତି ଇନ୍‌ଷ୍ଟିଚ୍ୟୁଟରେ ପିଲାଙ୍କୁ ପଢ଼ାଇବା କଥା।'' ଏଇ ବାକ୍ୟଟି ମୋ ମନରେ ଥିବା ଆଶଙ୍କାକୁ ନିମିଷକରେ ଦୂରେଇ ଦେଇଥିଲା। ପୁପୁ ସେ ଇନ୍‌ଷ୍ଟିଚ୍ୟୁଟରେ ପଢ଼ି ସନ୍ତୋଷଲାଭ କରିଛି ଜାଣି ମୋ ଛାତିରେ ଲଦି ହୋଇଥିବା ପାହାଡ଼ଟା ଯେମିତି ଭୂଇଁରେ ପଡ଼ିଗଲା ସେମିତି ମୁଁ ଅନୁଭବ କରିଥିଲି ସେଦିନ। ''ଈଶ୍ୱର, ତୁମେ ହିଁ ପଥ ପ୍ରଦର୍ଶକ'' ବୋଲି ବାରମ୍ବାର ଉଚ୍ଚାରଣ କରିଥିଲି।

ପାଠ ପଢ଼ା ସରିଗଲା ପରେ ପରେ ଇଞ୍ଜିନିୟରିଂ ଠିକ୍ ଚାରିବର୍ଷରେ ପ୍ରଥମ ଶ୍ରେଣୀରେ ପାସ୍ କଲା ଓ ଚାକିରି ଆରମ୍ଭ କଲା ଗୁଜୁରାଟର ଗାନ୍ଧିନଗରରେ। ଏହି ଚାକିରି ପାଇଁ ସାହାଯ୍ୟ କରିଥିଲେ ଗୁଜୁରାଟର ସିନିଅର ଆଇ.ଏ.ଏସ୍. ଅଫିସର ତଥା ଆମ ସମ୍ପର୍କୀୟ ଶ୍ରୀ ମହେଶ୍ୱର ସାହୁ ଓ ତାଙ୍କ ସ୍ତ୍ରୀ ନିବେଦିତା (କୁନି)। ଚାକିରି ଆରମ୍ଭ କଲା ପନ୍ଦର ଶହ ଟଙ୍କା ଦରମାରେ। ଏବେ ସେଦିନର କଥା ଭାବିଲେ ଆଖିରେ ଲୁହ ଭରିଯାଏ। ଏତକ ଦରମା ତା' ଚଳିବା ପାଇଁ ଯଥେଷ୍ଟ ହେଉ ନ ଥିବ ତାହା ମୁଁ ଭାବି ପାରୁ ନ ଥିଲି ସେତେବେଳେ। କାରଣ ସେ ମହେଶ୍ୱରଙ୍କ ଘରେ ରହୁଥିଲା ଓ ଖାଉଥିଲା। ସ୍ୱଳ୍ପ ଦରମାରେ ଚଳି ନିଜ ଗୋଡ଼ରେ ଛିଡ଼ା ହୋଇ ପାରିଥିଲା ବୋଲି ଆଜି ଭଲ ଦରମା ପାଇ ସେ ଖୁସିରେ ଅଛି। ସବୁ ସେହି ମାଙ୍କର କରୁଣା। ଅଳ୍ପଦିନ ଗାନ୍ଧିନଗରର ରହଣି ଭିତରେ ସେ ଅନେକ ଆଇ.ଏ.ଏସ୍. ଅଫିସରଙ୍କ ପରିବାରର ପ୍ରିୟ ହୋଇପାରିଥିଲା। ମଣିଷର ସ୍ୱଭାବ ଓ ପ୍ରକୃତି ତାକୁ ବଡ଼ କରେ ଓ ସର୍ବଜନପ୍ରିୟ କରେ।

ବିବାହ ସମୟ ତା'ର ଆସିଗଲା । ଅନେକ ଲୋକ ଚାହିଁଲେ ତାକୁ ଜ୍ୱାଇଁ କରିବାକୁ । ଆମ ସହିତ ବନ୍ଧୁ ବାନ୍ଧିବାକୁ ମଧ୍ୟ ଅନେକ ଆଗେଇ ଆସିଲେ । ତା' ଭାଗ୍ୟରେ ଯେଉଁଠିଥିବ ଏବଂ ମାଙ୍କର ଇଚ୍ଛା ଯେଉଁଠିଥିବ ଭାବି ଆମେ ଝିଅ ଖୋଜୁଥାଉ । ଗୋଟିଏ ପ୍ରସ୍ତାବ ଆସିଲା ମୋର ଜଣେ ସମ୍ପର୍କୀୟଙ୍କ ଜରିଆରେ । ଝିଅଟି ଥିଲା ଶିକ୍ଷିତା, ସୁଶ୍ରୀ ଏବଂ ସମୁଦୀ ଥିଲେ ହାଇଦ୍ରାବାଦରେ Air force ର Squarden Leader । ସମୁଦୁଣୀ ଥିଲେ ସୁଗୃହିଣୀ । ଘର ତାଙ୍କର କାକଟପୁର ମଙ୍ଗଳାଙ୍କ ନିକଟସ୍ଥ କଣିଆ ନାମକ ଗ୍ରାମରେ । ଅଳ୍ପ ସମୟ ଦେଖା ଓ ମିଶିବାରେ ସେହି ଝିଅଟିକୁ ବୋହୂ କରିନେବାକୁ ମନସ୍ଥ କଲି । ସମୁଦୀ Sq. Leader ଯଦୁନାଥ ନାୟକ ମଧ୍ୟ କିଛି ନ ଭାବି ଥରଟିଏ ଦେଖାରେ ଆମ ସହ ବନ୍ଧୁବାନ୍ଧିବାକୁ ସମ୍ମତି ଜଣାଇଥିଲେ । ଏତେ ଶୀଘ୍ର ବାହାଘର ଠିକ୍ ହୋଇଯିବ ବୋଲି ସେ ଭାବି ନ ଥିଲେ । ବାହାଘର ପାଇଁ ଆନୁଷଙ୍ଗିକ ପ୍ରସ୍ତୁତି କରି ନ ଥିଲେ ବୋଲି ତାଙ୍କ ମୁହଁଟି ଶୁଖି ଯାଇଥିଲା । ତାଙ୍କୁ କହିଥିବା ଗୋଟିଏ କଥା ମୋର ସ୍ପଷ୍ଟ ମନେ ଅଛି, ''ବେଦିରେ ବସି ଖୁସିରେ ଝିଅ ବାହାଘର କରିବେ ଏତିକି ଆମର ଦରକାର । କୌଣସି ଜିନିଷ ଦେବାନେବା କଥା ଭାବିବେନି । ଏପରିକି ଖଟ ବିଛଣା ନ ଦେଲେ ଚଳିବ ।'' ସେ ବାଧ୍ୟ କରି ଖଟ ବିଛଣା ଦେଇଥିଲେ । ବାହାଘର ହୋଇଗଲା ୧୯୯୬ ମସିହା ଡିସେମ୍ବର ୧୩ ତାରିଖରେ । ମାଙ୍କ କୃପାରୁ ପୁଅ ବୋହୂ ମୋର ପରବର୍ତ୍ତୀ ସମୟରେ ସମସ୍ତ ଆବଶ୍ୟକୀୟ ଜିନିଷ ନିଜ ରୋଜଗାରରେ କିଣି ପାରିଥିଲେ । ବୋହୂ ନାଁ ଯଶସ୍ୱୀ, ଡାକ ନାଁ ପୂଜା । ସେ ସମସ୍ତଙ୍କଠାରୁ ପୂଜା ପାଇବା ପାଇଁ ଯୋଗ୍ୟା । ଏମିତି କର୍ମଠ ବୋହୂ ଖୁବ୍ ବିରଳ । ପାଠ ପଢ଼ିଥିଲା ଏମ୍.ଏସ୍‌ସି, ଏମ୍.ଏଡ୍. । ଗୁଜୁରାଟର ସୁରତ, ବରୋଦା, ଅହମଦାବାଦରେ ପୁଅର ଥିଲା ଚାକିରି । ଏହି ସ୍ଥାନମାନଙ୍କରେ ପୂଜା ଶିକ୍ଷକତା କରିବା ସହିତ ଗୋଟିଏ ସୁଗୃହିଣୀ ଭଳି ଘର ସମ୍ଭାଳୁଥିଲା । ୧୯୯୭ ମସିହା ନଭେମ୍ବର ୧ ତାରିଖରେ ଆମର ପ୍ରଥମ ନାତି ସାହିଲ ସାର୍ଥକର ଜନ୍ମ । ପିଲା, ଘର ଓ ଚାକିରିକୁ ସମ୍ଭାଳି ଘରର ସବୁକାମ ନିଜ ହାତରେ କରିପାରେ ପୂଜା । ଏବେ ସେ ଉତ୍କଳ ୟୁନିଭରସିଟିରେ ଯୁଓଲୋଜିରେ ପିଏଚ୍.ଡ଼ି. କରିବା ସହିତ କିଟ୍ ୟୁନିଭରସିଟିରେ ଅଧ୍ୟାପନା କରୁଛି ଏବଂ ଭୁବନେଶ୍ୱରସ୍ଥ ନିଜ ଘରେ ରହୁଛି । ସାର୍ଥକ ଭୁବନେଶ୍ୱରରେ ଡି.ଏ.ଭି. ସ୍କୁଲର ନବମ ଶ୍ରେଣୀର ଛାତ୍ର । ପୁପୁ କଲିକତାରେ ଏକ ରସିଆନ୍ କମ୍ପାନୀ 'MTS'ରେ ଆସୋସିଏଟ୍ ଡାଇରେକ୍ଟର ଭାବରେ ଅଧିଷ୍ଠିତ ।

ପିଲାଦିନୁ ସାନପୁଅ ଲିପୁ ଦୁର୍ବଳ ଥିଲା। ଅଳ୍ପକେ ଥଣ୍ଡା ଜ୍ୱର ହେଉଥିଲା। ଶାରୀରିକ ଅସୁସ୍ଥତା ତା' ପଢ଼ାପଢ଼ିରେ ବ୍ୟାଘାତ ଘଟାଉଥିଲା। ମୁଁ ପ୍ରଥମେ ଧ୍ୟାନ ଦେଉଥିଲି ସ୍ୱାସ୍ଥ୍ୟକୁ। ମାଟ୍ରିକ୍‌ରେ ଖୁବ୍ ଭଲ କଲା ନାହିଁ। ତଥାପି ତା' ଫଳାଫଳ ସେମିତି କିଛି କମ୍ ନ ଥିଲା। ସେ ଘରଟାକୁ ମୋର ଚଳ ଚଞ୍ଚଳ ରଖିଥିଲା। ଭଉଣୀ ସହିତ ସବୁବେଳେ ମଜା କରୁଥିଲା। ତୁ ମୋର 'ଲାଇଫ' ବୋଲି ମୁଁ ତାକୁ କହୁଥିଲି ! ଷ୍ଟୁଆର୍ଟ ସାଇନ୍ସ କଲେଜରୁ ବିଜ୍ଞାନରେ ଯୁକ୍ତ ଦୁଇ ପାସ୍ କଲାପରେ ରାଉରକେଲାରେ ମୋ ସମ୍ପର୍କୀୟ ଭାଇଙ୍କ ଘରେ ରହି ରାଉରକେଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଡିପ୍ଲୋମା ପଢ଼ିଲା ଓ ପାସ୍ କରି ଆସିବା ପରେ ଚାକିରି କରିବାକୁ ମନ ବଳାଇଲା ନାହିଁ। ବ୍ୟବସାୟ କରିବାରେ ଥିଲା ତା'ର ଆଗ୍ରହ। ଆମେ ସ୍ୱାମୀ ସ୍ତ୍ରୀ ଓଡ଼ିଶା ସରକାରଙ୍କ ଅଧୀନରେ ଚାକିରି କରୁଥିଲୁ। ମୁଁ ଥିଲି ରେଭେନ୍‌ସା କଲେଜରେ ପ୍ରାଧ୍ୟାପିକା ଓ ମୋ ସ୍ୱାମୀ ଥିଲେ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗରେ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର। ବ୍ୟବସାୟ ଉପରେ ଆମର ଜ୍ଞାନ ନ ଥିଲା। ଋଣ କରି ବ୍ୟବସାୟ କରିବାକୁ ଆମର ସାହାସ ମଧ୍ୟ ନ ଥିଲା। ପୁଅର ଆଗ୍ରହରେ ଆମେ ରାଜି ହୋଇ ଯାଇଥିଲୁ ଏବଂ ଘରର ସନ୍ନିକଟରେ ଗୋଟିଏ ଟେଲିକମ୍ୟୁନିକେସନ ବ୍ୟବସାୟ ତାକୁ କରାଇ ଦେଇଥିଲୁ। ଆମ ପାଖରେ ରହି ବ୍ୟବସାୟ ସହିତ ସେ ଆଜି ପର୍ଯ୍ୟନ୍ତ ଆମ କଥା ବୁଝାବୁଝି କରେ। ଏହି ସୌଭାଗ୍ୟ ପାଇଥିବାରୁ ଈଶ୍ୱରଙ୍କ ପାଖରେ ଆମେ କୃତଜ୍ଞ। ଏହା ଭଗବାନଙ୍କର ହିଁ ଇଚ୍ଛା ଥିଲା। ୨୬ ବର୍ଷ ବୟସ ବେଳେ ତା'ର ବିବାହ କରିବାକୁ ମନସ୍ଥ କଲୁ। ବଡ଼ ପୁଅ ଭଳି ଜଣେ ସମ୍ପର୍କୀୟ ପ୍ରସ୍ତାବ ଦେଇଥିଲେ ବାହାଘର ପାଇଁ। ଝିଅର ବାପା ଥିଲେ ତିର୍ତ୍ତୋଲ ନିକଟସ୍ଥ ଶାଗବାରିଆ ନିବାସୀ ଅବସରପ୍ରାପ୍ତ ସ୍କୁଲ ଇନ୍‌ସପେକ୍ଟର ସ୍ୱର୍ଗତ ଧ୍ରୁବ ଚରଣ ବିଶ୍ୱାଳ। ସବୁଦୁଣୀ ଥିଲେ ଗୃହିଣୀ। ଝିଅଟି +୩ ପାସ୍ କରିଥିଲା। ଦେଖିବାକୁ ଥିଲା ସୁଶ୍ରୀ। ବାହା କରି ଦେଇଥିଲି ୨୦୦୧ ମସିହା ମାର୍ଚ୍ଚ ୩ ତାରିଖରେ। ସେମାନଙ୍କର ପୁତ୍ର ତଥା ମୋର ଦ୍ୱିତୀୟ ନାତି ରିତିକ୍ ରୋନକ (ଶୁଭମ୍)ର ଜନ୍ମ ୨୦୦୧ ମସିହା ନଭେମ୍ବର ୧୩ ତାରିଖରେ। ବେଶ୍ କିଛି ଦିନ ଭଲରେ ମୋ ସଂସାର ଚାଲିଲା। ପୁଅ ବୋହୂ ନାତିକୁ ନେଇ ଆମେ ଖୁସିରେ ଦିନ କାଟିଲୁ। ହଠାତ୍ କଳାବାଦଲ ଘୋଟିଆସିଲା ଆମ ଜୀବନରେ। ବୋହୂ ମୋର ଅପମୃତ୍ୟୁର ଶିକାର ହେଲା। ୫ ବର୍ଷ ଚାଲିଗଲା ପରେ ପୁଣି ପୁଅକୁ ବିବାହ କରାଇଲୁ କଟକ ନିବାସୀ ବ୍ୟବସାୟୀ ଶ୍ରୀ ରିତେନ୍ କୁମାର

ଭାରୁଙ୍କ ଝିଅ ଲୁସି ସହିତ ଗତ ୨୦୧୦ ମସିହା ସେପ୍ଟେମ୍ବର ୩୦ ତାରିଖରେ। ସମୁଦୁଣୀ ଆମର ସୁଗୃହିଣୀ। ଝିଅଟି +୨ ପାଶ୍ କରିଥିଲେ ମଧ୍ୟ ବୁଦ୍ଧିମତୀ, ସୁଶ୍ରୀ ଓ ସୁଗୃହିଣୀ। ଶୁଭମ୍‌ର ସମସ୍ତ ଦାୟିତ୍ୱ ନେଇପାରୁଛି ତାହା ଆମ ସୌଭାଗ୍ୟର କଥା। ଈଶ୍ୱରଙ୍କ କୃପାରୁ ମୋ ଘର ପୁଅ ବୋହୂ ଓ ନାତିକୁ ନେଇ ହସ ଖୁସିରେ ଭରିଯାଉଛି। ଲିପୁର ବ୍ୟବସାୟ ମଧ୍ୟ ଠିକ୍‌ଠାକ୍ ଚାଲିଛି। ଶୁଭମ୍ ବର୍ତ୍ତମାନ କଟକର ଡି.ଏ.ଭି. ସ୍କୁଲରେ ୬ଷ୍ଠ ଶ୍ରେଣୀର ଛାତ୍ର।

ମାମୁନୀ ମାଇନର ପରୀକ୍ଷା ଦେଇଥିଲା ବୋର୍ଡ଼ ସ୍କୁଲରେ। ପିଲାଦିନୁ ସେ ପଢ଼ାପଢ଼ି ପ୍ରତି ଖୁବ୍ ଯତ୍ନବାନ୍ ଥିଲା। ପାଠପଢ଼ା ସମୟ ସେ ନଷ୍ଟ କରୁ ନ ଥିଲା। ନିଜେ ନିଜେ ପଢ଼ିବାରେ ସେ ଅଭ୍ୟସ୍ତ ଥିଲା। ତା' ପଢ଼ାପଢ଼ି ପାଇଁ ଖୁବ୍ ବେଶୀ ସମୟ ମୁଁ ଦେଉ ନ ଥିଲି। ମାଇନର ପାସ୍ କଲା 'ଓ' ଗ୍ରେଡ୍‌ରେ। ତୃତୀୟ ଓ ପଞ୍ଚମ ଶ୍ରେଣୀରେ ସ୍କଲରସିପ୍ ପାଇଥିଲା। ମ୍ୟାଟ୍ରିକ୍ ସେହି ବୋର୍ଡ଼ ସ୍କୁଲରେ ପଢ଼ି ଖୁବ୍ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା। କିଛି ଦିନ ଶୈଳବାଳା ମହିଳା କଲେଜରେ ପଢ଼ିଲା ପରେ ଘରଠୁ ପାଖ ହେବବୋଲି ଜେ.କେ.ବି.କେ. କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିଲା। ଯୁକ୍ତ ଦୁଇ ପରେ ସେ ରେଭେନ୍‌ସାରେ କେମେଷ୍ଟ୍ରି ଅନର୍ସ ନେଇ ପଢ଼ିଲା ଓ ଫାଇନାଲ୍‌ରେ ଅନର୍ସରେ ତୃତୀୟ ସ୍ଥାନ ରଖି ପାସ୍ କଲା। ମୋର ଇଚ୍ଛା ଥିଲା ସେ ଏମ୍.ଏସ୍‌ସି. କେମେଷ୍ଟ୍ରିରେ ପଢ଼ି ପିଏଚ୍.ଡ଼ି. ପାଇ ବିଦେଶରେ କିଛି ଦିନ ଉଚ୍ଚତର ଗବେଷଣା କରିବ। ତା'ର ଇଚ୍ଛା ଥିଲା ଟେକନିକାଲ ଲାଇନ୍‌ରେ ଯିବା ପାଇଁ। ତେଣୁ ଏଣ୍ଟ୍ରାନ୍‌ସ ପରୀକ୍ଷା ଦେଇ ଭୁବନେଶ୍ୱରରେ ଏମ୍.ସି.ଏ. ପଢ଼ିଲା ଓ ପ୍ରଥମ ଶ୍ରେଣୀରେ ପାସ୍ କଲା। ଏମ୍.ସି.ଏ. ପାସ୍ କଲା କଲା ପରେ ଚାକିରି କଲା ଦିଲ୍ଲୀରେ। ଦିଲ୍ଲୀରେ ରହିବା, ଚାକିରି ପାଇବା, ଦିଲ୍ଲୀ ଯିବା ଆସିବା କରିବାରେ ଆମର କୌଣସି ସାହାଯ୍ୟ ସେ ନେଇନାହିଁ। ପିଲାଦିନରୁ ସେ ନିଜ କାମ ନିଜେ କରିବାରେ ସିଦ୍ଧହସ୍ତା। ପ୍ରଥମେ ଚାକିରି କଲା ଦିଲ୍ଲୀସ୍ଥ National Information Centre (NIC) ଓ I.I.T. ରେ, ତା'ପରେ Hindusthan Computer Ltd. (HCL) ରେ। ସେହି ସମୟରେ ତା'ର ବାହାଘର ଠିକ୍ କଲୁ। ସମୁଦୀ ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସିନିୟର ମ୍ୟାନେଜର। ଘର ତାଙ୍କର କେନ୍ଦୁଝର ସହରରେ। ଜମିଦାରୀ ଥିଲା ତାଙ୍କର। ସେ ଅଞ୍ଚଳର ସେ ଜଣେ ଜଣାଶୁଣା ବ୍ୟକ୍ତି। ତାଙ୍କର ଅମାୟିକ ବ୍ୟବହାରରେ ସେ ସମସ୍ତଙ୍କୁ ନିଜର କରି ପାରୁଥିଲେ। ତାଙ୍କ ବଡ଼ ପୁଅ ପ୍ରଭାତ କୁମାର

ଚେନାଇରେ ସତ୍ୟମ୍ କମ୍ପାନୀରେ ଚାକିରି କରୁଥିଲେ। ଘରର ଦାୟିତ୍ୱ ତୁଲାଇବାର ଗୁଣ ତାଙ୍କର ଥିଲା। ସମୁଦୁଣୀ ମଧ୍ୟ ଜଣେ ସୁଗୃହିଣୀ। ବୟସକୁ ସେ ଖାତିର ନ କରି ଆଜି ଯାଏ ସବୁ କାମ କରି ପାରୁଛନ୍ତି। ତେଣୁ ଏହି ପରିବାର ସହିତ ବନ୍ଧୁ ବାନ୍ଧିଥିଲି ୨୦୦୩ ମସିହା ମେ ୪ ତାରିଖ ଦିନ। ବାହାଘର ପରେପରେ ଜ୍ୱାଇଁ ଦିଲ୍ଲୀ ଚାଲିଆସିଲେ। ଦୁଇଜଣ ଗୋଟିଏ ସହରରେ ଚାକିରି କଲେ। ଆମର ତୃତୀୟ ନାତି ନିଶାନ୍ତ (ସ୍ୱାଗତ୍) ଜନ୍ମ ହେଲା ୨୦୦୫ ମସିହା ମାର୍ଚ୍ଚ ୨୭ ତାରିଖରେ କଟକରେ। ଏବେ ସେ ଭୁବନେଶ୍ୱରର O.D.M. ସ୍କୁଲରେ Std. II ରେ ଅଧ୍ୟୟନ କରୁଛି। ଚତୁର୍ଥ ନାତି ଇଶାନ୍ତ (ଶାଶ୍ୱତ୍) ଜନ୍ମ ହୋଇଛି ୨୦୧୧ ମସିହା ଜାନୁୟାରୀ ୨୩ ତାରିଖରେ। ଦୁଇ ପୁଅ ସହିତ ଝିଅ ଜ୍ୱାଇଁ ଭୁବନେଶ୍ୱରରେ ନିଜ ଘରେ ରହୁଛନ୍ତି। ବର୍ତ୍ତମାନ ଝିଅ Infosys ଓ ଜ୍ୱାଇଁ ଗୋଟିଏ Multi National Companyରେ ଚାକିରି କରୁଛନ୍ତି। ଏହା ପୂର୍ବରୁ ସେମାନେ ଆମେରିକା ଓ ଅଷ୍ଟ୍ରେଲିଆରେ ବହୁଦିନ ଧରି ଚାକିରି କରୁଥିଲେ।

ମୋ ସ୍ୱାମୀଙ୍କ ବିଷୟରେ କିଛି ନ ଲେଖିଲେ ମୋ ଆତ୍ମଜୀବନୀ ପୁସ୍ତକଟି ଅଧୁରା ରହିଯିବ। ସେ ଖୁବ୍ ସରଳ ଓ ନିଷ୍କପଟ ମଣିଷଟିଏ। କୌଣସି ପ୍ରତିକୂଳ ପରିସ୍ଥିତିରେ ସେ ଧୈର୍ଯ୍ୟହରା ହୁଅନ୍ତି ନାହିଁ। ଜୀବନର ସବୁ ଜଟୀଳ ସମସ୍ୟାକୁ ସେ ଖୁବ୍ ହାଲ୍କା ଭାବରେ ନିଅନ୍ତି ବୋଲି ଦୁଃଖ ତାଙ୍କୁ ଛୁଏଁ ନାହିଁ। କର୍ମନିଷ୍ଠା ତାଙ୍କର ପରମ ବ୍ରତ। ପ୍ରତ୍ୟେକ କାର୍ଯ୍ୟକୁ ଠିକ୍ ଭାବରେ ମନପ୍ରାଣ ଓ ସମୟ ଦେଇ ସମ୍ପାଦନ କରୁଥିବାରୁ ଚାକିରି କରୁଥିବା ସମୟରେ ତାଙ୍କର ସବୁ ଉଚ୍ଚପଦାଧିକାରୀଙ୍କର ସେ ଥିଲେ ପ୍ରିୟପାତ୍ର। କଟକଠାରୁ ଦୂରଦୂରାନ୍ତରେ ଥିଲା ତାଙ୍କ ଚାକିରି କ୍ଷେତ୍ର। ତଥାପି ନିଜ ପରିବାର ସହିତ କଟକରେ ରହି ଚାକିରି କ୍ଷେତ୍ରକୁ ପ୍ରତିଦିନ ଜିବା ଆସିବା କରି ସବୁ କାମ ତୁଲାଇବାରେ ସେ ଥିଲେ ଦକ୍ଷ। ସେ ଚାକିରିରୁ ଅବସର ନେଇଥିଲେ ଏପ୍ରିଲ ମାସ ୩୦ ତାରିଖ ୧୯୯୯ ମସିହାରେ। ଅବସର ନେବା ଦିନ ସେ ବୋଧହୁଏ ଜୀବନର ସବୁ ଅଧିକ ଖୁସି ଥିଲେ। ଏମିତି ବ୍ୟକ୍ତିତ୍ୱ ଖୁବ୍ ବିରଳ। ତା'ପରେ ବିଭିନ୍ନ ଅନୁଷ୍ଠାନ ତାଙ୍କୁ ଚାକିରି କରିବା ପାଇଁ ନିମନ୍ତ୍ରଣ କରିଥିଲା। ଅର୍ଥ ପ୍ରତି ତାଙ୍କର ଲୋଭ ନଥାଏ। ତେଣୁ ଅବସର ନେବା ପରେ ଜନସେବାରେ ସେ ନିୟୋଜିତ ହୋଇ ପ୍ରଚୁର ଆନନ୍ଦ ପାଇଲେ। ସେ ମଧ୍ୟ ଜଣେ ରୋଟାରିଆନ୍। ବିଭିନ୍ନ ସେବାମୂଳକ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ମୋ ସହିତ ଓ ପିଲାମାନଙ୍କ ସହିତ ଏକ ସୁନ୍ଦର ଜୀବନ ଯାପନ କରୁଛନ୍ତି।

# ଦେଶ ବିଦେଶରେ ଗବେଷଣା

## ଭାରତରେ ଗବେଷଣା

କେଉଁ ମାଟି କାଦୁଅ ଘରେ ବଢ଼ି, ପରିବାର ବର୍ଗଙ୍କଠାରୁ କୌଣସି ପରାମର୍ଶ ନପାଇ ସରକାରୀ କଲେଜରେ ଚାକିରି କରିବା ଓ ଉଚ୍ଚମାନର ଗବେଷଣା କରି ଦେଶ ବିଦେଶରେ ପ୍ରକାଶିତ ବୈଜ୍ଞାନିକ ଜର୍ଣ୍ଣାଲରେ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ କରି ନିଜ ଦେଶ ତଥା ଗବେଷଣାସ୍ଥଳୀର ନାଁକୁ ପୃଥିବୀ ମାନଚିତ୍ରରେ ସ୍ଥାନ ଦେବା ଇତ୍ୟାଦି ମୋତେ ସ୍ୱପ୍ନଭଳି ଲାଗେ। କେବଳ କର୍ତ୍ତବ୍ୟ କରିବାଛଡ଼ା କିଛି ପାଇବାର ଆଶା ମୁଁ ରଖୁନଥାଏ। ସବୁ ଯେମିତି ସ୍ୱତଃ ଆସି ମିଳିଯାଇଛି ସେମିତି ମୋର ମନେ ହୁଏ। ୧୯୭୭ ମସିହାରେ ଗବେଷଣାଗାରରେ ମୁଁ ପାଦ ଦେଇଥିଲି। କିଛି ପାଇବା, କିଛି ନ ପାଇବା କଥା ମୁଁ ଅନୁଶୀଳନ କରିନଥିଲି। ଯାହା ମିଳିଛି ସେସବୁ ପ୍ରଭୁଙ୍କର ଦାନ ବୋଲି ମୁଁ ଧରି ନେଇଛି।

ଡକ୍ଟର ନାୟକ ମାଡ୍ରାସରେ ଗୋଟିଏ ସମର ଇନ୍‌ଷ୍ଟିଚ୍ୟୁଟରେ ଯୋଗ ଦେବାକୁ ଯାଇ ଭାରତରେ ପଲିମରର ଏକ କର୍ଣ୍ଣଧାର ଡକ୍ଟର ଏମ୍. ସନ୍ତାପାଙ୍କଠାରୁ ପଲିମର ବିଜ୍ଞାନ ବିଷୟରେ ଶିକ୍ଷା ଲାଭ କରିଥିଲେ। ସେଠାରୁ ଫେରିବା ପରେ ରେଭେନ୍ସାରେ ରସାୟନ ବିଜ୍ଞାନ ବିଭାଗର ୧୪ ନମ୍ବର ରୁମ୍‌ରେ ପଲିମର ବିଜ୍ଞାନରେ ଗବେଷଣା ଆରମ୍ଭ କରିଥିଲେ। ସେ ରୁମ୍‌ରେ କାମ ଆରମ୍ଭ ହେଲାବେଳକୁ ସେଠାରେ କେତେଖଣ୍ଡ ହକି ଷ୍ଟିକ୍ ଓ ଖାଲିଥିବା ବିଅର ବୋତଲ ପଡ଼ିଥିଲା। ସେହି ରୁମ୍‌ଟିକୁ ସଜାଡ଼ି ସେ ଗବେଷଣାଗାର କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଓ ମୋ ତତ୍ତ୍ୱାବଧାନରେ ସେହି ଛୋଟିଆ ରୁମ୍‌ରେ ଗବେଷଣା କରି ଏକ ଶହରୁ ଅଧିକ ଛାତ୍ର ଛାତ୍ରୀ ପିଏଚ୍.ଡ଼ି. ଡିଗ୍ରୀ ପାଇସାରିଲେଣି ଏବଂ ଶହ ଶହ ପ୍ରବନ୍ଧ ଓ ରିଭ୍ୟୁ ଆନ୍ତର୍ଜାତିକ ଜର୍ଣ୍ଣାଲରେ ପ୍ରକାଶିତ ହୋଇ ସାରିଲାଣି। ଗବେଷଣା ପାଇଁ କେବଳ ଉର୍ବର ମସ୍ତିଷ୍କ ଦରକାର ବୋଲି ସେ ସବୁବେଳେ କହନ୍ତି। ପ୍ରଥମ ଅବସ୍ଥାରେ ମୋର ହୃଦ୍‌ବୋଧ ହେଉନଥିଲା ଯେ ମୁଁ ଯେଉଁ ଗବେଷଣା କରୁଛି ତା'ର ଫଳାଫଳ ଠିକ୍ ବୋଲି। ମୋ ଗାଇଡ଼ ଡକ୍ଟର ନାୟକ ଜଣେ ଆଶାବାଦୀ ବୈଜ୍ଞାନିକ। କୌଣସି କାର୍ଯ୍ୟ ହୋଇ ପାରିବନି ଏ କଥା ତାଙ୍କ ମନକୁ ଆଦୌ ଛୁଏଁନି।

ମୁଁ ରିସର୍ଚ୍ଚ ଆରମ୍ଭ କରିବାର ପ୍ରାୟ ୩ / ୪ ମାସ ଭିତରେ ମୋର ଗୋଟିଏ ପ୍ରବନ୍ଧ ଆମେରିକାର Journal of Polymer Science (JPS) ଜର୍ଣ୍ଣାଲରେ ପ୍ରକାଶ ହୋଇଥିଲା । ଏହି ଗବେଷଣା ଥିଲା ପଲିମର ପ୍ରସ୍ତୁତି ଉପରେ । ସେଦିନ ମୋ ଆନନ୍ଦ କହିଲେ ନସରେ । ଗବେଷଣା ପ୍ରତି ମୋର ଆଗ୍ରହ ବଢ଼ି ଯାଇଥିଲା । ମୋ ସହଗବେଷକ ଡକ୍ଟର ତ୍ରିଜାମା ରଞ୍ଜନ ମହାନ୍ତିଙ୍କ ସହିତ ମିଶି ମୁଁ କାମ କରୁଥାଏ । ଉପର ଠାଉରିଆ କାମ କରିବାକୁ ମୁଁ ପସନ୍ଦ କରେନି । ମୂଳରୁ ସବୁ ଶିଖିବାର ଆଗ୍ରହ ମୋର ଥିଲା । ମୋର ଏହି ପ୍ରକାର ମନୋଭାବ ପରବର୍ତ୍ତୀ ସମୟରେ ମୋତେ ଅନେକ ସାହାଯ୍ୟ କରିଥିଲା ।ଶୈଳବାଳା ମହିଳା କଲେଜରେ ପ୍ରାୟ ୫ ବର୍ଷ ଚାକିରି କରି ଶହ ଶହ ପିଲାଙ୍କୁ ପ୍ରାକ୍ଟିକାଲ କରାଇଥିବା ପାଠ ଯଥା ସଲ୍‌ଫ୍ୟୁରିକ୍ ଏସିଡ୍‌କୁ ଷ୍ଟାଣ୍ଡାଡ଼ାଇଜ କରିବା ଥିଲା ମୋ ଗବେଷଣାର ପ୍ରଥମ ଦିନର କାମ । ଏବେବି ମୋ ପିଲାମାନଙ୍କୁ ମୁଁ ସେଦିନର ନୋଟ୍ ବୁକ୍ ଦେଖାଇ ମୋ ପ୍ରଥମ ଦିନର କାମ ବର୍ଣ୍ଣନା କରେ । ଏବେ ପିଲାମାନେ ଯେକୌଣସି ପ୍ରକାରେ କିଛି କାମ କରିଦେଇ ପିଏଚ୍.ଡି. ଡିଗ୍ରୀଟିଏ ଆଶା କରୁଛନ୍ତି । ଡିଗ୍ରୀ ପାଇସାରିଲା ପରେ ତାଙ୍କ ଥେସିସ୍‌ର କାମ ଠିକ୍ ଭାବରେ ବର୍ଣ୍ଣନା କରିପାରୁନାହାନ୍ତି ।

ବିଭିନ୍ନ ପ୍ରକାର ମନୋମରରୁ ପଲିମର ପ୍ରସ୍ତୁତି ସହିତ ମୁଁ ଇଣ୍ଡିଆନ୍ ଚୋକ୍‌ଲା ଉଲ୍ ଉପରେ ଗବେଷଣା ପ୍ରଥମେ ଆରମ୍ଭ କଲି । କେଉଁ ରଙ୍ଗକୁ ଉଲ୍ କେତେ ପରିମାଣରେ ଶୋଷଣ କରୁଛି ତାହା ପ୍ରଥମେ ମାପିବା ଥିଲା ମୋ ଗବେଷଣାର ଉଦ୍ଦେଶ୍ୟ । ତାହା ଉପରେ ମୁଁ ଦ୍ୱିତୀୟ ପ୍ରବନ୍ଧ ୱେଷ୍ଟ ଜର୍ମାନୀରେ ପ୍ରକାଶିତ ଜର୍ଣ୍ଣାଲ Angew. Makromal. Chem. ରେ ପ୍ରକାଶ କଲି । ଏହାପରେ ଉଲ୍ ଉପରେ ଗ୍ରାଫ୍ଟ କୋପଲିମେରାଇଜେସନ୍ ପ୍ରକ୍ରିୟା କରି କେତେ ପ୍ରତିଶତ ଗ୍ରାଫଟିଂ ହେଉଛି ତାହାକୁ ବାହାର କରିବା ଥିଲା ମୋର ଗବେଷଣା । ଏହାପରେ ୫୦ / ୬୦ଟି ପ୍ରବନ୍ଧ ଆମେରିକା, ୱେଷ୍ଟ ଜର୍ମାନୀ, ଇଂଲଣ୍ଡ ଇଦ୍ୟାଦି ଦେଶର ଜର୍ଣ୍ଣାଲରେ ପ୍ରକାଶ କଲି । ଉଲ୍ ପରେ ମୁଁ ଓ ମୋ ସହ ଗବେଷକମାନେ ସିଲ୍କ, ସେଲୁଲୋଜ, ନାଇଲନ୍, ରେୟନ, ରବରରେ ଗ୍ରାଫଟିଂ ପ୍ରକ୍ରିୟା କରି ତାର ବହୁବିଧ ଗୁଣ ଯଥା ତାପ ସହନଶୀଳତା (Thermal Gravimetric Analysis), Scanning Elecron Microscopy (SEM) study, X-ray diffraction study, ଇତ୍ୟାଦି ବିଭିନ୍ନ ପ୍ରତିଶତର ଗ୍ରାଫ୍‌ଟେଡ଼ ତନ୍ତୁ ଉପରେ କରିଥିଲୁ । ଆମର ଏହି ଗବେଷଣା ଅନେକ ବିଜ୍ଞ ଲେଖକଙ୍କ ପୁସ୍ତକରେ ଉଦ୍ଧାର କରାଯାଇଥିଲା । ଗବେଷଣାରେ ଆହୁରି

ଆଗେଇ ଯିବା ପାଇଁ ଏହା ମୋତେ ଦେଇଥିଲା ପ୍ରେରଣା। ପ୍ରଫେସର ସାନ୍ତାପା ଆମ ଗବେଷଣାରେ ଖୁବ୍ ମୁଗ୍ଧ ହେଉଥିଲେ। ସିଲ୍କ ଗ୍ରାଫଟିଂ ଉପରେ ମୁଁ ଗୋଟିଏ ରିଭ୍ୟୁ ଲେଖିଥିଲି। ତାହା ଆମେରିକାରେ ପ୍ରକାଶିତ ହୋଇଥିଲା

ଗ୍ରାଫଟିଂ ଉପରେ ଅନେକ ପ୍ରବନ୍ଧ ଛପାଇ ସାରିଲା ପରେ ମୋ ରିସର୍ଚ୍ଚ ଗ୍ରୁପ୍ କଣ୍ଡେନ୍‌ସେସନ ପଲିମର କାମ ଆରମ୍ଭ କଲା। ୧୯୮୦ ମସିହାରେ Redox Polymerization ପଦ୍ଧତିରେ ପଲିମର ପ୍ରସ୍ତୁତି ଏବଂ ବିଭିନ୍ନ ପ୍ରକାର କୃତ୍ରିମ ଓ ପ୍ରାକୃତିକ ତନ୍ତୁ ଉପରେ ଗ୍ରାଫ୍ଟିଂ ପ୍ରକ୍ରିୟାର ଗବେଷଣା ଉପରେ ଆଧାରିତ ପିଏଚ୍.ଡ଼ି. ଥେସିସ୍ ଉତ୍କଳ ୟୁନିଭର୍‌ସିଟିରେ ଦାଖଲ କରିଥିଲି।

ଲାଙ୍କାସାୟାର ୟୁନିଭରସିଟିର ଜଣେ ବୈଦେଶୀକ ବୈଜ୍ଞାନିକ ଓ ଜଣେ ଭାରତୀୟ ବୈଜ୍ଞାନିକ ମୋ ଥେସିସ୍‌ର ପରୀକ୍ଷକ ଥିଲେ। ଗାଇଡ୍ ତ ଜଣେ ପରୀକ୍ଷକ ରହିବା କଥା। ପରୀକ୍ଷକମାନେ ମୋ ଗବେଷଣାର ଭୂୟସୀ ପ୍ରଶଂସା କରି ସେମାନଙ୍କ ରିପୋର୍ଟ ଉତ୍କଳ ୟୁନିଭରସିଟିକୁ ପଠାଇଥିଲେ। ସେମାନଙ୍କ ରିପୋର୍ଟ ଅନୁସାରେ ୧୯୮୦ ମସିହାରେ ମୁଁ ପିଏଚ୍.ଡ଼ି. ଡିଗ୍ରୀ ହାସଲ କଲି। ଏହାପରେ ମୋ ଗବେଷଣା ଜୋର୍‌ସୋର୍ ଚାଲିଲା।

ଅଳ୍ପଦିନ ରେଭେନ୍ସାରେ ରହିବା ପରେ ମୁଁ Council of Scientific and Industrial Research (CSIR), New Delhi କୁ Research Associate ପାଇଁ ଆବେଦନ କଲି। ସେତେବେଳେ ପାଉଥିବା ଦରମା ଠାରୁ କମ୍ ଫେଲୋସିପ୍ ମୋତେ ଆୱାର୍ଡ଼ ହେଲା। ଏହାକୁ ଭୃକ୍ଷେପ ନକରି ୧୯୮୧ ମସିହାରେ Research Associate ଭାବରେ ରେଭେନ୍ସାରେ ଯୋଗ ଦେଲି। ଏଥର ଗବେଷଣା ପୁରା ଦମ୍‌ରେ ଚାଲିଲା। କ୍ଲାସ୍ ନେବାକୁ ପଡୁନଥାଏ। ଅନେକ ପିଲା ଆମ ରିସର୍ଚ୍ଚ ଗ୍ରୁପରେ ଯୋଗ ଦେଇଥାଆନ୍ତି। ରିସର୍ଚ୍ଚଟା ହେଉଛି ଗ୍ରୁପ୍ କାମ। Vit B-12 ଉଦ୍ଭାବନ କରିବା ପାଇଁ ଶହ ଶହ ଗବେଷକ ବର୍ଷ ବର୍ଷ ଧରି ଗେବଷଣା କରିଥିଲେ।

ଏଥର ଗ୍ରାଫ୍ଟିଂ ଛାଡ଼ି କଣ୍ଡେନ୍‌ସେସନ ପଲିମରାଇଜେସନ ଉପରେ ଗବେଷଣା ଆରମ୍ଭ କଲି। ବିଭିନ୍ନ ପ୍ରକାର ଅର୍ଗାନିକ କମ୍ପାଉଣ୍ଡକୁ ଫରମାଲଡିହାଇଡ୍ ଓ ଫରଫ୍ୟୁରାଲଡ଼ିହାଇଡ୍ ନାମକ ରାସାୟନିକ ପଦାର୍ଥ ସହିତ ପ୍ରତିକ୍ରିୟା କରାଇ ନୂତନ

ନୂତନ ରେଜିନସ୍ କଣ୍ଡେନ୍‌ସେସନ ପଲିମର ତିଆରି କଲୁ। ତାହାର ବିବିଧ ଧର୍ମ ମଧ୍ୟ ପରୀକ୍ଷା କରି ନୂଆନୂଆ ତଥ୍ୟରେ ଉପନୀତ ହେଲୁ। ଏଥିରେ ଆମର ଅନେକ ପ୍ରବନ୍ଧ ଆନ୍ତର୍ଜାତିକ ଜର୍ଣ୍ଣାଲରେ ପ୍ରକାଶିତ ହେଲା। ଏହି ପଲିମର ଗୃହ ଉପକରଣରେ ଲାଗିବା ଯୋଗ୍ୟ। ରିଡ଼କ୍ସ ପଲିମେରାଇଜେସନ ପ୍ରକ୍ରିୟା ଯେମିତି ଗ୍ରାଫ୍‌ଟିଂ ପ୍ରକ୍ରିୟାକୁ ସାହାଯ୍ୟ କରିଥିଲା, ସେହିଭଳି କଣ୍ଡେନ୍‌ସେସନ ପଲିମରାଇଜେସନ ଉପରେ ଆମର ଗବେଷଣା କାଜୁ ଖୋଳପାରୁ ନିର୍ଗତ ତେଲ, Cashew Nut Shell Liquid, (CNSL) ଉପରେ ଗବେଷଣାକୁ ସାହାଯ୍ୟ କଲା।

ଓଡ଼ିଶା ବଙ୍ଗୋପସାଗର କୂଳରେ ଅବସ୍ଥିତ ହୋଇଥିବାରୁ ଏହାର ଉପକୂଳରେ ବାଲିଆ ଜମି ରହିଛି। ଏହି ଅଞ୍ଚଳରେ ପ୍ରଚୁର କାଜୁ ଚାଷ କରାଯାଏ। କାଜୁ ଖୋଳପା ପ୍ରାୟ ଫୋପାଡ଼ି ଦିଆଯାଏ। କେରଳରେ ଓ ଓଡ଼ିଶାରେ ଏହି ଖୋଳପାରୁ ଏକ ପ୍ରକାର ଶସ୍ତା ତେଲ ବାହାର କରାଯାଏ। ଏହି ତେଲରେ ଅନେକ ଫିନୋଲିକ୍ ଜୈବ ରାସାୟନିକ ପଦାର୍ଥ ଯଥା କାଡ଼ାନଲ୍, କାଡ଼ଲ୍ ଇତ୍ୟାଦି ଥାଏ। ଏହା ଉପରେ ଦିଲ୍ଲୀର ଆଇ.ଆଇ.ଟି.ର ବୈଜ୍ଞାନିକା ମିସେସ୍ ଆଇ. କେ. ବର୍ମା ଗବେଷଣା କରି ଏହି ଯୌଗିକଗୁଡ଼ିକର ସଂରଚନା ବିଭିନ୍ନ ଜର୍ଣ୍ଣାଲରେ ପ୍ରକାଶ କରିଥିଲେ। ତାଙ୍କର ଗବେଷଣା ଆମକୁ ଅନେକ ସାହାଯ୍ୟ କରିଥିଲା। ଆମେ ଏହି ତେଲକୁ ଡିଷ୍ଟିଲ କରି ସେଥିରେ ପଲିମରାଇଜେସନ କରି ଉଚ୍ଚମାନର ମୂଲ୍ୟବାନ ପଲିମର ତିଆରି କଲୁ, ଯାହାର ଦାମ କଞ୍ଚାମାଲ୍‌ର ଦାମ୍‌ଠାରୁ ଯଥେଷ୍ଟ ଅଧିକ।

କାଜୁ ଖୋଳପାର ତେଲରୁ ରଙ୍ଗ ତିଆରି କରି ସେଥିରୁ ମଧ୍ୟ ଉଚ୍ଚମାନର ପଲିମର ତିଆରି ହେଲା। ମୋ ଲାବୋରେଟୋରୀ କେବଳ ଭାରତରେ ନୁହଁ ପୃଥିବୀରେ ଏକ ପ୍ରସିଦ୍ଧ ଲାବୋରେଟୋରୀ ହୋଇଗଲା। ଏହି ଲାବୋରୋଟୋରୀ ପୃଥିବୀରେ ଏକ ଉଚ୍ଚମାନର ଲାବୋରେଟୋରୀ ବୋଲି ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ମାନ୍ୟତା ପାଇଲା।

ଏହାପରେ ଆମେ ଜଡ଼ା ତେଲ ଓ ସୋୟାବିନ୍ ତେଲରୁ ଇଣ୍ଟର ପେନିଟ୍ରେଟିଂ ପଲିମର ($IPN_s$) ତିଆରି କଲୁ। ଏକାଥରେ ଉଚ୍ଚମାନର ଗବେଷଣାକୁ ଡେଇଁ ନପଡ଼ି ଆସ୍ତେ ଆସ୍ତେ ସହଜରୁ କଠିନ କାମ ଆଡ଼କୁ ଆଗେଇବା ଥିଲା ମୋ ଗବେଷଣାଗାରର

ମୂଳ ଧର୍ମ। ଏଥିପାଇଁ ସବୁ ପ୍ରକାର ଗବେଷଣାରେ ମୋ ପିଲାମାନେ କୃତକାର୍ଯ୍ୟ ହେଉଥିଲେ। ରେଜିନ୍ ଠାରୁ ଆରମ୍ଭ କରି ଆଇ.ପି.ଏନ୍. ପର୍ଯ୍ୟନ୍ତ ସବୁ ଗବେଷଣାକୁ ମୁଁ ସ୍ଥାନ ଦେଇଥିଲି ମୋ ଡି.ଏସ୍‌ସି. ଥେସିସ୍‌ରେ। ଦୁଇଜଣ ବୈଦେଶୀକ ପରୀକ୍ଷକ ଓ ଜଣେ ଭାରତୀୟ ପରୀକ୍ଷକ ଏବଂ ମୋ ଗାଇଡ୍ ଡକ୍ଟର ନାୟକ ପରୀକ୍ଷକ ହୋଇ ମୋ ଥେସିସ୍‌ର ରିପୋର୍ଟ ଦେଇଥିଲେ। ମୁଁ ପଢୁଥିବାବେଳେ ଭଦ୍ରକ କଲେଜର ପ୍ରିନ୍ସିପାଲ ତଥା ସେ କଲେଜର ଛାତ୍ରାନିବାସର ସେ ସମୟର ସୁପରିଟେଣ୍ଡେଣ୍ଟ ଡକ୍ଟର ଶ୍ରୀନିବାସ ସାହୁ ଉତ୍କଳ ୟୁନିଭରସିଟିରେ କୁଳପତି ଥିବାବେଳେ ୧୯୮୪ ମସିହାରେ ମୋତେ ଡି.ଏସ୍‌ସି. ଡିଗ୍ରୀ ମିଳିଥିଲା। ରେଭେନ୍ସା କଲେଜରେ ଗବେଷଣା କରି ମୋ ପୂର୍ବରୁ ଡକ୍ଟର ମହେନ୍ଦ୍ର କୁମାର ରାଉତ ଏବଂ ତାଙ୍କ ଛାତ୍ର ତଥା ମୋ ଗବେଷଣା ତତ୍ତ୍ୱାବଧାରକ ଡକ୍ଟର ପଦ୍ମଲୋଚନ ନାୟକ ଉତ୍କଳ ୟୁନିଭରସିଟିରୁ ବିଜ୍ଞାନରେ ଏହି ଡିଗ୍ରୀ ପାଇଥିଲେ। ଏହି ଡିଗ୍ରୀ ପାଇବାରେ ମୁଁ ବୋଧହୁଏ ତୃତୀୟ ବ୍ୟକ୍ତି ଥିଲି। ଡକ୍ଟର ବଳଭଦ୍ର ପ୍ରସାଦ ରେଭେନ୍ସାରେ ଚାକିରି କରିଥିଲେ। ସେ ଲଣ୍ଡନରେ ଗବେଷଣା କରି ଡି.ଏସ୍‌ସି. ଡିଗ୍ରୀ ହାସଲ କରିଥିଲେ।

ଆଜି ଡକ୍ଟର ବଳଭଦ୍ରଙ୍କ କଥା ମୋର ମନେପଡ଼େ। ତାଙ୍କୁ ପ୍ରାୟ ୮୦ ବର୍ଷ ହୋଇଥାଏ। ରହୁଥାଆନ୍ତି ସେ ଭୁବନେଶ୍ୱରସ୍ଥ ତାଙ୍କ ବାସଭବନରେ। ଆମ ପୁସ୍ତକ "Text Book of Polymer Science"ର ପ୍ରଥମ ସଂସ୍କରଣ ତାଙ୍କୁ ଦେଖାଇବା ପାଇଁ ମୁଁ ଓ ଡକ୍ଟର ନାୟକ ତାଙ୍କ ବାସ ଭବନକୁ ଯାଇଥିଲୁ। ଥରଥର ହୋଇ ଚାଲୁଥାଆନ୍ତି ସେ। ବହିଟି ଦେଖିବେ ବୋଲି କହି ରଖିଲେ ଓ ଗାଡ଼ି ପର୍ଯ୍ୟନ୍ତ ଆମକୁ ଛାଡ଼ିବାକୁ ଆସିଥିଲେ। ମୁଁ ଗାଡ଼ିରେ ବସିବା ସମୟରେ ଥରଥର ସ୍ୱରରେ କେତେକ ରିସର୍ଚ୍ଚ ପ୍ରୋବ୍ଲେମ୍ ସେ ମୋତେ ବତାଇଥିଲେ। ଖାଲି ସେତକ ନୁହଁ, ୮ ଦିନ ବହିଟି ରଖି ଫେରାଇଲାବେଳେ ପ୍ରତି ପୃଷ୍ଠାରେ ଟିକିଟିକି ଅକ୍ଷରରେ ତାଙ୍କ କମେଣ୍ଟ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି। ୮୦ ବର୍ଷ ବୟସରେ ମଧ୍ୟ ସେ ରିସର୍ଚ୍ଚ ମନୋବୃତ୍ତିର ଲୋକ ଥିଲେ ଏବଂ କୌଣସି କାର୍ଯ୍ୟକୁ ଉପରଠାଉରିଆ ହିସାବରେ ନେଉନଥିଲେ। ଅନେକ କଥା ମୁଁ ତାଙ୍କଠାରୁ ଶିଖିଥିଲି।

ବେଳେବେଳ ପ୍ରୋଜେକ୍ଟ ପାଇଁ UGC, New Delhi ରେ ମୋତେ Interview ଦେବାକୁ ପଡୁଥାଏ। ୩ଟି UGC Major Project, ୩ଟି UGC Minor Project, ୨ଟି CSIR Major Project, ୨ଟି DST (Orissa) Project ମୋର ଗ୍ରାଣ୍ଟ

ହୋଇଯାଇଥିଲା । ଚାକିରି କରୁଥିବା ସମୟରେ ୩ ଜଣ UGC Teacher Fellow, ଜଣେ CSIR Senior Resear Fellow ଏବଂ ଜଣେ Junior Research Fellow ମୋ ଅଧୀନରେ ଗବେଷଣା କରିବା ପାଇଁ ଫେଲୋସିପ୍ ପାଇଥିଲେ । ଏମାନଙ୍କୁ ଏବଂ ମୋ ପ୍ରୋଜେକ୍ଟରେ ଫେଲୋସିପ୍ ପାଇଥିବା ଅନେକ ପିଲାଙ୍କୁ ନେଇ ଗବେଷଣା କରିବାରେ ମୋର କିଛି ଅସୁବିଧା ହେଉ ନଥିଲା । କେତେକ ପିଲା ଫେଲୋସିପ୍ ପାଇବା ପୂର୍ବରୁ ଗବେଷଣା ଆରମ୍ଭ କରିଦେଉଥାନ୍ତି । କାରଣ ଠିକ୍ ତତ୍ତ୍ୱାବଧାନ ସେମାନେ ମୋ ଠାରୁ ପାଉଥାଆନ୍ତି । ଗୋଟିଏ ଦିନର ଘଟଣା ଏବେ ବି ମୋର ମନେ ଅଛି । ବିଭାଗୀୟ ମୁଖ୍ୟ ଥାଆନ୍ତି ମୋର ଶିକ୍ଷକ ଡକ୍ଟର ପ୍ରଭାତ କୁମାର ମିଶ୍ର । ସନ୍ଧ୍ୟାବେଳେ ଡିପାର୍ଟମେଣ୍ଟରେ ମୋ ପିଲା କାମ କରୁଥିବାର ଦେଖି ଫୋନରେ ମୋତେ ପ୍ରାୟ ଅଧଘଣ୍ଟାଏ ବିରକ୍ତ ହୋଇଥିଲେ । କାରଣ ସେ ପିଲା ମୋର ଫେଲୋସିପ୍ ପାଇନଥିଲା । ପରବର୍ତ୍ତୀ ସମୟରେ ରେଭେନ୍ସା କଲେଜରେ ସନ୍ଧ୍ୟାରେ ଲାଇଟ ଆଉ ଜଳୁ ନାହିଁ, ଗବେଷଣା ସୁପ୍ତ ପ୍ରାୟ ବୋଲି ଅନେକ ବୁଦ୍ଧିଜୀବୀ ମନସ୍ତାପ କରିବାର ମୁଁ ଶୁଣିଛି ।

୧୯୮୯ ମସିହାରେ ମୋ ଗବେଷଣା ଜୀବନର ମାଇଲ ଖୁଣ୍ଟି ପୋତା ଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ୧୯୮୯ ମସିହାବେଳକୁ ମୋର ଅନେକ ପ୍ରବନ୍ଧ ବିଭିନ୍ନ ଜର୍ଣ୍ଣାରେ ପ୍ରକାଶିତ ହୋଇଯାଇଥାଏ । ଡକ୍ଟର ନାୟକଙ୍କ ପରାମର୍ଶକ୍ରମେ Japan Society for Promotion of Science (JSPS) Fellowship ପାଇଁ ଆବେଦନ କଲି ଜାପନକୁ । ସେ ଏହା ପୂର୍ବରୁ ଏହି Fellowship ପାଇ ଜାପାନର କିଓଟୋ ୟୁନିଭର୍ସିଟିରେ ଗବେଷଣା କରୁଥିଲେ ।

Fellowship ପାଇ ଜାପାନରେ ୮ମାସ ଗବେଷଣା କଲାପରେ ଭାରତକୁ ଫେରି ଆସିଲି ଓ ରେଭେନ୍ସାରେ ଯୋଗ ଦେଲି । ସେତେବେଳେ ପ୍ରିନ୍ସିପାଲ ଥିଲେ ପ୍ରଫେସର ଲକ୍ଷ୍ମୀକାନ୍ତ ଦାସ । ଗବେଷଣା କରିବା ପାଇଁ ସେ ମୋତେ ଖୁବ୍ ଉତ୍ସାହ ଦେଇଥିଲେ । ୧୯୯୭ ମସିହାରେ ପୁନର୍ବାର ଗବେଷଣା କରିବା ପାଇଁ ଜାପାନ ଯାଇଥିଲି ଓ ୧୯୯୫ ମସିହାରେ ଆମେରିକା ଯାଇ ସେଠାରୁ ଗବେଣାତ୍ମକ ଅନେକ ଜିନିଷ ଶିଖିଥିଲି । ଏସବୁକୁ ମୁଁ ଅନ୍ୟ ପୃଷ୍ଠାରେ ପ୍ରକାଶ କରିଛି । କିଛିଦିନ ରେଭେନ୍ସାରେ ରହିବା ପରେ ୧୯୯୨ ମସିହାରେ ମୋର ବଦଳି ହେଲା ଭୁବନେଶ୍ୱରର ରମାଦେବୀ ମହିଳା କଲେଜକୁ । ବସରେ ଯିବା ଆସିବା କରିବାକୁ ପଡ଼ିଲା । ତଥାପି କଟକ ଛାଡ଼ିବା ପୂର୍ବରୁ ଓ କଟକକୁ

ଆସିବାପରେ ମୁଁ ପ୍ରତିଦିନ ମୋ ଗବେଷଣାଗାରକୁ ଯାଇ ପିଲାଙ୍କ କାମ ଦେଖୁଥିଲି। ରମାଦେବୀରେ ଗୋଟିଏ ବର୍ଷ ରହିଥିଲି। ଗୋଟିଏ ବର୍ଷରେ ମୋ'ର ୩ଟି ପିଲା ପିଏଚ୍.ଡ଼ି. ଡିଗ୍ରୀ ପାଇବା ଦେଖି ତତ୍‌କାଳୀନ ପ୍ରିନ୍ସପାଲ ଶ୍ରୀମତୀ କୁମୁଦିନୀ ବରାଇ ମୋ ଉପରେ ଖୁବ୍ ଖୁସି ହୋଇ ଯାଇଥିଲେ। 'ତୁମେ ମୋ କଲେଜର ଗର୍ବ' ବୋଲି କହିଥିଲେ।

ସେତେବେଳେ ମୁଖ୍ୟମନ୍ତ୍ରୀ ଥାଆନ୍ତି ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ। ଗୋଟିଏ ହେଡ୍‌କ୍ୱାଟରେ ବେଶୀଦିନ ରହିଥିବା ଅଧ୍ୟାପକମାନଙ୍କର ବଦଳି କରିଥିଲେ। ସେହି ନୀତିରେ ମୋ ବଦଳି ହୋଇଥିଲା ରମାଦେବୀ ମହିଳା କଲେଜକୁ। ପୁଣି ବଦଳି ଆରମ୍ଭ ହେଲା। ସର୍ବ ପ୍ରଥମେ ମୋ ଫାଇଲ ଯାଇଥିଲା ତାଙ୍କ ପାଖକୁ। ରେଭେନ୍ସାରେ ମୋ ପିଲା ରିସର୍ଚ୍ଚ କରୁଛନ୍ତି ଜାଣି ସେ ପୁଣି ରେଭେନ୍ସା କଲେଜରେ ମୋର ପୋଷ୍ଟିଂ କରି ଦେଇଥିଲେ। ସେତେବେଳକୁ ଡକ୍ଟର ନାୟକ ଥାଆନ୍ତି ରେଭେନ୍ସା କଲେଜରେ ରସାୟନ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ। ବିଶେଷ ସମୟ ତାଙ୍କର ନଥାଏ ଗବେଷଣା ତଦାରଖ କରିବାକୁ। ମୁଁ ପିଲାଙ୍କର କାମ ଦେଖାଦେଖି କରୁଥାଏ।

ଡକ୍ଟର ନାୟକ ଯେଉଁ ବର୍ଷ ପ୍ରଫେସର ହେଲେ ମୁଁ ମଧ୍ୟ ସେହିବର୍ଷ ପ୍ରଫେସର ପୋଷ୍ଟ ପାଇଁ ଆବେଦନ କରିଥିଲି। ସେତେବେଳକୁ ମୋର ୨୦ ଜଣ ପିଲା ପିଏଚ୍.ଡ଼ି. ଡିଗ୍ରୀ ପାଇସାରିଥିଲେ। ମୁଁ ସେମାନଙ୍କ ନାଁର ଗୋଟିଏ ଲିଷ୍ଟ ଦରଖାସ୍ତ ଫର୍ମ ସହିତ ଦେଇଥିଲି। ଦୁର୍ଭାଗ୍ୟ ଯେ, ଜଣେ ପିଲାର ମଧ୍ୟ ନୋଟିଫିକେସନ ଚିଠି ଦେଇନଥିଲି। ଏହି କାରଣରୁ ଇଣ୍ଟରଭ୍ୟୁ ଦେବାରୁ ମୁଁ ବଞ୍ଚିତ ହୋଇଥିଲି। ଏଥିରେ ମୋର ଦୁଃଖ ନଥିଲା। କାରଣ ଗବେଷଣାରେ ଏବଂ ସୁନାମରେ ମୁଁ ପ୍ରଚୁର ଆନନ୍ଦ ପାଉଥିଲି।

୧୯୯୫ ମସିହା ମୋ ପାଇଁ ଆଉ ଏକ ଖୁସି ଆଣି ଦେଇଥିଲା। ଆମେରିକାରେ ସେମିନାରରେ ଯୋଗଦେଇ ପ୍ରବନ୍ଧ ଉପସ୍ଥାପନ କରିବା, ଗୋଟିଏ ସେସନ୍‌ରେ ଚେୟାର କରିବା, ସେଠାରେ ବିଭିନ୍ନ ୟୁନିଭର୍‌ସିଟିରେ ସେମିନାର ଟକ୍ ଦେବା ଓ ଅଳ୍ପ ସମୟ ଗବେଷଣା କରିବାର ସୁଯୋଗ ମୋତେ ମିଳିଥିଲା। ଆମେରିକାର ଗବେଷଣା ପଦ୍ଧତି ଏବଂ ସେମାନଙ୍କ ଗବେଷଣାର ବିଷୟବସ୍ତୁ ମୁଁ ବିଭିନ୍ନ ୟୁନିଭର୍‌ସିଟିରୁ ବୁଝିଥିଲି। ସେହି ଢାଞ୍ଚାରେ ରେଭେନ୍ସା କଲେଜରେ କାମ ଆରମ୍ଭ କଲି। ସେତେବେଳେ ରେଭେନ୍ସାରେ ପ୍ରିନ୍ସପାଲ ଥାଆନ୍ତି ପ୍ରଫେସର ପ୍ରଭାତ କୁମାର ମିଶ୍ର। ଗବେଷଣାରେ ମୋର ଏକାଗ୍ରତା

ତାଙ୍କୁ ଆକୃଷ୍ଟ କରିଥିଲା । ମୋ ସାଙ୍ଗମାନଙ୍କ ମଧ୍ୟରୁ କେତେଜଣ ପିଏଚ୍.ଡ଼ି. କରିବା ପରେ ଗବେଷଣାରେ ଡୋରି ବାନ୍ଧି ଦେଇଥିଲେ। ମୁଁ ବୋଧହୁଏ ୧୯୬୮ ମସିହା ଏମ୍.ଏସ୍‌ସି. ବ୍ୟାଚର ଗୋଟିଏ ଝିଅ ଯିଏ ଅବସର ପର୍ଯ୍ୟନ୍ତ ଗବେଷଣା କରୁଥିଲା ଏବଂ ଅବସର ପରେ ମଧ୍ୟ ଗବେଷଣା ଚାଲୁ ରଖିଛି। ମୋର ଏହି ନିଷ୍ଠା ଯୋଗୁଁ ସମସ୍ତଙ୍କର ମୁଁ ପ୍ରିୟ ପାତ୍ରୀ ଥିଲି।

ଦୀର୍ଘଦିନର ଗବେଷଣାର ଫଳ ମୁଁ ପାଇଥିଲି ୧୯୯୮ ମସିହାରେ। ଓଡ଼ିଶା ସରକାଙ୍କର ସମ୍ମାନଜନକ ''ସାମନ୍ତ ଚନ୍ଦ୍ରଶେଖର ଆୱାର୍ଡ଼'' ପାଇଁ ଯେନତେନ ପ୍ରକାରେ ବିଜ୍ଞାନ ଏକାଡ଼େମୀ ଅଫିସକୁ ଦରଖାସ୍ତ ଦେଇଥିଲି। ଆୱାର୍ଡ଼ ବିଷୟରେ ବିଶେଷ କିଛି ଭାବି ନଥିଲି। ଦିନେ ସନ୍ଧ୍ୟାରେ ରୋଟାରୀ ମିଟିଂରୁ ଫେରି ଝିଅ ଠାରୁ ଶୁଣିଲି 'କିଏ ଜଣେ ଫୋନ୍‌ରେ ମୋତେ ଖୋଜୁଥିଲେ।' ତାଙ୍କ କଥା ଠିକ୍ କରି ଝିଅ ବୁଝି ପାରିନଥିଲା। ବିଜ୍ଞାନ ପ୍ରଚାର ସମିତିର ଲୋକବୋଲି କହିଥିଲା। ବିଜ୍ଞାନ ପ୍ରଚାର ସମିତିରୁ କୌଣସି କାରଣରୁ କେହି ଖୋଜିବାର ନଥିଲା। ବିଜ୍ଞାନ ଏକାଡ଼େମୀରୁ କୌଣସି କାଗଜ ପାଇଁ ମୋତେ ଖୋଜୁଥିବେ ବୋଲି ଭାବଲି। ଠିକ୍ ୧୦/୧୨ ମିନିଟ୍ ପରେ ପୁଣି ସେହି ଭଦ୍ରଲୋକ (ବିଜ୍ଞାନ ଏକାଡ଼େମୀର ସେକ୍ରେଟେରୀ ମିଷ୍ଟର ଚୌଧୁରୀ) ଫୋନ୍ କରି ମୋତେ ଅଭିନନ୍ଦନ ଜଣାଇଲେ ଏବଂ ମୁଁ ''ସାମନ୍ତ ଚନ୍ଦ୍ରଶେଖର ଆୱାର୍ଡ଼'' ପାଇଛି ବୋଲି କହିଲେ। ସେଦିନ ମୁଁ ଖୁସିରେ ଫାଟି ପଡ଼ିଥିଲି। ମୋଠାରୁ ଅଧିକ ଖୁସି ହୋଇଥିଲେ ମୋ ସ୍ୱାମୀ।

୧୯୯୬ ମସିହାର ଏହି ସମ୍ମାନ ୧୯୯୮ ମସିହାରେ ଭୁବନେଶ୍ୱରସ୍ଥ ସୂଚନା ଭବନରେ ଗ୍ରହଣ କଲାବେଳେ ଅଡ଼ିଆନସ୍‌ରେ ବସିଥିଲେ ମୋ ବାପା, ବୋଉ, ମୋ ସ୍ୱାମୀ, ଶୁଭେଚ୍ଛୁମାନେ ଓ ମୋ ଛାତ୍ରମାନେ। ''ବେଲ ପାଚିଲେ କାଉର କି ଲାଭ'' ଉକ୍ତିଟି ନିଶ୍ଚୟ ତର୍ଜମା କରୁଥିବେ ମୋ ବାପା। ଉତ୍ସବପରେ ସେ ମୋତେ କହିଥିଲେ, ''ତୁ ଖୁବ୍ ଭଲ ଭାଷଣଟିଏ ଦେଲୁ।'' ମୋର ଏଇ ଭାଷଣ ବୋଧ ହୁଏ ଶୁଣିବା ମୋ ବାପାଙ୍କର ଥିଲା ପ୍ରଥମ ଓ ଶେଷ। ମୁଁ ପେଣ୍ଡାଲରେ ଭାଷଣ ଦେବା ସମୟରେ ମୋ ବାପା ବୋଉଙ୍କ ଉପରେ ବାରମ୍ବାର ମୋ ଆଖି ପଡ଼ି ଯାଉଥିଲା ଏବଂ ମୋ ଭାବନା ଚାଲି ଯାଉଥିଲା ମୋ ଶୈଶବ ଓ କୈଶୋର ଅବସ୍ଥାକୁ। କେଉଁଠାରୁ ଆଣି ଈଶ୍ୱର କେଉଁଠି ପହଞ୍ଚାଇଛନ୍ତି ବୋଲି ବାରମ୍ବାର ପ୍ରଣତି ବାଢୁଥିଲି। ମୁଁ ଆୱାର୍ଡ଼ ପାଇବାପରେ ମୋ ଡିପାର୍ଟମେଣ୍ଟ ଓ ମୋ ରିସର୍ଚ୍ଚ ଛାତ୍ରମାନଙ୍କଠାରୁ ଅନେକ ସମ୍ବର୍ଦ୍ଧନା ପାଇଥିଲି।

୨୦୦୩ ମସିହା ଜାନୁୟାରୀ ୩୧ ତାରିଖ ଦିନ ରେଭେନ୍ସା କଲେଜରୁ ଅବସର ନେଲି। ତାର ଅଳ୍ପ ମାସ ପୂର୍ବରୁ UGC ରୁ ଗୋଟିଏ Major ପ୍ରୋଜେକ୍ଟ ପାଇଥିଲି। ତାହା ରେଭେନ୍ସାରେ ଅପରେଟ ହେଉଥାଏ। ବିଭାଗୀୟ ମୁଖ୍ୟ ଜୁନିଅର ହେଲେ ମଧ୍ୟ ମୁଁ ତାଙ୍କୁ ଯଥାଯଥ ସମ୍ମାନ ଦେଉଥାଏ। ମୋ ଚାକିରି ସରିବାର ଦୁଇ ବର୍ଷ ପର୍ଯ୍ୟନ୍ତ ମୋ ପ୍ରୋଜେକ୍ଟ ଚାଲିଥିଲା। ତେଣୁ Emeritus Professer Status ର ରିସର୍ଚ୍ଚରଙ୍କ ଭଳି ମୋତେ UGC ମାସକୁ ୧୦ ହଜାର ଟଙ୍କା କରି honorarium ଦୁଇବର୍ଷ ଦେଇଥିଲା। ସେତେବେଳେ ପ୍ରିନ୍ସିପାଲ ଥାଆନ୍ତି ପ୍ରଫେସର ରାମକୃଷ୍ଣ କର। ସେ ମୋଠାରୁ ଢେର ଜୁନିଅର ଥିଲେ। ତଥାପି ଚେୟାରକୁ ସମ୍ମାନ ଦେବା ଥିଲା ମୋର କର୍ତ୍ତବ୍ୟ।

ମୁଁ ଅବସର ନେବାଦିନ ମୋ ରିସର୍ଚ୍ଚ ପିଲାମାନେ କେଉଁ ଦୂରଦୂରାନ୍ତରୁ ଆସି ହୋଟେଲ ଅଶୋକାରେ ଉତ୍ସାହ ଓ ଉଦ୍ଦୀପନା ସହ ମୋର ଅବସରକାଳୀନ ଉତ୍ସବ ଖୁବ୍ ଆଡ଼ମ୍ବର ସହକାରେ ଆୟୋଜନ କରିଥିଲେ। ଏହି ଉତ୍ସବରେ ଡକ୍ଟର ଗଙ୍ଗାଧର ସାହୁ ସଭାପତିତ୍ୱ କରିଥିଲେ ଏବଂ ଡକ୍ଟର ଗୋକୁଳାନନ୍ଦ ମହାପାତ୍ର ଓ ରୋଟାରିଆନ୍ ଖଟାଉ ସୁନ୍ଦର  ଦାସ ମୁଖ୍ୟ ଅତିଥି ଥିଲେ। ଏହି ଉତ୍ସବରେ କଟକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅନେକ ରୋଟାରିଆନ୍, ମୋ ଗବେଷଣା ପିଲା, ମୋ ପରିବାରବର୍ଗ ଓ ଶୁଭେଚ୍ଛୁ ଏବଂ କଲେଜର ସହକର୍ମୀମାନେ ଯୋଗ ଦେଇଥିଲେ। ଡକ୍ଟର କର ତାଙ୍କ ଭାଷଣରେ କହିଥିଲେ, ''ଡଃ ଲେଙ୍କା ଯେତେଦିନ ଚାହିଁବେ ରେଭେନ୍ସାରେ ରିସର୍ଚ୍ଚ କରିପାରିବେ।'' ଆଜି ସେ ଆଉ ଆମ ଗହଣରେ ନାହାନ୍ତି। ତାଙ୍କର ସେଦିନର କଥା ମୋତେ ଅଦମ୍ୟ ସାହସ ଓ ପ୍ରେରଣା  ଦେଇଥିଲା।

ଜୀବନରେ ଅପ୍ରୀତିକର ପରିସ୍ଥିତିକୁ ସାମନା କରିଥିଲି ମୋ ପ୍ରୋଜେକ୍ଟ ସରିଗଲା ପରେ। ଯେଉଁଦିନ ମୋ ପ୍ରୋଜେକ୍ଟ ସରିଯାଇଥିଲା ମୋ ପିଲା ଅଧ୍ୟକ୍ଷଙ୍କଠାରୁ ଅନୁମତି ପାଇ କର୍ଯ୍ୟରତ ଥିଲେ ମଧ୍ୟ ତା'ପରଦିନ ବିଭାଗୀୟ ମୁଖ୍ୟ ମୋ ରୁମ୍‌ରେ ତାଲା ପକାଇ ଦେଇଥିଲେ। ବିନା ଦୋଷରେ ଏମିତି ପରିସ୍ଥିତିକୁ ସାମନା କରିବା ହେଉଛି ମୋ ଜୀବନରେ ପ୍ରଥମ। ୧୦ ମିନିଟ୍ ଭିତରେ ପ୍ରିନ୍ସପାଲଙ୍କ ଅଫିସ୍‌ରୁ ଆସିଥିବା ଟେଲିଫୋନିକ୍ ଆଦେଶରେ ସେ ମୋ ରୁମ୍ ଖୋଲିବାକୁ ବାଧ୍ୟ ହୋଇଥିଲେ । ଜୀବନଟା ସରଳ ଭାବରେ ଗତି କଲେ ତା'ର ସ୍ୱାଦ ଚାଖି ହୁଏନି ଏବଂ ଅନେକ ଭଲ ଓ ମନ୍ଦ ଲୋକଙ୍କୁ ଚିହ୍ନି ହୁଏନି। ଏହି ଘଟଣା ମୋ ଜୀବନର ଏକ ତିକ୍ତ ଅନୁଭୂତି। ତଥାପି ଆଜିଯାଏ ତାଙ୍କ ସହିତ ମୋର

ସୁସମ୍ପର୍କ ରହିଛି । ଆଜି ପର୍ଯ୍ୟନ୍ତ ପିଏଚ୍.ଡ଼ି. ପାଇଁ ରେଭେନ୍ସାରେ ମୋ ପିଲା ଗବେଷଣା କରିବାକୁ ଅନୁମତି ପାଇଛନ୍ତି । ସେହି ରୁମ୍‌ରେ କାମ କରି ୩୫ ଜଣ ପିଲା ପିଏଚ୍.ଡ଼ି. ଡିଗ୍ରୀ ପାଇସାରିଲେଣି ଏବଂ ଚାକିରି କରିଥିବା ସମୟରେ ୧୮ ଜଣ ଏମ୍.ଫିଲ୍. ଡିଗ୍ରୀ ପାଇଛନ୍ତି । ୩୫ତମ ଛାତ୍ରୀଟି Biomass ଉପରେ ଗବେଷଣା କରି ଅଳ୍ପ ଦିନ ତଳେ ପିଏଚ୍.ଡ଼ି. ଡିଗ୍ରୀ ପାଇଛି । ଏବେ ଗୋଟିଏ ଛାତ୍ରୀ ଗବେଷଣାରତ ଅଛି । ଅନେକ ପିଲା ମୋ ପାଖରେ ପହଞ୍ଚୁଛନ୍ତି ସେମାନଙ୍କୁ ଗାଇଡ୍ କରିବା ପାଇଁ । ମୋ ଶାରୀରିକ ଅବସ୍ଥା ଗବେଷଣା କରିବା ସପକ୍ଷରେ ନାହିଁ । ସେମାନଙ୍କୁ ଓ ସେମାନଙ୍କ ଗାଇଡ୍‌ମାନଙ୍କୁ ସାହାଯ୍ୟ କରିବାକୁ ମୁଁ ସର୍ବଦା ପ୍ରସ୍ତୁତ ଓ ପ୍ରତିଶ୍ରୁତିବଦ୍ଧ । ୩୫ ବର୍ଷ ଧରି କରିଥିବା ଅବସର ନେଲେ ମଧ୍ୟ ଅବସରକାଳୀନ ବିଷାଦ ମୋତେ ଛୁଇଁ ନଥିଲା । ଆଜି ପର୍ଯ୍ୟନ୍ତ ମୁଁ ବିଭିନ୍ନ କାର୍ଯ୍ୟରେ ସଂପୃକ୍ତ ରହି ଖୁସିରେ ଦିନ କାଟୁଛି ।

## ଜାପାନରେ ଗବେଷଣା

ରେଭେନ୍ସା କଲେଜରେ ଅଧ୍ୟାପିକା ଥିବା ସମୟରେ ଜାପାନ ଯିବାର ସ୍ୱପ୍ନ ମୁଁ ଦେଖିଥିଲି । ଜୀବନରେ ସ୍ୱପ୍ନ ହିଁ କିଛି ବାଟ ଦେଖାଏ ଏବଂ ସେହି ବାଟରେ ଠିକ୍ ଭାବରେ ଚାଲିଲେ କିଛିଟା ମିଳିଯାଏ । କାଦୁଅ ମାଟିରେ ଆରମ୍ଭ ମୋର ଜୀବନ । ଆକାଶ ଛୁଇଁବା ଥିଲା ମୋର ସ୍ୱପ୍ନ । ଯାହା ଜୀବନରେ ପାଇବା ପାଇଁ ଇଚ୍ଛା କରିଛି ବେଳେବେଳେ ତାହା ପାଇଛି, ଆଉ କେତେବେଳେ ପାଇ ନାହିଁ । ବେଳେ ବେଳେ ଏମିତି ବଡ଼ ବଡ଼ ଜିନିଷ ଜୀବନରେ ମିଳିଛି ତାହା ପାଇବା ପାଇଁ କେବେ ମୁଁ ଭାବି ନାହିଁ । ତାହା ଭିତରୁ ମୋର ଜାପାନ ଯାତ୍ରା ଗୋଟିଏ ।

ଜାପାନ ମୁଁ ଯାଇ ନଥିଲି ଚିତ୍ତବିନୋଦନ ପାଇଁ । ଯାଇଥିଲି ଗବେଷଣା କରି ନିଜର, ନିଜ ବାପାମାଙ୍କର, ନିଜ କର୍ମକ୍ଷେତ୍ରର ଖ୍ୟାତି ଅର୍ଜନ କରିବା ପାଇଁ । ଜାପାନର ଗବେଷଣା ଖୁବ୍ ଉଚ୍ଚମାନର । ସେଠାକୁ ଯିବାକୁ ହେଲେ ଅନେକ ଗବେଷଣାତ୍ମକ ପ୍ରବନ୍ଧ ଆନ୍ତର୍ଜାତିକ ପତ୍ରିକାରେ ପ୍ରକାଶ କରିବାକୁ ପଡ଼ିଥାଏ । ରେଭେନ୍ସା କଲେଜରେ ଗବେଷଣା କରି ଅଳ୍ପଦିନ ଭିତରେ ଅନେକ ପ୍ରବନ୍ଧ ପ୍ରକାଶ କଲି ୱେଷ୍ଟ ଜର୍ମାନୀ, ଇଂଲଣ୍ଡ, ଆମେରିକାର ବିଭିନ୍ନ ଆନ୍ତର୍ଜାତିକ ଜର୍ଣ୍ଣାଲରେ । ମୋ ଗବେଷଣା ତତ୍ତ୍ୱାବଧାରକ ଡକ୍ଟର ପଦ୍ମଲୋଚନ ନାୟକଙ୍କ ପରାମର୍ଶକ୍ରମେ Japan Society for Promotion of Science (JSPS) Fellowship ପାଇଁ ଆବେଦନ କରିବା ପାଇଁ ମନସ୍ଥ କଲି ।

ଆବେଦନ କରିବାରେ ରହିଛି ମୋର ଏକ ଅନୁଭୂତି। ସିଲ୍କ ଉପରେ ଅନେକ ଗବେଷଣାତ୍ମକ ପ୍ରବନ୍ଧ ମୋର ପ୍ରକାଶିତ ହୋଇ ସାରିଥାଏ ଆନ୍ତର୍ଜାତିକ ଜର୍ଣ୍ଣାଲରେ। ହଠାତ୍ ଦିନେ ଗୋଟିଏ ପ୍ୟାକେଟ ପାଇଲି ଆମେରିକାରୁ। Journal of Applied Polymer Science (JAPS)ରେ ପ୍ରକାଶିତ ହେବା ପାଇଁ ସେହି ପ୍ୟାକେଟରେ ଥିଲା କେତେଜଣ ବିଦେଶୀ ଗବେଷକଙ୍କର ସିଲ୍କ ଉପରେ ଗୋଟିଏ ଗବେଷଣାତ୍ମକ ପ୍ରବନ୍ଧ। ରିଭ୍ୟୁ କରି ପ୍ରବନ୍ଧଟି ପ୍ରକାଶିତ ହେବାକୁ ଯୋଗ୍ୟ କି ନାଁ ଏହା ଉପରେ ମୋର ମତାମତ ଦେବା ପାଇଁ ଜର୍ଣ୍ଣାଲର ସଂପାଦକ ମୋତେ ଅନୁରୋଧ କରିଥାଆନ୍ତି। ମନ ମୋର କୁଣ୍ଢେ ମୋଟ ହୋଇଗଲା। ଆନ୍ତର୍ଜାତିକ ଜର୍ଣ୍ଣାଲର ମୁଁ ଜଣେ referee। ଏ କିଛି କମ୍ କଥା ନୁହଁ। ସେହି ଗବେଷଣା ପ୍ରବନ୍ଧର ପ୍ରଥମ ଅଥର୍ ଥିଲେ ଜଣେ ଜାପାନୀ ପ୍ରଫେସର। ଭୁଲ ଦର୍ଶାଇବା ପାଇଁ ହାତରେ ଧରି ଥାଏ ଗୋଟିଏ ପେନସିଲ୍। ପେନ୍‌ସିଲରେ ଜାପାନୀ ପ୍ରଧାନ ଗବେଷକ ପ୍ରଫେସର ଟେଟ୍‌ସିଓ ଆଶାକୁରାଙ୍କ ନାଁ ତଳେ ଅଜାଣତରେ ଗାରଟିଏ ଟାଣି ଦେଇଥିଲି ସେଦିନ। ଏହି ଗାରଟି ମୋ ଭାଗ୍ୟ ରେଖାକୁ ଲମ୍ବାଇ ଦେଇଥିଲା। ଠିକ୍ ଠାକ୍ କରିବା ପାଇଁ ଦର୍ଶାଇ ପ୍ରବନ୍ଧଟି ଆମେରିକାକୁ ପଠାଇ ଦେଇଥିଲି। ଠିକ୍ ଠାକ୍ କରିବା ପାଇଁ ଜର୍ଣ୍ଣାଲର ସଂପାଦକ ପ୍ରଫେସର ଆଶାକୁରାଙ୍କ ପାଖକୁ original ପ୍ରବନ୍ଧଟି ପଠାଇ ଥିବେ ନିଶ୍ଚୟ।

ଡକ୍ଟର ନାୟକଙ୍କ ନିର୍ଦ୍ଦେଶରେ ପ୍ରଫେସର ଆଶାକୁରାଙ୍କୁ ଅନୁରୋଧ କଲି ମୋର host scientist ହେବା ପାଇଁ। ଭଲ ସମୟ ମଣିଷକୁ ଅନେକ ସାହାଯ୍ୟ କରେ। ସାଙ୍ଗେ ସାଙ୍ଗେ ସେ ଫର୍ମ ପଠାଇଲେ। ମୁଁ ତାକୁ ପୂରଣ କରି ଖୁବ୍ ଶୀଘ୍ର ତାଙ୍କ ପାଖକୁ ପଠାଇଲି। ସେ ମୋ ନାଁରେ ଆବେଦନ କଲେ JSPS ଅଫିସକୁ। ମୋ ଗବେଷଣା ଉଚ୍ଚମାନର ହୋଇଥିବାରୁ ଅଳ୍ପଦିନ ଭିତରେ ମୋତେ fellowship ମିଳିଗଲା। ଗବେଷଣାର ଦ୍ୱିତୀୟ ପାହାଚରେ ପାଦ ଥୋଇଲି। ସେତେବେଳକୁ ଗବେଷଣା ଉପରେ ଅନେକ ଅଭିଜ୍ଞତା ହୋଇ ଯାଇଥିଲା ମୋର। ତେଣୁ ଡରିବାର ନଥିଲା। ଓଡ଼ିଶା ସରକାରଙ୍କଠାରୁ ଛୁଟି ମିଳିଗଲା ଅନେକ ଧାଁ ଧପଡ଼ ପରେ।

୧୯୮୯ ମସିହା ମେ ମାସ ଏକ ତାରିଖରେ କଟକ ଛାଡ଼ିଲି। ଜାପାନ ଅଭିମୁଖେ ଯାତ୍ରା ମୋର ଆରମ୍ଭ ହେଲା ରାତି ଆଠଟା ତିରିଶ ମିନିଟ୍‌ରେ ପୁରୀ ହାଓଡ଼ା ଏକ୍ସପ୍ରେସରେ।

ଗାଁରୁ ମୋ ବାପା, ବୋଉ, ଦାଦା ଆସି ଥାଆନ୍ତି କଲିକତାରେ ମୋତେ ବିଦାୟ ଦେବାପାଇଁ। ମୋ ପାଇଁ ସେମାନେ କେତେ ଯେ ଗର୍ବ ଅନୁଭବ କରୁଥିଲେ ଏଥିରୁ ମୁଁ ଜାଣି ପାରୁଥିଲି। ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ଓ ମୋର ଅନ୍ତରଙ୍ଗ ବନ୍ଧୁ ଇନ୍ଦୁରେଖା ଦାସ, ମୋ ଶାଶୂ, ମୋ ସ୍ୱାମୀ, ତିନି ପିଲା ସମସ୍ତେ ଗଲେ ମୋ ସାଙ୍ଗରେ। ସାଙ୍ଗ ଅଲେଖ ଓ ତା'ର ସ୍ତ୍ରୀ ଲତା ବୀରମିତ୍ରପୁରରୁ ଆସି ପହଞ୍ଚି ଥାଆନ୍ତି କଲିକତାରେ ମୋତେ ବିଦାୟ ସମ୍ବର୍ଦ୍ଧନା ଦେବାପାଇଁ। ମୋ ସାନ ଭଉଣୀ ରଜନୀ ଓ ତା' ପରିବାରର ସଦସ୍ୟମାନେ ଥାଆନ୍ତି କଲିକତାରେ। ଦୁଇ ତାରିଖ ପ୍ରାୟ ତିନିଟାବେଳେ କଲିକତାର ଦମ୍‌ଦମ୍ ଏୟାରପୋର୍ଟରେ ମୋ ବିଦାୟ ପାଇଁ ଏକ ମେଳା ହେଲାଭଳି ଲାଗୁଥାଏ। ଏମାନଙ୍କ ଗହଣରେ ମୁଁ ଭୁଲି ଯାଇଥାଏ ଜାପାନ ଯିବାରେ ଡର କ'ଣ ଅଛି। ଉଡ଼ାଜାହାଜରେ ପ୍ରଥମ କରି ଯାଉଛି ଏତେ ଦୂର, ସମସ୍ତେ ରହିଯିବେ ପଛରେ। ଏଗୁଡ଼ିକ କିଛି ମୋ ମନକୁ ଆସୁନଥାଏ। ମନରେ ଗର୍ବ ନଥାଏ, ଦୁଃଖ ବି ନଥାଏ। ବେଳେବେଳେ ଟିକିଏ କାନ୍ଦ କାନ୍ଦ ଲାଗୁଥାଏ। କାନ୍ଦି ପକାଇଲେ ମୋ ବୋଉ ଓ ଶାଶୂ ମୋ ଦୁଃଖରେ କାନ୍ଦିବେ ଏକଥା ଭାବି ମୁଁ ଲୁହକୁ ଲୁଚାଇ ଦେଇଥାଏ। ଏୟାରପୋର୍ଟର ଜଣେ ସିକ୍ୟୁରିଟି ଅଫିସର ଆମର ଚିହ୍ନା ଥାଆନ୍ତି। ମୋତେ ଏୟାରପୋର୍ଟ କାଇଦା କଟକଣା ଜଣା ନଥିବାରୁ ସେ ମୋତେ ସାହାଯ୍ୟ କଲେ। ସମସ୍ତଙ୍କୁ ପ୍ରଣାମ କଲି। ମୋ ଯିବା ସମୟରେ ମୋ ବୋଉ ଓ ଶାଶୂ କାନ୍ଦୁ ଥାଆନ୍ତି। ଏକ ମୁହାଁ ହୋଇ ସାମନାକୁ ଚାଲିଲି ସିକ୍ୟୁରିଟି ଅଫିସରଙ୍କ ସହିତ। ଅନ୍ୟମାନେ ବାଲକୋନିକୁ ଗଲେ ସେଠାରେ ମୋ ଉଡ଼ାଜାହାଜ ଉଡ଼ିବାର ଆରମ୍ଭ ଦେଖିବା ପାଇଁ। ରାତି ୮ରେ ଘୋଷଣା କରାଗଲା ଫ୍ଲାଇଟ୍ ଭିତରକୁ ଯିବା ପାଇଁ। ପଛରେ କିଏ ରହିଗଲେ ସେ କଥା ନଭାବି କେମିତି ଉଡ଼ାଜାହାଜରେ ଚଢ଼ିବି, ଜାପାନରେ କିପରି ପହଞ୍ଚିବି ଏ ସବୁରେ ମୋ ଭାବନା ସୀମିତ ଥାଏ। JSPS ଅଫିସ ଜାପାନ ଯିବା ପାଇଁ ଟିକେଟ ପଠାଇଥାଏ। JTB (ଜାପାନ ଟ୍ରାଭେଲ ବ୍ୟୁରୋ)ରୁ ଟିକେଟ ଆସିଥାଏ Executive Class ରେ। ଦୁଇମହଲାରେ ଥାଏ ମୋ ସିଟ୍। ଅଳ୍ପ V.I.P. ସେଥିରେ ଥାଆନ୍ତି। ଝରକା ପାଖରେ ଥାଏ ମୋ ସିଟ୍। ଫ୍ଲାଇଟ୍ ଛାଡ଼ିବା ପୂର୍ବରୁ ମୋ ହାତରେ ମୁଁ ଧରିଥାଏ କିଛି କାଗଜ ଓ କଲମ। ଫ୍ଲାଇଟ୍ କିପରି ଉପରକୁ ଉଠିବ, କେମିତି ସ୍ଥିର ଗତିରେ ଉଡ଼ିବ ଏ ସବୁ ଜାଣିବାର କୌତୂହଳ ଥାଏ ମନରେ। ଅଳ୍ପ ସମୟପରେ ସୁନ୍ଦର ସୁନ୍ଦର ଝିଅମାନେ

(air hostress) ପଶିଲେ ସେ ମହଲାକୁ। Japan Air Lineର aeroplane ଉଡ଼ିଲା ଆକାଶ ମାର୍ଗରେ। କେତେ କଥା ଭାବି ଭାବି ଚାହିଁଥାଏ ବାହାରକୁ। ବାଦଲ ଉପରେ ପଡ଼ିଥାଏ ଜହ୍ନ ଆଲୁଅ। ସତେ ଯେମିତି ହିମାଳୟର ବରଫ ଶଯ୍ୟା। ଉଡ଼ାଜାହାଜ ଉଡ଼ିଲା ଭଳି ଲାଗୁନଥାଏ। ସତେ ଯେମିତି ସେ ସ୍ଥିର। ମଝିରେ ମଝିରେ ଘୋଷଣା ହେଉଥାଏ ଟାଇମ୍ ଓ ତାପମାତ୍ରା। ମୋ କଲମ ସ୍ଥିର ନଥାଏ। ପ୍ରତ୍ୟେକ ମୁହୂର୍ତ୍ତର ଅନୁଭୂତି ଓ ଘଟଣା ମୁଁ ଲେଖି ଯାଉଥାଏ। ବ୍ୟାଙ୍କକ୍‌ରେ ଅବତରଣ କଲା ଫ୍ଲାଇଟ୍। କିଛି ସମୟ ରହିଲା ସେଠାରେ। ତୃପ୍ତିକର ରାତ୍ରି ଭୋଜନ ପରଶା ହେଲା। ଫଳ ରସ ପିଇବାର ମଉକା ମିଳିଲା। ବ୍ୟାଙ୍କକ୍ ପାଖରେ ବଦଳିଥିବା ସମୟ ଘୋଷଣା କରାଗଲା। ଭାରତ ଓ ଜାପାନର ସମୟ ବ୍ୟବଧାନ ପ୍ରାୟ ୪ ଘଣ୍ଟା। ଭାରତୀୟ ସମୟ ଅନୁସାରେ ରାତି ୨ଟାରେ ଜାପାନର ନରିତା ବିମାନ ଘାଟିରେ ପହଞ୍ଚିବା କଥା। ହଠାତ୍ ଝରକାରେ ଦେଖିଲି ସକାଳ ହୋଇଯାଇଛି। ଝିପିଝିପି ବର୍ଷାରେ ଉଡ଼ାଜାହାଜଟି ଅବତରଣ କଲା। ରାତି ସାରା ଅନିଦ୍ରା ହୋଇ ବସିଥିଲି ଉଡ଼ାଜାହାଜରେ। ଏୟାରପୋର୍ଟର କାର୍ଯ୍ୟକ୍ରମ ସରିଗଲା ଅଳ୍ପ ସମୟ ମଧ୍ୟରେ। କାରଣ, ଶିକ୍ଷାବିତ୍‌ମାନଙ୍କ ପାଇଁ କଡ଼ା ଯାଞ୍ଚ ନଥାଏ। ଏୟାରପୋର୍ଟ ବାହାରକୁ ଆସିଲାକ୍ଷଣି ନଜର ପଡ଼ିଲା ଜଣେ ଡେଙ୍ଗା ଅଳ୍ପବୟସର ଜାପାନୀ ଲୋକଙ୍କ ଉପରେ। ହାତରେ ଗୋଟିଏ ଛତା ଥାଏ ତାଙ୍କର। ତାଙ୍କୁ ଚିହ୍ନିବାରେ ଅସୁବିଧା ହେଲା ନାହିଁ। ତାଙ୍କ ଫଟୋ ସେ ମୋ ପାଖକୁ ପଠାଇଥିଲେ। ମୋର ଅନୁରୋଧ ଥିଲା ସେ ମୋତେ ନେବା ପାଇଁ ଏୟାରପୋର୍ଟକୁ ଆସିବେ। ମୋ ଶାଢ଼ି ଦେଖି ସେ ଜାଣିଗଲେ ମୁଁ ଭାରତରୁ ଆସିଛି। ମୋ ନାଁ ଡକ୍ଟର ସୁବାସିନୀ ଲେଙ୍କା କି ? ବୋଲି ପାଚରିଲେ। ମୁଁ ଆପଣଙ୍କୁ କେମିତି ଜାଣିଲି ? ବୋଲି ବାଟରେ ପଚାରିଲି। ଏପ୍ରଶ୍ନର ଉତ୍ତରରେ କହିଲେ ‘‘ମୋ ନାଁ ତଳେ ପେନ୍‌ସିଲ୍ ଗାର ଥିଲା।’’ ତା’ପରେ ଦୁଇଜଣ ହସିଲୁ।

ତାପରେ ଗୋଟିଏ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରି ଠିଆ ହୋଇଥାଉ ଦୁଇଜଣ। ବୁଢ଼ୀଟିଏ ଆସି ପ୍ରଫେସରଙ୍କୁ ଜାପାନୀ ଭାଷାରେ କ’ଣ କହିଲେ ଓ ଶାଢ଼ି ଆଞ୍ଚଲରେ ମୋ ପିଠି ଘୋଡ଼ାଇ ଦେଇଥିଲେ। ବର୍ଷା ଯୋଗୁଁ ସୁଲୁସୁଲୁ ପବନ ବୋହୁଥାଏ। କାଳେ ମୋତେ ଶୀତ ଲାଗୁଥିବ ଭାବି ସେ ମୋ ପିଠି ଘୋଡ଼ାଇ ଦେଇଥିଲେ। ଏହା ମୁଁ ଜାଣିଲି କିଛିଦିନ ପରେ। କେତେ ସେମାନେ ଯତ୍ନବାନ ଏଥିରୁ ସ୍ପଷ୍ଟ ହୁଏ।

ମୋ ଗବେଷଣାଗାର ଥାଏ Tokyo University of Agriculture and Technology ରେ। ୟୁନିଭର୍‌ସିଟି ପାଖରେ ରେଲ୍ ଷ୍ଟେସନ କୋଗାନେଇ। ଟ୍ରେନରୁ ଓହ୍ଲାଇଲା କ୍ଷଣି ଜଣେ ସୁନ୍ଦରୀ ଜାପାନୀ ଭଦ୍ର ମହିଳାଙ୍କୁ ଦେଖିଲି। ହସ ହସ ମୁଖ। ଓଠରେ ଗାଢ଼ ଲାଲ ଲିପ୍‌ଷ୍ଟିକ୍। ଆମେରିକାନଙ୍କ ଭଳି ହାପ ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଥାଆନ୍ତି। ସାଙ୍ଗରେ ଛୋଟ ଛୋଟ ଦୁଇ ଝିଅ ୟୋକୋ, ହୀରୋକୋ। ଚଟ୍‌ପଟ୍ ସୁଟ୍‌କେଶ କାର୍‌ରେ ରଖି କାର ଚଲାଇଲେ କ୍ୱାଟର ଆଡ଼େ। ଜାପାନୀ ସ୍ତ୍ରୀ ଲୋକମାନେ କେତେ ଯେ କର୍ମଠ ତାହା ସେଦିନ ଦେଖିବାକୁ ପାଇଲି। ୟୁନିଭର୍‌ସିଟିରେ ଆମ ଦୁଇଜଣଙ୍କୁ ଓହ୍ଲାଇ ଦେଇ କାର୍‌ନେଇ ଚାଲିଗଲେ ସେ କ୍ୱାଟରକୁ। ପ୍ରଫେସର ତାଙ୍କ ଛାତ୍ରମାନଙ୍କ ସହ ଓ ସହକର୍ମୀଙ୍କ ସହ ମୋତେ ପରିଚିତ କରାଇ ଦେଲାପରେ ଘରକୁ ଫେରିଲୁ ଦୁଇଜଣ।

ଛୋଟ କ୍ୱାଟରଟିଏ ତାଙ୍କର। ୧ ଫୁଟ ଉଚ୍ଚ ୪-୫ ଫୁଟ ଲମ୍ବ ଓ ୩ ଫୁଟ ଚଉଡ଼ାର ଖାଇବା ଟେବୁଲ। ତଳେ ବସି ଖାଇବା ପାଇଁ କୁସନ ପଡ଼ିଥାଏ। ଜାପାନୀମାନଙ୍କର ଏହା ହେଉଛି ପାରମ୍ପରିକ ଖାଇବା ଟେବୁଲ ଓ ଖାଇବା ଶୈଳୀ। ସେତେବେଳକୁ ଦିନ ପ୍ରାୟ ଗୋଟାଏ। ଖାଇବା ଜିନିଷ ସୁନ୍ଦରଭାବରେ ରଙ୍ଗ ବେରଙ୍ଗ ଗିନା ଓ ପ୍ଲେଟରେ ସଜା ହୋଇ ଆଗରୁ ରଖାଯାଇଥାଏ। ଟେବୁଲ ଉପରେ ପ୍ରତ୍ୟେକଙ୍କ ପାଇଁ ଚପ୍‌ଷ୍ଟିକ୍ ଥାଏ ଯୋଡ଼ାଏ ଲେଖାଏଁ। କିଛିଟା ଖାଇପାରିବି ଏହା ଲାଗୁ ନଥାଏ ମୋତେ। ଭୋକ ବି ଲାଗୁଥାଏ। ସୋୟାସସ୍‌ରେ ବୁଡ଼ାଯାଇଥିବା ୨/୩ ଖଣ୍ଡ ଜାପାନୀ କଖାରୁ ଥାଏ ଗୋଟିଏ ଗିନାରେ। ତାକୁ ଲଗାଇ ଚାମଚରେ ୩-୪ ଥର ଖାଇଦେଲି। ୨-୩ ଖଣ୍ଡ କାକୁଡ଼ି ଥିଲା। ଅନ୍ୟ ଯାହା ଖାଇଲି ସବୁ ସ୍ୱାଦହୀନ ଲାଗିଲା। ସେମାନେ ଏଟା ଖାଅ ସେଟା ଖାଅ ବୋଲି କହୁଥାଆନ୍ତି। ମୁଁ ବୋକି ଭଳି ସମସ୍ତଙ୍କୁ ଚାହୁଁଥାଏ। ଖାଇସାରିଲା ପରେ ମୁହଁ ଧୋଇବା ତାଙ୍କର ନଥାଏ। ସେଥିପାଇଁ ସେମାନଙ୍କ ମୁହଁ ସାମାନ୍ୟ ଗନ୍ଧାଏ। ପାଣି ନପିଇ କୋକାକୋଲା ପିଇଲେ ସେମାନେ। ତା'ପରେ ମିସେସ୍ ଆଶାକୁରା ଗୋଟିଏ ମନିବ୍ୟାଗ ଧରି ମୋ ପାଖରେ ବସି ପଡ଼ିଲେ। JSPS ଅଫିସରୁ ଆସିଯାଇଥାଏ ମୋର contingency, travel money ଇତ୍ୟାଦି। ସବୁ ବୁଝାଇ ଦେଇ ମୋତେ କିଛି ଜାପାନୀ ଟଙ୍କା ଧରାଇଦେଲେ। ମନେମନେ ହିସାବ କଲି, ପ୍ରାୟ ୪୦/୪୫ ହଜାର ଟଙ୍କା ହେବ। Fellowshipକୁ ଛାଡ଼ି ଏତେ ଟଙ୍କା ପାଇଯିବି ବୋଲି ମୁଁ ଆଗରୁ ଜାଣି

ନଥିଲି । ଖୁବ୍ ଆନନ୍ଦ ଲାଗିଲା । ଚଳିବା ପାଇଁ କିଛି ଜିନିଷ ଓ ଆସବାସ ପତ୍ର କିଣିବାକୁ ପଡ଼ିବ । ତେଣୁ କିଛି ଜାପାନୀ ଟଙ୍କା (yen) ରଖି ସବୁ ମିସେସ୍ ଆଶାକୁରାଙ୍କୁ ରଖିବାକୁ ଦେଇଦେଲି । ତା'ପରଦିନ ବ୍ୟାଙ୍କରେ ପାସ୍‌ବୁକ୍ ଖୋଲି ରଖିଦେବି କହିଲି । ଜାପାନୀମାନେ ତାଙ୍କ ସ୍ତ୍ରୀମାନଙ୍କ ଉପରେ ଅନେକ ଆସ୍ଥା ରଖିଥାଆନ୍ତି । କାରଣ ପଇସା ପତ୍ର ହିସାବରେ ପ୍ରଫେସର ହସ୍ତକ୍ଷେପ କରୁନଥାଆନ୍ତି । ଜିନିଷପତ୍ର କିଣିଲା ପରେ ଯାଇ ରହିଲି ଇଣ୍ଟରନ୍ୟାସନାଲ୍ ହାଉସ୍‌ରେ ।

ତା' ପରଦିନ ଆଶାକୁରାଙ୍କର ଗୋଟିଏ ଛାତ୍ର କୋମୁରା ଆସି ମୋତେ ସାଙ୍ଗରେ ନେଇ ୟୁନିଭର୍ସିଟି ଗଲା । ଟେଲିଗ୍ରାମ କରି ଘରକୁ ଜଣାଇବାର ଥାଏ ଯେ ମୁଁ ଭଲରେ ପହଞ୍ଚିଛି । ଦୁଇ ତିନିଟା ପୋଷ୍ଟ ଅଫିସ ପ୍ରାୟ ଦୁଇଘଣ୍ଟା କୋମୁରା ସାଙ୍ଗରେ ବୁଲି ବୁଲି ଟେଲିଗ୍ରାମ୍ କଲି । ଏଥିପାଇଁ ପଡ଼ିଲା ଦୁଇ ହଜାର ଟଙ୍କା । ଫୋନ୍ କରି ସାଙ୍ଗେ ସାଙ୍ଗେ ପ୍ରାୟ ଶହେ ଟଙ୍କାରେ ଘରକୁ ଜଣାଇ ପାରିଥାନ୍ତି । ଏହି ସୁବିଧା ମୋତେ ଜଣା ନଥିଲା । ଯେହେତୁ ଟେଲିଗ୍ରାମ୍ କରିବାକୁ କହିଛି ସେମାନେ ଅନ୍ୟ ସୁବିଧା କଥା ଭାବିବେନି । ଏହା ହେଉଛି ଜାପାନୀଙ୍କର ନୀତି । ସେମାନେ one track ବା ଗୋଟିଏ ଗତି ପଥର ଲୋକ । ଯେହେତୁ ମୁଁ ଚାହିଁଥିଲି ଟେଲିଗ୍ରାମ୍ ସେମାନେ ଟେଲିଫୋନ କଥା ଭାବିଲେ ନାହିଁ ।

ତା'ପରେ ପ୍ରଫେସର ଆଶକୁରାଙ୍କ ରୁମ୍‌ରେ ଦୁଇ ଜଣ ପ୍ରଫେସରଙ୍କର ଥିଲା ଅନେକ ପ୍ରଶ୍ନ । ତୁମେ କଲେଜକୁ କେମିତି ଯାଅ ? କାର୍‌ରେ ଯାଏ ବୋଲି କହିଲି । କାର୍ କିଏ ଚଲାଏ ? ଡ୍ରାଇଭର ମୋର ଅଛି । ଡ୍ରାଇଭର ତୁମକୁ ଛାଡ଼ିଲା ପରେ କ'ଣ କରେ ? ଗାଡ଼ିରେ ବସିଥାଏ । ବସି ବସି ସମୟ ନଷ୍ଟକରେ ଏ କଥାରେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । ତା'ପରେ ପ୍ରଶ୍ନ – ଏତେ ପ୍ରବନ୍ଧ ପ୍ରକାଶ କଲ କିପରି ? ଘରେ ତ ମୋର କାମ ନଥାଏ, ଲାବୋରେଟୋରୀରେ ବେଶୀ ସମୟ ଦେଇ ଗବେଷଣା କରେ । ତେଣୁ ଏତେ ପ୍ରବନ୍ଧ ପ୍ରକାଶ କରିବାକୁ ସକ୍ଷମ ହୋଇଛି । ଘରେ କିଏ ରାନ୍ଧେ ? ଘରେ ରାନ୍ଧିବା ପାଇଁ ମୋର ଲୋକ ଅଛି । ଆହୁରି ଆଶ୍ଚର୍ଯ୍ୟ କରିଦେଲା ଏକଥା ସେମାନଙ୍କୁ । ମୋ ସ୍ୱାମୀ Govt. servant । ତାଙ୍କର ଜଣେ ପିଅନ ଥାଏ । ବିସ୍ମିତ ହୋଇଗଲେ ସେମାନେ । ଅନୁମାନ କଲେ ମୁଁ ଜଣେ ଧନୀ ଭାରତୀୟ ମହିଳା । ଜାପାନୀମାନଙ୍କର ଫୁସ୍‌ଫୁସ୍ କଥା ଅଳ୍ପ ସମୟରେ ଅନେକ ଦୂର ବ୍ୟାପିଯାଏ । ସେଦିନ ୟୁନିଭର୍ସିଟି ସାରା ଗୋଟିଏ ପ୍ରଚାର – ଶାଢ଼ିପିନ୍ଧା ଜଣେ ଭାରତୀୟ ମହିଳା ଆସିଛନ୍ତି ଯାହାଙ୍କର ଗୋଟିଏ ଡ୍ରାଇଭର,

ଗୋଟିଏ ରୋଷେୟା ଓ ଗୋଟିଏ ପିଅନ ଅଛି । ଏକଥା ମୁଁ ପରବର୍ତ୍ତୀ ସମୟରେ ତାଞ୍ଜେନିଆ ଅଧିବାସୀ ମୋର ବନ୍ଧୁ ଥବିତା ଓଇଟି ଠାରୁ ଶୁଣିଲି ।

ୟୁନିଭର୍‌ସିଟିରେ ମୋତେ ଜଣେ ଅନୁବାଦକ ଦିଆଯାଇଥିଲା ସେ ମୋ କଥାକୁ ଜାପାନୀ ଭାଷାରେ ଅନୁବାଦ କରି ଅନ୍ୟମାନଙ୍କୁ କହୁଥିଲା । ପ୍ରତିଦିନ ମୁଁ ୩ / ୪ ଘଣ୍ଟା ଲାଇବ୍ରେରୀରେ କଟାଉଥିଲି । ଏତେ ଜର୍ଣ୍ଣାଲ ପାଇଲି ଯେ ମନ ପୂରିଗଲା । ସବୁ ଯେମିତି ପଢ଼ି ରିଭ୍ୟୁ କରି ପକାଇବି । କିଛି ଦିନ ପରେ ସିଲ୍କର ଗ୍ରାଫ୍‌ଟିଂ କାମ ଆରମ୍ଭ କଲି । ତା'ପରେ NMR (Nuclear Magnetic Resonance) study କଲି । ଏହା ପୂର୍ବରୁ NMR ମେସିନ ମୁଁ ଦେଖି ନଥିଲି । ଗବେଷଣା ସହିତ flower arrangement ଓ origami ଶିଖିଲି ଗୋଟିଏ ଝିଅ ପାଖରୁ । ଆସ୍ତେ ଆସ୍ତେ ମୁଁ ସମସ୍ତଙ୍କ ସହିତ ମିଶିଗଲି । ମୋ ରହଣି ସମୟରେ ଜାପାନ ବିଷୟରେ କେତୋଟି ଜିନିଷ ମୁଁ ଜାଣିଲି । ସାରାଦେଶରେ ଗୋଟିଏ ଜାପାନୀ ଭାଷା ପ୍ରଚଳିତ । ବହୁତ ସମୟରେ ଜୋର କରି ସେମାନେ ହସିବା ମୁଁ ଦେଖେ । ସବୁବେଳେ କର୍ମରତ ଥାଆନ୍ତି ସେମାନେ । ମୋର ଆଠ ମାସର ରହଣି ଭିତରେ ଦୁଇଜଣ ବାରଣ୍ଡାରେ ଠିଆହୋଇ କଥାବାର୍ତ୍ତା ହେଉଥିବାର ମୁଁ ଦେଖି ନାହିଁ । ସେମାନେ ଏତେ ମନଦେଇ କାମ କରନ୍ତି ଯେ ତାଙ୍କ ପାଖ ଟେବୁଲରେ କ'ଣ ଅଛି କହି ପାରନ୍ତି ନାହିଁ । ସଚ୍ଚୋଟ ପଣିଆରେ ସେମାନେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ପ୍ରତ୍ୟେକ ଜାପାନୀ ସୌନ୍ଦର୍ଯ୍ୟ ପ୍ରିୟ । କାଠରେ ତିଆରି ଛୋଟ ଛୋଟ ଘରେ ରହନ୍ତି । ଘର ଆଗରେ ଛୋଟ ଛୋଟ ଫୁଲ ବଗିଚା । କୌଣସି ଗଛ ମନଇଚ୍ଛା ବଢ଼ି ଯାଇ ନଥାଏ । ପ୍ରତ୍ୟେକ ଗଛ କଟା ହୋଇ ସଜା ହେଲାଭଳି ଦିଶୁଥାଆନ୍ତି । ଘର ଭିତର ଫୁଲରେ ସଜାଇ ଥାଆନ୍ତି ସେମାନେ । ତାଙ୍କ ସାମାଜିକ ଜୀବନ ଅନେକଟା ଆମଭଳି । ପ୍ୟାରେଣ୍ଟ ଡେ ରେ ନିଜ ଘରକୁ ଯାଇ ବାପା ମାଙ୍କୁ ଦେଖା କରନ୍ତି ।

ଥରେ ଫୁକୁଇ ୟୁନିଭରସିଟିକୁ ସେମିନାର ଟକ୍ ଦେବା ପାଇଁ ନିମନ୍ତ୍ରିତ ହୋଇ ଗଲି । ଫୁକୁଇ ଟୋକିଓ ଠାରୁ ଅନେକ ଦୂର । ସମୁଦ୍ର ଭିତରେ ଟ୍ରେନରେ ଯିବା ମୋର ପ୍ରଥମ ଅନୁଭୂତି ଥିଲା ସେଦିନ । ମନେ ମନେ ଭାବୁଥିଲି କେଉଁଠୁ ଆସି ମୁଁ କେଉଁଠି ପହଞ୍ଚିଛି । ଗୁଣକୁ ଚିହ୍ନନ୍ତି ଜାପାନୀମାନେ । ସେମିନାର ଟକ୍ ପରେ ଅନେକ ଅଭିନନ୍ଦନ ପାଇଲି । ରେଭେନ୍ସା କଲେଜରେ ଦୀନହୀନ ଭାବରେ କାମକରି ଏଠାରେ ଏତେ ପ୍ରଶଂସା ମୋ ଜୀବନର ସାର୍ଥକତା ଆଣିଦେଲା । ସବୁବେଳେ ଜାପାନୀଙ୍କର ଥାଏ

ଅନେକ ପ୍ରଶ୍ନ। ଥରକରେ ସେମାନେ ବୁଝନ୍ତିନି କଥା। ବାରମ୍ବାର କହି ଠିକ୍ ଭାବରେ ବୁଝାଇବାକୁ ପଡ଼େ।

ଜାପାନୀମାନେ ଖୁବ୍ ଯତ୍ନବାନ। ଆସିଲାବେଳେ ଟ୍ୟାକ୍ସିରେ ମୋତେ ପଠାଇଲେ। ଅନେକ ବାଟ ଆସିବାକୁ ହେବ ଏକା, ପୁଣି ଟ୍ୟାକ୍ସି ଡ୍ରାଇଭର ସାଙ୍ଗରେ। ନିଜର ଡର ଓ ଦୁର୍ବଳତାକୁ ସେମାନଙ୍କୁ ଜଣାଇବାକୁ ସଂକୋଚ ଅନୁଭବ କଲି। ସେମାନଙ୍କ କହିବା ଅନୁସାରେ ସବୁଠାରୁ ବଡ଼ ବିଶ୍ୱାସୀ ଟ୍ୟାକ୍ସି ଡ୍ରାଇଭର। ଯଦି ସେ ପାସେଞ୍ଜରକୁ ଠିକ୍ ଜାଗାରେ ଠିକ୍ ଭାବରେ ପହଞ୍ଚାଇ ନପାରି ହଇରାଣ କଲା ତେବେ ଅଭିଯୋଗ କଲେ ତା'ର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇ ଯାଏ। ତା' ପରିବାର ଚଳାଇବା ତା' ପକ୍ଷେ କଷ୍ଟ ସାଧ୍ୟ ହୁଏ। ତେଣୁ ସେ ବହୁତ ଯତ୍ନବାନ ଥାଏ। ଏସବୁ ଶୁଣିସାରିଲା ପରେ ସାହାସ ବାନ୍ଧି ଟ୍ୟାକ୍ସିରେ ବସିଲି। କିଛି ସମୟପରେ ଡ୍ରାଇଭର ଓ୍ୱାରଲେସ୍‌ରେ କ'ଣ ସବୁ କହୁଥାଏ। "ଇକୁରା ଦେସ୍‌କା" ଅର୍ଥ ଏହାର ଦାମ୍ କେତେ ବ୍ୟତୀତ ଅନ୍ୟ ଜାପାନୀ ଭାଷା ମୁଁ ବୁଝିପାରୁ ନଥାଏ। ମନେ ମନେ ଭାବୁଥାଏ ବୋଧହୁଏ ମୋତେ କେଉଁଠିକୁ ନେଇଯିବା ପାଇଁ ତା' ସାଙ୍ଗମାନଙ୍କ ସହ କଥାବାର୍ତ୍ତା କରୁଛି। ଡରରେ ମୁଁ ଗୋଟାପଣେ ଥରୁଥାଏ ଓ ଦିଅଁ ଦେବତାଙ୍କୁ ଡାକୁଥାଏ। ଏହାଥିଲା ମୋର ଏକ ଅଭୁଲା ସମୟ। ଫ୍ଲାଏଓଭର ଦେଇଗଲାବେଳେ ୨୦ ରୁ ୩୦ଟି ରାସ୍ତା ଦେଖି ମୁଁ ଡରି ଯାଉଥାଏ। ଠିକ୍ ରାସ୍ତାରେ ନେଉଛି ତ? ରାତି ପ୍ରାୟ ୯ଟାରେ ମୋ ଚିହ୍ନାଜଣା ସହର ଭିତରେ ପ୍ରବେଶ କଲା ଟ୍ୟାକ୍ସି। ବାଟରେ କାହାକୁ ନପଚାରି ଫୁକୁଇ ପ୍ରଫେସର ଦେଇଥିବା ମ୍ୟାପ୍ ଅନୁସାରେ ଠିକ୍ ମୋ ଗେଷ୍ଟ ହାଉସ୍ ଗେଟ ପାଖରେ ରାତି ୯.୩୦ରେ ଛାଡ଼ି ଜାପାନୀ ପ୍ରଣାଳୀରେ ନମସ୍କାର କରି "ଦୋମୋ ଆରିଗାତୋ ଗୋଜାଇ ମାସ୍ତା" କହି ଚାଲିଗଲା। ମନେ ମନେ ଭାବିଲି ଏମାନେ ବାରମ୍ବାର ଗୋଟାଏ କଥାକୁ ପଚାରି ବୁଝନ୍ତି ସିନା, ଥରେ ବୁଝିଗଲେ ଆଉ କାହାକୁ ପଚାରିବା ଦରକାର ମନେ କରନ୍ତି ନାହିଁ।

ଆଉ ଥରେ ଏକା ଏକା ଯିବାକୁ ଠିକ୍ କଲି ସୁକୁବା। ସୁକୁବା ୟୁନିଭରସିଟ୍‌ରୁ ନିମନ୍ତ୍ରଣ ଆସି ଥାଏ ସିଲ୍କ ଉପରେ ସେମିନାର ଟକ୍ ଦେବା ପାଇଁ ଓ ମୋ ପ୍ରଫେସରଙ୍କ ସାଙ୍ଗ ଡକ୍ଟର ମାସୁସିରୋ ସୁକାଦାଙ୍କ ଲାବୋରେଟୋରୀ ଦେଖିବା ପାଇଁ। ଜାପାନରେ ପ୍ରଚୁର ମଲ୍‌ବରି ଗଛ ଚାଷ କରାଯାଏ। ଏହି ଗଛର ପତ୍ର ଖାଇ ଏଣ୍ଡି ପୋକମାନେ ବଢ଼ନ୍ତି ଓ ସେମାନଙ୍କ ଠାରୁ ପ୍ରଚୁର ସିଲ୍କ ଉତ୍ପାଦନ କରାଯାଏ। ତେଣୁ ଜାପାନରେ

ଅଧିକାଂଶ ଇନ୍‌ଷ୍ଟିଚ୍ୟୁଟ୍‌ରେ ସିଲ୍କର ଗୁଣ ବଢ଼ାଇବା ପାଇଁ ଗବେଷଣା ହୁଏ। ତେଣୁ ମୋର ସେଠାରେ ସିଲ୍କକାମ ଅନୁଧ୍ୟାନ କରିବାର ଥାଏ। ସେତେବେଳେ କୌଣସି ଷ୍ଟେସନର ନାମ ଇଂରାଜୀରେ ଲେଖା ନଥିଲା। ସବୁ ଲେଖା ହୋଇଥିଲା ଜାପାନୀ ଭାଷାରେ। ଇଂରାଜୀରେ ପଚାରି ବୁଝିବା ମଧ୍ୟ ମୁସ୍କିଲ। ପ୍ରାୟ କେହି ଇଂରାଜୀ ବୁଝୁ ନଥାନ୍ତି ସେତେବେଳେ। ଟୋକିଓରୁ ୟାମାନେଟୋ ଟ୍ରେନରେ ବାହାରିଲି। ୟାମାନେଟୋ ଟ୍ରେନର ବିଶେଷତ୍ୱ ହେଉଛି ଏହା ଯେଉଁଠୁ ବାହାରି ଥାଏ ବିଭିନ୍ନ ଷ୍ଟେସନ ଦେଇ ପୁଣି ସେହି ଷ୍ଟେସନରେ ପହଞ୍ଚେ। ଟ୍ରେନରେ ବସି ବାରମ୍ବାର ଭାବୁଥାଏ ନିଶ୍ଚୟ ସୁକୁବାରେ ନ ପହଞ୍ଚି ପୁଣି ଟୋକିଓରେ ପହଞ୍ଚିବି। କେତେ ଠାକୁରଙ୍କୁ ଡାକିଛି ଠିକ୍ ଜାଗାରେ ପହଞ୍ଚାଅ ପ୍ରଭୁ। ଗୋଟିଏ ଷ୍ଟେସନରେ ଦେଖିଲି ଜାପାନୀ ଭାଷାରେ 'ସୁ' ଆମ ଓଡ଼ିଆ 'ସୁ' ଭଳି ଲାଗିଲା। ଏ ଥିଲା ପ୍ରଭୁଙ୍କର କରୁଣା। ଭୁଲ ହେଉ ବା ଠିକ୍ ହେଉ କିଛି ନଭାବି ସେଠାରେ ଓହ୍ଲାଇ ପଡ଼ି ଦେଖିଲି ଗୋଟିଏ ପିଲା ମୋ ନାଁ ଲେଖା ପ୍ଲାକାର୍ଡ଼ ଧରି ଠିଆ ହୋଇଛି। ଏହା ହେଉଛି ଠାକୁରଙ୍କର ଅଲୌକିକତା।

ଜାପାନୀମାନେ କିପରି ଅନ୍ୟର ଭାବପ୍ରବଣତା ବୁଝନ୍ତି ତାହାର ଏକ ଅନୁଭୂତି ମୋର ଅଛି। ସେପ୍ଟେମ୍ବର ୧୫ ଆଡ଼କୁ ମୋର ଗୋଟିଏ ପେପରର କାମ ସରିଲା। ସିଲ୍କର ମାନ କିପରି ବଢ଼ାଯାଇ ପାରିବ, ଏହା କିପରି ଉଚ୍ଚ ତାପମାତ୍ରା ସହି ପାରିବ ଏବଂ ବହୁତ ଦିନ ରଖିଲେ ମଧ୍ୟ ଏହାର ପ୍ରାକୃତିକ ରଙ୍ଗ କିପରି ଅକ୍ଷୁର୍ଣ୍ଣ ରହିବ ଇତ୍ୟାଦି ଉପରେ NMR, TG, IR ଇତ୍ୟାତି ଉନ୍ନତମାନର ବୈଜ୍ଞାନିକ ଯନ୍ତ୍ରପାତି ବ୍ୟବହାର କରି ଉଚ୍ଚତର ଗବେଷଣା କରି ତାର ଫଳାଫଳ ଏହି ପେପରରେ ଅନ୍ତର୍ଭୁକ୍ତ କରିଥିଲି। ଜାପାନୀମାନେ ଇଂରାଜୀରେ ଭଲ କହି ପାରନ୍ତି ନାହିଁ କି ଭଲ ଲେଖିପାରନ୍ତି ନାହିଁ। ତେଣୁ ଛାତ୍ରମାନଙ୍କର କାମ ପ୍ରୋଜେକ୍ଟରରେ ମୋତେ ଦେଖାନ୍ତି। ମୁଁ ଭୁଲ ଭାଲ ବାହାର କରି ଠିକ୍ କରିଦିଏ। ସେମାନେ ଭାରି ଖୁସି ହୁଅନ୍ତି। ମୋ ଗବେଷଣାର ଫଳାଫଳ ଉପରେ ଗୋଟିଏ ପେପର୍ ମୁଁ ନିଜେ ଲେଖିଲି। ମୋ ଗବେଷଣା କାମରେ ଡଃ ତେମୁରା ନାମକ ଆସିଷ୍ଟାଣ୍ଟ ପ୍ରଫେସର ସାହାଯ୍ୟ କରୁଥାଆନ୍ତି। ମୋ ପ୍ରଫେସର ଆମେରିକା ଯାଇ ପ୍ରାୟ ବର୍ଷେ ରହି ଆସିଥାଆନ୍ତି। ତେଣୁ ସେ ଇଂରାଜୀ କହିପାରନ୍ତି ଓ ଲେଖିପାରନ୍ତି। ଏକଥା ମୁଁ ଆଗରୁ ଜାଣି ନଥିଲି। ଏହା ଥିଲା ମୋ ପାଇଁ ସୌଭାଗ୍ୟର କଥା। କାରଣ ସେ ୟୁନିଭର୍‌ସିଟିରେ କେହି ଇଂରାଜୀ ବୁଝୁ ନଥିଲେ କି କହିପାରୁ ନଥିଲେ। ଏକଥା ଜାଣିଥିଲେ ହୁଏତ ମୁଁ ଜାପାନ ଯାଇ ନଥାନ୍ତି। ପେପରଟି ପ୍ରଫେସର ଦେଖିସାରି ମୋତେ ସେପ୍ଟେମ୍ବର ୨୬ ତାରିଖ

ସକାଳେ ଦେଲେ। ମୁଁ ପୁଙ୍ଖାନୁପୁଙ୍ଖ ଭାବରେ ଦେଖିସାରି ଡଃ ଡେମୁରାଙ୍କୁ ଦେବାବେଳେ ହଠାତ୍ କହି ପକାଇଲି, "ଡଃ ଡେମୁରା, କାଲି ଅର୍ଥାତ୍ ସେପ୍ଟେମ୍ବର ୨୭ ତାରିଖ ମୋ ଝିଅର ଜନ୍ମଦିନ। ଏହା ମୋ ପାଇଁ ଏକ ଲକି ଡେଟ୍। ଆସନ୍ତା କାଲି ଏ ପେପର ଆମେରିକାନ ଜର୍ଣ୍ଣାଲକୁ ପଠାଯାଇଥିଲେ ମୋତେ ଖୁସି ଲାଗିଥାଆନ୍ତା। ଡେରି ତ ହୋଇଗଲାଣି। ଏହା ସମ୍ଭବ ହେବନି।"

୨୭ ତାରିଖ ସକାଳ ୯ଟାରେ ରୁମ୍‌ରେ ପଶିଲାକ୍ଷଣି ପ୍ରଫେସର ଆଶାକୁରା ଗୋଟିଏ ହଳଦିଆ ବଡ଼ ଲଫାପା ମୋ ହାତକୁ ବଢ଼ାଇ ଦେଲେ। ଲଫାପା ଭିତରେ ଦେଖିଲି ଟାଇପ୍ ହୋଇ ପେପର ଅଛି। ଫରୱାର୍ଡ଼ିଂ ଚିଠି ମଧ୍ୟ ଦସ୍ତଖତ ହୋଇ ସାରିଛି। ଚିଠିର ଡାହାଣ ପଟରେ ତାରିଖ ଉପରେ ଆଙ୍ଗୁଳି ବୁଲାଇ ପ୍ରଫେସର ଏତିକି ମାତ୍ର କହିଲେ "Is it ok ?" ମୋ ଆଖି ଛଳ ଛଳ ହୋଇ ଆସିଲା। ମୋ ଦେଶର ଲୋକ ଓ ଏ ଦେଶର ଲୋକ, କେତେ ତଫାତ୍। ମୁଁ ୨୬ ତାରିଖ ଲାବୋରେଟୋରୀ ଛାଡ଼ିଲା ପରେ ମୋ ଇଚ୍ଛାକୁ ପ୍ରଫେସରଙ୍କୁ କହିଛନ୍ତି ଡକ୍ଟର ଡେମୁରା। ସେମାନେ ରାତି ଦୁଇଟା ଯାଏ ବସି ଟାଇପ୍ କରିଛନ୍ତି। କାରଣ ସେ ଦେଶରେ ଚାକର, ପିଅନ, ଷ୍ଟେନୋ ଟାଇପିଷ୍ଟର ଧାରଣା ନାହିଁ କହିଲେ ଚଳେ। ସବୁ ନିଜେ ନିଜେ କରିବାକୁ ପଡ଼େ। ମୁଁ ଜାପାନ ଛାଡ଼ିବା ପୂର୍ବରୁ ମୋ ପେପର ଗ୍ରହଣ ହୋଇ ପ୍ରକାଶିତ ହୋଇଗଲା। ଏତେ ଅଳ୍ପଦିନ ଜାପନ ରହଣି ଭିତରେ ଗୋଟାଏ ପ୍ରବନ୍ଧ ପ୍ରକାଶ କରିବା ବିରଳ।

ଥରେ ସିଙ୍କାନ୍‌ସେନ୍ ଟ୍ରେନ୍‌ରେ ବସିବାର ଭାଗ୍ୟ ମୋତେ ମିଳିଥିଲା। ଏ ଟ୍ରେନ୍ ସବୁଠାରୁ ଦ୍ରୁତଗାମୀ ଟ୍ରେନ। ଟ୍ରେନ କମ୍ପାର୍ଟମେଣ୍ଟରେ ଘୁର୍ଣ୍ଣୟମାନ ସିଟ୍ ଥାଏ। ଆଗକୁ କିମ୍ବା ପଛକୁ ମୁହଁ କରି ବସି ହେବ। ଟ୍ରେନଟି ଚାଲୁଥିବା ବେଳେ ଜଣା ପଡୁନଥାଏ ଏହା ଚାଲୁଛି କି ସ୍ଥିର ଅଛି। ଠିକ୍ ଏରୋପ୍ଲେନ୍ ଭଳି ମୋତେ ଲାଗୁଥାଏ।

ଜାପାନୀ ପିଲାମାନଙ୍କୁ ପଢ଼ାଇବାର ସୁଯୋଗ ମିଳିଥିଲା ମୋତେ। ବ୍ଲାକବୋର୍ଡ଼ରେ ଚକ୍‌ରେ ଲେଖିବା ଆମର ଅଭ୍ୟାସ। ଚକ୍ ଗୁଣ୍ଡ ଉପରେ ପଡ଼ିଲେ ବ୍ୟତିବ୍ୟସ୍ତ ହୋଇ ଯାଉଥିଲେ ସେମାନେ। ମୋର ଇଂରାଜୀରେ କହିବାର ସ୍ପିଡ୍ ଅଧିକ ଥିବାରୁ ସେମାନେ ଧରି ପାରୁନଥିଲେ। ଗୋଟିଏ ଦୁଇଟି କ୍ଲାସ ପରେ ରହିରହି ବୁଝାଇବାରୁ ସେମାନେ ଖୁବ୍ ଭଲରେ ବୁଝି ପାରିଲେ। ପଲିମରର ମୂଳ ପାଠ ସେମାନଙ୍କୁ ପଢ଼ାଉଥିଲି। ସେମାନେ ଖୁବ୍ ଖୁସି ହେଉଥିଲେ। ଆମ ଗୁରୁ ଦିବସର ମାହାତ୍ମ୍ୟ ତାଙ୍କୁ ଥରେ କହିଥିଲି। ସେମାନେ

ସେପ୍ଟେମ୍ବର ୫ ତାରିଖ ଦିନ ଗୋଟିଏ ଭୋଜିର ଆୟୋଜନ କରି ମୋତେ ବହୁତ ସମ୍ମାନ ଦେଖାଇଥିଲେ ।

ଆଠ ମାସ ପୂରିବାକୁ ଆଉ ୧୫ ଦିନ ଥାଏ । ଯାଜପୁର କଲେଜରେ ଯୋଗଦାନ କରିବା ପାଇଁ ଓଡ଼ିଶା ସରକାରଙ୍କଠାରୁ ଚିଠିଟିଏ ପାଇଲି । ଯାହା ଫେଲୋସିପ୍, କଣ୍ଟିଜେନ୍‌ସି, ଇନ୍‌ସୁରାନ୍ସ, ଟ୍ରାଭେଲ ମନି ଇତ୍ୟାଦି ପାଇବା କଥା ପାଇଯାଇଥାଏ । ହିସାବ କରି ଦେଖିଲି ଯେତେ କାଟ୍‌ଛାଟ୍ କରି ଚଳିଲେ ବି ଦିନକୁ ଦଶ ହଜାର ଟଙ୍କା ଖର୍ଚ୍ଚ ହେଉଛି । ଗବେଷଣା କାମ ମଧ୍ୟ ସରି ଯାଇଥାଏ । ପ୍ରବନ୍ଧ ତ ପ୍ରକାଶ ହୋଇସାରିଥାଏ । କିଛି ଦର୍ଶନୀୟ ସ୍ଥାନ ଦେଖିଲା ପରେ ଫେରିଆସିଥିଲି ଭାରତ । ୧୯୮୯ ମସିହା ଶେଷରେ ଜାପାନରୁ ଫେରିଆସି ୧୯୯୦ ମସିହା ନୂଆବର୍ଷ ଦିନ ରେଭେନ୍ସାରେ ଯୋଗ ଦେଲି । ଜାପାନରେ ଏତେ କାମ କରି ଆସିଥିବାରୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଘନଶ୍ୟାମ ଦାସ ଓ ଶିକ୍ଷା ସଚିବ ଶ୍ରୀଯୁକ୍ତ ପ୍ରିୟବ୍ରତ ପଟ୍ଟନାୟକ ଯାଜପୁରର ପୋଷ୍ଟି ଅର୍ଡ଼ରକୁ ରଦ୍ଦ କରି ରେଭେନ୍ସାରେ ଯୋଗଦାନ ପାଇଁ ମୋତେ ସାହାଯ୍ୟ କରିଥିଲେ । ରେଭେନ୍ସାରେ ମୁଁ ପୁଣି ପୂର୍ଣ୍ଣ ପ୍ରାଣରେ ଗେବଷଣାରେ ଲାଗିପଡ଼ିଲି ।

ପୁନର୍ବାର ଭିଜିଟିଂ ପ୍ରଫେସର ଭାବରେ ଜାପାନରେ ଗବେଷଣା କରିବାର ସୌଭାଗ୍ୟ ମୋତେ ଯୁଟିଲା ୧୯୯୭ ମସିହାରେ । ସୁକୁବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେରିଲ୍‌ଚରାଲଏଣ୍ଡ ଏଣ୍ଟୋମୋଲୋଜିକାଲ ଟେକ୍‌ନୋଲୋଜିକରେ ଗବେଷଣା କରିବା ପାଇଁ କଲିକତା ଛାଡ଼ିଲି ୧୯୯୭ ମସିହା ମାର୍ଚ୍ଚ ୧ ତାରିଖ ଦିନ । ଏଥର ରହଣି ଥାଏ ଗୋଟିଏ ମାସ । ସବୁଦିନ ଠିକ୍ ୮ଟାରେ ପହଞ୍ଚିବାକୁ ପଡୁଥାଏ ଇନ୍‌ଷ୍ଟିଚ୍ୟୁଟ୍‌ରେ । ଗୋଟିଏ ମିନିଟ ଡେରି ହେଲେ ଗେଟ୍ ବନ୍ଦ ହୋଇଯାଉଥିଲା । ପ୍ରଥମେ ସେମିନାରରେ ସିଲ୍କ ଗବେଷଣା ଉପରେ ବକ୍ତୃତା ଦେଇଥିଲି । ଅନେକ ପ୍ରଶ୍ନ ହେଲା ମୋ ବକ୍ତୃତା ପରେ । ଜାପାନୀମାନଙ୍କର ଜାଣିବାର ଇଚ୍ଛା ପ୍ରବଳ । ଗବେଷଣା କାମରେ ଜଣେ ଜାପାନୀ ଝିଅ ମୋତେ ସାହାଯ୍ୟ କରୁଥିଲା । ମୋ host scientist ଡକ୍ଟର ମାସୁହିରୋ ସୁକଦା ଓ ତାଙ୍କ ପରିବାର ମୋତେ ସବୁ କ୍ଷେତ୍ରରେ ସାହାଯ୍ୟ କରୁଥିଲେ । ସିଲ୍କ କିଛି ଦିନ ରହିଗଲେ ହଳଦିଆ ରଂଗ କାହିଁକି ହୋଇଯାଏ ଏବଂ ବିଭିନ୍ନ ପ୍ରକାର ସିଲ୍କ ବିଭିନ୍ନ ତାପମାତ୍ରାରେ କେତେ ପରିମାଣରେ କିପରି ଓ କାହିଁକି ହଳଦିଆ ହୋଇଯାଆନ୍ତି ତାହା ଉପରେ ଗବେଷଣା କରି ଓ ତାହାର କାରଣ ଦର୍ଶାଇ ଗୋଟିଏ ମାସ ଭିତରେ ଗୋଟିଏ ପ୍ରବନ୍ଧ ଆମେରିକରେ ପ୍ରକାଶିତ Journal of Applied Polymer Science କୁ ପଠାଇ ଆସିଥିଲି । ଅଳ୍ପଦିନ ଭିତରେ ତାହା ପ୍ରକାଶିତ ହୋଇଗଲା ।

ଗୋଟିଏ ମାସର ରହଣି ଭିତରେ ମୋର ବନ୍ଧୁ ମିସେସ୍ ଓଗାଓ୍ୱାଁ ସହିତ ଆତ୍ମୀୟତା ବଢ଼ି ଯାଇଥିଲା । ଜାପାନ ଛାଡ଼ିବାର ଗୋଟିଏ ଦିନ ପୂର୍ବରୁ ସେ ତା' କାର୍‌ରେ ମୋତେ ସାରା ସହରରେ ଫୁଟିଥିବା ସାକୁରା ଫୁଲ ଦେଖାଇବା ମୁଁ ଭୁଲି ପାରିବିନି । ଏୟାରପୋର୍ଟରେ ମୋତେ ଛାଡ଼ିବାକୁ ସେ ଯାଇଥିଲା । ବିଦାୟକାଳୀନ ଦୃଶ୍ୟ ଏବେବି ମୋର ମନେପଡ଼େ । ''ଆଉ କେଉଁଦିନ ଦେଖା ହେବ କେଜାଣି ?'' ଏୟାରପୋର୍ଟରେ ମୋର ଏହି କଥାର ଉତ୍ତରରେ ଡଃ ସୁକାଦା କହିଥିଲେ, "This is just begining" ।

କେବଳ ଡକ୍ଟେରଟ୍ ଡିଗ୍ରୀ ପାଇବା ପାଇଁ ମୁଁ ପିଲାମାନଙ୍କୁ ସାହାଯ୍ୟ କରି ଆନନ୍ଦ ପାଉଥିଲି ତାହା ନୁହଁ, ସେହି ପିଲାମାନଙ୍କୁ ମୋ ନିଜ ପିଲାଙ୍କଭଳି ମୁଁ ଦେଖୁଥିଲି । ଓଡ଼ିଶା ତଥା ଓଡ଼ିଶା ବାହାରେ ଓ ବିଦେଶରେ ଉଚ୍ଚ ପଦପଦବୀରେ ସେମାନେ ଆଜି ଅଧିଷ୍ଠିତ । ମୋ ଘରକୁ ଆସି କିମ୍ବା ଟେଲିଫୋନ ଜରିଆରେ ସେମାନେ ମୋ ସହିତ ସମ୍ପର୍କ ରଖିଛନ୍ତି । ମୋ ପାଖରେ ଗୋଟିଏ ପିଲା ମଧ୍ୟ ଅକୃତଜ୍ଞ ନୁହଁ । ଅବସର ନେବାର ୧୦ ବର୍ଷ ହୋଇଗଲାଣି । ତଥାପି ପ୍ରତିବର୍ଷ ଗୁରୁ ଦିବସ ଓ ନୂଆବର୍ଷ ଦିନ ଅଧିକାଂଶଙ୍କର ପାଦ ପଡୁଛି ମୋ ଘରେ । ଏହାଠାରୁ ଜୀବନରେ ଅଧିକ କିଛି ପାଇବି ବୋଲି ମୁଁ ଭାବେନି । ମୋ ଘର ପିଲାଭଳି ସେମାନେ ଗବେଷଣା କରୁଥିଲାବେଳେ ଭୋଜିଭାତ କରି ଖାଉଥିଲେ ମୋ ଘରେ । ଏବେବି ସେ ସ୍ମୃତି ସେମାନଙ୍କ ମନରେ ଉଜ୍ଜୀବିତ । ମୋର ଭଲ ମନ୍ଦରେ ସେମାନେ ଦୌଡ଼ି ଆସନ୍ତି ମୋ ପାଖକୁ । ଜଣେ ଗାଇଡ୍ ଭାବରେ ଏବଂ ଗୋଟିଏ ମା ଭାବରେ ମୁଁ ସେମାନଙ୍କଠାରୁ ଅଜସ୍ର ସମ୍ମାନ ଓ ଶ୍ରଦ୍ଧା ପାଏ । ତେଣୁ ତାକୁ ଗୌରବାନ୍ୱିତ ମନେ କରେ ।

ମୋ ତତ୍ତ୍ୱାବଧାନରେ ଗବେଷଣା କରି ପିଏଚ୍.ଡ଼ି. ଡିଗ୍ରୀ ପ୍ରାପ୍ତ ହୋଇଥିବା ଗବେଷକମାନଙ୍କ ବିଷୟରେ ପଦେଅଧେ ନଲେଖିଲେ ମୋ ଲେଖାଟି ଅସାମାପ୍ତ ହୋଇଗଲା ଭଳି ମୋତେ ଲାଗିବ । ମୋର ପ୍ରଥମ ପିଏଚ୍.ଡ଼ି. ଛାତ୍ରୀ ଥିଲା ଡକ୍ଟର ସୁପର୍ଣ୍ଣା ରାୟ (୧୯୮୫) । ସେ ଓଡ଼ିଶା ସରକାରଙ୍କର ଏଜୁକେସନ ଡିପାର୍ଟମେଣ୍ଟରେ ପ୍ରାଧ୍ୟାପିକା ଭାବରେ କାର୍ଯ୍ୟକରି ଅଳ୍ପ ବୟସରେ ଇହଲୀଳା ତ୍ୟାଗ କଲା । ଡକ୍ଟର ଅନିଲ ପ୍ରସାଦ ଦାସ (୧୯୮୬) ଦିଲ୍ଲୀସ୍ଥ ହିରୋହୋଣ୍ଡା କମ୍ପାନୀର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭାବରେ କାର୍ଯ୍ୟରତ । ଡକ୍ଟର ଇନ୍ଦୁ ଭୂଷଣ ମହାନ୍ତି (୧୯୮୭) ଏଫ୍.ଏମ୍. କଲେଜ ବାଲେଶ୍ୱରର ପ୍ରାଧ୍ୟାପକ, ଡକ୍ଟର ହୃଦାନନ୍ଦ ମିଶ୍ର (୧୯୯୦) ଭଞ୍ଜନଗର କଲେଜରେ ପ୍ରାଧ୍ୟାପକ ଥିବା

ସମୟରେ ସ୍ୱର୍ଗାରୋହଣ କରିଛି । ଡକ୍ଟର ପ୍ରମୋଦ କୁମାର ନାୟକ ( ୧୯୯୨ ) ଓଡ଼ିଶା ପବ୍ଲିକ ହେଲ୍‌ଥ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟରେ ସିନିୟର ଆନାଲିଷ୍ଟ । ଡକ୍ଟର ଅସିତ୍ କୁମାର ପରିଜା (୧୯୯୨) ସାଲେପୁର କଲେଜରେ ପ୍ରାଧ୍ୟାପକ । ଡକ୍ଟର ଦେବେନ୍ଦ୍ର କୁମାର ରଥ (୧୯୯୨) ଭୋପାଳ ନିକଟସ୍ଥ ହୋସଙ୍ଗାବାଦ୍‌ରେ ସିକ୍ୟୁରିଟି ପେପର ମିଲ୍‌ରେ ଡେପୁଟି ମ୍ୟାନେଜର । ଡକ୍ଟର ଉମାକାନ୍ତ ସାମଲ ( ୧୯୯୩) ଉତ୍ତର ବାଲେଶ୍ୱର ଏକ କଲେଜରେ ଅଧ୍ୟାପକ । ଡକ୍ଟର ଜୟଶ୍ରୀ ପୃଷ୍ଟି (୧୯୯୩) ସମାଜ ସେବାରେ ଲିପ୍ତ । ଡକ୍ଟର ପ୍ରଣବ କୁମାର ମହାନ୍ତି ( ୧୯୯୩) ନିରାକାରପୁର କଲେଜରେ ପ୍ରାଧ୍ୟାପକ । ଡକ୍ଟର ସୁବାସ ଚନ୍ଦ୍ର ସାହୁ (୧୯୯୪) ହାଟସାହି କେଚେରି କଲେଜରେ ପ୍ରାଧ୍ୟାପକ । ଡକ୍ଟର ସୁଶୀଲ କୁମାର ସାହୁ ( ୧୯୯୫ ) ମହାକାଳପଡ଼ା କଲେଜରେ ପ୍ରଧ୍ୟାପକ । ଡକ୍ଟର ସୁରେନ୍ଦ୍ର ନାଥ ମିଶ୍ର (୧୯୯୬) ବାଣପୁର କଲେଜରୁ ପ୍ରାଧ୍ୟାପକ ଭାବରେ ଅବସର ପ୍ରାପ୍ତ । ଡକ୍ଟର ଦେବେନ୍ଦ୍ର କୁମାର ମହାପାତ୍ର (୧୯୯୬) ହାଇଦ୍ରାବାଦରେ ଗୋଟିଏ ମଲଟି ନ୍ୟାସନାଲ କମ୍ପାନୀରେ ଅଧିଷ୍ଠିତ । ଡକ୍ଟର ଦେବେନ୍ଦ୍ର କୁମାର ମିଶ୍ର (୧୯୯୬) ଚଣ୍ଡୀଖୋଲ କଲେଜରେ ପ୍ରାଧ୍ୟାପକ । ଡକ୍ଟର ପ୍ରଭାସ ରଞ୍ଜନ ପାଣି ( ୧୯୯୭ ) ତିର୍ତ୍ତୋଲ କଲେଜରେ ପ୍ରାଧ୍ୟାପକ । ଡକ୍ଟର ଶିବ ଶଙ୍କର ନାୟକ ( ୧୯୯୮ ) ସିଲିକନ୍ ଇଞ୍ଜିନିୟରିଂ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର । ଡକ୍ଟର ସୁମିତ୍ କୁମାର ଦାସ ( ୧୯୯୯ ) IFFCO Ltd. ପାରାଦୀପରେ ସିନିଅର୍ ସାଇଣ୍ଟିଷ୍ଟ । ଡକ୍ଟର ଦେବାଶିଷ ଦାସ ( ୧୯୯୯ ) ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ଆସିଷ୍ଟାଣ୍ଟ । ଡକ୍ଟର ହରିପଦ ଭୁନିଆ (୨୦୦୦) ମିଳିତ ଭାବରେ ପ୍ରଫେସର ଗୋଲକ ବିହାରୀ ନନ୍ଦ ଓ ମୋ ଗାଇଡ଼ାନ୍ସରେ ଆଇ.ଆଇ.ଟି. ଖଡ଼ଗପୁରରେ ଗବେଷଣା କରି ଗୋଟିଏ ମଲଟିନ୍ୟାସନାଲ କମ୍ପାନୀରେ ସିନିୟର ମ୍ୟାନେଜର । ଡକ୍ଟର କାଶୀନାଥ ଦାସ (୨୦୦୧) ଜଗତସିଂହପୁର କଲେଜରେ ପ୍ରାଧ୍ୟାପକ । ଡକ୍ଟର ତପନ କୁମାର ଦାସ ( ୨୦୦୧ ) ବଡ଼ଚଣା କଲେଜରେ ଅଧ୍ୟାପକ । ଡକ୍ଟର ବିଚିତ୍ରାନନ୍ଦ ଗୁରୁ ( ୨୦୦୧ ) କଟକସ୍ଥ ଏ.ବି.ଆଇ.ଟି. ଇଞ୍ଜିନିୟରିଂ କଲେଜରେ ଆସୋସିଏଟ୍ ପ୍ରଫେସର । ଡକ୍ଟର ଜ୍ୟୋତିରଞ୍ଜନ ସ୍ୱାଇଁ (୨୦୦୧) MSCO Ltd. କଳିଙ୍ଗ ନଗରରେ ସାଇଣ୍ଟିଷ୍ଟ । ଡକ୍ଟର ରତି ରଞ୍ଜନ ନାୟକ ( ୨୦୦୨) ଆଇ.ଆଇ.ଟି. ଖଡ଼ଗପୁର, କୋରିଆ, ଜାପାନର କିଓଟୋ ଓ ଭୁବନେଶ୍ୱରସ୍ଥ ଆର୍.ଆର୍.ଏଲ୍.ରେ ଗବେଷଣା କଲାପରେ IICT, ହାଇଦ୍ରାବାଦରେ ସିନିଅର ସାଇଣ୍ଟିଷ୍ଟ ଭାବରେ କାର୍ଯ୍ୟରତ ଏବଂ ସେ ବିଜ୍ଞାନ ଏକାଡ଼େମୀଠାରୁ Young Scintist Award ପାଇଥିବାରୁ ମୁଁ ଗର୍ବିତ ।

ଡକ୍ଟର କେ. କେ. ଓଝା (୨୦୦୨) ପାରାଦୀପ କଲେଜରେ ପ୍ରାଧ୍ୟାପକ ଓ ବିଭାଗୀୟ ମୁଖ୍ୟ। ଡକ୍ଟର ପୁଷ୍ପପ୍ରଭା ଦାଶ (୨୦୦୨) ମହର୍ଷି କଲେଜରେ ପ୍ରାଧ୍ୟାପିକା। ଡକ୍ଟର ସୁଶାନ୍ତ ବିଶ୍ୱାଳ (୨୦୦୩) ସେଞ୍ଚୁରିଆନ ୟୁନିଭର୍‌ସିଟିରେ ପ୍ରାଧ୍ୟାପକ। ଡକ୍ଟର ଜ୍ଞାନ ରଞ୍ଜନ ରାୟ(୨୦୦୩) ରାଜାବଗିଚା ସିଟି କଲେଜରେ ପ୍ରାଧ୍ୟାପକ। ଡକ୍ଟର ପ୍ରମିଳା କୁମାରୀ ଷଡ଼ଙ୍ଗୀ (୨୦୦୪) ଗୋଟିଏ କଲେଜରେ ଆଧ୍ୟାପିକା। ଡକ୍ଟର ଉଷା ନଳିନୀ ମହାନ୍ତି (୨୦୦୪) ରାଜାଧାନୀ ମହିଳା କଲେଜରେ ପ୍ରାଧ୍ୟାପିକା। ଡକ୍ଟର ବୈଷ୍ଣବ ଚରଣ ପୃଷ୍ଟି (୨୦୦୫) ସାଲେପୁର କଲେଜରେ ପ୍ରାଧ୍ୟାପକ। ଡକ୍ଟର ଦିପ୍ତୀ ରେଖା ପ୍ରହରାଜ (୨୦୦୬) ଅଧ୍ୟାପିକା। ଡକ୍ଟର ନାରାୟଣ ଚନ୍ଦ୍ର ପାଳ (୨୦୦୬) ରାଜେନ୍ଦ୍ର କଲେଜ, ବଲାଙ୍ଗିରରେ ପ୍ରାଧ୍ୟାପକ। ଡକ୍ଟର ସୁଚିସ୍ମିତା ଆଚାର୍ଯ୍ୟ (୨୦୧୨) ଗୋନାସିକା ସାଇନ୍ସ କଲେଜରେ ଅଧ୍ୟାପିକା। ମିସେସ୍ ନମିତା ମହାନ୍ତି (୨୦୦୮) ମସିହାରେ ରେଭେନ୍ସା ୟୁନିଭରସିଟିରେ ରେଜିଷ୍ଟ୍ରେସନ କରି ଗବେଷଣାରତ ଏବଂ ଏ.ବି.ଆଇ.ଟି. ଇଞ୍ଜିନିୟରିଂ କଲେଜରେ ପ୍ରାଧ୍ୟାପିକା ଭାବରେ ଅଧିଷ୍ଠିତ। ଏତଦ୍‌ବ୍ୟତୀତ ଡକ୍ଟର ନାୟକଙ୍କର ଅଧିକାଂଶ ଛାତ୍ର ଯଥା ଆମେରିକାରେ ଗୋଟିଏ ବଡ଼ କମ୍ପାନୀରେ କାର୍ଯ୍ୟରତ ଓ ଦୁଇଟି ଜର୍ଣ୍ଣାଲର ଏଡ଼ିଟର ଡକ୍ଟର ମୃନ୍ମୟ କୁମାର ମିଶ୍ର ଏବଂ ଭାରତରେ CIPETର ଡାଇରେକ୍ଟର ଜେନେରାଲ ଡକ୍ଟର ସଞ୍ଜୟ କୁମାର ନାୟକ, ଆଠଗଡ଼ କଲେଜର ଅଧ୍ୟକ୍ଷ ଡକ୍ଟର ଶରତ ଚନ୍ଦ୍ର ଦାସ, ସାମନ୍ତ ଚନ୍ଦ୍ରଶେଖର କଲେଜ, ପୁରୀର ପ୍ରାଧ୍ୟାପିକା ଡକ୍ଟର ସନ୍ତୋଷିନୀ ପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଅକ୍ଷୟ କୁମାର ଧଳ, କଟକ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କର ମୁଖ୍ୟ, ଡକ୍ଟର ମନୋରଞ୍ଜନ ଦାଶ, କିଟ୍ ୟୁନିଭର୍‌ସିଟିର ପ୍ରାଧ୍ୟାପକ, ଡକ୍ଟର ତପନ କୁମାର ବସ୍ତିଆ, ଭଞ୍ଜନଗର କଲେଜର ଡଃ ରାଜେନ୍ଦ୍ର ପାଢ଼ୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଏବଂ ବରହମପୁର ମହିଳା କଲେଜର ଅଧ୍ୟକ୍ଷ ଡକ୍ଟର ଶଶଧର ସାମଲ, ସାଲେପୁର କଲେଜର ପ୍ରାଧ୍ୟାପକ ଡକ୍ଟର ପ୍ରଦ୍ୟୁମ୍ନ କୁମାର ଚୌଧୁରୀ, ଡକ୍ଟର ଅତନୁ କୁମାର ତ୍ରିପାଠୀ, ଡକ୍ଟର ଅଦ୍ୱୈତ କୁମାର ପ୍ରଧାନ, ଡଃ ନାରାୟଣ ଚନ୍ଦ୍ର ପାଳଙ୍କ ଛାତ୍ରୀ ଶ୍ରୀମତୀ ସ୍ମିତା ବିଶ୍ୱାଳ, ପାରାଦ୍ୱୀପ କଲେଜର ପ୍ରାଧ୍ୟାପିକା, ସ୍ୱର୍ଗୀୟ ଡକ୍ଟର ଗଙ୍ଗାଧର ସାହୁଙ୍କ ଛାତ୍ର ଅବସରପ୍ରାପ୍ତ ପ୍ରାଧ୍ୟାପକ ଶିବାନନ୍ଦ ମିଶ୍ର ଇତ୍ୟାଦି ଅନେକ ଗବେଷକଙ୍କର ଗବେଷଣା ଦାୟିତ୍ୱ ବହନ କରି ମୁଁ ପ୍ରଚୁର ଆନନ୍ଦ ପାଇଛି।

ଉପରୋକ୍ତ ପିଲାମାନଙ୍କ ସହିତ ଗବେଷଣା କରି ମୁଁ ଆମେରିକା, ଇଂଲଣ୍ଡ, ୱେଷ୍ଟ ଜର୍ମାନୀ, ଭାରତ ଇତ୍ୟାଦି ଦେଶରେ Journal of Polymer Science,

Journal of Applied Polymer Science, J. Macromol. Sci Rev. Macromol. Chem., Phy., J. Macromol. Sci. Chem., Polymer - Plastic Technology and Engineering, Designed Monomers and Polymers, European Polymer Journal, Polymer Photo Chemistry, Angew. Makromol. Chem., Colloid and Polym. Sci., Themo-Chemic Acta, Polymer International, Makromolecular Report, American Chmical Society-Polymer Division, International J. of Plastics Technology, Polymer Materials ଇତ୍ୟାଦି ଜର୍ଣ୍ଣାଲରେ ପ୍ରାୟ ୧୮୦ଟି ଗବେଷଣାତ୍ମକ ପ୍ରବନ୍ଧ ଓ ୬ଟି ରିଭ୍ୟୁ ପ୍ରକାଶ କରିଛି। ଉପରୋକ୍ତ ଜର୍ଣ୍ଣାଲ ମଧ୍ୟରୁ କେବଳ ଶେଷ ଜର୍ଣ୍ଣାଲ ଦୁଇଟି ଭାରତରେ ଏବଂ ଅନ୍ୟଗୁଡ଼ିକ ବିଦେଶରେ ପ୍ରକାଶିତ ହୁଏ। ମୋ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ ହୋଇଗଲା ପରେ ଶହ ଶହ reprint request ଚିଠି ବିଭିନ୍ନ ଦେଶରୁ ପାଇଛି। ମୋ ଗବେଷଣା ପିଲାଙ୍କ ପାଇଁ ମୁଁ ଏ ସବୁ କୃତିତ୍ୱ ଅର୍ଜନ କରିଛି।

କେବଳ ବିଭିନ୍ନ ଜର୍ଣ୍ଣାଲରେ ମୁଁ ପ୍ରବନ୍ଧ ପ୍ରକାଶ କରିଛି ତାହା ନୁହଁ, ଆମେରିକାରେ ପ୍ରକାଶିତ Journal of Applied Polymer Science ଜର୍ଣ୍ଣାଲରେ ଅନେକ ଗବେଷକଙ୍କ ପ୍ରବନ୍ଧର Reviewer ହେବାର ସୌଭାଗ୍ୟ ମଧ୍ୟ ମୋତେ ମିଳିଛି ଓ ଏବେ ମଧ୍ୟ ମିଳୁଛି। ଭାରତର ଅନେକ ୟୁନିଭର୍‌ସିଟି ଯଥା ସର୍ଦାର ପଟେଲ ୟୁନିଭର୍‌ସିଟି, ଗୁଜୁରାଟ, କୋଲକାତା ୟୁନିଭର୍‌ସିଟି, କୋଲକାତା, ଓସ୍‌ମାନିଆ ୟୁନିଭର୍‌ସିଟି, ହାଇଦ୍ରାବାଦରୁ ଡକ୍ଟରେଟ ପାଇଥିବା ଛାତ୍ରାଙ୍କ ପିଏଚ୍.ଡ଼ି. ଥେସିସ୍ ଏବଂ ସି.ବି.ଏମ୍. କଲେଜ କୋଇମ୍ବାଟୁର ଓ ଉତ୍କଳ ୟୁନିଭର୍‌ସିଟି, ଓଡ଼ିଶାରୁ ଏମ୍.ଫିଲ୍. ଡିଗ୍ରୀ ପାଇଥିବା ଛାତ୍ରଙ୍କର ଥେସିସ୍‌ର ପରୀକ୍ଷକ ହେବାର ଅନେକଥର ସୁଯୋଗ ମୋତେ ମିଳିଛି ଓ ଏବେ ମଧ୍ୟ ମିଳୁଛି।

ଦୀର୍ଘଦିନ ଗବେଷଣା କରିବାର ଆନନ୍ଦ ମୁଁ ପାଇଯାଇଥିଲି ଯେଉଁଦିନ ଜାଣିଥିଲି ମୋ ଗବେଷଣା ବିଜ୍ଞ ବୈଦେଶିକ ଲେଖକଙ୍କ ପୁସ୍ତକରେ ରେଫରେନ୍ସ ଭାବରେ ସ୍ଥାନିତ। The City Unversity of New York ର ପ୍ରଫେସର ଜର୍ଜ ଓଡ଼ିଆନ୍‌ଙ୍କ ଦ୍ୱାରା ଲିଖିତ ଏବଂ John Wiley and Sons ପବ୍ଲିସରଙ୍କ ଦ୍ୱାରା ପ୍ରକାଶିତ ପୃଥିବୀ ପ୍ରସିଦ୍ଧ ପଲିମର ପୁସ୍ତକ "Principle of Polymerization" ର ୨୦୩ ପୃଷ୍ଠାରେ ୪୮ ନମ୍ବର

ରେଫେରେନ୍ସରେ ଏବଂ ୬୮୨ ପୃଷ୍ଠାରେ ୧୨୮ ନମ୍ବର ରେଫେରେନ୍ସରେ ସେ ମୋ ଗବେଷଣାକୁ ସ୍ଥାନ ଦେଇଛନ୍ତି। ଏହା ମୋ ପାଇଁ, ମୋ ଗବେଷଣା କ୍ଷେତ୍ର ରେଭେନ୍ସା ପାଇଁ ତଥା ମୋ ରିସର୍ଚ୍ଚ ଗ୍ରୁପ୍ ପାଇଁ ଗୌରବର ବିଷୟ।

# ଗବେଷଣା ଉପରେ ବକ୍ତୃତା ପ୍ରଦାନ

## ଭାରତରେ ବକ୍ତୃତା ପ୍ରଦାନ ଓ ସେମିନାରରେ ଯୋଗଦାନ

ଖୁବ୍ ବେଶୀରେ ବି.ଏସ୍‌ସି. ପାସ୍ କରି ମୁଁ କୌଣସି ଗୋଟିଏ ସ୍କୁଲରେ ଶିକ୍ଷକତା କରିଥାଆନ୍ତି। ଈଶ୍ୱରଙ୍କର ଅପାର କୃପାରୁ ଏମ୍.ଏସ୍‌ସି. ପାସ୍ କଲି, ଚାକିରିକଲି, ପିଏଚ.ଡ଼ି. ଓ ଡି.ଏସ୍‌ସି.ଡିଗ୍ରୀ ହାସଲ କଲି। ସେତେବେଳେ ମଧ୍ୟ ଭାବି ନ ଥିଲି କେଉଁଠୁ ଆସି କେଉଁଠାରେ ପହଞ୍ଚିଲିଣି ବୋଲି।

ଅନେକ ଅନୁଷ୍ଠାନରେ ତଥା ସେମିନାର ଓ ସିମ୍ପୋଜିଆରେ ଗବେଷଣା ଉପରେ ଓ ଅନ୍ୟାନ୍ୟ ବୈଜ୍ଞାନିକ ବିଷୟ ଉପରେ ବକ୍ତୃତା ପ୍ରଦାନ କରିବାର ସୌଭାଗ୍ୟ ଅର୍ଜନ କରିଛି। ପ୍ରଥମ ବକ୍ତୃତା ଦେଇଥିଲି ମୁଁ ଏମ୍.ଏସ୍‌ସି. କ୍ଲାସରେ ପଢୁଥିବାବେଳେ ଥେସିସ୍ ଉପରେ କରିଥିବା ଗବେଷଣା ଉପରେ। ମୋ ଶିକ୍ଷକମାନଙ୍କଠାରୁ ଭୂୟସୀ ପ୍ରଶଂସା ପାଇଥିଲି ସେତେବେଳେ। ଅଧ୍ୟାପିକା ହୋଇ ଗବେଷଣା କରିବାର ପ୍ରଥମ ଅଳ୍ପଦିନ ଭିତରେ ଖଡ଼ଗପୁର ଆଇ.ଆଇ.ଟି.ର ପ୍ରଫେସର ଡକ୍ଟର ସୁକୁମାର ମାଇତିଙ୍କ ଉପସ୍ଥିତିରେ ମୋ ଗବେଷଣା ଉପରେ ଗୋଟିଏ ବକ୍ତୃତା ଦେଇଥିଲି। ଆଜି ପର୍ଯ୍ୟନ୍ତ ପ୍ରଫେସର ମାଇତି ମୋ ବକ୍ତୃତା ମନେ ରଖିଛନ୍ତି। ମୋ ଉପସ୍ଥାପନର ଶୈଳୀକୁ ଖୁବ୍ ପ୍ରଶଂସା କରିଥିଲେ ସେ। ପି.ଜି. ସେମିନାରର ଉପଦେଷ୍ଟା ହେବା ପରେ ଅନେକ ଥର ଅନେକ ବୈଜ୍ଞାନିକ ବିଷୟ ଉପରେ ବକ୍ତୃତା ପ୍ରଦାନ କରିବାର ସୁଯୋଗ ପାଇଛି। ୧୯୮୯ ମସିହାରେ ଜାପାନରୁ ଆସିବା ପରେ ସେଠାକାର ଗବେଷଣା ଉପରେ ପି.ଜି. ପିଲାମାନଙ୍କୁ ସେମିନାରରେ ବକ୍ତୃତା ଦେଇଥିଲି।

ରେଭେନ୍‌ସା କଲେଜରେ College teachers ଙ୍କ ପାଇଁ ୧୯୬୯ ମସିହାରେ ଓ ୧୯୭୨ ମସିହାରେ ହୋଇଥିବା ଦୁଇଟି Summer Institute ରେ ଯୋଗ ଦେଇଥିଲି ଏବଂ ଅନେକ ବିଷୟରେ ଆଲୋଚନା କରିଥିଲି। ୧୯୯୧ ମସିହାରେ Institute of Physics, Bhubaneswar ରେ Polymer Physics ଉପରେ

ହୋଇଥିବା workshop ରେ ଯୋଗ ଦେଇଥିଲି । ପରବର୍ତ୍ତୀ ମସୟରେ ରେଭେନ୍‌ସା କଲେଜ ଓ ଉତ୍କଳ ୟୁନିଭର୍‌ସିଟିରେ ହୋଇଥିବା Summer Instituteମାନଙ୍କରେ Resource Person ହୋଇ ଅଧ୍ୟାପକମାନଙ୍କୁ ପଢ଼ାଇବାର ସୁଯୋଗ ପାଇଥିଲି ।

ଏତଦ୍‌ବ୍ୟତୀତ ଭାରତରେ ହୋଇଥିବା ଅନେକ ଜାତୀୟ ଓ ଆନ୍ତର୍ଜାତିକ ସେମିନାର, ସିମ୍ପୋଜିୟମ୍ ଓ Science Congress ରେ ଯୋଗ ଦେଇଛି ଏବଂ ଅନେକଥର ପ୍ରବନ୍ଧ ଉପସ୍ଥାପନ କରିବାର ସୁଯୋଗ ପାଇଛି । ୧୯୯୧ ମସିହାରେ Physics Institute ଦ୍ୱାରା ପୁରୀରେ ଆୟୋଜିତ workshop ରେ ଯୋଗ ଦେଇଥିଲି । ୧୯୯୪ ମସିହାରେ Polymer' 94 Indian Petrochemical Corporation Ltd, Baroda ରେ ଅନୁଷ୍ଠିତ ହୋଇଥିଲା । ସେଠାରେ ପ୍ରଥମେ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲି । ୧୯୯୪ ମସିହାରେ ମଧ୍ୟ Eco-friendly Organic Coatings and Polymer ଉପରେ Indian Institute of Chemical Technology, Hyderabadରେ ହେଉଥିବା ସେମିନାରରେ ନିମନ୍ତ୍ରିତ ବକ୍ତୃତା ଦେବାର ସୁଯୋଗ ପାଇଥିଲି । ୧୯୯୫ ମସିହାରେ Vikram Sarabhai Space Centre, Trivendrum ରେ ହୋଇଥିବା International Symposium Macro' 95 ରେ ପ୍ରବନ୍ଧ ଉପସ୍ଥାପନ କରିଥିଲି । ସେହି ୧୯୯୫ ମସିହାରେ ରେଭେନ୍‌ସା କଲେଜରେ ହୋଇଥିବା Polymat' 95 Conference ରେ ମୁଁ Organising Secretary ଥିଲି ଏବଂ ପ୍ରବନ୍ଧ ଉପସ୍ଥାପନ କରିଥିଲି । Department of Chemical Terchnology, University of Mumbai ରେ Recent Advances in Physico- Chemical Aspects of Fibres and Polymer ଶୀର୍ଷକ ସେମିନାରରେ ନିମନ୍ତ୍ରିତ ବକ୍ତୃତା ପ୍ରଦାନ କରିଥିଲି । ୧୯୯୭ ମସିହାରେ ରେଭେନ୍‌ସା କଲେଜରେ ହୋଇଥିବା Orissa Chemical Society ରେ ଯୋଗ ଦେଇ ପ୍ରବନ୍ଧ ଉପସ୍ଥାପନ କରିଥିଲି । ବରହମ୍ପୁରର NIST ରେ ହୋଇଥିବା Orissa Chemical Society ରେ ଯୋଗ ଦେଇଥିଲି । ମୋ ପିଏଚ୍.ଡ଼ି. ଛାତ୍ର ଡକ୍ଟର ଦେବାଶିଷ ଦାସ ଏହି ସେମିନାରରେ Young Scientist Award ପାଇଥିବାରୁ ମୁଁ ଆନନ୍ଦିତ ତଥା ଗୌରବାନ୍ୱିତ ମନେକରିଥିଲି । ୧୯୯୮ ମସିହାରେ Central Leather Research Institute, Chennai ରେ Macro' 98 ରେ ଯୋଗ ଦେଇ ନିମନ୍ତ୍ରିତ ବକ୍ତୃତା ଦେଇଥିଲି । ୧୯୯୯ ମସିହାରେ ମଧ୍ୟ ଆଇ.ଆଇ.ଟି, ଦିଲ୍ଲୀରେ Polymer' 99 ରେ ଯୋଗ ଦେଇ ଗବେଷଣାତ୍ମକ ପ୍ରବନ୍ଧ

ଉପସ୍ଥାପନ କରିବାର ସୁଯୋଗ ପାଇଥିଲି । ୧୯୯୯ ମସିହାରେ UGC Exchange Programme ରେ ସର୍ଦ୍ଦାର ପଟେଲ ୟୁନିଭରସିଟି, ଗୁଜୁରାଟରେ ୭ ଦିନ ରହି ଛାତ୍ର ଓ ଶିକ୍ଷକମାନଙ୍କୁ ପଲିମର ପଢ଼ାଇବାର ସୁଯୋଗ ପାଇଥିଲି । ସେଠାରେ ଗୋଟିଏ ସେମିନାରରେ ମଧ୍ୟ ବକ୍ତୃତା ପ୍ରଦାନ କରିଥିଲି । ୨୦୦୦ ମସିହାରେ ଆଇ.ଆଇ.ଟି. ଖଡ଼ଗପୁରରେ Tissue Replacement Materials ଉପରେ ହୋଇଥିବା ନ୍ୟାସନାଲ କନ୍‌ଫେରେନ୍ସରେ ନିମନ୍ତ୍ରିତ ବକ୍ତୃତା ପ୍ରଦାନ କରିଥିଲି ।

ସେହି ମସିହାରେ ଦିଲ୍ଲୀସ୍ଥ ହୋଟେଲ ଅଶୋକାରେ ଆୟୋଜିତ ହୋଇଥିବା ସିମ୍ପୋଜିୟମରେ ନିମନ୍ତ୍ରିତ ବକ୍ତୃତା ଦେଇଥିଲି । ସେ ଥରର ଅନୁଭୂତି ଥିଲା ଖୁବ୍ ରୋମାଞ୍ଚକର । କଟକରୁ ମୋର ଗୋଟିଏ ଛାତ୍ର ଓ ମୁଁ ଉତ୍କଳ ଏକ୍ସପ୍ରେସରେ ଦିଲ୍ଲୀ ଗଲୁ । ବାଟରେ ଆମ ଦୁଇଜଣଙ୍କର ବାକ୍ସର ଚେନ୍ କାଟି ଚୋରମାନେ ବାକ୍ସ ନେଇଗଲେ । କେବଳ ପିନ୍ଧାବସ୍ତ୍ର ଛଡ଼ା ଆମ ପାଖରେ ଆଉ କିଛି ନ ଥିଲା । ଫେରି ନ ଆସି ସାହସ କରି ଦିଲ୍ଲୀ ଚାଲିଗଲି । ଓଡ଼ିଶା ଭବନରେ ରିଜର୍ଭେସନ ହୋଇଥାଏ । ଫୋନଦ୍ୱାରା ମୋ ରିସର୍ଚ୍ଚ ଛାତ୍ର ଡଃ ଅନିଲ କୁମାର ଦାସକୁ ଯୋଗାଯୋଗ କଲି । ଓଡ଼ିଶା ଭବନରେ ପହଞ୍ଚିଲା ବେଳକୁ ସେ ତା' ସ୍ତ୍ରୀର କିଛି ଲୁଗାପଟା ଆଣି ମୋତେ ଅପେକ୍ଷା କରିଥିଲା, ତେଣୁ କିଛି ଅସୁବିଧା ହେଲା ନାହିଁ । ଟକ୍ ଦେବା ପାଇଁ ତିଆରି କରିଥିବା ସବୁ ଟ୍ରାନ୍ସପାରେନ୍ସି ଚୋରି ହୋଇ ଯାଇଥିଲା । ଜଣେ ଫରେନର ଡେଲିଗେଟ୍ ରଙ୍ଗିନ ସ୍କେଚ୍ ପେନ୍ ଦେଇଥିଲେ ଏବଂ ସଂଯୋଜକ କିଛି ଟ୍ରାନ୍ସପାରେନ୍ସି ଦେଇଥିଲେ । ପ୍ରଥମଦିନ ମୁଁ ଟକ୍ ଦେଇ ପାରି ନ ଥିଲି । ରାତିରେ ଓଡ଼ିଶା ଭବନରେ ଯାହା ମନେ ଥିଲା ହାତରେ ସବୁ ତିଆରି କରି ତା' ପରଦିନ ଉପସ୍ଥାପନ କରିଥିଲି । ମୋ ଅସୁବିଧା ଶୁଣି ସବୁ Participants ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏତେ ଅସୁବିଧା ସତ୍ତ୍ୱେ ଖୁବ୍ ସୁନ୍ଦର ଭାବରେ ଗବେଷଣା କାର୍ଯ୍ୟ ଉପସ୍ଥାପନ କରିପାରିଲି ବୋଲି ଅନେକ ପ୍ରଶଂସା ପାଇଥିଲି । ଡକ୍ଟର ନାୟକ ମଧ୍ୟ ସେ ସିମ୍ପୋଜିୟମ୍‌କୁ ନିମନ୍ତ୍ରିତ ହୋଇ ଯାଇଥିଲେ । ପ୍ରତ୍ୟେକ Conference ରେ ଯୋଗ ଦେବାକୁ ଗଲାବେଳେ ମୋ ସାଙ୍ଗରେ ଗବେଷଣା କରୁଥିବା ଛାତ୍ରମାନେ ଯାଇଥାଆନ୍ତି । ସେମାନଙ୍କୁ ଅନେକ ସ୍ଥାନ ଦେଖାଇବାରେ ମୋର ଥାଏ ଆନନ୍ଦ । ୨୦୦୧ ମସିହାରେ ବି.ଜେ.ବି. କଲେଜ, ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା କେମିକାଲ୍ ସୋସାଇଟି କନ୍‌ଫେରେନ୍ସରେ ଯୋଗ ଦେଇଥିଲି । ୨୦୦୨ ମସିହାରେ ଆଇ.ଆଇ.ଟି. ଖଡ଼ଗପୁରରେ ଅନୁଷ୍ଠିତ Macro-2002 International ସେମିନାରରେ ନିମନ୍ତ୍ରିତ ବକ୍ତୃତା ପ୍ରଦାନ

କରିଥିଲି । ୨୦୦୫ ଓ ୨୦୧୧ ମସିହାରେ ସମ୍ବଲପୁର ୟୁନିଭରସିଟିରେ ଅନୁଷ୍ଠିତ ଓଡ଼ିଶା କେମିକାଲ୍ ସୋସାଇଟି କନ୍‌ଫେରେନ୍ସରେ ଯୋଗ ଦେଇଥିଲି ।

ସେମିନାର ବ୍ୟତୀତ ମହିଶୂରରେ ହୋଇଥିବା Science congress ରେ ପ୍ରବନ୍ଧ ଉପସ୍ଥାପନା କରିଥିଲି । Univ. college of Sc. and Tech. ର ପ୍ରଫେସର ଡକ୍ଟର ସୁକୁମାର ଆଦିତ୍ୟ ସେ ସେସନ୍‌ର Chair Person ଥିଲେ । ୧୯୭୭ ମସିହାରେ ଉତ୍କଳ ୟୁନିଭରସିଟିରେ ହୋଇଥିବା Science Congress ରେ ମଧ୍ୟ ଯୋଗ ଦେଇଥିଲି । ୨୦୦୦ ମସିହାରେ NCL ପୁନେରେ ହୋଇଥିବା Science Congress ରେ ଯୋଗ ଦେଇ ନିମନ୍ତ୍ରିତ ବକ୍ତୃତା ପ୍ରଦାନ କରିଥିଲି । ପ୍ରଫେସର ଏମ୍.ସି. ଗୁପ୍ତା ସେସନର Chairman ଥିଲେ । ୨୦୧୧ ମସିହାରେ ଭୁବନେଶ୍ୱରସ୍ଥ KIIT Universityରେ ହୋଇଥିବା Science Congressରେ Biomass ଉପରେ ମୁଁ ଓ ମୋ ଛାତ୍ରୀ ଡକ୍ଟର ସୁଚିସ୍ମିତା ଆଚାର୍ଯ୍ୟ ପ୍ରବନ୍ଧ ଉପସ୍ଥାପନ କରିଥିଲୁ ।

ଏତଦ୍‌ବ୍ୟତୀତ ବିଭିନ୍ନ କଲେଜ ଯଥା ଷ୍ଟୁଅର୍ଟ ସାଇନ୍ସ କଲେଜ, ସ୍ୱାମୀ ବିବେକାନନ୍ଦ କଲେଜ ଜଗତସିଂହପୁର, ଶୈଳବାଳା ମହିଳା କଲେଜ, ରମାଦେବୀ ମହିଳା କଲେଜ, ରେଭେନ୍‌ସା କଲେଜ, ସାଲେପୁର କଲେଜରେ ସେମିନାର ବାର୍ଷିକୋତ୍ସବକୁ ନିମନ୍ତ୍ରିତ ହୋଇ ସେଠାରେ ବକ୍ତୃତା ଦେବାର ସୁଯୋଗ ପାଇଛି । କଟକ ସହର ଓ କଟକ ନିକଟସ୍ଥ ହାଇସ୍କୁଲମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ସମ୍ବଳିତ ବକ୍ତୃତା ପ୍ରଦାନ ଏବଂ ଶିକ୍ଷାଦାନ ମୋତେ ଆନନ୍ଦ ଦେଇଛି ।

## ଆମେରିକାରେ ବକ୍ତୃତା ପ୍ରଦାନ

ମଣିଷର ଆଶା ଅନେକ । ଭଗବାନ ବିଚାର କରି ଆଶା ପୂରଣ କରନ୍ତି । ସେ ହେଉଛନ୍ତି ନ୍ୟାୟବାନ । କିଛି ପାଇବାର ଆଶା ନରଖି ନିଜ କାମ ଠିକ୍‌ଭାବରେ କଲେ ସେ ନିଶ୍ଚୟ ଫଳ ଦେବେ । ସେ ଖାଲି ଦୟାଳୁ ନୁହଁନ୍ତି ସେ ମଧ୍ୟ ନ୍ୟାୟାଳୁ । ଜାପାନରୁ ୧୯୮୯ ମସିହାରେ ଫେରିଲା ପରେ ଗବେଷଣାରେ ପୂରାପୂରି ଭାବରେ ଲାଗିଗଲି । ରାତି ପର୍ଯ୍ୟନ୍ତ ମୋ ଗବେଷଣା ପିଲାମାନେ କାମ କଲେ । ମୋ ପ୍ରେରଣା ଓ ସାହାଯ୍ୟ ତାଙ୍କୁ ଦେଲା ଅଦମ୍ୟ ଉତ୍ସାହ । ହଠାତ୍ ଦିନେ ଆମେରିକାରୁ ଫୋନ ପାଇଲି । ସେ ଫୋନ ଥିଲା ମୋ ଛାତ୍ରୀ ଡଃ ବିଦୁ୍ୟଲତା ସର ମିଶ୍ର ଓ ତା'ର ସ୍ୱାମୀ ଡଃ ମୃନ୍ମୟ କୁମାର ମିଶ୍ରଙ୍କର । ମୃନ୍ମୟ ମୋର ଛାତ୍ର ନଥିଲା । ସେ ଡଃ ପଦ୍ମଲୋଚନ ନାୟକଙ୍କ ପାଖରେ

ପିଏଚ୍.ଡି. କରିଥିଲା ଓ ବରହମପୁର ୟୁନିଭରସିଟ୍‌ରୁ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲା। ରେଭେନ୍ସା କଲେଜରେ ମୁଁ ତା'ର ପିଏଚ୍.ଡି. କାମ ଦେଖାଶୁଣା କରୁଥିଲି। ତା' ସହିତ ମୋର ଅନେକ ପ୍ରବନ୍ଧ ଆନ୍ତର୍ଜାତିକ ଜର୍ଣ୍ଣାଲରେ ପ୍ରକାଶିତ ହୋଇଥିଲା। ସେ ଆମେରିକାରେ ଗୋଟିଏ ବଡ଼ କମ୍ପାନୀରେ କାର୍ଯ୍ୟରତ ଥାଇ ଦୁଇଟି ବୈଜ୍ଞାନିକ ଜର୍ଣ୍ଣାଲ ନିଜେ ପ୍ରକାଶ କରୁଥିଲା। ପ୍ରତିବର୍ଷ ସେ ଗୋଟିଏ ବଡ଼ ଧରଣର ଆନ୍ତର୍ଜାତିକ ସେମିନାର ଆୟୋଜନ କରିଥାଏ। ୧୯୯୫ ମସିହାରେ ସେ ସେମିନାର କରୁଥାଏ। ସେହି ସେମିନାରକୁ ପ୍ରବନ୍ଧ ପଠାଇବା ପାଇଁ ଓ ସେମିନାରରେ ଗୋଟିଏ ସେସନ୍‌ରେ ଚେୟାର ପର୍ସନ ହେବା ପାଇଁ ଅନୁରୋଧ କରିଥିଲା ଫୋନରେ। ମୁଁ ଖୁବ୍ ଆଶାୟୀ ହୋଇଗଲି। ନିଶ୍ଚୟ ମୋ ପ୍ରବନ୍ଧ ଗୃହୀତ ହୋଇଯିବ ବୋଲି ଭାବିଲି। ଠିକ୍ ସମୟରେ ପ୍ରବନ୍ଧ ପଠାଇଲି ଓ ଠିକ୍ ସମୟରେ ଏହା ଗୃହୀତ ହୋଇଗଲା। ଜାପାନ ଯାତ୍ରାପରେ ଭାବୁଥିଲି ଭଗବାନଙ୍କ ପାଖରେ ମୋ ବିଦେଶ ଯିବା କୋଟା ସରିଗଲା। ପୁଣିଥରେ ଏତେ ବଡ଼ ଦେଶରୁ ଡାକରା ଆସିବ ଏହା ମୁଁ କେବେ ଭାବି ନଥିଲି। ମଣିଷର କର୍ମନିଷ୍ଠତା କେବେ ବିଫଳ ହୁଏନି।

ଆମେରିକା ଯିବା ପ୍ରସ୍ତୁତିରେ ଲାଗି ପଡ଼ିଲି। ଏକାଏକା ଏତେ ଦୂର ଏତେ ବଡ଼ ଦେଶକୁ ଯିବାକୁ ଡର ଲାଗୁନଥାଏ। ବିଦେଶର କାଇଦା କଟକଣା ଜଣାଥାଏ ଏବଂ ବିଦୁ ଓ ମୁନ୍ମୟ ମୋ ନିଜ ଲୋକ। ସେମାନଙ୍କଠାରୁ ସାହାଯ୍ୟ ପାଇବି ଏ ଭରସା ମୋର ଥାଏ। University Grants Commission (UGC), New Delhi, Council of Scientific and Industrial Research (CSIR), New Delhi ଓ Department of Science and Technology (DST), Orissa ଦ୍ୱାରା ମୋର ଅନେକ ଗବେଷଣାତ୍ମକ ପ୍ରୋଜେକ୍ଟ ଆର୍ଥିକ ଅନୁଦାନ ମଞ୍ଜୁର ପ୍ରାପ୍ତ ହୋଇ ରେଭେନ୍ସା କଲେଜରେ ପରିଚାଳିତ ହୋଇଥିବାରୁ ସେମିନାରରେ ଯୋଗ ଦେବାକୁ ଆମେରିକା ଗସ୍ତ ଖର୍ଚ୍ଚ ଓ ରହଣି ଖର୍ଚ୍ଚ ଏହିସବୁ ଏଜେନ୍ସିରୁ ମଞ୍ଜୁର ହୋଇଗଲା। ମଞ୍ଜୁର ହୋଇଥିବା ଟଙ୍କା ଖର୍ଚ୍ଚ କରିଥିବା ଟଙ୍କାରୁ ଅଧିକ ହେବାରୁ ଆମେରିକାରୁ ଫେରିଲା ପରେ ମଞ୍ଜୁର ଟଙ୍କାରୁ କିଛି ଟଙ୍କା ନନେବା ପାଇଁ ଜଣାଇ ଦେଲି। ମେ ମାସ ଦୁଇ ତାରିଖରେ ଥିଲା ମୋର ଆମେରିକା ଯାତ୍ରା।

ଦିଲ୍ଲୀରୁ ମୋର ଯାତ୍ରା ଆରମ୍ଭ ହେଲା। ମୋ ଏରୋପ୍ଲେନ ଲଣ୍ଡନ ଏୟାରପୋର୍ଟ Heathrow ଛାଡ଼ି ଭାରତ ସମୟ ଦିନ ୩ଟା ବେଳେ ଆମେରିକା ଅଭିମୁଖେ ଯାତ୍ରା

ଆରମ୍ଭ କଲା । ଦୀର୍ଘ ସମୟ ବସି ବସି କଷ୍ଟ ଲାଗୁଥାଏ । ଟିଭିରେ ଏରୋପ୍ଲେନ୍‌ର ଗତି ପଥକୁ ଦେଖି ଦେଖି ସମୟ କଟାଉଥାଏ । ଇଣ୍ଡିଆନ୍ ଖାଦ୍ୟ ମଧ୍ୟ ମିଳୁଥାଏ । କେନେଡ଼ି ଏୟାରପୋର୍ଟରେ ଆମେରିକା ସମୟ ଦିନ ୧୧ରେ ପହଞ୍ଚିଲି । ବିନ୍ଦୁ, ମୃନ୍ମୟ ଓ ତାଙ୍କ ପୁଅ ସୁରଜ ଓ ଝିଅ ସ୍ୱାତୀ ଅପେକ୍ଷା କରିଥିଲେ ଗେଟ୍ ବାହାରେ । ମାଡ଼ାମ୍ ତାଙ୍କର ଏକାଏକା ଆସିଛନ୍ତି – କ୍ଳାନ୍ତ ହୋଇପଡ଼ିଥିବେ ଦୀର୍ଘ ସମୟ ଯାତ୍ରା ପରେ, ଏମିତି କେତେ କଥା ଭାବୁ ଥାଆନ୍ତି । ପ୍ରାୟ ଦୀର୍ଘ କୋଡ଼ିଏ ଘଣ୍ଟା ଯାତ୍ରା କରି ମୁଁ କ୍ଳାନ୍ତ ଦିଶୁନଥିଲି ବୋଲି ସେମାନେଙ୍କର ଥିଲା ମନ୍ତବ୍ୟ । ମଣିଷ କ୍ଳାନ୍ତ ହୋଇପଡ଼େ ମନରେ ଅବସାଦ ଆସିଲେ । ମୁଁ ଭାବେ କ୍ଳାନ୍ତ ହେବାଟା ମାନସିକ ପରିସ୍ଥିତି ଉପରେ ନିର୍ଭର କରେ । କେଉଁ ମାଟି କାଦୁଅ ଗାଁରେ ଗୋଟିଏ ଅର୍ଦ୍ଧ ଶିକ୍ଷିତ ପରିବାରରେ ଜନ୍ମ ହୋଇ, କୌଣସି ଉଚ୍ଚ ପଦସ୍ଥ ସମ୍ପର୍କୀୟମାନଙ୍କ ଠାରୁ ପ୍ରେରଣା ନପାଇ ଓ ପାଠ ପଢ଼ା ବିଷୟରେ ଅବଗତ ନହୋଇ ମୁଁ ଯେ ଜାପାନ ଓ ଆମେରିକା ଭଳି ଦେଶ ଦେଖିପାରିଛି ଏହା ହିଁ ଥିଲା ମୋ ପାଇଁ ପ୍ରେରଣା । ମଣିଷ ହୃଦୟର ପରିସ୍ଥିତି ଜଣାପଡ଼େ ତା'ର ମୁଖ ମଣ୍ଡଳରୁ । ହୃଦୟଟା ଯେତେବେଳେ ଆନନ୍ଦରେ ଉଦ୍‌ବେଳିତ, ମୁହଁ ବା କ୍ଳାନ୍ତ ଦିଶିବ କେମିତି ? ବାଟସାରା ଗପିଗପି କେନେଡ଼ି ଏୟାରପୋର୍ଟରୁ ଗଲୁ ନ୍ୟୁୟର୍କର ଓ୍ୱାପିଞ୍ଜରଫଲ୍‌କୁ । ସେମିନାର ଡେଲିଗେଟ୍‌ମାନଙ୍କୁ ଦେବାପାଇଁ କିଛି ପିପିଲି ବ୍ୟାଗ ମୃନ୍ମୟର ବରାଦ୍ ଅନୁସାରେ ନେଇଥିଲି ।

ପହଞ୍ଚିଲାପରେ ମୃନ୍ମୟ ତା' ତଳମହଲାରେ ଘରର ପ୍ରବେଶ ଦ୍ୱାରରେ ଥିବା ସାଇରନ୍ ମେସିନ୍ ବିଷୟରେ ବୁଝାଇଥିଲା । ରାତିରେ ଯଦି କେହି ଦୁର୍ବୃତ୍ତ ଘରକୁ ପଶେ ସାଇରନ୍ ଆପେଆପେ ବାଜି ଉଠିବ । ଘର ଲୋକମାନେ ଉଠି ପଡ଼ିବେ ଓ ପୋଲିସ ସେଠାରେ ପହଞ୍ଚିଯିବ । ସେ ଦେଶରେ କି ସୁନ୍ଦର ସୁରକ୍ଷା ବ୍ୟବସ୍ଥା । ସବୁ ବୁଝାବୁଝି କରି ଶୋଇପଡ଼ିଲି । କୌଣସି ଦୁଶ୍ଚିନ୍ତା ତ ମନରେ ନଥାଏ । ଆରାମରେ ନିଦ ହୋଇଗଲା । ଭୋର ହେଲାରୁ ନିଦ ଭାଙ୍ଗିଗଲା । ଆମେରିକାର ସକାଳ ଦେଖିବାକୁ ଇଚ୍ଛା । ଉପର ମହଲାରୁ ତଳକୁ ଆସିଲି । ସାରା ବିଲ୍‌ଡିଂଟା ଶୂନ୍‌ଶାନ ଲାଗୁଥାଏ । ସାଇରନ୍ କଥା ମନେ ନଥାଏ । ଦୁଆର ପାଖରେ ପହଞ୍ଚିଲା କ୍ଷଣି ଜୋର କରି ସାଇରନ୍‌ଟା ବାଜି ଉଠିଲା । ଆମେରିକାରେ ଏହାଥିଲା ମୋର ପ୍ରଥମ ଅନୁଭୂତି ।

ଆମେରିକାରେ ପହଞ୍ଚିବା ଅଳ୍ପଦିନ ପରେ ପ୍ରଥମେ ଥିଲା ମୋର ମିଚିଗାନ୍ ଯାତ୍ରା । କଟକର ଜଣେ ଓଡ଼ିଆ ପ୍ରଫେସର ଡଃ ଦିଲିପ୍ କୁମାର ମହାନ୍ତି ଅଧ୍ୟାପନା କରୁଥାଆନ୍ତି

ସେଣ୍ଟ୍ରାଲ ମିଚିଗାନ୍ ୟୁନିଭରସିଟ୍‌ରେ। ସେ ସେମିନାର ଉପଦେଷ୍ଟା ଥାଆନ୍ତି। ଓଡ଼ିଶାରେ ମୁଁ ଥିବା ସମୟରେ ତାଙ୍କ ସହ ମୋର ପତ୍ର ବିନିମୟ ହୋଇଥାଏ। ସେ ତାଙ୍କ ୟୁନିଭରସିଟିକୁ ମୋତେ ନିମନ୍ତ୍ରଣ କଲେ। ଏୟାର ଟିକେଟ୍ ମଧ୍ୟ ପଠାଇଥିଲେ। ମୁଁ ନିର୍ଦ୍ଦିଷ୍ଟ ଦିନରେ ମିଚିଗାନ୍ ଏୟାରପୋର୍ଟରେ ପହଞ୍ଚିଲି। ଦିଲ୍ଲୀପ ବାବୁ ଏୟାରପୋର୍ଟରୁ ମୋତେ ପାଛୋଟି ନେଲେ।

ସେମିନାର ଟକ୍ ଦେବାକୁ ତା' ପରଦିନ ୟୁନିଭରସିଟିକୁ ଗଲି। ସେମିନାର ଆରମ୍ଭ ହେବା ପୂର୍ବରୁ ପ୍ରତ୍ୟେକ ପ୍ରଫେସରଙ୍କୁ ତାଙ୍କ ରୁମ୍‌ରେ ଦେଖାକଲି। ଭାରତରେ କରିଥିବା ମୋ ଗବେଷଣା ବିଷୟରେ ଆଲୋଚନା କଲି। ଏହା ସେ ୟୁନିଭରସିଟିର ଚଳଣି। ସେମାନେଙ୍କ ସହ ଫଟୋ ଉଠାଇଲି। ସେଦିନ ଅନୁଭବ କରୁଥାଏ ମୁଁ କେତେ ଉଚ୍ଚସ୍ଥାନ ପାଇ ପାରିଛି ସେହି କରୁଣାମୟଙ୍କ କୃପାରୁ। ଦୁଇଘଣ୍ଟା ବକ୍ତୃତା ଓ ପ୍ରଶ୍ନୋତ୍ତର ଚାଲିଲା। ଶହେ ଡଲାର ମୋତେ ଉପହାର ଦେଲେ ସେମାନେ।

ଏହାପରେ ଥିଲା ସେମିନାର "ଆଡଭାନ୍ସ ପଲିମରସ୍ ଇନ୍ ମାକ୍ରୋମଲିକୁଲାର ଇଞ୍ଜିନିୟରିଂ"। ଏହାଥିଲା ମୋ ଆମେରିକା ଯାତ୍ରାର ବଡ଼ ପ୍ରୋଗ୍ରାମ। ମୁନ୍ମୟ ଓ ବିନ୍ଦୁ ଲାଗି ପଡ଼ିଥାନ୍ତି କାମରେ। ଆଶ୍ଚର୍ଯ୍ୟ ଲାଗିଲା, ଆମ ଦେଶ ଭଳି ସେଠାରେ ଏହି ଦୁଇଜଣଙ୍କୁ ସାହାଯ୍ୟ କରିବାପାଇଁ କେହି ନଥିଲେ। ବହୁତ ପୂର୍ବରୁ ମେଲ୍‌ରେ ସେମାନେ ସେମିନାର ବିଷୟ, ରେଜିଷ୍ଟ୍ରେସନ, ଯାତାୟତ, ରହିବାର ବ୍ୟବସ୍ଥା ଇତ୍ୟାଦି ଜଣାଇ ଦେଇଥାଆନ୍ତି ଡେଲିଗେଟ୍‌ମାନଙ୍କୁ। ୨୬ଟି ଦେଶରୁ ବୈଜ୍ଞାନିକମାନେ ଏହି କନ୍‌ଫେରେନ୍ସରେ ଯୋଗ ଦେଇଥିଲେ। କନ୍‌ଫେରେନ୍ସ ପୂର୍ବଦିନ ସନ୍ଧ୍ୟାରେ ମୁନ୍ମୟ ତା' ବାସଭବନରେ ଏକ ରାତ୍ରି ଭୋଜନର ବ୍ୟବସ୍ଥା କରିଥାଏ। ରାତ୍ରି ଭୋଜନରେ ସେଦିନ ଯୋଗ ଦେଇଥିଲେ ଆକ୍ରନ୍ ୟୁନିଭରସିଟିରୁ ଆସିଥିବା ବୈଜ୍ଞାନିକ ଡକ୍ଟର କେନେଡ଼ି ଓ ତାଙ୍କ ସ୍ତ୍ରୀ, ଅଷ୍ଟ୍ରେଲିଆରୁ ଆସିଥିବା ବିଖ୍ୟାତ ବୈଜ୍ଞାନିକ ଡକ୍ଟର ନାପର୍ ଓ ତାଙ୍କ ସ୍ତ୍ରୀ, ଯାହାଙ୍କ ନାମରେ ନାମିତ ସମୀକରଣ ଆମେ ଆମ ବୈଜ୍ଞାନିକ ପ୍ରବନ୍ଧରେ ଦର୍ଶାଇ ଥାଉ ପ୍ରଫେସର ଟ୍ୟୁଡୋସ୍, ଜୁନିୟର ଜେ.ଇ. ମାର୍କ, ମାକ୍ରୋମଲିକ୍ୟୁଲାର ସାଇନ୍ସ ଜର୍ଣ୍ଣାଲର ଏଡ଼ିଟର ଜର୍ଜ ବି. ବଟ୍‌ଲର, ଜାପାନସ୍ଥ ଗୁନ୍‌ମା ୟୁନିଭରସିଟିର ବୈଜ୍ଞାନିକ ଡକ୍ଟର କାଜୋ ଆରାଇ ଇତ୍ୟାଦି। ଏମାନଙ୍କ ନାଁ ଶୁଣିଥିଲି ଭାରତରେ। କେତେଜଣଙ୍କ ସହିତ ପତ୍ର ବିନିମୟ କରିଥିଲି।

ଏମାନଙ୍କୁ ଦେଖିବାର ସୌଭାଗ୍ୟ ମିଳିଲା । ସେଦିନ ମୁଁ ନିଜକୁ ଭାଗ୍ୟବାନ ମନେ କରିଥିଲି । ମୁନ୍ମୟ ମୋତେ ସେମାନଙ୍କ ସହ ପରିଚୟ କରାଇ ଦେଲା । ଗର୍ବରେ ମୋ ଛାତି କୁଣ୍ଢେମୋଟ ହୋଇ ଯାଉଥାଏ । ଖିଆପିଆ ଧୁମ୍‌ଧାମ୍‌ରେ ହେଲା । ଗବେଷଣା ବିଷୟରେ ଅନେକ ଆଲୋଚନା ଚାଲିଲା ।

ତା'ପର ଦିନ ସକାଳେ ଆମେ ଭାସାର କ୍ୟାମ୍ପସକୁ କନ୍‌ଫେରେନ୍ସ ପାଇଁ ଗଲୁ । ରେଜିଷ୍ଟ୍ରେସନରେ ମୁନ୍ମୟକୁ ଟିକିଏ ସାହାଯ୍ୟ କଲି । କନ୍‌ଫେରେନ୍ସ ହେଉଥାଏ ଏକ ବିରାଟ ପୁରାତନ କଲେଜରେ । କିଛି ଜାକଜମକ ବା ସାଜସଜା ନଥାଏ । ଆମ କନ୍‌ଫେରେନ୍ସଠାରୁ ଏହା ଥିଲା ଭିନ୍ନ । ଲୋକମାନଙ୍କର ହୋ ହା ନଥାଏ । ଆମ ଦେଶ ଓ ସେ ଦେଶ ଭିତରେ ଥିଲା ଅନେକ ପାର୍ଥକ୍ୟ । ଆମର ଉଦ୍‌ଘାଟନ ଉତ୍ସବଟି ଖୁବ୍ ଜମିଥାଏ । ସେଠାରେ ସେମିତି କିଛି ଥିବାର ମୁଁ ଲକ୍ଷ୍ୟ କଲି ନାହିଁ । ଫୁଲରେ ଷ୍ଟେଜ ସଜା ନଥିଲା ସେଠାରେ । ମୁନ୍ମୟ ଷ୍ଟେଜ ଉପରକୁ ଗଲା ଏବଂ ଗୋଟିଏ ବାକ୍ୟରେ ସମସ୍ତଙ୍କୁ ସ୍ୱାଗତ କରି ପଏଣ୍ଟର କାଢ଼ିଲା ଓ ତା' ପ୍ରବନ୍ଧ ଉପସ୍ଥାପନ କଲା । ଏହା ଦ୍ୱାରା ସେ ସମୟ ଅନେକ ବଞ୍ଚାଇ ପାରିଲା । ସମୟର ମୂଲ୍ୟ ସେମାନେ ବୁଝନ୍ତି । ଫୁଲତୋଡ଼ା ଦିଆନିଆ, ଧନ୍ୟବାଦ ଦେବା, ଅଯଥା ପ୍ରଶଂସା କରିବାରେ ଆମର ଚାଲିଯାଏ ଅନେକ ସମୟ । ସେ ଦେଶରେ ଲୋକମାନେ ଏଭଳି କାର୍ଯ୍ୟକ୍ରମକୁ ଭଲ ପାଆନ୍ତି ନାହିଁ । କନ୍‌ଫେରେନ୍ସର ମୂଳ ଲକ୍ଷ୍ୟ ଉପରେ ଧ୍ୟାନ ଦିଅନ୍ତି ସେମାନେ ।

ଚା' ବିସ୍କୁଟରେ ଚଳିଯାଉଥାଏ ବ୍ରେକ୍ ସମୟ । ମଧ୍ୟାହ୍ନ ଭୋଜନ ମଧ୍ୟମ ଧରଣର । ରାତ୍ରି ଭୋଜନ ଖୁବ୍ ଜାକ ଜମକରେ ହେଉଥାଏ । ପରସ୍ପର ଚିହ୍ନାଜଣା, ନିଜ ନିଜର ଗବେଷଣା ଉପରେ ଆଲୋଚନା, ଦେଶ ବିଦେଶ କଥାରେ ରାତ୍ରିଭୋଜନ ଶେଷ ହେଉଥାଏ । ଅନେକ ଫଟୋ ଉଠାଇଲି ସବୁ ବୈଜ୍ଞାନିକଙ୍କ ସହିତ । ଭାରତରୁ NCL ପୁନାର ଡାଇରେକ୍ଟର ଡକ୍ଟର ଏସ୍ ଶିବରାମ୍, ମାଡ୍ରାସ ଲେଦର ଇନ୍‌ଷ୍ଟିଚ୍ୟୁଟରୁ ଡକ୍ଟର ମିସେସ ଗଙ୍ଗା ରାଧାକୃଷ୍ଣନ୍ ଯୋଗଦେଇଥାନ୍ତି କନ୍‌ଫେରେନ୍ସରେ । ସେଦିନ ମୋ ଆନନ୍ଦ କହିଲେ ନସରେ ।

କନ୍‌ଫେରେନ୍ସର ଦ୍ୱିତୀୟ ଦିନ ଥାଏ ମୋର ଟକ୍ । ଏମିତି ସୁଯୋଗ ମୋତେ ମିଳିବ ମୁଁ କେବେ କଳ୍ପନା କରିନଥିଲି । ମୋର ପୂଜ୍ୟଗୁରୁ ଡକ୍ଟର ପଦ୍ମଲୋଚନ ନାୟକ

ସବୁବେଳେ କହନ୍ତି "ସିଂହର ପିଲାଭଳି କନ୍‌ଫେରେନ୍ସରେ ସାହସ ସହିତ ତୁମର କାମ ଉପସ୍ଥାପନ କରିବ। ତୁମେ ଭାବିବ ତୁମେ ଯାହା କହୁଛ ତାକୁ ତୁମଛଡ଼ା କେହି ଜାଣି ନାହାନ୍ତି।" ସେହି ଭାବ ନେଇ ପେଣ୍ଡାଲ୍ ଉପରକୁ ଉଠିଲି। ଆଜି ମୁଁ କଠିନ ପରିଶ୍ରମର ଫଳ ପାଇଛି। ଏତେ ବଡ଼ବଡ଼ ବୈଜ୍ଞାନିକ ବସିଛନ୍ତି। କେତେ ବଡ଼ବଡ଼ ଗବେଷଣାଗାରରେ ସେମାନେ କାମ କରିଛନ୍ତି। ନିପଟ ମଫସଲରୁ ଆସି ଛୋଟିଆ ଗବେଷଣାଗାରରେ କାମ କରିଛି ମୁଁ ଯେଉଁଠି ପରୀକ୍ଷା କରିବାକୁ ଉନ୍ନତ ଯନ୍ତ୍ରପାତି ନାହିଁ କି ବିଶେଷ ରାସାୟନିକ ପଦାର୍ଥ ଆବଶ୍ୟକ ଅନୁଯାୟୀ ମିଳେନି ଓ ଗୋଟିଏ ବି ବୈଜ୍ଞାନିକ ଜର୍ଣ୍ଣାଲ ଆସେନି ଲାଇବ୍ରେରୀକୁ। ସେ ପରିବେଶରେ ଜଡ଼ା ତେଲ ଉପରେ ଗବେଷଣା କରି ମୋ କାମକୁ ଏଠାରେ ଉପସ୍ଥାପନ କରୁଛି। ତଥାପି ମନରେ ତିଳେମାତ୍ର ଡର ନଥାଏ। ନିର୍ଭୀକ ଭାବରେ ଉପସ୍ଥାପନ କଲି ମୋ ଗବେଷଣାର ଫଳାଫଳ। ତା'ପରେ ପ୍ରଶ୍ନ ପରେ ପ୍ରଶ୍ନ। ମନେ ଅଛି, ପେଣ୍ଡାଲ୍‌ରୁ ଆସି ମୋ ସିଟ୍‌ରେ ବସିଥାଏ। ଗୋଟିଏ ସାଇଡ୍‌ରେ ମୋ ପାଖରେ ତଳେ ବସିପଡ଼ି ପ୍ରଫେସର ଜେ.ଇ. ମାର୍କ ମୋତେ ଭୂୟସୀ ପ୍ରଂଶସା କଲେ। ମୋ କାମ ଉପରେ ବହୁତ ପଚରା ଉଚରା କଲେ। ମୁଁ ଖୁବ୍ ଉତ୍ସାହିତ ହୋଇଥିଲି ସେଦିନ। ମୋର ଉପସ୍ଥାପନାର ଢଙ୍ଗ ତାଙ୍କ ମନକୁ ଖୁବ୍ ପାଇଥିଲା ବୋଲି କହିଥିଲେ।

ଏତେ ବଡ଼ କନ୍‌ଫେରେନ୍ସରେ ସମସ୍ତଙ୍କଠାରୁ ପ୍ରଂଶସା ଶୁଣିଲି କେବଳ ଈଶ୍ୱରଙ୍କ ଆଶୀର୍ବାଦ ପାଇଁ। ତା'ପରଦିନ ଗୋଟିଏ ସେସନ୍‌ରେ ଚେୟାର ପର୍ସନ ହେବାର ସୁଯୋଗ ପାଇଲି। ଏ ଥିଲା ମୋ ପାଇଁ ପରମ ସୌଭାଗ୍ୟର କଥା। ତା'ପରଦିନ ଥାଏ ହଡ୍‌ସନ୍ ନଦୀରେ ନୌକାରେ ଭ୍ରମଣ ଏବଂ ରାତ୍ରିଭୋଜନ। ଡଃ ଗଙ୍ଗା ରାଧାକୃଷ୍ଣନ୍ ମୋର ପରିଚିତ। ତାଙ୍କ ସହିତ ନୌକା ଭ୍ରମଣ ଓ ରାତ୍ରିଭୋଜନ ଉପଭୋଗ କଲି।

ଥରେ ଯାଇଥିଲି କଲରାଡ଼ୋର ଡେନଭରକୁ। ମୋ ସହିତ ଏମ୍.ଏସ୍‌ସି. କ୍ଲାସରେ ପଢୁଥିବା ବନ୍ଧୁ ପ୍ରଫେସର ସୁରେନ୍ଦ୍ର ମହାପାତ୍ର ଓ ତା'ର ସ୍ତ୍ରୀ ସ୍ୱର୍ଣ୍ଣ ମୋତେ ଡେନ୍‌ଭର ଏୟାରପୋର୍ଟରୁ ପାଛୋଟି ନେଲେ ତାଙ୍କ ଘରକୁ। ସୁରେନ୍ଦ୍ର ଥାଏ ରିଜିସ୍ ୟୁନିଭରସିଟିରେ ପ୍ରଫେସର। ନିମନ୍ତ୍ରଣ କରିଥିଲା ସେମିନାର ଟକ୍ ଦେବା ପାଇଁ। ସେମିନାର ପରେ ୟୁନିଭରସିଟି ବୁଲାଇ ଦେଖାଇଲା। ମଧ୍ୟାହ୍ନ ଭୋଜନ ମଧ୍ୟ ଅନ୍ୟ ପ୍ରଫେସରମାନଙ୍କ ସହିତ କଲି। ଅନେକ ପ୍ରଶ୍ନ ଉତ୍ତର ଚାଲିଥିଲା ମାଧ୍ୟାହ୍ନ ଭୋଜନ ସମୟରେ।

ଦିନେ ଯାଇଥିଲି ମୃନ୍ମୟ ସାଥୀରେ Ohioର ପୃଥିବୀ ବିଖ୍ୟାତ ପଲିମର ଗବେଷଣା କେନ୍ଦ୍ର Acron ୟୁନିଭରସିଟିକୁ। ଆକ୍ରନ ୟୁନିଭରସିଟିରେ ପ୍ରତ୍ୟେକ ପ୍ରଫେସରଙ୍କ

ରୁମରେ ଅନୁମତି ନେଇ ପ୍ରବେଶ କଲି ଓ ତାଙ୍କ ସହିତ ଗବେଷଣା ବିଷୟରେ ଆଲୋଚନା କଲି। ନିଜେ ମୁଁ ଗର୍ବ ଅନୁଭବ କରୁଥାଏ ୧୯୪୪ ମସିହା ଜୁଲାଇ ୧୦ ତାରିଖରେ ଭଦ୍ରକ ଜିଲ୍ଲାର ଛୋଟିଆ ଗାଁ ଉରଣିଆର କେଉଁ ଏକ ଅନ୍ଧାରିଆ କୋଠରିରେ ଜନ୍ମ ହୋଇ ଯେଉଁ ଝିଅ କୁଆଁକୁଆଁ ଶବ୍ଦ କରି ସାରା ପରିବାରକୁ ଖୁସି ଦେଇଥିଲା ସେହି ଝିଅ ଆଜି ପୃଥିବୀର ଶ୍ରେଷ୍ଠ ପଲିମର ବିଜ୍ଞାନୀମାନେ କାମ କରୁଥିବା ଏକ ପ୍ରସିଦ୍ଧ ୟୁନିଭରସିଟିରେ ଏକାଏକା ବୁଲି ଗବେଷଣା ଉପରେ ଆଲୋଚନା କରି ପାରୁଛି। ଏହା କେବଳ ମୋ ପାଇଁ ଗର୍ବର ବିଷୟ ନୁହଁ, ମୋ ଇନ୍‌ଷ୍ଟିଚ୍ୟୁଟ୍, ମୋ ବଂଶ ପାଇଁ ଗର୍ବର ବିଷୟ।

ଆମେରିକା ଛାଡ଼ିବାକୁ ଅଳ୍ପଦିନ ଥାଏ। ମୃନ୍ମୟ କମ୍ପାନୀକୁ ଗଲି ତା' ସହିତ। ଗେଟ୍ ପାଖରେ ସିକ୍ୟୁରିଟି ଚେକ୍‌ଅପ୍ ପରେ ଭିତରକୁ ଯିବାବେଳେ ନିରାପଦ ଚଷମା ବ୍ୟବହାର କରିବାକୁ ପଡ଼ିଲା। ଗବେଷଣାଗାରରେ ରାସାୟନିକ ପଦାର୍ଥର କୁପ୍ରଭାବ ଆଖିରେ ପଡ଼ିପାରେ ସେଥିପାଇଁ ସେଠାରେ କଡ଼ା ନିୟମ ରକ୍ଷା କରାଯାଏ। ସେଠାରେ ବୈଜ୍ଞାନିକମାନଙ୍କ ସହିତ ଆଲୋଚନା କରି ଆମେ ଘରକୁ ଫେରିଥିଲୁ। ମୃନ୍ମୟ ସହ ମିଳିତ ଭାବରେ ଗବେଷଣା କରି ଗୋଟିଏ ପ୍ରବନ୍ଧ ଆନ୍ତର୍ଜାତିକ ଜର୍ଣ୍ଣାଲରେ ଛପାଇଥିଲି।

ଗୋଟିଏ ଦିନ ବୋଷ୍ଟନ ଯାଇଥିଲି Harvard University ଦେଖିବାକୁ। କେତେ ବଡ଼ ବଡ଼ ବୈଜ୍ଞାନିକ ସୃଷ୍ଟି କରିଛି ଏ ୟୁନିଭରସିଟି। ଓଡ଼ିଶାର ଅନେକ ପ୍ରଫେସରଙ୍କର ପାଦ ପଡ଼ିଛି ଏଠାରେ ଉଚ୍ଚମାନର ଗବେଷଣା ପାଇଁ। ନାଁ ଶୁଣିଥିଲି, ହେଲେ ଦେଖିବାର ସୌଭାଗ୍ୟ ମିଳିଲା। କେଡ଼େ ଭାଗ୍ୟବାନ ମୁଁ ବୋଲି ଭାବିଲି। ଏଠାରେ ବୈଜ୍ଞାନିକମାନଙ୍କ ସହ ଅନେକ ଆଲୋଚନା କରିଥିଲି। ତା'ପରେ Massachusetts Institute of Technology (MIT)କୁ ଗଲି। ବିଶିଷ୍ଟ ବୈଜ୍ଞାନିକ ଉଡ୍‌ୱାର୍ଡ଼ଙ୍କର ଗବେଷଣା ସ୍ଥଳୀ ଥିଲା ଏ ଇନ୍‌ଷ୍ଟିଚ୍ୟୁଟ୍, ଯେଉଁଠି ସେ କୋଲେଷ୍ଟିରଲ୍ ସିନ୍ଥେସିସ୍ କରିଥିଲେ ବୋଲି ଏମ୍.ଏସ୍‌ସି. କ୍ଲାସରେ ପଢ଼ିଥିଲି। ଏହି ଇନଷ୍ଟିଚ୍ୟୁଟରେ ଲାବୋରେଟୋରୀଗୁଡ଼ିକ ବୁଲି ଦେଖିଲି ଓ ବୈଜ୍ଞାନିକମାନଙ୍କ ସହିତ ଆଲୋଚନା କରିବା ସୁଯୋଗ ପାଇଲି।

ଆମେରିକାର ରହଣି ସମୟରେ ଅନେକ ଓଡ଼ିଆ ପରିବାରରେ ରହିବାର ସୁଯୋଗ ପାଇଲି। ସେମାନେ ପ୍ରାଚୁର୍ଯ୍ୟ ଭିତରେ ଥାଇ ମଧ୍ୟ ଯନ୍ତ୍ରଚାଳିତ ଜୀବନ ଯାପନ କରୁଥିବାରୁ ମାନସିକ ସ୍ତରରେ କିଛି ଅଭାବ ଅନୁଭବ କରୁଛନ୍ତି ବୋଲି ମୁଁ ଉପଲବ୍ଧି କଲି।

# ବିଭିନ୍ନ ସମ୍ମାନ ଏବଂ ପୁରସ୍କାର ପ୍ରାପ୍ତି

ଉନ୍ନତମାନର ଗବେଷଣା ପାଇଁ ଓଡ଼ିଶା ସରକାରଙ୍କଠାରୁ ୧୯୯୬ ମସିହାର ସମ୍ମାନଜନକ ''ସାମନ୍ତ ଚନ୍ଦ୍ରଶେଖର ଆୱାର୍ଡ଼'' ପାଇଥିଲି ୧୯୯୮ ମସିହାରେ। ବିଜ୍ଞାନ ଓ କାରିଗରି ବିଦ୍ୟା ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦାସ ଏହି ଆୱାର୍ଡ଼ ଭୁବନେଶ୍ୱରସ୍ଥ ସୂଚନା ଭବନରେ ପ୍ରଦାନ କରିଥିଲେ। ଏଥିପାଇଁ ରେଭେନ୍‌ସା କଲେଜର ରସାୟନ ବିଜ୍ଞାନ ବିଭାଗ, ମୋ ଗବେଷଣା ଗ୍ରୁପ୍‌ର ପିଲାମାନେ ଓ ରୋଟାରୀ କ୍ଲବ ଅଫ୍ କଟକ ମଧ୍ୟ ମୋତେ ସମ୍ବର୍ଦ୍ଧିତ କରିଥିଲେ। ରୋଟାରୀ ଗଭର୍ଣ୍ଣରଙ୍କ ମାସିକ ପତ୍ରିକା (GML)ରେ ମଧ୍ୟ ଏହା ପ୍ରକାଶିତ ହୋଇଥିଲା।

ଉଚ୍ଚମାନର ଗବେଷଣା ପାଇଁ ବିଜ୍ଞାନ ପ୍ରଚାର ସମିତି, କଟକ ତା'ର ବାର୍ଷିକୋତ୍ସବରେ ମୋତେ ''ମହାମାୟା ପଟ୍ଟନାୟକ ସ୍ମୃତି ପୁରସ୍କାର'' ଦେଇ ସମ୍ମାନିତ କରିଥିଲା।

ଓଡ଼ିଆ ବିଜ୍ଞାନ ସାହିତ୍ୟକୁ ସରସ, ସୁନ୍ଦର ଓ ଋଦ୍ଧିମନ୍ତ କରିବା ସଙ୍ଗେ ସଙ୍ଗେ ''ବିଜ୍ଞାନାଲୋକ'' ପତ୍ରିକା ମାଧ୍ୟମରେ ବିଜ୍ଞାନର ଜଟିଳ ବିଷୟକୁ ସରଳ ଓ ସାବଲୀଳ ଭାଷାରେ ବର୍ଣ୍ଣନା କରି ପ୍ରବନ୍ଧ ପ୍ରକାଶ କରିଥିବାରୁ ବିଜ୍ଞାନ ପ୍ରଚାର ସମିତି ''ବିଜ୍ଞାନାଲୋକର ରୌପ୍ୟଜୟନ୍ତୀ'' ସମାରୋହ ପାଳନ ଅବସରରେ ମୋତେ ସମ୍ବର୍ଦ୍ଧିତ କରିଥିଲା। ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଠାଣି ପଟ୍ଟନାୟକ।

ରୋଟାରୀ ସଂସ୍ଥାରେ ମୋର ସେବାମୂଳକ କାର୍ଯ୍ୟ ପାଇଁ ରୋଟାରୀ କ୍ଲବ୍ ଅଫ୍ କଟକ ୨୦୧୨ ମସିହାରେ ତା'ର ଭୋକେସନାଲ ଆୱାର୍ଡ଼ ନାଇଟ୍ ସମାରୋହରେ ମୋତେ ''ହୀରାଲଲ ଥାକର ଆୱାର୍ଡ଼'' ପ୍ରଦାନ କରିଥିଲେ।

American Biological Institute, USA ମୋତେ ୧୯୯୯ ମସିହା ପାଇଁ Research Board of advisors କୁ Honorary Appointment ଦେଇଥିବାରୁ ମୁଁ ନିଜକୁ ସୌଭାଗ୍ୟ ମନେ କରିଛି।

ନିଜ କ୍ଷେତ୍ରରେ ଆଞ୍ଚଳିକ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରଭାବ ବିସ୍ତାର କରିଥିବାରୁ International Biographical Centre, Cambridge, England (IBC) ୨୦୧୨ ମସିହା ପାଇଁ ମୋତେ "Leading Scientist of the World" ବୋଲି ଘୋଷଣା କରିଛି। ଏଥିପାଇଁ ମୁଁ ଗୌରବାନ୍ୱିତ ମନେ କରୁଛି।

ରୋଟାରୀ ଇଣ୍ଟରନ୍ୟାସନାଲ ଠାରୁ ଉଲ୍ଲେଖନୀୟ ରୋଟାରୀ ସେବାକାର୍ଯ୍ୟ ପାଇଁ ୨୦୦୬ ମସିହାରେ "Four Avenues of service Citation for Individual Rotarians" ଆୱାର୍ଡ଼, ୨୦୦୫ ମସିହାରେ "Paul Haris Fellow" ଏବଂ ୨୦୦୮ ମସିହାରେ "Multiple Paul Haris Fellow" ସମ୍ମାନ ପାଇଛି।

୨୦୦୦-୨୦୦୧ ମସିହାରେ ରୋଟାରୀ ଗଭର୍ଣ୍ଣରଙ୍କଠାରୁ Best Secretary award ପାଇଥିଲି। ମୁଁ ୨୦୦୪-୨୦୦୫ ମସିହାରେ ରୋଟାରୀ କ୍ଲବ୍ ଅଫ୍ କଟକର ଶତବାର୍ଷିକୀ ପ୍ରେସିଡ଼େଣ୍ଟ ଥିଲି। ରୋଟାରୀରେ ଅନେକ ସେବାମୂଳକ କାର୍ଯ୍ୟ କରି ଥିବାରୁ ରୋଟାରୀ ଇଣ୍ଟରନ୍ୟାସନାଲ (RI) ପ୍ରେସିଡ଼େଣ୍ଟଙ୍କଠାରୁ RI Citation ଏବଂ ରୋଟାରୀ ଜିଲ୍ଲାର ଗଭର୍ଣ୍ଣରଙ୍କଠାରୁ ଗଭର୍ଣ୍ଣର Citation ଓ ରୋଟାରୀ Best President award ପାଇଥିଲି। ୨୦୦୮-୨୦୦୯ ମସିହାରେ DRC କମିଟିର ଚେୟାରମ୍ୟାନ୍ ଭାବରେ ରୋଟାରୀ ଗଭର୍ଣ୍ଣରଙ୍କ ଶ୍ରୀ ଦିଲିପ କୁମାର ପଟ୍ଟନାୟକ "Gold Award" ଏବଂ ୨୦୦୧-୨୦୦୨ ମସିହାରେ Women Membership Development କମିଟିର ଚେୟାରମ୍ୟାନ ଭାବରେ ଗଭର୍ଣ୍ଣର ଶ୍ରୀ ଉମାକାନ୍ତ ଶର୍ମାଙ୍କ ଠାରୁ "Best Chairman award ପାଇଥିଲି।

## ସାହିତ୍ୟକୃତି

ଅବସର ନେବା ପରେ କିପରି ସମୟ କାଟିବି ଏ ବିଷୟରେ ଥରେ ବି ମୁଁ ଚିନ୍ତିତ ହୋଇନି। ଆଜିଯାଏ ମଧ୍ୟ ଭାବିନାହିଁ ମୁଁ ଚାକିରିରୁ ଅବସର ନେଇଛି ବୋଲି। ଦିନକ ୨୪ ଘଣ୍ଟା ନ ହୋଇ ୪୮ ଘଣ୍ଟା ହୋଇଯାଆନ୍ତା କି ବୋଲି ମୁଁ ଭାବେ। ଗବେଷଣା କାର୍ଯ୍ୟ କମେଇ ଦେଇଛି। ଶାରୀରିକ ଅସୁସ୍ଥତା ଯୋଗୁଁ ଡାକ୍ତରଙ୍କ ପରାମର୍ଶକ୍ରମେ ରାସାୟନିକ ପଦାର୍ଥଠାରୁ ଦୂରରେ ରହୁଛି। ୩୫ ନମ୍ବର ଛାତ୍ରୀ ପିଏଚ.ଡ଼ି. ଡିଗ୍ରୀ ପାଇଗଲା ପରେ ୩୬ ନମ୍ବର ଛାତ୍ରୀର ଥେସିସ୍ ଲେଖାଲେଖି ଉପରେ ଧ୍ୟାନ ଦେଇଛି। ଗବେଷଣାତ୍ମକ ଥେସିସ୍ ଲେଖାଲେଖିରୁ ପୁସ୍ତକ ରଚନା କରିବାର ନିଶା ମୋର ଜନ୍ମ ହୋଇଛି।

ବିଜ୍ଞାନର ଛାତ୍ରୀ ତଥା କର୍ମୀ ମୁଁ- କିନ୍ତୁ ପିଲାଦିନରୁ ସାହିତ୍ୟ ପ୍ରତି ଥିଲା ମୋର ଅନୁରାଗ। ଲୁଚିଲୁଚି ଉପନ୍ୟାସ ଓ ଡିଟେକ୍‌ଟିଭ୍ ବହି ପଢୁଥିଲି। ସ୍କୁଲ କଲେଜରେ ବାହାରୁଥିବା ପତ୍ରିକାରେ ମୋର ଛୋଟଛୋଟ ଲେଖା ସ୍ଥାନ ପାଉଥିଲା। ଡିବେଟ୍‌ରେ

ଭାଗ ନେଉଥିଲି ସ୍କୁଲରେ। ଦୁଇପଦ ଭଲକରି କହିବାର ଶୈଳୀ ଥିଲା ମୋର। ଅବସର ନେବା ପରେପରେ ସାହିତ୍ୟକୁ ବେଶୀ ଟିକିଏ ଭଲ ପାଇଲି। ଅନେକ ସ୍ଥାନ ଭ୍ରମଣ କଲା ପରେ ମନଟା ଟିକିଏ କଳା ଓ ପ୍ରକୃତି ଆଡ଼କୁ ଧାଇଁଲା। ବନ୍ଧୁ ଓ ସ୍ୱାମୀଙ୍କଠାରୁ ପାଇଲି ପ୍ରେରଣା। ଶିଥିଳ କଲମ ମୋର ଟିକିଏ ସାରସ୍ୱତ ଜଗତ ଆଡ଼କୁ ମୁହାଁଇଲା। ଚାକିରି କାଳ ଭିତରେ +୩ ଏବଂ ଏମ୍.ଏସ୍‌ସି. ଛାତ୍ରଛାତ୍ରୀଙ୍କ ପାଇଁ ଡକ୍ଟର ପଦ୍ମଲୋଚନ ନାୟକଙ୍କ ସହିତ ମିଳିତ ଭାବରେ Text Book of Polymer Science ପୁସ୍ତକ ରଚନା କରିଥିଲି। ଅବସର ନେଲାପରେ ୨୦୦୬ ମସିହାରେ ''ଖାଦ୍ୟ ଅପମିଶ୍ରଣ ନିବାରଣ'' ପୁସ୍ତକ ରଚନା କରିଥିଲି। ୨୦୦୯ ମସିହାରେ ମୋର ପ୍ରଥମ କବିତା ପୁସ୍ତକ ''ଝରାପତ୍ରର ଶିଳାଲିପି'' ପ୍ରକାଶିତ ହେଲା। ଏହି ପୁସ୍ତକ ପାଠକୀୟ ସ୍ୱୀକୃତି ଲାଭ କରିଥିଲା। ତା'ପରେ ପୁସ୍ତକ ''ମାଟିରୁ ଆକାଶ'' ୨୦୧୧ ମସିହାରେ ପ୍ରକାଶ କଲି। ଶହ ଶହ ଶୁଭେଚ୍ଛୁଙ୍କଠାରୁ ପ୍ରଂଶସା ପାଇ ଖୁବ୍ ଗର୍ବିତ ହେଲି। ଏଥିରେ ମୁଁ ଉଦ୍‌ବୁଦ୍ଧ ହେଲି। ୧୯୧୨ ମସିହାରେ ପ୍ରକାଶ କଲି ପୁସ୍ତକ, ''ବିଜ୍ଞାନ ଓ ବିଜ୍ଞାନୀ''। ଛାତ୍ର ଛାତ୍ରୀ ଏବଂ ସ୍କୁଲ ଓ କଲେଜର ଶିକ୍ଷକମାନେ ଏ ପୁସ୍ତକରୁ ଅନେକ ବିଷୟ ଅବଗତ ହେଲେ। ସରଳ ଓଡ଼ିଆଭାଷାରେ ମୋର ଏ ଲେଖା ବୋଧଗମ୍ୟ ଓ ଶିକ୍ଷୟଣୀୟ ହେଲା। ଏବେ ପ୍ରକାଶ କରିବାକୁ ଯାଉଛି ମୋ ଆତ୍ମଜୀବନୀ ''ପଥ ଅସରନ୍ତି''।

ଏହା ବ୍ୟତୀତ ବିଜ୍ଞାନ ଦିଗନ୍ତ ଓ ବିଜ୍ଞାନାଲୋକରେ ଅନେକ ବୈଜ୍ଞାନିକ ପ୍ରବନ୍ଧ, ବିଜ୍ଞାନପ୍ରଚାର ସମିତିଦ୍ୱାରା ପ୍ରକାଶିତ 'ଭାରତର ବିଶିଷ୍ଟ ବୈଜ୍ଞାନିକ' ପୁସ୍ତକର ୫ଟି ଭାଗରେ ୮ଜଣ ବୈଜ୍ଞାନିକଙ୍କର ଜୀବନୀ, ''ଦୈନନ୍ଦିନ ଜୀବନରେ ବ୍ୟବହାରିକ ପଲିମର'' ପୁସ୍ତକରେ ୭ଟି ପ୍ରବନ୍ଧ, ''ବିଜ୍ଞାନର ଅପବ୍ୟବହାର'' ପୁସ୍ତକରେ ଗୋଟିଏ ପ୍ରବନ୍ଧ, ''ଅମୃତମୟ ଜଗନ୍ନାଥ'' ଓ ''ଅନିର୍ବଚନୀୟ ଜଗନ୍ନାଥ'' ପୁସ୍ତକରେ ଜଗନ୍ନାଥଙ୍କ ଉପରେ ଲିଖିତ ମୋର ଅନୁଭୂତି, ବିଭିନ୍ନ ପତ୍ରପତ୍ରିକା ଯଥା ସୁଲଗ୍ନା, ଅନନ୍ତ ନିର୍ଝର, ସଂସାର, The Pillar, Cuttack City Engineers Club Souvenir, Rotary club of Cuttack installation Souvenirs ଓ କର୍କଟରୋଗର ପଟ୍ଟଚିତ୍ର ପତ୍ରିକା ଇତ୍ୟାଦିରେ ଅନେକ ଗଳ୍ପ, କବିତା ଓ ପ୍ରବନ୍ଧ ପ୍ରକାଶ ପାଇଛି।

ଆକାଶବାଣୀ କଟକରେ ମଧ୍ୟ ମୋର ବହୁସଂଖ୍ୟକ ବୈଜ୍ଞାନିକ ବିଷୟ ପ୍ରଚାରିତ ହୋଇଛି।

# ବିଭିନ୍ନ ଅନୁଷ୍ଠାନ ସହ ସମ୍ପୃକ୍ତି

## ଆନ୍ତର୍ଜାତିକ ରୋଟାରୀ ଅନୁଷ୍ଠାନ

ଜୀବନର ଅନେକ ଦିନ କଟେଇ ଦେଇଥିଲି ଘର ସଂସାର, ଚାକିରି ଓ ଗବେଷଣା ଭିତରେ। ସମାଜରେ କିଛି କରିବାକୁ ଅଛି ଏ ଭାବନା ନ ଥିଲା ମୋ ମାନସପଟରେ। ୧୯୮୯ରେ ମୋର ପ୍ରଥମ ଜାପାନ ରହଣି ସମୟରେ ବଙ୍ଗଳା ଦେଶର ଗୋଟିଏ ମୁସଲମାନ ପିଲା ସମ୍ପର୍କରେ ମୁଁ ଆସିଥିଲି। ନାଁ ତା'ର ଥିଲା ଆୟୁବ। ଆୟୁବ ସୁନ୍ଦର ଭାବରେ ବଙ୍ଗଳା କହୁଥିଲା। ଜାପାନର ଭାଷା ମୁଁ କିଛି ବୁଝିପାରୁ ନ ଥିଲି। ତାହାଛଡ଼ା ଜାପାନୀମାନେ ମଧ୍ୟ ସେତେବେଳେ ଇଂରାଜୀ ଭଲ ବୁଝି ପାରୁ ନ ଥିଲେ କି କହିପାରୁ ନ ଥିଲେ। ତେଣୁ କାହାରି ସହିତ କଥାବର୍ତ୍ତା କରିପାରୁ ନ ଥିବାରୁ ମୋତେ ଖୁବ୍ ଏକୁଟିଆ ଲାଗୁଥାଏ। ଆୟୁବ ସହିତ ମୋର ଦେଖା ହୋଇଥିଲା ୟୁନଭର୍ସିଟି ଗବେଷଣାଗାରରୁ ଲିଫ୍ଟରେ ତଳକୁ ଆସିଲାବେଳେ। ଇଷତ୍ ଶ୍ୟାମଳ ଓ ଭାରତୀୟ ଭଳି ଥିଲା ତା' ଚେହେରା। ଇଂରାଜୀରେ ପ୍ରଥମେ କଥାବର୍ତ୍ତା କରି ଜାଣିଲି ସେ ବଙ୍ଗଳାଦେଶର ପିଲା ଏବଂ ବଙ୍ଗଳା ଭଲ କହିପାରେ। ବଙ୍ଗଳା ଭାଷା ପ୍ରତି ଥାଏ ମୋର ଖୁବ୍ ଦୁର୍ବଳତା କାରଣ ଏହା ଶ୍ରୁତିମଧୁର। ତେଣୁ ତା' ସହିତ ବଙ୍ଗଳାରେ କଥାବର୍ତ୍ତା କଲି। ସନ୍ଧ୍ୟାବେଳେ ବେଳେବେଳେ ସେ ମୋ ରୁମ୍‌କୁ ଆସୁଥାଏ। କଥାବାର୍ତ୍ତା ସମୟରେ ଜାଣିଲି ଯେ ସେ ରୋଟାରୀ ପୃଷ୍ଠପୋଷକତାରେ ଜାପାନକୁ ପଢ଼ିବାକୁ ଆସିଛି। ମୋ ରହଣି ସମୟରେ ସେ ଗୋଟିଏ ରୋଟାରୀ କନ୍‌ଫେରେନ୍ସରେ ଯୋଗ ଦେବାକୁ ଯାଇଥିଲା। ସେଠାରୁ ଫେରି ମୋତେ ଗୋଟିଏ ଜାପାନୀ ବିଞ୍ଚଣା ଉପହାର ଦେଇଥିଲା ଓ ରୋଟାରୀ ବିଷୟରେ ଅନେକ କଥା ମୋତେ କହିଥିଲା। ରୋଟାରୀର ଆଭିମୁଖ୍ୟ ଜନସେବା ଜାଣିଲା ପରେ ରୋଟାରୀରେ ସଭ୍ୟ ହେବାକୁ ମୋର ଇଚ୍ଛା ହେଉଥିଲା। ସେଠାରେ ଥିବା ସମୟରେ ରୋଟାରୀ ବିଷୟରେ ପଢ଼ାପଢ଼ି କରି କିଛି କଥା ଜାଣିଲି।

ମୁଁ ୮ ମାସ ରହି ଜାପାନରୁ ଚାଲି ଆସିଲି ଓ ମୋ ଚାକିରି ତଥା ଗବେଷଣାରେ ପୂର୍ଣ୍ଣପ୍ରାଣରେ ଲାଗିପଡ଼ିଲି। ରୋଟାରୀ କଥା ଭୁଲିଗଲି। ୧୯୯୨ ମସିହାର କଥା। ମୋ ପଡ଼ୋଶୀ ଇଞ୍ଜିନିୟର ବଟକୃଷ୍ଣ ମହାନ୍ତିଙ୍କ କନ୍ୟା ଡାକ୍ତର ମଞ୍ଜୁବାଳା ମହାନ୍ତି ଦିନେ ରାତିରେ ଫୋନ୍ କଲା। ସେ ଥିଲା ରୋଟାରୀ କ୍ଲବ ଅଫ୍ କଟକର ପ୍ରଥମ ମହିଳା ସଭ୍ୟା। ସେ ଫୋନ୍‌ରେ ମୋତେ ମେମ୍ବର ହେବା ପାଇଁ ଅନୁରୋଧ କରିଥିଲା। ମୋ

ମନରେ ଥିବା ରୋଟାରୀ ନିଶା ଜାଗ୍ରତ ହେଲା। କେଉଁମାନେ ସଭ୍ୟ ଅଛନ୍ତି ବୋଲି ଥିଲା ମୋର ପ୍ରଥମ ପ୍ରଶ୍ନ। ଡକ୍ଟର ସଦାଶିବ ମିଶ୍ର, ଜଷ୍ଟିସ୍ ହରିହର ମହାପାତ୍ର, ଡାକ୍ତର ସୁକୁମାର ଦାସ, ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ସେନାପତି, ଶ୍ରୀଯୁକ୍ତ ଖଟାଉ ସୁନ୍ଦର ଦାସଙ୍କ ନାଁ ଶୁଣି ମୁଁ ମେମ୍ବର ହେବା ପାଇଁ ସମ୍ମତି ଜଣାଇଲି, କାରଣ ସମାଜରେ ଏଭଳି ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ନିକଟ ସମ୍ପର୍କରେ ଆସିବାର ମଉକା ମିଳିବ। ତା' ସହିତ ଯାଇ ଗୋଟିଏ ମିଟିଂରେ ଯୋଗ ଦେଲି। ମଞ୍ଜୁବାଳା କ୍ଲବ ଛାଡ଼ିଦେଲା। ମୁଁ କ୍ଲବରେ induct ହେଲି ୧୯୯୨ ମସିହା ଜୁନ୍ ୧୨ ତାରିଖ ଦିନ।

ରୋଟାରୀରେ ଯୋଗ ଦେବା ପରେ ମୁଁ ରୋଟାରୀ ବିଷୟରେ ଅନେକ ପଢ଼ାପଢ଼ି କଲି। ରୋଟାରୀ କେବେ ଓ କେମିତି ଆରମ୍ଭ ହେଲା, ପ୍ରଥମେ କାହିଁକି ମହିଳାମାନେ ମେମ୍ବର ହେଉ ନ ଥିଲେ, ସେମାନେ କିପରି ମେମ୍ବର ହେଲେ, ଭାରତରେ ତଥା ଓଡ଼ିଶାରେ କେବେ ରୋଟାରୀ କ୍ଲବ ଆରମ୍ଭ ହେଲା, ରୋଟାରୀର ଅଭିମୁଖ୍ୟ କ'ଣ ? ଇତ୍ୟାଦି ଜାଣିବା ପାଇଁ ମୋର ଆଗ୍ରହ ହୋଇଥିଲା। ପଢ଼ାପଢ଼ି କରି ଯାହା ରୋଟାରୀ ବିଷୟରେ ଜାଣିଲି ତା'ର ସମ୍ୟକ ସୂଚନା ଦେଉଛି।

୧୯୦୫ ମସିହା ଫେବୃଆରୀ ୨୩ ତାରିଖ ଦିନ ଆମେରିକାର ଚିକାଗୋ ସହରରେ ପଲ୍ ହାରିସ୍ ନାମକ ଜଣେ ଆଇନ୍‌ଜୀବୀ ୩ ଜଣ ବନ୍ଧୁଙ୍କ ସହ ମିଶି ରୋଟାରୀ କ୍ଲବର ଶୁଭାରମ୍ଭ କରିଥିଲେ। ସେମାନେ ରୋଟେସନ୍ କରି ସେମାନଙ୍କ ବାସଭବନରେ ଏହି ମିଟିଂ କରୁଥିବାରୁ ଏହାର ନାମ ରଖିଥିଲେ ''ରୋଟାରୀ''।

ପ୍ରଥମ ଅବସ୍ଥାରେ ନିସଙ୍ଗତା ଦୂରୀକରଣ ଓ ବନ୍ଧୁମିଳନ ଥିଲା ଏହାର ପ୍ରଧାନ ଉଦ୍ଦେଶ୍ୟ। ସମୟକ୍ରମେ ଏହି ୪ ଜଣିଆ ଅନୁଷ୍ଠାନ ପୃଥିବୀର ସର୍ବବୃହତ୍ତ ବେସରକାରୀ ସେବାମୂଳକ ସଂସ୍ଥାରେ ପରିଣତ ହେଲା। ଏହି ସଂସ୍ଥା ଜରିଆରେ ସମାଜରେ ନିଷ୍ପେଷିତ ଜନସାଧାରଣଙ୍କ ଉନ୍ନତି ସାଧନ କରାଗଲା ଏବଂ ପୃଥିବୀ ପୃଷ୍ଠରୁ ପୋଲିଓ ରୋଗ ଦୂରୀକରଣରେ ଏହା ସହାୟକ ହେଲା। ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସ୍ୱାର୍ଥବିହୀନ ସେବା (Service Aboveself)

୧୯୮୯ ମସିହା ପର୍ଯ୍ୟନ୍ତ ରୋଟାରୀରେ ମହିଳାମାନେ ସଭ୍ୟା ହେବା ନିଷିଦ୍ଧ ଥିଲା। ମହିଳାମାନଙ୍କୁ ସଭ୍ୟ କରିବା ପାଇଁ ତାହା ପୂର୍ବରୁ ଅନେକ ଦେଶ ରୋଟାରୀ କନ୍‌ଭେନ୍‌ସନ୍‌ବେଳେ ପ୍ରସ୍ତାବ ଦେଉଥିଲେ। ଭୋଟଦ୍ୱାରା ଏହି ପ୍ରସ୍ତାବ ନାକଚ ହୋଇ ଯାଉଥିଲା। କାରଣ ବିଭିନ୍ନ ବୃତ୍ତିରେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ରୋଟାରୀରେ ସଭ୍ୟ

କରାଯାଏ। ସେତେବେଳେ ମହିଳାମାନେ ବିଶେଷ ଭାବରେ ବୃତ୍ତିରେ ସଂପୃକ୍ତ ନ ଥିବାରୁ ସେମାନଙ୍କୁ ସଭ୍ୟ ଭାବରେ ଗ୍ରହଣ କରାଯାଉ ନ ଥିଲା। ତେଣୁ ପ୍ରସ୍ତାବଗୁଡ଼ିକ ନାକଚ ହୋଇ ଯାଉଥିଲା। ୧୯୭୨ ମସିହା ବେଳକୁ ଅନେକ ମହିଳା ଉଚ୍ଚ ପଦପଦବୀରେ ସ୍ଥାନ ପାଇ ସାରିଥିଲେ। ତେଣୁ ଅନେକ କ୍ଲବ ମହିଳା ମେମ୍ବରମାନଙ୍କ ସପକ୍ଷରେ ଲବି କରିବା ଆରମ୍ଭ କରି ଦେଇଥିଲେ। ୧୯୭୨ ମସିହା Council on legislation (COL) ମିଟିଂରେ ମହିଳାମାନଙ୍କୁ ସଭ୍ୟ କରିବା ପାଇଁ ପ୍ରସ୍ତାବ ଆସିଥିଲା। ୧୯୭୭ ମସିହାରେ ୩ଟି ଭିନ୍ନ ଭିନ୍ନ ପ୍ରସ୍ତାବ ଆସିଥିଲା ମହିଳାମାନଙ୍କୁ ସଭ୍ୟ କରିବା ପାଇଁ। ସେହି ବର୍ଷ ମହିଳାମାନଙ୍କୁ ଅନରାରି ମେମ୍ବର ଭାବରେ ନେବା ପାଇଁ Rotary International (RI) କନ୍‌ଭେନ୍‌ସନ୍‌ରେ ବ୍ରାଜିଲ୍ ପ୍ରସ୍ତାବ ଦେଇଥିଲା। ୧୯୭୮ ମସିହା ମାର୍ଚ୍ଚ ମାସରେ କାଲିଫର୍ଣ୍ଣିଆର Duarte ରୋଟାରୀ କ୍ଲବ ୩ଜଣ ମହିଳାଙ୍କୁ ସଭ୍ୟ କରିବା ପାଇଁ ପ୍ରପୋଜାଲ ଦେଇଥିଲା। ଏଥିପାଇଁ ୧୯୭୮ ମସିହା ମାର୍ଚ୍ଚ ମାସରେ RI ସେ କ୍ଲବର ମେମ୍ବରସିପ୍ ରଦ୍ଦ କରି ଦେଇଥିଲା ଏବଂ ପୁନର୍ବାର ଅନେକ ବାଦାନୁବାଦ ପରେ ୧୯୮୬ ମସିହା ସେପ୍ଟେମ୍ବର ମାସରେ ମେମ୍ବରସିପ୍‌କୁ ସ୍ୱୀକୃତି ପ୍ରଦାନ କରିଥିଲା।

୧୯୮୦ ମସିହାରେ RI ବୋର୍ଡ଼ ଅଫ୍ ଡାଇରେକ୍ଟରସ୍ ଏବଂ ଭାରତ, ସ୍ୱିଡ଼େନ୍, ସୁଇଜରଲାଣ୍ଡ, ଆମେରିକାର ରୋଟାରୀ କ୍ଲବ RI Constitution ଏବଂ Bylawରୁ "male" ଶବ୍ଦଟିକୁ ଉଠାଇ ଦେବାକୁ ପ୍ରସ୍ତାବ ଦେଇଥିଲେ। ଏହି ସମୟରେ Duarte ରୋଟାରୀ କ୍ଲବର ଚାର୍ଟର RI ଦ୍ୱାରା ପ୍ରତ୍ୟାହାର କରାଯାଇଥିବାରୁ ସେହି କ୍ଲବ RI ବିପକ୍ଷରେ କାଲିଫର୍ଣ୍ଣିଆ କୋର୍ଟରେ କେଶ୍ କରିଥିଲା। ଆମରିକା ସୁପ୍ରିମ୍‌କୋର୍ଟ ମଧ୍ୟ ସେ ସମୟରେ ରାୟ ଦେଇଥିଲା ଯେ ରୋଟାରୀ ହେଉଛି ଏକ ପବ୍ଲିକ୍ ସଂସ୍ଥା ଭଳି। ତେଣୁ ମହିଳାମାନେ ସଭ୍ୟା ହେବା ବିଧେୟ। ତେଣୁ ଏହିସବୁ ବାଦାନୁବାଦ ପରେ RI Constitutionରୁ 1989 COL ରେ ଭୋଟଦ୍ୱାରା ''Male only'' ଶବ୍ଦକୁ ଉଠାଇ ଦିଆଯାଇ ମହିଳାମାନଙ୍କୁ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ତା'ପରଠାରୁ ପୃଥିବୀ ସାରା ମହିଳାମାନେ ସଭ୍ୟ ହେବାର ସୁଯୋଗ ପାଇଲେ।

ରୋଟାରୀ କ୍ଲବ ଅଫ୍ କଟକ ବର୍ତ୍ତମାନର ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୦ର ଦ୍ୱିତୀୟ ପୁରାତନ ଓ ଓଡ଼ିଶାର ପ୍ରଥମ ଏବଂ ବୃହତ୍ତମ କ୍ଲବ୍। ଜବଲପୁର କ୍ଲବ ହେଉଛି ରୋଟାରୀ ଜିଲ୍ଲା ୩୨୬୦ର ପ୍ରଥମ କ୍ଲବ୍। ପ୍ରଥମ ମହାସମର ପର୍ଯ୍ୟନ୍ତ ଭାରତରେ ରୋଟାରୀର ନାଁ ଗନ୍ଧ ନ ଥିଲା। ଏହି ସମର ପରେ ରୋଟାରୀ କ୍ଲବର ଧାରଣା ଭାରତରେ ଜନ୍ମ ନେଲା।

ସେତେବେଳେ କଲିକତାରେ ୟୁରୋପିଆନମାନେ ବସବାସ କରୁଥିଲେ। ସେମାନେ କଲିକତାରେ ପ୍ରଥମେ ରୋଟାରୀ କ୍ଲବ ଆରମ୍ଭ କରିଥିଲେ। ୧୯୪୫ ମସିହାରେ ଦ୍ୱିତୀୟ ମହାସମର ପରେ Indian Civil Service ର Senior ମେମ୍ବର ବି.କେ. ଗୋଖଲେ ଗଭର୍ଣ୍ଣଙ୍କର ଉପଦେଷ୍ଟା ଭାବେ ପାଟଣାରୁ କଟକକୁ ବଦଳି ହୋଇ ଆସିଲେ। ସେତେବେଳେ ମନ୍ତ୍ରୀମଣ୍ଡଳ ନ ଥିଲା। ଗଭର୍ଣ୍ଣର ରାଜ୍ୟ ଚଳାଉଥିଲେ। ପାଟଣାରେ ୧୯୪୩ ମସିହାରେ ପ୍ରତିଷ୍ଠିତ ରୋଟାରୀ କ୍ଲବର ସେ ଥିଲେ ଉପସଭାପତି। ତାଙ୍କ ରୋଟାରୀ ଅଭିଜ୍ଞତାରୁ ସେ କଟକରେ ରୋଟାରୀ କ୍ଲବ ଆରମ୍ଭ କରିଥିଲେ। ୧୯୪୫ ମସିହା ସେପ୍ଟେମ୍ବର ୪ ତାରିଖରେ ରୋଟାରୀ କ୍ଲବ ଅଫ୍ କଟକ ପ୍ରଥମେ ଆରମ୍ଭ ହୋଇଥିଲା। କିନ୍ତୁ Rotary International ସେହି ବର୍ଷ ଡିସେମ୍ବର ୪ ତାରିଖରେ ସ୍ୱୀକୃତି ସ୍ୱରୂପ ଚାର୍ଟର ଦେଇଥିଲେ। ସେତେବେଳେ ଡିଷ୍ଟ୍ରିକ୍ଟ ନମ୍ବର ଥିଲା ୯୦। ଏହି ଡିଷ୍ଟ୍ରିକ୍ଟ ନମ୍ବର ୯୦ରେ ଓଡ଼ିଶା ଅନ୍ତର୍ଭୁକ୍ତ ହୋଇଥିଲା। ଏହି ଡିଷ୍ଟ୍ରିକ୍ଟରେ ଗଭର୍ଣ୍ଣର ଥିଲେ ନିତିଶ୍ ସି. ଲାହିର୍। ସେ ପରବର୍ତ୍ତୀ ସମୟରେ RI ପ୍ରେସିଡ଼େଣ୍ଟ ହେଲେ। ନିତିଶ୍ ସି. ଲାହିର୍ ଆମକୁ ଚାର୍ଟର ପ୍ରଦାନ କରିଥିଲେ।

ବି.କେ. ଗୋଖଲେ ଥିଲେ ଆମ କ୍ଲବର ଚାର୍ଟର ପ୍ରସିଡ଼େଣ୍ଟ। ସେତେବେଳେ ଆମ କ୍ଲବରେ୨୮ ଜଣ ମେମ୍ବର ଥିଲେ। ଅନେକ ଉଚ୍ଚପଦସ୍ଥ ସମ୍ମାନନୀୟ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କଂଗ୍ରେସ ଲିଡ଼ର, ଶିକ୍ଷାବିତ୍, ଆଇନ୍‌ଜୀବୀ ଯଥା ଲିଙ୍ଗରାଜ ପାଣିଗ୍ରାହୀ, ଜଷ୍ଟିସ୍ ହରିହର ମହାପାତ୍ର, ରାୟ ବାହାଦୁର ସାମୁଏଲ୍ ଦାସ, ଡକ୍ଟର ପ୍ରାଣକୃଷ୍ଣ ପରିଜା, ଡକ୍ଟର ଜର୍ଜ ପଟ୍ଟନାୟକ, ହରେକୃଷ୍ଣ ମହତାବ, ମୋତିଲାଲ ପଣ୍ଡିତ, କୋଭରଜି କେ. ରାଥୋର, ନିତ୍ୟାନନ୍ଦ କାନୁନ୍‌ଗୋ, ପଣ୍ଡିତ ଗୋଦାବରୀଶ ମିଶ୍ର ଇତ୍ୟାଦି ସଭ୍ୟ ଥିଲେ। ସେମାନଙ୍କ ନାଁ ଥିବା ଲିଷ୍ଟ ଦେଖି Rotary International ଗୋଟିଏ Comment ଦେଇ ଲେଖିଥିଲା ଯେ ''The Cuttack club's charter members were a most decorated group.''। ଏହା ଆମ କ୍ଲବ୍ ପାଇଁ ଗର୍ବ ଓ ଗୌରବର ବିଷୟ। ପ୍ରଥମେ ସାପ୍ତାହିକ ମିଟିଂ ହେଉଥିଲା ରେଭେନ୍ସା କଲେଜ ୱେଷ୍ଟ ହଷ୍ଟେଲର ୱାର୍ଡ଼େନ୍ କ୍ୱାଟରରେ। ଏବେ କଟକ କ୍ଲବ ଆନେକ୍ସି-୧ରେ ଏହି ମିଟିଂ ହେଉଛି।

ମୁଁ Induct ହେବାପରେ ଶିକ୍ଷା ବିଭାଗରୁ ତଥା ରେଭେନ୍ସା କଲେଜରୁ ଯାଇଥିବାରୁ କ୍ଲବରେ ମୋତେ ବହୁତ ସମ୍ମାନ ମିଳିଲା। ଜୁଲାଇ ମାସରୁ ରୋଟାରୀ ବର୍ଷ ଆରମ୍ଭ ହୁଏ।

ମୋତେ ଜୁଲାଇ ମାସରୁ କରି ଦିଆଗଲା ବୋର୍ଡ଼ ମେମ୍ବର । ମୁଁ ପ୍ରଥମେ ଆରମ୍ଭ କଲି ମୋ ରୋଟାରୀ କ୍ୟାରିୟର Sergent-at-arm ପଦବୀରେ । ମୋର କାର୍ଯ୍ୟ ଥିଲା ବକ୍ତାମାନଙ୍କୁ ମଞ୍ଚ ଉପରକୁ ପାଛୋଟି ନେବା ଓ ମିଟିଂ ପରେ କେତେଜଣ ସଭ୍ୟ ଉପସ୍ଥିତ ଥାଆନ୍ତି ତାହାର ଷ୍ଟାଟିଷ୍ଟିକ୍ ଘୋଷଣା କରିବା । ଜଣେ ଶୁଭେଚ୍ଛୁ ରୋଟାରୀଆନ ବନ୍ଧୁ କହିଥିଲେ, ''ଏହି ପୋଷ୍ଟଟି ମୋ ପାଇଁ ସମୀଚୀନ ନୁହଁ ।'' କାରଣ ମୁଁ ଜଣେ ସିନିୟର ଲୋକ ଏବଂ ଉଚ୍ଚମାନର ଶିକ୍ଷାବିତ୍ ଥିଲି । ମୁଁ ଏ ସବୁକୁ କର୍ଣ୍ଣପାତ କରି ନ ଥିଲି । କାରଣ କିଛି ସେବାମୂଳକ କାର୍ଯ୍ୟ କରିବା ମୋର ଲକ୍ଷ୍ୟ ଥିଲା । ତା'ଛଡ଼ା grass root ରୁ ସବୁକାମ ଆରମ୍ଭ କଲେ ସବୁ ଶିଖିହୁଏ ଏହା ଥିଲା ମୋର ଗବେଷଣା ଜୀବନର ଅଭିଜ୍ଞତା । ମୋତେ ରୋଟାରୀ କ୍ଲବ ଖୁବ୍ ଭଲ ଲାଗିଲା । ସମସ୍ତଙ୍କଠାରୁ ବେଶ୍ ଶ୍ରଦ୍ଧା ଓ ସମ୍ମାନ ମିଳୁଥାଏ । ଖଟାଉ ସୁନ୍ଦର ଦାସ (ଖଟୁ ଭାଇ) ରହୁଥିଲେ ମୋ ଘର ପାଖାପାଖି । ସେ ମୋତେ ଓ ଡକ୍ଟର ସଦାଶିବ ମିଶ୍ରଙ୍କୁ ତାଙ୍କ ଗାଡ଼ିରେ ନବା ଆଣିବା କଲେ । ମୋର ଯିବା ଆସିବାରେ ଅସୁବିଧା ହେଲା ନାହିଁ । କିଛି ଦିନ ଭିତରେ ଖଟୁଭାଇଙ୍କର ପରିବାର ବର୍ଗ ହୋଇଗଲେ ମୋର ନିଜର । ପୁନେଇ ପର୍ବରେ ଦିଆନିଆ ଚାଲିଲା । ତାଙ୍କ ସାନଭାଇ ହରିଭାଇ ଓ ଖଟୁଭାଇଙ୍କୁ ରାଖୀ ପିନ୍ଧାଇବାର ସୌଭାଗ୍ୟ ମୋତେ ମିଳିଲା । ଦୁଇ ଭାବୀ, ପୁତୁରା ସନ୍ଦିପ୍ ଓ ବୋହୂ ଶ୍ୱେତାଙ୍କ ମମତା ଡୋରିରେ ମୁଁ ବାନ୍ଧି ହୋଇଗଲି । ସେମାନେ ଜଗନ୍ନାଥ ପ୍ରେମୀ । ଅନେକଥର ପ୍ରଭୁଙ୍କର ଅବଡ଼ା ଓ ଶୁଖିଲାଭୋଗ ଖଟୁଭାଇ ପଠାନ୍ତି ମୋ ଘରକୁ । ଖଟୁଭାଇ ଆଜି ନାହାନ୍ତି, କିନ୍ତୁ ତାଙ୍କର ଆଶୀର୍ବାଦ ମୁଁ ସବୁବେଳେ ପାଉଛି । ରୋଟାରୀର ଭୀଷ୍ମ ପିତାମହ ସେ ଥିଲେ । ଅନେକ ରୋଟାରୀ କ୍ଲବ ସେ ଗଢ଼ିଛନ୍ତି । ଜେ.ପି.ଏମ୍ ଚକ୍ଷୁ ଚିକିତ୍ସାଳୟ ପାଇଁ ତାଙ୍କ ଅବଦାନ ଚିର ସ୍ମରଣୀୟ । ସେ ଥିଲେ ଏହି ଅନୁଷ୍ଠାନର ଆଜୀବନ ଟ୍ରଷ୍ଟି ।

ପ୍ରଥମ ବର୍ଷ ମୁଁ ରୋଟାରିଆନ୍ ରାଧିକାନନ୍ଦ ଓ ଖଟୁଭାଇଙ୍କ ସହିତ ଅଗଷ୍ଟ ପନ୍ଦର ତାରିଖ ଦିନ ଆମ କ୍ଲବ ଆଡ଼ପ୍ଟ କରିଥିବା କଟକ ନିକଟସ୍ଥ ନିମପୁର ଗ୍ରାମରେ ପତାକା ଉତ୍ତୋଳନ କରିବାକୁ ଯାଇଥିଲି । ମୋତେ ସେ ଉତ୍ସବରେ ମୁଖ୍ୟ ଅତିଥି କରାଯାଇଥିଲା । ଏଥିରେ ମୁଁ ବେଶ୍ ଗୌରବାନ୍ୱିତ ମନେ କରିଥିଲି । ମୋର ସେବା ମନୋବୃତ୍ତି ଦେଖି ଓ କାର୍ଯ୍ୟନିଷ୍ଠା ଦେଖି ସେ ବର୍ଷର ଗଭର୍ଣ୍ଣର ଆମ କ୍ଲବର ସଭ୍ୟ ଶ୍ରୀଯୁକ୍ତ ବାଦଲ ସେନ ମୋତେ ଡିଷ୍ଟ୍ରିକ୍ଟ ସ୍ତରରେ ଗୋଟିଏ ଏସାଇନ୍‌ମେଣ୍ଟ ଦେବାକୁ ଚାହିଁଥିଲେ । ସବୁ କଥା ଓ ସବୁ କାର୍ଯ୍ୟ ନ ବୁଝି ବଡ଼ ପୋଷ୍ଟରେ ରହିବାର ନିଶା ମୋର ନ ଥିଲା । ତେଣୁ ମୁଁ ତାଙ୍କୁ

ମନା କରି ଦେଇଥିଲି। ୧୯୯୫ ମସିହାରେ ମୋ ଆମେରିକା ଗସ୍ତ ସମୟରେ ସେ ଅନେକ ସୁବିଧା ମୋର କରି ଦେଇଥିଲେ ଏବଂ ଆମେରିକାର ଜନୈକ ଗଭର୍ଣ୍ଣରଙ୍କୁ ଚିଠି ଲେଖି ସେଠାରେ ରୋଟାରୀ କ୍ଲବରେ ଯୋଗ ଦେବାର ବ୍ୟବସ୍ଥା କରି ଦେଇଥିଲେ। ସେ ଆଜି ଆମ ଗହଣରେ ନାହାନ୍ତି। କିନ୍ତୁ ସେ ମୋର ଚିର ସ୍ମରଣୀୟ।

Sergent-at-arm- ହେବା ପରେପରେ ମୋତେ ଡିବେଟ୍ ଓ ଅନ୍ୟାନ୍ୟ ପ୍ରତିଯୋଗିତା କମିଟିରେ ଚେୟାରମ୍ୟାନ ରଖାଗଲା। ମୁଁ ଡକ୍ଟର ସଦାଶିବ ମିଶ୍ରଙ୍କଠାରୁ ପରାମର୍ଶ ନେଇ ଏ ସବୁ କାମ ସୁଚାରୁ ରୂପେ କରି ପାରିଥିଲି। ଏହା ପରେପରେ ମୋତେ ଅନେକଥର Director କରାଗଲା। ପ୍ରତ୍ୟେକ କାମକୁ ଖାମ୍‌ଖିଆଲ ଭାବରେ ନ ନେଇ ମନ ଦେଇ କରିବା ହେଉଛି ମୋ ପ୍ରକୃତି। କୌଣସି ଗୋଟିଏ ମିଟିଂ ମୁଁ ମିସ୍ କରେନି। ମୋ ଶାରୀରିକ ଅସୁସ୍ଥତା ଓ କଟକରେ ଅନୁପସ୍ଥିତି ଯୋଗୁଁ କେବେ କେମିତି ମିଟିଂ ମୁଁ ମିସ୍ କଲେ ଅନ୍ୟ କ୍ଲବରେ ଯୋଗ ଦେଇ ସେହି ଅନୁପସ୍ଥିତିକୁ ଭରଣା କରେ। ଅନ୍ୟ କ୍ଲବରେ ହେଉଥିବା Club Assembly, Seminar ଓ ବଡ଼ ବଡ଼ function ରେ ଯୋଗ ଦେବାରେ ଥାଏ ମୋର ଆଗ୍ରହ। ଆସ୍ତେ ଆସ୍ତେ ରୋଟାରୀ ପରିବାରରେ ମୁଁ ବେଶ୍ ଜଣାଶୁଣା ହୋଇଗଲି। ମୋ ଚାକିରି ଓ ଗବେଷଣା ସମୟରେ ମଧ୍ୟ ସମୟକୁ adjust କରି ମୁଁ ରୋଟାରୀ କାମ କରି ପାରୁଥିଲି। ୨୦୦୩ ମସିହାରେ ଚାକିରିରୁ ଅବସର ନେଲି। ଯଥେଷ୍ଟ ସମୟ ମୋତେ ମିଳିଲା ରୋଟାରୀରେ କାମ କରିବା ପାଇଁ।

ମୋ ସ୍ୱାମୀ ଇଞ୍ଜିନିୟର ଧୀରେନ୍ଦ୍ର କୁମାର ବିଶ୍ୱାଳ ଓଡ଼ିଶା ସରକାରଙ୍କର ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟରେ ଚାକିରି କରୁଥିଲେ। ମୋଠାରୁ ତାଙ୍କର ସେବା ମନୋବୃତ୍ତି ଥିଲା ଅଧିକ। ସେ ରୋଟାରୀ ମେମ୍ବର ନ ଥିବା ସମୟରେ ମଧ୍ୟ ଆମ କ୍ଲବ ତରଫରୁ ଅନେକ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର କରୁଥିଲେ। କେହି କେହି ତାଙ୍କୁ ''True Rotarian'' ବୋଲି କହି ଭୂୟସୀ ପ୍ରଶଂସା କରୁଥିଲେ। ପରବର୍ତ୍ତୀ ସମୟରେ ସେ ମଧ୍ୟ ରୋଟାରିଆନ୍ ହୋଇଥିଲେ।

୨୦୦୦-୨୦୦୧ ମସିହାରେ ମୋ ଶିକ୍ଷକ ରୋଟାରୀଆନ୍ ଡକ୍ଟର ପ୍ରଭାତ କୁମାର ମିଶ୍ର ହେଲେ ରୋଟାରୀ ପ୍ରେସିଡ଼େଣ୍ଟ। ସେହି ବର୍ଷ ମୁଁ ଥିଲି ରୋଟାରୀ ସେକ୍ରେଟାରୀ। ରୋଟାରୀରେ ଯୋଗ ଦେବା ଦିନଠାରୁ ମୁଁ ଅନେକ କଥା ଶିଖିଥିବାରୁ ସେକ୍ରେଟାରୀ ହେବାରେ ମୋ କିଛି ଅସୁବିଧା ହେଲା ନାହିଁ। ତା' ପୂର୍ବରୁ Asst. Secretary ହୋଇ ସାରିଥିଲି। ପାହାଚ ପାହାଚ ଦେଇ ମୁଁ ରୋଟାରୀ ଶିଡ଼ିରେ ଚଢ଼ିଥିଲି। ଯାହା ମିଳିବା

କଥା ତାହା ଆପେ ଆପେ ମିଳିଯାଉଥିଲା । ତାଙ୍କ ସହିତ ମିଳିମିଶି କାର୍ଯ୍ୟ କରୁଥିଲେ ମଧ୍ୟ ସେକ୍ରେଟାରୀ ହେବା କଥା ମୁଁ ଦିନେ ମଧ୍ୟ ଡକ୍ଟର ମିଶ୍ରଙ୍କୁ କହି ନ ଥିଲି । ହଠାତ୍ ମୋତେ ପୋଷ୍ଟଟି ମିଳିଗଲା । ଘରେ ବସି ଟାଇପ୍ ରାଇଟର୍‌ରେ ଚିଠି ଟାଇପ୍ କରି ପଠାଇବାଠାରୁ ଆରମ୍ଭ କରି ସବୁ ଅଫିସ୍ କାମ କରିବାକୁ ସକ୍ଷମ ହେଉଥିଲି । ଦରକାର ପଡ଼ିଲେ ଡକ୍ଟର ମିଶ୍ରଙ୍କଠାରୁ ସାହାଯ୍ୟ ମଧ୍ୟ ନେଉଥିଲି । ଅନ୍ୟମାନଙ୍କଠାରୁ ନିଜ କାମ ଉଠେଇବା ସପକ୍ଷରେ ମୁଁ ନୁହେଁ ।

ଡକ୍ଟର ମିଶ୍ରଙ୍କ ପରାମର୍ଶ ନେଇ ନିଜେ ଡି.ଟି.ପି. କରାଇ ଓ ପ୍ରେସରେ ବସି ସୁନ୍ଦର ସୋଭେନିର୍‌ଟିଏ ସେ ବର୍ଷ ବାହାର କରିଥିଲି । ଶତାଧିକ ସଭ୍ୟ ଥିବା ପୁରୁଣା କ୍ଲବର ମୁଁ ଥିଲି ପ୍ରଥମ ମହିଳା ସେକ୍ରେଟାରୀ । ତେଣୁ ମୋ ପଦର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ପାଇଁ ମୋର ଥାଏ ପ୍ରଗାଢ଼ ପ୍ରଚେଷ୍ଟା । ଇନ୍‌ଷ୍ଟଲେସନ୍ ଫଙ୍କ୍‌ସନ୍‌ଟି ଖୁବ୍ ସୁନ୍ଦର ଭାବରେ ଆୟୋଜନ କରିଥିଲୁ । ପ୍ରଥମ ସାପ୍ତାହିକ ମିଟିଂ ପଡ଼ିଥିଲା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବାହୁଡ଼ା ଉତ୍ସବ ଦିନ । ରୋଟାରିଆନ୍ ବନ୍ଧୁମାନଙ୍କ ପାଖରେ ଖଣ୍ଡିଏ ଖଣ୍ଡିଏ ସୋଭେନିର୍ ପହଞ୍ଚାଇବା ପାଇଁ ମୋର ଥାଏ ପ୍ରବଳ ଆଗ୍ରହ । ସେଦିନ ସନ୍ଧ୍ୟାରେ ଢୋ ଢୋ ବର୍ଷା ସାଙ୍ଗକୁ ପ୍ରଚଣ୍ଡ ଘଡ଼ଘଡ଼ି ମାରୁଥାଏ । ମୋ ସ୍ୱାମୀ ଓ ମୁଁ ବାହାରିଲୁ ମୋର ନୂଆ ମାରୁତି କାର୍‌ରେ । ସେ ସନ୍ଧ୍ୟାରେ ବକ୍ତା ଥାଆନ୍ତି ରେଭେନ୍‌ସା କଲେଜର ଅଧ୍ୟକ୍ଷ ପ୍ରଫେସର ରାମକୃଷ୍ଣ କର । ବର୍ଷାରେ ଛତା ଘୋଡ଼ି କଲେଜ ଛକସ୍ଥ ସି.ଡ଼ି.ଏ. ମାର୍କେଟ୍ କମ୍ପ୍ଲେକ୍ସ୍‌ରୁ ବକ୍ତାଙ୍କ ପାଇଁ କିଣିଲି ଉପହାରଟିଏ । ତା'ପରେ ପହଞ୍ଚିଲି ପ୍ରଫେସର ପଡ଼ାସ୍ଥ ଡକ୍ଟର ମିଶ୍ରଙ୍କ ବାସଭବନ ଗେଟ୍ ପାଖରେ । ଡକ୍ଟର ମିଶ୍ର ଓ ତାଙ୍କ ସ୍ତ୍ରୀ ବସିଲେ ଆମ ଗାଡ଼ିରେ । ମୋ ପାଖରେ ରଖିଥାଏ ପ୍ରାୟ ୧୦୦ ସୋଭେନିର୍ ।

ମୋ ସ୍ୱାମୀ ଗାଡ଼ି ଚଳାଇବାରେ ନିପୁଣ ନ ଥିଲେ । ପୁଣି ଢୋ ଢୋ ବର୍ଷା, ରାସ୍ତା ଦିଶୁ ନ ଥାଏ ବର୍ଷାରେ । ଡକ୍ଟର ମିଶ୍ରଙ୍କୁ ଷ୍ଟିଅରିଂ ଧରାଇ ଦେଇ ସେ ଟିକିଏ ନିଶ୍ଚିତ ହେଲେ । ତାଙ୍କ ଗେଟ୍ ପାଖରୁ ଗାଡ଼ି ଚାଲିଲା ରାସ୍ତା ଉପରକୁ ବ୍ୟାକ୍ ଗିଅରରେ । ମାତ୍ର ୧୦-୧୫ ଫୁଟ ଚଉଡ଼ାର ରାସ୍ତା । ରାସ୍ତାକୁ ଲାଗି ତାଳଦଣ୍ଡା କେନାଲ । ଖରାରେ ଶୁଖିଥିବା ତାଳଦଣ୍ଡା କେନାଲ ମହାନଦୀରୁ ଛଡ଼ା ଯାଇଥିବା ଜଳରେ ହୋଇଥାଏ ଭରପୂର । ସେଦିନ ପାଣିର ସ୍ରୋତଥାଏ ପ୍ରଖର । ବ୍ୟାକ୍ କରିବା ଭିତରେ ଡକ୍ଟର ମିଶ୍ର ଜାଣିପାରି ନ ଥିଲେ ଯେ ସେ ରାସ୍ତା ଛାଡ଼ି କେନାଲ ଭିତରକୁ ପ୍ରବେଶ କରୁଛନ୍ତି ବୋଲି । ଆମେ ସମସ୍ତେ ଥାଉ ନିରବ । ଗାଡ଼ି ପଛେଇ ଚାଲିଲା କେନାଲ ଭିତରକୁ । ଗାଡ଼ି ଭିତରେ ଥାଏ

ସୋଭେନିର୍, ଆମ ଭ୍ୟାନିଟ୍ ବ୍ୟାଗ୍, ଛତା ଇତ୍ୟାଦି। ପାଣି ଭିତରେ ଗାଡ଼ି କ୍ରମଶଃ ବୁଡ଼ିବାକୁ ଆରମ୍ଭ କଲା। ଜଗତ୍ ଜନନୀ ମା ଓ ପ୍ରଭୁ ଜଗନ୍ନାଥଙ୍କୁ ଡାକିବା ଛଡ଼ା ଆମର ନ ଥିଲା କିଛି ଉପାୟ।

ବେଳେବେଳେ ବିପଦ ଅଚାନକ ମାଡ଼ି ଆସେ ମଣିଷ ଜୀବନରେ। ଏତେ ବଡ଼ ବିପଦରୁ ସେଦିନ ରକ୍ଷା ପାଇବୁ ବୋଲି ଭରସା ନ ଥାଏ। ଗାଡ଼ି ସମ୍ପୂର୍ଣ୍ଣ ବୁଡ଼ିବା ପୂର୍ବରୁ ମୋ ସ୍ୱାମୀ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଗାଡ଼ିର ପଛ ଓ ତାଙ୍କ ପାଖ ଦୁଆର ଖୋଲିଦେଲେ। ଆମେ କେମିତି ଗାଡ଼ିରୁ ବାହାରି ଆସିଲୁ ତାହା ଥିଲା ସେହି ତ୍ରାଣକର୍ତ୍ତାଙ୍କୁ ଜଣା। ଡକ୍ଟର ମିଶ୍ର କହନ୍ତି ସେ ଗାଡ଼ିର ସାମନା ଦୁଆର ପଟୁ ବାହାରି ଅଥଳ ପାଣିରେ କେମିତି ଚାଲିଆସିଲେ ଆମ ପାଖକୁ ତାଙ୍କୁ ଜଣା ନାହିଁ। ଗାଡ଼ିରୁ ବାହାରିଲା ପରେ ପାଣି ଭିତରେ ମୋ ଗୋଡ଼ ମାଟିରେ ଲାଗୁ ନ ଥାଏ। ପହଁରିବା ମୁଁ ଶିଖି ନ ଥାଏ। ହାତ ଧରା ଧରି ହୋଇ କେନାଲ ପାର୍ଶ୍ୱରେ ଥିବା ଦଳଜାତୀୟ ଲଟାକୁ ଧରି ଆମେ ଚାଲିଆସିଲୁ କୂଳସ୍ଥ ରାସ୍ତା ଉପରକୁ। ଚାରି ଜଣ ସମ୍ପୂର୍ଣ୍ଣ ଓଦା ହୋଇଥାଉ। ମୋ ପରିଶ୍ରମର ସନ୍ତକ ସୋଭେନିର୍ ରହିଗଲା ଅଥଳ ପାଣି ଭିତରେ ଥିବା ଗାଡ଼ିରେ।

ଲୋକମାନେ ଗଦା ହୋଇଗଲେ। ମୋଟା ଦଉଡ଼ି ଲଗାଇ କାର୍ ଟଣାଗଲା। ଦୁର୍ଭାଗ୍ୟକୁ କିଛି ଅଂଶ କାର୍ ଜଳ ଉପରକୁ ଉଠିଲା ପରେ ଦଉଡ଼ି ଛିଡ଼ିଗଲା। ସମ୍ପୂର୍ଣ୍ଣ ଭାବରେ କାର୍ ରହିଲା ଜଳ ଭିତରେ। ତା'ର ଚିହ୍ନ ବର୍ଣ୍ଣ ବି ଦିଶିଲାନି। ମୋ ପୁଅର ସାଙ୍ଗ ଟ୍ରକ୍ ମାଲିକ। ତା'ରି ଟ୍ରକ୍ ଦଉଡ଼ିରେ ବନ୍ଧା ହୋଇ ଗାଡ଼ି ଉଠିଲା ରାସ୍ତା ଉପରକୁ। ଏହା ପୂର୍ବରୁ ସବୁ ସେବାକାରୀ ସଂସ୍ଥାକୁ ଫୋନ୍ କରି ବିଫଳ ହୋଇଥିଲୁ। କାରଣ ବାହୁଡ଼ା ପର୍ବ ପାଇଁ ସମସ୍ତେ ଥିଲେ ପୁରୀରେ। ହେଲେ ଜଗନ୍ନାଥ ଥିଲେ ଆମ ସହିତ ସେଦିନ ସନ୍ଧ୍ୟାରେ। ଗାଡ଼ିଟି ଆମର ଅକ୍ଷୁର୍ଣ୍ଣ ଭାବରେ ଉପରକୁ ଆସିଥିଲା ରାତି ୧୨ଟାରେ ଏବଂ ସେଥିରେ ଥିବା ପ୍ରତ୍ୟେକ ଜିନିଷ ଠିକ୍ ଠାକ୍ ଭାବରେ ରହିଥିଲା। ସୋଭେନିର୍‌କୁ ଫ୍ୟାନ ତଳେ ରଖି ଶୁଖାଇ ଦେଲି।ସେମାନେ ପୂର୍ବାବସ୍ଥା ଫେରି ପାଇଲେ। ତା'ପର ମିଟିଂରେ ବାଣ୍ଟିଦେଲି ସମସ୍ତଙ୍କୁ। ଦୀର୍ଘ ୬ ଘଣ୍ଟା ପାଣି ଭିତରେ ରହି ମଧ୍ୟ ପୃଷ୍ଠାଗୁଡ଼ିକ ଥିଲା ସତେଜ। ଏହା ଥିଲା ଆମର ରୋମାଞ୍ଚକର ଅନୁଭୂତି।

୨୦୦୪-୨୦୦୫ ରୋଟାରୀ ବର୍ଷ ରୋଟାରୀର ଥିଲା ଏକ ମାଇଲ୍ ଖୁଣ୍ଟି। ସେ ବର୍ଷଟି ଥିଲା ରୋଟାରୀର ଶତବାର୍ଷିକୀ ପାଳନବର୍ଷ। ହଠାତ୍ ଆମ କ୍ଲବର ୨୦୦୩-୨୦୦୪ର ପ୍ରେସିଡ଼େଣ୍ଟ ଡକ୍ଟର ବ୍ରଜସୁନ୍ଦର ମିଶ୍ର ଅନୁରୋଧ କରିଥିଲେ ମୋତେ କ୍ଲବର

ପ୍ରଥମ ମହିଳା ପ୍ରେସିଡ଼େଣ୍ଟ ହେବା ପାଇଁ। ଏହା ଥିଲା ଆଶାତୀତ। କିଛି ନ ଭାବି 'ହଁ' କହିଥିଲି। ମନରେ ଟିକିଏ ଡର ଥିଲା। ଏତେ ବଡ଼ ପୁରୁଣା କ୍ଲବ। ଏତେ ବୟୋଜ୍ୟେଷ୍ଠ ସଭ୍ୟମାନେ ଅଛନ୍ତି। ମୁଁ ସବୁ କାର୍ଯ୍ୟ ଠିକ୍‌ଠାକ୍ ଭାବେ ତୁଲାଇ ପାରିବି ତ ? ଈଶ୍ୱରଙ୍କ କୃପାରୁ ସବୁ ଠିକ୍‌ଠାକ୍ ହୋଇଗଲା। ସେ ବର୍ଷ ସେକ୍ରେଟାରୀ ହେଲେ ଚାର୍ଟାର୍ଡ଼ ଏକାଉଣ୍ଟ ରୋଟାରୀଆନ ଜୟନ୍ତ କୁମାର ସାହୁ ଓ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଥାଆନ୍ତି ରୋଟାରୀ କ୍ଲବ ଅଫ୍ କଟକ ମିଡ଼୍‌ଟାଉନର ସଭ୍ୟ ରୋଟାରୀଆନ୍ ଡାକ୍ତର ରଞ୍ଜନ ସିଂହ। ଜେନେରାଲ ସେକ୍ରେଟାରୀ ଥାଆନ୍ତି ରୋଟାରୀଆନ୍ ଇଞ୍ଜିନିୟର ପ୍ରଭୁଚରଣ କାନୁନ୍‌ଗୋ। ସେ ମୋର ପରିବାରର ବନ୍ଧୁ। ସେ ବର୍ଷ ଜଣେ ଶିକ୍ଷାବିତ୍ ତଥା ବିଜୁ ପଟ୍ଟନାୟକ ୟୁନିଭର୍‌ସିଟିର କୁଳପତି ଡକ୍ଟର ଦାମୋଦର ଆଚାର୍ଯ୍ୟଙ୍କୁ ଇନ୍‌ଷ୍ଟଲେସନ୍ ଉତ୍ସବରେ ମୁଖ୍ୟ ଅତିଥି କରିଥିଲି। ସମ୍ମାନନୀୟ ମେମ୍ବର କରିଥିଲି ଡାକ୍ତର ନିରୂପମା ରଥଙ୍କୁ। ଉତ୍ସବ ପରେ ରୋଟାରୀଆନ୍ ଡାକ୍ତର ସୁକୁମାର ଦାସ ଉତ୍ସବର ଆୟୋଜନ ଏବଂ ସୁରୁଖୁରୁ ପରିଚାଳନା ପାଇଁ ଖୁବ୍ ପ୍ରଶଂସା କରିଥିଲେ। ପ୍ରଥମ ଦିନରୁ ମୁଁ ପାଇଥିଲି ପ୍ରଚୁର ଆନନ୍ଦ ଓ ପ୍ରେରଣା। ଶିକ୍ଷାବିତ୍, ସୁଲେଖିକା ଓ ସୁବକ୍ତା ଡକ୍ଟର ରେଖା ମହାନ୍ତି ସୋଭେନିର୍ ଦେଖି କହିଥିଲେ, '' You are the leader of the leaders. Many things are expected from you.''। ତାଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରିବା ପାଇଁ ସେହି ଦିନରୁ ଲାଗି ପଡ଼ିଥିଲି।

କଟକର ସମସ୍ତ କ୍ଲବ ମିଳିତ ଭାବେ ଫେବୃୟାରୀ ୨୩ ତାରିଖ ଦିନ ଆମ କ୍ଲବରେ ଶତବାର୍ଷିକୀ ଉତ୍ସବ ପାଳନ କରିଥିଲେ। ଆମ କ୍ଲବ ବୟୋଜ୍ୟେଷ୍ଠ କ୍ଲବ ହୋଇଥିବାରୁ ମୁଁ ସେ ସଭାକୁ ପରିଚାଳନା କରିଥିଲି। କଟକ କ୍ଲବର ଖୋଲା ପଡ଼ିଆରେ ଅନୁଷ୍ଠିତ ସେଦିନର ସନ୍ଧ୍ୟା ଉତ୍ସବ ଏବେ ଭାବିଲେ ମୋତେ ମିଳେ ପ୍ରଚୁର ଆନନ୍ଦ। ଯାହାହେଉ ରୋଟାରିଆନ୍ ପ୍ରଫେସର ଡକ୍ଟର ପ୍ରଭାତ କୁମାର ମିଶ୍ର, ମୋ ସ୍ୱାମୀ ଇଞ୍ଜିନିୟର ଧୀରେନ୍ଦ୍ର କୁମାର ବିଶ୍ୱାଳ, ସ୍ୱର୍ଗତ ଖଟୁଭାଇ ଏବଂ ମୋ କ୍ଲବର ସମସ୍ତ ସଭ୍ୟମାନଙ୍କ ସାହାଯ୍ୟରେ ବର୍ଷଟି ଖୁବ୍ ଭଲରେ ଚଳାଇ ପାରିଥିଲି।

ଅନେକ ମେଗା ହେଲଥ୍ ଚେକ୍ ଅଫ୍ କ୍ୟାମ୍ପ କରିବା, ବିଦ୍ୟାଳୟରେ ନଳକୂପ ବସାଇ ଛାତ୍ରଛାତ୍ରୀମାନଙ୍କୁ ଜଳ ଯୋଗାଇବା ଇତ୍ୟାଦି ପ୍ରୋଜେକ୍ଟ କାର୍ଯ୍ୟକାରୀ କରିଥିଲୁ। ''Women Empowerment'' ଉପରେ ଗୋଟିଏ ଇଣ୍ଟରସିଟି ସେମିନାର କରିଥିଲୁ। ପ୍ରେସିଡ଼େଣ୍ଟ ନାଇଟ୍ ପାଳନ ଅବସରରେ ରୋଟାରୀଆନ ଡାକ୍ତର ଗୌରୀଶଙ୍କର ଆଚାର୍ଯ୍ୟ ତାଙ୍କ ଭାଷଣରେ କହିଥିଲେ, ''ସୁବାସିନୀ ସ୍ତ୍ରୀ ଲୋକଟିଏ ହୋଇ ଏତେ ବଡ଼ କ୍ଲବ

ଚଳାଇ ପାରିବ ବୋଲି ମୋର ଭରସା ହେଉ ନ ଥିଲା। ସେ ଅନେକ ପୁରୁଷ ପ୍ରେସିଡ଼େଣ୍ଟଙ୍କଠାରୁ ଅଧିକ ଭଲ ଭାବରେ ବର୍ଷଟି ଚଳାଇ ପାରିଲା।'' ଏ କଥା ମୋ ଆଖିରେ ଆନନ୍ଦାଶ୍ରୁ ଭରି ଦେଇଥିଲା। Best Secretary award 2001 ରେ ପାଇସାରିଥିଲି। ୨୦୦୫ ମସିହାରେ Best President award, District Governor ଏବଂ RI President citation ପାଇଥିଲି। ମୋ କ୍ଲବ ସେ ବର୍ଷ ଅନେକ ଆୱାର୍ଡ଼ ପାଇଥିଲା। ଏତଦ୍ ବ୍ୟତୀତ ବିଭିନ୍ନ ରୋଟାରୀ ବର୍ଷ ବିଭିନ୍ନ ଗଭର୍ଣ୍ଣରଙ୍କଠାରୁ ଆୱାଡ଼ ମଧ ପାଇଛି। ଗତ ୩ ବର୍ଷ ଧରି ପ୍ରତି ବର୍ଷ ୧୦୦ ଡଲାର ଲେଖାଏଁ ରୋଟାରୀ ଇଣ୍ଟରନ୍ୟାସନାଲକୁ ଜନସେବା ପାଇଁ ଦେଇ ଆସୁଛି। ମୋ ଜୀବନସାରା ଏମିତି ଦେବା ପାଇଁ ମନସ୍ଥ କରିଛି।

ବିଭିନ୍ନ ବର୍ଷ ଡିଷ୍ଟ୍ରିକ୍ଟର ବିଭିନ୍ନ ସ୍ତରରେ ବିଭିନ୍ନ ଦାୟିତ୍ୱ ମୋତେ ଦିଆଯାଇଛି। ୨୦୦୨-୨୦୦୩ ବର୍ଷ ରୋଟାରିଆନ ଅଶ୍ୱିନୀ କର ଗଭର୍ଣ୍ଣର ଥିବା ସମୟରେ Family Welfare Committee ର Co-Chairman, ୨୦୦୫-୨୦୦୬ ବର୍ଷ ରୋଟାରିଆନ୍ ସୁବାସ ସାହୁ ଗଭର୍ଣ୍ଣର ଥିବା ସମୟରେ "Women Membership promotion Committee" ର Chairman ଏବଂ Governor Representative (GR), ୨୦୦୬-୨୦୦୭ ବର୍ଷ ରୋଟାରିଆନ୍ ଡକ୍ଟର ପ୍ରମୋଦ ରଥ ଗଭର୍ଣ୍ଣର ଥିବା ସମୟରେ ''Assistant Governor'', ୨୦୦୭-୨୦୦୮ ବର୍ଷ ରୋଟାରିଆନ୍ ଡକ୍ଟର ରାମ୍.ଏ. ଶର୍ମା ଗଭର୍ଣ୍ଣର ଥିବା ସମୟରେ ''Asst. Dist-Trainer,'' ୨୦୦୮-୨୦୦୯ ବର୍ଷ ରୋଟାରିଆନ୍ ଦିଲ୍ଲିପ କୁମାର ପଟ୍ଟନାୟକ ଗଭର୍ଣ୍ଣର ଥିବା ସମୟରେ ''District Resource Co-ordinator, Literacy'', ୨୦୦୯-୨୦୧୦ ବର୍ଷ ରୋଟାରିଆନ୍ ଶଶି ଭରଭନ୍ଦକର ଗଭର୍ଣ୍ଣର ଥିବା ସମୟରେ ଦ୍ୱିତୀୟ ଥର ''Assistant Governor'', ୨୦୧୦-୨୦୧୧ ବର୍ଷ ଡାକ୍ତର ନାରାୟଣ ମିଶ୍ର ଗଭର୍ଣ୍ଣର ଥିବା ସମୟରେ ''Co-Chairman, 4 way test & Ethics in Business Promotion'' ଏବଂ Chairman Zonal Membership Devlopment Extension, ୨୦୧୧-୨୦୧୨ ବର୍ଷ ରୋଟାରିଆନ୍ ଉମାକାନ୍ତ ଶର୍ମା ଗଭର୍ଣ୍ଣର ଥିବା ସମୟରେ ''Chairman, women member promotion committee'' ଦାୟିତ୍ୱ ଦିଆଯାଇଥିଲା ୨୦୧୨-୨୦୧୩ ବର୍ଷ ଡଃ ଅଶୋକ ସିଂହ ରୋଟାରୀ ଗଭର୍ଣ୍ଣର ଭାବରେ ମୋତେ ଭୋକେସନାଲ କମିଟିର Chairman କରିଛନ୍ତି। ଏହିଭଳି ଭାବରେ ପ୍ରତିବର୍ଷ ମୁଁ କାର୍ଯ୍ୟ କରି ଆସୁଛି।

ଏତଦ୍‌ବ୍ୟତୀତ ରୋଟାରୀ କ୍ଲବ୍ ଅଫ୍ କଟକ ଚାରିଟେବୁଲ୍ ଟ୍ରଷ୍ଟରେ ୨୦୦୭ ମସିହାରୁ ୨୦୧୦ ମସିହା ପର୍ଯ୍ୟନ୍ତ ୩ ବର୍ଷ ଧରି ମୁଁ ଥିଲି ମ୍ୟାନେଜିଂ ଟ୍ରଷ୍ଟି ଏବଂ ୨୦୧୨-୨୦୧୩ ମସିହା ପାଇଁ ଏହି ଟ୍ରଷ୍ଟରେ ଚେୟାରମ୍ୟାନ ହେବାର ସୁଯୋଗ ପାଇଛି। ଜେ.ପି.ଏମ୍ ରୋଟାରୀ କ୍ଲବ ଅଫ କଟକ ଆଇ ହସ୍‌ପିଟାଲ ଏଣ୍ଡ ରିସର୍ଚ ଇନ୍‌ଷ୍ଟିଚ୍ୟୁଟର ମ୍ୟାନେଜିଂ କମିଟିରେ ବହୁବାର ସଦସ୍ୟ ହୋଇ ବିଭିନ୍ନ କମିଟିର ଚେୟାରମ୍ୟାନ ଓ କୋ ଚେୟାରମ୍ୟାନ ହୋଇ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବାର ଓ ମିଟିଂ ପରିଚାଳନା କରିବାର ସୁଯୋଗ ଲାଭ କରିଛି।

ବିଭିନ୍ନ ବର୍ଷ ପୁରୀ, ରାୟପୁର, ବିଳାସପୁର, କଟକ, ସମ୍ବଲପୁର ଇତ୍ୟାଦି ସ୍ଥାନରେ ହୋଇଥିବା Dist. Conference ଓ Dist Assembly ରେ ଯୋଗ ଦେଇ ରୋଟାରୀ ବିଷୟରେ ଅନେକ ଶିକ୍ଷା ଲାଭ କରିଛି। ବିଭିନ୍ନ ଇଣ୍ଟରସିଟି ସେମିନାର, ଡିଷ୍ଟ୍ରିକ୍ଟ ସେମିନାରରେ ଭାଗ ନେଇଛି। ଅନେକ କ୍ଲବରେ ବକ୍ତା ହୋଇ ରୋଟାରୀର ବିଭିନ୍ନ ଦିଗ ବିଷୟରେ ବକ୍ତୃତା ପ୍ରଦାନ କରିବାର ସୌଭାଗ୍ୟ ମୋତେ ମିଳୁଛି। କେବଳ ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୦ରେ ନୁହଁ ଭାରତ ଓ ବିଦେଶର ଅନ୍ୟ ଡିଷ୍ଟ୍ରିକ୍ଟର ବିଭିନ୍ନ ସ୍ଥାନରେ ଯଥା ବରୋଦା, ଅହମଦାବାଦ, ନେପାଳର କାଠମାଣ୍ଡୁ, ଆମେରିକାର ଓ୍ୱାପିଙ୍ଗର ଫଲ୍ ରୋଟାରୀ କ୍ଲବ, ମିଚିଗାନ ରୋଟାରୀ କ୍ଲବ, କଲୋରାଡ଼ୋ ରୋଟାରୀ କ୍ଲବ, ଜାପାନର ଇବାରାକି ରୋଟାରୀ କ୍ଲବରେ ବକ୍ତୃତା ପ୍ରଦାନ କରି ମୋ କ୍ଲବର ପତାକା ବିନିମୟ କରିଛି। ଆଜି ପର୍ଯ୍ୟନ୍ତ ରୋଟାରୀର ସମସ୍ତ କାର୍ଯ୍ୟକୁ ମୁଁ ପୂର୍ଣ୍ଣପ୍ରାଣରେ ସଂପାଦନ କରୁଛି। ଅନେକ ମୁଖ୍ୟ କାର୍ଯ୍ୟକ୍ରମ ସୁଚାରୁ ରୂପେ ପାଳନ କରି ପ୍ରଚୁର ଆନନ୍ଦ ପାଇଛି। କର୍ମ ମାଧ୍ୟମରେ ମଣିଷ ଆନନ୍ଦ ପାଏ, ଈଶ୍ୱରଙ୍କଠାରୁ ଫଳ ପ୍ରାପ୍ତିହୁଏ ଏହା ହେଉଛି ନିଶ୍ଚିତ ଉକ୍ତି।

ଏଇ କେତେଦିନ ତଳେ ମୋ ସ୍ୱାମୀ ଜେ.ପି.ଏମ୍ ଚକ୍ଷୁ ଚିକିତ୍ସାଳୟରେ ହୋଇଥିବା ମିଟିଂରୁ ଫେରି ମୋ ହାତକୁ ଲଫାପାଟିଏ ବଢ଼ାଇଦେଲେ। ପ୍ରାୟ ସବୁ ଚିଠି ଆଗ ପଢ଼ି ପକାଇବା ତାଙ୍କର ଅଭ୍ୟାସ। କାହିଁକି କେଜାଣି ସେ ଚିଠିଟି ଲଫାପାରୁ କାଢ଼ି ସେ ପଢ଼ି ନ ଥିଲେ ସେଦିନ। ମୁଁ ଚିଠିଟି ପ୍ରଥମେ ପଢ଼ିଲି। ଚିଠିଟି ପଢ଼ି ଖୁବ୍ ଖୁସି ହୋଇଥିଲି ସେଦିନ। ଯେମିତି ପୂର୍ଣ୍ଣପ୍ରାଣରେ ଆସକ୍ତି ନ ରଖି ଗବେଷଣା କରି ଶେଷରେ ହଠାତ୍ ସମ୍ମାନଜନକ ''ସାମନ୍ତ ଚନ୍ଦ୍ରଶେଖର ଆୱାର୍ଡ଼'' ପାଇଥିଲି ସେମିତି ଏ ଚିଠିରୁ ହଠାତ୍ ଜାଣିଲି ମୋ କ୍ଲବ ସମ୍ମାନଜନକ ''ହୀରାଲାଲ ଥାକର ଆୱାର୍ଡ଼'' ମୋତେ ଭୋକେସନାଲ ନାଇଟ ୨୦୧୨ ଉତ୍ସବରେ ପ୍ରଦାନ କରିବ। ସେହି ଉତ୍ସବଟି ଖୁବ୍ ଜାକଜମକରେ ଏକ

ମନୋରମ ସନ୍ଧ୍ୟାରେ ଖୋଲା ଆକାଶ  ତଳେ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଥିଲେ ମୋ ବଡ଼ ଭଉଣୀ ସମ ମହାମାନ୍ୟା ଡାକ୍ତର ଯୋଗମାୟା ପଟ୍ଟନାୟକ। ଉତ୍ସବଟିକୁ ପରିଚାଳନା କରୁଥିଲେ ଭୋକେସନାଲ କମିଟିର ଚେୟାରମ୍ୟାନ ରୋଟାରିଆନ୍ ଏସ. ସୁଧାକର ରାଓ। ମଞ୍ଚାସୀନ ଥିଲେ ମୁଖ୍ୟ ଅତିଥି,  କ୍ଲବର ସଭାପତି ଓ ମୋର ବନ୍ଧୁ ରୋଟାରିଆନ୍ ଡାକ୍ତର କୃଷ୍ଣବଲ୍ଲଭ ଦାସ, ସେକ୍ରେଟାରୀ ରୋଟିରିଆନ୍ ଡାକ୍ତର ସ୍ୱାତୀ ମଲ୍ଲିକ।

ମୋ ସ୍ୱାମୀ ରୋଟାରିଆନ୍ ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ, ସାନ ବୋହୂ ଲୁସି ଓ ନାତି ଶୁଭମ୍ ବସିଥିଲେ ଅଡ଼ିଆନ୍‌ସରେ ମଞ୍ଚ ସାମନାରେ। ଏମିତି ଏକ ପରିବେଶରେ ଆୱାର୍ଡ଼ ନେଲି। ଏହି ଆୱାର୍ଡ଼ ପ୍ରତିଷ୍ଠା କରିଥିଲେ ହୃଦ୍‌ରୋଗ ବିଶାରଦ ରୋଟାରିଆନ୍ ଡାକ୍ତର ଯଦୁନାଥ ପ୍ରସାଦ ଦାସ। ହୀରାଲାଲ ଥାକର (କାକୁଭାଇ) ଥିଲେ ପ୍ରକୃତ ସମାଜସେବୀ। ଯେକୌଣସି ସମୟରେ ରୋଗୀ ହେଉ ବା କୌଣସି ଲୋକ ବିପଦରେ ପଡ଼ିଥାଉ କାକୁ ଭାଇ ପହଞ୍ଚି ଯାଉଥିଲେ ତାଙ୍କ ପାଖରେ। ଏଭଳି ଏକ ପୁଣ୍ୟାତ୍ମାଙ୍କ ନାମରେ ନାମିତ ଆୱାର୍ଡ଼ ପାଇ ତାଙ୍କ ଭଳି ଜନସେବୀ ହେବି ବୋଲି ସେଦିନ ମନେ ମନେ ପ୍ରତିଜ୍ଞା କରିଥିଲି।

## ବିଜ୍ଞାନ ପ୍ରଚାର ସମିତି

ବିଜ୍ଞାନ ପ୍ରଚାର ସମିତି, କଟକର ମୁଁ ଆଜୀବନ ସଭ୍ୟା। ଏହି ସମିତି ୧୯୪୯ ମସିହା ଅଗଷ୍ଟ୭ ତାରିଖ ଦିନ କଟକ ବଡ଼ ଡାକ୍ତରଖାନା ପରିସରରେ ଡାକ୍ତର ଗୋପାଳଚନ୍ଦ୍ର ପଟ୍ଟନାୟକଙ୍କ ସରକାରୀ ବାସଭବନରେ ଆରମ୍ଭ ହୋଇଥିଲା। ପ୍ରଥମ ଅଧିବେଶନରେ ଡକ୍ଟର ସଦାଶିବ ମିଶ୍ର ସଭାପତିତ୍ୱ କରିଥିଲେ ଓ ଡାଃ ଗୋପାଳଚନ୍ଦ୍ର ପଟ୍ଟନାୟକ, ଡାଃ ରାଧାନାଥ ରଥ, ଡଃ ସୁକୁମାର ଆଦିତ୍ୟ, ଅଧ୍ୟାପକ କୃଷ୍ଣଚରଣ ଦାସ, ଶ୍ୟାମାନନ୍ଦ ପଟ୍ଟନାୟକ, ଡାଃ ମହେନ୍ଦ୍ର  ଚନ୍ଦ୍ର ମିଶ୍ର, ଡାଃ ରାଇଚରଣ ମହାନ୍ତି, ଡଃ ସଦାଶିବ ମିଶ୍ର ଓ ଡଃ ଗୋକୁଳାନନ୍ଦ ମହାପାତ୍ର ଉପସ୍ଥିତ ଥିଲେ। ଦୁଇବର୍ଷ ଧରି ୨୦୦୫ ରୁ ୨୦୦୭ ମସିହା ପର୍ଯ୍ୟନ୍ତ ମୁଁ ଥିଲି ସମିତିର ସେକ୍ରେଟାରୀ। ବିଜ୍ଞାନକୁ ଓଡ଼ିଆ ଭାଷାରେ ସହର ଓ ପୁରପଲ୍ଲୀରେ ପ୍ରଚାର ଓ ପ୍ରସାର କରିବା ହେଉଛି ଏହି ସଂସ୍ଥାର ଆଭିମୁଖ୍ୟ। ପ୍ରତି ମାସରେ ଦୁଇଥର ସାଧାରଣ ଅଧିବେଶନ ଦୋଳମୁଣ୍ଡେଇସ୍ଥ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୁଏ। ମୋ ସମୟରେ ଚେଷ୍ଟା କରି ପ୍ରତ୍ୟେକ ଅଧିବେଶନରେ ଅଧିକ ସଭ୍ୟଙ୍କର

ଯୋଗଦାନର ବ୍ୟବସ୍ଥା କରି ପାରିଥିଲି । ହାଇସ୍କୁଲ ଛାତ୍ର ଛାତ୍ରୀମାନଙ୍କ ଭିତରେ ଅନେକ ପ୍ରତିଯୋଗିତା କରି ସେମାନଙ୍କୁ ପୁରସ୍କାର ଦେବାର କାର୍ଯ୍ୟକ୍ରମ କରୁଥିଲି । ବିଜ୍ଞାନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିମାନଙ୍କୁ ବାଛି ସେମାନଙ୍କୁ ସମ୍ବର୍ଦ୍ଧିତ କରିବାର ଦାୟିତ୍ୱ ନେଇଥିଲି । ବିଜ୍ଞାନ ଦିବସ ଖୁବ୍ ଭଲରେ ପାଳନ କରିବାର ବ୍ୟବସ୍ଥା କରିଥିଲି । କଟକ ନିକଟସ୍ଥ ଗ୍ରାମରେ ଥିବା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ଓ ଛାତ୍ରଛାତ୍ରୀମାନଙ୍କୁ କେତୋଟି କଷ୍ଟଦାୟକ ବିଷୟ ସହଜ ଭାବେ ବୁଝାଇ ପଢ଼ାଇବାକୁ ଆମ ସମିତିର କେତେଜଣ ଶିକ୍ଷକ ଓ ସଭ୍ୟଙ୍କୁ ନେଇ ବିଦ୍ୟାଳୟ କାର୍ଯ୍ୟକ୍ରମଟି କରିଥିଲି । ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠା ଦିବସ ଓ ବାର୍ଷିକୋତ୍ସବ ଖୁବ୍ ଆଡ଼ମ୍ବର ସହକାରେ କରିପାରିଥିଲି । ଏହି ସମିତିଦ୍ୱାରା 'ବିଜ୍ଞାନାଲୋକ' ନାମକ ଏକ ପତ୍ରିକା ପ୍ରକାଶ ପାଏ । ଏହି ପତ୍ରିକାରେ ମୋର ଅନେକ ଲେଖା ସ୍ଥାନ ପାଇଥିବାରୁ ମୁଁ ବିଜ୍ଞାନାଲୋକ ରୌପ୍ୟ ଜୟନ୍ତୀ ସମାରୋହରେ ସମ୍ବର୍ଦ୍ଧିତ ହୋଇଥିଲି ଓ ଶ୍ରେଷ୍ଠ ଗବେଷିକା ଭାବରେ ''ଡାକ୍ତର ମହାମାୟା ପଟ୍ଟନାୟକ ସ୍ମୃତି'' ପୁରସ୍କାର ପାଇଥିଲି । ମୋ କାର୍ଯ୍ୟକାଳ ପରେ ମଧ୍ୟ ମୁଁ ସମତି ସହିତ ଅଙ୍ଗାଙ୍ଗି ଭାବରେ ଜଡ଼ିତ ହୋଇ ବହୁବିଧ କାର୍ଯ୍ୟରେ ଭାଗ ନେଉଛି । ଏହି ସମିତିଦ୍ୱାରା ପ୍ରକାଶିତ ''ଭାରତର ବିଶିଷ୍ଟ ବୈଜ୍ଞାନିକ''ର ପୁସ୍ତକର ୫ଟି ଭାଗରେ ଅନେକ ବୈଜ୍ଞାନିକମାନଙ୍କର ଜୀବନୀ ମୋଦ୍ୱାରା ଲିଖିତ । ''ଦୈନନ୍ଦିନ ଜୀବନରେ ପଲିମର'' ଓ ''ବିଜ୍ଞାନର ଅପବ୍ୟବହାର'' ପୁସ୍ତକରେ ମୋର ଅନେକ ବିଷୟ ସ୍ଥାନ ପାଇଛି ।

ଏଇ ଅଳ୍ପଦିନ ତଳେ ଏହି ସମିତିର ପ୍ରତିଷ୍ଠାତା ସଭ୍ୟ ଓ ପ୍ରାଣବିନ୍ଦୁ ଏବଂ ମୋର ପୂଜ୍ୟଗୁରୁ ଡକ୍ଟର ଗୋକୁଳାନନ୍ଦ ମହାପାତ୍ରଙ୍କର ୯୦ ବର୍ଷ ପୂର୍ତ୍ତିରେ ଏକ ବିରାଟ ସମ୍ବର୍ଦ୍ଧନା ସଭାର ଆୟୋଜନ କରି ସଭ୍ୟମାନେ ତାଙ୍କର ଆଦର୍ଶ, ବୈଜ୍ଞାନିକ ଚିନ୍ତାଧାରା ଓ ତାଙ୍କ ଲେଖନୀର କୃତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ । ମୁଁ ମଧ୍ୟ ସଭାରେ ସକ୍ରିୟ ଅଂଶ ନେଇଥିଲି ।

## ମହାନଦୀ ମଣ୍ଡଳ ସାଂସ୍କୃତିକ ସମିତି

ମହାନଦୀ ମଣ୍ଡଳ ସାଂସ୍କୃତିକ ସମିତିର ମୁଁ ଆଜୀବନ ସଭ୍ୟା । ଏହି ଅନୁଷ୍ଠାନଦ୍ୱାରା ମାସିକ ଦୁଇଥର ଅଧିବେଶନ ଜୋବ୍ରା ମ୍ୟୁନସିପାଲ ହାଇସ୍କୁଲରେ ଅନୁଷ୍ଠିତ ହୁଏ । କଟକର ଅନେକ ବିଜ୍ଞଲୋକ ଏହି ଅନୁଷ୍ଠାନର ସଭ୍ୟ ଅଛନ୍ତି । କଳା, ସଂସ୍କୃତି, ବିଜ୍ଞାନ, ଧର୍ମ

ଇତ୍ୟାଦି ବିଷୟରେ ବକ୍ତାମାନେ ଅଧିବେଶନରେ ତାଙ୍କର ସାରଗର୍ଭକ ବକ୍ତୃତା ପ୍ରଦାନ କରନ୍ତି। ମୁଁ ଅଧିବେଶନରେ ସଭାପତିତ୍ୱ କରିବାର ସୁଯୋଗ ପାଇଛି ଏବଂ ବକ୍ତା ଭାବରେ ମଧ୍ୟ ବକ୍ତୃତା ଦେବାର ସୌଭାଗ୍ୟ ଅର୍ଜନ କରିଛି।

## କଟକ ସିଟି ଇଞ୍ଜିନିୟର୍ସ କ୍ଲବ

କଟକ ସିଟି ଇଞ୍ଜିନିୟର୍ସ କ୍ଲବର ମୁଁ ଜଣେ ପୃଷ୍ଠପୋଷକ ସଭ୍ୟ। ଦୁଇମାସରେ ଥରେ ଏହି ଅନୁଷ୍ଠାନର ସାଧାରଣ ଅଧିବେଶନ ଅନୁଷ୍ଠିତ ହୁଏ। ଅନେକ ଅଧିବେଶନରେ ଭାଗ ନେଇ ବିଭିନ୍ନ ବିଷୟରେ ଆଲୋଚନା କରିବାର ସୁଯୋଗ ମୋତେ ମିଳୁଛି ଏବଂ ବକ୍ତୃତା ମଧ୍ୟ ପରିବେଷଣ କରିଛି।

## ଓଡ଼ିଶା କେମିକାଲ ସୋସାଇଟି

ଓଡ଼ିଶା କେମିକାଲ ସୋସାଇଟର ମୁଁ ପୃଷ୍ଠପୋଷକ ସଭ୍ୟ। ଅଧିକାଂଶ ବର୍ଷ Executive Committee ର ସଭ୍ୟ ରହି ସୋସାଇଟିର ଅନେକ କାର୍ଯ୍ୟରେ ଭାଗ ନେଇଛି ଓ ପ୍ରବନ୍ଧ ପାଠ କରିଛି। ୨୦୧୨-୨୦୧୩ ବର୍ଷ ପାଇଁ ମୁଁ ଉପସଭାପତି ଅଛି।

## ରେଭେନ୍ସା ଆଲମ୍ନି ଆସୋସିଏସନ୍

ରେଭେନ୍ସା ଆଲମନି ଆସୋସିଏସନ୍‌ର ମୁଁ ଆଜୀବନ ସଭ୍ୟ। ଏହି ସଂସ୍ଥାରେ ମୁଁ ଉପସଭାପତି ଥାଇ ରେଭେନ୍ସା କଲେଜ ପାଇଁ କିଛି କାର୍ଯ୍ୟ କରିବାର ସୁଯୋଗ ପାଇଥିଲି।

## ରେଭେନ୍ସା କେମେଷ୍ଟ୍ରି ଆଲମ୍ନି ଆସୋସିଏସନ୍

ରେଭେନ୍ସା କେମେଷ୍ଟ୍ରି ଆଲମ୍ନି ଆସୋସିଏସନ୍‌ର ମୁଁ ପ୍ରତିଷ୍ଠାତା ଓ ଆଜୀବନ ସଭ୍ୟ। ଏହି ସଂସ୍ଥାରେ ପ୍ରତିବର୍ଷ Executve Committee ର ସଭ୍ୟ ଭାବରେ ଡିପାର୍ଟମେଣ୍ଟର ଉନ୍ନତି ଦିଗରେ ମୁଁ ସର୍ବଦା ସଚେତନ ରହି ଆସିଛି। ଏତଦ୍‌ବ୍ୟତୀତ "The Society for Polymer Science, India" ଓ "Indian Society for Radiation and Photochemical Science" ଓ "Indian Science Congress" ର ମୁଁ ଆଜୀବନ ସଭ୍ୟ।

# ଦେଶ ବିଦେଶରେ ଭ୍ରମଣ

## ଭାରତ ଭ୍ରମଣ

ମୋ ଦେଶ ଭାରତ ଦେବଦେବୀ ଧର୍ମପୀଠରେ ପରିପୂର୍ଣ୍ଣ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଓ ନଦୀ ସମୁଦ୍ର ଇତ୍ୟାଦି ଜଳସମ୍ପଦରେ ଧନୀ। ଏଗୁଡ଼ିକୁ ଦର୍ଶନ କରି ମନର ତୃପ୍ତି ମେଣ୍ଟାଇବାରେ ମନ ଓ ରୁଚି ନ ଥାଏ ଅନେକଙ୍କର, ସମୟ ନ ଥାଏ କାହାର କାହାର ଓ ଧନ ମଧ୍ୟ ନ ଥାଏ ବହୁ ଭାରତୀୟଙ୍କର। ସେଥିପାଇଁ ସେମାନେ ବିଭିନ୍ନ ସ୍ଥାନରେ ଭ୍ରମଣ କରିବାର ପରମ ସୌଭାଗ୍ୟରୁ ବଞ୍ଚିତ ହୁଅନ୍ତି। ଈଶ୍ୱରଙ୍କର କୃପାଲାଭ କରିଛି ମୁଁ। ଅନେକ ସ୍ଥାନ ଦେଖିଛି ନିଜ ଦେଶରେ ଓ ବିଦେଶରେ।

## ଜଗନ୍ନାଥଧାମ, ଓଡ଼ିଶାର ଦେବଦେବୀ ଓ ଦର୍ଶନୀୟ ସ୍ଥାନ

ପ୍ରାୟ ଏକ ହଜାର ବର୍ଷ ତଳର ଜଗନ୍ନାଥ ମନ୍ଦିର ମୁଁ ଦର୍ଶନ କରେ ପ୍ରତିମାସ ମୋ ସ୍ୱାମୀ ଓ ବନ୍ଧୁମାନଙ୍କ ସହିତ। ଭକ୍ତମାନଙ୍କ ଗହଳି ଓ ଠେଲାପେଲା ଭିତରେ ତାଙ୍କର ସେ ଚକା ଚକା ଚକ୍ଷୁ ସହ ମୋ ଚକ୍ଷୁ ମିଶି ସୃଷ୍ଟି କରେ ଆନନ୍ଦାଶ୍ରୁ ମୋ ଚକ୍ଷୁରେ। ସବୁ ଦମ୍ଭ ଓ ସାହସ ମୁଁ ପାଇଯାଏ ତାଙ୍କ ଦର୍ଶନରେ। ଖାଲି ସେତକ ନୁହେଁ, ତାଙ୍କ ନାଲି ଅଧର, ତାଙ୍କ ନାକଚଣା, ତାଙ୍କ ବଡ଼ଦାଣ୍ଡ, ତାଙ୍କ ନୀଳଚକ୍ର, ପତିତପାବନବାନା, ତାଙ୍କ ବାଇଶି ପାହାଚ, ମହମହ ବାସୁଥିବା ଅବଢ଼ା, ତାଙ୍କ ରଥ, ତାଙ୍କ ବଡ଼ ସିଂହାର ବେଶ, ଗୁଣ୍ଡିଚାଯାତ୍ରା ଇତ୍ୟାଦି ସବୁ ମୋର ଆପଣାର। ଏ ସବୁ ପାଇ ମୋ ଜୀବନ ହୋଇଛି ଧନ୍ୟ। ବାବା ଲୋକନାଥଙ୍କୁ ବାରବାର ଦର୍ଶନ କରି ନିଜକୁ ତାଙ୍କ ପାଖରେ ସମର୍ପଣ କରିଛି।

ପ୍ରାୟ ଅଧିକାଂଶ ସମୟରେ ପୁରୀ ଯିବା ବାଟରେ ବୀର ନରସିଂହପୁରରେ ମୁଁ ଦର୍ଶନ କରିଛି ବାବା ନୀଳକଣ୍ଠଙ୍କୁ, କିଛି ଦୂରରେ ଥିବା ଶିଉଳି ମହାବୀରଙ୍କୁ ଏବଂ ବାଟରେ ମା ଦକ୍ଷିଣକାଳୀଙ୍କୁ। ଦକ୍ଷିଣକାଳୀଙ୍କ ପାଖରେ ଜଳୁଥିବା ଅଖଣ୍ଡ ଦୀପରେ ଘିଅ ଢ଼ାଳି ପ୍ରତିଥର ମାଙ୍କର ଶରଣାପନ୍ନ ହୋଇଥାଏ ମୁଁ। ମନ୍ଦିରର ସହର ଭୁବନେଶ୍ୱରରେ ବାବା ଲିଙ୍ଗରାଜ ବିଦ୍ୟମାନ। ବେଲପତ୍ର ଚଢ଼ାଇ ଧୂପ ଦୀପ ଦେଇ ଅନେକଥର ତାଙ୍କୁ ପୂଜା କରିଛି।

ବେଳେବେଳେ ଜଗନ୍ନାଥଧାମକୁ ଯିବା ବାଟରେ କୋଣାର୍କ ଦେଇ ଯିବାର ସୁବିଧା ମୋତେ ମିଳିଛି। ମନ୍ଦିର କାନ୍ଥରେ ଖୋଦିତ ବିଭିନ୍ନ କାରୁକାର୍ଯ୍ୟ ଓ କଳାଭାସ୍କର୍ଯ୍ୟରେ ମୁଁ

ହୋଇଛି ବିମୋହିତ। ଡାକ୍ତର ଗୋପାଳଚନ୍ଦ୍ର କର ରୋଟାରୀ ଗଭର୍ଣ୍ଣର ଥିବା ସମୟରେ ରୋଟାରୀ ପ୍ରୋଗ୍ରାମରେ ଗୋଟିଏ ଜ୍ୟୋତ୍ସ୍ନା ବିଧୌତ ସନ୍ଧ୍ୟାରେ ଖୋଲା ଗ୍ୟାଲେରୀରେ ବସି ସାଂସ୍କୃତିକ କାର୍ଯ୍ୟକ୍ରମ ମନଭରି ଉପଭୋଗ କରିଛି କୋଣାର୍କରେ। ମାଘ ସପ୍ତମୀରେ ଚନ୍ଦ୍ରଭାଗା ମେଳା ଦେଖିଛି ଅନେକଥର।

ଧଉଳଗିରିର ଶାନ୍ତି ସ୍ତୂପରେ ପୂଜା ପାଆନ୍ତି ବୁଦ୍ଧଦେବ। ଏହା ଏକ ଐତିହାସିକ ସ୍ଥାନ। ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିଲେ ଅଶୋକ ଏହିଠାରେ। ଏହି ଛୋଟିଆ ପାହାଡ଼ଟି ଉପରେ ଠିଆ ହେଲେ ସେଦିନର ରକ୍ତାକ୍ତ ଦୟାନଦୀ ଉପରେ ଆଖି ପଡ଼ିଯାଏ।

ଓଡ଼ିଶା ଥିଲା ଅନେକ ଧର୍ମର ଭିତ୍ତିଭୂମି। ତା'ର ନିଦର୍ଶନ ମିଳେ ଖଣ୍ଡଗିରି ଓ ଉଦୟଗିରିରୁ। ଏଠାରେ ଥିବା ପୁରାତନ ଗୁମ୍ଫା ଓ ପଥର ଉପରେ ପାଲି ଭାଷାରେ ଜୈନଧର୍ମର ତତ୍ତ୍ୱ ଲିପି ଦେଖିଛି ମୁଁ ଅନେକଥର। କେନ୍ଦ୍ରାପଡ଼ାର ଅନତି ଦୂରରେ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ପାହାଡ଼ ଅବସ୍ଥିତ। ଏଠାରେ ବୌଦ୍ଧଧର୍ମର କୀର୍ତ୍ତି ଦୃଶ୍ୟମାନ ହୁଏ। ଏହି ସ୍ଥାନ ପରିଦର୍ଶନ କରିଥିଲି ମୋ ଗବେଷକ ଛାତ୍ରମାନଙ୍କ ସହିତ।

ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସ ଥିଲେ ଈଶ୍ୱରଙ୍କର ତ୍ରୟୋଦଶ ଜନ୍ମର ଅବତାର। ସେ ନେମାଳଗାଦିରେ ପୂଜିତ। ସେ ଗାଦି, ଦର୍ଶନ କରି ଧନ୍ୟ ହୋଇଛି ମୋ ଜୀବନ। ଅନେକଥର ଦର୍ଶନ କରିଛି କାକଟପୁର ମା ମଙ୍ଗଳାଙ୍କୁ। ସେହି ଜଗଦ୍‌ଜନନୀ, ତ୍ରାଣକର୍ତ୍ତ୍ରୀଙ୍କୁ ଦର୍ଶନ କରି ଲାଭ କରିଛି ତାଙ୍କ ଆଶୀର୍ବାଦ।

ପ୍ରାଚୀ ନଦୀ କୂଳରେ ଜୟଦେବଙ୍କର ଜନ୍ମସ୍ଥଳୀ କେନ୍ଦୁବିଲ୍ୱ ଗ୍ରାମକୁ ଯାଇ ସେ ସ୍ଥାନର ମାହାତ୍ମ୍ୟ ହୃଦୟଙ୍ଗମ କରିଛି। ମାନବ ଶରୀରରେ ଜନ୍ମ ହୋଇ ଲୀଳାମୟ ଶ୍ରୀକୃଷ୍ଣଙ୍କୁ ଜୟଦେବ ଟାଣି ଆଣି ପାରିଥିଲେ ତାଙ୍କ ଅଗାଢ଼ ଭକ୍ତିରେ। ପୁରୀରେ ରହି ଗୀତଗୋବିନ୍ଦ ରଚନା କରିଥିଲେ। ସେଠାରେ ନିର୍ମିତ କୁଞ୍ଜରେ ଝଙ୍କୃତ ଗୀତଗୋବିନ୍ଦର ସ୍ୱର ମୋ କର୍ଣ୍ଣଭେଦ କରିଛି ଭ୍ରମଣ ସମୟରେ।

ରାଜକନିକା ଯାଇଥିଲି ରାଜାଙ୍କ ପ୍ରାସାଦ ଦେଖିବା ପାଇଁ। ସେଠାରୁ ଯାଇଥିଲି ପ୍ରାକୃତିକ ପରିବେଶପୂର୍ଣ୍ଣ ଅଭୟାରଣ୍ୟ ଭିତର କନିକା। ଫେରିବା ସମୟରେ ଜୁଆର ଭଟ୍ଟା ହୋଇଯାଇ ଲଞ୍ଚ ନଈ ମଧ୍ୟରେ ରହିଯିବା, କୂଳରେ କାଦୁଅରେ ଜୀବନ୍ତ କୁମ୍ଭୀରମାନେ ଶୋଇଥିବା ଦୃଶ୍ୟ ଇତ୍ୟାଦି ଏବେ ବି ମନେପଡ଼ିଲେ ଦେହ ଶୀତେଇ ଉଠେ।

ମୋ ଶାଶୂ ଘର ଗାଁ ନିକଟସ୍ଥ ପୁରୀ ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ବହୁ ପୁରାତନ ପ୍ରସିଦ୍ଧ ଲକ୍ଷ୍ମୀ ନାରାୟଣ ମନ୍ଦିର ଦର୍ଶନ କରି ପ୍ରାରମ୍ଭରୁ ପ୍ରଚଳିତ ଢିଙ୍କି କୁଟା ଚାଉଳରେ ପ୍ରସ୍ତୁତ ପ୍ରସାଦ ସେବନ କରିବାର ସୌଭାଗ୍ୟ ଅର୍ଜନ କରିଛି। ଶୁଣିଛି, ମୋ ସ୍ୱାମୀ ପିଲାଦିନେ ରୁଗ୍ଣ ଥିବାରୁ ତାଙ୍କୁ ମୋ ଶାଶୂ ଏହି ଲକ୍ଷ୍ମୀନାରାୟଣଙ୍କୁ ସମର୍ପଣ କରି ଦେଇଥିଲେ ଓ ତାଙ୍କୁ ୧୨ ବର୍ଷ ବୟସ ପୂରିଲାପରେ ସେଠୁ ମୁକୁଳାଇ ଥିଲେ।

ଭଦ୍ରକର ଆଖଣ୍ଡଳମଣି ମୋର ଆରାଧ୍ୟ ଦେବତା। ତାଙ୍କୁ ଦର୍ଶନ କରି ପାଦୁକ ଓ ଘର୍ଷଣ ସେବନ କରି ପରମ ତୃପ୍ତି ଅନୁଭବ କରିଛି। ଏତଦ୍ ବ୍ୟତୀତ ଭଦ୍ରକାଳୀ, ଧାମରେଇ, କ୍ଷୀରଚୋରା ଗୋପୀନାଥ, ପଞ୍ଚଲିଙ୍ଗେଶ୍ୱର, ବିରଜା, ଶାରଳା, ଘଟଗାଁ ତାରିଣୀ, କିଚକେଶ୍ୱରୀ, ମା ଅମ୍ବିକା, ସମଲେଇ, ଭଗବତୀ, ଚର୍ଚ୍ଚିକା, ଭଟ୍ଟାରିକା, ନାରାୟଣୀ, ବୁଢ଼ୀ ଠାକୁରାଣୀ, ଛିନ୍ନମସ୍ତା ଭୈରବୀ, ତାରାତାରିଣୀ, ଉଗ୍ରତାରା, ନୀଳମାଧବ, ଲଡୁବାବା, ବରୁଣେଇ, କାଳୀଜାଇ, ନୃସିଂହନାଥ, କଟକ ଚଣ୍ଡୀ, ଗଡ଼ଚଣ୍ଡୀ, ପଞ୍ଚମୁଖୀ ହନୁମାନ, ବଳଦେବ ଜୀଉ, ଛତିଆବଟ, କପିଳାସରେ ଶିବ ମନ୍ଦିର, ଧବଳେଶ୍ୱର, ଗୋରେଖନାଥ, ବାଟମଙ୍ଗଳା, ଭୁଆଷୁଣୀ ଠାକୁରାଣୀ, ଅଲାରନାଥ, ରାମଚଣ୍ଡୀ, ବାଲି ହରଚଣ୍ଡୀ ଇତ୍ୟାଦି ଦେବଦେବୀଙ୍କୁ ବହୁବାର ଦର୍ଶନ କରିବାର କୃପା ଲାଭ କରିଛି ମୁଁ। ଏତଦ୍‌ବ୍ୟତୀତ ପାରାଦୀପ ବନ୍ଦର, ଚିଲିକା, ସାତପଡ଼ାରେ ଡଲଫିନ୍, ପୁରୀ ସମୁଦ୍ରକୂଳ, ଗୋପାଳପୁର ସମୁଦ୍ରକୂଳ, ଚାନ୍ଦିପୁର ସମୁଦ୍ରକୂଳ, ସପ୍ତଶଯ୍ୟା ଓ ସାନଘାଘରା ଇତ୍ୟାଦି ସ୍ଥାନ ଭ୍ରମଣ ଆଣି ଦେଇଛି ମୋ ଜୀବନର ଏକ ସାର୍ଥକତା।

## ବୈଷ୍ଣୋଦେବୀ, ଜୟପୁର, ଆଜମିର, ପୁଷ୍କର ତୀର୍ଥ

ମା ବୈଷ୍ଣୋଦେବୀଙ୍କୁ ଦର୍ଶନ କରିବାକୁ ଯିବା ପଥରେ ପନିରେ ବସି ପାହାଡ଼ର ଶୋଭାମୟ ଦୃଶ୍ୟ ଅନୁଭବ କରିଛି ମୁଁ ମୋ ସ୍ୱାମୀ ଓ ବନ୍ଧୁମାନଙ୍କ ସହିତ। ପାହାଡ଼ ଉପରକୁ ଉଠିବାର ଶିହରଣ ଏବେ ବି ମୋ ଶରୀରରେ ମୁଁ ଅନୁଭବ କରେ। ବାଟସାରା ଆବାଳ ବୃଦ୍ଧବନିତା ''ଜୟ ମାତାଦୀ, ଜୟ ମାତାଦୀ'' କହି କହି ମୁଣ୍ଡରେ ନାଲି ଚୁନ୍‌ରି ବାନ୍ଧି, ହାତରେ ବାଡ଼ି ଧରି ଉଠୁଥାଆନ୍ତି ଉପରକୁ। ସ୍ପେଶାଲ ଦର୍ଶନ ମିଳିଥିଲା ଆମକୁ। ଛୋଟ ଧାଡ଼ିରେ ଗୁମ୍ଫା ଭିତରେ ନଇଁ ନଇଁ ଯାଇ ମାଙ୍କର ତିନି ପିଣ୍ଡ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମିଳିଥିଲା ମୋତେ।

ଏହାପରେ ଆମେ ଯାଇଥିଲୁ ହିମାଚଳ ପ୍ରଦେଶର ଶୈଳନିବାସ ଡେଲାହାଉସୀକୁ। ସେଠାରେ ଭସାଭସା ବାଦଲ ଆମ ମୁହଁରେ ବାଜି ଯାଉଥାଏ। ସେ ସ୍ଥାନ ଥିଲା ଖୁବ୍ ଆକର୍ଷଣୀୟ ଓ ସେ ସ୍ଥାନର ଅନୁଭୂତି ମୋର ଅପାସୋରା। ସେଠାରୁ ଚମ୍ବା ଯାଇଥିଲୁ। ବାଟରେ ହିମାଚଳିଆନ୍ ଡ୍ରେସ୍ ପିନ୍ଧି ଫଟୋ ଉଠାଇ ବେଶ୍ ଆନନ୍ଦ ଅନୁଭବ କରିଥିଲି।

ତା' ପରବର୍ତ୍ତୀ ଯାତ୍ରା ଥିଲା ଜୟପୁର ପିଙ୍କ୍ ସିଟିକୁ। ସେଠାରେ ହାୱାମହଲ ଓ ଜଲ୍‌ମହଲ ଦେଖିଥିଲୁ। ରାଜବଂଶୀୟ ରାଜପୁତ୍ ସ୍ତ୍ରୀଲୋକମାନେ ବାହାରକୁ ଯାଇ ପାରୁ ନ ଥିବାରୁ ହାୱା ମହଲରେ ଥିବା ଛୋଟ ଛୋଟ ଝରକାବାଟେ ଶୋଭାଯାତ୍ରା ଇତ୍ୟାଦି ଦେଖୁଥିଲେ। ଆଜମିରରେ ମୁସଲମାନମାନଙ୍କର ଧର୍ମପୀଠ ଦେଖିସାରିଲା ପରେ ପୁଷ୍କର ତୀର୍ଥରେ ବ୍ରହ୍ମାଙ୍କ ମନ୍ଦିର ଦର୍ଶନ କରିଥିଲୁ ଓ ପୁଷ୍କର ତୀର୍ଥରେ ପିତୃ ପୁରୁଷଙ୍କୁ ତର୍ପଣ କରି ଫେରି ଆସିଥିଲୁ।

## ବଦ୍ରିନାଥ ଧାମ, ଋଷିକେଶ, ହରିଦ୍ୱାର, ମସୌରୀ, ଡେରାଡୁନ୍

ଗୋଟିଏ ଗ୍ରୀଷ୍ମାବକାଶରେ ତୀର୍ଥସ୍ଥାନ ଦର୍ଶନ ସହ ଶୈଳନିବାସର ରହଣି ଥିଲା ଆମ ପ୍ରୋଗ୍ରାମରେ। ପ୍ରଥମେ ହରିଦ୍ୱାରରେ ମନମୁଗ୍ଧକର ସ୍ନାନ କରିଥିଲୁ ଗଙ୍ଗାଜଳରେ। ଅନ୍ୟ ପାର୍ଶ୍ୱରେ ସୁଦୀର୍ଘ ଆଳତିର ଶିଖା, ଆଳତି ପରେ ଠୁଙ୍ଗାରେ ଦୀପ ରଖି ଗଙ୍ଗାନଦୀରେ ଠୁଙ୍ଗା ଭସାଇବାର ଦୃଶ୍ୟ ଥିଲା ଖୁବ୍ ମନୋହର। ପରିବେଶଟି ଥିଲା ଖୁବ୍ ପବିତ୍ର।

ତା'ପରେ ଆମ ଯାତ୍ରା ଥିଲା ବଦ୍ରିନାଥଧାମକୁ। ପାହାଡ଼ିଆ ଅଙ୍କାବଙ୍କା ରାସ୍ତାରେ ଗୋଟିକ ପରେ ଗୋଟିଏ ପାହାଡ଼ ଅତିକ୍ରମ କରିବାକୁ ପଡ଼ିଥିଲା। ବିଭିନ୍ନ ପ୍ରୟାଗ ଅତିକ୍ରମ କରି ସନ୍ଧ୍ୟାରେ ଆମେ ପହଞ୍ଚିଥିଲୁ ଯୋଶୀମଠରେ। ସେଠାରେ ମହାପୁରୁଷ ଶଙ୍କରାଚାର୍ଯ୍ୟଙ୍କ ପୁରାତନ ଓ ବୟୋଜ୍ୟେଷ୍ଠ ମଠ ଦର୍ଶନ କରିଥିଲୁ। ତା' ପରଦିନ ସକାଳେ ନୃସିଂହ ଭଗବାନଙ୍କ ମନ୍ଦିର ଦର୍ଶନ କରି ଯାତ୍ରା କରିଥିଲୁ ଏକ ତରଫା ରାସ୍ତାରେ ବଦ୍ରିନାଥଧାମକୁ। ବଦ୍ରିନାଥ ଧାମରେ ମନଭରି ଦର୍ଶନ କରିଥିଲୁ ପ୍ରଭୁଙ୍କୁ। ବିଗ୍ରହଟି ଥିଲା ଖୁବ୍ ଛୋଟ। ମୁଣ୍ଡରେ ଥାଏ ସ୍ୱର୍ଣ୍ଣମୁକୁଟ, ଗଳାରେ ଥାଏ ନବରତ୍ନ ହାର ଓ ମସ୍ତକରେ ଚନ୍ଦନ ପ୍ରଲେପ। ଯୋଗାସନରେ ଉପବିଷ୍ଟ ପ୍ରଭୁଙ୍କର ମୁଖଟି ଚନ୍ଦନରେ ଥାଏ ପୂର୍ଣ୍ଣମାତ୍ରାରେ ଲୁକ୍କାୟିତ। ପ୍ରଭୁଙ୍କ ଦର୍ଶନ ପରେ ତପ୍ତକୁଣ୍ଡରେ ସ୍ନାନ କଲୁ ଓ ପରେ ପରେ ନିକଟସ୍ଥ ମାନାଗ୍ରାମରେ ବୁଲାବୁଲି କରିଥିଲୁ। ସନ୍ଧ୍ୟାରେ କର୍ପୂର ଆଳତି କରିବାର ସୁଯୋଗ ମିଳିଥିଲା।

ବଦ୍ରିନାଥଧାମରୁ ଫେରି ରୋପ୍‌ୱେରେ ଯାଇ ପାହାଡ଼ ଉପରେ ମନଷାଦେବୀଙ୍କୁ ଦର୍ଶନ କରିଥିଲୁ ହରିଦ୍ୱାରରେ। ସେଠାରୁ ଫେରି ଋଷିକେଶରେ ଶିବାନନ୍ଦ ଆଶ୍ରମରେ ରହିଥିଲୁ। ଆଶ୍ରମର ପ୍ରବଚନ ଶୁଣା ଓ ପ୍ରସାଦ ସେବନ ଖୁବ୍ ଭଲ ଲାଗିଥିଲା।

ଏହାପରେ ଆମ ରହଣି ଥିଲା ଶୈଳନିବାସ ମସୌରୀରେ। ସେଠାରେ ସ୍ଥାନେ ସ୍ଥାନେ ଘନ ବାଦଲ ଥାଏ ଭାସମାନ। ଘୋଡ଼ାପିଠିରେ ବସି ଛୋଟ ଛୋଟ ପିଲାମାନେ ବୁଲୁଥାଆନ୍ତି। ସବୁ ଜିନିଷ ବୁହା ହେଉଥାଏ ପିଠୁ ସାହାଯ୍ୟରେ। ସେଠାକାର ଶୀତୁଆ ଶୀତୁଆ ପବନର ଶିହରଣ ଥିଲା ଅବିସ୍ମରଣୀୟ। ତା'ପରେ ଆମେ ଫେରି ଆସିଥିଲୁ ଡେରାଡୁନ୍। ଡେରାଡୁନ୍‌ରେ ସିରିଡ଼ି ସାଇଙ୍କ ମନ୍ଦିର, ପରମହଂସଙ୍କ ମନ୍ଦିର, Forest academy, army academy, ସନ୍ତୋଷୀ ମାଙ୍କ ମନ୍ଦିର, ଭଦ୍ରକାଳୀଙ୍କ ମନ୍ଦିର, ଇତ୍ୟାଦି ଦେଖି ଫେରି ଆସିଥିଲୁ ଦିଲ୍ଲୀ।

## ରାମେଶ୍ୱରଧାମ, ଉଟି, କୋଡ଼ାଇକେନାଲ, ମୀନାକ୍ଷୀ ମନ୍ଦିର, କନ୍ୟାକୁମାରୀ, ତିରୁପତି, ପଣ୍ଡିଚେରୀ, କାଞ୍ଚିପୁରମ୍, ମହାବଳୀପୁରମ୍

ଏହିଥର ଭ୍ରମଣ ଥିଲା ଦକ୍ଷିଣ ଭାରତକୁ। ଏହି ଭ୍ରମଣ ପାଇଁ ପ୍ରଭାତ ସାର୍‌ଙ୍କ ବନ୍ଧୁ କ୍ରିକେଟ୍ ପ୍ରେମୀ ମିଷ୍ଟର ଗଣେଶନ୍‌ଙ୍କ ସାହାଯ୍ୟ ଭୁଲି ହେବନି। ଚେନାଇରୁ କୋଇମ୍ବାଟୁର ଦେଇ ଆମେ ପହଞ୍ଚିଥିଲୁ ଶୈଳନିବାସ ଉଟିରେ। ଯୋଧପୁର ରାଜାଙ୍କର ପୁରାତନ ରାଜପ୍ରାସାଦ ଯାହା ବର୍ତ୍ତମାନ ତାମିଲନାଡୁ ଗେଷ୍ଟ ହାଉସ୍‌ରେ ପରିଣତ ହୋଇଛି, ସେଠାରେ ରହିଲୁ। ସେଠାରେ ବଟାନିକାଲ ଗାର୍ଡେନରେ ଫୁଲକୁଣ୍ଡରେ ନିର୍ମିତ ପିରାମିଡ଼ ଓ ଗ୍ଲାସ ହାଉସ୍‌ରେ ସୁସଜ୍ଜିତ ଫୁଲ ଓ ଗୋଲାପ ବଗିଚା ଦେଖି ଆମେ ବିଭୋର ହୋଇ ଯାଇଥିଲୁ। ତା'ପରେ ଦକ୍ଷିଣ ଭାରତର ଉଚ୍ଚତମ ସ୍ଥାନ ଡୋଡ଼ାପେଟାରେ କିଛି ସମୟ କଟାଇଥିଲୁ। ବାଟରେ କୁହୁଡ଼ି ଘେରା Fog hill ର ଦୃଶ୍ୟ ଥିଲା ଖୁବ୍ ରୋମାଞ୍ଚକର। ଉଟିରୁ ଫେରିବା ବାଟରେ Coonor ର ସିମ୍‌ସ ପାର୍କରେ ବୁଲାବୁଲି କରିଥିଲୁ। ଏହି ପାର୍କର ପ୍ରବେଶଦ୍ୱାରରେ ଫଳରେ ସଜ୍ଜିତ ଗେଟ୍, ବଗିଚାରେ ରଙ୍ଗ ବେରଙ୍ଗର ଫୁଲ ଆମକୁ ଆକର୍ଷିତ କରିଥିଲା।

ଏହାପରେ ମିଟର ଗେଜ୍ ଟ୍ରେନ୍‌ରେ ଆମ ଯାତ୍ରା ଥିଲା ରାମେଶ୍ୱର ଧାମକୁ। ରାମେଶ୍ୱରରେ ରାମନାଥ ସ୍ୱାମୀ ମନ୍ଦିରରେ ବାବା ଶମ୍ଭୁନାଥଙ୍କର ଲିଙ୍ଗ ପୂଜା ପାଆନ୍ତି। ଏହା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଅନ୍ୟତମ ଓ ଚାରିଧରାମ ଭିତରେ ଏକ ବିଶିଷ୍ଟ

ଧାମ। ଏହି ମନ୍ଦିରର ବେଢ଼ା ଖୁବ୍ ପ୍ରଶସ୍ତ। ବେଢ଼ା ଭିତରେ ଅନେକ ପଥରରେ ଖୋଦେଇ କଳା ଭାସ୍କର୍ଯ୍ୟପୂର୍ଣ୍ଣ ସ୍ତମ୍ଭ ଦେଖିବାକୁ ମିଳେ। ଏହି ବେଢ଼ା ଭିତରେ ଦେବତାମାନଙ୍କ ନାମରେ ଅନେକ କୂପ ଖନନ କରାଯାଇଛି। ଥରେ ଏହି କୂଅ ଜଳରେ ଆମେ ସ୍ନାନ କରିଥିଲୁ। ଏହି କୂଅ ଜଳରେ ଗାଧୋଇଲେ ମହାପୁଣ୍ୟ ହୁଏ ବୋଲି ଲୋକମାନଙ୍କର ବିଶ୍ୱାସ।

ଏହାପରେ ମଦୁରାଇରେ ଥିବା ମୀନାକ୍ଷୀ ଦେବୀଙ୍କୁ ଦର୍ଶନ କରିବାକୁ ଯାଇଥିଲୁ। ମୀନାକ୍ଷୀ ମନ୍ଦିରରେ ମା ପାର୍ବତୀ ପୂଜିତା। ଏହି ମନ୍ଦିରରେ ମୁଖଶାଳାର ଉଚ୍ଚତା ଭାରତର ଯେକୌଣସି ମନ୍ଦିରରେ ମୁଖଶାଳାର ଉଚ୍ଚତାଠାରୁ ବେଶୀ। ମୁଖଶାଳା କାନ୍ଥରେ ରଙ୍ଗୀନ୍ ମୂର୍ତ୍ତିମାନ ସ୍ଥାପିତ ହୋଇ ଏହାର ଶୋଭା ବର୍ଦ୍ଧନ କରୁଛନ୍ତି। ମନ୍ଦିରର ଚୂଳଭାଗ ସୁବର୍ଣ୍ଣରେ ନିର୍ମିତ। ମନ୍ଦିର ବେଢ଼ାରେ ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରି ତା' ପରଦିନ ଆମେ ଯାଇଥିଲୁ ଶୈଳନିବାସ କୋଡ଼ାଇକେନାଲକୁ।

କୋଡ଼ାଇକେନାଲରେ ଶେଖ୍ ଅବଦୁଲ୍ଲା କୋହିନୂର ଗେଷ୍ଟ ହାଉସ୍‌ରେ ରହିଥିଲୁ। ଏହି ଶୈଳନିବାସର ଆକର୍ଷଣୀୟ ସ୍ଥାନ ହେଲା ପିଲାର ପାର୍କ ଓ ସୁଇସାଇଡାଲ୍ ପାର୍କ (Green Velly) ଏହି ଶୈଳନିବାସଟି ଥିଲା ପ୍ରକୃତିକୁ ଉପଭୋଗ କରିବାର ସ୍ଥାନ। ଏଠାକାର କୋକରସ୍ ଓ୍ୱାକ୍ ମଧ୍ୟ ଆକର୍ଷଣୀୟ। ଏସବୁ ମନଭରି ଉପଭୋଗ କରି ସାରିବା ପରେ କାର୍ତ୍ତିକ ମନ୍ଦିରରେ ଦିଅଁଙ୍କୁ ଦର୍ଶନ କରିଥିଲୁ ଓ ୧୨ ବର୍ଷରେ ଥରେ ଫୁଟୁଥିବା କୁରୁଞ୍ଜି ଗଛ ବେଢ଼ା ଭିତରେ ଦେଖିଥିଲୁ। ଲେକ୍ କୁଳସ୍ଥ ''ସାଇସ୍ମୃତି'' ଦେଖିବାର ସୁଯୋଗ ପାଇଥିଲୁ।

ତା'ପରେ ଆମେ ଡିଣ୍ଡିଗୁଡ଼ି ଦେଇ ଭିଲ୍ଲିପୁରମ୍‌ରେ ପହଞ୍ଚିଥିଲୁ। ଭିଲ୍ଲିପୁରମ୍‌ରୁ ପଣ୍ଡଚେରୀ ୪୦ କି.ମି.। ପଣ୍ଡିଚେରୀରେ ଶ୍ରୀ ଅରବିନ୍ଦ ଆଶ୍ରମଦ୍ୱାରା ପରିଚାଳିତ ଅନେକ ସଂସ୍ଥା ଦେଖିସାରିଲା ପରେ ମାଙ୍କ ସମାଧି ପାଖରେ meditation କରିଥିଲୁ। ଅନେକଥର ପଣ୍ଡିଚେରୀ ମୁଁ ଯାଇଛି। ମା'ଙ୍କ ସ୍ପେଶାଲ ଦର୍ଶନ ଏବଂ ବାଲ୍‌କୋନି ଦର୍ଶନ ମଧ୍ୟ ପାଇଛି। ଆଶ୍ରମର ସାତ୍ତ୍ୱିକ ଭୋଜନରୁ ମା' ମୋତେ ବଞ୍ଚିତ କରିନାହାନ୍ତି। ଆଶ୍ରମର ଅଳ୍ପଦୂରରେ ଅରୋଭିଲ। ସେଠାରେ ନିର୍ମିତ ପଦ୍ମଫୁଲ ଆକୃତିର ମାତୃମନ୍ଦିର ମୁଁ ଦେଖିଛି ଅନେକଥର। ପୃଥିବୀର ବିଭିନ୍ନ ଦେଶର ଅଧିବାସୀ ନିଜ ଶ୍ରମ ଦେଇ ଅରୋଭିଲ ନିର୍ମାଣ କରିଛନ୍ତି। ମାତୃମନ୍ଦିର ଉପରକୁ ଦୁଇଥର ଯିବାର ସୌଭାଗ୍ୟ ମୋତେ ମିଳିଛି।

ଅରୋଭିଲ୍ ଛାଡ଼ି ଆମେ ଆସିଥିଲୁ ଚେନାଇ। ବାଟରେ ପଡ଼ିଥିଲା ମହାବଳୀପୁରମ୍। ମହାବଳୀପୁରମ୍‌ରେ ସମୁଦ୍ରକୂଳ ଅନ୍ୟ ସମୁଦ୍ରକୂଳଠାରୁ ଭିନ୍ନ। ବାଲି ବଦଳରେ କୂଳରେ ଦେଖିଲୁ ଅନେକ ବଡ଼ ବଡ଼ ପଥର ଖଣ୍ଡ। ସେଠାରେ ଗୋଟିଏ ପ୍ରସ୍ତର ପାଚେରୀରେ ଅନେକ ମୂର୍ତ୍ତି ଖୋଦିତ ହେବାର ଦେଖିଥିଲୁ।

ଚେନାଇରେ ପହଞ୍ଚି ତା'ପରଦିନ ପ୍ରଭୁ ତିରୁପତିଙ୍କୁ ଦର୍ଶନ କରିବାକୁ ଯାଇଥିଲୁ। ସ୍ପେଶାଲ ଦର୍ଶନ ମିଳିଥିଲା ଆମକୁ। ତିରୁମଲ୍ଲା ଭେଙ୍କେଟେଶ୍ୱର ମନ୍ଦିର ଗୋଟିଏ ଧନୀ ହିନ୍ଦୁ ମନ୍ଦିର। ଭକ୍ତମାନେ ଅନେକ ସୁନା, ରୂପା ପ୍ରଭୁଙ୍କ ହୁଣ୍ଡିରେ ଦାନ କରିଥାଆନ୍ତି। ଏହି ମନ୍ଦିରର ଅଧିକାଂଶ ଅଂଶ ସୁନାରେ ତିଆରି।

ତା' ପରଦିନ ଯାଇଥିଲୁ କାଞ୍ଚିପୁରମ୍‌ର କାମାକ୍ଷା ଦେବୀଙ୍କୁ ଦର୍ଶନ କରିବା ପାଇଁ। ବେଦମନ୍ତ୍ର, ଗାୟତ୍ରୀମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ମା'ଙ୍କର ଅଭିଷେକ ଖୁବ୍ ଭଲ ଲାଗିଲା ସେଦିନ।

ଥରେ କନ୍ୟାକୁମାରୀ ଯିବାର ସୌଭାଗ୍ୟ ମୋତେ ମିଳିଥିଲା। ଏଠାରେ ବଙ୍ଗୋପସାଗର, ଆରବସାଗର ଓ ଭାରତ ମହାସାଗର ମିଳିତ ହୋଇଛନ୍ତି। ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟର ଦୃଶ୍ୟ ଖୁବ୍ ମନୋହର। ଭାରତର ଏହା ଗୋଟିଏ ସ୍ଥାନ ଯେଉଁଠାରେ ପୂର୍ଣ୍ଣମୀଦିନ ସୂର୍ଯ୍ୟାସ୍ତ ଓ ଚନ୍ଦ୍ର ଉଦୟ ଏକ ସମୟରେ ହୁଏ। ସମୁଦ୍ର ପାଖରେ ମନ୍ଦିରରେ ଥାଆନ୍ତି ଦେବୀ କନ୍ୟାକୁମାରୀ। ଏହି ମନ୍ଦିର ଦର୍ଶନ ପରେ ଲଞ୍ଚରେ ଆମେ ଯାଇଥିଲୁ ବିବେକାନନ୍ଦ ମେମୋରିଆଲ ରକ୍‌କୁ। ଏହି ରକ୍ ଭାରତ ମହାସାଗର ଭିତରେ ଭାରତର ଶେଷ ସୀମାରେ ଅବସ୍ଥିତ। ଏହି ରକ୍ ଉପରେ ସ୍ୱାମୀ ବିବେକାନନ୍ଦ ଗଭୀର ଧ୍ୟାନରେ ମଗ୍ନ ରହି ଅନେକ ପ୍ରତିଭାରେ ଶକ୍ତିଶାଳୀ ହୋଇଥିଲେ। ଏଠାରେ ସ୍ୱାମୀ ବିବେକାନନ୍ଦଙ୍କର ମୂର୍ତ୍ତି ଓ ଲାଇବ୍ରେରୀ ଦେଖି ଆମେ ଫେରି ଆସିଥିଲୁ।

## ଦ୍ୱାରକାଧାମ, ପ୍ରଭାସତୀର୍ଥ, ମାଉଣ୍ଟଆବୁ, ଅକ୍ଷରଧାର, ସୋମନାଥ ମନ୍ଦିର

ଦ୍ୱାରକାଧାମ ଚତୁର୍ଧାମ ମଧ୍ୟରେ ଅନ୍ୟତମ। ଗୁଜୁରାଟ ପ୍ରଦେଶରେ ଆରବ ସାଗର କୂଳରେ ଅବସ୍ଥିତ। ଏହି ଧାମ ଦୁଇଥର ଦର୍ଶନ କରିବାର ସୌଭାଗ୍ୟ ମୋତେ ମିଳିଛି। ଦ୍ୱାରକାରେ ଅଛି ଶ୍ରୀକୃଷ୍ଣଙ୍କ ମନ୍ଦିର। ଏଠାରେ ଶ୍ରୀକୃଷ୍ଣଙ୍କର କଳା ମୂର୍ତ୍ତି ପୂଜିତ।

ଏହି ମନ୍ଦିରରେ ପୂଜା ସାରି ଆମେ ଯାଇଥିଲୁ ଭେଟ୍ ଦ୍ୱାରିକା। ସେଠାରେ ଶ୍ରୀକୃଷ୍ଣ ଓ ତାଙ୍କ ପ୍ରିୟସଖା ସୁଦାମାଙ୍କର ଭେଟ ହୋଇଥିଲା। ଏଠାରେ ପୂଜା ପାଉଥିବା ଶ୍ରୀକୃଷ୍ଣଙ୍କ ମୂର୍ତ୍ତିର ରଙ୍ଗ ମଧ୍ୟ ଥିଲା କଳା। ଭେଟ ଦ୍ୱାରକାରୁ ଫେରି ଆମେ ଯାଇଥିଲୁ ପୋରବନ୍ଦର। ବାଟରେ ଅନ୍ୟ ଏକ ଜ୍ୟୋତିର୍ଲିଙ୍ଗ ଶ୍ରୀ ନାଗେଶ୍ୱରଙ୍କୁ ଦର୍ଶନ କରୁଥିଲୁ।

ପୋରବନ୍ଦର ମହାତ୍ମାଗାନ୍ଧିଙ୍କର ଜନ୍ମସ୍ଥାନ। ଗାନ୍ଧିଜୀଙ୍କ ନିଜ ଗୃହ, ଗୃହ ପାଖରେ ଥିବା ଗାନ୍ଧି ସ୍ମାରକୀ ଭବନ ଦେଖି ସାରିଲା ପରେ ବାଟରେ ଦେଖିଲୁ ମୀରାବାଈଙ୍କ ବାସସ୍ଥାନ। ଏହାପରେ ପ୍ରଭାସ ତୀର୍ଥରେ ପହଞ୍ଚିଥିଲୁ। ଶବରର ଶରାଘାତରେ ଭଗବାନ ଶ୍ରୀକୃଷ୍ଣ ସେଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ସ୍ଥାନର ମହାତ୍ମ ଥିବାରୁ ସେଠାକୁ ଅନେକ ତୀର୍ଥ ଯାତ୍ରୀ ଯାଆନ୍ତି।

ତା'ପରେ ଦର୍ଶନ କରିଥିଲୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ ଲିଙ୍ଗ ସୋମନାଥ। ତାଙ୍କ ମନ୍ଦିରଟି ସମୁଦ୍ର କୂଳରେ ଅବସ୍ଥିତ। ମନ୍ଦିର ପାଖରେ ଛିଡ଼ା ହୋଇ ସମୁଦ୍ର ଲହଡ଼ିକୁ ଉପଭୋଗ କରିହୁଏ। ସୋମନାଥ ମନ୍ଦିର ଦର୍ଶନ ପରେ ସମୁଦ୍ର ଲହଡ଼ିକୁ ଉପଭୋଗ କରିହୁଏ। ସୋମନାଥ ମନ୍ଦିର ଦର୍ଶନ ପରେ ଆମେ ଯାଇଥିଲୁ ମାଉଣ୍ଟଆବୁ।

ମାଉଣ୍ଟଆବୁ ଗୋଟିଏ ଶୈଳନିବାସ। ଏହା ପ୍ରଜାପତି ବ୍ରହ୍ମ କୁମାରୀଙ୍କର ପ୍ରଧାନ ଆଶ୍ରମ। ହଜାର ହଜାର ଭକ୍ତ ବସି ପାରିଲା ଭଳି ଏଠାରେ ଗୋଟିଏ ବଡ଼ ହଲ୍ ଅଛି। ସେଠାରେ ସଭାସମିତି ଓ କନ୍‌ଫେରେନ୍ସ ହୁଏ। ସେଠାରେ ଦୁଇଦିନ ରହି ପ୍ରଜାପତି ବ୍ରହ୍ମକୁମାରୀଙ୍କ ଆଶ୍ରମ, ତାଙ୍କର ଆଧ୍ୟାତ୍ମିକ ସଂଗ୍ରହାଳୟ, ବିଶ୍ୱବିଦ୍ୟାଳୟ, ଫୁଲବଗିଚା ଇତ୍ୟାଦି ବୁଲାବୁଲି କରି ଦେଖିଲୁ।

ତତ୍ପରେ ଫେରିଥିଲୁ ଅହମଦାବାଦ। ଗାନ୍ଧିନଗରରେ ସ୍ୱାମୀନାରାୟଣ ମନ୍ଦିର ମୁଁ ଦର୍ଶନ କରିଛି ତିନିଥର। ଦିଲ୍ଲୀ ଓ ଲଣ୍ଡନରେ ମଧ୍ୟ ଏହି ମନ୍ଦିର ଦେଖିବାର ସୌଭାଗ୍ୟ ଅର୍ଜନ କରିଛି। ଥରେ ସ୍ୱାମୀନାରାୟଣ ମନ୍ଦିର ପରିସରରେ ନଚିକେତା ଉପାଖ୍ୟାନର ଲାଇଟ୍ ଓ ୱାଟର ସୋ ଦେଖି ମୁଁ ମୁଗ୍ଧ ହୋଇ ଯାଇଥିଲି। ଗାନ୍ଧିନଗରରୁ କାର୍‌ରେ ଯାଇଥିଲି ମା' ଅମ୍ବିକାଙ୍କର ଅମ୍ବାଜୀ ମନ୍ଦିର ଦର୍ଶନ କରିବା ପାଇଁ। ଅହମଦାବାଦରେ ଗାନ୍ଧିଜୀଙ୍କ ଆଶ୍ରମ ଓ ରାଜାରାଣୀମାନଙ୍କର ପୁରାତନ ମହଲ ମଧ୍ୟ ଦେଖିଥିଲି।

ଥରେ ଯାଇଥିଲି ଉଦୟପୁର। ଏହା ରାଜସ୍ଥାନରେ ଅବସ୍ଥିତ। ଅନେକ ହ୍ରଦ, ଲେକ୍ ପ୍ୟାଲେସ୍, ଶିଶ୍ ମହଲ, ବଗିଚା ଓ ସୁସଜ୍ଜିତ ପର୍ବପର୍ବାଣି ପାଇଁ ଉଦୟପୁର ପ୍ରସିଦ୍ଧି ଲାଭ କରିଛି।

## ଶ୍ରୀ ସତ୍ୟସାଇ, ଶ୍ରୀ ଶିରିଡ଼ି ସାଇ, ଶନି ସିଙ୍ଗାପୁର, ନାସିକ (ତ୍ର୍ୟମ୍ବକେଶ୍ୱର)

ଏହି ଯାତ୍ରାରେ ହାଇଦ୍ରାବାଦରେ ବିର୍ଲା ମନ୍ଦିର ଦର୍ଶନ ଥିଲା ଆମର ପ୍ରଥମ। ତା'ପରେ ଯାଇଥିଲୁ ପୁଟ୍ଟପର୍ତ୍ତି। ପୁଟ୍ଟପର୍ତ୍ତିରେ ଶ୍ରୀ ସାଇବାବାଙ୍କର ଆଶ୍ରମଟି ଥିଲା ଖୁବ୍ ପରିଷ୍କାର। ପ୍ରଭାତରେ ଭଜନମଣ୍ଡଳୀ ଭଜନ କରି ଆଶ୍ରମର ପରିବେଶକୁ କରିଦେଉଥିଲେ ଅମୃତମୟ। ପ୍ରଶାନ୍ତି ନିଳୟ ଗ୍ରାନାଇଟ୍‌ରେ ତିଆରି କରାଯାଇଛି। ଭକ୍ତମାନେ ନିରବତା ରକ୍ଷା କରି ବାବାଙ୍କୁ ଦର୍ଶନ କରୁଥିଲେ। ଏଠାରେ ପ୍ରାର୍ଥନା କରି ଭକ୍ତ ପାଏ ସୁରକ୍ଷା, ସଫଳତା ଏବଂ ଧୀଶକ୍ତି। ବାବାଙ୍କଦ୍ୱାରା ନିର୍ମିତ ସ୍କୁଲ, କଲେଜ, ୟୁନିଭରସିଟି ଓ ହସ୍‌ପିଟାଲ୍ ବୁଲାବୁଲି କରି ଦେଖିଥିଲୁ। ଏହାପରେ ଆମ ଯାତ୍ରା ଥିଲା ଶିରିଡ଼ିକୁ।

ଶିରିଡ଼ିକୁ ଯିବା ବାଟରେ ପଡ଼ିଥିଲା ଶନିସିଙ୍ଗାପୁର। ସେଠାରେ ଶନିଦେବଙ୍କୁ ପୁରୁଷ ଲୋକମାନେ ପୂଜା କଲେ। ଶନିଙ୍କ ଡରରେ ଏଠାରେ ଚୋରି ହୁଏ ନାହିଁ। ତେଣୁ କାହାରି ଘରେ ଝରକା ଓ କବାଟ ନାହିଁ। ଏହାପରେ ଶିରିଡ଼ି ସାଇ ପୀଠକୁ ଯାଇଥିଲୁ। ବାବାଙ୍କ ମୂର୍ତ୍ତି ଓ ମୂର୍ତ୍ତି ସାମନରେ ଥିବା ତାଙ୍କ କବର କ୍ୟୁରେ ଯାଇ ଦର୍ଶନ କଲୁ ଓ ଶୟନ ଆଳତି ଦେଖିଲୁ। ତାଙ୍କ ବେଢ଼ା ଭିତରେ ଥିବା ନିମ୍ବଗଛ, ଦିନରାତି ପ୍ରଜ୍ୱଳିତ ଧୁନି ଇତ୍ୟାଦି ଦେଖି କିଛି ଉଦି (ବିଭୂତି) ନେଇ ଫେରିଲୁ।

ତା'ପରେ ଆମେ ଆସିଥିଲୁ ନାସିକର ମୁକ୍ତିଧାମକୁ। ସେଠାରେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ସ୍ଥାନ ପାଇଛନ୍ତି। ନାସିକରୁ ଯାଇ ଗୋଦାବରୀ ନଦୀ କୂଳରେ ଥିବା ତ୍ର୍ୟମ୍ବକେଶ୍ୱରଙ୍କର ପୁରାତନ ମନ୍ଦିର ଦର୍ଶନ କରିଥିଲୁ। ବାବା ତ୍ରମ୍ବକେଶ୍ୱର ଜ୍ୟୋର୍ତିଲିଙ୍ଗ ଅଟନ୍ତି। ଏଠାରେ ଖଞ୍ଜା ହୋଇଥିବା ଦର୍ପଣରେ ପୂଜାପାଠ ବାହାରୁ ଦେଖିହୁଏ।

## ବନାରସ, ଆଲାହାବାଦ, ଅଯୋଧ୍ୟା, ମନଗଡ଼, ଚିତ୍ରକୂଟ

ବନାରସରେ ଗଙ୍ଗାନଦୀ କୂଳରେ ଜ୍ୟୋର୍ତିଲିଙ୍ଗ କାଶୀ ବିଶ୍ୱାନାଥଙ୍କୁ ଦର୍ଶନ କରିଥିଲୁ ପ୍ରଥମେ। ଏହା ଏକ ହିନ୍ଦୁ ମନ୍ଦିର। ଏହି ମନ୍ଦିର ସନ୍ନିକଟରେ ମସ୍‌ଜିଦ ଗଢ଼ାଯାଇଛି। ମନ୍ଦିରରେ ବାବା କାଶୀନାଥଙ୍କର ପୂଜା ଅର୍ଚ୍ଚନା ସାରି ଆମେ ଯାଇଥିଲୁ ଗଙ୍ଗା ନଦୀ କୂଳକୁ। ଗଙ୍ଗାନଦୀରେ ନୌକାବିହାର କଲାବେଳେ ହରିଶ୍ଚନ୍ଦ୍ର ଘାଟ ଆମର ଦୃଷ୍ଟିଗୋଚର ହୋଇଥିଲା।

ବନାରସରୁ ଆମେ ଯାଇଥିଲୁ ଆଲାହାବାଦ୍। ପ୍ରୟାଗଠାରେ ଅସ୍ଥି ବିସର୍ଜନ କରି ସଙ୍ଗମ ପର୍ଯ୍ୟନ୍ତ ଡଙ୍ଗାରେ ଯାଇଥିଲୁ। ତା'ପରେ ଜବାହାରଲାଲ ନେହେରୁଙ୍କର ଜନ୍ମସ୍ଥାନ, ଆନନ୍ଦଭବନ ବୁଲାବୁଲି କରି ଦେଖିଥିଲୁ। ଏବେ ତାହା ଗୋଟିଏ ମ୍ୟୁଜିୟମ୍‌ରେ ପରିଣତ ହୋଇଛି। ତା'ପରେ ଆମେ ଯାଇଥିଲୁ ଅଯୋଧ୍ୟା। ଅଯୋଧ୍ୟାରେ କନକପୁରୀ ଓ ରାମଜନ୍ମଭୂମି ଦେଖି ଫେରିଥିଲୁ ଚିତ୍ରକୂଟ।

ଚିତ୍ରକୂଟ ଥିଲା ପ୍ରଭୁ ରାମଚନ୍ଦ୍ରଙ୍କର ବନବାସ ସ୍ଥଳୀ। ସେଠାରେ ଜଙ୍ଗଲର ପ୍ରାକୃତିକ ଦୃଶ୍ୟ ଥିଲା ଖୁବ୍ ସୁନ୍ଦର। ସେଠାରେ ଗୋଟିଏ ମନ୍ଦିର ଦର୍ଶନ କରି ଗଲୁ ମନଗଡ଼। ମନଗଡ଼ରେ ଜଗଦ୍‌ଗୁରୁ କୃପାଳୁଜୀ ମହାରାଜଙ୍କୁ ଦର୍ଶନ କରି ସେଠାରେ ନିର୍ମାଣାଧୀନ ମନ୍ଦିରଟି ଦେଖିଥିଲୁ। ସେଠାରେ ରାତିରେ ରହି ତାପରଦିନ ଫେରି ଆସିଥିଲୁ।

## ସିମାଚଳମ୍

ବିଶାଖା ପାଟଣା (ଭାଇଜାଗ୍)ରେ ଶ୍ରୀ ଶ୍ରୀ ନାରାୟଣ ସିମାଚଳନାଥଙ୍କ ମନ୍ଦିର ଅବସ୍ଥିତ। ମନ୍ଦିରରେ ନାରାୟଣଙ୍କ ଦର୍ଶନ ସହିତ ଧୂପ ଦ୍ୱୀପଦେଇ ପୂଜା କରିଥିଲୁ। ତା'ପରେ Lover's Point କୁ ଯାଇ ପ୍ରାକୃତିକ ଦୃଶ୍ୟ ଉପଭୋଗକରିଥିଲୁ। ସମୁଦ୍ର କୂଳଟି ଖୁବ୍ ଭଲ ଲାଗିଥିଲା। ଏହା ଖୁବ୍ ପରିଷ୍କାର ଥିଲା ଏବଂ କୂଳ ଧାରେ ଧାରେ ଥିଲା ଚଉଡ଼ା ରାସ୍ତା। ପାର୍ଶ୍ୱରେ ମହାମନିଷୀମାନଙ୍କର ମୂର୍ତ୍ତି ସ୍ଥାପନ କରାଯାଇଥିଲା।

## ସିମଲା, କୁଲୁ, ମନାଲି, ଧର୍ମଶାଳା, ଅମୃତସହରର ସ୍ୱର୍ଣ୍ଣମନ୍ଦିର

ସିମଲା ହେଉଛି ହିମାଚଳ ପ୍ରଦେଶର ରାଜଧାନୀ। ଏହି ସହର ଏକ ପାହାଡ଼ ଉପରେ ଗଢ଼ି ଉଠିଛି। ଏହା ପାଇନ୍, ଦେବଦାରୁ, ଓକଗଛ ଓ ଚିରହରିତ୍ ଉଦ୍ଭିଦଦ୍ୱାରା ବେଷ୍ଟିତ। ଏହା ଗୋଟିଏ ସୁନ୍ଦର ଶୈଳନିବାସ। ଏଠାରେ ଅନେକ Colonial କୋଠା, ପୁରୁଣାକାଳିଆ ଘର ଏବଂ ଚାଲିଚାଲି ପାହାଡ଼ିଆ ରାସ୍ତାରେ ଯାତାୟତ କରୁଥିବା ଲୋକମାନଙ୍କୁ ଦେଖିଲୁ।

ଏହାପରେ ଆମେ ଯାଇଥିଲୁ କୁଲୁ। କୁଲୁରେ ବିଶେଷ କିଛି ଦେଖିବାର ନ ଥିଲା। ତା'ପରେ ପହଞ୍ଚିଲୁ ମନାଲିରେ। ଏହା ଏକ ଶୈଳନିବାସ ଏବଂ ପାହାଡ଼ ଉପରେ ଅବସ୍ଥିତ। ପାହାଡ଼ ଉପରେ ରହିବାର ଥିଲା ଅନେକ ମଜା। ସେଠାରୁ ଯାଇଥିଲୁ ଗୋଟିଏ ଗିରିପଥ ରେତାଙ୍ଗ ଦେଖିବାକୁ। ସେଠାରେ ବହୁତ ଥଣ୍ଡା ଲାଗୁଥାଏ। ବାଟରୁ ଗରମ

ପୋଷାକ ଭଡ଼ାରେ ନେଇ ପିନ୍ଧିଥିଲୁ। ଗୋଟିଏ ପାର୍ଶ୍ୱରେ ଆମେ ଥାଉ ରାସ୍ତା ଉପରେ, ଅପରପାର୍ଶ୍ୱରେ ବରଫାଚ୍ଛନ୍ନ ନଭଶ୍ଚୁମ୍ବୀ ପର୍ବତମାଳା। ସତେ ଯେମିତି ଆକାଶକୁ ଆଲିଙ୍ଗନ କରୁଥାଏ।

ତା'ପରେ ଯାଇଥିଲୁ ହିମାଚଳ ପ୍ରଦେଶର ଧଉଲଧର ପର୍ବତ ଉପରେ ଅବସ୍ଥିତ ଶୈଳନିବାସ ଧର୍ମଶାଳା। ତିବତ୍ତରୁ ନିର୍ବାସିତ ଦଲାଇ ଲାମା ଏହି ଶୈଳ ନିବାସରେ ରହନ୍ତି। ଏହା ହିମାଚଳର Winter Capital। ଏଠାରେ ଥିବା ବୁଦ୍ଧଙ୍କ ମୂର୍ତ୍ତି ଦେଖିବାକୁ ଅନେକ ଆସନ୍ତି। ଏଠାରେ ଥିବା Prayer drum ଅନ୍ୟ ଏକ ଆକର୍ଷଣ।

ପଞ୍ଜାବର ଅମୃତ ସହରରେ ଥିବା ଶିଖ୍ ଧର୍ମପୀଠ ଖୁବ୍ ପ୍ରସିଦ୍ଧ। ଏହାର ରକ୍ଷଣାପେବକ୍ଷଣ କଟକଣା ଖୁବ୍ କଡ଼ା। ପାଣି ଭିତରେ ଅଛି ସ୍ୱର୍ଣ୍ଣମନ୍ଦିର। ମନ୍ଦିର ଭିତରକୁ ଯିବା ପାଇଁ ପାଣି ଉପରେ ଅଛି ପୋଲ। ଏହି ସ୍ଥାନରେ କି ସ୍ତ୍ରୀ କି ପୁରୁଷ ସମସ୍ତେ ମୁଣ୍ଡ ଘୋଡ଼ାଇ ଥାଆନ୍ତି। ଲଙ୍ଗରରେ ହଜାର ହଜାର ଲୋକ ମାଗଣାରେ ପ୍ରତିଦିନ ଖାଆନ୍ତି। ଏହାପରେ ଆମେ ଦେଖିଥିଲୁ ଜାଲିଆନାୱାଲାବାଗର ଅନ୍ଧକୂପ ହତ୍ୟାସ୍ଥଳ। ଭାରତ ଓ ପାକିସ୍ଥାନର ୱାଘା ସୀମାନ୍ତ ଦେଖି ଆମେ ଫେରି ଆସିଥିଲୁ ଚଣ୍ଡିଗଡ଼। ଚଣ୍ଡିଗଡ଼ରେ ରକ୍ ଗାଡ଼େନ୍ ଦେଖିଲା ପରେ ଦିଲ୍ଲୀ ଚାଲି ଆସିଲୁ।

## ବୈଦ୍ୟନାଥ, ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଶ୍ରମ

ଝାଡ଼ଖଣ୍ଡର ଦେଓଧର ପରେଲିରେ ଜ୍ୟୋର୍ତିଲିଙ୍ଗ ବାବା ବୈଦ୍ୟନାଥଙ୍କର ମନ୍ଦିର। ସାଙ୍ଗରେ ପୂଜା ସାମଗ୍ରୀ ଓ ୧୦୮ ତ୍ରିଶାଖା ବେଲପତ୍ର ନେଇଥିଲୁ। ନିଜ ହାତରେ ପ୍ରବଳ ଭିଡ଼ ଭିତରେ ଲିଙ୍ଗ ଉପରେ ଗଙ୍ଗାଜଳ, ଅଗୁରୁ, ମହୁ, କ୍ଷୀର, ଇତ୍ୟାଦି ଢ଼ାଳି ପୂଜା ଅର୍ଚ୍ଚନା କଲୁ ଓ ୧୦୮ ତ୍ରିଶାଖା ବେଲପତ୍ର ଚଢ଼ାଇଥିଲୁ। ନିଜେ ପୂଜା କରିଥିବାରୁ ଖୁବ୍ ଶାନ୍ତି ମିଳୁଥାଏ।

ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କର ଏକ ବିରାଟ ଆଶ୍ରମ ବୁଲିବୁଲି ଦେଖିଥିଲୁ। ଫୁଲବଗିଚା, ସମାଧି ସ୍ଥଳର ରକ୍ଷଣାବେକ୍ଷଣ ଥିଲା ଖୁବ୍ ସୁନ୍ଦର।

## ଉଜ୍ଜୟିନୀ, ମହାକାଳେଶ୍ୱର, ଇନ୍ଦୋର, ଓଁକାରେଶ୍ୱର

ଉଜ୍ଜୟିନୀର ମହାକାଳେଶ୍ୱର ଦର୍ଶନ ବ୍ୟବସ୍ଥା କରି ଦେଇଥିଲା ମୋ ଗବେଷଣା ଛାତ୍ର ଡଃ ଦେବେନ୍ଦ୍ର କୁମାର ରଥ। ଛୋଟିଆ ଧାଡ଼ିରେ ଯାଇ ଦର୍ଶନ କଲୁ ଦେବଦେବ

ମହାଦେବ ଜ୍ୟୋର୍ତିଲିଙ୍ଗ ମହା କାଳେଶ୍ୱରଙ୍କୁ । ଲିଙ୍ଗଙ୍କ ମୋଟେଇ ଓ ଉଚ୍ଚତା ଥିଲା ଖୁବ୍ ବେଶୀ । ନିଜେ ଦିଅଁଙ୍କୁ ସ୍ନାନ କରାଇ ବେଲପତ୍ର ଚଢ଼ାଇବାରେ ମନ ପୂରିଗଲା । ତା'ପରେ ଯାଇଥିଲୁ ସନ୍ଦିପନି ଆଶ୍ରମକୁ । ତାହା ଥିଲା କୃଷ୍ଣ ଓ ବଳରାମଙ୍କର ଶିକ୍ଷାସ୍ଥାନ । କାଳଭୈରବୀ ମଦ୍ୟପାନ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ତା'ପରେ ଦେଖିଥିଲୁ ବିକ୍ରମାଦିତ୍ୟଙ୍କ ଜରାଜୀର୍ଣ୍ଣ ସିଂହାସନ ।

ତା' ପରଦିନ ଅନ୍ୟ ଏକ ଜ୍ୟୋର୍ତିଲିଙ୍ଗ ଓଁକାରେଶ୍ୱରଙ୍କ ଦର୍ଶନ ପାଇଁ ଯାଇଥିଲୁ । ବାବା ଗୋଟିଏ ଓଁ ଆକାର ବିଶିଷ୍ଟ ପାହାଡ଼ ଉପରେ ସ୍ଥାପିତ ହୋଇଥିବାରୁ ଏହାର ନାମ ଓଁକାରେଶ୍ୱର । ପୂର୍ବଭଳି ଖୁବ୍ ସୁବିଧାରେ ବାବାଙ୍କୁ ସ୍ନାନ କରାଇ ବେଲପତ୍ର ଚଢ଼ାଇଲୁ । ମନ୍ଦିର ଭିତରେ ଅଭିଷେକ କରି ଫେରି ଆସିଥିଲୁ ।

## ଗୁଆହାଟୀ, ସିଲଂ, ଦିଗ୍‌ବୋଇ, ଡିବ୍ରୁଗଡ଼

ମା' କାମାକ୍ଷା ଦେବୀ ଆସାମର ଗୁଆହାଟୀଠାରେ ଅଧିଷ୍ଠିତା । ମନ୍ଦିରଟି ବେଶ୍ ପୁରୁଣା । ଏକ ଅନ୍ଧାରିଆ ଗଭୀର ସ୍ଥାନରେ ମା' ପୂଜା ପାଉଛନ୍ତି । ସେଠାରୁ ମା'ଙ୍କ ଗାଧୁଆପାଣି ଓ ପିନ୍ଧାବସ୍ତ୍ର ସଂଗ୍ରହ କଲୁ । ତା'ପରଦିନ ଯାଇଥିଲୁ ସିଲଂ । ଏହି ସହରଟି ଗୋଟିଏ ପାହାଡ଼ ଉପରେ । ଏହା ଏକ ଶୈଳନିବାସ । ଏହି ଶୈଳନିବାସର ପରିବେଶ ମୋତେ ଖୁବ୍ ଭଲ ଲାଗିଲା । ଗୁଆହାଟୀରେ ନଈ ଭିତରେ ଏକ ଟାପୁରେ ଅଧିଷ୍ଠିତ ହରି ଉମାକାନ୍ତଙ୍କ ମନ୍ଦିର ଦର୍ଶନ କରିଥିଲୁ । ସନ୍ଧ୍ୟାରେ ଆଲୋକରେ ସୁସଜ୍ଜିତ ବାଲାଜୀ ମନ୍ଦିର ମଧ୍ୟ ଦର୍ଶନ କରିଥିଲୁ । ତା'ପରେ ଆମେ ଆସିଥିଲୁ ତିନିସୁକିଆ । ତିନିସୁଆରେ ପ୍ରଭାତ ସାର୍‌ଙ୍କ ଭାଇ ମିଷ୍ଟର ପି.କେ. ନନ୍ଦ ରହିବାର ଓ ବୁଲାବୁଲି କରିବାର ବ୍ୟବସ୍ଥା କରି ଦେଇଥିଲେ । ସେଠାରେ ଯେଉଁଆଡ଼େ ଚାହିଁଲେ ଖାଲି ଚା' ବଗିଚା ଦିଶୁଥାଏ । ପାହାଡ଼ି ରମଣୀମାନଙ୍କର ଚା'ପତ୍ର ତୋଳା ଦୃଶ୍ୟ ଥିଲା ଖୁବ୍ ଚମତ୍କାର ।

ଆଉ ଦିନେ ଯାଇଥିଲୁ ଦିଗ୍‌ବୋଇ । ଇଂରେଜମାନେ ଦିଗ୍‌ବୋଇର ଯେଉଁ ସ୍ଥାନଟି ଖୋଳି ପ୍ରଥମେ ତେଲ ବାହାର କରିଥିଲେ ସେ ସ୍ଥାନଟି ବୁଲି ଦେଖିଲୁ । ତା' ପରଦିନ ବାଟରେ ଜଗନ୍ନାଥ ମନ୍ଦିର ଦର୍ଶନ କରି ବ୍ରହ୍ମପୁତ୍ର ନଦୀ କୂଳରେ କିଛି ସମୟ କଟାଇ ଡିବ୍ରୁଗଡ଼ରୁ ଏରୋପ୍ଲେନରେ କଲିକତା ଚାଲି ଆସିଥିଲୁ ।

## ମହୀଶୂର, ବାଙ୍ଗାଲୋର, ତାଜମହଲ, ଫତେପୁର ସିକ୍ରି, ମଥୁରା, ବୃନ୍ଦାବନ

ମହୀଶୂର ପ୍ୟାଲେସରେ ବିରାଟ ବିରାଟ ଅଇନା କାରୁକାର୍ଯ୍ୟ, ରାଜା ଓ ରାଣୀମାନଙ୍କର ବ୍ୟାବହାରିକ ସାମଗ୍ରୀ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି। ବୃନ୍ଦାବନ ଗାର୍ଡ଼େନର ଲାଇଟ୍ ଆଣ୍ଡ ସାଉଣ୍ଡ ହୋଇଥିଲା ଖୁବ୍ ଉପଭୋଗ୍ୟ। ଯମୁନା ନଦୀ କୂଳରେ ଥିବା ତାଜମହଲ ନେଇ ଯାଇଥିଲା ମୋତେ ମୋଗଲ ରାଜୁତି ଆଡ଼କୁ। ସ୍ତ୍ରୀ ପ୍ରତି ଥିବା ପ୍ରେମକୁ ଦର୍ଶାଇଛନ୍ତି ଶାହାଜାହାନ ତାଜମହଲ ଜରିଆରେ। କେତେ ବିଳାସ ବ୍ୟସନରେ ମୋଗଲ ସମ୍ରାଟମାନେ ରହୁଥିଲେ ତାହାର ସଙ୍କେତ ମିଳେ ଫତେପୁର ସିକ୍ରିରୁ। ମଥୁରାରେ ଶ୍ରୀକୃଷ୍ଣଙ୍କର ବନ୍ଦିଶାଳାରେ ଏନ୍ତୁଡ଼ିଶାଳ, ମଥୁରାପେଡ଼ା ମୋର ସଦା ସ୍ମରଣୀୟ। ବୃନ୍ଦାବନ ଯାଇଛି ଅନେକଥର। ଶ୍ରୀକୃଷ୍ଣ ଓ ରାଧାରାଣୀଙ୍କ ମନ୍ଦିରରୁ ସାତ୍ତ୍ୱିକ ପ୍ରେମର ନିଦର୍ଶନ ଉପଲବ୍ଧ ହୁଏ।

## ବମ୍ବେ, ହାଇଦ୍ରାବାଦ, ତ୍ରିଭେନ୍ଦ୍ରମ୍, କୋଚିନ୍ ଦିଲ୍ଲୀ, କଲିକତା

ବମ୍ବେରେ ସମୁଦ୍ରକୂଳ, ସିନେମା ଷ୍ଟାର୍‌ମାନଙ୍କର ବିରାଟ ସୌଧ, ସୁନ୍ଦର ସୁନ୍ଦର ବଗିଚା ଦେଖିଥିଲି ମୋ ଗବେଷକ ପିଲାମାନଙ୍କ ସହିତ। ହାଇଦ୍ରାବାଦ ଓ ସିକନ୍ଦରାବାଦ ଦେଖିବାର ସୌଭାଗ୍ୟ ମିଳିଥିଲା ସେମିନାରରେ ଯୋଗ ଦେବା ବେଳେ। ସିକନ୍ଦରାବାଦର ହୁସେନ୍ ସାଗର ହ୍ରଦ କୂଳରେ କିଛି ସମୟ କଟାଇଥିଲି। ହାଇଦ୍ରାବାଦର ସାଲାରଜଙ୍ଗ ମ୍ୟୁଜିୟମ୍‌ରେ ଥିବା ବିଭିନ୍ନ ପ୍ରକାର କଳାସଂପନ୍ନ ଫଟୋଚିତ୍ର ଥିଲା ଖୁବ୍ ଆକର୍ଷଣୀୟ। ଚାର୍‌ମିନାର ଦେଖିଥିଲି ସେଠାରେ।

ବାଙ୍ଗାଲୋର ସହର, ବୈଜ୍ଞାନିକ ମ୍ୟୁଜିୟମ୍ ଦେଖିଥିଲି ମୋ ମହୀଶୂର ଭ୍ରମଣ ସମୟରେ। ତ୍ରିଭେନ୍ଦ୍ରମ୍‌ର କୋଭାଲାମ୍ ବିଚ୍‌ରେ କଟେଇଥିଲି କିଛି ସମୟ। ଗୋଟିଏ ଦିନ କୋଚିନ୍‌ରେ ରହି ବିଭିନ୍ନ ଦ୍ୱୀପକୁ ନୌକାରେ ଯାଇ ବୁଲାବୁଲି କରିବା ଥିଲା ରୋମାଞ୍ଚକର। ଦିଲ୍ଲୀର କୁତବ୍‌ମିନାର, ଜୁମା ମସଜିଦ୍, ଲୋଟସ୍ ଟେମ୍ପଲ୍, ସ୍ୱାମୀନାରାୟଣ ଟେମ୍ପୁଲ, ଲାଲକିଲ୍ଲାର ଲାଇଟ୍ ଏବଂ ସାଉଣ୍ଡ ମୋର ଚିର ସ୍ମରଣୀୟ।

କଲିକତାର ଦର୍ଶନୀୟ ସ୍ଥାନ ଭିତରେ ଭିକ୍ଟୋରିଆ ମେମୋରିଆଲ, ମ୍ୟୁଜିୟମ୍, ପରେଶନାଥ ମନ୍ଦିର, କାଳୀଘାଟୀରେ ମା କାଳୀମନ୍ଦିର, ଦକ୍ଷିଣକାଳୀଙ୍କ ମନ୍ଦିର ଇତ୍ୟାଦି

ସୁପ୍ରସିଦ୍ଧ। ପିଲାଦିନେ କଲିକତାର ଚିଡ଼ିଆଖାନା ଖୁବ୍ ଆନନ୍ଦ ଦେଉଥିଲା। ସ୍ୱାମୀ ବିବେକାନନ୍ଦଙ୍କର ସ୍ମୃତି ପୀଠ ବେଲୁରିମଠ ପରିଦର୍ଶନ କରି ତାଙ୍କ ଜ୍ଞାନ ଗାରିମାରେ ଉଦ୍‌ବୁଦ୍ଧ ହୋଇଛି।

ଭାରତରେ ଅନେକ ସ୍ଥାନ ଦର୍ଶନ କରିବା ସହିତ ଅନେକ ଦେବଦେବୀଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମତେ ମିଳିଛି। ଆହୁରି ଅନେକ ସ୍ଥାନ ଭ୍ରମଣ କରିବାର ନିଶା ମୋର ଅଛି। ଈଶ୍ୱରଙ୍କ କୃପା ଥିଲେ ସବୁ ଅଭିଳାଷ ମୋର ପୂରଣ ହେବ ଏ ଭରସା ମୁଁ ରଖିଛି।

## ଜାପାନ ଭ୍ରମଣ

ଜାପାନ ଭଳି ଦେଶରେ ମୋ ପାଦ ପଡ଼ିବ ଏକଥା ମୁଁ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲି। ଈଶ୍ୱରଙ୍କର ଅସୀମ କୃପା ଥିଲା ମୋ ଉପରେ। ଭାରତରେ ବିଭିନ୍ନ ସ୍ଥାନ ବୁଲିବା ପୂର୍ବରୁ ଜାପାନର ବିଭିନ୍ନ ସ୍ଥାନ ପରିଦର୍ଶନ କରିବାର ମଉକା ମୋତେ ମିଳିଥିଲା। ୧୯୮୯ ମସିହାରେ ମୁଁ ଗବେଷଣା କରିବା ପାଇଁ ଜାପାନ ଯାଇଥିଲି। ମୋର ୮ ମାସ ରହଣୀ ସମୟରେ ବିଭିନ୍ନ ସ୍ଥାନକୁ ବକ୍ତୃତା ଦେବା ପାଇଁ ଯାଇ ସେଠାରେ ଅନେକ ସ୍ରାଇନ୍, ବୁଦ୍ଧ ମୂର୍ତ୍ତି ଦେଖିବାର ସୁଯୋଗ ପାଇଥିଲି। ପ୍ରଫେସର ଆଶାକୁରାଙ୍କ ଝିଅମାନଙ୍କ ସହ ଗୋଟିଏ ମ୍ୟୁଜିୟମ୍ ଦେଖିବାର ସୁଯୋଗ ପାଇଥିଲି। ଜାପାନର ପୁରୁଣା ପାରମ୍ପରିକ ଜିନିଷ ଯଥା ଢ଼ିଙ୍କି, ମାଛଧରା ଜାଲ, ମାଛରଖା ଖଳେଇ, ବେଲା, ତାଟିଆ ଇତ୍ୟାଦି ଦେଖି ମୁଁ ଯେମିତି ଭାରତରେ ଅଛି ସେମିତି ଅନୁଭବ କଲି। ଚିଡ଼ିଆଖାନାଟିଏ ମଧ୍ୟ ମୋ ରହିବା ସମୟରେ ଦେଖିଥିଲି। ଭାରତୀୟ ହାତୀଟିଏ ସେଠାରେ ଥିଲା। ତା' ଜନ୍ମସ୍ଥାନ ଭାରତକୁ ଝୁରି ଝୁରି ବୋଧହୁଏ ଝଡ଼ି ଯାଇଥାଏ।

ସେମିନାରରେ ବକ୍ତୃତା ପ୍ରଦାନ କରିବା ପାଇଁ ଫୁକୁର ୟୁନିଭର୍‌ସିଟି, ସୁଲୁବା ଇନଷ୍ଟିଚ୍ୟୁଟ୍, ତୟୋହାସୀ ୟୁନିଭର୍‌ସିଟି ଯାଇ ସେ ସ୍ଥାନର ପାଖାପାଖି ସ୍ଥାନ ବୁଲାବୁଲି କରିଥିଲି। ଥରେ ଦ୍ରୁତଗାମୀ ସିଙ୍କାନ୍‌ସେନ୍ ଟ୍ରେନ୍‌ରେ ବସିବାର ସୌଭାଗ୍ୟ ଜୁଟିଛି। ଟ୍ରେନ୍‌ରେ ବସିଲେ ଏହା ଚାଲୁଛି କି ସ୍ଥିର ଜଣା ପଡୁ ନ ଥାଏ। ଠିକ୍ ଏରୋପ୍ଲେନରେ ଗଲାଭଳି ମୋତେ ଲାଗୁଥାଏ।

ଆମର ଖରାଦିନ ବେଳକୁ ଜାପାନରେ ବର୍ଷାଦିନ। ତା'ପରେ ଆସେ ଶରତ। ଚାରିଆଡ଼େ ଫୁଲର ସମ୍ଭାର। ଅକ୍ଟୋବରରେ ଲମ୍ବା ଛୁଟି ଥାଏ। ୬-୭ ଦିନ ବୁଲିବାକୁ

ଯାଇଥିଲି ମୋ ପ୍ରଫେସରଙ୍କ ପରିବାର ସହିତ। ବିଭିନ୍ନ ପ୍ରକାର ହୋଟେଲ ବିଭିନ୍ନ ଜାଗାରେ ବୁକ୍ କରାଯାଇଥାଏ, କେଉଁଠି ଟ୍ରାଡ଼ିସନାଲ, କେଉଁଠି ଆମେରିକାନ୍ ଷ୍ଟାଇଲ୍ର ହୋଟେଲ। ଗୋଟିଏ ହେଟେଲର ସକାଳ ଜଳଖିଆ ମୁଁ ଭୁଲିନି ଆଜିଯାଏ। ଛଟପଟ ହେଉଥିବା ପ୍ରାୟ ଏ ଇଞ୍ଚିଆ ଚିଙ୍ଗୁଡ଼ି, କୁନିକୁନି ଗେଣ୍ଡା ପ୍ରଥମେ ପରଶା ହେଲା। କୁନିକୁନି ଗେଣ୍ଡା ଭିତରୁ ଚପ୍ ଷ୍ଟିକ୍ ସାହାଯ୍ୟରେ ମାଂସ ଟାଣିଆଣି ସୋୟାସସ୍ରେ ବୁଡ଼ାଇ ସେମାନେ ଖାଇଦେଲେ। କାକୁଡ଼ି ଚୋବାଇଲା ଭଳି ଚୁଙ୍ଗୁଡ଼ିକୁ କଡ଼୍କଡ଼୍ ଚୋବାଇ ଦେଲେ। ରକ୍ତଲଗା କଞ୍ଚା ସାଲମନ୍ ମାଛ ଖଣ୍ଡ କେତୋଟି ମୋ ପାଖରେ ଥୋଇଥିଲେ। କଞ୍ଚାମାଛ, ଶୁଖୁଆ ଗେଣ୍ଡା ଇତ୍ୟାଦି ସେମାନେ ଖୁସିରେ ଖାଇଥିଲେ।

ଶେଷଦିନ ଗୋଟିଏ ହୋଟେଲରେ ରହିବାର ଅନୁଭୂତି ମୋର ଅପାସୋରା। ହଟ୍ ସ୍ପ୍ରିଙ୍ଗରେ ଉଲଗ୍ନ ସ୍ତ୍ରୀମାନେ ଗାଧୋଉଥିବାର ଦୃଶ୍ୟ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି। ସେହି କୃତ୍ରିମ ଛୋଟ ପୋଖରୀ ତୁଠରେ ଉଲଗ୍ନ ସ୍ତ୍ରୀମାନେ ବସି ଗପସପ କରୁଥାଆନ୍ତି। ସମ୍ଭ୍ରାନ୍ତ ଘରର ସ୍ତ୍ରୀଲୋକମାନେ ପୋଖରୀରେ ଗାଧୋଇବାର ସୁବିଧା ପାଆନ୍ତି ନାହିଁ। ତେଣୁ ଉଷୁମ ପାଣିଥିବା ପୋଖରୀ ତୁଠରେ ବସି ଘରକଥା, ପିଲାଛୁଆଙ୍କ କଥା ଗପସପ କରିବାର ଏଠାରେ ସୁବିଧା ପାଆନ୍ତି ବୋଲି ମିସେସ୍ ଆଶାକୁରା ମୋତେ ବୁଝାଇ ଦେଇଥିଲେ।

ଟୋକିଓରେ ଥିବା ସମୟରେ ଅନେକ ବୁଦ୍ଧମୂର୍ତ୍ତି ମୁଁ ଦେଖିଛି। ବଡ଼ ବଡ଼ ସ୍ରାଇନ୍ ମଧ୍ୟ ଦେଖିଛି। ସ୍ରାଇନ୍ରେ ପତଳା ଗଦି ଆସନରେ ଜାପାନୀମାନେ ଆଣ୍ଠେଇ ବୁଦ୍ଧଙ୍କୁ ପ୍ରାର୍ଥନା କରନ୍ତି। ଧୂପକାଠି କେବଳ ମୃତ ବ୍ୟକ୍ତିଙ୍କ ପାଖରେ ଦିଆଯାଏ। ଦିଅଁଙ୍କ ପାଖରେ ଦିଆଯାଏ ନାହିଁ। ବଡ଼ ବଡ଼ ଡ୍ରମ୍ରେ ଡ୍ରମ୍ ଷ୍ଟିକ୍ ବାଡ଼େଇ ଡାଏଁ ଡାଏଁ ଶବ୍ଦ ସୃଷ୍ଟି କରନ୍ତି।

ଥରେ ଯାଇଥିଲି କିଓଟୋ ବୁଲିବା ପାଇଁ। କିଓଟୋ ଥିଲା ଜାପାନର ରାଜଧାନୀ। କିଓଟୋ ମ୍ୟୁଜିୟମ୍ ଏବଂ ସ୍ୱର୍ଣ୍ଣମନ୍ଦିର ପ୍ରସିଦ୍ଧ। ଏଠାକୁ ବହୁତ ଲୋକ ବୁଲିବାକୁ ଆସୁଥାଆନ୍ତି। ମୋର ମନେ ହେଲା ଓଡ଼ିଶାରେ ଏଭଳି ମନୋରମ ସ୍ଥାନ ଅଛି ଯାହା କିଓଟୋର ମ୍ୟୁଜିୟମ୍ ଓ ସ୍ୱର୍ଣ୍ଣମନ୍ଦିରଠାରୁ ଅଧିକ ମାତ୍ରାରେ ସୌନ୍ଦର୍ଯ୍ୟମୟ। ଆମର ଅଧିକାଂଶ ଲୋକ ସୌନ୍ଦର୍ଯ୍ୟପିପାସୁ ନୁହଁନ୍ତି ବୋଲି ଆମେ ଆମର ମନୋରମ ସ୍ଥାନର ମାହାତ୍ମ୍ୟ ବୁଝିପାରୁ ନାହିଁ।

ଗବେଷଣା ସମୟରେ କେତେକ ସ୍ଥାନ ବୁଲିବା ପରେ ଜାପାନ ଛାଡ଼ିବାକୁ ଅଳ୍ପଦିନ ଅଛି ଭାବି ଅନ୍ୟ କିଛି ସ୍ଥାନ ବୁଲାବୁଲି କରିବାକୁ ମନସ୍ଥ କଲି। ବିଚ୍ଛିନ୍ନ ଭାବରେ ଥିବା

କେତୋଟି ଛୋଟ ଛୋଟ ଦ୍ୱୀପ ଓ ତା'ର ଦର୍ଶନୀୟ ସ୍ଥାନ ବୁଲି ଦେଖିବାର ସୌଭାଗ୍ୟ ମୋତେ ମିଳିଥିଲା ।

ଜାପାନ ଦେଶଟି କେତେଗୋଟି ଛୋଟ ଛୋଟ ଦ୍ୱୀପକୁ ନେଇ ଗଠିତ । ସେଗୁଡ଼ିକ ହେଲା ହୋକାଇଦୋ, ହନ୍‌ସୁ, ତୋହକୁ, କାଣ୍ଟୋ, ଚ୍ୟୁବୁ, ଚୋଗାକୁ, କିଙ୍କି, ସିକୋକୁ, କ୍ୟୁସୁ ଓ କିନାଓ୍ୱା । ଜାପାନର ରାଜଧାନୀ ଟୋକିଓ କାଣ୍ଟୋ ଦ୍ୱୀପରେ ଅବସ୍ଥିତ । ହୋକାଇଦୋ ଓ କ୍ୟୁସୁ ଅନ୍ୟ ଦ୍ୱୀପମାନଙ୍କଠାରୁ ବିଚ୍ଛିନ୍ନ । ଏହି ଦେଶଟି ଜାପାନ ସାଗର ଓ ପେସିଫିକ୍ ମହାସାଗରଦ୍ୱାରା ବେଷ୍ଟିତ । ଏଠାରେ ବୌଦ୍ଧଧର୍ମାବଲମ୍ବୀ ଲୋକମାନେ ରହନ୍ତି । ସେମାନଙ୍କୁ ସିନ୍‌ତୋ କୁହାଯାଏ । ଏଠାରେ ଅନେକ ପାହାଡ଼ ଥିବାରୁ ଅନେକ ସ୍ଥାନରେ ସୁଡ଼ଙ୍ଗ ଭିତରେ କାର୍, ବସ୍, ଟ୍ରେନ୍ ଚଳାଚଳ କରେ । ମାଇଲ ମାଇଲ ସୁଡ଼ଙ୍ଗ ଭିତରେ କାର ଯିବା ଦେଖି ପ୍ରଥମେ ପ୍ରଥମେ ମୁଁ ଡରି ଯାଉଥିଲି । ତାହାପରେ ଏହା ଦେହସୁହା ହୋଇଗଲା ।

କିଓଟୋରେ ସିବୁୟା, ସିଞ୍ଜୁକୁ, ହାରାଜିକୁ, ଗିଞ୍ଜା, ଆଶାକୁସା, ଆକିହାବାରା, ଓ୍ୱେନୋ ଇତ୍ୟାଦି ପ୍ରସିଦ୍ଧ ସହର । ଆକିହାବାରାରେ ଅନେକ ଭାରତୀୟ ସାମଗ୍ରୀ ମିଳୁଥିବାରୁ ଏହି ସହରରେ ଭାରତୀୟମାନଙ୍କର ଭିଡ଼ ଜମିଥାଏ । ମୋ ରହଣି ଭିତରେ କିଛି ଇଲେକ୍ଟ୍ରୋନିକ ଜିନିଷ ଏଠାରୁ କିଣିଥିଲି । ବେଶଭୂଷା ଓ ଆଚରଣ ଭଙ୍ଗିରେ ପ୍ରଚଳିତ ପଦ୍ଧତି, ଏହାର ଐତିହାସିକ ପ୍ରାରମ୍ଭ, ପୁରାତନ ରାଜମହଲର ସଂରକ୍ଷଣ, ଫୁଲ ବଗିଚା, ଦ୍ରୁତଗାମୀ ଟ୍ରେନ ସିଙ୍କାନ୍‌ସେନ୍ ଇତ୍ୟାଦି ପାଇଁ ଜାପାନ ପୃଥିବୀରେ ପ୍ରସିଦ୍ଧି ଲାଭ କରିଛି । ଟୋକିଓରେ ଅବସ୍ଥିତ ସେନ୍‌ସୋଜି ମନ୍ଦିର ଓ ଆଶାକୁସା ସ୍ରାଇନ ଦେଖିଛି । ପ୍ରସିଦ୍ଧ ଐତିହାସିକ ଟୋକିଓ ଦୃଶ୍ୟ ଦେଖି ଯାତ୍ରୀମାନେ ବିମୋହିତ ହୋଇଯାଆନ୍ତି । ଏଠାରେ ଥିବା ଟୋକିଓ ଟାଓ୍ୱାର ପୃଥିବୀ ବିଖ୍ୟାତ । ଏସବୁ ଦେଖିବାର ସୁଯୋଗ ମୁଁ ପାଇଥିଲି । ସିବୁୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମ୍ୟୁଜିକ୍, ଗେମ୍ ଆକର୍ଷଣୀୟ । ଓ୍ୱେନରେ ମ୍ୟୁଜିୟମ, ଗ୍ୟାଲେରୀ, ପୁରାତନ ପଦ୍ଧତିରେ ପ୍ରଚଳିତ ସାମଗ୍ରୀର ବଜାର ଇତ୍ୟାଦି ଦେଖିବାକୁ ମିଳେ । ଥରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ସିବୁୟା ଯାଇଥିଲି । ହାରାଜୁକୁ ଲୋକମାନେ ଅମିତବ୍ୟୟୀ ଏବଂ ଅଯଥାରେ ଖାଦ୍ୟ ନଷ୍ଟ କରନ୍ତି । ଏଠାକାର ସୌଖୀନ ପୋଷାକ ଓ ପଦାର୍ଥ ପୃଥିବୀ ବିଖ୍ୟାତ । ସୁମିଦା ନଦୀ କୂଳରେ ଆଶାକୁସା ସହର ଗଢ଼ି ଉଠିଛି । ପର୍ବ ପର୍ବାଣି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏହି ସହରଟି ଜାପାନ ବିଖ୍ୟାତ ।

ପୃଥିବୀ ବିଖ୍ୟାତ ଐତିହାସିକ କୀର୍ତ୍ତିସଂପନ୍ନ ବୁଦ୍ଧ ମନ୍ଦିର, ସିନ୍‌ତୋ ଧର୍ମାବଲମ୍ବୀମାନଙ୍କର ଦେବାଳୟ, ନିକୋ ଜାତୀୟ ପାର୍କ, ପର୍ବତର ଦୃଶ୍ୟ ଇତ୍ୟାଦି ପାଇଁ କାଣ୍ଟୋ ଦ୍ୱୀପ ପ୍ରସିଦ୍ଧି ଲାଭ କରିଛି। କାନ୍‌ସାଇ ଦ୍ୱୀପରେ ପୃଥିବୀ ବିଖ୍ୟାତ ଓସାକା ସହର ଅବସ୍ଥିତ। ଏଠାରେ ସବୁ ଦେଶର ଉତ୍ତମ ଖାଦ୍ୟ ସାମଗ୍ରୀ ବିକ୍ରୟ ହୁଏ। ତେଣୁ ଅନେକ ଭାରତୀୟ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ଓସାକା ଯାଆନ୍ତି। ମୁଁ ମଧ୍ୟ ଏହି ସହରରୁ କିଛି ଖାଦ୍ୟ ସାମଗ୍ରୀ କିଣିଥିଲି। ଏହି ଦ୍ୱୀପରେ କିଓଟୋ ସହର ଅବସ୍ଥିତ। ଏହା ପୂର୍ବରୁ ଜାପାନର ରାଜଧାନୀ ଥିଲା। ଏଠାରେ ଅନେକ ବୁଦ୍ଧମନ୍ଦିର, ବାଉଁଶରେ ତିଆରି ପଦାର୍ଥ, ସିନ୍‌ତୋ ଧର୍ମାବଲମ୍ବୀମାନଙ୍କ ଦେବାଳୟ, ପାହାଡ଼ ପାଖ ବଗିଚା, ସ୍ୱର୍ଣ୍ଣ ମନ୍ଦିର ଦେଖିବାକୁ ମିଳେ। ନାରାରେ କାଠରେ ନିର୍ମିତ ବଡ଼ ବଡ଼ ଘର ଦୃଶ୍ୟମାନ ହୁଏ। କିଓଟୋ ଦେଖିବାର ସୌଭାଗ୍ୟ ମୋତେ ମିଳିନଥିଲା ପ୍ରଥମ ଥର ଜାପାନରେ ରହଣି ସମୟରେ। ଦ୍ୱିତୀୟଥର ମୁଁ ଯାଇଥିଲି କିଓଟୋ।

ହିମୋଜିରେ The White Heron ନାମକ ସୁନ୍ଦର ରାଜପ୍ରାସାଦ ଅଛି। ମିୟାଜିମାରେ ଭାଷମାନ ଟୋରି ଦେଖାଯାଏ। ନିକୋରେ ଟୋସୋଗୁ ସ୍ରାଇନ ଅବସ୍ଥିତ। ହୋକାଇଦୋ ଦ୍ୱୀପରେ ଭୁସୁଡ଼ି ପଡ଼ିଥିବା ସ୍ଥଳଭାଗ ଦୃଷ୍ଟିଗୋଚର ହୁଏ। ସକ୍ରିୟ ଆଗ୍ନେୟଗିରି ଥିବା ପାହାଡ଼ ହିୟୋରିୟାମା ଏଠାରେ ଅଛି। ଏହି ଦ୍ୱୀପକୁ ନିକଟସ୍ଥ ଉଷ୍ଣପ୍ରସ୍ରବଣର ନିର୍ଝରରୁ ଜଳ ଯୋଗାଇ ଦିଆଯାଏ। କ୍ୟୁସୁ ଦ୍ୱୀପରେ ନାଗାସାକି ଓ ଚ୍ୟୁଗୋକୁ ଦ୍ୱୀପରେ ହିରୋସିମା ସହର ଅବସ୍ଥିତ। ହିରୋସିମାରେ ବମ୍‌ଡୋମ୍ ଅବସ୍ଥିତ। ନାଗାସାକିରେ ପରମାଣୁ ବିସ୍ଫୋରଣ ହୋଇଥିଲା ୧୯୪୫ ମସିହା ଅଗଷ୍ଟ ୯ ତାରିଖରେ। ଏହି ସବୁ ସହର ଅଳ୍ପ ଦିନରେ ବୁଲି ଦେଖିବାର ସୁବିଧା ମୋତ ମିଳିଥିଲା।

କାମାକୁରାରେ ଚିତ୍ରକଳା ସମ୍ପର୍ଣ୍ଣ ମନୁମେଣ୍ଟ ଦେଖିବାକୁ ଦିନେ ଯାଇଥିଲି। ମାଉଣ୍ଟ ଫୁଜି ଜାପାନର ଏକ ଦର୍ଶନୀୟ ପର୍ବତ। ଏହାର ଉଚ୍ଚତା ୩୭୭୬ ମିଟର। ଏହା ଜାପାନର ସୌନ୍ଦର୍ଯ୍ୟଭରା ପ୍ରାକୃତିକ ମାଇଲ ଖୁଣ୍ଟିଭଳି ଦଣ୍ଡାୟମାନ। ହଜାର ହଜାର ଲୋକ ଜୁଲାଇ ଏବଂ ଅଗଷ୍ଟମାସରେ ଏହା ଉପରକୁ ଚଢ଼ନ୍ତି। ଟୋକିଓ ଏବଂ କାଣ୍ଟୋରୁ ଏହି ପର୍ବତ ସୁନ୍ଦର ଭାବରେ ଦୃଶ୍ୟମାନ ହୁଏ। ଶୀତ ଋତୁରେ ଏହା ସ୍ୱଷ୍ଟ ଦେଖାଯାଏ। ଏହି ପର୍ବତ ଉପରକୁ ଚଢ଼ିବା ପାଇଁ ସବୁ ପ୍ରକାର ସୁବିଧା କରାଯାଇଛି। ଲୋକମାନେ ପ୍ରାୟ ଫୁଂଜିନୋମିୟା ଆଡୁ ପାହାଡ଼ ଉପରକୁ ଚଢ଼ନ୍ତି। ଏହା ଉପରକୁ ଚଢ଼ିବା ପାଇଁ

ଟ୍ରେନର ସୁବିଧା ନାହିଁ। ଜୁଲାଇ ଓ ଅଗଷ୍ଟ ମାସରେ ସିଞ୍ଜୁକୁ ଷ୍ଟେସନରୁ ଲୋକମାନେ ବସରେ ଯାଆନ୍ତି। ଫୁଂଜିରେ ଗୋଟିଏ ଯୌଗିକ ଆଗ୍ନେୟଗିରି ଅଛି। ୧୭୦୮ ମସିହାରେ ଏଠାରେ ଉଦ୍‌ଗିରଣ ହେବାପରେ ଏହା ନିଷ୍କ୍ରିୟ ହୋଇ ଯାଇଛି। ଏହି ପାହାଡ଼ ତଳେ ଛିଡ଼ା ହୋଇ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲି ମୁଁ।

ଗିଞ୍ଜା ଜାପାନର ଏକ ଦର୍ଶନୀୟ ସ୍ଥାନ। ଏଠାରେ ଗିଞ୍ଜା ଆପିଟୋମାଇଜେସ ଅଛି। ମାଟିତଳେ ରାସ୍ତା ମଧ୍ୟ ଏଠାରେ ପରିଲକ୍ଷିତ ହୁଏ। ଜାପାନ ସରକାରଙ୍କର କେନ୍ଦ୍ରୀୟ ଜାତୀୟ ବ୍ୟବସ୍ଥାପକ ସଭାଗୃହ ଏବଂ ଏମ୍ପେରିଆଲ୍ ପ୍ୟାଲେସ ଏଠାରେ ଅବସ୍ଥିତ। ଏଠାରେ ବୈଦ୍ୟୁତିକ ଆତସବାଜି ଉପଭୋଗ କରାଯାଏ। ପ୍ରଦେଶର ମୁଖ୍ୟ, ଜାପାନର ଏମ୍ପରର ଏବଂ ପ୍ରଶାସନିକ ଲୋକମାନେ ରହିବା ପାଇଁ ବଡ଼ବଡ଼ କୋଠାଘର ଏଠାରେ ପ୍ରତିଷ୍ଠା କରାଯାଇଛି। ଗୋଟିଏ ଦିନରେ ଏ ସବୁ ବୁଲିବୁଲି ଦେଖିବା ମୋ ପକ୍ଷେ କଷ୍ଟକର ହୋଇ ପଡ଼ିଥିଲା।

ପୁରାତନ ୧୨ଟି ରାଜପ୍ରାସାଦ ମଧ୍ୟରେ ହିମେଜି ରାଜପ୍ରାସାଦ ଅନ୍ୟତମ। ଏହାର ନାମ ହ୍ୱାଇଟ୍ ହେରୋନ କ୍ୟାସଲ। ଏହି ରାଜପ୍ରାସାଦ ପାଇନ୍ ଓ ଚେରି ଗଛ ଦ୍ୱାରା ପରିବେଷ୍ଟିତ। ଏହା ୧୩୩୩ ମସିହାରୁ ୧୩୪୬ ମସିହା ମଧ୍ୟରେ ନିର୍ମିତ ହୋଇଥିଲା। ଏହାର ସଂପ୍ରସାରଣ କରାଯାଇଥିଲା ୧୬୦୧ ମସିହାରୁ ୧୬୦୮ ମସିହା ମଧ୍ୟରେ। ଏହି ରାଜପ୍ରାସାଦ ଦେଖି ମୁଁ ସ୍ତମ୍ଭୀଭୂତ ହୋଇଯାଇଥିଲି।

ହିରୋସିମା ଉପରେ ପରମାଣୁ ବୋମା ପ୍ରଚଣ୍ଡ ଶବ୍ଦ କରି ଫୁଟିଥିଲା ୧୯୪୫ ମସିହା ଅଗଷ୍ଟ ୬ ତାରିଖରେ। ଏହାର ଧ୍ୱଂସ ପରେ ଯେଉଁ ଅବଶେଷ ରହିଯାଇଥିଲା ତାହା "ବମ୍‌ଡ଼ୋମ" ନାମରେ ନାମିତ। ଏହା ବର୍ତ୍ତମାନ "ହିରୋସିମା ପିସ୍ ମୋମୋରିଆଲ ପାର୍କ"ର କେନ୍ଦ୍ରରେ ଅବସ୍ଥିତ। ଏଠାକୁ ହଜାର ହଜାର ଦର୍ଶକ ଆସନ୍ତି। ୟୁନାଇଟେଡ୍ ଷ୍ଟେଟ୍‌ସ ଏବଂ ଚୀନର ବିରୋଧ ସତ୍ତ୍ୱେ ଏହା ପୃଥିବୀର ପ୍ରସିଦ୍ଧ ଐତିହାସିକ କୀର୍ତ୍ତି ଭାବରେ ଗ୍ରହଣ କରାଯାଇଛି। ପରମାଣୁ ବୋମା ବିସ୍ଫୋରଣର ପରବର୍ତ୍ତୀ ପରିଣାମ ଏବଂ ବିସ୍ଫୋରଣରେ ପ୍ରାୟ ୭୦ ହଜାର ଲୋକଙ୍କର ମୃତ୍ୟୁ ଘଟଣାକୁ ନେଇ ଉଠିଥିବା ଫଟୋ ଚିତ୍ର ଏଠାରେ ଦେଖିବାକୁ ମିଳେ। ଏହି ପ୍ରଳୟଙ୍କରୀ ବୋମାର ଆବଶ୍ୟକତା ଉପରେ ଆଜି ବହୁତ ତର୍କ ବିତର୍କ କରାଯାଉଛି।

କାମାକୁରା ଜାପାନର ଅନ୍ୟ ଏକ ମନୁମେଣ୍ଟ। ଏହା ଟୋକିଓ ଏବଂ ୟୋକୋହାମାର ନିକଟବର୍ତ୍ତୀ ସହର। ତେଣୁ ଲୋକମାନେ କାଣ୍ଟୋରୁ ଏଠାକୁ ଯାଆନ୍ତି। ଏଠାରେ ଏକ ବୃହତ ବୁଦ୍ଧ ମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ମୂର୍ତ୍ତି ପ୍ରଥମେ ଗୋଟିଏ କୋଠାଘରେ ରଖାଯାଇଥିଲା। ପଞ୍ଚଦଶ ଶତାବ୍ଦୀରେ ଟାଇଫୋନ୍‌ରେ ଏହି ଘର ନଷ୍ଟ ହୋଇଗଲା। ଏହାର ଉଚ୍ଚତା ୪୪ ଫୁଟ ଏବଂ ଓଜନ ୯୩ ଟନ୍। ୧୨୯୨ ମସିହାରେ ଏହି ବ୍ରଞ୍ଜ ମୂର୍ତ୍ତିଟି ତିଆରି ହୋଇଥିଲା। ଏହି ମୂର୍ତ୍ତି ପାଖରେ ଛିଡ଼ାହୋଇ ମୁଁ ଫଟୋ ଉଠାଇବାର ସୌଭାଗ୍ୟ ପାଇଛି।

ମାତ୍ସୁମୁଟୋ ରାଜପ୍ରାସାଦ ୧୫୦୪ ମସିହାରେ ସ୍ଥାପନ କରାଯାଇଥିଲା। ଏହାର ଆକୃତି କାଉ ସଦୃଶ ହୋଇଥିବାରୁ ଏହାର ଡାକ ନାମ "କ୍ରୋ କ୍ୟାସଲ୍"। ଜାପାନରେ ରାଜପ୍ରାସାଦଗୁଡ଼ିକ ସେ ଦେଶର ଜାତୀୟ ସମ୍ପତ୍ତି। ଏଠାରେ ପାଞ୍ଚ ମହଲା ପାଗୋଡ଼ା ଦେଖିବାକୁ ମିଳେ।

ନିକୋରେ ଅନେକ ଝରଣା, ହ୍ରଦ ଓ ସ୍ରାଇନ ଅଛି। ଏହାକୁ ଦେଖିବା ପାଇଁ ଅନେକ ଯାତ୍ରୀ ନିକୋ ଯାଆନ୍ତି। ନାରା ଜାପାନର ପୁରାତନ ରାଜଧାନୀ ଏବଂ ପ୍ରଥମ ସହର। ଏହି ସହର ଆଠଶହ ମସିହାରେ ସ୍ଥାପିତ ହୋଇଥିଲା। କାଠରେ ନିର୍ମିତ ପୃଥିବୀର ବୃହତ୍ତ ଟୁଡ଼ାଇ-ଜି ହଲ ପାଇଁ ଏହି ସହର ପ୍ରସିଦ୍ଧ। ଏହି ହଲ୍‌ରେ ଏକ ବିରାଟ ବୁଦ୍ଧ ମୂର୍ତ୍ତି ଅଛି।

ଏହି ସବୁ ସ୍ଥାନ ଦେଖିବା ପାଇଁ ଟ୍ରେନ ଓ ବସ୍‌ରେ ଏବଂ ସ୍ଥାନେ ସ୍ଥାନେ ପାଦରେ ଚାଲି ଚାଲି ଯିବା ଦ୍ୱାରା ରାସ୍ତାଘାଟ ଓ ଗାଡ଼ି ମଟର ଚଳାଚଳ ବିଷୟରେ ମୋର ଅନେକ ଧାରଣା ହୋଇଗଲା। ଏଠାରେ ରାସ୍ତାରେ ଚାଲିଚାଲି ଯାତାୟତ କରିବା ଖୁବ୍ ସୁବିଧାଜନକ। ଗାଡ଼ି ଚାଳକମାନେ ପାଦଚଲା ଲୋକମାନଙ୍କ ପ୍ରତି ଖୁବ୍ ସାବଧାନ। ଟିକିଏ ବ୍ୟତିକ୍ରମ ହେଲେ ସଙ୍ଗେ ସଙ୍ଗେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଯାଏ। ତେଣୁ ରାସ୍ତାରେ ଯାଉଥିବା ଲୋକଙ୍କ ପାଖରେ ସେମାନେ ଧୀରେ ଧୀରେ ଗାଡ଼ି ଚଲାଇ ଲୋକଙ୍କର ଅସୁବିଧା ନକରି ଚାଲି ଯାଆନ୍ତି। ରାସ୍ତା ଉପରେ ପାଣି ଥିଲେ ସେମାନେ ଏମିତି କାଇଦାରେ ଗାଡ଼ି ଚଲାନ୍ତି ଯେ ପାଖରେ ଯାଉଥିବା ଲୋକ ଉପରେ ଟୋପାଏବି ପାଣି ପଡ଼େନି।

## ଆମେରିକା ଭ୍ରମଣ

ଆମେରିକାରେ ପହଞ୍ଚିବାପରେ ପ୍ରଥମେ ନିମନ୍ତ୍ରଣ ଆସିଥିଲା ଉମାଭାଇଙ୍କ ଠାରୁ। ମୋ ସ୍ୱାମୀଙ୍କର ବନ୍ଧୁ ଇଞ୍ଜିନିୟର ସରୋଜ କୁମାର ପଟ୍ଟନାୟକଙ୍କର ବଡ଼ଭାଇ ଚିଫ୍ ଇଞ୍ଜିନିୟର ଡକ୍ଟର ଉମେଶ ଚନ୍ଦ୍ର ପଟ୍ଟନାୟକ। ସେ ରହୁଥିଲେ Delaware stateର Doverରେ। ମୋ ପାଇଁ ଟ୍ରେନ୍ ଟିକେଟ କରି ସେ ପଠାଇ ଥାଆନ୍ତି। କଟକରୁ ସରୋଜ ବାବୁଙ୍କର ବଡ଼ଭାଇଙ୍କୁ ଥାଏ ଅନୁରୋଧ, "ମୋ ବନ୍ଧୁ ପତ୍ନୀ ସୁବାସିନୀର ଯତ୍ନ ନେବ"। କାଳେ ଷ୍ଟେସନ ମିସ୍ କରିଯିବି ଭୟ ଥାଏ। ସବୁ ଷ୍ଟେସନରେ ଟ୍ରେନ୍ ଭିତରେ ଷ୍ଟେସନ ନାଁ ଘୋଷଣା କରାଯାଉଥାଏ। ଟ୍ରେନ ଠିକ୍ ସମୟରେ ଷ୍ଟେସନରେ ପହଞ୍ଚିଲା। କମ୍ପାର୍ଟମେଣ୍ଟ ଦୁଆର ମୁହଁରେ ପ୍ଲାଟଫର୍ମକୁ ଚାହିଁଲି। ନୀଳ ରଙ୍ଗର ପ୍ୟାଣ୍ଟ ପିନ୍ଧି ଇସତ୍ ଶ୍ୟାମଳ ରଙ୍ଗର ଭଦ୍ରଲୋକ ଜଣକ ମୋ କମ୍ପାଟମେଣ୍ଟ ଦୁଆର ମୁହଁରେ ଆସି ଠିଆ ହୋଇଗଲେ। "ଉମା ଭାଇ" ବୋଲି ମୋ ସମ୍ବୋଧନ ଶୁଣି ସେ ଆଶ୍ଚର୍ଯ୍ୟ ହେଲେ। ତାଙ୍କର ପ୍ରଥମ ପ୍ରଶ୍ନ ହେଲା "ମୁଁ ଉମାଭାଇ ବୋଲି କେମିତି ଜାଣିଲ ?" ନିଜ ଦେଶର ଲୋକଙ୍କୁ ଚିହ୍ନିବାରେ କିଛି କଷ୍ଟ ହୁଏନି ବୋଲି କହିଲି। ଅଧଘଣ୍ଟା ଭିତରେ ପହଞ୍ଚିଲି ତାଙ୍କ ଘରେ। ତାଙ୍କ ସ୍ତ୍ରୀ ସାବିତ୍ରୀ ଭାଉଜ ଖୁବ୍ ସ୍ନେହୀ। ସମ୍ବଲପୁରୀ ଧଳା ଶାଢ଼ୀଟିଏ ପିନ୍ଧି ଥିଲେ। ଅନେକ ପ୍ରକାର ଖାଇବା ସେ ରାନ୍ଧି ରଖି ଥିଲେ ମୋ ପାଇଁ। ମୋତେ ଖୁବ୍ ଘରୁଆ ଘରୁଆ ଲାଗିଲା। ତାଙ୍କ ବଗିଚାରେ ଗୋଲାପ ଫୁଲ ଦେଖି ମୁଁ ଆତ୍ମବିଭୋର ହୋଇଗଲି। ପ୍ଲମ୍ ଗଛର ଫଳ ତୋଳିବାକୁ ମଜା ଲାଗୁଥାଏ ତାଙ୍କ ବଗିଚାରେ।

ତା'ପରଦିନ ବାହାରିଲୁ ୱାସିଂଟନ୍ ଡିସି ଅଭିମୁଖେ। ସେଠାରେ କ'ଣ କ'ଣ ଦେଖିବି ଲିଷ୍ଟ କରିଥାଏ କଟକରେ। ଉମାଭାଇ ସାହାଯ୍ୟ କଲେ ବୁଲିବାରେ। ପ୍ରଥମେ ଦେଖିଲୁ ଲିଙ୍କନ୍ ମେମୋରିଆଲ। ଆବ୍ରାହାମ ଲିଙ୍କନ୍‌ଙ୍କ ବିରାଟ ମୂର୍ତ୍ତି ଥାଏ ସେଠାରେ। ଆବ୍ରାହମ୍ ଲିଙ୍କନ୍‌ଙ୍କ ସ୍ମୃତିକୁ ଧାରଣ କରିଛି ଲିଙ୍କନ ମୋମୋରିଆଲ୍। ସେ ଥିଲେ ଆମେରିକାର ଷୋଳତମ ପ୍ରେସିଡେଣ୍ଟ। ତା'ପରେ ଗଲୁ ଆମେରିକା ପ୍ରେସିଡେଣ୍ଟଙ୍କର ବାସସ୍ଥାନ ହ୍ୱାଇଟ୍ ହାଉସ୍ ପାଖକୁ। ଗେଟ୍ ପାଖରେ ବସି ଫଟୋ ଉଠାଇଲି। ଭିତରକୁ ପଶିବାକୁ ଅନୁମତି ମିଳିଲା ନାହିଁ। Arlington Cemetery ଦେଖିବାକୁ ଯାଇଥିଲୁ ଏହାପରେ। ଶ୍ମଶାନ ନୁହଁ ସେ। ପାର୍କଭଳି ଲାଗିଲା। କେନେଡ଼ିଙ୍କ ଜୁଇ ଦିନରାତି

ସେଠାରେ ଜଳୁଥାଏ। ତା'ପରେ ଆସିଲୁ ନ୍ୟାସନାଲ ଲାଇବ୍ରେରୀ ପାଖକୁ। ଗେଟ୍‌ର ଦୁଇ ପାଖରେ ଅର୍ଦ୍ଧ ଉଲଗ୍ନ ସ୍ତ୍ରୀ ଲୋକମାନଙ୍କର ମୂର୍ତ୍ତି ଦେଖି ଟିକିଏ ଲାଜେଇ ଗଲି। ହ୍ୱାଇଟ୍ ହାଉସର ଦକ୍ଷିଣରେ ଜେଫରସନ୍ ମେମୋରିଆଲ୍ ଅବସ୍ଥିତ।

ତା'ପରିଦିନ ଗଲି ଜଗନ୍ନାଥଙ୍କ ଦର୍ଶନ ପାଇଁ। ଆମେରିକାନ୍ ସ୍ତ୍ରୀ ଓ ପୁରୁଷମାନେ ଧୋତି ଓ ଗେରୁଆ ଫତେଇ ପିନ୍ଧି ଓ ଶାଢ଼ି ପିନ୍ଧି ଝାଞ୍ଜ ମୃଦଙ୍ଗ ବଜାଇ ଜୟଦେବଙ୍କ ଗୀତଗୋବିନ୍ଦ ଗାଇ ଗାଇ ନାଚୁଥିବାର ଦେଖି ମୁଁ ବିସ୍ମିତ ହୋଇଗଲି। ପ୍ରଭୁ! ତୁମର ଲୀଳା ସବୁଠାରେ। ତିନି ଭାଇ ଭଉଣୀ ମନ୍ଦିରରେ ପୂଜା ପାଉ ଥାଆନ୍ତି। ବହୁତ ଭାରତୀୟ ସେଠାରେ ଦେଖାହେଲେ। ମୋର ପ୍ରିୟ ଅବଢ଼ା ଖାଇବାକୁ ମିଳିଲା ସେଠାରେ। ସାଙ୍ଗରେ ଉମାଭାଇ, ଭାଉଜ ଓ ତାଙ୍କ ସାନ ପୁଅ ଡେଭିଡ୍ ଥାଆନ୍ତି। "ପ୍ରଭୁ ସବୁ ତୁମ ଇଚ୍ଛା" କହି ଫେରିଲି ଘରକୁ। ଉମାଭାଇ ମୋତେ ଗୋଟିଏ ଇସ୍‌କନ୍ ମନ୍ଦିର ଦେଖାଇଥିଲେ। ପ୍ରଭୁପାଦଙ୍କ ମୂର୍ତ୍ତି ଦେଖିଲେ ମନେ ହେଉଥିଲା ସତେ ଯେମିତି ସେ ଜୀବନ୍ତ ମଣିଷ।

କନ୍‌ଫେରେନ୍ସ ପରଦିନ ମୋତେ ଓ ଜଣେ ଜାପାନୀ ପ୍ରଫେସରଙ୍କୁ ମୃନ୍ମୟ ବୁଲାଇବାକୁ ନେଇଗଲା ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପାଖକୁ। ନ୍ୟୁଜର୍ସି ଓ ନ୍ୟୁୟର୍କ ମଧ୍ୟରେ ଥିବା ସୀମାରେ ଏଲିସ୍ ଦ୍ୱୀପ ଏବଂ ଲିବର୍ଟି ଦ୍ୱୀପ ଅବସ୍ଥିତ। ଏହି ଦ୍ୱୀପକୁ ଲୋକମାନେ ଫେରିରେ ଯାତାୟତ କରନ୍ତି। ନ୍ୟୁଜର୍ସିରେ ଲିବର୍ଟି ଦ୍ୱୀପ ଓ ନ୍ୟୁର୍କରେ ଏଲିସ୍ ଦ୍ୱୀପ ଅବସ୍ଥିତ। ଲୋକମାନେ ବନ୍ଦର ଦେଇ ଏଲିସ୍ ଦ୍ୱୀପକୁ ଗଲାବେଳେ ତାଙ୍କ ଆଖି ପଡ଼େ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପରେ। ସେମାନେ ପ୍ରାଣ ଦେଇଥିବା କୋଟି କୋଟି ଲୋକମାନଙ୍କର ଅବଦାନ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି ସେଠାରେ। ଷ୍ଟାଚ୍ୟୁ ଅଫ୍ ଲିବର୍ଟି ମୂର୍ତ୍ତି ଆମେରିକାନମାନେ ପ୍ରଥମ ମହାସମର ପୂର୍ବରୁ ଆଣିଥିଲେ ଫ୍ରାନ୍ସ ଦେଶରୁ। ଏହି ମୂର୍ତ୍ତି ହାତରେ ଗୋଟିଏ ମସାଲ ଧରି ଉପରକୁ ଉତ୍ତୋଳନ କରିଛି। ଏହି ମସାଲଟି ମୁକ୍ତି (Liberty)ର ସଂକେତ। ଏହି ଦୁଇଟି ଦ୍ୱୀପର ଇତିହାସ ଆଜି ପର୍ଯ୍ୟନ୍ତ ଅମର। ତା'ପରେ ଗଲୁ ୱାର୍ଲଡ୍ ଟ୍ରେଡ଼ ସେଣ୍ଟର ଦେଖିବା ପାଇଁ। ୱାର୍ଲଡ୍ ଟ୍ରେଡ୍ ସେଣ୍ଟର ବିଲ୍‌ଡିଂକୁ ଚାହିଁଲେ ଆଖି ପାଉନଥାଏ। ସତେ ଯେମିତି ଏହା ଆକାଶକୁ ଛୁଇଁଥାଏ, ସେମିତି ଲାଗୁଥାଏ। ୨-୩ ମହଲା ପର୍ଯ୍ୟନ୍ତ ଚଢ଼ି ପୃଥିବୀର ବ୍ୟବସାୟ କେନ୍ଦ୍ରସ୍ଥଳୀ ଦେଖିଲାପରେ ଆମେ ଫେରି ଆସିଥିଲୁ ଘରକୁ।

କିଛି ଦିନ ମୁନ୍ମୟ ଘରେ ରହିଲା ପରେ ମନିଆପଲିସିରେ ହେଉଥିବା OSA (Orissa Society of the Americas) କନ୍‌ଫେରେନ୍ସରେ ଯୋଗ ଦେବାପାଇଁ ନିମନ୍ତ୍ରଣ ଆସିଲା ମୋର ବନ୍ଧୁ ଡଃ କାଜଲ ମୁଖାର୍ଜୀଙ୍କଠାରୁ। ସେ ମୋ ଉପର ଶ୍ରେଣୀର ଛାତ୍ରୀ ଥିଲେ ରେଭେନ୍ସାରେ। ଲେଡ଼ିଜ୍ ହଷ୍ଟେଲରେ ଏକା ରୁମରେ ସ୍ନାତକତ୍ତୋର ଶ୍ରେଣୀରେ ପଢ଼ିଲାବେଳେ ରହୁଥିଲୁ। ଡଃ ସୁନୀତି ମିଶ୍ର କାଲିଫର୍ଣ୍ଣିଆର ସାନ୍‌ହୋଜେରୁ ଆସି OSA କନ୍‌ଫେରେନ୍ସରେ ଯୋଗ ଦେବାର ଥାଏ। ସେ ମଧ୍ୟ ମୋ ସହିତ ଏକା ରୁମ୍‌ରେ ରହୁଥିଲେ। ସେ ଦୁଇଜଣଙ୍କ ସହିତ ମୋର ଥିଲା ଘନିଷ୍ଠତା। କାଜଲ ଦିଦିଙ୍କ ସ୍ୱାମୀ ପ୍ରଣବ ଦାଦା ଓ ସୁନୀତି ଅପାଙ୍କ ସ୍ୱାମୀ ସରୋଜ ବାବୁ ମୋତେ ପାଛୋଟି ନେଲେ ଏୟାରପୋର୍ଟରୁ। କାଜଲ ଦିଦିଙ୍କ ଘରେ ତିନିଜଣ ରେଭେନ୍ସା କଲେଜ ଓ ଲେଡ଼ିଜ ହଷ୍ଟେଲ ସ୍ମୃତି ରୋମନ୍ଥନ କରି ବିଳମ୍ବିତ ରାତିରେ ଶୋଇଲୁ। ତା'ପରଦିନ ଥାଏ କନ୍‌ଫେରେନ୍ସ। କଟକରୁ ଡଃ ପ୍ରତିଭା ରାୟ ଓ ଶ୍ରୀଯୁକ୍ତ ଦେବେନ୍ଦ୍ର ମିଶ୍ର ନିମନ୍ତ୍ରିତ ହୋଇଥାଆନ୍ତି OSAକୁ। ଅନେକ ଓଡ଼ିଆ ଲୋକମାନଙ୍କ ସହ ଦେଖା ହେଲା। ଜଗନ୍ନାଥଙ୍କ ଉପରେ ଅନେକ ଆଲୋଚନା ହେଲା ଏବଂ ଓଡ଼ିଆ ଘରର ସଂସ୍କୃତି ଓ ଚାଲି ଚଳନ ବିଷୟରେ ଯୁବପିଢ଼ିମାନଙ୍କୁ ଅବଗତ କରାଗଲା। ଓଡ଼ିଶୀ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ଥିଲା। ଖାଦ୍ୟ ଥିଲା ପୂରା ଓଡ଼ିଶା ଖାଦ୍ୟ। କିଏ ଭଙ୍ଗା ପାନ ବିକ୍ରି କରୁଥିଲା ତ କିଏ କାକରା। ସତେ ଯେମିତି ଓଡ଼ିଶା ଚାଲି ଆସିଛି ଆମେରିକାକୁ। ଆମେରିକା ଢାଞ୍ଚାରେ ରହି ରହି ଓଡ଼ିଆ ଲୋକମାନେ ଅତିଷ୍ଠ ହୋଇଗଲା ପରେ କିଛି ସମୟ କଟାନ୍ତି ଓଡ଼ିଶା ବାତାବରଣ ଭିତରେ। ଅନ୍ତତଃ ନିଜ ମାତୃଭୂମିକୁ ନଭୁଲିବା ପାଇଁ ଏହା ଏକ ସୁନ୍ଦର ଆୟୋଜନ।

ମିନିଆପଲିସିରେ ଅନେକ ଛୋଟ ଛୋଟ ହ୍ରଦ ଦେଖିଲି। ରାତିରେ ଆତସବାଜିର ବ୍ୟବସ୍ଥା ଥିଲା। ସ୍ଥାନଟି ମୋତେ ଖୁବ୍ ଭଲ ଲାଗିଲା। ତାପମାତ୍ରା ମଧ୍ୟ ଉତ୍ତମ ଥିଲା। ସେଠାରେ ଗୋଟିଏ ମ୍ୟୁଜିୟମ୍ ଦେଖିବାକୁ ଗଲି ତା'ପରଦିନ।

ମିନିଆପଲିସି ଛାଡ଼ିଲାପରେ ମୋ ଯାତ୍ରା ଥିଲା ଲସ୍‌ଏଞ୍ଜେଲକୁ। ସେଠାରେ ମୋ ସମ୍ପର୍କୀୟ ମଦନ ବାବୁ ରହୁଥାଆନ୍ତି। ତାଙ୍କ ସହିତ ମୁଁ ଯାଇଥିଲି ଲସ୍‌ଏଞ୍ଜେଲର ଏକ ବଡ଼ ଡିଜ୍‌ନିଲାଣ୍ଡ ଦେଖିବାକୁ। ସେଠାରେ ପହଞ୍ଚିଲାଠାରୁ ଆସିବା ଯାଏ ଯାହା ସବୁ ଦେଖିଲି ତାହା ବର୍ଣ୍ଣନା କରିବା କଷ୍ଟକର, କେବଳ ଅନୁଭବ କରିହେବ। ହଲିଉଡ୍ ଦେଖି ମୁଁ

ତାଜୁବ୍ ହୋଇଗଲି। ଯାହା ସବୁ ସିନେମାରେ ଆମେ ଦେଖୁଁ ତାହା କେମିତି ଛୋଟ ଜିନିଷରୁ ବଡ଼ କରାଯାଉଛି ତା'ର ନମୁନା ସେଠାରେ ଅଛି। ଗୋଟିଏ ଖୋଲା ଟ୍ରେନରେ ବସି ବୁଲିବୁଲି ସବୁ ଦେଖିଲି। ପାହାଡ଼ ଉପରୁ କ୍ଷିପ୍ର ଗତିରେ ଝରଣା ବୋହି ଆସି ଠିକ୍ ଆମ ଟ୍ରେନ୍ ପାଖରେ ଅଟକି ଯାଉଥାଏ। ମନେ ହେଉଥାଏ ଝରଣାଟି ଟ୍ରେନକୁ ଭସେଇ ନେବ। ଗାଁ ଦାଣ୍ଡ, ପୋଷ୍ଟ ଅଫିସ, ଗାଁର ଦୃଶ୍ୟ ସେଠାରେ ଛୋଟ ଛୋଟ କରି ରଖାଯାଇଛି। ଜୋରାସିକ୍ ପାର୍କ ସିନେମାର ସୁଟିଂ ଜାଗା ଇତ୍ୟାଦି ଅନେକ ଦୃଶ୍ୟ ହଲିଉଡ୍‌ରେ ଦେଖିଲି। ତା'ପରେ ଅନେକ ଆଡ୍‌ଭାଞ୍ଚରସ୍ ସୋ ଟିକେଟ କରି ଦେଖିଲୁ। ଅନ୍ଧାର ହଲରେ ଖୋଲା ଗାଡ଼ିରେ ଆମେ ଯାଉଥାଉ, ହଠାତ୍ ଏକ ବିରାଟ ବଲ୍ ଖୁବ୍ କ୍ଷୀପ୍ର ଗତିରେ ଆସି ଠିକ୍ ଆମ ସାମନାରେ ରହିଗଲା। ମନେ ହେଉଥାଏ ଯେମିତି ସେହି ବଲ୍‌ଟି ଆମ ଉପରେ ଖୁବ୍ ଜୋରରେ ବାଜି ଆମକୁ ଶେଷ କରିଦେବ। ବହୁତ ସ୍ଥାନରେ ଏମିତି ସଜା ହୋଇଥାଏ ଯେ ଆମେ ବିଭୋର ହୋଇ ଯାଉଥାଉ। ଦିନସାରା ବୁଲି ବୁଲି ଦେଖି ହାଲିଆ ହୋଇ ପଡ଼ିଲୁ। ସନ୍ଧ୍ୟାରେ ବିଭିନ୍ନ ପ୍ରକାର ରଥ ସୁସଜ୍ଜିତ ହୋଇ ଧାଡ଼ିଧାଡ଼ି ବାହାରିଲେ ପ୍ରସେସନରେ। ପ୍ରତ୍ୟେକ ରଥରେ ବିଭିନ୍ନ ରୂପରେ ସଜା ହୋଇ ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରୁଥାଆନ୍ତି। ହଜାର ହଜାର ଲୋକ ଛିଡ଼ା ହୋଇ ଏହି ମନୋରମ ଦୃଶ୍ୟ ଉପଭୋଗ କରୁଥାଆନ୍ତି।

ତା'ପରଦିନ ମଦନ ବାବୁଙ୍କ ସହିତ ଫେରିଲି କାଲିଫର୍ଣ୍ଣିଆରେ ରହୁଥିବା ମିନୁ ଘରକୁ। ତା'ପାଖରେ ତିନିଦିନ ରହି ବଡ଼ ବଡ଼ ସପିଙ୍ଗ୍ ସେଣ୍ଟର ବୁଲି ବୁଲି ଦେଖିସାରି ଫେରିଲି ସାନହୋଜେ ମିନୁ କାର୍‌ରେ। ସାନହୋଜେରେ ସୁନୀତି ଅପା ଓ ସରୋଜ ବାବୁ ରହୁଥିଲେ। ସୁନୀତି ଅପା ଓ ସରୋଜ ବାବୁ ମୋତେ ଗୋଟିଏ ମମି ମ୍ୟୁଜିୟମ ଦେଖାଇବାକୁ ନେଲେ। ଶହ ଶହ ବର୍ଷର କଙ୍କାଳମୟ ଶରୀର କାଚ ବାକ୍ସ ଭିତରେ ରଖାଯାଇଥିଲା ସେ ମ୍ୟୁଜିୟମରେ। ସେମାନଙ୍କୁ ଦେଖିବା ହେଉଛି ମୋର ପ୍ରଥମ ଅନୁଭୂତି। ଲାଗୁଥାଏ ସତେ ଯେମିତି ଦୀର୍ଘ ଅତୀତର କାହାଣୀ ଶୁଣାଉଛନ୍ତି ସେମାନେ। ଗୋଟିଏ ଅଧଘଣ୍ଟିଆ ସୋ ସେଠାରେ ଦେଖି ଘରକୁ ଫେରିଲୁ। ତା'ପର ଦିନ ଗଲୁ ଷ୍ଟାନ୍‌ଫୋର୍ଡ଼ ୟୁନିଭର୍‌ସିଟିକୁ। ଗେଟ୍ ପାଖରେ ତାଳଗଛ ଦେଖି ଜାଣିଲି ସେଠାକାର ଜଳବାୟୁ ସହିତ ଭାରତୀୟ ଜଳବାୟୁର କିଛି ଅଂଶରେ ସାମଞ୍ଜସ୍ୟ ଅଛି। ତା'ପରେ ଆସିଲୁ ଗୋଲ୍‌ଡ଼େନ୍ ବ୍ରିଜ୍ ଦେଖିବାକୁ। ଫଟୋ ନେଲି ବ୍ରିଜ୍‌ର। ହାଓଡ଼ା ବ୍ରିଜ୍‌ଭଳି ଲାଗିଲା। ସତେ ଯେମିତି

ସୁନାରେ ତିଆରି ସେ ବ୍ରିଜ୍। କ୍ରୁକେଡ୍ ରୋଡ୍ ଦେଖି ଭାବିଲି ଏ ରାସ୍ତାର ଯିଏ ପରିକଳ୍ପନା କରିଥିଲେ ସେ ନାଁ ବି ଦେଇଛନ୍ତି ତା'ର ଆକୃତି ଅନୁସାରେ। ଅଙ୍କାବଙ୍କା ରାସ୍ତାଟିଏ ଲମ୍ବିଯାଇଛି ପାହାଡ଼ ଉପର ସହର ଆଡ଼କୁ। ତଳୁ ଚାହିଁଲେ ପ୍ରକୃତରେ ରାସ୍ତାଟି ଦୁଷ୍ଟ ପ୍ରକୃତିର ବୋଲି ମନେ ହେଉଥାଏ। ତା'ପରେ ଆସିଲୁ ପେସିଫିକ୍ ଓସନ୍ କୂଳକୁ। ଆଟ୍‌ଲାଣ୍ଟିକ ମହାସାଗର ପାଖରୁ ଯାଇ ପେସିଫିକ୍ ମହାସମୁଦ୍ର କୂଳରେ ପହଞ୍ଚି ପାରିଛି – ଏହା ଥିଲା ମୋର କେଉଁ ଜନ୍ମର ତପସ୍ୟା। ସେ ମହାସମୁଦ୍ର କୂଳରେ ଛିଡ଼ା ହେଲେ ଲାଗୁଥିଲା ଯେମିତି ଶୀତଳ ପବନରେ ଦେହ ବରଫ ପାଲଟି ଯିବ। ସନ୍ଧ୍ୟା ହୋଇ ଆସୁଥାଏ। ପକ୍ଷୀମାନଙ୍କର ଘର ବାହୁଡ଼ା ଦୃଶ୍ୟ ଥିଲା ମନୋରମ। ସୁସଜ୍ଜିତ ଡଙ୍ଗା, ସମୁଦ୍ର କୂଳରେ ଅର୍ଦ୍ଧ ଉଲଗ୍ନ ମଣିଷମାନଙ୍କର ଭିଡ଼, ରଙ୍ଗ ବେରଙ୍ଗ ପୋଷାକ ପରିଧାନ କରିଥିବା ବାଳକ ବାଳିକା ଇତ୍ୟାଦିଙ୍କୁ ଦେଖି ମୁଁ ଆତ୍ମବିଭୋର ହୋଇ ପଡୁଥିଲି। ସେ ସ୍ଥାନ ଛାଡ଼ିବାକୁ ତିଳେମାତ୍ର ଇଚ୍ଛା ହେଉନଥାଏ। ସମୟର ଡାକ –ସନ୍ଧ୍ୟା ହୋଇ ଆସୁଥାଏ। ତାପରେ ଆମେ ଫେରି ଆସିଥିଲୁ ଘରକୁ। ସୁନୀତି ଅପାଙ୍କ ଘରେ ୩-୪ ଦିନ ରହି ତାଙ୍କ ଆତ୍ମୀୟତାରେ ନିଜକୁ ହଜାଇ ଦେଲି। ମୋ ଶିକ୍ଷକ ପ୍ରଫେସର ଡକ୍ଟର ଗୋପବନ୍ଧୁ ବେହେରାଙ୍କର ସାନଭାଇ ସରୋଜ ବାବୁ। ଗୋପବାବୁଙ୍କର ଭାରତରୁ ଆଦେଶ ଥାଏ "ସୁବାସିନୀ ଆମେରିକା ଯାଉଛି, ତାକୁ ସବୁଆଡ଼େ ବୁଲାଇ ଦେଖାଇବ"। ପ୍ରଥମତଃ ଭାଇର କଥା, ଦ୍ୱିତୀୟଟି ହେଲା ସେମାନେ ମଣିଷକୁ ଆତିଥ୍ୟ ଦେବାରେ ସିଦ୍ଧହସ୍ତ। ସାନହୋଜେ ଛାଡ଼ି ଆସିବାକୁ ଇଚ୍ଛା ହେଉନଥାଏ। ନିର୍ଦ୍ଧାରିତ ଦିନ Coloradoର Denverରେ ମୋତେ ପହଞ୍ଚିବାକୁ ଥାଏ। ତେଣୁ ସାନହୋଜେ ଛାଡ଼ି ଡେନ୍‌ଭର ଅଭିମୁଖେ ଯାତ୍ରା କଲି।

ଡେନ୍‌ଭରରେ ପହଞ୍ଚିଲାପରେ ଦିନେ ରକି ମାଉଣ୍ଟେନ୍ ଉପରକୁ ଯିବାର ଯୋଜନା ରହିଲା ଆମର। ମୁଁ ସୁରେନ୍ଦ୍ର, ସ୍ୱର୍ଣ୍ଣ ଓ ସୁରେନ୍ଦ୍ରର ଓଡ଼ିଆ ସାଙ୍ଗ ମିଷ୍ଟର ମହାପାତ୍ର ପରିବାର ମିଶି ଦୁଇଟି ଗାଡ଼ି ନେଇ ବାହାରିଲୁ ରକି ମାଉଣ୍ଟେନ ଆଡ଼େ। ବିରାଟ ପାହାଡ଼ – ଗଛ ଲତାରେ ପରିପୂର୍ଣ୍ଣ। ମନେ ହେଉଥାଏ ସତେ ଯେମିତି ଆମେ ହଜିଯିବୁ ସେ ଜଙ୍ଗଲ ଭିତରେ। ବାଟରେ ଗୋଟିଏ ଗହଳିଆ ସ୍ଥାନରେ ଘରୁ ନେଇଥିବା ରନ୍ଧା ଖାଦ୍ୟ ଖାଇ ଉପରକୁ ଉଠିଲୁ। ବାଟରେ ଠାଏ ଠାଏ ବରଫ ପଡ଼ିଥିବାର ଦେଖିଲି। ତାହା ଥିଲା ମୋ ଜୀବନରେ ଗୋଟିଏ ସ୍ଥାନରେ ଅନେକ ବରଫ ପଡ଼ିବା ଦେଖା। ଉପର ଉପରକୁ

ବରଫ କଟାଯାଇ ରାସ୍ତା ହୋଇଥାଏ। ଏ ଦୃଶ୍ୟ ଦେଖିବା ପାଇଁ ଖୁବ୍ କୌତୂହଳ ସୃଷ୍ଟି ହେଉଥାଏ। ଶେଷରେ ପହଞ୍ଚିଲୁ ଗୋଟିଏ ସମତଳ ସ୍ଥାନରେ। ସେ ସ୍ଥାନଟି ବରଫରେ ପରିପୂର୍ଣ୍ଣ। ଯେଉଁଆଡ଼େ ଚାହିଁଲେ ଖାଲି ବରଫ ଦିଶୁଥାଏ। ସପିଙ୍ଗ୍ ସେଣ୍ଟରଟିଏ ସେଠାରେ ଥିଲା। ସେଠାକୁ ଯାଉଥିବା ଯାତ୍ରୀମାନଙ୍କର ଭିଡ଼ ଜମିଥାଏ ସେଠାରେ। ସତେ ଯେମିତି ଆକାଶ ଓ ବାଦଲ ମଝିରେ ଆମେ ଛିଡ଼ା ହୋଇଛୁ। ବାଦଲ ରହିଯାଇଥାଏ ବହୁତ ତଳେ। ସେଠାରେ ମୁଁ ବହୁତ ଉପଭୋଗ କରି ଫେରିଲି ତଳକୁ। କୋଲୋରାଡ଼ୋ ପାହାଡ଼ିଆ ଜାଗାଟିଏ ଏବଂ ସେଠାରେ ପ୍ରଚୁର ବରଫ ପଡ଼େ। ତେଣୁ ଆମେରିକାର ବିଭିନ୍ନ ସ୍ଥାନରୁ ଲୋକମାନେ ସ୍କେଟିଂ କରିବା ପାଇଁ ଏଠାକୁ ଆସନ୍ତି। ଡେନ୍‌ଭରରେ ରହଣି ସମୟରେ ଅନେକ ଛୋଟ ଛୋଟ ସ୍ଥାନ ଦେଖିବାର ସୁଯୋଗ ପାଇଲି। ଗୋଟିଏ ରୋଟାରୀ କ୍ଲବରେ ଯୋଗ ଦେଇ ପତାକା ବିନିମୟ କଲି।

କୋଲୋରାଡ଼ୋରୁ ଫେରି ଆସିବାର ଥାଏ ୱାପିଞ୍ଜରଫଲ୍‌କୁ। ଫୋନରେ ଉମାଭାଇଙ୍କର ପୁନର୍ବାର ନିମନ୍ତ୍ରଣ ହେଲା ଡେଲାୱେର ଫେରିଯିବା ପାଇଁ। କାରଣ ସେ କେବଳ ୱାସିନ୍‌ଟନ୍ ଡିସିରେ କିଛି ଦେଖାଇଛନ୍ତି। Baltimoreରେ ଆକ୍ୱାରିୟମ୍ ଓ ଡଲ୍‌ଫିନ୍ ସୋ ଖୁବ୍ ମନମୁଗ୍ଧକର। ଅନେକ ଲୋକ ସେଠାକୁ ଯାଆନ୍ତି ଉପଭୋଗ କରିବା ପାଇଁ। ଏ ଦୁଇଟି ମୋତେ ଦେଖାଇବାକୁ ସେ ଚାହୁଁଥାଆନ୍ତି। ତେଣୁ ମୁଁ ଟିକେଟ ବଦଳାଇ ପୁଣିଥରେ ଡେଲାୱେର ଗଲି। ସେଠାରୁ ଗଲୁ Baltimore। ସେଠାରେ ଏକ୍ୱାରିୟମ୍ ଦେଖି ମୁଁ ବିସ୍ମିତ ହୋଇଗଲି। ଏକ ଲମ୍ବା ସୁଡ଼ଙ୍ଗ ଭିତରେ ଆମେ ଚାଲିଥାଉଁ। ମୁଣ୍ଡ ଉପରେ ଲମ୍ବା କାଚ ଘର। ତା' ଭିତରେ ଥାଆନ୍ତି ବିଚିତ୍ର ଧରଣର ମାଛ, ସାମୁଦ୍ରିକ ଛୋଟ ଛୋଟ ଜୀବ। ସତେ ଯେମିତି ଚିତ୍ରକର ତାଙ୍କ ଦେହରେ ଆଙ୍କିଛି ବିଭିନ୍ନ ଚିତ୍ର। ଭଳି ଭଳି କିସମର ମାଛ ଦେହରେ ରଙ୍ଗ ବେରଙ୍ଗ ଛିଟା - ଏ ସବୁ ପିଲାମାନେ ଦେଖି ଖୁବ୍ ଆନନ୍ଦିତ ହେଉଥାଆନ୍ତି। ପାର୍ଶ୍ୱରେ ଲମ୍ବା ଲମ୍ବା କାଚ ଘର ଭିତରେ ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ ଦେଖି ଭାବିଲି ଆଉଥରେ ଡେଲାୱେର ଫେରି ଖୁବ୍ ଭଲ କରିଛି। କାରଣ ସମୁଦ୍ର ଭିତରେ ଏତେ ପ୍ରକାର ମାଛ ଅଛନ୍ତି ତାହା ମୋର କଳ୍ପନାର ବାହାରେ ଥିଲା। ତାହାଛଡ଼ା ଅତଳ ସମୁଦ୍ର ଭିତରେ ଭଗବାନଙ୍କର କି ସୁନ୍ଦର ସୃଷ୍ଟି ରହିଛି ମୁଁ କେମିତି ବା ଦେଖିପାରି ଥାଆନ୍ତି ? ଉମାଭାଇ ବହୁତ ଫଟୋ ଉଠାଇଲେ Baltimoreରେ।

ତା'ପରେ ଆସିଲୁ ଡଲ୍‌ଫିନ୍ ସୋ ଦେଖିବାକୁ। ତାହା ମଧ୍ୟ ଥିଲା ଚିତ୍ତାକର୍ଷକ ଦୃଶ୍ୟ। ଡଲ୍‌ଫିନ୍‌ମାନେ ମଣିଷଭଳି ମା' କ୍ଷୀର ଖାଆନ୍ତି। କିନ୍ତୁ ସେମାନଙ୍କର ପ୍ରକୃତି ଯେ

ଅନେକାଂଶରେ ମଣିଷଙ୍କ ଭଳି ତାହା ମୋର ଚିନ୍ତାର ବାହାରେ ଥିଲା। ଛୋଟ ଛୋଟ ଅଗଗଭୀର ପୋଖରୀ ଭିତରେ ଈଷତ୍ ନୀଳ ରଙ୍ଗର ପାଣି ଥାଏ। ସେମାନେ ଥାଆନ୍ତି ତାହା ଭିତରେ। ସୋ ଆରମ୍ଭ ହେଲା। ଘଣ୍ଟି ବାଜି ଉଠିଲା। ୭-୮ ଜଣ ସୁନ୍ଦର ସୁନ୍ଦର ଝିଅ ପ୍ରତ୍ୟେକ ପୋଖରୀର ଧାରକୁ ବାଣ୍ଟି ହୋଇ ଗଲେ। ପ୍ରତ୍ୟେକ ପୋଖରୀ ପାଖରେ ଦର୍ଶକମାନେ ଟିକେଟ କାଟି ଛିଡ଼ା ହୋଇ ଥାଆନ୍ତି। ତା'ପରେ ବାଜିଲା ମ୍ୟୁଜିକ୍। ସେହି ସୁନ୍ଦରୀ ତରୁଣୀମାନେ ହାତରେ ଇସାରା ଦେଲେ। ଅଦୃଶ୍ୟ ଡଲ୍‌ଫିନ୍‌ମାନେ ମୁଣ୍ଡ ଟେକିଲେ ପାଣି ଉପରକୁ। ତା'ପରେ ପ୍ରାୟ ତିନି ଚତୁର୍ଥାଂଶ ଶରୀର ପାଣି ଉପରେ ରଖି ମଣିଷମାନଙ୍କ ଭଳି ନାଚିବାକୁ ଆରମ୍ଭ କଲେ। ମ୍ୟୁଜିକ୍‌ର ତାଳେତାଳେ ସେମାନଙ୍କର ଅଙ୍ଗଭଙ୍ଗି ଯିଏ ନଦେଖିଛି ସେ ଜାଣି ପାରିବନି ଯେ ତାହା କେତେ ଆମୋଦ ଦାୟକ। ମନେ ମନେ ଭାବିଲି ଏହା ନଦେଖିଥିଲେ ଆମେରିକା ଯିବାଟା ମୋର ଅଧୁରା ରହି ଯାଇଥାଆନ୍ତା।

ଉମାଭାଇ ମୋତେ ଦେଖାଇଥିଲେ ଲିବର୍ଟିବେଲ୍ ଓ ଇଣ୍ଡିପେଣ୍ଡେନ୍ସ ହଲ। ଲିବର୍ଟିବେଲ୍ ପେନ୍‌ସିଲ୍‌ଭାନିଆର ଫିଲାଡ଼େଲ୍‌ଫିଆଠାରେ ସଂରକ୍ଷିତ। ଏହା ପ୍ରଥମେ ଇଣ୍ଡିପେଣ୍ଡେନ୍ସ ହଲରେ ରଖାଯାଇଥିଲା। ବର୍ତ୍ତମାନ ଇଣ୍ଡିପେଣ୍ଡେନ୍ସ ହଲ୍ ପାଖରେ ଥିବା ଏକ ବିଲଡ଼ିଂରେ ରଖାଯାଇଛି।

ତା'ପର ପ୍ରୋଗ୍ରାମ ଥିଲା ନାଇଗ୍ରାଫଲ୍ ଦେଖିବାର। ଯାହା ସବୁ ପଢ଼ିଥିଲି, ଯେଉଁ ଛବି ଦେଖିଥିଲି ତାକୁ ଆଖିରେ ଦେଖିବାକୁ ମିଳିବ - ମନେମନେ ଖୁବ୍ ଖୁସି ହେଉଥାଏ। ଦିନେ ନାଇଗ୍ରାଫଲ ଦେଖିବାପାଇଁ କାର୍‌ରେ ଭୋରୁ ବାହାରିଲି ମୁନ୍ମୟ ସହିତ। ଯାତ୍ରାଟା ଖୁବ୍ ଉପଭୋଗ୍ୟ ଥିଲା। ୧୪ ନମ୍ବର ଲମ୍ବା ରାସ୍ତାରେ ଗତି କରୁଥାଏ ଶୀତତାପ ନିୟନ୍ତ୍ରିତ କାର୍। ଦୁଇପଟେ ପାହାଡ଼। ସବୁଜ ଗଛରେ ଭରପୁର ଦୁଇ ପାର୍ଶ୍ୱ। କାର୍‌ର କାଚ ବନ୍ଦ ଥିବାରୁ ବାହାରର ଶବ୍ଦ ଶୁଭୁନଥାଏ। ଆମେ ଦୁଇଜଣ ଗପସପ କରୁଥାଉ। ଗାଡ଼ି ଚାଲୁଛିକି ନାଁ ମୁଁ ଜାଣିପାରୁ ନଥାଏ। ଆମ ଦେଶ ଭଳି ସେଠାରେ ଗାଡ଼ି ଚଲାଇବା ପାଇଁ ଅନ୍ୟ ଡ୍ରାଇଭର ନଥାଏ। ପ୍ରତ୍ୟେକ ଲୋକ ନିଜେନିଜେ ଡ୍ରାଇଭିଂକରି ଯାଆନ୍ତି। ବେଳେବେଳେ ଫ୍ଲାଇଟ୍‌ରୁ ଓହ୍ଲାଇ ରେଣ୍ଟେଡ୍ କାର୍ ନେଇ ଗନ୍ତବ୍ୟ ସ୍ଥଳକୁ ଯାଆନ୍ତି ଓ ଫେରିଲା ପରେ ଏୟାରପୋର୍ଟରେ କାର୍ ରଖିଦିଅନ୍ତି।

କାର୍ ପହଞ୍ଚିଲା ନାଇଗ୍ରାଫଲ୍ ପାଖରେ। ନାଇଗ୍ରାଫଲ୍ ଦେଖିବାର ଉତ୍କଣ୍ଠା ଥାଏ ମନରେ। ଟିକେଟ କରି ଗୋଟିଏ ଲେଖାଏଁ ପ୍ଲାଷ୍ଟିକ କୋଟ୍ ପିନ୍ଧି ଗୋଟିଏ ଲଞ୍ଚରେ ବସି

ପାଣି ଭିତରେ ଯାତ୍ରାକଲୁ ପାଣି ପଡୁଥିବା ସ୍ଥାନକୁ। ଭୀମ ଗର୍ଜନ କରି ଅନେକ ଉଚ୍ଚରୁ ପାଣି ପଡୁଥାଏ। ଏ ପାର୍ଶ୍ୱରେ ଆମେରିକା, ସେ ପାର୍ଶ୍ୱରେ କାନାଡ଼ା। ମାତ୍ର ଛୋଟ ବ୍ରିଜ୍‌ଟିଏ ସଂଯୁକ୍ତ କରୁଥାଏ ଦୁଇ ଦେଶକୁ। କାନାଡ଼ା ପଟର ଲୋକମାନେ ଆମେରିକା ପଟକୁ ଦିଶୁଥାଆନ୍ତି। ଏହି ଦୁଇଦେଶକୁ ସଂଯୁକ୍ତ କରୁଥିବା ପାହାଡ଼ ଦେଇ ଜଳ ଧାର ପଡୁଥାଏ କ୍ଷିପ୍ର ଗତିରେ। ସେ ଜଳପ୍ରପାତର ଚଉଡ଼ା ଖୁବ୍ ବେଶୀ। ଲଞ୍ଚ୍ ଭିତରକୁ ପାଣି ଛିଟିକୁଥାଏ। ଆମ ମୁଣ୍ଡ, ମୁହଁ ସବୁ ଓଦା ହୋଇଯାଉଥାଏ ବୁନ୍ଦାବୁନ୍ଦା ଜଳ କଣାରେ। ଏହା ଥିଲା ଏକ ନିଆରା ଅନୁଭୂତି। ସବୁ ଜଳଧାର ଯେପରି ମୁଣ୍ଡ ଉପରେ ଅଜାଡ଼ି ପଡ଼ିବ ସେମିତି ଲାଗୁଥାଏ। ଜଳ ପତନର ଗର୍ଜନରେ କାନର ପରଦା ଥରି ଉଠୁଥାଏ। ନାଇଗ୍ରାଫଲ୍‌ର ଅନୁଭୂତି ନେଇ କୂଳକୁ ଆସିଲି। ଜଳ ଯେଉଁଠାରେ ପଡୁଥାଏ ସେଠାରେ ସୃଷ୍ଟି ହୋଇଥାଏ ସୁନ୍ଦର ଏକ ଇନ୍ଦ୍ରଧନୁ। କାହାକୁ ସାତ ରଙ୍ଗରେ ରଙ୍ଗେଇ ହୁଏ। କିନ୍ତୁ ସେଠାରେ ମିଳେନି ଇନ୍ଦ୍ରଧନୁର ସୌନ୍ଦର୍ଯ୍ୟ। ଫଟୋ ଉଠାଇ ଆଣିଲି ହେଲେ ସେ ଦୃଶ୍ୟର ଫଟୋ ମୋ ମାନସ ପଟରେ ଏବେ ବି ରହିଛି। ମଧ୍ୟାହ୍ନ ଭୋଜନ ପରେ ଗୋଟିଏ ଥ୍ରିଡ଼ି ସୋ ଦେଖିଲୁ। ତାହା ଥିଲା ମୋର ଥ୍ରିଡ଼ି ସୋ ଦେଖାର ପ୍ରଥମ ଅନୁଭୂତି। ମଣିଷ, ପଶୁ ପକ୍ଷୀ, ନାଇଗ୍ରା ଫଲ୍ ଇତ୍ୟାଦି ସବୁ ଯେମିତି ଖୁବ୍ ପାଖକୁ ଚାଲି ଆସୁଥାନ୍ତି, ସେମିତି ମନେ ହେଉଥାଏ। ଅଳ୍ପ ସମୟ ବୁଲାବୁଲି କରି ବାହାରିଲୁ Ohio ଅଭିମୁଖେ।

ପରବର୍ତ୍ତୀ ଯାତ୍ରା ଥିଲା କ୍ୟାପ୍‌କର୍ଡ଼ ସମୁଦ୍ର କୂଳକୁ। ସମୁଦ୍ର କୂଳେକୂଳେ ଆମେରିକାର ସ୍ତ୍ରୀ ପୁରୁଷ ଓ ପିଲାମାନଙ୍କ ଭିଡ଼। ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ବାଲି ଉପରେ ଅଧିକାଂଶ ଲୋକ ଶୋଇ ଥାଆନ୍ତି। ଏହା ହେଉଛି ସେମାନଙ୍କର ସନ୍‌ବାଥ୍। ଆମେ ସିନା ପ୍ରଚଣ୍ଡ ଖରାକୁ ଭଲ ପାଉନାହିଁ, ହେଲେ ଶୀତଳ ତାପମାତ୍ରାରେ ରହିରହି ସେମାନେ ଖୋଜୁ ଥାଆନ୍ତି ଉଷ୍ମତାକୁ। ସମୁଦ୍ର କୂଳ ବାଲି ତାତି ଯାଇଥାଏ। ସୂର୍ଯ୍ୟରଶ୍ମୀ ପଡୁଥାଏ ଦେହରେ। ସେମାନେ ଖୁବ୍ ଆନନ୍ଦ ଅନୁଭବ କରୁଥାଆନ୍ତି। ତା'ଛଡ଼ା ଖରାରେ ରଙ୍ଗ ଟିକିଏ ମଳିନ ହୋଇଯାଏ। ସେମାନେ ଟିକିଏ ଶ୍ୟାମଳ ଚମକୁ ଖୁବ୍ ଭଲ ପାଆନ୍ତି। ତେଣୁ ଖରାରେ ଶୋଇ ଦେହକୁ ଟିକିଏ କଳା କରିବା ସପକ୍ଷରେ ସେମାନେ। କେତେଜଣ ସ୍ତ୍ରୀ, ପୁରୁଷ ଓ ପିଲାମାନେ ସମୁଦ୍ର ଗାଧୁଆକୁ ଉପଭୋଗ କରୁଥାଆନ୍ତି। ସମୁଦ୍ର କୂଳର ବାଲିରେ ଓ ସମୁଦ୍ର ଜଳରେ ରଙ୍ଗ ବେରଙ୍ଗର ପୋଷାକ ପିନ୍ଧା ଲୋକମାନଙ୍କର ଭିଡ଼ ବେଶ୍ ଜମିଥାଏ। ଦେଖିବାକୁ ଭଲ ଲାଗିଲା ତ ନିଶ୍ଚୟ, ହେଲେ ଆମ ପୁରୀ ସମୁଦ୍ର କୂଳ ନିଶ୍ଚିତ ଭାବରେ

ତାହାଠାରୁ ଭଲ ଏଥିରେ ମୁଁ ଦ୍ୱିମତ ହୋଇ ପାରିଲିନି। ତା'ପରେ ଫେରିଲୁ ବୋଷ୍ଟନ୍। ବୋଷ୍ଟନରେ ଡଃ ପ୍ରଦୀପ ଧଳଙ୍କ ଘରେ ରାତି କଟାଇଲୁ। ଫେରିବା ବାଟରେ ଡେରିସରେ ରହୁଥିବା ଶ୍ରୀମନ୍ତ କୁମାର ରାଉତରାୟଙ୍କ ଘରକୁ ଯାଇଥିଲୁ। ଶ୍ରୀମନ୍ତ ଘରେ ସନ୍ଧ୍ୟାରେ ପହଞ୍ଚି ଡିନର୍ ଖାଇଲୁ। ଗପସପ କରି ଫେରିଲୁ ଓ୍ୱାପିଞ୍ଜରଫଲ୍। ସବୁ ଭ୍ରମଣ ପ୍ରାୟ ସରିସରି ଆସିଲା।

କିଛିକିଛି ଜିନିଷ କିଣିବାର ଥାଏ। ଦିନେ ସମସ୍ତେ ମିଶି ବାହାରିଲୁ ନ୍ୟୁଜର୍ସି। ସେଠାରେ ଭାରତୀୟ ଜିନିଷ ମିଳେ। ନ୍ୟୁଜର୍ସି କଟକର ଚୌଧୁରୀ ବଜାର ଭଳି ଲାଗିଲା। ଦୋକାନ ଆଗରେ ଶାଢ଼ି ଝୁଲୁଥାଏ, ସାଲୁଓ୍ୱାର କମିଜ୍ ପିନ୍ଧି ଲୋକମାନେ ବୁଲୁଥାନ୍ତି। କେତେକ ସ୍ତ୍ରୀ ଲୋକ ଶାଢ଼ି ପିନ୍ଧି ବୁଲୁ ଥାଆନ୍ତି। ଏମାନଙ୍କୁ ଦେଖିଲାବେଳେ କଟକରେ ଥିବା ଭଳି ମୋତେ ଲାଗିଲା।

ତିନିମାସର ରହଣି ସରିସରି ଆସିଲା। ମୁଁ ଆମେରିକା ଛାଡ଼ିବାର ପୂର୍ବଦିନ ରାତିରେ ମୃନ୍ମୟ କେତେଜଣ ଓଡ଼ିଆ ପରିବାରକୁ ଡାକିଥାଏ ରାତ୍ରିଭୋଜନ ପାଇଁ। ଅନେକ ଲୋକ ଆସିଥିଲେ। ସିଙ୍ଗଡ଼ା ଅଣାଯାଇଥିଲା ଇଣ୍ଡିଆନ୍ ରେଷ୍ଟୁରାଣ୍ଟରୁ। ଗୋଟିଏ ସିଙ୍ଗଡ଼ାର ଦାମ୍ ଥାଏ ଦୁଇ ଡଲାର। ରାତ୍ରିଭୋଜନ ପରେ ଗୋଟିଏ ପରିବାର ରାତିରେ ରହିଲେ ସେଠାରେ। ଅନ୍ୟମାନେ ଶୁଭେଚ୍ଛା ଜଣାଇ ଚାଲିଗଲେ। ମାତ୍ର ତିନିମାସ ଭିତରେ ଏତେ ଜାଗା ବୁଲି ପାରିଛି ଶୁଣି ସେମାନେ ଆଶ୍ଚର୍ଯ୍ୟ ହେଲେ। ସମସ୍ତଙ୍କ ମୁହଁରେ ଗୋଟିଏ କଥା, "ଆମେ ଏତେ ବର୍ଷ ରହିଲୁଣି, କିନ୍ତୁ କାର୍ଯ୍ୟ ଭାର ଯୋଗୁଁ ଏତେ ଯାଗା ଦେଖି ନାହୁଁ।" ସବୁ ସେହି କରୁଣାମୟଙ୍କ ଇଚ୍ଛା।

## କାଠମାଣ୍ଡୁ ଭ୍ରମଣ

ଈଶ୍ୱରଙ୍କ କୃପାର ଅବାରିତ ଧାରା ମୋତେ ନେଇଯାଇଥିଲା ଜାପାନ ଓ ଆମେରିକା ଦେଶକୁ। ମୋ ସ୍ୱାମୀ ଚାକିରିରୁ ଅବସର ନେଲା ପରେ ଆମେ ବନ୍ଧୁମାନଙ୍କ ସହିତ ସାଙ୍ଗହୋଇ ଯାତ୍ରାକଲୁ କାଠମାଣ୍ଡୁ।

କାଠମାଣ୍ଡୁରେ ପ୍ରଥମେ ଦର୍ଶନ କଲୁ ନେପାଳର ପ୍ରସିଦ୍ଧ ହିନ୍ଦୁ ଦେବତା ପଶୁପତିନାଥଙ୍କୁ। ସେଠାରେ ଶିବଙ୍କୁ ଜ୍ୟୋତିର୍ଲିଙ୍ଗ ଭାବରେ ହିନ୍ଦୁମାନେ ପୂଜା କରନ୍ତି।

ଏହା ବାଗ୍‌ମତୀ ନଦୀ କୂଳରେ ଅବସ୍ଥିତ। ଅନେକ ମନ୍ଦିର, ଆଶ୍ରମ, ଦେବ ଦେବୀଙ୍କ ମୂର୍ତ୍ତି ଏହି ନଦୀ କୂଳେ କୂଳେ ସ୍ଥାପିତ ହୋଇଛି। ସୁନ୍ଦର କାରୁକାର୍ଯ୍ୟ ଖଚିତ ପାଗୋଡ଼ା ମଧ୍ୟରେ ପଶୁପତିନାଥଙ୍କ ଲିଙ୍ଗ ସ୍ଥାପନା କରାଯାଇଛି। ଖ୍ରୀଷ୍ଟପୂର୍ବ ୪୦୦ ଏ.ଡ଼ି. ପୂର୍ବରୁ ଏହି ଲିଙ୍ଗ ସ୍ଥାପନା କରାଯାଇଥିଲା ବୋଲି କାଳାନୁକ୍ରମିକ ଲିଖିତ ବିବରଣୀରୁ ଜଣାଯାଏ।

ପଶୁପତିଙ୍କ ଦର୍ଶନ ପରଦିନ ଆମେ ରାଜପ୍ରାସାଦ ଦେଖିବାକୁ ଯାଇଥିଲୁ। କାଠମାଣ୍ଡୁରୁ ଫେରିବାର ଅଳ୍ପଦିନ ପରେ ତତ୍‌କାଳୀନ ରାଜା ଓ ତାଙ୍କ ପରିବାରବର୍ଗଙ୍କୁ ଆତତାୟୀମାନେ ହତ୍ୟା କରିଥିଲେ।

କାଠମାଣ୍ଡୁ କାସିନୋ ଖେଳ ପାଇଁ ପ୍ରସିଦ୍ଧ। ବହୁତ ଲୋକଙ୍କର ଏହି ଖେଳ ଖେଳିବାର ନିଶା ଥାଏ। ଆମ ବନ୍ଧୁମାନଙ୍କ ମଧ୍ୟରୁ କେତେଜଣ ପ୍ରତିବର୍ଷ କାଠମାଣ୍ଡୁ ଯାଆନ୍ତି ଏହି ଖେଳ ଖେଳିବା ପାଇଁ। ବେଳେବେଳେ ଜିତିଲେ ଅନେକ ଧନ ଅର୍ଜନ କରନ୍ତି, ଆଉ ବେଳେବେଳେ ମଧ୍ୟ ହାରନ୍ତି। ଆମେ ଦିନେ ଏହି ଖେଳ ଦେଖିବାକୁ ଯାଇଥିଲୁ। ଶହଶହ ଖେଳାଳି ଦଳଦଳ ହୋଇ ଖେଳୁଥାଆନ୍ତି। ହାରିଯିବା ଭୟରେ ଆମେ ନଖେଳି ଦେଖି ଦେଖି ଚାଲି ଆସିଲୁ।

ପଶୁପତିନାଥଙ୍କ ବ୍ୟତୀତ ଆମ ରହଣି ସମୟରେ ଅନେକ ପ୍ରସିଦ୍ଧ ସ୍ଥାନ ଓ ମନ୍ଦିର ଦେଖିବାର ସୁଯୋଗ ପାଇଥିଲୁ। ହନୁମାନ ଧୋକା (ଦରବାର ସ୍କୋୟାର)ରେ ମନ୍ଦିର, ପ୍ରାଙ୍ଗଣ ଇତ୍ୟାଦି ଦ୍ୱାଦଶ ଏବଂ ଅଷ୍ଟାଦଶ ଶତାବ୍ଦୀରେ ନେପାଳର ମଲ୍ଲ ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏହି ସ୍କୋୟାର ସହରର ସାମାଜିକ, ଧାର୍ମିକ ଭାବର ନିଦର୍ଶକ ତଥା ସହରର କେନ୍ଦ୍ର ବିନ୍ଦୁ। କାଳ ଭୈରବ ମନ୍ଦିର, ରାଜା ପ୍ରତାପ ମଲ୍ଲଙ୍କର ପ୍ରତିମୂର୍ତ୍ତି, ବିଗ୍ ବେଲ, ବିଗ୍ ଡ୍ରମ୍ ଏବଂ ଜଗନ୍ନାଥ ମନ୍ଦିର ଏହି ସ୍କୋୟାରରେ ପ୍ରତିଷ୍ଠିତ।

କୁମାରୀ ଘର (କୁମାରୀ ମନ୍ଦିର) ହେଉଛି ଦେବୀ କୁମାରୀରଙ୍କର ବାସସ୍ଥଳ। ଏହା ହନୁମାନ ଧୋକା ରାଜପ୍ରାସାଦ ନିକଟରେ ଅବସ୍ଥିତ। ଏହି ପ୍ରାସାଦର କାଠ ବାଲକୋନି ଏବଂ ଝରକାରେ ସୁନ୍ଦର ଖୋଦେଇ କାମ ଦେଖିବାକୁ ମିଳେ। ଦେବୀ କୁମାରୀ ଏହି ବାଲ୍‌କୋନି ଝରକାରୁ ଶୁଭେଚ୍ଛା ଜଣାନ୍ତି।

ବୌଦ୍ଧନାଥ ସ୍ତୁପ କାଠମାଣ୍ଡୁ ଉପତ୍ୟକାର ବୃହତ୍ତମ ସ୍ତୁପ। ଏହାର ଉଚ୍ଚତା ୩୬ ମିଟର। ଏହି ସ୍ତୁପର ଡିଜାଇନ ଖୁବ୍ ସୁନ୍ଦର। କାଠମାଣ୍ଡୁ ସହରର ଉତ୍ତର ପଶ୍ଚିମ

କୋଣରେ ପାଞ୍ଚ କି.ମି. ଦୂରରେ ନାଗାର୍ଜ୍ଜୁନ ପାହାଡ଼ ପାଦ ଦେଶରେ ବାଲାଜୁ ୱାଟର୍ ଗାର୍ଡ଼େନ ଅଛି। ଏଠାରେ ୨୨ଟି ପଥର ଥିବା ଜଳ ନିର୍ଗତ ମୁଖା ଥିବା ଗୁମ୍ଫା ଅଛି। ଏହାର ଆକାର ଜଳ ଡ୍ରାଗନ ଭଳି। ଏଠାରେ ମନ୍ଦିର, ମାଛ ପୋଖରୀ ଏବଂ ବୁଦ୍ଧ ନୀଳକଣ୍ଠଙ୍କର ପ୍ରତିମୂର୍ତ୍ତି ଅଛି। ପାର୍କରେ ଗୋଟିଏ ଗାଧୁଆ କୁଣ୍ଡ ମଧ୍ୟ ଅଛି।

ନାଗରକଟ୍‌ଠାରେ ଗୋଟିଏ ପାହାଡ଼ ଉପରେ ଠିଆ ହୋଇ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟର ଦୃଶ୍ୟ ଉପଭୋଗ କରିବା ପାଇଁ ଯାତ୍ରୀମାନେ ଭିଡ଼ ଜମାନ୍ତି। ଦେବଦେବୀ ମନ୍ଦିର ଦର୍ଶନ କରି ସାରିବା ପରେ ଆମେ ଯାଇଥିଲୁ ସୂର୍ଯ୍ୟାସ୍ତ ଦେଖିବା ପାଇଁ ନାଗରକଟ୍‌କୁ। ସେଦିନର ପାଗ ଥିଲା ମେଘୁଆ। ଥଣ୍ଡା ପବନରେ ଆମେ ଶୀତେଇ ଯାଉଥିଲୁ। ଏକପ୍ରକାର ଛୋଟିଆ ଛୋଟିଆ କଞ୍ଚା ଗାଜର ଲୋକମାନେ ଖାଇଖାଇ ସେଠାରେ ବୁଲୁଥାଆନ୍ତି। ମେଘୁଆ ପାଗରେ ପାହାଡ଼ିଆ ରାସ୍ତା ପାଖରେ ପୋଡ଼ା ମକା ଖାଇବାର ଥାଏ ମଜା। ଅନେକ ଉପଭୋଗ କଲୁ ସେଠାରେ, କିନ୍ତୁ ବାଦଲ ଲୁଚାଇ ରଖିଦେଲା ସୂର୍ଯ୍ୟଙ୍କୁ। ସନ୍ଧ୍ୟା ହୋଇ ଆସିଲା। ବୁଡ଼ିବା ବେଳର ସୂର୍ଯ୍ୟଙ୍କୁ ଦେଖିବାର ସୁଯୋଗ ଆମେ ହରାଇଲୁ। ତଥାପି ପାହାଡ଼ ଉପରକୁ ଉଠିବାର ଆନନ୍ଦ ଭୁଲିହେବନି।

ତା'ପରଦିନ ଯାଇଥିଲୁ କାଠମାଣ୍ଡୁର ଆଉ ଏକ ସ୍ଥାନ ପୋଖରାକୁ। ସେଠାରେ ଥିବା ଗୋଟିଏ ହ୍ରଦରେ ନୌକା ବିହାର କରିଥିଲୁ ଓ କିଛି ସମୟ କଟାଇଥିଲୁ ହ୍ରଦ କୂଳରେ। ଖୁବ୍ ଭଲ ଲାଗିଥିଲା ହ୍ରଦ କୂଳର ପରିବେଶ। ସ୍ୱାମୀ ଓ ବନ୍ଧୁମାନଙ୍କ ସହିତ ପ୍ରଥମ ବିଦେଶ ଭ୍ରମଣ ଶେଷ ହେଲା ଖୁବ୍ ହସ ଖୁସିରେ।

## ୟୁରୋପ ଓ ସିଙ୍ଗାପୁର ଭ୍ରମଣ

'କକ୍ସ ଆଣ୍ଡ କିଙ୍ଗସ୍' ଟ୍ରାଭେଲ୍ ଏଜେଣ୍ଟ ଜରିଆରେ କଲିକତାରୁ ଆମ ୟୁରୋପ ଯାତ୍ରା ଥିଲା ସିଙ୍ଗାପୁର ଏୟାରଲାଇନ୍ସରେ ୨୦୦୪ ମସିହା ମେ ମାସ ୭ ତାରିଖ ରାତିରେ। ଫ୍ଲାଇଟ୍ ଭିତରେ ୧୨ଟା ବାଜିଲା ମେ ୮ ତାରିଖର ଶୁଭ ମୁହୂର୍ତ୍ତ ଆସିଲା। ସେ ତାରିଖଟି ଥିଲା ମୋ ପାଇଁ ବହୁ ପ୍ରତିକ୍ଷିତ। ତାହା ଥିଲା ମୋର ବିବାହ ଦିବସ। ବନ୍ଧୁମାନେ ଆମ ବିବାହ ବାର୍ଷିକୀ ପାଇଁ ଶୁଭେଚ୍ଛା ଜଣାଇଲେ। ଆକାଶରେ ଶୁଭ ମୁହୂର୍ତ୍ତ ପାଳନ କରିବାର ସୁଯୋଗ ମିଳିଲା। ଖୁସିର ଜୁଆର ମୋ ସାରା ଅଙ୍ଗପ୍ରତ୍ୟଙ୍ଗରେ

ମାଡ଼ିଗଲା ଭଳି ଲାଗୁଥାଏ । ଝରକା ପାଖ ସିଟ୍‌ରେ ବସି ଘନବାଦଲ ସହିତ ଦୀର୍ଘ ବୈବାହିକ ଜୀବନର ଅନୁଭୂତିର ଲୁଚକାଳି ଅନୁଭବ କରି କରି ରାତିଟି ସରିଗଲା । କଲିକତା ଓ ସିଙ୍ଗାପୁରର ସମୟ ବ୍ୟବଧାନ +୨ ଘଣ୍ଟା । ଯାତ୍ରା ସମୟ ଲାଗିଲା ୪ ଘଣ୍ଟା ୩୦ ମିନିଟ୍ । ଭାରତରେ ରାତି ପାହିବା ପୂର୍ବରୁ ସିଙ୍ଗାପୁରରେ ହୋଇଥାଏ ମେ ୮ ତାରିଖ ସକାଳ । ତେଣୁ ସିଙ୍ଗାପୁରରେ ବିବାହ ଦିବସ ପାଳନ କରିବାର ମୌକା ମିଳିଲା । ନୂଆ ଶାଢ଼ି ପିନ୍ଧି ଠାକୁରଙ୍କୁ ପ୍ରଣାମ କଲି । ଜୀବନର ଅବଶିଷ୍ଟ ଦିନଗୁଡ଼ିକ ଭଲରେ କଟିଯାଉ ବୋଲି ଠାକୁରଙ୍କୁ ମିନତି କଲି ।

ସିଙ୍ଗାପୁରରେ ଭାରତୀୟ ରେଷ୍ଟୁରାଣ୍ଟ ଅନ୍ନପୂର୍ଣ୍ଣାରେ ମଧ୍ୟାହ୍ନ ଭୋଜନ କରି ସେନ୍ତୋଷା ଦ୍ୱୀପ ଅଭିମୁଖେ ବାହାରିଲୁ । ଦିନସାରା ସେନ୍ତୋଷାରେ କଟିଲା । ସିଙ୍ଗାପୁରର ପ୍ରତୀକ ସିଂହର ଏକ ବିରାଟ ମୂର୍ତ୍ତୀ ସେଠାରେ ରଖାଯାଇଛି । ରାତିରେ ଲାଇଟ୍ ପଡ଼ି ତା' ଦେହ ଚକ୍ ଚକ୍ ମାରୁଥିଲା । ବିରାଟ ଆଁ କରି ଯାତ୍ରୀମାନଙ୍କୁ ସିଙ୍ଗାପୁରକୁ ସ୍ୱାଗତ କରିବା ପାଇଁ ସେ ଯେମିତି ଦଣ୍ଡାୟମାନ । ସେଠାରେ ରୋପ୍ ୱେ, ଟ୍ରେନ ଯାତ୍ରା, ଆକ୍ୱାରିୟମ୍, ଜଳ ଓ ଆଲୋକର ନୃତ୍ୟ ଥିଲା ଖୁବ୍ ଉପଭୋଗ୍ୟ । ସନ୍ଧ୍ୟାବେଳେ ପଇଡ଼ ପିଆଟା ଅବିସ୍ମରଣୀୟ । ପ୍ରବଳ ମିଠା ଓ ଯଥେଷ୍ଟ ପରିମାଣରେ ପାଣି ଥିବା ପଇଡ଼ ମୋ ଦେଖିବାରେ ଥିଲା ପ୍ରଥମ । ଶୀତତାପ ନିୟନ୍ତ୍ରିତ କାଚ ଘର ଭିତରେ ସେଠାରେ ପଇଡ଼ ରଖାଯାଇଥିଲା ।

ସିଙ୍ଗାପୁର ଛାଡ଼ି ଆମେ ପହଞ୍ଚିଲୁ ରୋମ୍‌ରେ । ୭ଟି ପାହାଡ଼ ଦ୍ୱାରା ରୋମ ସହର ପରିବେଷ୍ଟିତ । ରାସ୍ତାଘାଟରେ ବଡ଼ବଡ଼ ମାର୍ବଲ ମୂର୍ତ୍ତି ଶୋଭା ପାଉଥାଏ । ସୁନ୍ଦର ସୁନ୍ଦର ଚର୍ଚ୍ଚ, ସୁନ୍ଦର ସୁନ୍ଦର ପେଣ୍ଟିଂରେ ପରିପୂର୍ଣ୍ଣ ଏ ସହର । ଟନେଲ ଭିତରେ ଥାଏ ଅନେକ ରାସ୍ତା । ମାଇକେଲ୍ ଆଞ୍ଜେଲୋଙ୍କ ସ୍ମୃତି ଧରି ରଖିଛି ଅନେକ ମୂର୍ତ୍ତୀ ଓ ପେଣ୍ଟିଂ ଏ ସହରରେ ।

ପ୍ରଥମେ ଗଲୁ ଭାଟିକାନ୍ ସିଟି । ଏହା ତୃତୀୟ ଶତାବ୍ଦୀ ବି.ସି.ର ପୁରୁଣା ସହର । ଏହା ଏକ କ୍ଷୁଦ୍ର ସ୍ୱାଧୀନ ଦେଶ । ଧାଡ଼ିବାନ୍ଧି ଭାଟିକାନ୍ ମ୍ୟୁଜିୟମ୍ ଦେଖିବାକୁ ଗଲୁ । ଆମକୁ ଗାଇଡ୍ କରୁଥିଲେ ଜଣେ କୋରିଆନ୍ ମହିଳା ଗାଇଡ଼ । ମ୍ୟୁଜିୟମର ଛାତର ଭିତର ପଟେ ସୁନ୍ଦର ସୁନ୍ଦର ଆର୍ଟ ହୋଇଥାଏ । ସାମନାରେ ଥାଏ ବିରାଟ ଏକ ସ୍କୋୟାର ।

ଏକ ସମୟରେ ପ୍ରାୟ ୨୦ ହଜାର ଲୋକ ସେଠାରେ ଛିଡ଼ା ହୋଇପାରିବେ । ଏଠାରେ ଖ୍ରୀଷ୍ଟିଆନ୍‌ଙ୍କ ଧର୍ମଗୁରୁ ପୋପ୍ ବାସ କରନ୍ତି ।

ତା'ପରେ ପ୍ରସିଦ୍ଧ ସିସ୍ଟାଇନ୍ ଚାପେଲ ଦେଖିଲା ପରେ ଟିବର ନଦୀର ଅପର ପାର୍ଶ୍ୱରେ ଅବସ୍ଥିତ ଅର୍ଦ୍ଧଭଗ୍ନ Colosseum ଦେଖିବାକୁ ଗଲୁ । ଏହା ଏଲିପ୍‌ଟିକାଲ ଆକାରର । ଏଥିରେ ପ୍ରାୟ ୮୦ ହଜାର ଲୋକ ରହିପାରିବେ । ସମ୍ରାଟଙ୍କ ପାଇଁ ଏଥିରେ ସ୍ୱର୍ଣ୍ଣ ଗୃହ ଥିଲା । ରାଜା ନିରୋ ତାହା ଭିତରେ ବଗିଚା, ଜଳ ଫୁଆରା ଇତ୍ୟାଦି କରିଥିଲେ ଏବଂ ଜୀବଜନ୍ତୁ ରଖିଥିଲେ । ଶାସନ ଥିଲା ତାଙ୍କର ଖୁବ୍ କଡ଼ା । ଦୋଷୀମାନଙ୍କୁ ବାଘ ସିଂହ ଜନ୍ତୁମାନେ ଆକ୍ରମଣ କରି ଦର୍ଶକମାନଙ୍କ ସମ୍ମୁଖରେ ଖାଉଥିଲେ ।

ତା'ପରେ ଆମ ଯାତ୍ରା ଆରମ୍ଭ ହେଲା Pisa ଅଭିମୁଖେ । ପ୍ରଥମେ ପିସାରେ ଥିବା ଗାଲିଲିଓ ସିଟିରେ ଥିବା ଗୋଟିଏ ସ୍କୋୟାର ଦେଖିଲୁ । ତା'ପରେ ପହଞ୍ଚିଲୁ Leaning tower Pisa ପାଖରେ । ଏହାର ନିମ୍ନ ଅଂଶରେ ଲାଇମ୍‌ଷ୍ଟୋନ୍ ଥିବାରୁ ଏହା ନମନୀୟ । ତେଣୁ ପରବର୍ତ୍ତୀ କାଳରେ ଗୋଟିଏ ପାର୍ଶ୍ୱକୁ ଢଳି ପଡ଼ିଛି । ଏହି ଟାୱାର ପାଖରେ ଦୁଇଟି ବଡ଼ ବଡ଼ ମନୁମେଣ୍ଟ ରହିଛି । ଏହାପରେ ସବୁଠୁଁ ସୁନ୍ଦର ଇଟାଲୀୟ କଣ୍ଟ୍ରିସାଇଡ୍ Florence ଅଭିମୁଖେ ଯାତ୍ରା କଲୁ । ଫ୍ଲୋରେନ୍ସ ହେଉଛି ସିଟି ଅଫ ଆର୍ଟ । ଏହା Orno ନଦୀକୂଳରେ ଅବସ୍ଥିତ । ଏଠାରେ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ଜନ୍ମ ହୋଇଥିଲେ । ଏଠାରେ ଥିବା ଚର୍ଚ୍ଚର ଉଚ୍ଚତା ୧୦୩ ମିଟର । ଏହି ଚର୍ଚ୍ଚରେ ୨୦୦୦ ଲୋକ ଏକସଙ୍ଗେ ପ୍ରାର୍ଥନା କରିପାରିବେ । ଏହି ଚର୍ଚ୍ଚ କାନ୍ଥରେ ଅନେକ ଐତିହାସିକ ଚିତ୍ର ଅଙ୍କା ଯାଇଛି ।

ଇଟାଲୀରେ ଥିବା ୧୭୦ଟି ଦ୍ୱୀପ ମଧ୍ୟରେ ଭେନିସ୍ ଅନ୍ୟତମ । ଭେନିସ୍‌କୁ ଲଞ୍ଚରେ ଯିବାକୁ ପଡ଼େ । ଲଞ୍ଚରେ ଯାଇ ପ୍ରଥମେ ପହଞ୍ଚିଲୁ ସେଣ୍ଟ୍ ମାର୍କସ୍ ସ୍କୋୟାରରେ । ବିଚିତ୍ର ସେ ସହରଟି । ସେଠାରେ ଗୋଟିଏ ମାତ୍ର କାର୍ ଦେଖିବାକୁ ମିଳିଲାନି । ଜଳ ଭିତରେ ସବୁ କୋଠାଘର । ଦୁଇଧାଡ଼ି କୋଠାଘର ମଝିରେ ଜଳଭରା କେନାଲ । ଲୋକମାନେ ଡଙ୍ଗାରେ ଘରକୁ ଯିବା ଆସିବା କରନ୍ତି ଓ ଜିନିଷ ପତ୍ର ବୁହାବୋହି କରନ୍ତି । ଡଙ୍ଗାରୁ ବାହାରି ଘରଭିତରେ ପଶନ୍ତି । ସେଠାରେ ଗୋଟିଏ ଜେଲ୍ ଆମ ଦୃଷ୍ଟିଗୋଚର

ହେଲା । ଏଠାରେ ବୁଲାବୁଲି କରି ସାରିଲାପରେ ଅନ୍ୟ ଏକ ସ୍କୋୟାରରେ ଇମ୍ପେରିଆଲ ପ୍ୟାଲେସ, ଲାଇବ୍ରେରୀ, ଇମ୍ପେରିଆଲ୍ ଚର୍ଚ୍ଚ, ସ୍ୱର୍ଣ୍ଣ ଛାତ ବିଶିଷ୍ଟ ଗୋଲଡ଼େନ୍ ଡଚି ଓ ଗ୍ଲାସ୍ ବ୍ଲୋଇଂ କାରଖାନା ଦେଖିଲୁ । ଖୁବ୍ ସୁନ୍ଦର ଓ ରଙ୍ଗିନ କାଚ ନିର୍ମିତ ସାମଗ୍ରୀ ସେଠାରେ ଦେଖିବାକୁ ମିଳିଲା ।

ଏହାପରେ ଆମ ଯାତ୍ରା ଆରମ୍ଭ ହେଲା ଅଷ୍ଟ୍ରିଆ ଆଡ଼େ । ପୃଥିବୀ ବିଖ୍ୟାତ ସଙ୍ଗୀତ ବିଦ୍ୟାଳୟ ଅଷ୍ଟ୍ରିଆରେ ଅଛି । ପିଆନୋ ପାଇଁ ଏହି ଦେଶ ପ୍ରସିଦ୍ଧ । ସୁନା ଛାତ ବିଶିଷ୍ଟ ଇମ୍ପେରିଆଲ ପ୍ୟାଲେସ ଏ ଦେଶର ଆକର୍ଷଣ । ଭେନିସ୍‌ରୁ ଅଷ୍ଟ୍ରିଆ ଯିବା ବାଟରେ ଦୁଇପଟେ ପାଇନ ଗଛରେ ଆଚ୍ଛାଦିତ ପର୍ବତମାଳା ଆମର ଦୃଷ୍ଟିଗୋଚର ହେଉଥାଏ । ସ୍ଥାନେ ସ୍ଥାନେ ବରଫାବୃତ ପାହାଡ଼ ଉପରେ ସୂର୍ଯ୍ୟକିରଣ ପଡ଼ି ଚକ୍ ଚକ୍ ମାରୁଥାଏ । ବାଟରେ ଅନେକ ସୁଡ଼ଙ୍ଗ ଅତିକ୍ରମ କଲୁ ।

ପାହାଡ଼ିଆ ଅଞ୍ଚଳରେ ବର୍ଷା ଖୁବ୍ ରୋମାଞ୍ଚକର । ଖୁବ୍ ଥଣ୍ଡା ଲାଗୁଥାଏ । ଶାଢ଼ି ବଦଳରେ ଡ୍ରେସ୍ ପିନ୍ଧି ଆମର ବହୁ ଇପ୍ସିତ ଯାତ୍ରା ଆରମ୍ଭ କଲୁ ସୁଇଜରଲାଣ୍ଡ ଅଭିମୁଖେ । ପ୍ରଥମେ ଆମ ବସ୍ ରହିଲା Swarovski Crystal World ପାଖରେ । କ୍ରିଷ୍ଟାଲ ୱାର୍ଲଡ଼କୁ ପଶିବା ପୂର୍ବରୁ ବାଟରେ ଗୋଟିଏ ବିରାଟ ମୂର୍ତ୍ତି ପାଖରେ ଆମ ବସ୍ ରହିଥିଲା । ଏହି ମୂର୍ତ୍ତିର ଦୁଇଟି ଆଖିର ଆକାର ଥିଲା ଖୁବ୍ ବଡ଼ ବଡ଼ । ଆଖି ଦୁଇଟା କ୍ରିଷ୍ଟାଲ ଭଳି ଚକ୍ ଚକ୍ କରୁଥିଲା । ତାକୁ ଦେଖିଲା ପରେ ମନେ ହେଉଥିଲା ଏହାପରେ ଆସିବ କ୍ରିଷ୍ଟାଲ ୱାର୍ଲଡ଼ । କ୍ରିଷ୍ଟାଲ ୱାର୍ଲଡ଼ ୱାଟେନ୍‌ସରେ ଅବସ୍ଥିତ । ସେଠାରେ ଆମେ ଚେମ୍ବର ଅଫ୍ ୱାଣ୍ଡର ଦେଖିଲୁ । ୩-ଡ଼ି. ପ୍ରୋଜେକ୍‌ସନରେ କ୍ରିଷ୍ଟାଲ ପ୍ଲାନେଟ୍‌ସ ଅନ୍ଧାର ଭିତରେ ଦେଖିବାକୁ ପାଇଲୁ । ଏହା କ୍ରିଷ୍ଟାଲାଇନ ମେଟାଫୋରସ୍‌ରେ ପୃଥିବୀକୁ ବର୍ଣ୍ଣନା କରୁଛି । କ୍ରିଷ୍ଟାଲ ନିର୍ମିତ ଅନେକ ସାମଗ୍ରୀ ସେଠାରେ ବିକ୍ରି ହେଉଥାଏ । ବିଭିନ୍ନ ପ୍ରକାର କ୍ରିଷ୍ଟାଲ ମଧ୍ୟ ସେଠାରେ ରଖା ଯାଇଥାଏ ।

କ୍ରିଷ୍ଟାଲ ୱାର୍ଲଡ଼ରୁ ବାହାରି ଆମେ Liechtensteinର ରାଜଧାନୀ Vaduz ଆଡ଼କୁ ଆଗେଇଲୁ । ଏହା ଜର୍ମାନୀର ରାଇନ୍ ନଦୀ କୂଳରେ ଅବସ୍ଥିତ । ଲିଚେନ୍‌ଷ୍ଟାଇନ ୭ଟି ରଙ୍ଗ ବିଶିଷ୍ଟ ଟିକେଟ ପାଇଁ ପ୍ରସିଦ୍ଧ । ଏସବୁକୁ ଦେଖି ସାରିଲାପରେ ଆମେ ଆଗେଇଲୁ ସୁଇଜରଲାଣ୍ଡ ଆଡ଼େ । ସୁଇଜରଲାଣ୍ଡର ରାଜଧାନୀ ବନ୍ । ପ୍ରଥମେ ଗୋଟିଏ ହ୍ରଦ

ପାଖରେ ବସ୍ ଆମକୁ ଛାଡ଼ିଲା। ଫୁଲରେ ସେ ଅଞ୍ଚଳ ଥିଲା ଭରପୁର। ଏହି ଦେଶର ଅନେକ ବିଚିତ୍ର ଇତିହାସ ରହିଛି। ପ୍ରଥମ ଓ ଦ୍ୱିତୀୟ ମହାସମରବେଳେ ସବୁଦେଶ ଯୁଦ୍ଧରତ ଥିବା ସମୟରେ ଏହି ଦେଶଟି ନିରପେକ୍ଷ ଥିଲା। ମଧ୍ୟାହ୍ନରେ ଆରାମରେ ଶୋଇବା ଏ ଦେଶର ଲୋକଙ୍କର ଅଭ୍ୟାସ। ତେଣୁ ମଧ୍ୟାହ୍ନରେ ଦୋକାନ, ବଜାର, ବ୍ୟାଙ୍କ, ଅଫିସ ବନ୍ଦ ରହେ। କିଛି ସମୟ ହ୍ରଦ କୂଳରେ ବୁଲାବୁଲି କରି ବନ୍ ଛାଡ଼ିଲୁ। ରାତିରେ ସୁଇଜରଲାଣ୍ଡର ଜୁରିଚ ସହରରେ ଥିବା ଆଲ୍‌ପାଇନ ସେରପା ହୋଟେଲରେ ରହିଲୁ। ଜୁରିଚ ଏକ ବଡ଼ ହ୍ରଦ କୂଳରେ ଅବସ୍ଥିତ। ସାର୍ ଏଡ୍‌ମଣ୍ଡ ହୀଲାରିଙ୍କର ପ୍ରଖ୍ୟାତ ମାର୍ଗ ନିର୍ଦ୍ଦେଶକ ଏବଂ ସହଚର ଶେରପା ତେନ୍‌ଜିଂଙ୍କ ନାମ ଅନୁସାରେ ଏହି ହୋଟେଲର ନାମ କରଣ ହୋଇଛି।

ତା'ପରଦିନ ସକାଳର ଯାତ୍ରା ଥିଲା ଆମ ପାଇଁ ଖୁବ୍ ରୋମାଞ୍ଚକର ଏବଂ ବହୁ ପ୍ରତୀକ୍ଷିତ। ଆମେ ମାଉଣ୍ଟ ଟିଟ୍‌ଲିସ୍ (Titlis)କୁ ଆମ ଟୁରରେ ଇଚ୍ଛାଧୀନ ଟୁର୍ ରୂପେ ନେଇଥିଲୁ। ସୁଇସ୍ ଆଲପସ୍‌ର ମାଉଣ୍ଟ ଟିଟଲିସ ଯାତ୍ରା ଥିଲା ସ୍ୱତନ୍ତ୍ର ଏବଂ ଉତ୍ତେଜନାପୂର୍ଣ୍ଣ। ଏହି ବରଫାବୃତ୍ତ ପାହାଡ଼ଟି ଉଚ୍ଚତମ ପାହାଡ଼ମାନଙ୍କ ମଧ୍ୟରେ ଥିଲା ଅନ୍ୟତମ। ଏଠାରେ ତାପମାତ୍ରା ପ୍ରାୟ ୦° ସେ.। ପ୍ରଥମେ ଟ୍ରେନ୍ ଯୋଗେ କିଛି ବାଟ ସମତଳ ରାସ୍ତାରେ ଗଲୁ। ତା'ପରେ ଆଞ୍ଜେଲବରିରୁ (Angelbery) ଘୂର୍ଣ୍ଣମାନ କେବଲ୍ କାର୍‌ରେ ଉପରକୁ ଉଠିଲୁ। ପାହାଡ଼ ଉପରର ଦୃଶ୍ୟ ଆମର ଆଜୀବନ ଅଭୁଲା। ଚାରିଆଡ଼େ ବରଫ ବିଚ୍ଛୁରିତ। ମନେ ହେଉଥିଲା ଆମେ ଯେମିତି ସ୍ୱର୍ଗରେ ପହଞ୍ଚି ଯାଇଛୁ। ଖୁବ୍ ଉପଭୋଗ୍ୟ ଥିଲା ସେ ସ୍ଥାନଟି। ହଜିଗଲାଭଳି ସେଠାରେ ମନେ ହେଲା। ଆବୋନ ଗ୍ଲେସିଅର ଆଇସ୍ ଫ୍ଲୟରରେ ବସି ଗୋଟିଏ ପାହାଡ଼ରୁ ଯାଇ ଅନ୍ୟ ପାହାଡ଼ ଉପରେ ପହଞ୍ଚିବା ଏକ ବିଚିତ୍ର ଅନୁଭୂତି। ଖୁବ୍ ଡର ଲାଗୁଥାଏ। ଖୋଲା ସିଟ୍‌ରେ ବସି ରୋପ୍ ୱେରେ ଯିବାଟା ଖୁବ୍ ରୋମାଞ୍ଚକର ଥିଲା। ଗ୍ଲେସିଅର ପାର୍କରେ କଣ୍ଟା ଲଗା ବାଡ଼ି ଧରି ବୁଲାବୁଲି ଓ ଫଟୋ ଉତ୍ତୋଳନ ଚିର ସ୍ମରଣୀୟ। ଲୋକମାନଙ୍କର ସ୍କେଟିଂ ଟ୍ୟୁବରେ ବସି ତଳକୁ ତଳକୁ ଖସିବା ଦେଖିବାକୁ ମଜା ଲାଗୁଥାଏ। ବରଫର ଗୋଟିଏ ଗୁମ୍ଫା ଭିତରେ ପଶିଥିଲୁ। ଗୋଡ଼ ଖସି ଯିବାର ଭୟ ସେଠାରେ ଥିଲା ଅନେକ। ବରଫାବୃତ୍ତ ପାହାଡ଼ର ସୌନ୍ଦର୍ଯ୍ୟରେ ଆମେ ସମସ୍ତେ ଯେମିତି ପାଗଳ ହୋଇ ଯାଇଥିଲୁ।

ତା’ପରଦିନ ଯାତ୍ରା ଆମର ଥିଲା ୟୁରୋପର ଉଚ୍ଚତମ ପାହାଡ଼ ଉପରକୁ। କଗ୍ ହୁଇଲ୍ ଟ୍ରେନରେ ତିଖ ପାହାଡ଼ ଉପରକୁ ଗଲାବେଳେ ଆମେ ଭୟଭୀତ ହୋଇ ଯାଇଥିଲୁ। ଜଙ୍ଗ୍ ଫ୍ରାଗଚ୍ (Jungfraugch) ପର୍ବତ ୟୁରୋପର ସବୁଠାରୁ ଉଚ୍ଚତମ ଏବଂ ସୁନ୍ଦର ମାଉଣ୍ଟେନ ଗ୍ଲେସିଅର। ଏଠାକାର ତାପମାତ୍ରା ୦° ସେ.। ୩୪୫୪ ମିଟର ଉଚ୍ଚରେ। ୟୁରୋପର ସବୁଠାରୁ ଉଚ୍ଚ ରେଲୱେ ଷ୍ଟେସନ ଏହି ପାହାଡ଼ ଉପରେ ଅବସ୍ଥିତ। ଏହି ପାହାଡ଼ ବର୍ଷଯାକ ବରଫାଚ୍ଛନ୍ନ ରହେ। ଏଠାରେ ସବୁଠାରୁ ବଡ଼ ବରଫ ସ୍ଟ୍ରିମ୍ ଦେଖିବାକୁ ମିଳେ ଯାହାର ଲମ୍ବ ପ୍ରାୟ ୨୨ କି.ମି. ଓ ମୋଟେଇ ୩୦୦ ମିଟର। ଏଠାରେ ଆଇସ ପ୍ୟାଲେସ, ବରଫରେ ରହୁଥିବା ଜନ୍ତୁ ଏବଂ ପକ୍ଷୀ, ବରଫ ଗୁମ୍ଫା, ୩୫୭୧ ମିଟର ଉଚ୍ଚରେ ଥିବା Sphinx ଭ୍ୟୁ ପଏଣ୍ଟ ଇତ୍ୟାଦି ଦେଖିଲୁ। ବରଫ ଉପରକୁ ନଯାଇ ଗୋଟିଏ କାଚ ଘର ଭିତରୁ ସବୁ ଦୃଶ୍ୟ ଦେଖିବାକୁ ମିଳିଲା।

ତତ୍ପରେ ଯାଇଥିଲୁ ଜର୍ମାନୀ। ଜର୍ମାନୀର Drubbaରେ ଥିବା Cuckoo ଘଣ୍ଟାର ତିଆରି କାରଖାନାରେ ବୁଲାବୁଲି କରି ତା’ର ତିଆରି କୌଶଳ ଇତ୍ୟାଦି ବୁଝିଲୁ। ଠିକ୍ ୨ଟାରେ ଦୋକାନ କାନ୍ଥର ଉପର ଭାଗରେ ସୁନ୍ଦର କଣ୍ଢେଇଟିଏ ଭିତର କୋଠରିରୁ ବାହାରିବାର ଦୃଶ୍ୟ ଦେଖିବାକୁ ଅନେକ ଯାତ୍ରୀ ସେଠାରେ ରୁଣ୍ଡ ହୋଇଥାଆନ୍ତି।

ତତ୍ପରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ ଅଭିମୁଖେ ଆମର ଯାତ୍ରା ଆରମ୍ଭ ହେଲା। ଏଠାରେ ଆମେ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ପ୍ୟାରୀସର ଏଇଫେଲ୍ ଟାୱାର (Eiffel Tower)ର ତିନି ମହଲା ପର୍ଯ୍ୟନ୍ତ ଚଢ଼ିଲୁ। ଏହି ଟାୱାର ପ୍ୟାରିସର ପ୍ରତୀକ ଅଟେ। ତୃତୀୟ ମହଲାରୁ ପ୍ୟାରିସ ସହରର ଦୃଶ୍ୟ ଖୁବ୍ ଉପଭୋଗ୍ୟ ଥିଲା। Louvre ମ୍ୟୁଜିୟମ ଦେଖିବାର ପ୍ରବଳ ଇଚ୍ଛା ଥିଲା। ଏଠାରେ ମୋନାଲିସା ଫଟୋ ଏବଂ ମାଇକେଲ୍ ଆଞ୍ଜେଲୋର ମାର୍ବଲରେ ଖୋଦିତ ମୂର୍ତ୍ତି ଓ କାରୁକାର୍ଯ୍ୟ ନଦେଖି ପ୍ୟାରିସ୍ ଛାଡ଼ିବାଟା ଦୁର୍ଭାଗ୍ୟ ବୋଲି ଭାବିବା କଥା। ମ୍ୟୁଜିୟମଟି ଏତେ ବଡ଼ ଯେ ବୁଲିବୁଲି ଦେଖିଲେ ୪-୫ ଦିନରୁ କମ ଲାଗିବ ନାହିଁ। ଅଳ୍ପ ସମୟ ମଧ୍ୟରେ ସୁନ୍ଦର କାରୁକାର୍ଯ୍ୟ, ମାର୍ବଲର ନିଖୁଣ ମୂର୍ତ୍ତୀ ଦେଖି ଆମେ ଖୁବ୍ ଆନନ୍ଦିତ ହେଲୁ। ମୋନାଲିସା ପେଣ୍ଟିଂଟି

ଥିଲା ଖୁବ୍ ଛୋଟ । ତା' ମୁହଁରେ ହସ ଫୁଟାଇବା ପାଇଁ ଅନେକ ଶିଳ୍ପୀ ଚେଷ୍ଟା କରି ବିଫଳ ହୋଇଥିଲେ । ମଣିଷର ହସରେ ତା' ଜୀବନର ସବୁ କିଛି ପ୍ରସ୍ଫୁଟିତ ହୁଏ ।

ଦିନେ ଗଲୁ ୟୁରୋ ଡିଜ୍‌ନିଲାଣ୍ଡ ଦେଖିବାକୁ । ଲସ୍‌ଏଞ୍ଜିଲରେ ପୃଥିବୀ ପ୍ରସିଦ୍ଧ ଡିଜ୍‌ନିଲାଣ୍ଡ ଦେଖିଥିଲି ଓ ସେଠାକାର ରୋମାଞ୍ଚକର ଖେଳଗୁଡ଼ିକର ସ୍ୱାଦ ଚାଖିଥିଲି । ପ୍ୟାରିସ୍‌ରେ କେମିତି ହୋଇଥିବ ବୋଲି ଜାଣିବାକୁ ଆଗ୍ରହ ଥାଏ । ଡିଜ୍‌ନିରେ ଥଣ୍ଡର ୱାର୍ଲଡ୍, ଟ୍ରେନ ଚଢ଼ା, ଛୋଟ ଗାଁ ଓ ଅନେକ ଛୋଟ ବଡ଼ ସୋ ଇତ୍ୟାଦି ଦେଖିସାରି ଇମାଜିନେସନ ୱାର୍ଲଡ୍ ଦେଖିଲୁ । ଏହା ଖୁବ୍ ରେମାଞ୍ଚକର ଥିଲା । ସେଠାରେ ସାଂସ୍କୃତିକ ଶୋଭାଯାତ୍ରା ଥିଲା ଚିତାକର୍ଷକ ।

ସନ୍ଧ୍ୟାରେ ପ୍ୟାରିସ୍ ସହର ଆଲୋକମାଳାରେ ସଜ୍ଜିତ ହେଲାଭଳି ଲାଗୁଥାଏ । Seine ନଦୀରେ ଥାଏ ଆମର ଲଞ୍ଚ ବିହାର । ନଦୀର କୂଳେ କୂଳେ ପ୍ୟାରିସ୍ ଲୋକମାନଙ୍କର ରାତ୍ରି ଜୀବନ ଥିଲା ଖୁବ୍ ଉପଭୋଗ୍ୟ । ସ୍ଥାନେ ସ୍ଥାନେ ମ୍ୟୁଜିକ୍ ବାଜୁଥାଏ । ଝିଅ ଓ ପୁଅମାନେ ଥାଆନ୍ତି ନୃତ୍ୟରତ । ଅନେକ ପୋଲ ପାରହୋଇ ଆମ ଲଞ୍ଚ ଆଗେଇ ଥାଏ । ପୋଲ ଉପରେ ଅନେକ ଲୋକଙ୍କର ଭିଡ଼ ଜମିଥାଏ । ରାତିରେ ୧୦ ମିନିଟ୍ ପାଇଁ ଏଫିଲ୍ ଟାୱାର ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହୋଇ ଉଠିଲା । ଟାୱାରର ଦୃଶ୍ୟ ଥିଲା ଖୁବ୍ ଚମତ୍କାର । ସନ୍ଧ୍ୟା ସମୟଟା ଖୁବ୍ ମଉଜମଜଲିସ୍‌ରେ କଟିଲା । ତା'ପରେ ରାତି ୧୦ଟାରେ ବାହାରିଲୁ ବେନୁର ଲିଡ଼ୋ ସୋ ଦେଖିବା ପାଇଁ । ରାତି ୧୨ରୁ ୧ଟା ୩୦ ମିନିଟ ଯାଏ ଚାଲିଲା ସୋ । ସାମ୍ପେନ୍, ମୃଦୁ ପାନୀୟ ଦିଆଯାଉଥାଏ ଦର୍ଶକମାନଙ୍କୁ । ସୁମଧୁର ମ୍ୟୁଜିକ, ଫ୍ରାନ୍ସର ସୁନ୍ଦରୀ ତରୁଣୀ, ସେମାନଙ୍କର ବିଳାସପୂର୍ଣ୍ଣ ଧଳାଡ୍ରେସ, ଶୀଘ୍ର ଶୀଘ୍ର ବଦଳୁଥିବା ଘୂର୍ଣ୍ଣମାନ ଷ୍ଟେଜ ଇତ୍ୟାଦି ଥିଲା ଖୁବ୍ ଉପଭୋଗ୍ୟ ।

ବେଲ୍‌ଜିୟର ରାଜଧାନୀ ବ୍ରସେଲ୍ (Brussel)କୁ ଗଲୁ ଏହାପରେ । ବ୍ରସେଲ୍ ରାସ୍ତାର ଦୁଇ ପାର୍ଶ୍ୱରେ ଘଞ୍ଚ ଲମ୍ବା ଲମ୍ବା ଗଛ । ବାଟରେ ଆଟୋନିୟମ୍ ଦେଖିଲୁ । ଏହା ଉପରକୁ ଗୋଲାକାର ଏସ୍‌କାଲେଟରରେ ଯିବାକୁ ପଡ଼େ । ଉପରକୁ ଯିବାକୁ ଲାଗେ ୨୪ ମିନିଟ୍ । ଏଠାରେ ବିଜ୍ଞାନ ମେଳା ହୁଏ । ଏହି ଆଟୋନିୟମରେ ୯ଟି ଗ୍ଲୋବ ଅଛି ।

ହଲାଣ୍ଡ ହେଉଛି ନେଦରଲାଣ୍ଡରେ ଥିବା ୧୧ଟି ପ୍ରଦେଶ ମଧ୍ୟରୁ ଗୋଟିଏ। ଆମେ Keukenhof ଗାର୍ଡ଼େନ ଦେଖିବାକୁ ଯାଇଥିଲୁ। ନାଲି, ଧଳା, ଗୋଲାପି, ବାଇଗଣିଆ ଇତ୍ୟାଦି ରଙ୍ଗର ଟ୍ୟୁଲିପ୍ (Tulip) ଫୁଲରେ ଭରା ଗାର୍ଡ଼େନରେ ଆମେ ସମସ୍ତେ ବିଭୋର ହୋଇଗଲୁ। ଫଟୋ ଉଠାଇବାରେ ପ୍ରତ୍ୟେକ ଯାତ୍ରୀ ଥିଲେ ବ୍ୟସ୍ତ। ଏହାପରେ ଆମେ ରିମ୍ରେଣ୍ଡ ଚିଜ୍ ଫ୍ୟାକ୍ଟ୍ରି ଦେଖିବାକୁ ଗଲୁ।

ତା'ପରେ ଆମେ ପହଞ୍ଚିଲୁ ରୋଟେରଡାମ୍ ବନ୍ଦରରେ। ଏଥର ଯାତ୍ରା ଥିଲା ନୂଆ ମୋଡ଼ର। ଜଳ ଜାହାଜରେ ସମୁଦ୍ରରେ ଆରମ୍ଭ ହେବାର ଥାଏ ଆମର ଯାତ୍ରା। ସବୁ ଯାତ୍ରୀଙ୍କୁ P & O ଜାହାଜରେ ରୁମ୍ ଦିଆଯାଇଥାଏ। ସମସ୍ତେ ବୁଫେରେ ଜାହାଜ ଭିତରେ ଥିବା ଡାଇନିଂରେ ଖାଇଲୁ। ଜଳ ଜାହାଜ ଯାତ୍ରା ଆରମ୍ଭ ହେଲା ଉତ୍ତର ସାଗରରେ। ଆମ ବସ୍ ମଧ୍ୟ ଗଲା ଜାହାଜରେ। ଜାହାଜଟି ଗୋଟିଏ ସହରଭଳି ମୋତେ ଲାଗିଲା। ଖୁବ୍ ଉନ୍ନତ ସପିଂସେଣ୍ଟର, ଟଙ୍କା ବିନିମୟ କାଉଣ୍ଟର, ଅନବରତ ସାଂସ୍କୃତିକ କାର୍ଯ୍ୟକ୍ରମ, ଫନ୍, ନୃତ୍ୟ, ମ୍ୟୁଜିକ, ପିଲା ଓ ବଡ଼ ଲୋକଙ୍କ ପାଇଁ ଖେଳ, ଭିଡ଼ିଓ ଗେମ୍, କାସିନୋ ଇତ୍ୟାଦି ରାତିସାରା ଚାଲିଥାଏ ଜାହାଜ ଭିତରେ। ରାତ୍ରିଭୋଜନ ପରେ ଆମେ କିଛି ସମୟ ଡେକ୍‌ରେ ବୁଲାବୁଲି କଲୁ। ସମୁଦ୍ରରୁ ବୋହି ଆସୁଥାଏ ପ୍ରବଳ ଥଣ୍ଡା ପବନ। ତେଣୁ ଅଳ୍ପ ସମୟ ଡେକ୍‌ରେ କଟାଇ ବିଶାଳ ସମୁଦ୍ରର ରାତ୍ରିଶୋଭା ଅନୁଭବ କଲୁ। ଉପରେ ଆକାଶ ଚାହିଁଥାଏ ଆମକୁ। ଡେକ୍‌ରୁ ଚାଲିଆସିବାକୁ ଇଚ୍ଛା ହେଉନଥାଏ। ଅଳ୍ପ ସମୟ ରହି ଫେରି ଆସିଲୁ ରୁମକୁ। ଆମ ରୁମ ଥାଏ ଦଶମ ମହଲାରେ। ଖାଇବା ହଲ୍ ଥାଏ ଅଷ୍ଟମ ମହଲାରେ। ଶହ ଶହ ରୁମ ଭିତରେ ନିଜ ରୁମ୍ ପାଇବା କଷ୍ଟକର ହୋଇ ପଡୁଥାଏ। ସୁନ୍ଦର ଗାଲିଚାରେ ଆଚ୍ଛାଦିତ ହୋଇଥାଏ ଜାହାଜର ସମଗ୍ର ଚଟାଣ ଓ ପାହାଚ।

ତା'ପରେ ଲଣ୍ଡନ ସିଟି ଟୁର୍ ଆମର ଆରମ୍ଭ ହେଲା। ଲଣ୍ଡନରେ ଲଣ୍ଡନ ଟାୱାର ପ୍ରସିଦ୍ଧ। ପୃଥିବୀରେ ପ୍ରସିଦ୍ଧ ଟାୱାର ମଧ୍ୟରେ ଏହା ଅନ୍ୟତମ। ୯୦୦ ବର୍ଷର ରାଜକୀୟ ପ୍ରାସାଦ ଏବଂ ଲଣ୍ଡନର ଇତିହାସ, ଅସ୍ତ୍ରାଗାର, ଜେଲ୍, ଚିଡ଼ିଆଖାନା ଇତ୍ୟାଦି ଏଠାରୁ ଦୃଶ୍ୟମାନ ହୁଏ। ଟେମ୍ସ ନଦୀ ଉପରେ ଥିବା ଲଣ୍ଡନ ବ୍ରିଜ୍

ଦେଖିବା ପାଇଁ କୌତୂହଳ ସୃଷ୍ଟି ହେଉଥାଏ। ଜାହାଜ ଆସିଲେ ଆପେ ଆପେ ଏହି ବ୍ରିଜ୍ ଖୋଲିଯାଏ। ଜାହାଜ ବ୍ରିଜ୍ ପାର ହୋଇଗଲେ ଏହା ପୁଣି ବନ୍ଦ ହୋଇଯାଏ। ଏହା ପାଖାପାଖି ଦେଖିଥିଲୁ ଲଣ୍ଡନ ଆଇ। ଏହା ଲଣ୍ଡନର ଅନ୍ୟତମ ଆକର୍ଷଣ। ପୃଥିବୀର ସବୁଠାରୁ ଏହା ଉଚ୍ଚତମ ଚକ। ସେକ୍ସପିୟର ଥିଏଟର ମଧ୍ୟ ଅନ୍ୟଗୋଟିଏ ଦେଖିବାର ସ୍ଥାନ। ରାଣୀ ତାଙ୍କ ଜନ୍ମଦିନରେ ଏଠାକୁ ଆସନ୍ତି। ଏତଦ୍ ବ୍ୟତୀତ National gallery, Downing street, Parliament, Tower Clock tower, (BigBen), St. Thomas Hospital, Statue of Winghster Chourchil, Statue of King Albert, Westminister Palace ଦେଖିବାର ସୁଯୋଗ ମିଳିଲା। ବଙ୍କିମ୍‌ହାମ୍ ପ୍ୟାଲେସରେ ଠିକ୍ ଦିନ ୧୨ଟା ସମୟରେ ପୁରୁଣା ଗାର୍ଡ଼ମାନଙ୍କୁ ବଦଳାଇ ନୂଆ ଗାର୍ଡ଼ମାନେ ଡ୍ୟୁଟିକୁ ଆସିବାର ଉତ୍ସବ ଖୁବ୍ ଚମତ୍କାର ଥିଲା। ମ୍ୟୁଜିକ୍ ବାଜୁଥାଏ। ହୃଷ୍ଟପୃଷ୍ଟ ଘୋଡ଼ାରେ ଗାର୍ଡ଼ମାନେ ବସିଥାଆନ୍ତି। ଡ୍ୟୁଟିରେ ଥିବା ଗାର୍ଡ଼ମାନେ ନାଲି ଡ୍ରେସ୍ ଓ ଲମ୍ବା କଳା ଟୋପି ପିନ୍ଧି ମାର୍ଚ୍ଚ କରିକରି ଡ୍ୟୁଟିରୁ ବିଦାୟ ନିଅନ୍ତି। ହଜାର ହଜାର ଦର୍ଶକ ଏ ମନୋରମ ଦୃଶ୍ୟ ଦେଖିବା ପାଇଁ ଧାଡ଼ି ବାନ୍ଧି ଠିଆ ହୋଇଥାଆନ୍ତି।

ତା’ପରେ ଆମେ ଗଲୁ Madam Tussade Wax Museum ଦେଖିବାକୁ। ଶିଳ୍ପୀର ପ୍ରତିଭା ସେଠାରେ ପ୍ରସ୍ଫୁଟିତ। ମହମରେ ତିଆରି ଆଇନଷ୍ଟାଇନ୍, ପ୍ରେସିଡ଼େଣ୍ଟ ବୁସ୍, କେତେକ ମଡ଼େଲ ଇତ୍ୟାଦି ଦେଖିଲେ କେବେବି କୌଣସି ବ୍ୟକ୍ତି ଭାବି ପାରିବନି ଯେ ଏମାନେ ପ୍ରକୃତ ମଣିଷ ନୁହନ୍ତି। ଅନେକ ସମୟ ଲାଗିଲା ଏହି ମ୍ୟୁଜିୟମ୍‌ଟି ଦେଖିବାପାଇଁ କାରଣ ପ୍ରତ୍ୟେକ ଷ୍ଟାଚ୍ୟୁ ପାଖରେ କୌତୂହଳ ସୃଷ୍ଟି ହେଉଥାଏ ଏବଂ ଫଟୋ ଉଠା ଚାଲିଥାଏ ଯାତ୍ରୀମାନଙ୍କର। ତା’ପରେ ଆମେ ଗଲୁ ହାଇଡ୍ ପାର୍କକୁ। ଏହି ପାର୍କରେ ସ୍ଥାନେ ସ୍ଥାନେ ଲୋକମାନେ ଛିଡ଼ା ହୋଇ ବକ୍ତୃତା ଦିଅନ୍ତି। ତତ୍ପରେ ଲୋକମାନଙ୍କଠାରୁ ଶୁଣିଲୁ ଟେନ୍ ଲାଇନ ଷ୍ଟ୍ରିଟ୍‌ରେ ପୁରୁଣା ପ୍ରଧାନ ମନ୍ତ୍ରୀ ଶାସନରୁ ବିଚ୍ୟୁତ ହେବା ପରେ ଯେତେବେଳେ ନୂଆ ପ୍ରଧାନ ମନ୍ତ୍ରୀ ଶାସନ ଭାର ନିଅନ୍ତି ସେତେବେଳେ ପୁରୁଣା ପ୍ରଧାନ ମନ୍ତ୍ରୀ ପଛ ପଟେ ଚାଲି ଯାଆନ୍ତି ଓ ନୂଆ ପ୍ରଧାନ ମନ୍ତ୍ରୀ ସାମନା ପଟେ ପ୍ରବେଶ କରନ୍ତି।

## ମାଲେସିଆ ଭ୍ରମଣ

ଏହାପରେ ଆମ ଯାତ୍ରାଥିଲା ମାଲେସିଆକୁ। ମାଲେସିଆ ଛୋଟିଆ ଦେଶଟିଏ, କେତେ ପଛରେ ବ୍ରିଟିଶରଙ୍କଠାରୁ ସ୍ୱାଧୀନ ହେଲା, କିନ୍ତୁ କେଡ଼େ ବିକାଶଶୀଳ ଦେଶ ନଦେଖିଲେ ଜାଣି ହେବ ନାହିଁ। ସେଠାରେ ନ୍ୟାସନାଲ ମ୍ୟୁଜିୟମ ଦେଖିଲୁ। ଏହି ମ୍ୟୁଜିୟମରେ ଭାରତ ଏବଂ ଚୀନ ଦେଶର ସଂସ୍କୃତି ଦେଖିବାକୁ ପାଇଲୁ। ପ୍ରବେଶ ପଥରେ ଅନେକ ବହୁ ପୁରାତନ ଗାଡ଼ି ରଖାଯାଇଥିଲା। ମାଲେସିଆର ନର୍ତ୍ତକୀ, ମ୍ୟୁଜିସିଆନ୍‌ଙ୍କ ମୂର୍ତ୍ତି, ବହୁ ପୁରାତନ ଗାଡ଼ି, ଜନ୍ତୁ, ପତଙ୍ଗ, ବିବାହ ପଦ୍ଧତିର ନମୁନା, କନ୍ୟାଘର, ଗିନା, ବାଜା ଇତ୍ୟାଦି ମ୍ୟୁଜିଅମ୍‌ରେ ସୁରକ୍ଷିତ।

ନ୍ୟାସନାଲ୍ ମନୁମେଣ୍ଟ ମାଲେସିଆର ଅନ୍ୟ ଏକ ଦର୍ଶନୀୟ ସ୍ଥାନ। ସହିଦ ହୋଇଥିବା ସୈନିକମାନଙ୍କ ଉଦ୍ଦେଶ୍ୟରେ ଏହା ନିର୍ମିତ। ସେଠାରେ ମୃତ ସୈନିକଙ୍କର ମୂର୍ତ୍ତି, ଜଳ ଫୁଆରା, ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ଫୁଲ ଇତ୍ୟାଦି ଦେଖି ସାରିଲାପରେ Bird's Park ଦେଖିବାକୁ ଗଲୁ। ଏହି ପାର୍କ ପୃଥିବୀର ସବୁଠାରୁ ବୃହତ୍ତମ ପକ୍ଷୀ ପାର୍କ। ଆମେ ଦେଖିନଥିବା ଅନେକ ଚଢ଼େଇ ଆମ ଦୃଷ୍ଟିରେ ପଡ଼ିଲେ।

ଏହାପର ଯାତ୍ରା ଆମର ଥିଲା ଟୁଇନ୍ ଟାୱାର ଆଡ଼େ। ଏହି ଟାୱାର ୮୮ ମହଲା ବିଶିଷ୍ଟ। ସତେଯେମିତି ଏହା ଆକାଶକୁ ଛୁଇଁଛି ସେମିତି ମନେ ହେଉଥାଏ। ଏହାର ଶୀର୍ଷ ଦେଶକୁ ଚାହିଁଲେ ଆଖି ପାଉ ନଥାଏ। ଏହାର ଭିତ୍ତିଭୂମିର ମାଲିକ ଭାରତୀୟ ଆନନ୍ଦ କୃଷ୍ଣ। ଏହାର ଗୋଟିଏ ଟାୱାର ଜାପାନୀ କଣ୍ଟ୍ରାକ୍ଟର ଏବଂ ଅନ୍ୟ ଗୋଟିଏ ଟାୱାର କୋରିଆନ୍ କଣ୍ଟ୍ରାକ୍ଟର ନିର୍ମାଣ କରିଛନ୍ତି। ଏହି ଦୁଇ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ପ୍ରତିଯୋଗିତା ଥିଲା। ଯିଏ ଆଗ ଟାୱାର ନିର୍ମାଣ ସାରିପାରିବ ସେ ଦୁଇ ଟାୱାରକୁ ସଂଯୋଗ କରିବାର ସୁଯୋଗ ପାଇବ। କୋରିଆନ କଣ୍ଟ୍ରାକ୍ଟର ପ୍ରଥମେ ଟାୱାର ନିର୍ମାଣ ଶେଷ କରିପାରିଥିଲେ। ତେଣୁ ସେ ହିଁ ଦୁଇ ଟାୱାରକୁ ସଂଯୋଗ କରିଥିଲେ। ଚତୁର୍ଥ ମହଲା ପର୍ଯ୍ୟନ୍ତ ବୁଲି ବୁଲି ଅନେକ ଜିନିଷ ଦେଖିଲୁ। ମାଲେସିଆରୁ ଫେରି ସିଙ୍ଗାପୁରରେ ଥିବା ମୁସ୍ତାଫା ସପିଙ୍ଗ୍ ସେଣ୍ଟରରେ ବୁଲାବୁଲି କରି କଲିକତା ଆସିଥିଲୁ। ଦେଶବିଦେଶରେ ଭ୍ରମଣର ବିସ୍ତୃତ ବିବରଣୀ ମୋ ''ମାଟିରୁ ଆକାଶ'' ଭ୍ରମଣ ପୁସ୍ତକରେ ପ୍ରକାଶିତ।

# ଜୀବନରେ କିଛି ବିଷାଦ

ମହାପୁରୁଷମାନେ କହିଛନ୍ତି ''ଜୀବନରେ ମୃତ୍ୟୁ ହେଉଛି ଅବଧାରିତ ସ୍ୱପ୍ନ, ବଞ୍ଚିଥିବା ସମୟତକ ଆତ୍ମମର୍ଯ୍ୟାଦା ସହ କଟାଇବା ବିଜ୍ଞତାର ପରିଚୟ। ଏହି ବାଣୀଟିକୁ ସାକାର କରିଥିବା ସ୍ନେହୀ ଓ ପରୋପକାରୀ ବ୍ୟକ୍ତିତ୍ୱକୁ ହଜେଇ ଦେଇଛି ମୁଁ ଡିସେମ୍ବର ୩ ତାରିଖ ୧୯୯୮ ମସିହାରୁ। ୨ ତାରିଖ ସନ୍ଧ୍ୟାରେ ତା' ସହିତ ଫୋନ୍‌ରେ ମୋର ଗପସପ ଆଜିଯାଏ ଭୁଲିନି। ସାନଭାଇ ଚିନ୍ତାମଣି (ବାବୁ)ର ମୁଁ ବଡ଼ ଭଉଣୀ ହେଲେ ବି ମୋ ଭାଇ ଭଉଣୀଙ୍କର ମୁଁ ଥିଲି ମା ସଦୃଶ। ପ୍ରତି କ୍ଷେତ୍ରରେ ମୋ ମତାମତକୁ ସେମାନେ ଦେଉଥିଲେ ସମ୍ମାନ। ମୋ ବାପା ମାଆଙ୍କର ମୁଁ ଥିଲି ବଡ଼ ପୁଅ ସଦୃଶ। ଅଳ୍ପ କଥାବାର୍ତ୍ତା ହେବା ପରେ ବାପାଙ୍କ ସହ କଥା ହୋଇ ଭଲମନ୍ଦ ବୁଝିବାକୁ ସେ ଫୋନ୍ ଦେଇ ଦେଇଥିଲା ବାପାଙ୍କୁ। ତା' ଜୀବନରେ ଏତକ ଥିଲା ମୋର ତା' ସହିତ ଶେଷ କଥା। ୩ ତାରିଖ ଭୋର ସମୟରୁ ଗାଁରୁ ଫୋନ୍ ପାଇଲି ସାନଭାଇଠାରୁ। ''ଭାଇ ଦେହ ଖୁବ୍ ଖରାପ, ତୁମେ ଶୀଘ୍ର ଆସ।'' କଥାଟା ମୋତେ ସତ ଭଳି ଲାଗିଲାନି। ବାବୁ ଯେ ନାହିଁ ଏ କଥା ମୋ ମନକୁ ଆସିଲା। ବାସୁଦେବପୁର ବ୍ଲକର ସେ ଥିଲା ଚେୟାରମ୍ୟାନ। ଇଲେକ୍‌ସନରେ ଜିତିବା ଦିନର ଦୃଶ୍ୟ ବାରମ୍ବାର ଆଜି ବି ଆସିଯାଏ ସାମନାକୁ। ଚେହେରା ଥିଲା ତା'ର ରାଜପୁତ୍ର ଭଳି। ବେକରେ ଗଜରା ହାର ଝୁଲାଇ ଖୋଲା ଗାଡ଼ିରେ ଛିଡ଼ା ହୋଇ ବିରାଟ ପଟୁଆରରେ ତା' ଅଞ୍ଚଳର ଆଶା ଓ ଭରସା ହୋଇଥିବା ବାବୁ ଗ୍ରାମବାସୀମାନଙ୍କ ଗହଣରେ ଯେଉଁ ଜାକଜମକରେ ଗାଁ ଗାଁ ବୁଲୁଥିଲା ସେ ସବୁର ଦୃଶ୍ୟ କାହିଁକି କେଜାଣି ବାରମ୍ବାର ମନକୁ ଆସିଲା। କୋହ ମୋର ବୋଲ ମାନୁ ନ ଥିଲା। ସ୍ୱାମୀ, ପିଲା ଓ ସାନଭଉଣୀ ରଜନୀ ସହିତ ଗଲି ଆମ ଗାଁକୁ। ଭଦ୍ରକଠାରୁ ବାସୁଦେବପୁର ପର୍ଯ୍ୟନ୍ତ ଲମ୍ବି ଯାଇଥିବା ରାସ୍ତା ଯେମିତି ଥିଲା ନିସ୍ତବ୍ଧ। କାହାରି ମୁହଁରେ ନ ଥିଲା କଥା। ସତେ କ'ଣ ସମସ୍ତେ ମୂକ। ଆସ୍ତେ ଆସ୍ତେ ମୁଁ ନିଶ୍ଚିନ୍ତ ହୋଇ ଯାଉଥିଲି ବାବୁ ଆଉ ନାହିଁ। ଏ କି ଆକସ୍ମାତ୍ ଦୁର୍ଘଟଣା। ଗାଁ ଦାଣ୍ଡରେ ପହଞ୍ଚିଲା ଗାଡ଼ି। ଶହ ଶହ ଜନତା ଥିଲେ ଅଶ୍ରୁଳ। ବାବୁ ଶୋଇଥିଲା ମହାନିଦ୍ରାରେ। ମୁଖମଣ୍ଡଳରେ ଉଦ୍ଭାସିତ ହେଉଥିଲା ଅପୂର୍ବ ଜ୍ୟୋତି। ସାରା ଶରୀର ପୁଷ୍ପମାଲ୍ୟରେ ହୋଇଥାଏ ଆଚ୍ଛାଦିତ। ମୋ ଜେଜେବାପା, ଜେଜେ ମା' ପରିଣତ ବୟସରେ ଆମକୁ ଛାଡ଼ି ଚାଲି ଯାଇଥିଲେ। ରୋଗ ଯନ୍ତ୍ରଣା

ସେମାନେ ଅନୁଭବ କରି ନ ଥିଲେ । ସେମାନଙ୍କ ମରଣକୁ ଏକ ସୁଖକର ଘଟଣା ଭାବରେ ନେଇଥିଲି ମୁଁ । ଆଉ ଆଜି ? ମାତ୍ର ୪୧ ବର୍ଷ ବୟସରେ ସତେଜ ଫୁଲଟି ପରି ତା'ର ସୁଗନ୍ଧ ବାଣ୍ଟିବା ପୂର୍ବରୁ ଝଡ଼ି ପଡ଼ିଛି । ସେ ଅଞ୍ଚଳରେ ସେ ଥିଲା ଦେବତା । ଏମିତି ନିଃସ୍ୱାର୍ଥପର ରାଜନେତା ବିରଳ । ପ୍ରତ୍ୟେକ ବ୍ୟକ୍ତିର ସୁଖ ଦୁଃଖରେ ସେ ହେଉଥିଲା ସାମିଲ । ସମସ୍ତଙ୍କୁ ସୁବିଧା କରାଇଦେବାରେ ସେ ଥିଲା ବ୍ରତୀ । ବିଧବା ଭତ୍ତା କରାଇବାଠାରୁ ଆରମ୍ଭ କରି ରାସ୍ତାଘାଟ ତିଆରି କରାଇ ଲୋକମାନଙ୍କ ଜୀବନ ପ୍ରଣାଳୀକୁ ସୁଖମୟ କରିବାରେ ଲାଗି ପଡ଼ିଥିଲା ସେ । ସ୍ତ୍ରୀ ବିଜୟଲକ୍ଷ୍ମୀ (ମାମି) ଝିଅ ସ୍ମୃତିଲିପ୍ସା (ଲିପି), ପୁଅ ସୌମ୍ୟ ସଙ୍କେତ (ସାନୁ)କୁ ନେଇ ଥାଏ କେନ୍ଦୁଝରରେ । ସେଠାରେ ସରକାରୀ ମହିଳା କଲେଜର ସେ ପ୍ରାଣୀ ବିଜ୍ଞାନ ବିଭାଗର ଡେମୋନ୍‌ଷ୍ଟ୍ରେଟର । ତେଣୁ ବାବୁ ଉପରେ ନ ଥାଏ ତା' ପରିବାରର ଦାୟିତ୍ୱ । ସାରା ବାସୁଦେବପୁର ଥାନାର ଦାୟିତ୍ୱ ଥିଲା ତା' ଉପରେ । ସବୁ ମନ୍ତ୍ରୀ, ଏମ୍.ଏଲ୍.ଏ.ଙ୍କର ସେ ଥିଲା ପ୍ରିୟପାତ୍ର । ଆଜି ପର୍ଯ୍ୟନ୍ତ ସେମାନେ ଝୁରି ହେଉଛନ୍ତି ତାକୁ । ରାଜନେତା ହୋଇ ତା'ର ବ୍ୟାଙ୍କ ଏକାଉଣ୍ଟଟିଏ ବି ନ ଥିଲା । ସେ ଏହି ପାର୍ଥିବ ଜଗତ ଛାଡ଼ିଲାବେଳେ ପକେଟରେ ରୁମାଲରେ ବନ୍ଧା ହୋଇଥିଲା ୨ ଟଙ୍କା ୪୫ ପଇସା । ଏମିତି ନିସ୍ୱାର୍ଥପର ବ୍ୟକ୍ତି ବିରଳ ।

ଖବର ପାଇ ସ୍ତ୍ରୀ, ଝିଅ ଓ ପୁଅ ପହଞ୍ଚିଥିଲେ ତା'ର ମର ଶରୀର ପାଖରେ । ସାରା ବାସୁଦେବପୁର ଥାନାର ବାସିନ୍ଦାଙ୍କ ଚକ୍ଷୁ ଥିଲା ଅଶ୍ରୁପୂର୍ଣ୍ଣ । ବିରାଟ ପଟୁଆରରେ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତ ବୁଲାଇ ବୁଲାଇ ତା'ର ଶେଷ ଦର୍ଶନ କରାଉଥିଲେ । ଭୁବନେଶ୍ୱରରୁ ଅନେକ ରାଜନେତା ଏ ଖବର ପାଇ ପହଞ୍ଚି ଯାଇଥିଲେ ବାବୁର ଶେଷ ଦର୍ଶନ ପାଇଁ । ମୋ ବାପା ଏକପ୍ରକାର ପାଗଳ ହୋଇ ଯାଇଥିଲେ । ବୋଉ କଥା କହିଲେ ନ ସରେ । କାନ୍ଦି କାନ୍ଦି କେତେ ଦିଅଁ ଦେବତାଙ୍କୁ ଡାକି ଡାକି ଚିନ୍ତା କରି କରି ଜନ୍ମ କରିଥିଲା ଚିନ୍ତାମଣିକୁ । ଆଜି କେତେ ଯେ ଚିନ୍ତା ଲଦିଦେଲା ମୋ ବୋଉ ମୁଣ୍ଡରେ– ସେ ଭାର ସେ ସହିବ କିପରି ? ହୁ ହୁ ହୋଇ ଚିତା ଜଳି ଉଠିଥିଲା । ଧାଡ଼ି ଧାଡ଼ି ହୋଇ ଚିତାର ଚାରିପାର୍ଶ୍ୱରେ ଛିଡ଼ା ହୋଇଥିଲେ ମହାମାନ୍ୟ ରାଜନେତାମାନେ, ଗ୍ରାମବାସୀମାନେ, ପରିବାରବର୍ଗ । ଏମିତି ଦୁର୍ଦ୍ଦିନର ସମ୍ମୁଖୀନ ହେବି ବୋଲି ମୁଁ କେବେ ଭାବି ନ ଥିଲି । ଆଜି ବି ସବୁରି ମୁହଁରେ ଗୋଟିଏ କଥା– ଜଣେ ଲୋକ ଥିଲେ ପରିବାର, ସାରା ଗାଁ, ଅଞ୍ଚଳ କୌଣସି ଦୁର୍ଦ୍ଦିନରେ ଭାଙ୍ଗି ପଡ଼ନ୍ତା ନାହିଁ ।

ଦଶଦିନ, ଏଗାରଦିନ ତା'ର ହୋଇଥିଲା ରାଜକୀୟ ଢାଞ୍ଚାରେ। କେଉଁଠି ମାଇକ ଲଗାଇ ଗୀତା, ଭାଗବତ ପଢ଼ା ହେଉଥାଏ, ତ କେଉଁଠି ଯଜ୍ଞ, କେଉଁଠି ସଭାସମିତିରେ ଭାଷଣ ଚାଲିଥାଏ ତ କେଉଁଠି ସ୍କୁଲ ପିଲାମାନଙ୍କର ନିରବ ଶୋଭାଯାତ୍ରା। ତା ଆତ୍ମାର ସଦ୍‌ଗତି ପାଇଁ ସାରା ବାସୁଦେବପୁର ଥାନାର ପ୍ରତ୍ୟେକ ଗ୍ରାମରେ କିଛି ନା କିଛି କର୍ମ ଚାଲିଥାଏ। ବିରାଟ ସଭାର ଆୟୋଜନ ହୋଇଥାଏ ଏଗାର ଦିନ ସନ୍ଧ୍ୟାରେ ଆମ ହସପିଟାଲ ଅଫିସ୍ ପ୍ରାଙ୍ଗଣରେ। ମୁଁ ଯାଇଥାଏ ସେ ସଭାକୁ। ବାଟରେ ଯେଉଁ ଦୃଶ୍ୟ ଦେଖିଲି ଭାବିଲି ବାବୁ ମୋର ମର୍ଯ୍ୟାଦା ପୁରୁଷ। ମୋ ଆଖିରୁ ଲୁହ ଶୁଖି ଯାଇଥିଲା। ଯେଉଁ ଆଡ଼କୁ ଚାହୁଁଥାଏ ସବୁଆଡୁ ଜନତାର ସ୍ରୋତ ଭାଷଣସ୍ଥଳୀକୁ। ଏମିତି ମର୍ଯ୍ୟାଦା କିଏ ପାଇବକି ନାଁ ମୁଁ ଜାଣେନି। ସମସ୍ତଙ୍କ ମୁହଁରେ ଥାଏ ଗୋଟିଏ କଥା, ''ଏ ଅଞ୍ଚଳର ଦୀପ ଲିଭିଗଲା।'' ଲୋକଙ୍କ ଆଖିରେ ଦୀପ ଲିଭିଯାଇଛି ସତ, ଲେଙ୍କା ବଂଶର ଉଜ୍ଜ୍ୱଳ ତାରକା ଆଜି ମହାସମୁଦ୍ରରେ ଲୀନ। କିନ୍ତୁ ତା'ର ଅଳ୍ପଦିନର କୀର୍ତ୍ତି ସମସ୍ତଙ୍କ ପ୍ରାଣରେ ଜୀବିତ। ଏହି ଘଟଣାଟି ମୋର ଅପାସୋରା।

ମୋ ବାପାଙ୍କର ଦେହାନ୍ତ ହୋଇଥିଲା ୧୮ ଡିସେମ୍ବର ୨୦୦୨ ମସିହାରେ। ବୟସ ହୋଇଥିଲା ତାଙ୍କୁ ୮୪ ବର୍ଷ। ବୟସ ପରିଣତ ହୋଇଥିଲେ ବି ମନ ଓ ଶରୀର ଥିଲା ତାଙ୍କର ସୁସ୍ଥ। ଜୀବନଟା ସାରା ସେ ଥିଲେ କର୍ମଠ। ତେଣୁ ମୃତ୍ୟୁ ତାଙ୍କୁ ବେଶୀ କଷ୍ଟ ଦେଇ ନ ଥିଲା। ହଠାତ୍ ୧୭ ତାରିଖ ରାତିରେ ଗାଁରୁ ଫୋନ୍ ପାଇଲି ଖାଇସାରି ଶୋଇବା ସମୟରେ ବାପାଙ୍କର ଚେତା ଚାଲିଗଲା। ଭଦ୍ରକ ଡାକ୍ତର କଟକ ବଡ଼ ଡାକ୍ତରଖାନାକୁ ପଠାଇଦେଲେ। ସାନଭଉଣୀ ରଜନୀ ପହଞ୍ଚିଗଲା ମୋ ପାଖରେ। ରାତିସାରା ଅନିଦ୍ରା ହୋଇ ବସି ରହିଲୁ ବାପା ମେଡ଼ିକାଲରେ ପହଞ୍ଚିବା ପର୍ଯ୍ୟନ୍ତ। ବାପାଙ୍କର ବୟସ ହୋଇଥିଲେ ବି ଘଟଣାଟି ଥିଲା ଅକସ୍ମାତ୍। ବାଡ଼ିର କଖାରୁଟିଏ ହେଉ ବା ଘରେ ଭଜା ହୋଇଥିବା ମୁଢ଼ି ଗଣ୍ଡାଏ ହେଉ କିମ୍ବା ଆରିସାପିଠା ହେଉ ଧରି ସେ ପହଞ୍ଚି ଯାଉଥିଲେ ମୋ ପାଖରେ ପ୍ରତିମାସ। ବାପା ଅସୁସ୍ଥ ହୋଇ ପଡ଼ିଲେଣି- ଚେତା ଫେରିବ କି ନାହିଁ ଭାବି ଖୁବ୍ ବ୍ୟସ୍ତ ଲାଗୁଥାଏ। ବୋଉ ମୋର ଏକୁଟିଆ ହୋଇଯିବ ଯଦି ମୋ ବାପାଙ୍କର କିଛି ହୋଇଯାଏ। ଏମିତି କେତେ କଥା ଭାବି ଯାଉଥାଏ ମୁଁ। ଭୋର ସମୟରେ ବାପା ପହଞ୍ଚିଲେ ବଡ଼ ମେଡ଼ିକାଲ କାଜୁଆଲଟିରେ। ହସପିଟାଲର ସବୁ ବ୍ୟବସ୍ଥା କରିଥାଏ। ବାପାଙ୍କ ଚିକିତ୍ସା ଚାଲିଲା। ବାପା ଚାହିଁଲେନି କି ପଦୁଟିଏ କଥା ହେଲେନି। କେତେ ଅଭିଜ୍ଞତାର ମଣିଷଟିଏ ଶୋଇ ରହିଥାଏ ହସପିଟାଲ ବେଡ଼୍‌ରେ।

କର୍ତ୍ତବ୍ୟରେ ହେଳା ନ କରିବାକୁ ବାପାଙ୍କର ଥାଏ ଉପଦେଶ। ୧୨ଟାରେ ମୋର କ୍ଲାସ ଥାଏ। କ୍ଲାସଟି ନେବା ପାଇଁ କଲେଜ ଆସିଲି, କ୍ଲାସ କରିସାରି ଘରେ ପହଞ୍ଚି ହସପିଟାଲରୁ ଫେରିଥିବା ମୋ ସ୍ୱାମୀଙ୍କଠାରୁ ଶୁଣିଲି ବାପା ଆଉ ନାହାନ୍ତି। ଟିକିଏ ବି କଷ୍ଟ ନ ପାଇ ଏବଂ ପରିବାରବର୍ଗଙ୍କୁ ନିଜର ରୋଗ ପାଇଁ କଷ୍ଟ ନ ଦେଇ ଯିବା ଲୋକଥିଲେ ମୋ ବାପା। ଖାଲି ମନରେ ଅବଶୋଷ ରହିଗଲା ବାପାଙ୍କୁ ଶେଷ ମୁହୂର୍ତ୍ତରେ ଦେଖି ପାରିଲିନି ଏବଂ ପଦଟିଏ କଥା ବାପା କହିଲେନି। ତାଙ୍କ ଶରୀର ମୋ ପାଖରେ ନାହିଁ। କିନ୍ତୁ ତାଙ୍କ ଆତ୍ମାର ଉପସ୍ଥିତି ମୁଁ ଅନୁଭବ କରେ।

ବାପାଙ୍କ ମରଶରୀର ଗାଁରେ ପହଞ୍ଚିଲା ବେଳକୁ ହଜାର ହଜାର ଲୋକ ଖବର ପାଇ ଆମ ଦାଣ୍ଡରେ ଅପେକ୍ଷା କରିଥିଲେ। ତାଙ୍କ ବାପା ଓ ମା'ଙ୍କ ସମାଧି ପାଖରେ ତାଙ୍କ ଶବଦାହ କରାଗଲା। ଏତେ ଉଚ୍ଚ ପର୍ଯ୍ୟନ୍ତ ଅଗ୍ନିଶିଖା ଜଳିବା ମୁଁ ଏ ଯାଏ କାହାର ଦେଖିନି। ସେଦିନ ରାତିରେ ମୋ ବୋଉର ବିଧବା ହେବା ପର୍ବ ମୁଁ ଦେଖିପାରି ନ ଥିଲି ମୋ ଆଖିରେ। ଏସବୁ ଦୁର୍ଦ୍ଦିନକୁ ମୁଁ ଭୁଲିବି କିପରି ?

୨୦୦୯ ମସିହା ମେ ମାସ ୨୨ ତାରିଖ ମୋ ଜୀବନର ଏକ ଅଭୁଲା ଦିନ। ଦୁଇଦିନ ପୂର୍ବରୁ ମୋ ସାନ ଭଉଣୀ ରଜନୀଠାରୁ ଫୋନ୍ ପାଇଲି ତା' ସ୍ୱାମୀ ଆମର ସମ୍ମାନନୀୟ ମାଧଭାଇ କଥା କହୁନାହାନ୍ତି। ଶୀଘ୍ର ଭୁବନେଶ୍ୱରକୁ ଯିବା ପାଇଁ ସେ କାନ୍ଦ କାନ୍ଦ ସ୍ୱରରେ କହିଥିଲା। ତରବର ହୋଇ ମୁଁ ଓ ମୋ ସ୍ୱାମୀ ପହଞ୍ଚିଲୁ କଳିଙ୍ଗ ହସପିଟାଲରେ। ଭଉଣୀ ସାନ ହେଲେ ମଧ୍ୟ ପୂର୍ବ ସମ୍ପର୍କରୁ ଆମେ ଡାକୁଥିଲୁ ମାଧଭାଇ। କେତେ ହସଖୁସିର ମଣିଷ ସେ, ଦୟାର ସାଗର, ପୂଜାପାଠରେ ସେ ଥିଲେ ପୁରୋଧା, ପାଳିଆସ୍ଥ ମାଧବାର୍ଜ୍ଜୁନ କଲେଜର ପ୍ରାଣକେନ୍ଦ୍ର, ଧନ, ଜ୍ଞାନ, ମାନ ଥାଇ ବି ସେ ସର୍ବଦା ଥିଲେ ନମ୍ର। ଏଭଳି ମଣିଷଟି ହୋଇ ପଡ଼ିଥିଲେ ନିସ୍ତେଜ। ପଦଟିଏ କଥା କହିବାର ଯୁ ନ ଥିଲା ତାଙ୍କର। ଶୋଇଥିଲେ ସେ ହସପିଟାଲ ବେଡ଼ରେ। ଡାକ୍ତରମାନେ ଲାଗି ପଡ଼ିଥିଲେ ଚିକିତ୍ସାରେ। ବିଧିର ବିଧାନ କେ କରିବ ଆନ। ଧାର୍ଯ୍ୟ ଦିନକୁ ଅତିକ୍ରମ କରି ଗୋଟିଏ ମୁହୂର୍ତ୍ତ ମଣିଷ ରହିବନି ଏ ଦୁନିଆରେ। ଦୁଇଟି ଦିନ ପରେ ମାଧଭାଇଙ୍କର ମର ଶରୀର ତାଙ୍କ କେଦାର ଗୌରୀ ବାସଭବନ ''ସ୍ୱର୍ଗ''ର ବିରାଟ ଫାଟକ ପାର ହୋଇ ସୁସଜ୍ଜିତ ଶବବୂହା ଗାଡ଼ିରେ ଚାଲି ଯାଇଥିଲା ନିଜ ଜନ୍ମଭୂମି ପାଳିଆବିନ୍ଧାକୁ। ସ୍ୱାମୀଙ୍କ ସହ ଯାଇଥିଲି ସେଦିନ ପାଳିଆବିନ୍ଧା। କଲେଜ ପରିସର ଭିତର ହଜାର ହଜାର ଛାତ୍ର ଓ ଶିକ୍ଷକଙ୍କର ସ୍ଲୋଗାନ ''ମାଧବାବୁ ଅମର ରହେ'' ଆଜି ମୋ କାନରେ

ପ୍ରତିଧ୍ୱନିତ। ଗ୍ରାମବାସୀମାନଙ୍କ ଅଶ୍ରୁରେ ଭରି ରହିଥିଲା ତାଙ୍କ ସ୍ମୃତି। ଗାଡ଼ି ପହଞ୍ଚିଲା ତାଙ୍କ ଦ୍ୱିତଳ ପ୍ରାସାଦ ବାସଭବନ ସାମନାରେ। ମୋଠାରୁ ୫ ବର୍ଷ ସାନ ଭଉଣୀର ଏ ଦୁର୍ଦ୍ଦିନ ଦେଖିବା ପାଇଁ ମୁଁ ଆଉ ନିମିଷଟେ ନ ରହି ଚାଲି ଆସିଲି କଟକ।

୩୦ ଅକ୍ଟୋବର ୧୯୯୨ ମସିହାର କଥା ଯେଉଁଦିନ ମୋ ଲକ୍ଷ୍ମଣସମ ଦିଅର ରାଜେନ୍ଦ୍ର ଇହଲୀଳା ତ୍ୟାଗ କରିଥିଲା। ତା' ଭଳି ପରୋପକାରୀ ଲୋକ ଖୁବ୍ ବିରଳ। ଗାଁରୁ ଆସୁଥିଲା ପ୍ରତିଦିନ କଟକକୁ ଶ୍ୱଶୁରଙ୍କର କିରାସିନି ବ୍ୟବସାୟ ତଦାରଖ କରିବା ପାଇଁ ଏବଂ ଛୋଟ ଛୋଟ ଶଳାଶାଳୀଙ୍କର ଦେଖାଶୁଣା କରିବା ପାଇଁ। ଅଧିକାଂଶଦିନ ମୋ ଘରେ କିଛି ନା କିଛି ଗାଁ ଜିନିଷ ଧରି ପହଞ୍ଚୁଥିଲା। ନିରାମିଷାସୀ ଥିଲା ସେ। ଆହାର ତା'ର ଥିଲା ସ୍ୱଚ୍ଛ। ପ୍ରତିଦିନ ଗାଧୋଇ ସେ ସ୍ୱପ୍ନେଶ୍ୱର ମନ୍ଦିରରେ ଶିବଙ୍କୁ ଦର୍ଶନ କରି ତାଙ୍କ ପାଦୁକ ପାଇ ସାରିଲା ପରେ ଜଳଗ୍ରହଣ କରୁଥିଲା। ସେଦିନ କଟକରୁ ଫେରି ରାତ୍ରି ଭୋଜନ ପରେ ଖଟରେ ଶୋଇ ଟି.ଭି. ଦେଖୁ ଦେଖୁ ହୃଦ୍ ଯନ୍ତ୍ରଣାରେ ଆଖି ବୁଜି ଦେଇଥିଲା। ପାଖରେ ବସିଥିଲା ସ୍ତ୍ରୀ ସୁମିତ୍ରା। ଏମିତି ସୁଖ ମରଣ ଖୁବ୍ ବିରଳ। ଖବର ପାଇ ଗାଁରେ ପହଞ୍ଚିଥିଲୁ। ରାଜୁ ବୋଲି ଡାକିବା ହୋଇଥିଲା ଦୁଃସ୍ୱପ୍ନ। ୪୫ ବର୍ଷ ବୟସରେ ପଞ୍ଚୁପାଣ୍ଡବଙ୍କର ଶେଷ ଭାଇ ହୋଇ ଚାଲିଗଲା ଆରପାରିକୁ। ସମଗ୍ର ପରିବାର ଆଜିଯାଏ ତାକୁ ଝୁରି ହେଉଛନ୍ତି। ତା'ର ସୁଗୁଣ ପାଇଁ ଆଜି ସେ ଅମର।

ଶ୍ୱଶୁର ଶ୍ରୀଯୁକ୍ତ ଚକ୍ରଧର ବିଶ୍ୱାଳ ଥିଲେ ଅମାୟିକ ବ୍ୟକ୍ତିତ୍ୱ। ୪ ଭାଇଙ୍କ ଭିତରେ ଥିଲେ ସେ ବଡ଼। କଲିକତାରେ ମଶାରି ବ୍ୟବସାୟ କରି ସେ ସବୁ ଭାଇ, ସେମାନଙ୍କ ପିଲା, ନିଜର ୫ ପୁଅ ଓ ଗୋଟିଏ ଝିଅକୁ ମଣିଷ କରିଥିଲେ। ରାଗ, ହିଂସାଠାରୁ ସେ ଥିଲେ ଦୂରରେ। ୧୪ ବର୍ଷ ବୟସରେ ୯ ବର୍ଷର ମୋ ଶାଶୁ ସ୍ୱର୍ଣ୍ଣଲତାଙ୍କୁ ବିବାହ କରି ସଂସାରର ଦାୟିତ୍ୱ ମୁଣ୍ଡାଇଥିଲେ। ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇଥିଲେ ସେ। ଅନେକ ସମୟ ମୋ ପାଖରେ କଟକରେ ରହୁଥିଲେ। ଡକ୍ଟର ଟମ୍ପେଙ୍କ ବିନା ସେ କୌଣସି ଡାକ୍ତରଙ୍କ ଚିକିତ୍ସାରେ ସନ୍ତୁଷ୍ଟ ହେଉ ନ ଥିଲେ। ବୟସ ୮୦ ଟପି ଯାଇଥିଲା। ରାତିରେ ଭାତ ମାଂସ ତରକାରୀ ଖାଇ ଶୋଇଲାବେଳେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ପଦ୍ମପୁର ମେଡ଼ିକାଲରେ ଚିକିତ୍ସିତ ହେଲେ। ଖବର ପାଇ ଆମେ ପହଞ୍ଚିଲୁ ହସପିଟାଲରେ। ପଦଟିଏ କଥା ମଧ୍ୟ ହୋଇ ନାହାନ୍ତି। ସେଦିନ ଥିଲା ୧୯୮୨ ମସିହା ଫେବୃୟାରୀ ୧୪ ତାରିଖ। ପରିବାରର ମେରୁଦଣ୍ଡଙ୍କୁ ହରାଇଥିଲୁ ସେଦିନ ଆମେ।

ଶାଶୂ ସ୍ୱର୍ଣ୍ଣଲତା ଥିଲେ ସ୍ୱର୍ଣ୍ଣଠାରୁ ଢେର ଗୁଣରେ ଗୁଣବତୀ। ଯେମିତି ସ୍ନେହୀ ସେମିତି ସରଳ ଓ ସହିଷ୍ଣୁ ଥିଲେ ସେ। ମୃତ୍ୟୁ ପର୍ଯ୍ୟନ୍ତ ସେ ନିଜ ଗୁଣରେ ଥିଲେ ଉଦ୍ଭାସିତ। ୫ଟି ବୋହୂଙ୍କୁ ଠିକ୍‌ଠାକ୍ ଭାବରେ ଚଳାଇବାର ସୁଗୁଣ ଥିଲା ତାଙ୍କର ଓ ଓଷାବାର ପାଳନ କରିବାରେ ସେ ଥିଲେ ଧୁରନ୍ଧର। ମୋ ନିଜ ବୋଉଠାରୁ ସେ ମୋତେ ବେଶୀ ଭଲ ପାଉଥିଲେ। କଲେଜରୁ ଫେରିଲେ କ'ଣ ଖାଇବି ବୋଲି ଥାଏ ତାଙ୍କର ଚିନ୍ତା। ତାଙ୍କ ହାତ ରନ୍ଧା ଥିଲା ଖୁବ୍ ସୁଆଦିଆ। ପିଠାପଣା କରିବାରେ ସେ ଥିଲେ ନିପୁଣା। ମୋ ପିଲାଙ୍କ ଜନ୍ମ ପରେ ମୋ ପାଖରେ ରହି ମୋତେ ଭଲ ମନ୍ଦରେ ସେ ସାହାଯ୍ୟ କରୁଥିଲେ। ସେ ଥିଲେ ସାକ୍ଷାତ ଦେବୀ ପ୍ରତିମା। ମୃତ୍ୟୁ ଶଯ୍ୟାରେ ବି ତାଙ୍କ ଦେହ ଚିକ୍ ଚିକ୍ ମାରୁଥିଲା। ତାଙ୍କୁ ହରେଇଥିଲି ୨୦୦୬ ମସିହା ଡିସେମ୍ବର ୭ ତାରିଖ ଦିନ। କୌଣସି ରୋଗରେ ସେ ଆକ୍ରାନ୍ତ ହୋଇ ନ ଥିଲେ। ବୟସକ୍ରମେ ତାଙ୍କର ମୃତ୍ୟୁ ହୋଇଥିଲା। ୯୩ ବର୍ଷ ହୋଇ ଯାଇଥିଲା ତାଙ୍କୁ। ତଥାପି ତାଙ୍କୁ ଛାଡ଼ି ଦେବାକୁ ମନ ଚାହୁଁ ନ ଥିଲା।

ସବୁଠୁ ଦୁଃଖର ଦିନ ଥିଲା ମୋର ୨୦୦୭ ଜାନୁୟାରୀ ମାସ ୧୭ ତାରିଖ ଦିନଟି। ସେ ଦିନ ମୁଁ ଓ ମୋ ସ୍ୱାମୀ ଥିଲୁ ଭୁବନେଶ୍ୱରରେ। ହଠାତ୍ ସାନପୁଅ ଲିପୁଠାରୁ ଖବର ପାଇଲି ଶୀଘ୍ର କଟକ ଫେରିଆସିବା ପାଇଁ। ସେ ସେହି ଦିନ ସକାଳେ ଯାଇଥାଏ ଜଗତସିଂହପୁର ତା'ର ବ୍ୟବସାୟ କାମରେ। ତା' ପାଖରୁ ଫୋନ୍‌ରେ ବୁଝିଲି ମୋ ସାନବୋହୂ ସିଲୁ ଆମକୁ ଛାଡ଼ି ଅଘଟଣ ଘଟାଇ ସେପାରିକୁ ଚାଲିଯାଇଛି। ବଜ୍ରପାତ ମୋ ମୁଣ୍ଡରେ ପଡ଼ିଲା ଭଳି ଲାଗିଲା। ପ୍ରଥମତଃ ଏତେ ଅଳ୍ପ ବୟସରେ ତା'ର ମୃତ୍ୟୁ, ଦ୍ୱିତୀୟଟି ଅଘଟଣ। ଚନ୍ଦ୍ରମା ଦେହରେ କଳଙ୍କ ଭଳି ମୋ ପରିବାରରେ କଳଙ୍କ ଲାଗିଗଲା। ମୋ ଅସୁସ୍ଥତା ଭିତରେ ଏ ସମ୍ବାଦ ମୋତେ ବ୍ୟଥିତ କରି ପକାଇଲା। ଖାଲି ଈଶ୍ୱରଙ୍କୁ ଡାକିବା ଛଡ଼ା ମୋର ଅନ୍ୟ ଉପାୟ ନ ଥିଲା। ୫ ବର୍ଷର କୌତୁକିଆ ପୁଅ ଶୁଭମ୍‌କୁ ଅନାଥ କରି ଚାଲିଗଲା ସେ। କେମିତି କଟକରେ ପହଞ୍ଚିଗଲି ମୁଁ ଜାଣି ପାରିଲିନି। ବନ୍ଧୁମାନଙ୍କୁ, ଶୁଭେଚ୍ଛୁମାନଙ୍କୁ ଲିପୁ ଖବର ଦେଇ ଦେଇଥିଲା। ସିଲୁକୁ ଆଖି ପୂରାଇ ଦେଖିବାର ସାହସ ମୋର ନ ଥିଲା। ୬ ବର୍ଷ ମୁଁ ତା' ସହିତ କଟାଇଥିଲି। ତାକୁ ଭୁଲିବା ମୋ ପକ୍ଷେ କଷ୍ଟକର। ଅନେକ ଦୁଃଖ ଓ ଜଞ୍ଜାଳ ମୋ ଉପରେ ଲଦି ଦେଇ ସେ ଚାଲିଗଲା। ଈଶ୍ୱରଙ୍କ କୃପା ଓ ମନୋବଳ ନେଇ ମୁଁ ବାଟ ଚାଲିପାରିଲି।

ମୋର ଦ୍ୱିତୀୟ ଦେଢ଼ଶୁର ନରେନ୍ଦ୍ର କୁମାର। ନାମକୁ ସେ ସାର୍ଥକ କରିଥିଲେ। ପ୍ରକୃତରେ ନରମାନଙ୍କ ମଧ୍ୟରେ ଥିଲେ ଇନ୍ଦ୍ର। ଖୁବ୍ ସରଳ, ନିଷ୍କପଟ, ସ୍ନେହୀ ଓ ଦରଦୀ ମଣିଷଟିଏ ସିଏ। ଫୁଲଗଛ ପ୍ରତି ଶ୍ରଦ୍ଧା ଥିଲା ତାଙ୍କର ଅତୁଳନୀୟ। ଫୁଲଗଛର ପ୍ରେମୀ ମୁଁ। ତେଣୁ ତାଙ୍କ ପ୍ରତି ମୋର ଥିଲା ଅଜସ୍ର ସମ୍ମାନ। ଏତେ ଭଲ ମଣିଷକୁ ଈଶ୍ୱର କାହିଁକି ମାରାତ୍ମକ ରୋଗ ଦିଅନ୍ତି ସେକଥା ମୁଁ ଅନେକଥର ଭାବେ। ଈଶ୍ୱର ନିଜ ଲୋକଙ୍କୁ ଶୀଘ୍ର ଶୀଘ୍ର ପାଖକୁ ନେବାର ରୋଗ ହେଉଛି ବାହାନା। ଗଳା କର୍କଟ ରୋଗରେ ଆକ୍ରାନ୍ତ ହୋଇ ୨୦୦୯ ମସିହା ଜୁଲାଇ ୨୬ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ପୁଅ ଝିଅଙ୍କର ବାପା ପ୍ରତି କର୍ତ୍ତବ୍ୟ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି। ଶେଷ ପର୍ଯ୍ୟନ୍ତ ସେମାନେ ବାପାଙ୍କର ସେବା, ଚିକିତ୍ସା ଓ ଖାଦ୍ୟପେୟରେ ଅବହେଳା କରି ନାହାଁନ୍ତି। ଏହା ସମସ୍ତଙ୍କର ସନ୍ତାନଙ୍କର ଶିକ୍ଷଣୀୟ ବିଷୟ।

ମୋ ଉପର ଯାଆ ରୀନା ଦେଇ ମୋଠାରୁ ୫ ବର୍ଷ ସାନ। ଅଳ୍ପ ପାଠ ପଢ଼ିଥିଲେ ସେ। କିନ୍ତୁ ପାଠର ମର୍ଯ୍ୟାଦା ବୁଝିଥିଲେ। ଅଙ୍ଗନବାଡ଼ିର କର୍ମୀ ଥାଇ ୩ଟି ଝିଅଙ୍କୁ ସେ ପାଠ ପଢ଼ାଇ ମଣିଷ କରିଥିଲେ। ସଦ୍‌ଗୁଣ ଏବଂ ସଦ୍‌ବ୍ୟବହାର ସେ ଶିଖାଇଥିଲେ ଝିଅମାନଙ୍କୁ। ଦେଢ଼ଶୁର ମୋର ଅମାୟିକ ଓ ସ୍ନେହୀ ଲୋକ। ପିଲାମାନଙ୍କୁ ନେଇ ଆମେ ଘରେ ପହଞ୍ଚିଗଲେ ଗଛରୁ ପଇଡ଼ କାଟି ପଇଡ଼ ପାଣି ପିଆଇବାଠାରୁ ଆରମ୍ଭ କରି ଆମର ଯତ୍ନ ନେବାରେ ସେ ଆନନ୍ଦ ପାଆନ୍ତି।୪ ସଂସାରର ସବୁ ଦାୟିତ୍ୱ ତୁଲାଉଥିଲେ ରୀନା ଦେଇ। ଅଳ୍ପ ବୟସରେ କର୍କଟରୋଗରେ ଆକ୍ରାନ୍ତ ହେଲେ। ନିଜେ ନିଜେ ହସ୍‌ପିଟାଲ ଯାଇ ସେ ଚିକିତ୍ସିତ ହୋଇ ପାରୁଥିଲେ। ଅଦମ୍ୟ ମନୋବଳ ଥିଲା ତାଙ୍କର। ଶାଶୁଘରକୁ ଜୀବନ୍ତ କରି ରଖିଥିଲେ ସେ। ଆମେ ଘରେ ପହଞ୍ଚିଲେ ସବୁଆଡ଼ର ଖବର ଗଳଗଳ ହୋଇ କହିଯାଆନ୍ତି। ଖୁବ୍ ମଜା ଲାଗେ ତାଙ୍କ କଥା ଶୁଣିବାକୁ। କର୍କଟରୋଗ ସହିତ ଲଢ଼ି ଲଢ଼ି ୨୦୧୧ ମସିହା ମେ ମାସ ୧୩ତାରିଖ ଦିନ ସେ ଚାଲିଗଲେ।ଆଜି ଶାଶୁଘର ମୋର ଶୁଖାଶୁଖା ଲାଗେ। ତାଙ୍କ ଅନୁପସ୍ଥିତିରେ ଶାଶୁଘରକୁ ଯିବାକୁ ଇଚ୍ଛା ହୁଏନି।

ଦୁଃଖ ସମୟଟିଏ ମୋ ପାଇଁ ଆସିଥିଲା ଯେଉଁ ସମୟରେ ଜାଣିଲି ମୋ ବୋଉର ଜରାୟୁ କ୍ୟାନସର। ତାକୁ ହୋଇଥାଏ ୮୦ ବର୍ଷ। ମା'ର କିଛି ସେବା କରିବି ବୋଲି ବୋଧହୁଏ ଈଶ୍ୱର ମୋତେ ମଉକାଦେଲେ ଭାବିଲି। ସଙ୍ଗେ ସଙ୍ଗେ ଚିକିତ୍ସା ଆରମ୍ଭ

କଲି। ଏ ବୟସରେ ଅପରେସନ୍ କରିବା ଠିକ୍ ହେବନି ବୋଲି ଡାକ୍ତର କହିଲେ। କଟକ ମେଡ଼ିକାଲରେ ରେଡ଼ିଏସନ୍ ଚିକିତ୍ସା କରାଗଲା। ଡାକ୍ତର ଏସ୍.ଏନ୍. ସେନାପତି ମୋ ବୋଉର ଯଥେଷ୍ଟ ଯତ୍ନ ନେଲେ। ବୋଉର ସହିବା ଶକ୍ତି ଯଥେଷ୍ଟ। କାଳେ ମୁଁ ହଇରାଣ ହେବି ବୋଲି ସେ ସବୁକୁ ସହି ଯାଉଥାଏ ଏବଂ ତା'ର କଷ୍ଟ ମୋତେ ପ୍ରକାଶ କରୁ ନ ଥାଏ। ୨୧ଟି ରେଡ଼ିଏସନ୍ ପରେ ୩ଟି ବ୍ରାକେଥେରାପି ମଧ୍ୟ ସେ ସହି ପାରିଲା। ବୋଉର ଯତ୍ନ ନେଉଛି ଏବଂ ସେବା କରୁଛି, ଚିକିତ୍ସା କରାଉଛି ବୋଲି ମୁଁ ଗର୍ବ ଅନିଭବ କରୁଥିଲି। ମୋ ସ୍ୱାମୀ ଏସବୁ କାର୍ଯ୍ୟରେ ବେଶ୍ ସାହାଯ୍ୟ କରୁଥିଲେ। ସାନ ଭଉଣୀ ରଜନୀ ମଧ୍ୟ ଭୁବନେଶ୍ୱରରୁ ସବୁ ବୁଝାବୁଝି କରୁଥାଏ। ବୋଉ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଗଲା। ଏ ଦୁଃଖ ଦିନକୁ ମୁଁ ଭୁଲିଗଲି। ଆଉ ଥରେ ଜେ.ପି.ଏମ୍.ରେ ତା'ର ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଇଲି। ୮୮ ବର୍ଷ ହେଲାଣି। ବୋଉ ମୋର ସୁସ୍ଥ ମଣିଷ ଭଳି ସବୁ କାର୍ଯ୍ୟ ନିଜ ହାତରେ କରିପାରୁଛି। ଏ ସବୁ ଆମେ ଶିଖିବା କଥା।

୨୦୦୬ ମସିହା ମୋ ପାଇଁ ଯେମିତି ସବୁ ଦୁଃଖ ବୋହି ଆଣିଥିଲା। ତା'ର ପ୍ରଥମ ଆଭାସ ପାଇଥିଲି ମୋ ଶାରୀରିକ ଅସୁସ୍ଥତାରୁ। ୨୦୦୬ ମସିହା ମାର୍ଚ୍ଚ ୨୫ ତାରିଖରେ ମୁଁ ଅନୁଭବ କରିଥିଲି। ମୋ ଡାହାଣ ସ୍ତନରେ ଗୋଟିଏ growth ହେଲା ଭଳି। ଟିକିଏ ବି ହେଳା କରି ନ ଥିଲି। ଡାକ୍ତରଙ୍କ ପରାମର୍ଶକ୍ରମେ FNAC କରିଥିଲି। କ୍ୟାନ୍ସର– ve ବାହାରିଥିବାରୁ ମନ ଟିକିଏ ହାଲକା ହୋଇ ଯାଇଥିଲା। ପୁଙ୍ଖାନୁପୁଙ୍ଖ ପରୀକ୍ଷା ପାଇଁ ହସପିଟାଲ ଯାଇ ପୁଣି ଥରେ ଡାକ୍ତରାଣୀଙ୍କର ନିର୍ଦ୍ଦେଶ ପାଇଲି ଆଉ ଥରେ ପରୀକ୍ଷା କରିବା ପାଇଁ। ଏଥର କ୍ୟାନସର୍ + ve ବହାରିଥିଲା। ହେଳା ନ କରି ସବୁ ଆନୁଷଙ୍ଗିକ ପରୀକ୍ଷା ନିରୀକ୍ଷା କରି ଅପରେସନ୍ କରାଇଥିଲି। ଅପରେସନ୍ କରିଥିଲେ ବନ୍ଧୁ ଡାକ୍ତର କୃପାସିନ୍ଧୁ ପଣ୍ଡା। ସେ ଚାହିଁଥିଲେ Preservation of breast ତେଣୁ ମୋ ରୋଗର ଅବସ୍ଥା ଏହି ପ୍ରକାର ଅପରେସନ୍ ପାଇଁ ଅନୁକୂଳ ଥିଲା ବୋଲି ମୋତେ ବୁଝାଇ ଦେଇଥିଲେ। ନିଜକୁ ସବୁ କରିବାକୁ ପଡ଼ିଥିବାରୁ ଦୁଃଖକୁ ମୁଁ ଭୁଲି ଯାଇଥିଲି। ଦୁଃଖ କରି ମୁହଁମାରି ବସିଲେ ମୋ ପାଇଁ ଏତେ ସବୁ ବିଚାର ବିମର୍ଷ କରିବାକୁ କେହି ମୋର ନ ଥିଲେ। ନିଜକୁ ଟିକିଏ ଶକ୍ତ କଲି। ସବୁ ଡାକ୍ତରଙ୍କ ସହ ପରାମର୍ଶ କରି ଏବଂ ସବୁପ୍ରକାର ଆନୁଷଙ୍ଗିକ ଚିକିତ୍ସା ଓ ପରୀକ୍ଷା କରାଇ ମେ ମାସ ୨ ତାରିଖ ଦିନ ଅପରେସନ୍ କରାଇଲି। ମୋ ଅନୁରୋଧରେ ଡାକ୍ତର ସର୍ବଶେଷରେ ମୋର ପୂର୍ଣ୍ଣ ସ୍ତନ ଅପରେସନ୍ ପାଇଁ ରାଜି ହୋଇଗଲେ। ମଣିଷର ପ୍ରକୃତ ସୌନ୍ଦର୍ଯ୍ୟ ଥାଏ ମନରେ। ଶରୀରର

ସୌନ୍ଦର୍ଯ୍ୟ କ୍ଷଣସ୍ଥାୟୀ। ତେଣୁ ମୁଁ ଭାଙ୍ଗି ପଡ଼ି ନ ଥିଲି। ଡାକ୍ତରଙ୍କ ବ୍ୟତୀତ କେହି ମୋତେ ଏ ବିଷୟରେ ଉପଦେଶ ଦେବାକୁ ନ ଥିଲେ। ନିଜ କାମ ନିଜେ କରିବାରେ ମୁଁ ସବୁବେଳେ ପାଇଥାଏ ଆନନ୍ଦ।

ଅପରେସନ୍ ଥିଏଟରକୁ ଯିବା ସମୟରେ ଆଖି ପଡ଼ିଥିଲା ରିସେପ୍‌ସନ୍ କାଉଣ୍ଟରେ ବସିଥିବା ମୋର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳରାମ ଓ ଭଉଣୀ ସୁଭଦ୍ରାଙ୍କ ଉପରେ। ସବୁ ଡର ମୋର ଅଜାଡ଼ି ଦେଇଥିଲି ତାଙ୍କ ପାଖରେ। ହୃଦୟ ମୋର ହୋଇ ଯାଇଥିଲା ସଫା। ଅପରେସନ୍ ହେଲା। ଅଳ୍ପ ସମୟ ଭିତରେ ଚେତା ଫେରିପାଇଲି। ସେତେବେଳେ ମନ ମୋର ଉଦ୍‌ବେଳିତ ହୋଇ ନ ଥିଲା ଯେ ନାରୀର ସୌନ୍ଦର୍ଯ୍ୟକୁ ମୁଁ ହରେଇ ଦେଇଛି। ପଣ୍ଡା କ୍ଲିନିକ୍‌କୁ ପରେ ପରେ ଭୁବନେଶ୍ୱରୁ ମୋ ବଡ଼ପୁଅ ଓ ବୋହୂ ଆସିଲେ। ସାନପୁଅ  ଓ ସ୍ୱାମୀ ଥାଆନ୍ତି ମୋ ପାଖରେ। କାହାରି ଉପରେ ମୋର ନିର୍ଭର ନ ଥାଏ। କ୍ଲିନିକ୍ ବେଡ଼ରେ ଥାଇ ମୋ ଡାଇବେଟିସ୍ ଡାକ୍ତରଙ୍କ ସହିତ ଇନ୍‌ସୁଲିନ୍‌ର ପରିମାଣ ଧାର୍ଯ୍ୟ କରିବାଠାରୁ ଆରମ୍ଭ କରି କ୍ୟାନସ୍‌ର ଡାକ୍ତରଙ୍କ ସହିତ ପରାମର୍ଶ ନେଉଥାଏ। ନର୍ସିଂହୋମ୍ ବେଡ଼ରେ ଥାଇ ମଧ୍ୟ ଦୁଇଟି କବିତା ଲେଖି ମୋ କବିତା ପୁସ୍ତକ ''ଝରାପତ୍ରର ଶିଳା ଲିପି''ରେ ସ୍ଥାନ ଦେଇଥିଲି।

ମେ ୮ ତାରିଖ ଆସିଲା। ସେଦିନ ଥିଲା ମୋର ବିବାହ ବାର୍ଷିକୀ। ଲିପୁ କେକ୍‌ର ବ୍ୟବସ୍ଥା କରିଥିଲା। ବଡ଼ବୋହୂ ଭୁବନେଶ୍ୱରରୁ ଫୁଲତୋଡ଼ା ନେଇ ପହଞ୍ଚିଲା। ଡାକ୍ତରବନ୍ଧୁଙ୍କ ପୁଅ ବୋହୂ ସୁନ୍ଦର ଫୁଲ ଟାଙ୍ଗୁଡ଼ିଟିଏ ଉପହାର ଦେଲେ। ସବୁ ପୂର୍ଣ୍ଣତା ଭିତରେ ଅପୂର୍ଣ୍ଣତା ମୋତେ ଛୁଇଁ ଯାଉଥାଏ। ତାକୁ ଜୋର କରି ବାହାର କରିଦେବା ଛଡ଼ା ମୋର ଉପାୟ ନ ଥିଲା। ୨/୩ ଦିନ ପରେ ସୁସ୍ଥ ମଣିଷଟିଏ ଭଳି ବୁଲାଚଲା କଲି ହସ୍‌ପିଟାଲ ବାରଣ୍ଡାରେ। ସାନବୋହୂ ସିଲୁ ଓ ସାନ ନାତି ଶୁଭମ୍ ମୋତେ ଦେଖିବାକୁ ଯାଇଥିଲେ। ବଡ଼ ନାତି ସାର୍ଥକ ମଧ୍ୟ ଭୁବନେଶ୍ୱରରୁ ଆସିଥିଲା ଦେଖିବାକୁ। ଝିଅ, ଜ୍ୱାଇଁ ମଧ୍ୟ ଦେଖିବା ପାଇଁ ଆସିଥିଲେ। ମୋର ଆଶୁ ସୁସ୍ଥତା ପାଇଁ ବାରମ୍ବାର ଠାକୁରଙ୍କୁ ଡାକୁଥାଏ। ୧୦ ଦିନ ରହିବା ପରେ ସନ୍ଧ୍ୟାରେ ହସପିଟାଲ ଛାଡ଼ିବାକୁ ଥାଏ ଅଳ୍ପ ସମୟ- ମୋର ଶୁଭେଚ୍ଛୁ ଖଟୁଭାଇ ଓ ତାଙ୍କ ବନ୍ଧୁ ରୋଟାରିଆନ ମୁଞ୍ଜାଲ ଭାଇ ଗୋଛାଏ ରଜନୀଗନ୍ଧା ଧରି ପହଞ୍ଚିଥିଲେ ମୋ ପାଖରେ। ଫୁଲକୁ ମୁଁ ଖୁବ୍ ଭଲ ପାଏ। ତା'ରି ଭିତରେ ମୋ ଜୀବନଟାକୁ  ମୁଁ ଉପଲବ୍ଧ କରେ।

''ଜଗତଜନନୀ ମୋତେ ଶକ୍ତି ଦିଅନ୍ତୁ।'' — ଏତକ ବାରମ୍ବାର ସ୍ମରଣ କରିବା ଛଡ଼ା  ରୋଗୀକୁ ଆଉ କ'ଣ ଦେଇଥାଏ ଭରସା ? ଅନେକଥର ମୋର ଅପରେସନ୍ ହୋଇଛି ଜୀବନରେ। ଅନ୍ୟମାନଙ୍କୁ କହି ଏକ ଦୁଃଖ ବାତାବରଣ ସୃଷ୍ଟି କରିବା ସପକ୍ଷରେ ମୁଁ ନୁହେଁ। ମୋ ପୁତୁରା ବିଭୁପ୍ରସାଦ ମୋତେ ଘରେ ଏ ଅବସ୍ଥାରେ ଦେଖି ଭୋ ଭୋ କାନ୍ଦିଥିଲା। ତାକୁ କାହିଁକି ଜଣେଇଲିନି ବୋଲି ତା'ର ଥିଲା ଅଭିମାନ। ୨/୩ ଦିନ ପରେ ମୋର ୩ ଯାଆ ମୋ ପାଖରେ ପହଞ୍ଚିଥିଲେ। ଗାଁ ଚଳଣୀରେ ସେମାନେ ଥାଆନ୍ତି। ତେଣୁ  ରୋଗୀକୁ କ'ଣ କହିବା ନ କହିବା ସେମାନଙ୍କୁ ଜଣା ନ ଥିଲା। କିଛି ନ ଭାବି ଯାହା ସବୁ ଆଲୋଚନା କଲେ ମୋର ସେ ବେଳର ପରିସ୍ଥିତି ଏସବୁକୁ ଗ୍ରହଣ କରି ପାରୁ ନ ଥିଲା। ଏଥିପାଇଁ ମୁଁ ସେମାନଙ୍କୁ ଦୋଷ ଦେଉନି, କାରଣ ସେମାନେ ମୋତେ ଖୁବ୍ ସ୍ନେହ ଓ ଶ୍ରଦ୍ଧା କରନ୍ତି। ମୋ ଦ୍ୱିତୀୟ ଓ ତୃତୀୟ ଦେଢ଼ଶୂର ମୋତେ ଦେଖିବାକୁ ଆସିଥିଲେ। ଓଡ଼ିଆ ଘରର ଚଳଣି ମୁଁ ଆଜିଯାଏ ମାନି ଆସିଛି। ତେଣୁ ଦେଢ଼ଶୂରଙ୍କ ସାମନାକୁ ଯିବା ନିଷେଧ।

ଜନୈକ ରୋଟାରିଆନ୍ ବନ୍ଧୁ ମୋ ଖବର ପାଇ ଖୁବ୍ ବିଚଳିତ ହୋଇ ମୋ ପାଖରେ ପହଞ୍ଚି ତାଙ୍କ ମାଙ୍କର କ୍ୟାନସର୍ ଟ୍ରିଟମେଣ୍ଟ ବିଷୟରେ ବର୍ଣ୍ଣନା କରିଥିଲେ। ତାଙ୍କଠାରୁ ସବୁ ଶୁଣିସାରିବା ପରେ ପ୍ରଥମ ଥର ପାଇଁ ମୁଁ ସେଦିନ କ୍ୟାନସର ରୋଗକୁ ଟିକିଏ ଡରି ଯାଇଥିଲି। ଏହି ରୋଗୀର ଆବଶ୍ୟକ ଆଶ୍ୱାସନା, ଭଲ କଥା ଦୁଇପଦ। ଏ ସବୁ କଥା ଶିଖିଥିବା ଲୋକ ମୋ ପାଖରେ ନ ଥିଲେ। ଏ ରୋଗ ଯେ ଅନ୍ୟ ରୋଗଠାରୁ ନିଆରା ତାହା ଜାଣିଥିବା ଲୋକ ଖୁବ୍ କମ୍। ଯାହାହେଉ ସାଧାରଣ ଚିକିତ୍ସା ଓ ମୋ ମନୋବଳରେ ମୁଁ ଆଗେଇଥାଏ।

ଷ୍ଟିଚ୍ ଶୁଖି ନ ଥାଏ, ବମ୍ବେ ଗଲି, ସାଙ୍ଗରେ ଥିଲେ ସ୍ୱାମୀ। ଡାକ୍ତର ଏସ୍.ଏଚ୍. ଆଡ଼ଭାନୀ ହେଉଛନ୍ତି କ୍ୟାନସର ରୋଗ ବିଷାରଦ। ମୋ ଭାଣିଜୀ ଟିକି ପାଖରେ ରହିଲି। ବମ୍ବେରେ ଭାଣିଜୀ ଜ୍ୱାଇଁ ଉଦୟ ଶଙ୍କର ଜେନା ଯଶଲୋକ ହସ୍‌ପିଟାଲରେ ଡାକ୍ତରଙ୍କ ସହିତ ଆପଏଣ୍ଟମେଣ୍ଟ ଟାଇମିଂ ଇତ୍ୟାଦିର ବ୍ୟବସ୍ଥା କରି ଦେଇଥିଲେ। ବମ୍ବେରେ କିଛି ଅସୁବିଧା ହେଲାନି। ସବୁର ଯତ୍ନ ସେମାନେ ନେଉଥିଲେ। ଡାକ୍ତର ଆଡ଼ଭାନୀ ଥିଲେ ମୋ ପାଇଁ ସ୍ୱୟଂ ଭଗବାନ। ହୁଇଲ୍ ଚେୟାରରେ ଯିବା ଆସିବା ସେ

କରନ୍ତି। ଶହଶହ ରୋଗୀ ତାଙ୍କ ଦର୍ଶନ ପାଇଁ ତଳ ମହଲାରେ ଅପେକ୍ଷା କରିଥାନ୍ତି। ସତେ ଯେମିତି ସ୍ୱର୍ଗରୁ ଈଶ୍ୱର ମର୍ତ୍ତ୍ୟକୁ ଆସିଗଲେ ସେମିତି ଏକ ଅନୁଭୂତି ମୋର ସେଦିନ ହୋଇଥିଲା। ମୁଁ ରୋଟାରିଆନ୍ ଜାଣି ସେ ଖୁବ୍ ଖୁସି ହେଲେ। ତାଙ୍କର ଦୁଇପଦ କଥାରେ ମୋ ରୋଗ ଭଲ ହୋଇଗଲା ଭଳି ସେଦିନ ମୁଁ ଭାବିଥିଲି। ଆଜିକାଲି ଏମିତି ଲୋକ ଖୁବ୍ ବିରଳ। ମୋର କେମୋଥେରାପିର ପ୍ରୋଗ୍ରାମିଂ କରି ଦେଇଥିଲେ ସେ। ଏହା ଭିତରେ ବାୟୋପ୍‌ସିସ୍ ରିପୋର୍ଟ ଆସି ଯାଇଥିଲା। ରୋଗଟି କେଉଁ ଆଡ଼କୁ ମାଡ଼ିନି ଜାଣି ଆଶ୍ୱସ୍ତ ହୋଇଥିଲି।

ମୋର ଛାତ୍ରୀ ରୋଟାରିଆନ୍ ମଞ୍ଜୁଶ୍ରୀ ପଟ୍ଟନାୟକ ମୋତେ ଦେଖାକରି ରୋଗ ବିଷୟରେ ଅନେକ ଉପଦେଶ ଦେଇଥିଲା। ତା' ସାହାଯ୍ୟ ମୁଁ ଭୁଲି ପାରିବିନି। ତା'ର ସମ୍ପର୍କୀୟ ଡାକ୍ତର ଏଚ୍. କେ. ପଟ୍ଟନାୟକଙ୍କ ସହିତ ନାନାବତୀ ହସପିଟାଲରେ ମୋର ବୋନ୍ ସ୍କାନିଂର ସବୁ ବ୍ୟବସ୍ଥା କରି ଦେଇଥିଲା। ସେଠାରେ ମଧ୍ୟ କିଛି ଅସୁବିଧା ହେଲା ନାହିଁ। ସେ ଡାକ୍ତର ମୋର ସବୁ ପରୀକ୍ଷା ନିଜେ କରିଥିଲେ।

ବମ୍ବେରୁ ଫେରିଲା ପରେ ମୋର ଆଉ ଗୋଟିଏ ଅଧ୍ୟାୟ ଆରମ୍ଭ ହେଲା। ୨୧ ଦିନ ପରେ କେମୋଥେରାପି ମୋର ଆରମ୍ଭ ହେଲା କଟକସ୍ଥ ଶ୍ରୀ ମା ନର୍ସିଂହୋମ୍‌ରେ। ଡାକ୍ତରାଣୀ ରୋଟାରିଆନ୍ ଦିପ୍ତୀ ସାମନ୍ତ ମୋର କେମୋଥେରାପି ଟ୍ରିଟ୍‌ମେଣ୍ଟ କଲେ। ତାଙ୍କ ସ୍ୱାମୀ ଡକ୍ଟର ଏସ୍.ଏନ୍. ସେନାପତି ମୋର ପୁତ୍ର ସଦୃଶ। ଦୁଇଜଣଙ୍କର ଅଯାଚିତ ଚିକିତ୍ସାରେ ମୁଁ ପାଇଯାଇଥିଲି ଅଦମ୍ୟ ପ୍ରେରଣା ଓ ଭଲ ହେବାର ଗୋଟିଏ ସୁନ୍ଦର ରାସ୍ତା। ୬ଟି କେମୋଥେରାପି ଚିକିତ୍ସା ୩ ସପ୍ତାହ ତଫାତ୍‌ରେ କରାଯାଇଥିଲା। ଶେଷଟି ମୋ ପାଇଁ ଥିଲା କଷ୍ଟଦାୟକ। ହାତ ଭେନ୍‌ରେ ଇଞ୍ଜେକ୍‌ସନ୍ ଲିକୁଇଡ଼୍ ଯାଇ ନ ପାରିବାରୁ ପାଦରେ ଦିଆଯାଇଥିଲା। ଏଥିଯୋଗୁଁ Extravaination ହୋଇଗଲା। ସେଥିପାଇଁ ପ୍ରାୟ ୮ ମାସ ଭୋଗିଲି। ପ୍ରଭୁଙ୍କ କୃପାରୁ ବିଶେଷ କ୍ଷତି ହୋଇ ନ ଥିଲା। ସମ୍ପୂର୍ଣ୍ଣ ଭଲ ହୋଇଗଲି।

ମୋ କେମୋଥେରାପି ସମୟରେ ସ୍ୱାମୀଙ୍କଠାରୁ ଯଥେଷ୍ଟ ସେବା ପାଇଥିଲି। ରାତିସାରା ପାଦରେ ବରଫ ବାନ୍ଧିବାଠାରୁ ଆରମ୍ଭ କରି ଫଳରସ କରିଦେବା ଇତ୍ୟାଦି ସବୁକାର୍ଯ୍ୟ କରୁଥିଲେ। କେମୋଥେରାପି ସେପ୍ଟେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

ସବୁକୁ ମ୍ୟାନେଜ କରି ମୁଁ ସବୁ ସଭାସମିତରେ ଯୋଗ ଦେଉଥିଲି। ଅଗଷ୍ଟ ୭ ତାରିଖ ଦିନ ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠାଦିବସ ଉତ୍ସବଟିକୁ ପରିଚାଳନା କରିଥିଲି। ବିଭିନ୍ନ ବିଦ୍ୟାଳୟରେ ଛାତ୍ରମାନଙ୍କର ପ୍ରତିଯୋଗିତା ପରିଚାଳନା ମଧ୍ୟ କରିଥିଲି। ସେତେବେଳେ ମୋ ଦେହ ଆଂଶିକ ଥରୁଥିଲା। ବେଶୀ ସମୟ ଛିଡ଼ା ହେବାର ଶକ୍ତି ନ ଥିଲା। କେବଳ ମୋ ମନୋବଳ ସବୁ କାର୍ଯ୍ୟ ତୁଲାଇବାକୁ ମୋତେ ସକ୍ଷମ କରୁଥାଏ। ମୋ ଦ୍ୱିତୀୟ କେମୋ ପରେ ''ସୁପ୍ରତିଭା'' ଅନୁଷ୍ଠାନର ସମ୍ପାଦକଙ୍କ ଅନୁରୋଧରେ ''ଖାଦ୍ୟ ଅପମିଶ୍ରଣ ନିବାରଣ'' ପୁସ୍ତକଟି ଲେଖିଥିଲି। କଲମ ଓ ମୋ ହାତ ସବୁବେଳେ ଥରୁଥାଏ। ବେଶୀ ସମୟ ବସିବାର ଶକ୍ତି ନ ଥାଏ। ତଥାପି ତାଙ୍କର ନିର୍ଦ୍ଧାରିତ ସମୟରେ ଯେ ପୁସ୍ତକଟି ସମ୍ପୂର୍ଣ୍ଣ ଲେଖିପାରିଥିଲି ଏହା ଥିଲା ଈଶ୍ୱରଙ୍କର ଆଶୀର୍ବାଦ। ପାଦର ଅସୁସ୍ଥତା ଭିତରେ ମୁଁ ରୋଟାରି ପିକ୍‌ନିକ୍‌ରେ ଭାଗ ନେଇପାରିଥିଲି। ଦିଲ୍ଲୀରେ ସ୍ୱାମୀନାରାୟଣ ମନ୍ଦିର ପରିକ୍ରମା କରିପାରିଥିଲି। ଏ ସବୁ ଲେଖିବାର କାରଣ ମୋ ଭଳି ରୋଗୀମାନେ କ୍ୟାନସର ରୋଗକୁ ନ ଡରି ମନୋବଳ ରଖନ୍ତୁ — ଏହା ହିଁ ସେମାନଙ୍କୁ ମୋର ବାର୍ତ୍ତା।

ସୁଦିନ ଓ ଦୁର୍ଦ୍ଦିନକୁ ନେଇ ଜୀବନ। ଜୀବନ ପଥରେ ଯାହା କିଛି ଆସେ ତାକୁ ଗ୍ରହଣ କରିବା ଉଚିତ। ୧୯୯୬ ମସିହାର କଥା, ମୋ ପୁଅ ପୁପୁ ଇଞ୍ଜିନିୟରିଂ ପାସ୍ କରି ଅହମଦାବାଦର ଗୋଟିଏ ଛୋଟିଆ କମ୍ପାନୀରେ ଚାକିରି କରୁଥାଏ। ରହୁଥାଏ ମୋର ଜଣେ ସମ୍ପର୍କୀୟ ତଥା ସିନିୟର ଆଇ.ଏ.ଏସ୍ ଶ୍ରୀ ମହେଶ୍ୱର ସାହୁଙ୍କର ଗାନ୍ଧିନଗର ବଙ୍ଗଳାରେ। ଦିନେ ଅହମଦାବାଦରେ ତା'ର ବାଇକ୍ ସହିତ ଗୋଟିଏ ବସ୍‌ର ଦୁର୍ଘଟଣା ଘଟିଲା, ପୁପୁର ଡାହାଣ ହାତ କହୁଣିର ହାଡ଼ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଯାଇଥିଲା। ଏ ଖବର ପାଇ ଆମେ ସ୍ୱାମୀ ସ୍ତ୍ରୀ ଉଡ଼ାଜାହାଜରେ ଦିଲ୍ଲୀ ଯାଇ, ଦିଲ୍ଲୀରୁ ଅହମଦାବାଦ ଯାଇଥିଲୁ। ଆମ ପାଖରେ ହଠାତ୍ ଉଡ଼ାଜାହାଜ ଟିକେଟ୍ ପାଇଁ ଅର୍ଥ ନ ଥିଲା। ଆମ ରୋଟାରୀ କ୍ଲବର ଜଣେ ବରିଷ୍ଠ ସଭ୍ୟ ଶ୍ରୀ ବାଦଲ ସେନ୍ ଏସବୁର ବ୍ୟବସ୍ଥା କରି ଦେଇଥିଲେ। ସେହିଦିନ ମୁଁ ଅନୁଭବ କରିଥିଲି ରୋଟାରୀର ଅର୍ଥ କ'ଣ ? ଉଡ଼ାଜାହାଜରେ ଆମର ବନ୍ଧୁ ଶ୍ରୀ ନିତ୍ୟାନନ୍ଦ ସାମନ୍ତରାୟ ଦେଖା ହୋଇ ଆମ ଦୁଃଖରେ ସମବେଦନା ଜଣାଇବା ସହ ତାଙ୍କ ଦିଲ୍ଲୀ ବାସଗୃହକୁ ନେଇ ଯାଇଥିଲେ ଓ ଅନେକ ଚେଷ୍ଟା କରି ରାତି ଦୁଇଟାରେ ଦିଲ୍ଲୀ-ଅହମଦାବାଦ ଟିକେଟ confirm କରି ଦେଇଥିଲେ। ଏ ସବୁ ସାହାଯ୍ୟ ମୁଁ ଜୀବନରେ ଭୁଲିବିନି। ପୁପୁର ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା ଆମ ଭଣଜା, ବ୍ୟାଙ୍କ

ଅଫିସର୍ ଦେବବ୍ରତ (କୁନୁ) କରି ଦେଇଥିଲା। ଅହମଦାବାଦରେ ପୁପୁ ଥିବା ନର୍ସିଂହୋମ୍‌ରେ ପହଞ୍ଚିଲୁ। ସେ ଶୋଇ ଯାଇଥିଲା। ଆମ ରୁମ୍‌ରେ ପଶିଗଲା କ୍ଷଣି କର ଲେଉଟାଇ ମୋ ମୁହଁକୁ ଚାହିଁ ଫିକ୍ କରି ହସିଦେଲା। ମନେହେଲା, ସେ ଯେମିତି କହୁଛି, ‘‘ବୋଉ ତୁମ ଜିନିଷଟି ମୁଁ ଭାଙ୍ଗି ଦେଇଛି।’’ ଆଜି ପର୍ଯ୍ୟନ୍ତ ସେ ଦୃଶ୍ୟ ଓ ସେ ମୁହୂର୍ତ୍ତର ଭାବନା ମୋର ଅବିସ୍ମରଣୀୟ। ଆଉ ଜଣେ ସିନିୟର ଆଇ.ଏ.ଏସ୍. ଅଫିସର ମିଷ୍ଟର ଜଗଦିସନ୍, ମହେଶ୍ୱରଙ୍କ ବନ୍ଧୁ NICର ଡାଇରେକ୍ଟର ମିଷ୍ଟର ସୁବୀର ରାୟ, ତା କମ୍ପାନୀର ମୁଖ୍ୟ ଇତ୍ୟାଦିଙ୍କ ସାହାଯ୍ୟ ମୁଁ ଭୁଲିନି। ସେ ଦିନର କଥା ମନେପଡ଼ିଲେ କୃତଜ୍ଞତାରେ ଆଖିରୁ ଲୁହ ଝରିପଡ଼େ।

ମୋ ସ୍ୱାମୀ ଅନେକଥର ସ୍କୁଟର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ବି ଈଶ୍ୱରଙ୍କ କୃପାରୁ ଅଳ୍ପରେ ରକ୍ଷା ପାଇ ଯାଇଛନ୍ତି। ଜୀବନରେ ତ କେବେ ନା କେବେ ଦୁର୍ଘଟଣା ଆସେ। ତାକୁ ମୁକାବିଲା କରିବାରେ ତାଙ୍କ ମନ ଥାଏ ଖୁବ୍ ଦୃଢ଼। ତେଣୁ ସବୁକୁ ସେ ସହ୍ୟ କରିପାରନ୍ତି। ବୈବାହିକ ଜୀବନରେ ଦୀର୍ଘ ୪୨ ବର୍ଷଧରି ପୂର୍ଣ୍ଣପ୍ରାଣରେ ଜନସେବାରେ ଲିପ୍ତ ଥିବାରୁ ବୋଧହୁଏ ଈଶ୍ୱରଙ୍କର ଅବାରିତ ଆଶୀର୍ବାଦ ପାଇଛନ୍ତି ସେ।

ଦୁଃଖ ନ ଥିଲେ ଜୀବନର ସ୍ୱାଦ ଚାଖି ହୁଏନି। ମଣିଷ ଈଶ୍ୱରଙ୍କୁ ଭୁଲିଯାଏ। ହଠାତ୍ କଳା ବାଦଲ ଘୋଟି ଆସିଲା ମୋ ଜୀବନରେ। ଅସରାଏ ବର୍ଷା ବର୍ଷି ଯାଇ ଆକାଶକୁ କରିଦେଲା ନିର୍ମଳ ଓ ସ୍ୱଚ୍ଛ। ଏ ସବୁ ଦିନ ମୋ ପାଇଁ ଅପାସୋରା ଭାଙ୍ଗି ପଡ଼ିନି ଏ ଦୁର୍ଦ୍ଦିନରେ। ସମାଜରେ ପ୍ରତିଷ୍ଠା ହରାଇନି। ମୋ ସାନବୋହୂ ଅଘଟଣ ଘଟାଇ ଅପମୃତ୍ୟୁର ଶିକାର ହେଲା। ତେଣୁ ନିୟମ କାନୁନ୍ ଅନୁସାରେ କୋର୍ଟ କଚେରୀ କାମ ଚାଲିଲା। ଶେଷରେ ମୋ ପରିବାର ନିର୍ଦ୍ଦୋଷ ବୋଲି ପ୍ରମାଣିତ ହେଲା। ପୁଅକୁ ବାହା କଲି ଆର୍ଯ୍ୟ ସମାଜରେ। ଈଶ୍ୱରଙ୍କ ଆଶୀର୍ବାଦ ପୁଣି ଥରେ ପାଇଗଲି। ଲୁସି ଆସିଲା ମୋ ଘରକୁ ବୋହୂ ହୋଇ- ଶୁଭମ୍‌ର ମା’ ହୋଇ। ଶୁଭମ୍‌କୁ ସ୍ନେହ ଶ୍ରଦ୍ଧାରେ ବାନ୍ଧିଦେଲା। ସେ ମା’ କଥା ତା’ର ଭୁଲିଗଲା। ଏବେ ଶୁଭମ୍ ମୋର ତା’ ବାପା ମା’ଙ୍କ ଶ୍ରଦ୍ଧା ଶୁଭେଚ୍ଛାରେ ଜୀବନକୁ ସ୍ୱଚ୍ଛନ୍ଦରେ ଆଗେଇ ନେବାର ରାସ୍ତା ପାଇଗଲା। ମୋର ଶିକ୍ଷାପ୍ରତି ସମ୍ମାନ ଥିବାରୁ ଲୁସିକୁ ବି.କମ୍. ପଢ଼ିବାକୁ ପ୍ରବର୍ତ୍ତାଇଲି। ବର୍ତ୍ତମାନ ସେ ବି.କମ୍. ଡିଗ୍ରୀର ଶେଷ ବର୍ଷର ଛାତ୍ରୀ।

# ଶେଷକଥା

ପ୍ରଭାତ ପଥିକ ମୁଁ। ଆଦ୍ୟ ସକାଳର ସତେଜ ଦୁନିଆ ଦେଖିବାରେ ଥାଏ ମୋର ମନ। ଘର ନିକଟରେ ରେଭେନ୍ସା ୟୁନିଭରସିଟି। ୟୁନିଭରସିଟିର ପଡ଼ିଆ ଚତୁଃପାର୍ଶ୍ୱରେ ଚାଲିବାରେ ଅଛି ମୋର ଆକର୍ଷଣ। ଅନେକ ପ୍ରଭାତ ପଥିକ ବନ୍ଧୁଙ୍କ ସହ ଦେଖା ହେଉଛି। ମନଟା ହୋଇଯାଉଛି ହାଲୁକା। ସେଠାରୁ ଫେରିଲାପରେ ମୋ ଛାତ ଉପରେ ଥିବା ପ୍ରିୟ ଫୁଲ ଗଛମାନଙ୍କ ଗହଣରେ କଟାଉଛି କିଛି ମୁହୂର୍ତ୍ତ। ସେହିମାନେ ମୋ ଜୀବନ। ସେମାନଙ୍କ ରଂଗରେ ରଂଗେଇ ଯାଉଛି ମୋ ମନ। ଦିନଟି ସୁରଖୁରରେ ଅତିବାହିତ ହୋଇ ଯାଉଛି। ସଭା ସମିତିରେ କିଛି ଶୁଣିବା ଓ କିଛି କହିବାର ଥାଏ ମୋର ଆଗ୍ରହ। ଆଧାତ୍ମିକ ବିଷୟ ବସ୍ତୁ ଉପରେ ଗୁଣୀ ଜ୍ଞାନୀ ପ୍ରବଚକମାନଙ୍କର ପ୍ରବଚନ ଶୁଣି କିଛି ଶିଖିବାରେ ମୋର ଥାଏ ଆକର୍ଷଣ। ସାଂସ୍କୃତିକ କାର୍ଯ୍ୟକ୍ରମ ମୋତେ ଖୁବ୍ ଆକୃଷ୍ଟ କରେ। କେତୋଟି ପ୍ରୋଗ୍ରାମ ବ୍ୟତୀତ ଯେକୌଣସି ଟି.ଭି. ପ୍ରୋଗ୍ରାମ ମୁଁ ଉପଭୋଗ କରିପାରେନି। ଟି.ଭି. ଓ ରେଡ଼ିଓ ଗୀତ ବା କ୍ୟାସେଟରେ ରେକର୍ଡ଼ିଂ ଗୀତକୁ ମୁଁ ଉପଭୋଗ କରେ। ଭ୍ରମଣ ହେଉଛି ମୋର ନିଶା। ବିଭିନ୍ନ ସ୍ଥାନର କଳା, ସଂସ୍କୃତି, ଧର୍ମ, ପ୍ରାକୃତିକ ସୌନ୍ଦର୍ଯ୍ୟ ବିଷୟ ଇତ୍ୟାଦି ଜାଣିବାରେ ଥାଏ ମୋର ଆଗ୍ରହ। ସମାଜ ସେବା ଓ ଗବେଷଣାରେ ମୋର ଅନେକ ସମୟ କଟିଛି ଏବଂ ଏହାରି ଭିତରେ ମୁଁ ସମୟ କଟାଉଛି। ଲେଖା ଲେଖି କରିବା ଓ ପଢ଼ାପଢ଼ିରେ ମୋ ସମୟ ଖୁବ୍ ଭଲରେ କଟିଯାଉଛି।

ବାଟ ମୋର ସରିନି। ଅନେକ ବାଟ ମୋତେ ଯିବାକୁ ହେବ। କିଛିଟା ଚାଲିଥିବା ରାସ୍ତାର ଝଲକ ରହିଛି ମୋର ଏ ପୁସ୍ତକରେ। ଚାଲୁଚାଲୁ କେଉଁଠି ଯଦି ଝୁଣ୍ଟିପଡ଼େ ଅବଶିଷ୍ଟ ରାସ୍ତାର ରେଖାଂଶଟି କାହା ଲେଖାରେ ସ୍ଥାନ ପାଇବ ତାହା ଈଶ୍ୱରଙ୍କୁ ଜଣା। ଜୀବନ ମୋର ଦ୍ରୁତଗାମୀ ହରିଣୀ ନୁହଁ କି ମନ୍ଥର କଚ୍ଛପ ନୁହଁ। ଏ ଜୀବନ କହେ ଠିକ୍ ଗତିରେ ଠିକ୍ ଭାବରେ ଚାଲି କେଉଁଠୁ ଆସି କେଉଁଠାରେ ପହଞ୍ଚିବାର କାହାଣୀ ଏବଂ ପାଠକଙ୍କୁ ଶୁଣାଏ ମୋର ଅପାସୋରା ଦିନର ମର୍ମର।

□□□